# ଧରିତ୍ରୀ
DHARITRI

ଭୁବନେଶ୍ୱର, ଗୁରୁବାର, ନଭେମ୍ବର ୧୭/୨୦୨୨ (୨୦ ପୃଷ୍ଠା) Bhubaneswar, Thursday, November 17/2022 Page 20 ₹ 7.00 ★★★★★★

୪୮ଶ ଭାଗ ୩୫୧ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar VOLUME 48 ISSUE 351 ମୂଲ୍ୟ ₹୭/-





KP GROUP
Quality Since 1965
Safal
PAN MASALA
କିଛି ଅତୁଲ୍ୟ ସ୍ୱାଦ!
ଶବ୍ଦରେ ବର୍ଣ୍ଣନା କରିହୁଏ ନାହିଁ
MADHUBAN
Safal
TM
PAN MASALA
NO TOBACCO, NO NICOTINE ADDED
ସର୍ବସାଧାରଣ ସ୍ଥାନରେ ପାନ କିମ୍ବା ପାନ ମସଲା ଛେପ ପକାନ୍ତୁ ନାହିଁ ।
କରୋନା ମହାମାରୀରୁ ବଞ୍ଚନ୍ତୁ ।
ସଫଳ ପାନ ମସଲା ଦ୍ୱାରା ଜନହିତରେ ଜାରି ।
0% TOBACCO • NICOTINE NOT ADDED • NOT FOR MINORS
ବୈଧାନିକ ଚେତାବନୀ: ପାନ ମସଲା ଚୋବାଇବା ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ ଅଟେ ।

DHARITRI

ଭୁବନେଶ୍ୱର, ଗୁରୁବାର, ନଭେମ୍ବର ୧୭/୨୦୨୨ | Bhubaneswar, Thursday, November 17/2022 | ପୃଷ୍ଠା-୧



## ବ୍ରାଜିଲ ଦଳ ସହ ନେମାରଙ୍କ ଅଭ୍ୟାସ

ଫ୍ରାନ୍ସରୁ ଫେରି କାତାର ଫିଫା ବିଶ୍ୱକପପାଇଁ ବ୍ରାଜିଲ ଦଳ ସହ ଅଭ୍ୟାସ ଆରମ୍ଭ କରିଛନ୍ତି ତାରକା ଖେଳାଳି ନେମାର।

୧୮

୧୨

## ଅର୍‌ବାଜ୍‌ଙ୍କୁ ମଲାଇକାଙ୍କ ଶୁଭେଚ୍ଛା

ବଲିଉଡ୍ ଅଭିନେତା ଅର୍‌ବାଜ୍ ଖାନ୍‌ଙ୍କ ଅପ୍ କମିଂ ଫିଲ୍ମ 'ପାଟନା ଶୁକ୍ଲା' ପାଇଁ ମଲାଇକା ଅରୋରା ଶୁଭେଚ୍ଛା ଜଣାଇଛନ୍ତି।





ବାଲିରେ ଜି୨୦ ସମିଟ୍ ଅବସରରେ ବୁଧବାର ଅଧ୍ୟକ୍ଷତା ହସ୍ତାନ୍ତର ଉତ୍ସବରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଇଣ୍ଡୋନେସିଆ ରାଷ୍ଟ୍ରପତି ଜୋକୋ ୱିଡୋଡୋଙ୍କଠାରୁ ଅଧ୍ୟକ୍ଷତା ଗ୍ରହଣ କରୁଛନ୍ତି।

# ଭରସା ପାଉନି, ଜୀବନ ହାରୁଛନ୍ତି

- **ପୋଲିସ ବ୍ୟବହାରରେ ଆସୁନି ପରିବର୍ତ୍ତନ**
- **ଚରମ ନିଷ୍ପତ୍ତି ନେଉଛନ୍ତି ସାଧାରଣ ଲୋକ**
- **ବାଟବଣା ଆମ ପୋଲିସ କାର୍ଯ୍ୟକ୍ରମ**

ସତ୍ୟଜିତ ରାଉତ, ସୁବାସ ଚନ୍ଦ୍ର ପାଢ଼ୀ
ଭୁବନେଶ୍ୱର (ବ୍ୟୁରୋ)/
ବ୍ରହ୍ମପୁର ଅଫିସ,୧୬ା୧୧

ସାଧାରଣ ଲୋକଙ୍କ ସୁରକ୍ଷା ପାଇଁ ପୋଲିସ ବ୍ୟବସ୍ଥା ରହିଛି। ପୋଲିସ ବିଭାଗରେ ସରକାର ବହୁ କୋଟି ଟଙ୍କା ଖର୍ଚ୍ଚ କରି ଅନେକ ସଂସ୍କାର ଆଣୁଛନ୍ତି। ଏପରି କି ପୋଲିସ ବ୍ୟବସ୍ଥାକୁ ଅଧିକ ସ୍ୱଚ୍ଛ ଏବଂ ଲୋକାଭିମୁଖୀ କରିବା ଉଦ୍ଦେଶ୍ୟରେ ସରକାର ଏହାକୁ ୫-ଟି ଅଧୀନକୁ ଆଣିଛନ୍ତି। ଆମ ପୋଲିସ କାର୍ଯ୍ୟକ୍ରମ ଜରିଆରେ ଲୋକଙ୍କ ନିକଟତର ହେବାକୁ ଚେଷ୍ଟା କରାଯାଉଛି। ହେଲେ କିଛି ପୋଲିସ କର୍ମଚାରୀଙ୍କ ମାନସିକତା କିମ୍ବା ବ୍ୟବହାରରେ ପରିବର୍ତ୍ତନ ଆସୁନାହିଁ। ସେମାନେ ଠିକ୍ ଭାବରେ ଲୋକଙ୍କ ସମସ୍ୟା ବୁଝୁ ନାହାନ୍ତି। ଏପରି କି ଲୋକଙ୍କୁ ସୁରକ୍ଷା ଦେବା ପରିବର୍ତ୍ତେ ସେମାନଙ୍କୁ ମାନସିକ ଓ ଶାରୀରିକ ଯନ୍ତ୍ରଣା ଦେଉଛନ୍ତି। ଫଳରେ ନ୍ୟାୟ ଆଶାରେ ଆସିଥିବା ଲୋକ ପୋଲିସ ବ୍ୟବହାରରେ ଅତିଷ୍ଠ ହେବା ସହ ଭରସା ହରାଇ ଥାନା ପରିସର, ଏସ୍‌ପି ଅଫିସ ଏବଂ ବିଧାନସଭା ନିକଟରେ ଆତ୍ମହତ୍ୟା ଉଦ୍ୟମ କରୁଛନ୍ତି। ଏପରିକି କିଛି ଲୋକ କିରୋସିନ ଢ଼ାଳି ହୋଇ ଆତ୍ମାହୁତି ଦେବାକୁ ଚେଷ୍ଟା କରୁଛନ୍ତି। ଚଳିତବର୍ଷ ରାଜ୍ୟର ବିଭିନ୍ନ ସ୍ଥାନରେ ୧୫ରୁ ଊର୍ଦ୍ଧ୍ୱ ଏଭଳି ଘଟଣା ଘଟିଛି। ବିଶେଷକରି ଗଞ୍ଜାମ ଜିଲାରେ କେବଳ ୫ଜଣଙ୍କ ମୃତ୍ୟୁ ଘଟିଛି, ଯାହାକି ରାଜ୍ୟ ପୋଲିସର କାର୍ଯ୍ୟଧାରାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି କରିଛି।



ଚଳିତବର୍ଷ ଜାନୁଆରୀ ୩୧ରେ ଗଞ୍ଜାମ ଜିଲା ଗୋଳନ୍ଥରା ଥାନା ସମ୍ମୁଖରେ ରଣ୍ଡା ଗ୍ରାମର ସନ୍ତୋଷ ସାମନ୍ତରାୟ ଆତ୍ମାହୁତି ଦେଇଥିଲେ। ସନ୍ତୋଷ ଥାନାକୁ ଆସି ତାଙ୍କୁ କେହି ଜଣେ ଧମକ ଦେଉଥିବା ନେଇ ଅଭିଯୋଗ କରିଥିଲେ। ହେଲେ ଥାନାଧିକାରୀଙ୍କ ଠାରୁ ନିରାଶ ହେବା ପରେ ସନ୍ତୋଷ ନିଜ ଦେହରେ ନିଆଁ ଲଗାଇ ଦେଇଥିଲେ। ଏପରି କି ନିଆଁ ଲାଗିଥିବା ଅବସ୍ଥାରେ ଜୀବନ ବିକଳରେ ସେ ଥାନା ଭିତରେ ଜଣେ ପୋଲିସ କର୍ମଚାରୀଙ୍କୁ ଧରି ପକାଇଥିଲେ। ପରେ ତାଙ୍କୁ ଉଦ୍ଧାର କରି ମେଡିକାଲରେ ଭର୍ତ୍ତି କରାଯାଇଥିଲା। ପର ଦିନ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା। ପୋଲିସଠାରୁ ନ୍ୟାୟ ନ ପାଇ ସେ ଏଭଳି ଚରମ ନିଷ୍ପତ୍ତି ନେବାକୁ ଯାଉଛନ୍ତି ବୋଲି ମୃତ୍ୟୁ ପୂର୍ବରୁ ଏସ୍‌ପିଙ୍କ ନିକଟକୁ ପଠାଇଥିବା ଏକ ଚିଠି ଭାଇରାଲ ହେବା ପରେ ଜଣାପଡ଼ିଥିଲା। ଅନ୍ୟ ଏକ ଘଟଣାରେ ମେ ୩ ତାରିଖରେ ଗୋଳନ୍ଥରା ଥାନା ଅନ୍ତର୍ଗତ ରଙ୍ଗିପୁର ଗ୍ରାମର ଗଣେଶ ଡାକୁଆଙ୍କୁ ପୋଲିସ ଏକ ଗଣ୍ଡଗୋଳ ମାମଲାରେ ଆଣି ଥାନାରେ ଅଟକ ରଖିଥିଲା। ହେଲେ ରାତ୍ର ୮ଟାରେ ଗଣେଶ ☞ପୃଷ୍ଠା-୨




# କୋଟିପତି ସହକାରୀ ନିର୍ବାହୀ ଯନ୍ତ୍ରୀ ରବିନାରାୟଣ ଗିରଫ

## ୬ କୋଟିର ଆୟ ବହିର୍ଭୂତ ସମ୍ପତ୍ତି ଠାବ

ଭୁବନେଶ୍ୱର,୧୬ା୧୧(ବ୍ୟୁରୋ)

ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଆର୍‌ଡବ୍ଲ୍ୟୁଏସ୍ଏସ୍ ମୟୂରଭଞ୍ଜ ଜିଲା ଉଦଳା ସବ୍-ଡିଭିଜନ୍‌ର ସହକାରୀ ନିର୍ବାହୀ ଯନ୍ତ୍ରୀ ରବିନାରାୟଣ ପଣ୍ଡାଙ୍କୁ ବୁଧବାର ଭିଜିଲାନ୍ସ ଗିରଫ କରିଛି। ଚଢ଼ାଉ ଓ ଯାଞ୍ଚରୁ ତାଙ୍କ ସହ ପରିବାର ସଦସ୍ୟଙ୍କ ନାଁରେ ୬ କୋଟି ଟଙ୍କାର ଆୟ ବହିର୍ଭୂତ ସମ୍ପତ୍ତି ଠାବ କରାଯାଇଛି। ଏହି ସମ୍ପତ୍ତି ସଂକ୍ରାନ୍ତରେ ସନ୍ତୋଷଜନକ ଉତ୍ତର ଦେଇ ନ ପାରିବାରୁ ରବିନାରାୟଣ ଓ ତାଙ୍କ ସ୍ତ୍ରୀଙ୍କ ନାମରେ ଏକ ମାମଲା (ନଂ.୮/୨୦୨୨) ରୁଜୁ କରାଯାଇଛି। ତେବେ ଗିରଫ ପରେ ଅଭିଯୁକ୍ତ ରବିନାରାୟଣଙ୍କୁ ଭୁବନେଶ୍ୱର ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟକୁ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ☞ପୃଷ୍ଠା-୨

**ଆଜିର ସମ୍ପାଦକୀୟ**

**ଆଣବିକ ଶକ୍ତି ଉତ୍ପାଦନ ଧମା**

# ପଦ୍ମପୁରକୁ ମିଳିବ ଜିଲା ମାନ୍ୟତା

## ନବୀନଙ୍କ ପ୍ରତିଶ୍ରୁତି

- **ଆଦର୍ଶ ଆଚରଣ ବିଧି ଉଲ୍ଲଂଘନ: କଂଗ୍ରେସ**
- **ପଦ୍ମପୁରବାସୀଙ୍କୁ ଛଳନା କରାଯାଇଛି: ଭାଜପା**

ଭୁବନେଶ୍ୱର,୧୬ା୧୧(ବ୍ୟୁରୋ)

ପଦ୍ମପୁରକୁ ୨୦୨୩ ଡିସେମ୍ବର ୩୧ ସୁଦ୍ଧା ଜିଲା ମାନ୍ୟତା ଦିଆଯିବ। ପଦ୍ମପୁର ଉପନିର୍ବାଚନ ଲାଗି ବିଜେଡି ଇସ୍ତାହାରରେ ବି ଏହା ସ୍ଥାନ ପାଇବ। ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପଦ୍ମପୁର କ୍ରିୟାନୁଷ୍ଠାନ କମିଟି ସଦସ୍ୟଙ୍କୁ ଏପରି ପ୍ରତିଶ୍ରୁତି ଦେଇଛନ୍ତି। ପଦ୍ମପୁର ଉପନିର୍ବାଚନ ନିମନ୍ତେ ନିର୍ବାଚନ ଆଦର୍ଶ ଆଚରଣ ବିଧି ଲାଗୁ ହୋଇଥିବାରୁ ମୁଖ୍ୟମନ୍ତ୍ରୀ ହିସାବରେ ନୁହେଁ, ବିଜେଡି ସଭାପତି ହିସାବରେ ଅଞ୍ଚଳବାସୀଙ୍କୁ ଏହି ପ୍ରତିଶ୍ରୁତି ମିଳିଛି। ଏହି ଖବର ପ୍ରଚାରିତ ହେବା ପରେ ପଦ୍ମପୁରବାସୀ ଉତ୍ସାହିତ ହୋଇପଡ଼ିଥିବା ବେଳେ ସେମାନଙ୍କ ଦୀର୍ଘଦିନର ଦାବି ପୂରଣ ହେବ ବୋଲି ଆଶାବାଦୀ ଅଛନ୍ତି।



ପଦ୍ମପୁର ଉପଖଣ୍ଡକୁ ଜିଲା ମାନ୍ୟତା ଦାବି ନେଇ ବୁଧବାର ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରୀଙ୍କ ଅଧ୍ୟକ୍ଷତାରେ ଏକ କମିଟି ନବୀନ ନିବାସ ଯାଇ ମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନା କରିଥିଲେ। ନବୀନ ନିବାସରୁ ବାହାରି କମିଟିର ସଦସ୍ୟମାନେ ଆଲୋଚନା ସଫଳ ହୋଇଥିବା ଗଣମାଧ୍ୟମ ପ୍ରତିନିଧିଙ୍କୁ ସୂଚନା ଦେଇଛନ୍ତି। ହେଲେ ଏ ସମ୍ପର୍କରେ ଇସ୍ତାହାରରେ ଉଲ୍ଲେଖ ହେବା ପରେ ହିଁ ପଦ୍ମପୁରରେ ବିଭିନ୍ନ ସଙ୍ଗଠନ ପକ୍ଷରୁ ଚାଲିଥିବା ଆନ୍ଦୋଳନ ପ୍ରତ୍ୟାହାର କରାଯିବ ବୋଲି କମିଟି ପକ୍ଷରୁ କୁହାଯାଇଛି। ଉପନିର୍ବାଚନ ପରେ ଯଦି ମୁଖ୍ୟମନ୍ତ୍ରୀ ନିଜ ନିଷ୍ପତ୍ତିରୁ ଓହରିଯିବେ, ୨୦୨୪ ସାଧାରଣ ନିର୍ବାଚନରେ ଏହି ପ୍ରସଙ୍ଗକୁ ଜୋରଦାର କରାଯିବ ଏବଂ ଏହାର ଜବାବ ଦିଆଯିବ ବୋଲି ସେମାନେ ଚେତାବନୀ ଦେଇଛନ୍ତି। ଉପନିର୍ବାଚନ ପାଇଁ ପ୍ରଚାର କାର୍ଯ୍ୟ ଜୋରସୋରରେ ଚାଲିଥିବା ବେଳେ ପଦ୍ମପୁର ଜିଲା ଘୋଷଣା ଏବଂ ଚାଷୀଙ୍କୁ ବୀମା ରାଶି ପ୍ରଦାନ ଘୋଷଣା ରାଜନୀତିକୁ ଆହୁରି ସରଗରମ କରିଛି।

ନବୀନଙ୍କ ଘୋଷଣାକୁ ଭାଜପା ଓ କଂଗ୍ରେସ ପକ୍ଷରୁ ସମାଲୋଚନା କରାଯାଇଛି। ପଦ୍ମପୁର ଉପନିର୍ବାଚନ ପ୍ରକ୍ରିୟା ଚାଲିଥିବା ବେଳେ ଏଭଳି ଘୋଷଣା ନିର୍ବାଚନ ଆଚରଣ ବିଧିର ଖୋଲା ଉଲ୍ଲଂଘନ। ଭାରତର ନିର୍ବାଚନ ☞ପୃଷ୍ଠା-୨

# ୧୦୦ କୋଟି ଯୁବପିଢ଼ି ଶ୍ରବଣଶକ୍ତି ହରାଇପାରନ୍ତି

## ହେଡ୍‌ଫୋନ୍, ଲାଉଡ୍ ମ୍ୟୁଜିକ୍ ମୁଖ୍ୟ କାରଣ: ଡବ୍ଲ୍ୟୁଏଚ୍ଓ

ପ୍ୟାରିସ୍, ୧୬ା୧୧

ନୂଆ ଟ୍ରେଣ୍ଡକୁ ଯୁବପିଢ଼ି ଅତି ସରାଗରେ ଆପଣାଇବାରେ ଲାଗିଛନ୍ତି। ଜୀବନକୁ ନିଜ ଇଚ୍ଛା ଅନୁସାରେ ଜୀଇଁବା ପାଇଁ ସେମାନେ ୱିକେଣ୍ଡ୍ ପାର୍ଟି, ପବ୍ ଓ ମ୍ୟୁଜିକ୍ କନ୍‌ସର୍ଟରେ ମଜି ରହୁଛନ୍ତି। ଏହି ସବୁ କାର୍ଯ୍ୟକ୍ରମରେ ଲାଗୁଥିବା ଲାଉଡ୍ ମ୍ୟୁଜିକ୍ ସେମାନଙ୍କ ଶରୀର ପାଇଁ ଘାତକ ହେବା ଜାଣି ମଧ୍ୟ ସେମାନେ ଏହାକୁ ଅଣଦେଖା କରୁଛନ୍ତି। ଲାଉଡ୍ ମ୍ୟୁଜିକ୍ ବା ଉଚ୍ଚ ଶବ୍ଦଯୁକ୍ତ ସଙ୍ଗୀତ ଯୋଗୁ ଯୁବପିଢ଼ି ଶ୍ରବଣଶକ୍ତି ହରାଇବା ଆଶଙ୍କା ଥିବା ୱାର୍ଲ୍ଡ ହେଲ୍‌ଥ ଅର୍ଗାନାଇଜେଶନ୍ (ଡବ୍ଲ୍ୟୁଏଚ୍ଓ) କହିଛି। ଏ ନେଇ ଡବ୍ଲ୍ୟୁଏଚ୍ଓ ନେତୃତ୍ୱରେ କରାଯାଇଥିବା ଅଧ୍ୟୟନ ଅନୁସାରେ ହେଡ୍‌ଫୋନ୍ ଓ ଲାଉଡ୍ ମ୍ୟୁଜିକ୍ କାରଣରୁ ବିଶ୍ୱରେ ୧୦୦ କୋଟି (୧ ବିଲିୟନ) ଯୁବପିଢ଼ି ଶ୍ରବଣଶକ୍ତି ହରାଇପାରନ୍ତି।



ଏ ନେଇ ସତର୍କତା ଅବଲମ୍ବନ କରିବା ସହ ସରକାର ଓ ହେଡ୍‌ଫୋନ୍ ନିର୍ମାଣକାରୀ କମ୍ପାନୀ ଯୁବପିଢ଼ିଙ୍କ ଶୁଣିବାଶକ୍ତି ଯେପରି ପ୍ରଭାବିତ ନ ହେବ ସେଥିପ୍ରତି ଦୃଷ୍ଟି ଦେବା ଜରୁରୀ ବୋଲି ଡବ୍ଲ୍ୟୁଏଚ୍ଓ କହିଛି। ଏ ସଂକ୍ରାନ୍ତୀୟ ୩୩ଟି ଅଧ୍ୟୟନ ରିପୋର୍ଟ ବିଏମ୍‌ଜେ ଗ୍ଲୋବାଲ୍ ହେଲ୍‌ଥରେ ପ୍ରକାଶ ପାଇଛି, ଯାହା ଇଂଲିଶ, ସ୍ପାନିସ୍, ଫ୍ରେଞ୍ଚ୍ ଏବଂ ରୁଷିଆନ ଭାଷାରେ ଲେଖାଯାଇଛି। ଗବେଷକମାନେ ୨୦ ବର୍ଷ ଧରି ଶ୍ରବଣଶକ୍ତି ଜନିତ ଅଧ୍ୟୟନ କରୁଥିବାବେଳେ ୧୨ରୁ ୩୪ ବୟସ ବର୍ଗର ୧୯,୦୦୦ ଏଥିରେ ସାମିଲ ହୋଇଛନ୍ତି। ହେଡ୍‌ଫୋନ୍ ତଥା ସ୍ମାର୍ଟଫୋନ୍‌ର ବହୁଳ ବ୍ୟବହାର କାରଣରୁ ୨୪% ଯୁବପିଢ଼ିଙ୍କ ଶ୍ରବଣ ସମ୍ବନ୍ଧୀୟ ଅସୁବିଧା ଥିବା ଗବେଷକ ଅନୁଧ୍ୟାନ କରିଥିବାବେଳେ ୪୮%ଙ୍କ ନଏଜ୍ ଲେବଲ ଖୁବ୍ ଉଚ୍ଚ ରହିଛି। ଆଗାମୀ ଦିନରେ ୬,୭୦,୦୦୦ରୁ ୧୩୦ କୋଟି ଯୁବପିଢ଼ିଙ୍କ କ୍ଷେତ୍ରରେ ଶ୍ରବଣଜନିତ ସମସ୍ୟା ଦେଖାଦେଇପାରେ ବୋଲି ଅଧ୍ୟୟନରୁ ଜଣାପଡ଼ିଛି। ବିଶ୍ୱର ୪୩୦ ନିୟୁତ ଲୋକ ଏପ୍ରକାର ସମସ୍ୟା ଦେଇ ଗତି କରୁଥିବାବେଳେ ୨୦୫୦ବେଳକୁ ଏହି ସଂଖ୍ୟା ୭୦୦ ନିୟୁତରେ ପହଞ୍ଚିବ ବୋଲି ପ୍ରକାଶିତ ରିପୋର୍ଟରେ ଉଲ୍ଲେଖ କରାଯାଇଛି। ☞ପୃଷ୍ଠା-୨



**ଆଜିର ମନ୍ତବ୍ୟ**
"ବିରୋଧୀ ଦଳ ବିରୋଧରେ ଅଭିଯୋଗ ଆସିଲେ କେନ୍ଦ୍ରୀୟ ଯାଞ୍ଚ ଏଜେନ୍ସି ତୁରନ୍ତ କାର୍ଯ୍ୟାନୁଷ୍ଠାନ ନେଉଛି। କିନ୍ତୁ ଭାଜପା ବେଳକୁ ଚୁପ୍ ରହୁଛି। -ମମତା ବାନାର୍ଜୀ, ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ତା' କଥା ତାକୁ ଜଣା,**
**ମିଛେ ବୋଲୁଥାଇ ମୋହର କିଣା।**

କାହା ଅନ୍ତର କଥା କେହି ବୁଝି ପାରନ୍ତିନାହିଁ। ଅନ୍ୟର ମନ ତଳର ଗହନ କଥା ବୁଝିବା ଅତ୍ୟନ୍ତ କଷ୍ଟକର ହୋଇଥାଏ। ତେଣୁ ମୁହଁରେ ଯିଏ ଯାହା କହେ ସେହି କଥାକୁ ନିଜ ବୁଦ୍ଧିରେ ସତ କିମ୍ବା ମିଛ ବୋଲି ଧାରଣା କରିବା ହିଁ ଉଚିତ ହୋଇଥାଏ ବୋଲି ଏଠାରେ ଉଲ୍ଲେଖ କରାଯାଇଛି।

**ତାଟିଆ ପାଖରେ କୁଡ଼ିକି**
**ବୁଢା ଛାଡୁନାହିଁ ବୁଢ଼ୀକି।**

ସାଧାରଣତଃ ମଣିଷ ବୁଢାବୁଢ଼ୀ ହୋଇଗଲେ ଉଭୟଙ୍କ ମଧ୍ୟରେ ଆକର୍ଷଣ ପ୍ରଗାଢ ହୁଏ ବୋଲି ଜଣାଯାଇଥାଏ। ଏହା ବହୁ ମନସ୍ତତ୍ତ୍ୱବିତଙ୍କର ମତ ବୋଲି ଏଠାରେ ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢ଼ମାଳି ଓ ଲୋକଗୀତ – ଫ୍ରେଣ୍ଡସ୍ ପବ୍ଲିଶର୍ସ

# ବାଲିଯାତ୍ରା ପଥୋତ୍ସବରେ ନବୀନ ବନ୍ଦନା

**ପୁରୀ ପରେ କଟକ**

**■ ହେ ନବୀନ ବାବୁ ଆମେ ତମ ଫ୍ୟାନ**

କଟକ ଅଫିସ,୧୬।୧୧

ପୁରୀରେ ହବିଷିଆଳିଙ୍କ ଦ୍ୱାରା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବନ୍ଦନା ଗାନ କରାଯାଇଥିଲା। ସେତେବେଳେ ଏହା ବିଭିନ୍ନ ମହଲରେ ଚର୍ଚ୍ଚାର ବିଷୟ ହୋଇଥିଲା। ଏବେ ଏହି ନବୀନ ବନ୍ଦନାର ପୁନରାବୃତ୍ତି ଘଟିଛି କଟକ ବାଲିଯାତ୍ରାରେ, ଯାହାକୁ ନେଇ ପୁଣି ଥରେ ରାଜ୍ୟରେ ଚର୍ଚ୍ଚା ହେବାରେ ଲାଗିଛି।

ସବୁଦିନ ଭଳି ବୁଧବାର ସକାଳେ ବାଲିଯାତ୍ରାର ପଥୋତ୍ସବ ଅନୁଷ୍ଠିତ ହୋଇଥିଲା। ଅକ୍ଷୟ ମହାନ୍ତି ମଞ୍ଚରେ ଚାଲିଥିଲା ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟକ୍ରମ। ଠିକ୍ ସେହି ସମୟରେ ମଞ୍ଚରେ ଚଢ଼ି ଯାଇଥିଲେ ବିଜୁ ଛାତ୍ର ଜନତା ଦଳର ରାଜ୍ୟ ସାଧାରଣ ସମ୍ପାଦକ ଅବିନାଶ ମହାନ୍ତି। ସେଠାରେ ଛିଡ଼ା ହୋଇ ଗାଇଥିଲେ 'ହେ ନବୀନ ବାବୁ ଆମେ ତମ ଫ୍ୟାନ୍'। ଗତ ନିର୍ବାଚନ ପ୍ରଚାରବେଳେ ଏହି ଗୀତ ପ୍ରସ୍ତୁତ ହୋଇଥିଲା। ତେବେ ଅବିନାଶ ଏହି ଗୀତ ଗାଉଥିବା ସମୟରେ ସେଠାରେ କଟକ ଜିଲାପାଳ, ଉପଜିଲାପାଳ, ଅତିରିକ୍ତ ଜିଲାପାଳ, ଜିଲା ସଂସ୍କୃତି ବିଭାଗ ଅଧିକାରୀଙ୍କ ସମେତ ବହୁ ସରକାରୀ ଅଧିକାରୀ ଓ ପୋଲିସ ଅଧିକାରୀ ଉପସ୍ଥିତ ଥିଲେ। ହେଲେ କେହି ଜଣେ ଏହାର ପ୍ରତିବାଦ କରି ନ ଥିଲେ। ଐତିହାସିକ ବାଲିଯାତ୍ରା ସହ କଟକ ସମେତ ସାରା ଓଡ଼ିଶାର ଭାବାବେଗ ଜଡ଼ିତ। ଏହା କୌଣସି ରାଜନୈତିକ ଦଳର କାର୍ଯ୍ୟକ୍ରମ ନୁହେଁ। କଟକ ଜିଲା ପ୍ରଶାସନ ଓ କଟକ ମହାନଗର ନିଗମ(ସିଏମ୍‌ସି)ର ମିଳିତ ଆନୁକୂଲ୍ୟରେ ପ୍ରତିବର୍ଷ ବାଲିଯାତ୍ରା ହୋଇଆସୁଛି। ଦଳ, ମତ, ସମ୍ପ୍ରଦାୟ ନିର୍ବିଶେଷରେ ସବୁବର୍ଗର ଲୋକେ ବାଲିଯାତ୍ରାରେ ସାମିଲ ହେଉଛନ୍ତି। ଏସବୁ ସତ୍ତ୍ୱେ ମଞ୍ଚରେ ନବୀନ ବନ୍ଦନା ପରିବେଷଣକୁ ବିଭିନ୍ନ ମହଲରେ ନାପସନ୍ଦ କରାଯାଇଛି।

ଏ ସମ୍ପର୍କରେ ଜିଲାପାଳ ଭବାନୀ ଶଙ୍କର ଚୟନୀ କହିଛନ୍ତି, ଏହା ହେଉଛି ଗାୟକଙ୍କ ପର୍ସନାଲ ଚଏସ। ଜଣେ ଗାୟକ କ'ଣ ଗାଇବ ସେଥିରେ ତାଙ୍କ ସ୍ୱାଧୀନତା ଥାଏ। ସେ ରାଜନୈତିକ ଦଳର କର୍ମକର୍ତ୍ତା ନେଇ ମୋ' ପାଖରେ ଖବର ନାହିଁ। ଏ ବାବଦରେ ଆଗକୁ ଧ୍ୟାନ ଦିଆଯିବ ବୋଲି ସେ କହିଛନ୍ତି। ଅପରପକ୍ଷେ ସିଏମ୍‌ସି ମେୟର ସୁବାସ ସିଂ କହିଛନ୍ତି, ଏଭଳି ଗୀତ ଗାଇବାକୁ କେହି ପ୍ରୋତ୍ସାହନ ଦେଉନାହାନ୍ତି। ଯେମିତି ଆଗକୁ ଏହାର ପୁନରାବୃତ୍ତି ନହେବ, ସେଥିପ୍ରତି ଦୃଷ୍ଟି ଦିଆଯିବ।


ଜାତୀୟ ପ୍ରେସ୍ ଦିବସରେ ବୁଧବାର ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଭୁବନେଶ୍ୱର ସୂଚନା ଭବନରେ ଆୟୋଜିତ ଖବରକାଗଜ ପ୍ରଦର୍ଶନୀକୁ ଛାତ୍ରୀମାନେ ବୁଲି ଦେଖୁଛନ୍ତି।

# ୨ ବିଡିଓଙ୍କ ସମେତ ୧୦ ଜଣଙ୍କୁ ଜବାବ ତଲବ

**ଦୁର୍ନୀତି ଚପାଇବାକୁ ୨ ପଞ୍ଚାୟତର ଫାଇଲ୍ ପୋଡ଼ି ମାମଲା**

**■ ୯ ସୁଦ୍ଧା ଜବାବ ଦେବାକୁ ଲୋକାୟୁକ୍ତଙ୍କ ନିର୍ଦ୍ଦେଶ**

ଯାଜପୁର ଅଫିସ,୧୬।୧୧

ଯାଜପୁର ଜିଲା ଦଶରଥପୁର ବ୍ଲକ ଗ୍ରାମନନ୍ଦିପୁର ଓ ବିରୁହାଁ ପଞ୍ଚାୟତରେ ବିଭିନ୍ନ ଉନ୍ନୟନମୂଳକ ଯୋଜନାରେ ବ୍ୟାପକ ହରିଲୁଟ ସମ୍ପର୍କରେ ପର୍ଦ୍ଦାଫାଶ ହୋଇଛି। ଅନେକ ସରକାରୀ ପ୍ରକଳ୍ପରେ ହୋଇଥିବା ଦୁର୍ନୀତି ଲୁଚାଇବା ପାଇଁ ଏହି ୨ ପଞ୍ଚାୟତର ଫାଇଲ୍ ପୋଡ଼ି ହୋଇଥିବା ଅଭିଯୋଗ ହୋଇଥିଲା। ଏହାର ଭିଜିଲାନ୍ସ ତଦନ୍ତ ରିପୋର୍ଟ ଆଧାରରେ ଲୋକାୟୁକ୍ତ ୨ ଜଣ ବିଡିଓଙ୍କ ସମେତ ୧୦ ଜଣଙ୍କୁ ଆସନ୍ତା ଡିସେମ୍ବର ୯ ସୁଦ୍ଧା ଜବାବ ରଖିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିରେ ଜିପିଟିଏ ପ୍ରଦୋଷ ରଞ୍ଜନ ଦାସ, ଆକାଉଣ୍ଟାଣ୍ଟ ବେଣୁଧର ନାୟକ, ଦଶରଥପୁର ପୂର୍ବତନ ବିଡିଓ ନାରାୟଣ ଚନ୍ଦ୍ର ନାୟକ, ପୂର୍ବତନ ପଞ୍ଚାୟତ ନିର୍ବାହୀ ଅଧିକାରୀ ଅକ୍ଷୟ କୁମାର ବଳ, ବିରୁହାଁ ପଞ୍ଚାୟତର ପୂର୍ବତନ ସରପଞ୍ଚ ଭାନୁମତୀ ମଲ୍ଲିକ, ପଞ୍ଚାୟତ ନିର୍ବାହୀ ଅଧିକାରୀ ରଞ୍ଜନ କୁମାର ବେହେରା, ଜିପିଟିଏ ଅମିୟ କୁମାର ରାଉତ, ପୂର୍ବତନ ଜୁନିୟର ଇଞ୍ଜିନିୟର ମାନସ ରଞ୍ଜନ ପଣ୍ଡା, ଦଶରଥପୁର ପୂର୍ବତନ ବିଡିଓ ଦେବରାଜ ସେଠୀ, ନନ୍ଦିପୁର ପଞ୍ଚାୟତର ପୂର୍ବତନ ସରପଞ୍ଚ ନବକିଶୋର ମଲ୍ଲିକ ରହିଛନ୍ତି।

ଯାଜପୁର ଜିଲା ଦଶରଥପୁର ବ୍ଲକ ଗ୍ରାମନନ୍ଦିପୁର ଓ ବିରୁହାଁ ପଞ୍ଚାୟତରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍, ମୋ ଗୁହାଳ, ଆବାସ, ରାସ୍ତା, ବୃକ୍ଷରୋପଣ ଆଦି ବିଭିନ୍ନ କାର୍ଯ୍ୟରେ ବ୍ୟାପକ ଦୁର୍ନୀତି ହୋଇଥିବା ଅଭିଯୋଗ ହୋଇଥିଲା। ଫଳରେ ଯାଜପୁର ତତ୍କାଳୀନ ପ୍ରକଳ୍ପ ନିର୍ଦ୍ଦେଶକ ବିଶାଳ ସିଂ ପଞ୍ଚାୟତ କାର୍ଯ୍ୟାଳୟକୁ ଆସି ଏହାର ତଦନ୍ତ କରିବାକୁ କାର୍ଯ୍ୟସୂଚୀ ସ୍ଥିର କରିଥିଲେ। ହେଲେ ଏହା ପୂର୍ବରୁ ୧୭।୪।୨୦୨୧ ପୂର୍ବାହ୍ନ ୧୦ଟାରେ ଦୁଇ ପଞ୍ଚାୟତ କାର୍ଯ୍ୟାଳୟରେ ନିଆଁ ଲାଗି ଫାଇଲ୍ ପୋଡ଼ି ଯାଇଥିଲା। ଏନେଇ ବିଡିଓ ଓ ସରପଞ୍ଚଙ୍କ ନାମରେ କେତେଜଣ ସାମାଜିକ କର୍ମୀ ମଙ୍ଗଳପୁର ଥାନାରେ ଅଭିଯୋଗ କରିଥିଲେ। ଜିଲା ପ୍ରଶାସନ ପକ୍ଷରୁ ଏହି ଘଟଣାର ତଦନ୍ତ ଠିକ ନ ହେବାରୁ ବିଜୟ କେତନ ମହାପାତ୍ର ଓ ପ୍ରତାପ କୁମାର ନାୟକ ଲୋକାୟୁକ୍ତରେ ୭୦୩/୨୦୨୧ରେ ଏକ ମାମଲା ରୁଜୁ କରିଥିଲେ। ଲୋକାୟୁକ୍ତ ଏହି ଘଟଣାର ଛାନ୍‌ଭିନ କରି ତଦନ୍ତ ରିପୋର୍ଟ ଦାଖଲ କରିବାକୁ ଭିଜିଲାନ୍ସକୁ ନିର୍ଦ୍ଦେଶ ଦେଇଥିଲେ। ଭିଜିଲାନ୍ସ ବିଭାଗ ତଦନ୍ତ କରି ଦାଖଲ କରିଥିବା ରିପୋର୍ଟ ଆଧାରରେ ଲୋକାୟୁକ୍ତ ଗତ ଅକ୍ଟୋବର ୧୭ରେ ଉପରୋକ୍ତ ୧୦ ଜଣଙ୍କୁ ଜବାବ ରଖିବାକୁ ନିର୍ଦ୍ଦେଶ ଜାରି କରିଛନ୍ତି। ଭିଜିଲାନ୍ସ ତଦନ୍ତରେ ନନ୍ଦିପୁର ପଞ୍ଚାୟତର ୨୦ଟି ଓ ବିରୁହାଁ ପଞ୍ଚାୟତର ୧୮ଟି ପ୍ରକଳ୍ପରେ ଦୁର୍ନୀତି ହୋଇଥିବା ଜଣାପଡ଼ିଛି। ଏହି ସମ୍ପର୍କରେ ଭିଜିଲାନ୍ସ ବିଭାଗ ପକ୍ଷରୁ ରାଜ୍ୟ ସରକାର ଓ ଯାଜପୁର ଜିଲା ପ୍ରଶାସନକୁ ପତ୍ରସଂଖ୍ୟା ୧୧୭୫/୨୮।୯।୨୨ରେ ଅବଗତ କରାଯିବା ସହିତ ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ଅନୁରୋଧ କରାଯାଇଛି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ଆଜି ଗୁରୁ ଦୃଷ୍ଟିରେ ତିନୋଟିଗ୍ରହ ଆପଣଙ୍କ ଆର୍ଥିକ, ମାନସିକ ଏବଂ ସାମାଜିକ ସ୍ଥିତିକୁ ବୃଦ୍ଧିମନ୍ତ କରିବ। କୌଣସି ପରିସ୍ଥିତି ଓ ପରିବେଶରେ ନିଜକୁ ଆଡ୍‌ଜଷ୍ଟ କରିନେବାରେ କୃତକାର୍ଯ୍ୟ ହେବେ। ବାଲ୍ୟବନ୍ଧୁଙ୍କ ଆଗମନରେ କିଛି ସମୟ ଅତିବାହିତ କରିବାକୁ ପଡିପାରେ । ସରକାରୀ କାମରେ ହଠାତ୍ ବାହାରକୁ ଯାତ୍ରା କରିପାରନ୍ତି।

**ବୃଷ**
ଶୁକ୍ର ସହ ବୁଧ ଓ ରବିଙ୍କ ସୁପ୍ରଭାବରୁ ମନରେ ବିଭିନ୍ନ ପ୍ରକାରର କାର୍ଯ୍ୟପଦ୍ଧତିର ଯୋଜନା କରିବେ। ପରିବର୍ତ୍ତିତ ପରିସ୍ଥିତିରେ ବହୁ ପ୍ରତୀକ୍ଷିତ ଖବରଟି ଆଜି ପାଇ ଖୁସି ମନେଇବେ। ପ୍ରକାଶନ, କଚେରି ମାମଲା ଓ ପ୍ରଶାସନିକ କ୍ଷେତ୍ରରେ ଦ୍ୱନ୍ଦ୍ୱ ଦୂର ହେବ। ପୂର୍ବ ଯୋଜନା ଅନୁଯାୟୀ କାମ କରି କିଛିଟା ସଫଳତା ମଧ୍ୟ ପାଇବେ।

**ମିଥୁନ**
ଆଜି ଆର୍ଥିକ ଉପଯୋଗ ଓ ଯୁକ୍ତିଯୁକ୍ତ କଥା ଆପଣଙ୍କୁ ପ୍ରତ୍ୟେକ କ୍ଷେତ୍ରରେ ସାହାଯ୍ୟ କରିବ। ଶନିଙ୍କ କୁପ୍ରଭାବରେ କେତେକ ଗୁରୁତ୍ୱପୂର୍ଣ୍ଣ କାମ ଅଟକିରହିବ। ପ୍ରିୟ ବନ୍ଧୁ ସମ୍ମୁଖରେ କୌଣସି ଗୋପନୀୟ କଥା କୁହିବାକୁ ମନସ୍ଥ କରୁଥିଲେ ମଧ୍ୟ ପଛେଇ ଯିବେ। ଛୋଟ କଥାକୁ କେନ୍ଦ୍ରକରି ମତାନ୍ତରରୁ ବିତର୍କ ସୃଷ୍ଟି ହୋଇପାରେ।

**କର୍କଟ**
ମଙ୍ଗଳଗ୍ରହ ଆପଣଙ୍କର ପ୍ରତ୍ୟେକ କାର୍ଯ୍ୟକୁ ସଫଳତାର ଶୀର୍ଷକୁ ନେଇଯିବ। ଆଜି ଅର୍ଥ ଓ ସମ୍ମାନ ଲାଭରେ ନିଜକୁ ଗୌରବାନ୍ୱିତ ମନେକରିବେ। ପାରିବାରିକ ଶୃଙ୍ଖଳା ରକ୍ଷା ଦିଗରେ ନିଜର ଅଭିଜ୍ଞତା ଓ ଦୂରଦର୍ଶିତା ଆପଣଙ୍କୁ ସାହାଯ୍ୟ କରିବ। ସଭାସମିତି, ଆନୁଷ୍ଠାନିକ କାମ ଓ ଧର୍ମାନୁଷ୍ଠାନ ଦିଗରୁ ପ୍ରେରଣା ଲାଭ କରିବେ।

**ସିଂହ**
ରବିଙ୍କ ଦୁର୍ବଳତା କାରଣରୁ ଉପରିସ୍ଥଙ୍କ ବିରାଗଭାଜନ ହେବେ। ଆତ୍ମବଳ ଅଭାବରୁ ପ୍ରତ୍ୟେକ କାମରେ ଆଗଧାଡ଼ିରେ ରହିବା ଭଳି ସାହସ ପ୍ରଦର୍ଶନ କରିପାରିବେ ନାହିଁ। ଭୁଲ୍ ବୁଝାମଣା କାରଣରୁ ପରିବାର ଭିତରେ ସମ୍ପର୍କ ହାନି ଘଟିପାରେ। ଅବଶ୍ୟ ସାହିତ୍ୟ, ସଙ୍ଗୀତ, କଳା ଓ ରଚନାତ୍ମକ କାମରେ ଉଚ୍ଚ ପ୍ରଶଂସା ମିଳିବ।

**କନ୍ୟା**
ସ୍ୱାର୍ଥସାଧନ ପରିପ୍ରେକ୍ଷୀରେ ମିତ୍ରମାନେ ପରୋକ୍ଷ ଭାବେ ଶତ୍ରୁତା ଆଚରଣ କରିବେ। ସପ୍ତମସ୍ଥ ଗୁରୁଜନିତ ପ୍ରତିଦ୍ୱନ୍ଦ୍ୱିତା କ୍ରମଶଃ ବୃଦ୍ଧି ପାଇବା କାରଣରୁ ଚିନ୍ତିତ ରହିପାରନ୍ତି। ଅବଶ୍ୟ ପ୍ରତ୍ୟେକ କ୍ଷେତ୍ରରେ ବନ୍ଧୁମାନେ ଆବଶ୍ୟକ ସହଯୋଗ କରିବେ। ସମୟାନ୍ତରରେ ଟେନ୍‌ସନ ଦୂର ହେବ ଓ ପ୍ରିୟଜନଙ୍କ ସହିତ ସୁଖଭ୍ରମଣ ଯୋଗ ରହିଛି।

**ତୁଳା**
ଲାଭସ୍ଥାନରେ ଚନ୍ଦ୍ରଥିବାରୁ କର୍ମକ୍ଷେତ୍ରରେ କାର୍ଯ୍ୟରେ ସଫଳତା ହେତୁ ପ୍ରଶଂସିତ ହେବେ। ସାହିତ୍ୟ, ସାମ୍ବାଦିକତା, କ୍ରୀଡ଼ା ଓ ଚଳଚ୍ଚିତ୍ର କ୍ଷେତ୍ରରୁ ସୁଫଳ ମିଳିବ। ଜମିଜମା ପ୍ରଭୃତି କିଣାବିକାରେ ସତର୍କ ନ ହେଲେ ଠକାମିରେ ପଡ଼ିପାରନ୍ତି। ସନ୍ତାନଙ୍କ ସ୍ୱାସ୍ଥ୍ୟ ଓ ସ୍ୱଭାବ ଯୋଗୁ ସାମୟିକ ବିଚଳିତ ହେବେ।

**ବିଛା**
ଆଜି ରାଶିସ୍ଥ ଗ୍ରହମାନେ ବୃହସ୍ପତି ଦୃଷ୍ଟିରେ ଥିବାରୁ ପ୍ରତ୍ୟେକ କ୍ଷେତ୍ରରେ ସଫଳତାର ଶୀର୍ଷକୁ ଯିବେ। ସାହାଯ୍ୟକାରୀ ମନୋଭାବ ହେତୁ ସହକର୍ମୀଙ୍କ ସହ ସଦ୍‌ଭାବ ବୃଦ୍ଧି ହୋଇପାରେ। ପାରିବାରିକ ସମସ୍ୟା ନେଇ ମାନସିକ ଅସ୍ଥିରତା ବେଶି ସମୟ ତିଷ୍ଠି ରହିବନାହିଁ। ବନ୍ଧୁମାନଙ୍କଠାରୁ ମିଥ୍ୟା ଗୁଜବ ଶୁଣି ଆତଙ୍କିତ ହୁଅନ୍ତୁ ନାହିଁ।

**ଧନୁ**
ଶନି ଓ ବୃହସ୍ପତି ପ୍ରଭାବରେ ଭୁଲ୍ ବୁଝାମଣା ଦୂର ହେବା କାରଣରୁ ପାରିବାରିକ ଶାନ୍ତି ଫେରି ଆସିବ। ନିଜ ଘର ଅପେକ୍ଷା ବାହାର ଲୋକମାନେ ଆପଣଙ୍କ ପକ୍ଷ ସମର୍ଥନ କରିବେ। ଅଟକି ରହିଥିବା କାମ ହାସଲ ପାଇଁ ଚେଷ୍ଟା କଲେ ସଫଳତା ପାଇବେ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟରେ ସାଧାରଣ ସମସ୍ୟାଗୁଡିକ ପାଇଁ ଅସୁବିଧା ହେବ ନାହିଁ।

**ମକର**
ଏକାଦଶସ୍ଥ ଗୁରୁ ଓ କେନ୍ଦ୍ରସ୍ଥ ବୃହସ୍ପତି ଯୋଗୁ ଅନ୍ୟକୁ ସାହାଯ୍ୟ କରିବାକୁ ଯାଇ ଅସୁବିଧାର ସମ୍ମୁଖୀନ ହୋଇପାରନ୍ତି। ବାକି ପଡ଼ିଥିବା ଅର୍ଥ ଆଦାୟରେ ସକ୍ଷମ ହେବେ। ପ୍ରତ୍ୟୁଷ ଯାତ୍ରାରେ ସଫଳତା ପାଇବେ କିନ୍ତୁ ସାମାୟିକ ଅସ୍ଥିରତା ଦେଖାଦେବାର ସମ୍ଭାବନା ରହିଛି। ପ୍ରତିବେଶୀଙ୍କ ସହ ସମ୍ପର୍କ ମଧୁର ରଖିବା ପାଇଁ ଚେଷ୍ଟା ବିଫଳ ହେବ ନାହିଁ।

**କୁମ୍ଭ**
ଶୁଭଗ୍ରହ ପ୍ରଭାବରୁ ଯୁକ୍ତିଯୁକ୍ତ କଥା କହି ବିବଦମାନ ସ୍ଥିତିକୁ ସୁଧାରି ନେବେ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ସମସ୍ୟା ସୁଧାରିବାରେ ନିକଟସ୍ଥ ଲୋକମାନେ ସାହାଯ୍ୟ କରିବେ। ଲଘୁ କ୍ରୋଧର ବଶବର୍ତ୍ତୀ ହୋଇ ବିବାଦୀୟ କଥାରେ ମୁଣ୍ଡ ନ ପୂରାଇବା ଭଲ। ପିଲାମାନଙ୍କ ଶିକ୍ଷାର ସଫଳତାରେ ଆନନ୍ଦ ଅନୁଭବ କରିପାରନ୍ତି।

**ମୀନ**
ଗୁରୁଶୁକ୍ର ପାରସ୍ପରିକ ଦୃଷ୍ଟିଜନିତ ହିତୈଷୀଙ୍କ ପରାମର୍ଶରେ ପାରିବାରିକ ସ୍ଥିତିରେ ସୁଧାର ଆଣିପାରିବେ। କର୍ମକ୍ଷେତ୍ରରେ ଅସମର୍ଥିତ ସୂତ୍ରରୁ ଭୁଲ୍ ଖବର ପାଇ ସାମୟିକ ଭାବରେ ବିବ୍ରତ ହୋଇପାରନ୍ତି। ସାମାଜିକ ସ୍ତରରେ ନୀଚ ବର୍ଗ ଦ୍ୱାରା ସମସ୍ୟା ସୃଷ୍ଟି ହୋଇପାରେ। ବ୍ୟବସାୟରେ ଆଖିଦୃଶିଆ ସଫଳତା ହାସଲ କରିପାରିବେ ନାହିଁ।

ଆଜି ନଭେମ୍ବର ୧୭ ତାରିଖ, ମାର୍ଗଶିର କୃଷ୍ଣପକ୍ଷ, କାଞ୍ଜିଅଁଳା ନବମୀ, ମାଣବସା ଗୁରୁବାର ଦ୍ୱିତୀୟପାଳି, ଶ୍ରୀମା'ଙ୍କ ମହାପ୍ରୟାଣ ଦିବସ, ଲାଲା ଲଜପତ୍ ରାୟଙ୍କ ତିରୋଧାନ ଦିବସ, ଡ. ଶ୍ରୀରାମଚନ୍ଦ୍ର ଦାଶଙ୍କ ଜୟନ୍ତୀ, ରାଶିନକ୍ଷତ୍ର-ମଘା/ସିଂହ, ନବମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ସକାଳ ଘ.୦୫।୫୯ ଗତେ ଘ.୦୭।୨୮ ମଧ୍ୟେ ଶୁଭବେଳା। ଦିବା ଘ.୧୨।୫୪ ଗତେ ଘ.୦୨।୧୭ ମଧ୍ୟେ ରାହୁକାଳ।

## ଭରସା ପାଉନି, ଜୀବନ ...

ପିନ୍ଧିଥିବା ଏକ ବେଲ୍ଟକୁ ଝରକା ଲୁହାରେ ଲଗାଇ ଆତ୍ମହତ୍ୟା କରିଥିଲେ। ସେହିପରି ମେ ୧୪ରେ ଛତ୍ରପୁରସ୍ଥିତ ଗଞ୍ଜାମ ଏସ୍‌ପି ଅଫିସ ଆଗରେ ରମ୍ଭା ଥାନା ବୋରିଗାଁର ବାଦଲ ସାହୁ ପେଟ୍ରୋଲ ଢାଳି ନିଆଁ ଲଗାଇ ଆତ୍ମାହୁତି ଉଦ୍ୟମ କରିଥିଲେ। ୧୨ ବର୍ଷ ଧରି ପରିବାରକୁ ଗାଁ ଲୋକେ ବାସନ୍ଦ କରି ରଖିଥିବାରୁ ସେ ଏଥିପାଇଁ ଥାନାର ଦ୍ୱାରସ୍ଥ ହୋଇଥିଲେ ମଧ୍ୟ କିଛି ସୁଫଳ ମିଳି ନ ଥିଲା। ପରେ ବାଦଲ ଏସ୍‌ପିଙ୍କୁ ଭେଟି ନ ପାରି ଆତ୍ମାହୁତି ଭଳି ଚରମ ନିଷ୍ପତ୍ତି ନେଇଥିଲେ। ଚିକିତ୍ସାଧୀନ ଅବସ୍ଥାରେ ପରଦିନ ତାଙ୍କର ମୃତ୍ୟୁ ଘଟିଥିଲା। ଗତ ଜୁଲାଇ ୨୯ ତାରିଖ ସନ୍ଧ୍ୟାରେ ଗୋପାଳପୁର ଥାନା ପରିସରରେ କୀଟନାଶକ ପିଇ ଟିକିନା ଦାସ ନାମ୍ନୀ ଜଣେ ମହିଳା ଆତ୍ମହତ୍ୟା କରିଥିଲେ। ଘଟଣା ଦିନ ବିଳମ୍ବିତ ରାତିରେ ଚିକିତ୍ସାଧୀନ ଅବସ୍ଥାରେ ବ୍ରହ୍ମପୁର ବଡ଼ ଡାକ୍ତରଖାନାରେ ତାଙ୍କର ମୃତ୍ୟୁ ହୋଇଥିଲା। ମହିଳା ଜଣକ ପାରିବାରିକ ବିବାଦ ଅଭିଯୋଗ ନେଇ ନିଜ ୫ବର୍ଷର ପୁଅ ସହ ଗୋପାଳପୁର ଥାନାକୁ ଆସିଥିଲେ। ହେଲେ ପୋଲିସ ତାଙ୍କ କଥା ନ ଶୁଣିବାରୁ ସେ ଏଭଳି ଚରମ ପଦକ୍ଷେପ ନେଇଥିଲେ। ସେହିପରି ଚମାଖଣ୍ଡି ଥାନାରେ ଅଟକ ଥିବା ସିଏଚ ତ୍ରିଲୋଚନ ରେଡ୍ଡୀ(୨୧) ନାମକ ଜଣେ ଯୁବକ ଗତ ସେପ୍ଟେମ୍ବର ୩୦ ବିଳମ୍ବିତ ରାତିରେ ଥାନା ପରିସରରେ ଥିବା ପାଇଖାନାରେ ଆତ୍ମହତ୍ୟା କରିଥିଲେ। ପୋଲିସର ହୁଗୁଳା ସୁରକ୍ଷା ବ୍ୟବସ୍ଥା ଯୋଗୁ କିଏ ଦାୟୀ ବୋଲି ସାଧାରଣରେ ପ୍ରଶ୍ନ ସୃଷ୍ଟି ହେଉଛି।

କଟକ ଜିଲା କିଶନନଗର ଥାନା ଅଞ୍ଚଳର ଗୁଣନିଧି ବିଶୋୟୀ ଜମିବାଡ଼ି ବିବାଦରେ ଅତିଷ୍ଠ ହୋଇ ନ୍ୟାୟ ଆଶାରେ ପୋଲିସ ପାଖକୁ ଯାଇଥିଲେ। ହେଲେ ପୋଲିସ ତାଙ୍କ କଥା ଶୁଣି ନ ଥିଲା। ଗତ ଜୁନ ୨୩ରେ ଥାନା ପରିସରରେ ଗୁଣନିଧି ନିଜ ଶରୀରରେ କିରୋସିନ ଢାଳି ନିଆଁ ଲଗାଇ ଦେଇଥିଲେ। ଏହା ପରଦିନ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା। ଭଦ୍ରକ ଜିଲା ଟାଉନ ଥାନା ଅନ୍ତର୍ଗତ ଗବସାହିରେ ଗୃହଦାହ ଅଭିଯୋଗରେ ପୋଲିସ ଜଣେ ଯୁବକଙ୍କୁ ଗିରଫ କରିଥିଲା। ପ୍ରତିବାଦସ୍ୱରୂପ ପରିବାର ପକ୍ଷରୁ ଥାନା ଓ ଏସ୍‌ପି ଅଫିସ ସାମ୍ନାରେ ଧାରଣା ଦିଆଯାଇଥିଲା। ଏପରି କି ୨୦୨୨ ମେ ୧୩ରେ ଏସ୍‌ପି ଅଫିସ ସମ୍ମୁଖରେ ପରିବାର ଲୋକେ ପେଟ୍ରୋଲ ଢାଳି ଆତ୍ମାହୁତି ଉଦ୍ୟମ କରିଥିଲେ। ଅନ୍ୟ ଏକ ଘଟଣାକ୍ରମରେ ଜଣେ ଅପହୃତା ନାବାଳିକା ଝିଅକୁ ଉଦ୍ଧାର ପାଇଁ ମା' କେନ୍ଦୁଝର ଟାଉନ ଥାନାରେ ଅଭିଯୋଗ କରିଥିଲେ ମଧ୍ୟ ପୋଲିସ ଗୁରୁତ୍ୱ ଦେଇ ନ ଥିଲା। ପୋଲିସ କାର୍ଯ୍ୟାନୁଷ୍ଠାନରେ ଅସନ୍ତୁଷ୍ଟ ହୋଇ ଶେଷରେ ମହିଳା ଜଣକ ଜୁନ ୧୭ରେ ଏସ୍‌ପିଙ୍କ କାର୍ଯ୍ୟାଳୟ ପରିସରରେ କିରୋସିନ ଢାଳିହୋଇ ଆତ୍ମାହୁତି ଉଦ୍ୟମ କରିଥିଲେ। ସେହିପରି ମାଲ୍‌କାନଗିରିରେ ଜଣେ ମହିଳା ପାରିବାରିକ ନିର୍ଯ୍ୟାତନା ସହି ନ ପାରି ଥାନାରେ ଅଭିଯୋଗ କରିଥିଲେ। ବାରମ୍ବାର ଥାନାକୁ ଦୌଡ଼ିବା ପରେ ମଧ୍ୟ ପୋଲିସ କିଛି ନ ଶୁଣିବାରୁ ମେ ୧୯ତାରିଖରେ ମାଲକାନଗିରି ଥାନା ପରିସରରେ ଦେହରେ କିରୋସିନ ଢାଳି ଆତ୍ମହତ୍ୟା ଉଦ୍ୟମ କରିଥିଲେ। ଅନ୍ୟଏକ ଘଟଣାରେ ଶ୍ୱଶୁର ଘର ଲୋକଙ୍କ ନିର୍ଯ୍ୟାତନା ସହି ନ ପାରି ବାଲେଶ୍ୱର ଜିଲା ସିଂଲା ପୋଲିସଠାରୁ ନ୍ୟାୟ ନ ପାଇ ମା' ଓ ଝିଅ ଜୁଲାଇ ୧୫ରେ ବିଧାନସଭା ସମ୍ମୁଖରେ କିରୋସିନ ଢାଳି ଆତ୍ମାହୁତି ଉଦ୍ୟମ କରିଥିଲେ। ସେହିପରି ଗତ ୧୮ ତାରିଖରେ ଅନୁଗୋଳର ଜଣେ ମହିଳା ଥାନାରୁ ନ୍ୟାୟ ନ ପାଇ ଆତ୍ମହତ୍ୟା କରିବାକୁ ବିଧାନସଭା ପରିସରକୁ ପ୍ରବେଶ କଲାବେଳେ ପୋଲିସ ତାଙ୍କୁ ପୋଲିସ ଉଦ୍ଧାର କରିଥିଲା। ନ୍ୟାୟ ପାଇଁ ଗୁହାରି କରିବାକୁ ଯାଇ ବିଫଳ ହେବା ପରେ ଲୋକେ ଶେଷରେ ଆତ୍ମହତ୍ୟା ଭଳି ଚରମ ପଦକ୍ଷେପ ନେବାକୁ ଯାଉଥିବା ଯୋଗୁ ଏହା ସରକାର ଓ ପ୍ରଶାସନ ପାଇଁ ମୁଣ୍ଡବ୍ୟଥାର କାରଣ ପାଲଟିଛି। ଏହି ସମସ୍ତ ଘଟଣା ଅତ୍ୟନ୍ତ ଚିନ୍ତାଜନକ ଏବଂ ଲୋକେ ପ୍ରଶାସନିକ କାର୍ଯ୍ୟକଳାପ ଉପରେ ବିମୁଖ ହେବାର କାରଣଗୁଡ଼ିକ ସୁଧାରିବାର ସମୟ ଆସିଛି ବୋଲି ବୁଦ୍ଧିଜୀବୀ ମହଲରେ ମତପ୍ରକାଶ ପାଇଛି।

ଦକ୍ଷିଣାଞ୍ଚଳ ରେଞ୍ଜ ଆଇଜିପି ସତ୍ୟବ୍ରତ ଭୋଇ ଥାନା ପରିସରରେ ଆତ୍ମହତ୍ୟା ପ୍ରସଙ୍ଗରେ କହିଛନ୍ତି, ପୋଲିସ ସମାଜରେ ଶାନ୍ତି ଶୃଙ୍ଖଳା ବଜାୟ ରଖିବା ସହ ଥାନାକୁ ଅଭିଯୋଗ ନେଇ ଆସୁଥିବା ପ୍ରତ୍ୟେକ ଲୋକଙ୍କୁ ନ୍ୟାୟ ପ୍ରଦାନ କରି ଆସୁଛି। ମୋ ସରକାର ବ୍ୟବସ୍ଥାରେ ଥାନାକୁ ଅଭିଯୋଗ କରିବାକୁ ଆସୁଥିବା ଲୋକମାନେ ଯଦି ଥାନାଧିକାରୀ କିମ୍ବା ପୋଲିସ ନିକଟରୁ ଠିକ ନ୍ୟାୟ ପାଇପାରୁ ନାହାନ୍ତି ବୋଲି ହୃଦ୍‌ବୋଧ କରୁଛନ୍ତି,ସେମାନେ ପୋଲିସ ବରିଷ୍ଠ ପଦାଧିକାରୀ ଓ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଅଭିଯୋଗ କରିବାର ବ୍ୟବସ୍ଥା ରହିଛି। ଅନ୍ୟପଟେ ଥାନାକୁ ବିଭିନ୍ନ ଅଭିଯୋଗରେ ଅଣାଯାଉଥିବା ଲୋକମାନଙ୍କ ବିରୋଧରେ ହୋଇଥିବା ଅଭିଯୋଗର ସତ୍ୟାସତ୍ୟ ଜାଣିବା ପାଇଁ ପୋଲିସ ଅନୁସନ୍ଧାନ କରୁଛି। ତେବେ ଥାନାକୁ ଅଭିଯୋଗ କରିବାକୁ ଆସୁଥିବା ଅଭିଯୋଗକାରୀ ହୁଅନ୍ତୁ ଅବା ପଚରାଉଚରା ପାଇଁ ଅଣାଯାଉଥିବା ଅଭିଯୁକ୍ତମାନେ ବେଳେବେଳେ ଅକାରଣରେ ନିଜର ମାନସିକ ଭାରସାମ୍ୟ ହରାଇ ଥାନା ପରିସରରେ ଆତ୍ମହତ୍ୟା କରୁଥିବା ଅନୁମାନ କରାଯାଉଛି। ଥାନାକୁ ନ୍ୟାୟ ପାଇଁ ଆସୁଥିବା ଜନସାଧାରଣ ପୋଲିସ ଉପରେ ଭରସା ରଖିବା ଉଚିତ ବୋଲି ସେ କହିଛନ୍ତି। ଥାନାକୁ ଆସୁଥିବା ଲୋକମାନଙ୍କୁ ପୋଲିସ ପକ୍ଷରୁ କାଉନ୍‌ସେଲିଂ କରାଯାଉଛି। ବେଳେବେଳେ ସେମାନଙ୍କ ମାନସିକ ସ୍ଥିତି ଜାଣିବା ପୋଲିସ ପକ୍ଷରୁ ସମ୍ଭବ ହୋଇପାରୁନି ବୋଲି ଭୋଇ କହିଛନ୍ତି।

ଖଲ୍ଲିକୋଟ କେଶପୁର ମହାବିଦ୍ୟାଳୟ ମନସ୍ତତ୍ତ୍ୱ ବିଭାଗ ପ୍ରାଧ୍ୟାପିକା ରାଜଲକ୍ଷ୍ମୀ ପଟ୍ଟନାୟକଙ୍କ ମତରେ ସମ୍ପ୍ରତି ଯୁବ ସମାଜ ସେମାନଙ୍କ ମାନସିକ ସ୍ଥିତିକୁ ସନ୍ତୁଳିତ ରଖି ପାରୁନାହାନ୍ତି। ବର୍ତ୍ତମାନ ଶିକ୍ଷା ଓ ପାରିପାର୍ଶ୍ୱିକ ସ୍ଥିତି ଅସନ୍ତୁଳିତ ହୋଇପଡ଼ିଛି। ସାମାଜିକ ଚଳଣି ଭିତରେ ମୂଲ୍ୟବୋଧ ଶିକ୍ଷା ଓ ନୈତିକ ଶିକ୍ଷାର ଘୋର ଅଭାବ ପରିଲକ୍ଷିତ ହେଉଛି। ଫଳରେ ଯୁବକମାନେ ଅନେକ ସମୟରେ ଆତ୍ମହତ୍ୟା କରିବାକୁ ପଛାଉ ନାହାନ୍ତି। ଅନ୍ୟପଟେ ପୋଲିସ ସଂସ୍କାରଭିତ୍ତିକ ପଦକ୍ଷେପ ନେବା ଉଚିତ। ବିଭିନ୍ନ ସମୟରେ ଥାନାକୁ ଆସୁଥିବା ଲୋକମାନେ ବେଳେବେଳେ ଦୋଷ ନ କରି ଦୋଷୀ ହେଉଛନ୍ତି। ଗୋଟିଏ ଛୋଟ ସମସ୍ୟାର ବଡ଼ ସମାଧାନ/ଆକସ୍ମିକ ସମାଧାନ ଭାବି ସାମାଜିକ ଭୟ, ସମ୍ମାନ ଓ ଆତ୍ମସମ୍ମାନରେ ବାଧା ଯୋଗୁ ସେମାନେ ଆତ୍ମହତ୍ୟା କରୁଛନ୍ତି, ତାହା ବାସ୍ତବରେ ଠିକ୍ ନୁହେଁ। ବେଳେବେଳେ ପୋଲିସ ଚାପରେ ରହି ଜଣେ ନିରୀହକୁ ଥାନାକୁ ଆଣି ମାତ୍ରାଧିକ ଦୁର୍ବ୍ୟବହାର ଦେଉଥିବା ଯୋଗୁ ଏଭଳି ଆତ୍ମହତ୍ୟା ଭଳି ଘଟଣା ବଢ଼ିବାରେ ଲାଗିଛି ବୋଲି ପଟ୍ଟନାୟକ କହିଛନ୍ତି।

ପୂର୍ବତନ ପୋଲିସ ଡିଜି ଗୋପାଳ ଚନ୍ଦ୍ର ନନ୍ଦ କହିଛନ୍ତି, ଏହି ଘଟଣା ପାଇଁ ପୋଲିସର ଅବହେଳା ବୋଲି କହିବି ନାହିଁ। ପୋଲିସକୁ ଯେଉଁ ଦାୟିତ୍ୱ ଦିଆଯାଇଛି କ୍ରମଶଃ ତାହା ଅଧିକରୁ ଅଧିକ ହେଉଛି। ସେହି ଅନୁସାରେ ପୋଲିସ ବ୍ୟବସ୍ଥାରେ ଭିତ୍ତିଭୂମି ଏବଂ ମାନବ ସମ୍ବଳକୁ କରାଯାଇନାହିଁ। ବର୍ତ୍ତମାନ ମାମଲା ସଂଖ୍ୟା ବୃଦ୍ଧି ପାଉଛି। ଯଦି ସେହି ଅନୁସାରେ ତଦନ୍ତ ନ ହେବ, ତାହାଲେ ଏଭଳି ଘଟଣା ଘଟିବ। ତଦନ୍ତକୁ ଯେତିକି ସମୟ ଦରକାର ଅଧିକାରୀମାନେ ସେହି ଅନୁସାରେ ଦେଇପାରୁ ନାହାନ୍ତି। ମାନବସମ୍ବଳ ଅଧିକ ଥିବା ହେତୁ ସିବିଆଇ ଏବଂ ଭିଜିଲାନ୍ସର ସଫଳତା ପ୍ରତିଶତ ଅଧିକ। ଏ ବିଷୟରେ ଉଚ୍ଚସ୍ତରରେ ଆଲୋଚନା ହେବା ଦରକାର। କେଉଁ ଥାନାକୁ କେତେ ପୋଲିସ କର୍ମଚାରୀ ଦରକାର। କେତେ ମାନବ ସମ୍ବଳ ଦେଲେ ତଦନ୍ତରେ ସ୍ୱଚ୍ଛତା ଆସିବ, ଏହି ସମସ୍ୟାକୁ ଅଧିକ ଧ୍ୟାନ ଦେଲେ ଏଭଳି ଘଟଣା ଘଟିବ ନାହିଁ ବୋଲି ନନ୍ଦ କହିଛନ୍ତି।

ମାନବାଧିକାରି କର୍ମୀ ପ୍ରଦୀପ ନାୟକ କହିଛନ୍ତି, ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ଅନୁଯାୟୀ, ପୋଲିସ ରିଫର୍ମ କମିଶନ ବସିଥିଲା। ଆଇନ ଶୃଙ୍ଖଳା ଏବଂ ତଦନ୍ତକୁ ଅଲଗା କରି ୨ଟି ଉଇଙ୍ଗ କରିବାକୁ ଉକ୍ତ କମିଶନ ପରାମର୍ଶ ଦେଇଥିଲା। ହେଲେ ସରକାର ଏପର୍ଯ୍ୟନ୍ତ ଏଦିଗରେ ଦୃଷ୍ଟି ଦେଇନାହାନ୍ତି। ଫଳରେ ଅଧିକାଂଶ ପୋଲିସ ଅଧିକାରୀ ବିଭିନ୍ନ ସ୍ଥାନରେ ଚାପରେ ରହି ସାଧାରଣ ଲୋକଙ୍କୁ ଦୁର୍ବ୍ୟବହାର କରୁଛନ୍ତି। ସବୁ ପୋଲିସ ଅଧିକାରୀ ଏଭଳି ନୁହନ୍ତି। ହେଲେ କିଛି ପୋଲିସ ଅଧିକାରୀ ତଦନ୍ତରେ ହେଳା କରି ଲୋକଙ୍କୁ ଦୁର୍ବ୍ୟବହାର କରିବା ଯୋଗୁଁ ଏଭଳି ଘଟଣା କମୁନାହିଁ। ପୋଲିସ ବିଭାଗରେ କର୍ମଚାରୀ ଅଭାବ ମଧ୍ୟ ଏହାର ଏକ ପ୍ରମୁଖ କାରଣ। ସହରାଞ୍ଚଳରେ ପୋଲିସର ତଦନ୍ତ ଏବଂ ବ୍ୟବହାର କିଛିଅଂଶରେ ଭଲି ରହୁଥିବା ବେଳେ ଗ୍ରାମାଞ୍ଚଳରେ ଏହା ହେଉନାହିଁ। ଅନେକ ସ୍ଥାନରେ ରାଜନୈତିକ ହସ୍ତକ୍ଷେପ କରାଯାଉଥିବାରୁ ମଧ୍ୟ ପୋଲିସ ଅଭିଯୋଗକାରୀଙ୍କୁ ପକ୍ଷପାତିତା କରୁଛି। ପୋଲିସ ବିଲ୍ଡିଂକୁ ୫-ଟିରେ ଅନ୍ତର୍ଭୁକ୍ତ କରାଯାଇଥିବା ବେଳେ ଏହା କେବଳ ନାମକୁ ମାତ୍ର। ଉପରିସ୍ଥ ସରକାରୀସ୍ତରରେ ଏଥିପ୍ରତି ଦୃଷ୍ଟି ଦେଲେ ଏଭଳି ଘଟଣାର ମାତ୍ରା କମିପାରିବ ବୋଲି ପ୍ରଦୀପ କହିଛନ୍ତି। ସାଧାରଣ ନାଗରିକ ଉତ୍କଳ କେଶରୀ ସାମଲ କହିଛନ୍ତି, ଅଧିକାଂଶ ଥାନାରେ ଏବେବି ଅଭିଯୋଗକାରୀଙ୍କ କଥାକୁ ଗୁରୁତ୍ୱ ଦିଆଯାଉନାହିଁ। ଟଙ୍କା ନେଇ ପୋଲିସ କାମ କରୁଥିବା ଦେଖାଯାଉଛି। ଉପରସ୍ତରରୁ ପ୍ରତି ଥାନା ଅଧିକାରୀଙ୍କୁ ଏ ଦିଗରେ ସଚେତନ କରାଯିବା ଦରକାର ବୋଲି ସେ କହିଛନ୍ତି।

**ପ୍ରଥମ ପୃଷ୍ଠାରୁ...**

## ପଦ୍ମପୁରକୁ ମିଳିବ ...

କମିଶନ ନିଜଆଡ୍ରୁ ଏ ନେଇ ମାମଲା ରୁଜୁ କରିବା କଥା। ସବୁ ଜାଣି ନିର୍ବାଚନ କମିଶନ ଚୁପ୍ ରହିବା କେତେଦୂର ଯଥାର୍ଥ ବୋଲି କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ର କହିଛନ୍ତି। ଅନ୍ୟପକ୍ଷରେ ବିରୋଧୀ ଦଳ ନେତା ଜୟନାରାୟଣ ମିଶ୍ର କହିଛନ୍ତି ଯେ ମୁଖ୍ୟମନ୍ତ୍ରୀ ସବୁବେଳେ ପଶ୍ଚିମ ଓଡ଼ିଶା ଲୋକଙ୍କୁ ମିଛ କୁହନ୍ତି। ପଶ୍ଚିମ ଓଡ଼ିଶାରେ ହାଇକୋର୍ଟ ବେଞ୍ଚ ପ୍ରତିଷ୍ଠା ନେଇ ମୁଖ୍ୟମନ୍ତ୍ରୀଙ୍କର ପ୍ରତିଶ୍ରୁତି କୁଆଡ଼େ ଗଲା। ପଦ୍ମପୁରକୁ ଜିଲା ଘୋଷଣା ଦାବି ଅନେକ ବର୍ଷର ପୁରୁଣା। ଏନେଇ ଭାଜପା ମଧ୍ୟ ଅନେକ ଦିନ ଧରି ଆନ୍ଦୋଳନରେ ସାମିଲ ଅଛି। ହଠାତ୍ ପଦ୍ମପୁର ଉପନିର୍ବାଚନକୁ ଦେଖି ଜିଲା କ୍ରିୟାନୁଷ୍ଠାନ କମିଟିକୁ ମୁଖ୍ୟମନ୍ତ୍ରୀ ପ୍ରତିଶ୍ରୁତି ଦେବା ଏକ ଛଳନା। ଯେଉଁ ରାଜ୍ୟ ସରକାର ପଦ୍ମପୁରକୁ ସବ୍‌ଡିଭିଜନ ଘୋଷଣା କରିବା ପାଇଁ ରାଜି ନ ଥିଲେ ଆଜି ଜିଲା ଘୋଷଣା କଥା କହି ପଦ୍ମପୁରବାସୀଙ୍କୁ କେବଳ ଛଳନା ଓ ପ୍ରତାରଣା କରୁଛନ୍ତି ବୋଲି ସେ କହିଛନ୍ତି।

## ୧୦୦ କୋଟି ଯୁବପିଢ଼ି ...

ଶ୍ରବଣଜନିତ ଭୟାବହତା ଦୂର କରିବା ପାଇଁ ଅତିକମ୍ ସମୟ ଓ କମ୍ ଭଲ୍ୟୁମ୍‌ରେ ହେଡ୍‌ଫୋନ୍ ବା ମୋବାଇଲ୍ ବ୍ୟବହାର ଜରୁରୀ ବୋଲି ସାଉଥ୍ କାରୋଲିନାର ମେଡିକାଲ ୟୁନିଭର୍ସିଟି ଅଡିଓଲୋଜିଷ୍ଟ ଲରେନ ଡିଲାର୍ଡ କହିଛନ୍ତି। ଭବିଷ୍ୟତରେ ହେବାକୁ ଥିବା ଶ୍ରବଣଶକ୍ତି ଜନିତ ବ୍ୟତିକ୍ରମ ଦୂର କରିବା ଲାଗି ବିଭିନ୍ନ ଦେଶର ସରକାର ମ୍ୟୁଜିକାଲ ପାର୍ଟି, ପବ୍, କନସର୍ଟ ଆଦିରେ ବ୍ୟବହାର କରାଯାଉଥିବା ଉଚ୍ଚ ଶବ୍ଦଯୁକ୍ତ ସଙ୍ଗୀତରେ ନିୟନ୍ତ୍ରଣ ଲଗାଇବା ଜରୁରୀ।

## କୋଟିପତି ସହକାରୀ ନିର୍ବାହୀ ...

ଏହି ଘଟଣାରେ ଅଧିକ ତଦନ୍ତ କରାଯାଉଥିବା ଭିଜିଲାନ୍ସ ପକ୍ଷରୁ କୁହାଯାଇଛି। ସୂଚନାଯୋଗ୍ୟ, ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗ ପରେ ଭିଜିଲାନ୍ସ ପକ୍ଷରୁ ସୋମବାର ରବିନାରାୟଣଙ୍କ ଘର ସମେତ ମୟୂରଭଞ୍ଜ, କେନ୍ଦ୍ରାପଡ଼ା, ଖୋର୍ଦ୍ଧାର ୮ ସ୍ଥାନରେ ଏକକାଳୀନ ଚଢ଼ାଉ କରାଯାଇଥିଲା। ଯାଞ୍ଚରୁ ଭୁବନେଶ୍ୱର ଆଇଗିଣିଆରେ ୩ ମହଲା କୋଠା, ପାତ୍ରପଡ଼ା 'ବ୍ଲୁ ହ୍ୱିଲ୍' ଆପାର୍ଟମେଣ୍ଟର ଫ୍ଲାଟ୍ ସହ ଭୁବନେଶ୍ୱରର ପ୍ରମୁଖ ଅଞ୍ଚଳରେ ୫ ଫ୍ଲାଟ, କଟକରେ ୨ଟି ଓ କେନ୍ଦ୍ରାପଡ଼ାରେ ୫ ସମେତ ମୋଟ ୧୨ଟି ଫ୍ଲାଟ ମଧ୍ୟ ଠାବ ହୋଇଥିଲା। ଏଥିସହ ନଗଦ ୨୮.୯ ଲକ୍ଷ ଟଙ୍କା, ୨.୩ କେଜିର ସୁନା ଅଳଙ୍କାର, ୪ଟି ଚାରିଚକିଆ ଯାନ, ୩ଟି ବାଇକ, ୨୪ ଲକ୍ଷ ଟଙ୍କାର ଘରୋଇ ଉପକରଣ ଏବଂ ୧.୨୦ କୋଟି ଟଙ୍କାର ବ୍ୟାଙ୍କ ଓ ଜୀବନବୀମା ଜମା ମିଳିଥିଲା। ସେହିପରି ବିଭିନ୍ନ ବ୍ୟାଙ୍କରେ ଏକାଧିକ କ୍ରେଡିଟ୍ କାର୍ଡ ଦ୍ୱାରା ରବିନାରାୟଣଙ୍କ ପୁଅ ସୌମିତ ପଣ୍ଡା ୧ କୋଟିର ନେଣଦେଣ କରିଥିବା ମଧ୍ୟ ଭିଜିଲାନ୍ସ ପକ୍ଷରୁ କୁହାଯାଇଛି। ଏହି ଚଢ଼ାଉରେ ଭିଜିଲାନ୍ସର ଜଣେ ଅତିରିକ୍ତ ଏସ୍‌ପିଙ୍କ ନେତୃତ୍ୱରେ ୮ଜଣ ଡିଏସ୍‌ପି, ୫ଜଣ ଇନ୍ସପେକ୍ଟର, ଜଣେ ଏସ୍‌ଆଇ, ୧୧ ଏଏସ୍‌ଆଇ ଏବଂ ଅନ୍ୟ କର୍ମଚାରୀ ନିୟୋଜିତ ଥିଲେ।


ରବିନାରାୟଣ ପଣ୍ଡା

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୬୪,୧୨,୩୮,୦୬୩ | ୬୬,୧୮,୬୬୪ | ୬୨,୦୮,୫୯,୩୪୧ |
| ଭାରତ | ୪,୪୬,୬୭,୭୪୪ | ୫,୩୦,୫୩୫ | ୪,୪୧,୨୮,୫୮୦ |
| ଓଡ଼ିଶା | ୧୩,୩୬,୩୫୯ | ୯୨୦୪(+୫୩) | ୧୩,୨୭,୦୧୭ |

ବୁଧବାର ରାତି ୧୦ଟା ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର

## କ୍ଲାଇମେଟ୍ ଚେଞ୍ଜ: ଦି ପାୱାର ଅଫ୍ ୟୁଥ୍

# ବହି ଲେଖି ପରିବେଶକୁ ଦାନ

**ଜଳବାୟୁପରିବର୍ତ୍ତନ ସାରା ବିଶ୍ୱ ପାଇଁ ଆହ୍ୱାନ ସୃଷ୍ଟି କରିଥିବାବେଳେ ଯୁବପିଢ଼ି କିପରି ଏ ଦିଗରେ ସଚେତନ ହେବେ ସେଥିପାଇଁ 'ଧରିତ୍ରୀ' ଆୟୋଜନ କରୁଛି 'ଯୁବ ସମ୍ମିଳନୀ' ବା 'ୟୁଥ୍ କନ୍‌କ୍ଲେଭ୍-୨୦୨୨'। ନଭେମ୍ବର ୨୪ ତାରିଖ 'ଧରିତ୍ରୀ'ର ଜନ୍ମବାର୍ଷିକୀ ପାଳନ ଅବସରରେ ଆୟୋଜନ ହେବାକୁ ଥିବା ଏହି ଯୁବ ସମ୍ମିଳନୀରେ ରାଜ୍ୟ ତଥା ଦେଶର ବିଭିନ୍ନ ପ୍ରାନ୍ତରରୁ ଯୁବ ପରିବେଶବିତ୍‌ମାନେ ଯୋଗଦେବେ। ଏଥିସହିତ ରାଜ୍ୟର ବହୁ ଶିକ୍ଷାନୁଷ୍ଠାନରୁ ଯୁବବକ୍ତା ଅଂଶଗ୍ରହଣ କରି ସେମାନଙ୍କ ସୁଚିନ୍ତିତ ମତାମତ ଦେବେ। ଯୁବ ପରିବେଶବିତ୍‌ଙ୍କ ସମ୍ପର୍କରେ...**

DHARITRI YOUTH CONCLAVE 2022 CLIMATE CHANGE: THE POWER OF YOUTH

**ସାଗର ପ୍ରଧାନ**

'ଧରିତ୍ରୀ' ପକ୍ଷରୁ ଆସନ୍ତା ୨୪ତାରିଖରେ 'ଯୁବ ସମ୍ମିଳନୀ' ବା 'ୟୁଥ୍ କନ୍‌କ୍ଲେଭ୍'-୨୦୨୨ ଆୟୋଜନ ହେବାକୁ ଯାଉଛି। ଏହି ଯୁବ ସମ୍ମିଳନୀରେ ରାଜ୍ୟ ତଥା ଦେଶର ବିଭିନ୍ନ ପ୍ରାନ୍ତରୁ ଯୁବ ପରିବେଶବିତ୍‌ମାନେ ଯୋଗଦେବେ। ସେମାନଙ୍କ ମଧ୍ୟରେ ରହିଛନ୍ତି ଓଡ଼ିଶାର ଉଦୀୟମାନ ଯୁବ ଲେଖକ ତଥା ଗବେଷକ ସାଗର ପ୍ରଧାନ। ସାଗର ପୁସ୍ତକ ରଚନା କରି ସଂଗୃହୀତ ଅର୍ଥକୁ ପରିବେଶ ସୁରକ୍ଷା ଦିଗରେ ଲଗାଉଛନ୍ତି, ଯାହାକି ବହୁ ଯୁବପିଢ଼ିଙ୍କ ପାଇଁ ସେ ଆଦର୍ଶ ହୋଇପାରିଛନ୍ତି। ପେସାରେ ଜଣେ ସଫ୍ଟୱେର ଇଞ୍ଜିନିୟର। କିନ୍ତୁ ନିଶା ହେଉଛି ପୁସ୍ତକ ରଚନା ଏବଂ ପରିବେଶ ସୁରକ୍ଷା କରିବା। ୩୧ବର୍ଷୀୟ କେନ୍ଦ୍ରାପଡ଼ାର ସାଗର ପ୍ରଧାନଙ୍କୁ ପରିବେଶ ସୁରକ୍ଷା ଦିଗରେ ଉଲ୍ଲେଖନୀୟ ଅବଦାନ ପାଇଁ ମିଳିତ ଜାତିସଂଘ ପକ୍ଷରୁ ୨୦୨୧ରେ 'ବିଶ୍ୱ ପରିବେଶ ଦିବସ ହିରୋ-୨୦୨୦' ଭାବେ ସମ୍ମାନିତ କରାଯାଇଛି। ଏହାପୂର୍ବରୁ ୨୦୧୯ରେ ଓଡ଼ିଶା ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ତାଙ୍କୁ ସମ୍ମାନିତ କରିଥିଲେ। ଏଥିସହ ସେ ବହୁ ସମ୍ମାନରେ ସମ୍ମାନିତ ହୋଇଛନ୍ତି। ଏହି ପ୍ରତିଭା ପାଇଁ ସେ ଇଣ୍ଡିଆ ବୁକ୍ ଅଫ୍ ରେକର୍ଡସ ୨୦୨୨ରେ ବି ସ୍ଥାନ ପାଇଛନ୍ତି।

ସାଗର ବାଙ୍ଗାଲୋରର ଏକ କମ୍ପାନୀରେ ସଫ୍ଟୱେର ଇଞ୍ଜିନିୟର ଭାବେ କାର୍ଯ୍ୟରତ। ଛୋଟ ବେଳରୁ ପୁସ୍ତକ ରଚନା କରିବାର ସ୍ୱପ୍ନ ଥିବାରୁ ଧୀରେ ଧୀରେ ଲେଖିବା ଆରମ୍ଭ କରିଥିଲେ। ବିଶେଷକରି ପ୍ରଯୁକ୍ତି ବିଦ୍ୟା ସମ୍ବନ୍ଧୀୟ ପୁସ୍ତକ ରଚନା କରୁଛନ୍ତି। ଇଣ୍ଟରନେଟ୍ ଅଫ୍ ଥିଙ୍ଗସ, ଜାଭା ପ୍ରୋଗ୍ରାମିଂ, ବେସିକ ଜାଭା ବୁକ୍, ଇ-କର୍ମସ ଭଳି ପୁସ୍ତକ ରଚନା କରିଛନ୍ତି।



ସାଗର ଏହାରି ଭିତରେ ୭ଟି ପୁସ୍ତକ, ୨୮ଟି ଅନୁସନ୍ଧାନ ଆଲେଖ୍ୟ ସହ ଅନେକ କ୍ଷୁଦ୍ର ଗଳ୍ପ ସଙ୍କଳ୍ପ ମଧ୍ୟ ରଚନା କରିଛନ୍ତି। ତାଙ୍କ ରଚିତ ପୁସ୍ତକ କେବଳ ଭାରତ ନୁହେଁ, ବିଭିନ୍ନ ବୈଷୟିକ ଶିକ୍ଷାନୁଷ୍ଠାନରେ ପଢ଼ାଯାଉଛି। ବିଶ୍ୱବଜାରରେ ଏହି ପୁସ୍ତକ ଉପଲବ୍ଧ ହେଉଛି। ଏଥିରୁ ଯେଉଁ ରୟାଲ୍‌ଟି ପାଉଛନ୍ତି, ତାକୁ ନିଜେ ନ ରଖି ଏକ ମହତ କାର୍ଯ୍ୟରେ ନିୟୋଜିତ କରିବା ପାଇଁ ଚିନ୍ତା କରିଥିଲେ। ସାଗରଙ୍କ ମତରେ ବହି ରଚନା କଲେ ଆମେ ଯେଉଁ କାଗଜ ବ୍ୟବହାର କରୁଛେ, ତା' ପ୍ରତି ବଦଳରେ ଆମେ ପରିବେଶକୁ ଯଦି କିଛି ଦେବା ନାହିଁ, ତା'ହେଲେ ଆମ କାର୍ଯ୍ୟଧାରା ନିରର୍ଥକ ହୋଇଯିବ। ଗୋଟେ ପୁସ୍ତକ ରଚନାରେ ଯେମିତି ଜଣେ ଲେଖକ, ପ୍ରକାଶକଙ୍କ ଅବଦାନ ରହିଛି, ସେମିତି ଗୋଟେ ବୃକ୍ଷର ସବୁଠାରୁ ବଡ଼ ଅବଦାନ ରହୁଛି। କାରଣ ପୁସ୍ତକଟି କାଗଜରେ ଲେଖାଯାଉଛି ଏବଂ ସେହି କାଗଜ ପାଇଁ ଗୋଟେ ଗଛର ଜୀବନ ଯାଉଛି। ତେଣୁ ସେ ପୁସ୍ତକରୁ ଯେଉଁ ରୟାଲ୍‌ଟି ଆସୁଛି ତାକୁ ପରିବେଶ ସୁରକ୍ଷା ଦିଗରେ ନିୟୋଜିତ କରିବାକୁ ନିଷ୍ପତ୍ତି ନେଇଥିଲେ। ତେଣୁ ସେ ମିଳିତ ଜାତିସଂଘ ସହ ଯୋଡ଼ିହେଲେ। ତାଙ୍କ ପୁସ୍ତକ ଆଲେଖ୍ୟରୁ ଆସୁଥିବା ସମସ୍ତ ଅର୍ଥକୁ ସେ ମିଳିତ ଜାତିସଂଘ ଦ୍ୱାରା ପରିଚାଳିତ ପରିବେଶ ସୁରକ୍ଷା ସଂସ୍ଥାକୁ ଦାନ କରୁଛନ୍ତି। ଗତ ୧୦ବର୍ଷ ହେଲାଣି ସେ ଏଭଳି ଦାନ କରି ଆସୁଛନ୍ତି। ତାଙ୍କ ଅର୍ଥରେ ୧୦ହଜାରରୁ ଊର୍ଦ୍ଧ୍ୱ ବୃକ୍ଷରୋପଣ କରାଯାଇଥିବାବେଳେ ୧୨ଟି ଛୋଟ ହ୍ରଦର ପୁନରୁଦ୍ଧାର କରାଯାଇପାରିଛି। ଏ ନେଇ ସାଗର କୁହନ୍ତି, ପୁସ୍ତକ ରଚନା କିମ୍ବା କୌଣସି ଶିକ୍ଷାକୁ ନେଇ ମୋର ବ୍ୟବସାୟ କରିବାର ଉଦ୍ଦେଶ୍ୟ ନ ଥିଲା। ଏବେ ମଧ୍ୟ ନାହିଁ। ନିଜେ ପଢ଼ିବା ସମୟରେ ଭଲ ପ୍ରକାଶକଙ୍କ ପୁସ୍ତକ କିଣିବା ପାଇଁ ସାମର୍ଥ୍ୟ ନ ଥିବାରୁ ଜେରକ୍ସ କରି ଆଣି ପଢୁଥିଲି। ଯେହେତୁ ମୁଁ ଭଲ ନୋଟ୍ କରେ, ତେଣୁ ଭାବେ, ଯଦି ମୁଁ କେବେ ବହି ଲେଖିପାରନ୍ତି ତେବେ ଏହିଭଳି ପୁସ୍ତକକୁ କମ୍ ଟଙ୍କାରେ ବିକ୍ରି କରିପାରନ୍ତି। ଫଳରେ ବହୁ ପିଲା ଉପକୃତ ହୋଇପାରିବେ। ଯେତେବେଳେ ପୁସ୍ତକ ପ୍ରକାଶ ପାଇଲା ଏବଂ କିଛି ଅର୍ଥ ପାଇଲି, ସେତେବେଳେ ସେହି ଅର୍ଥକୁ କିପରି ପରିବେଶ ସୁରକ୍ଷା ଦିଗରେ ନିୟୋଜିତ କରିବି ତାହା ଚିନ୍ତା କଲି। ତେଣୁ ମିଳିତ ଜାତିସଂଘ ସହ ଯୋଡ଼ିହୋଇ ସେହି ଟଙ୍କାକୁ ପରିବେଶ ସୁରକ୍ଷା ଦିଗରେ ନିୟୋଜିତ କରିବା ପାଇଁ ନିଷ୍ପତ୍ତି ନେଲି। ତେବେ ୨୦୧୪ରେ ପ୍ରଥମ ପୁସ୍ତକ 'ଜାଭା' ପ୍ରକାଶ ପାଇଥିଲା। ତାହା ଅଳ୍ପ ଲୋକପ୍ରିୟ ହୋଇଥିଲା। କିନ୍ତୁ ୨୦୧୮ରେ ଦ୍ୱିତୀୟ ପୁସ୍ତକ 'ଇଣ୍ଟରନେଟ୍ ଅଫ୍ ଥିଙ୍ଗସ' ମୋତେ ପରିଚୟ ଦେଇଥିଲା।

# 'ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର' ଯୋଜନା ଶୁଭାରମ୍ଭ




ରାଜ୍ୟସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି'ର ଉଦ୍‌ଯାପନୀ ଉତ୍ସବରେ ଛାତ୍ରୀଛାତ୍ରଙ୍କ ଗହଣରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ।

**ସରିଲା ରାଜ୍ୟସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି'**

- ବର୍ଷକୁ ୫୦ ହଜାର ଛାତ୍ରୀଛାତ୍ର ପାଇବେ ପୁରସ୍କାର
- ଶିକ୍ଷାରେ ଉତ୍କର୍ଷ ପାଇଁ ୧୦୦ କୋଟି ଟଙ୍କାର ପୁରସ୍କାର ଘୋଷଣା
- ବୋର୍ଡ ପାଇଁ ଡିଜି ଲକର ବ୍ୟବସ୍ଥା ଉଦ୍‌ଘାଟନ କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୧୬।୧୧(ବ୍ୟୁରୋ)

୫-ଟି ରୂପାନ୍ତରିତ ସ୍କୁଲ ତଥା ଅନ୍ୟ ସ୍କୁଲଗୁଡ଼ିକ ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବୁଧବାର 'ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର' ଯୋଜନାର ଶୁଭାରମ୍ଭ କରିଛନ୍ତି। ଶିକ୍ଷା କ୍ଷେତ୍ରରେ ଉତ୍କର୍ଷ ଲାଗି ପ୍ରତିବର୍ଷ ୧୦୦ କୋଟି ଟଙ୍କାର ପୁରସ୍କାର ମିଳିବ। ୫୦ ହଜାର ଛାତ୍ରୀଛାତ୍ର, ୧୫୦୦ ପ୍ରଧାନ ଶିକ୍ଷକ, ଶିକ୍ଷୟିତ୍ରୀଶିକ୍ଷକ, ସ୍କୁଲ ପରିଚାଳନା କମିଟି, ସରପଞ୍ଚ ଏବଂ ପୁରାତନ ଛାତ୍ରଙ୍କୁ ବ୍ଲକ୍, ଜିଲା ଓ ରାଜ୍ୟସ୍ତରରେ ଏହି ପୁରସ୍କାର ପ୍ରଦାନ କରାଯିବ। ୟୁନିଟ୍-୯ସ୍ଥିତ ସରକାରୀ ବାଳକ ଉଚ୍ଚବିଦ୍ୟାଳୟରେ ରାଜ୍ୟସ୍ତରୀୟ ଶିଶୁ ଦିବସ ମହୋତ୍ସବର ଉଦ୍‌ଯାପନୀ ସମାରୋହରେ ମୁଖ୍ୟମନ୍ତ୍ରୀ ପଟ୍ଟନାୟକ ଏହି ଘୋଷଣା କରିଛନ୍ତି। ଏଥିସହ ମୁଖ୍ୟମନ୍ତ୍ରୀ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଓ ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ପାଇଁ ଭର୍ଚୁଆଲ ଡିଜି ଲକର ବ୍ୟବସ୍ଥାର ମଧ୍ୟ ଶୁଭାରମ୍ଭ କରିଛନ୍ତି। ଏଥିରେ ଛାତ୍ରୀଛାତ୍ରଙ୍କ ସାର୍ଟିଫିକେଟ୍, ମାର୍କଶିଟ୍ ଓ ଅନ୍ୟାନ୍ୟ ଡକ୍ୟୁମେଣ୍ଟ ସୁରକ୍ଷିତ ରହିପାରିବା ସହିତ ସୁବିଧାରେ ଉପଲବ୍ଧ ମଧ୍ୟ ହେବ। ଏଥିରେ ଚୋରି ବା ହଜିଯିବାର କୌଣସି ସମ୍ଭାବନା ରହିବ ନାହିଁ।

ସମାରୋହରେ ଛାତ୍ରୀଛାତ୍ରଙ୍କୁ ଉଦ୍‌ବୋଧନ ଦେଇ ମୁଖ୍ୟମନ୍ତ୍ରୀ ୩ଟି ଗୁରୁତ୍ୱପୂର୍ଣ୍ଣ ବିଷୟରେ ପରାମର୍ଶ ଦେଇଥିଲେ। ସେ କହିଥିଲେ, ଛାତ୍ରୀଛାତ୍ରଙ୍କ ପାଇଁ ସମୟ ହେଉଛି ଗୁରୁତ୍ୱପୂର୍ଣ୍ଣ। ଠିକ୍ ସମୟରେ ଠିକ୍ କାମ କଲେ, ପିଲାମାନେ ଆଗରେ ରହିପାରିବେ। ବର୍ତ୍ତମାନ ହେଉଛି ପିଲାଙ୍କ ଜ୍ଞାନ ଅର୍ଜନ କରିବାର ସମୟ। ପାଠ ସହିତ ଖେଳକୁଦ, ନାଚଗୀତ-ସବୁ କ୍ଷେତ୍ରରେ ଉତ୍କର୍ଷ ହାସଲ କରି ନିଜ ପାଇଁ ପରିଚୟ ସୃଷ୍ଟି କର। ପରିବର୍ତ୍ତନ ଅବଶ୍ୟମ୍ଭାବୀ। ତେଣୁ ସମୟ ସହ ତାଳ ଦେଇ ଆଗକୁ ବଢ଼ିବାକୁ ହେବ ଓ ପରିବର୍ତ୍ତନକୁ ଗ୍ରହଣ କରିବାକୁ ହେବ। ସମୟର ଆହ୍ୱାନକୁ ମୁକାବିଲା କରିବା ପାଇଁ ପ୍ରସ୍ତୁତ ହେବା ସହିତ ନିଜ ଭିତରେ ବୈଜ୍ଞାନିକ ମନୋବୃତ୍ତିର ବିକାଶ ପାଇଁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ। ପିଲାଙ୍କୁ ଦାୟିତ୍ୱବୋଧତା ସମ୍ପର୍କରେ ବୁଝାଇ ମୁଖ୍ୟମନ୍ତ୍ରୀ କହିଥିଲେ, ତୁମମାନଙ୍କ ଜୀବନ ଗଢ଼ିତୋଳିବାରେ ଯେଉଁମାନଙ୍କ ଅବଦାନ ରହିଛି, ଶିକ୍ଷକ, ପରିବାର, ଗୁରୁ, ନିଜ ଗାଁ ଓ ସ୍କୁଲ, ସେମାନଙ୍କ ପ୍ରତି ନିଜର ଦାୟିତ୍ୱ ଓ ସମ୍ମାନକୁ କେବେହେଲେ ଭୁଲନାହିଁ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ହାସଲ କରିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କାର ପ୍ରଦାନ କରିବା ସହିତ ଏକ କଫି ଟେବୁଲ ପୁସ୍ତକ, ମାଗାଜିନ ଓ ମୋ ସ୍କୁଲ ନ୍ୟୁଜ୍ ଲେଟର ଉନ୍ମୋଚନ କରିଥିଲେ।

ବିଜ୍ଞାନ ଓ ପ୍ରଯୁକ୍ତି ମନ୍ତ୍ରୀ ଅଶୋକ ପଣ୍ଡା, ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ, ବିଧାୟକ ଅନନ୍ତ ନାରାୟଣ ଜେନା, ସୁଶାନ୍ତ ରାଉତ ପ୍ରମୁଖ ଉପସ୍ଥିତ ରହି ଗୁରୁ, ଶିକ୍ଷାନୁଷ୍ଠାନ ଓ ପାଠପଢ଼ା ଆଦି ସଂକ୍ରାନ୍ତରେ ପିଲାଙ୍କୁ ପରାମର୍ଶ ଦେବା ସହ ଉତ୍ସାହିତ କରିଥିଲେ। ୫-ଟି ସଚିବ ଭି.କେ. ପାଣ୍ଡିଆନ ଉପସ୍ଥିତ ଥିବାବେଳେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର କମିଶନର ଅଶ୍ୱଥି ଏସ୍ ସ୍ୱାଗତ ଭାଷଣ ଓ ଓସେପା ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ ଅନୁପମ ସାହା ଧନ୍ୟବାଦ ଦେଇଥିଲେ।










E-book today at www.marutisuzuki.com or visit your nearest Maruti Suzuki dealership | All Maruti Suzuki vehicles now available under CSD & CPC | For bulk orders, mail at: soupayan.kar@maruti.co.in

**SKY AUTOMOBILES**
BHUBANESWAR: PATIA: 7381045356. CUTTACK: 9776677771, 7381873818, DHENKANAL: 7381045357. NARSINGHPUR: 7381045357. KAMAKHYANAGAR: 7381045357. JAJPUR: 9776900777. SALEPUR: 9583544555. CHANDIKHOL : 9583544555. TANGI: 7381045356.

**TUSHI MOTORS**
CUTTACK: 9078076450. PANIKOILI: 9078076450. ATHAGARH: 9078076450.

**ODYSSEY MOTORS**
ANGUL: 7752076136, 9776901481. PALLAHARA: 7873565435, 9437831123.

**JYOTE MOTORS**
BHUBANESWAR: LEWIS ROAD: 9798190190. NAYAPALLI: 9798190190. KEONJHAR: 9798190190. NAYAGARH: 9798190190. BALUGAON: 9798190190. ANANDPUR: 9798190190. KENDRAPARA: 9798190190. BALASORE: 9798190190. BHADRAK: 9798190190. BARIPADA: 9798190190. UDALA: 7064499950. RAIRANGPUR: 9853446906. JALESWAR: 7064499950. BASUDEVPUR: 9798190190.

**NARAYANI MOTORS**
BHUBANESHWAR: RASULGARH: 9583022019, 7440019592, 9583022013. JAGATSINGHPUR: 9583022090. PURI: 9583022035. NIMPARA: 7381094851. PARADEEP: 9583022034/ 48.

*Offer includes consumer offer, exchange bonus, institutional offer or rural offer, Gold voucher and spot booking offer (wherever applicable) on selected models/ variants. Above mentioned savings amount is the value of maximum savings on selected models. *Terms and conditions apply. Terms and conditions are subject to change without any prior notice. #As certified by Test agency under Rule 115(G) of CMVR 1989. This fuel efficiency is for AMT variant. For more details, please contact your nearest ARENA dealership. Features and accessories shown may not be part of standard fitment. Black Glass Shade on the vehicle is due to the lighting effect. Images used are for illustration purposes only. Car color may vary due to printing on paper. Offers vary across variants. Maruti Suzuki India Limited reserves the right to discontinue offers without notice. Above offers are valid till 30th November, 2022.

> ମଣିଷ ଗୋଟିଏ ମଧ୍ୟବର୍ତ୍ତିକାଳୀନ ଜୀବସତ୍ତା। ସେ କିନ୍ତୁ ସୃଷ୍ଟି ବିକାଶର ଶେଷ ପର୍ଯ୍ୟାୟ ନୁହେଁ। ମଣିଷଠାରୁ ଅତିମାନବ ଆଡ଼କୁ ପଦକ୍ଷେପ ନେବା ହେଉଛି ପୃଥିବୀ ବିବର୍ତ୍ତନର ଆଗାମୀ ସଫଳତା। ଏହା ଅପରିହାର୍ଯ୍ୟ। କାରଣ ଏହା ଏକାବେଳକେ ଅନ୍ତରାତ୍ମାର ଉଦ୍ଦେଶ୍ୟ ଓ ପ୍ରକୃତିର ପ୍ରକ୍ରିୟାର ଯୁକ୍ତିସଙ୍ଗତ କାରଣ। **–ଶ୍ରୀଅରବିନ୍ଦ**



# ଆଣବିକ ଶକ୍ତି ଉତ୍ପାଦନ ଧିମା



ଆଣ୍ଟୋନି ଫ୍ରୋଗାତ

ଜୀବାଶ୍ମ ଇନ୍ଧନ ଉପରେ ୟୁରୋପର ନିର୍ଭରଶୀଳତା ଅତ୍ୟନ୍ତ ବିପଜ୍ଜନକ ଓ ଏଭଳି ମନୋଭାବକୁ ରୁଷିଆର ୟୁକ୍ରେନ୍ ଆକ୍ରମଣ ଲୋକଲୋଚନକୁ ଆଣିଛି। ଠିକ୍ ସେହିଭଳି ଜୀବାଶ୍ମ ଇନ୍ଧନ ନିର୍ଭରଶୀଳତା ଯୋଗୁ ଲଗାତର ବୃଦ୍ଧିପାଉଥିବା ଏବଂ ଗମ୍ଭୀର ଜଳବାୟୁଜନିତ ପାଣିପାଗ ଘଟଣାଗୁଡ଼ିକ ବିଶ୍ୱରେ ମୃତ୍ୟୁ ଓ ବ୍ୟାପକ କ୍ଷତିକୁ ସାମ୍ନାକୁ ଆଣିଛି। ଏହା ସ୍ପଷ୍ଟ ଯେ, ସବୁଜଗୃହ ବାଷ୍ପ ନିର୍ଗମନ ହ୍ରାସ କରିବା, ଅସୁରକ୍ଷିତ ଶକ୍ତି ଯୋଗାଣରୁ ଦୂରେଇଯିବା ସହ ଅଧିକ ଚାହିଦା ଥିବା ଏକ ନୂଆ, ଭରସାଯୋଗ୍ୟ, ସୁରକ୍ଷିତ ଏବଂ ଶସ୍ତା ଶକ୍ତି ଉତ୍ସ ପାଇଁ ରାଜନୈତିକ ଓ ସାର୍ବଜନୀନ କ୍ଷେତ୍ରରେ ଦାବି ଉଠୁଛି, ଚାପ ମଧ୍ୟ ବଢୁଛି। କିନ୍ତୁ ଏ କ୍ଷେତ୍ରରେ ଶୀଘ୍ର ଆଗକୁ ବଢିବା ପରିବର୍ତ୍ତେ କେଉଁ ବିକଳ୍ପ ସବୁଠୁ ବାସ୍ତବବାଦୀ ହେବ ଏବଂ କିଭଳି ସେଗୁଡ଼ିକ ଲାଗୁ ହେବ ଓ ବିଶ୍ୱରେ କାର୍ଯ୍ୟ କରିବ ସେ ସମ୍ପର୍କରେ ଆମକୁ ସତର୍କତାର ସହ ବିଚାର କରିବାକୁ ପଡ଼ିବ। ଆଣବିକ ଶକ୍ତି କଥା ବିଚାରକୁ ନିଆଯାଉ। ଅନେକ ଦେଶ ଏବଂ କମ୍ପାନୀ ଏବେ ଏହାକୁ ଏକ ଦ୍ୱିତୀୟ (ଏପରିକି ତୃତୀୟ) ବିକଳ୍ପ ଭାବେ ଗୁରୁତ୍ୱ ଦେଉଛନ୍ତି। ୨୦୨୨ ୱାର୍ଲ୍ଡ ନ୍ୟୁକ୍ଲିୟର ଇଣ୍ଡଷ୍ଟ୍ରି ଷ୍ଟାଟସ ରିପୋର୍ଟ (ଡବ୍ଲ୍ୟୁଏନ୍ଆଇଏସ୍ଆର୍) ବା ବିଶ୍ୱ ଆଣବିକ ଶିଳ୍ପ ସ୍ଥିତି ରିପୋର୍ଟ ଆଣବିକ ଶକ୍ତି କ୍ଷେତ୍ରର ପ୍ରଗତି ସମ୍ପର୍କରେ ମହତ୍ତ୍ୱପୂର୍ଣ୍ଣ ତଥା ସ୍ୱଷ୍ଟ ଧାରଣା ଦେଇଛି। ବ୍ୟାପକ ଶକ୍ତି କ୍ଷେତ୍ର ପାଇଁ ଗତ ୧୨ ମାସକୁ ଏକ ଟର୍ନିଂ ପଏଣ୍ଟ ଭାବେ କୁହାଯାଉଛି। ହେଲେ ଆଣବିକ ଶକ୍ତି କ୍ଷେତ୍ରରେ ଏହା ହୋଇପାରିନାହିଁ। ୨୦୨୧ରେ ବିଶ୍ୱରେ ମୋଟ ବ୍ୟବସାୟିକ ବିଦ୍ୟୁତ୍ ଉତ୍ପାଦନର ଆଣବିକ ଶକ୍ତି ଅଂଶ ୯.୮%କୁ ଖସିଥିଲା। ୪ ଦଶନ୍ଧି ମଧ୍ୟରେ ଏହା ପ୍ରଥମ ଥର ପାଇଁ ୧୦%ରୁ ତଳକୁ ଖସିଛି ଓ ୧୯୯୬ରେ ବୃଦ୍ଧି ପାଇଥିବା ୧୭.୫%ର ଅଧାରୁ ଏହା ସାମାନ୍ୟ ଅଧିକ। ଏହି ସମୟରେ ପ୍ରଥମ ଥର ପାଇଁ ୨୦୨୧ରେ ପବନ ଓ ସୌର ଶକ୍ତି ଆଣବିକ ଶକ୍ତିକୁ ଟପିଯାଇଛି। ଏହି ଦୁଇ ଶକ୍ତିର ମୋଟ ଶକ୍ତି ଉତ୍ପାଦନ ୧୦.୨%ରେ ପହଞ୍ଚିଥିଲା।

ଏଭଳି ଭିନ୍ନ ଧାରା ସବୁଆଡ଼େ ହୋଇଥିବା ନିବେଶ, ବଣ୍ଟନ ଏବଂ ଉତ୍ପାଦନର ପ୍ରତ୍ୟେକ ସୂଚକାଙ୍କରେ ସ୍ୱଷ୍ଟ ଭାବେ ଦେଖିବାକୁ ପାଇବା। ଅନ୍ତର୍ଜାତୀୟ ଆଣବିକ ଶକ୍ତି ସଂସ୍ଥା(ଆଇଏଇଏ) ଅନୁଯାୟୀ ୨୦୧୮ରେ କାର୍ଯ୍ୟଶୀଳ ରିଆକ୍ଟରଗୁଡ଼ିକ ଉଭୟ ସଂଖ୍ୟା(୪୪୯) ଏବଂ ମୋଟ କ୍ଷମତା(୩୯୬.୫ଗିଗାୱାଟ) ଦୃଷ୍ଟିରୁ ଶୀର୍ଷରେ ରହିଥିଲା। ଆଇଏଇଏ ରିପୋର୍ଟରୁ ଜଣାପଡ଼ିଛି ଯେ, ୨୦୨୧ ଶେଷସୁଦ୍ଧା ବିଶ୍ୱରେ ୪୩୭ ରିଆକ୍ଟର କାର୍ଯ୍ୟକ୍ଷମ ଥିଲା। ଏହାସହ ୨୩ଟି ରିଆକ୍ଟର ଅତି କମ୍‌ରେ ୯ ବର୍ଷ ହେଲା କାମ କରି ନ ଥିବା ଓ ସେଗୁଡ଼ିକ ଆଉ ପୂର୍ବ ଭଳି ସମାନ ଭାବେ କାର୍ଯ୍ୟ କରିବା ଆଦୌ ସମ୍ଭାବନା ନାହିଁ ବୋଲି ଦର୍ଶାଇଛି। ୨୦୧୮ରେ ସ୍ଥାପିତ ଆଣବିକ କ୍ଷମତା ୪୦୦ ଗିଗାୱାଟ୍ ରହିଥିଲାବେଳେ ସୌର ଓ ପବନ ଶକ୍ତି କ୍ଷମତା ରହିଥିଲା ୧,୦୦୦ ଗିଗାୱାଟ୍ ଏବଂ ପରେ ଏହା ୨୦୨୧ ଶେଷସୁଦ୍ଧା ୧,୬୬୦ ଗିଗାୱାଟ୍‌ରେ ପହଞ୍ଚିଛି। ମାତ୍ର ତିନି ବର୍ଷରେ ଆଣବିକ ଶକ୍ତିଠାରୁ ସୌର ଓ ପବନ ଶକ୍ତି ତା 'ଶେଷ କ୍ଷମତା ସ୍ତର ତୁଳନାରେ ଦୁଇ ତୃତୀୟାଂଶରୁ ଅଧିକ ବୃଦ୍ଧି ହୋଇଛି। ସ୍ଥାପିତ କ୍ଷମତାକୁ ଦେଖିଲେ ୟୁନିଟ୍ ପିଛା ସୌର ଓ ପବନ ଶକ୍ତି ତୁଳନାରେ ଆଣବିକ ଶକ୍ତି ଉତ୍ପାଦନ ଅଧିକ ହୋଇଥାଏ। କିନ୍ତୁ ଉପାଦନ ପରିମାଣରେ ଏଭଳି ଭିନ୍ନତା ବାସ୍ତବରେ ଆଶ୍ଚର୍ଯ୍ୟଜନକ।



୨୦୨୧ରେ ଜଳବିଦ୍ୟୁତ୍‌କୁ ଛାଡ଼ି ଅନ୍ୟସବୁ ଅକ୍ଷୟଶକ୍ତିରେ ନିବେଶ ରେକର୍ଡ ପରିମାଣ ୩୬୬ ବିଲିୟନ ଆମେରିକୀୟ ଡଲାରରେ ପହଞ୍ଚିଥିଲା ଓ ବିଦ୍ୟୁତ୍ ଗ୍ରୀଡ଼୍‌ରେ ଅଭୁତପୂର୍ବ ଭାବେ ମୋଟରେ ୨୫୭ ଗିଗାୱାଟ୍ ବୃଦ୍ଧି ଘଟିଥିଲା। ଅନ୍ୟପକ୍ଷରେ ସେହି ସମୟରେ ଆଣବିକ ଉତ୍ପାଦନ କ୍ଷମତା ୦.୪% ହ୍ରାସ ଘଟିଥିଲା। ସେହି ବର୍ଷ କେବଳ ୬ଟି ଆଣବିକ ରିଆକ୍ଟର ଗ୍ରୀଡ୍ ସହ ସାମିଲ ହୋଇଥିଲା ଓ ଏଥିରେ ଚାଇନାର ଅଧା ଥିଲା। ପରେ ୨୦୨୨ର ପ୍ରଥମାର୍ଦ୍ଧରେ ସାମିଲ ହୋଇଥିବା ଆଉ ୫ଟି ନୂଆ ରିଆକ୍ଟର ମଧ୍ୟରେ ଚାଇନାର ଥିଲା ଦୁଇଟି। କିନ୍ତୁ ୨୦୨୨ ମଧ୍ୟଭାଗ ସୁଦ୍ଧା ଚାଇନାର ୨୧ଟି ରିଆକ୍ଟର ତା'ଦେଶରେ ନିର୍ମାଣାଧୀନ ରହିଛି, ବିଦେଶରେ ନୁହେଁ। ରୁଷିଆ ମଧ୍ୟ ସେହିଭଳି ଭୂମିକା ନେଇ ଆସିଥିଲା। କିନ୍ତୁ ଏବେ ନିର୍ମାଣାଧୀନ ୨୦ଟି ୟୁନିଟ୍ ମଧ୍ୟରୁ ୨୦୨୨ ମଧ୍ୟଭାଗ ସୁଦ୍ଧା ୧୭ଟି କୁ ୭ଟି ଦେଶରେ ନିର୍ମାଣ କରି ଅନ୍ତର୍ଜାତୀୟ ମାର୍କେଟରେ ପ୍ରଭାବ ବିସ୍ତାର କରିବାକୁ ଚେଷ୍ଟା କରୁଥିଲାବେଳେ କଟକଣା ଏବଂ ଦେଖାଯାଇଥିବା ଶକ୍ତିଶାଳୀ ଭୂରାଜନୈତିକ ସ୍ଥିତି ଯୋଗୁ ଏଥିମଧ୍ୟରୁ ଅନେକ ପ୍ରୋଜେକ୍ଟରେ ଅନିଶ୍ଚିତତା ଦେଖାଦେଇଛି।

ଏବେ ୩୩ ଦେଶରେ ଆଣବିକ ଶକ୍ତି ଉତ୍ପାଦନ କେନ୍ଦ୍ର କାର୍ଯ୍ୟକରୁଛି। ବାଂଲାଦେଶ, ଇଜିପ୍ଟ ଓ ତୁର୍କୀ ପ୍ରଥମଥର ପାଇଁ ରୁଷୀୟ ଆଣବିକ ଶିଳ୍ପ ଭାଗୀଦାରିରେ ଏହା ନିର୍ମାଣ କରୁଛନ୍ତି। ପୃଥିବୀରେ ନିର୍ମାଣାଧୀନ ୫୨ଟି ପ୍ରୋଜେକ୍ଟ ମଧ୍ୟରୁ ୨୬ଟିର ନିର୍ମାଣରେ ବିଭିନ୍ନ କାରଣରୁ ବିଳମ୍ବ ଘଟିଛି। ଏଥିମଧ୍ୟରୁ ଅତି କମ୍‌ରେ ୧୪ଟିରେ ଅତ୍ୟଧିକ ବିଳମ୍ବ ହୋଇଥିବା ଜଣାପଡ଼ିଛି। ଗତ ବର୍ଷ ଆରମ୍ଭ ହେବାକୁ ଥିବା ଆଉ ଦୁଇଟି ନୂଆ ୟୁନିଟ୍ ନିର୍ମାଣରେ ବିଳମ୍ବ ହୋଇଥିବା ବି ସ୍ୱଷ୍ଟ ହୋଇଛି। ପ୍ରଥମଥର ଲାଗି ଡବ୍ଲ୍ୟୁଏନ୍ଆଇଏସ୍ଆର୍ ଆଣବିକ ଶକ୍ତି ଓ ଯୁଦ୍ଧ ବିପଦ ସମ୍ପର୍କରେ ଆକଳନ କରିଛି। ଚଳିତବର୍ଷ ମାର୍ଚ୍ଚ ୪ରୁ ରୁଷିଆ ସେନା ଦଖଲ କରିଥିବା ୟୁକ୍ରେନ୍‌ର ଜାପୋରିଝିଆ ଆଣବିକ ଶକ୍ତି କେନ୍ଦ୍ରକୁ ନେଇ ଅନ୍ତର୍ଜାତୀୟ ସ୍ତରରେ ଅତ୍ୟଧିକ ଆଶଙ୍କା ପ୍ରକାଶ ପାଇଆସିଛି। ସେହି ପ୍ଲାଣ୍ଟ ଓ ତା'ଚତୁଃପାର୍ଶ୍ୱକୁ ବାରମ୍ବାର ଆକ୍ରମଣ ଯୋଗୁ ପ୍ଲାଣ୍ଟ ଉତ୍ପାଦନ କ୍ଷମତା ହରାଇଚାଲିଛି। ନିକଟରେ ଆଇଏଇଏ ସତର୍କ କରିଦେଇଛି ଯେ, ଆକ୍ରମଣ ପରିପ୍ରେକ୍ଷୀରେ ତାକୁ ସୁରକ୍ଷିତ ରଖିବା ସମ୍ଭବ ନୁହେଁ। ଏକ ଆଣବିକ ଶକ୍ତି ଉତ୍ପାଦନ କେନ୍ଦ୍ରକୁ କାର୍ଯ୍ୟକ୍ଷମ କରିବାରେ ସଙ୍କଳ୍ପବଦ୍ଧ, ସୁସ୍ଥ ଓ କୁଶଳୀ କର୍ମଚାରୀ ଆବଶ୍ୟକ। କିନ୍ତୁ ଏବେ ଜାପୋରିଝିଆର ୟୁକ୍ରେନୀୟ କର୍ମଚାରୀମାନେ ଅତ୍ୟଧିକ ଚାପରେ ରହିଛନ୍ତି। ଆଣବିକ ଇନ୍ଧନ ଧାରଣ କରିଥିବା ଓ ଆଣବିକ କ୍ରିୟା ସମ୍ପାଦିତ ହେଉଥିବା ଅଂଶ (ରିଆକ୍ଟର କୋର୍) ପାଇଁ ଲଗାତର ଶୀତଳୀକରଣ ବ୍ୟବସ୍ଥା ସଞ୍ଚାଳନ କରିବା ଏକ ମୁଖ୍ୟ ଆହ୍ୱାନ ହୋଇଯାଇଛି। ରିଆକ୍ଟର ବନ୍ଦ ହେବା ପରେ ସଞ୍ଚିତ ବ୍ୟବହୃତ ଇନ୍ଧନର ମଧ୍ୟ ରକ୍ଷଣାବେକ୍ଷଣ ଆବଶ୍ୟକ। କ୍ଷୟିତ ଅବଶେଷାଂଶରୁ ଜାତ ଉତ୍ତାପ ଦୂର କରିବାରେ ବିଫଳ ହେଲେ ରିଆକ୍ଟର ଆଭ୍ୟନ୍ତର କ୍ଷତି ଘଟି ଆଣବିକ ବିପର୍ଯ୍ୟୟ ଦେଖାଦେବ କିମ୍ବା କିଛି ଦିନ କିମ୍ବା ସପ୍ତାହ ମଧ୍ୟରେ ବ୍ୟବହୃତ ଇନ୍ଧନରେ ନିଆଁ ଲାଗି ଅତ୍ୟଧିକ ରେଡିଓଆକ୍ଟିଭିଟି ନିଃସରଣ ହେବାର ଅଧିକ ସମ୍ଭାବନା ରହିଛି।

ଇଜିପ୍ଟରେ ଅନୁଷ୍ଠିତ ଜାତିସଂଘ ଜଳବାୟୁ ସମ୍ମିଳନୀ କପ୍୨୭ରେ ବିଶ୍ୱ ନେତାଗଣ ବିଶ୍ୱରେ କାର୍ବନ ନିର୍ଗମନ ହ୍ରାସ କରିବା କାର୍ଯ୍ୟପନ୍ଥା ଉପରେ ଆଲୋଚନା କରୁଛନ୍ତି। ବିଶ୍ୱ ସ୍ତରରେ ଜୀବାଶ୍ମ ଇନ୍ଧନ ଦୂର କରିବା ସହ କାର୍ବନ ନିର୍ଗମନ ହ୍ରାସ କରିବାକୁ ଶୀଘ୍ର କାର୍ଯ୍ୟକାରୀ କରାଯାଇପାରୁଥିବା ଟେକ୍‌ନୋଲୋଜି ଉପରେ ସେମାନେ ଗୁରୁତ୍ୱ ଦେବା ଦରକାର। ତେବେ ଡବ୍ଲ୍ୟୁଏନ୍ଆଇଏସ୍ଆର୍ ଦ୍ୱାରା ଲଗାତର ଭାବେ ପ୍ରକାଶିତ ଅନେକ ରିପୋର୍ଟରୁ ସ୍ୱଷ୍ଟ କରିଛି ଯେ, ଶକ୍ତି ଉତ୍ପାଦନ ଦକ୍ଷତା ବୃଦ୍ଧି କରିବା ଓ ଅକ୍ଷୟ ଶକ୍ତି ସହ ପ୍ରତିଯୋଗିତାଭିତ୍ତିରେ ଅଧିକ ଶକ୍ତି ଉତ୍ପାଦନ କରିବାରେ ଆଣବିକ ଶକ୍ତି ଅତ୍ୟନ୍ତ ଧିମା ଏବଂ ଅତି ବ୍ୟୟବହୁଳ।

**ସହ–ଲେଖକ, ବିଶ୍ୱ ଆଣବିକ ଶିଳ୍ପ ସ୍ଥିତି ରିପୋର୍ଟସ୍**

## ମଣିଷ ପାଇଁ ସତର୍କ ଘଣ୍ଟି



ଚିତ୍ତରଞ୍ଜନ ପୃଷ୍ଟି

ସମାଜ ସର୍ବଦା ଏକ ସୁସ୍ଥ ପରିବେଶ ଉପରେ ନିର୍ଭର କରେ। ସୁସ୍ଥ ଓ ନିରାମୟ ଜୀବନଯାପନ ପାଇଁ ପ୍ରଦୂଷଣମୁକ୍ତ ପରିବେଶ ଏକାନ୍ତ ପ୍ରୟୋଜନ। ବିଶୁଦ୍ଧ ପରିବେଶ ସୁସ୍ଥ ଜୀବନଯାପନର ଏକ ମାନଦଣ୍ଡ। ପରିବେଶ ଆମର ରକ୍ଷାକବଚ, ଯାହା ଆମ ପାଇଁ ପ୍ରକୃତିର ବଡ଼ ଅବଦାନ ଏବଂ ଆମର ଜୀବନ ରକ୍ଷାକାରୀ। ଜୀବଜଗତ ବଞ୍ଚିବା ପାଇଁ ବାୟୁ ଏକ ଅପରିହାର୍ଯ୍ୟ ଉପାଦାନ। ନ ଖାଇ ଆମେ କିଛିଦିନ ବଞ୍ଚିଯିବା ମାତ୍ର ବାୟୁ ବିନା କିଛି କ୍ଷଣ ବଞ୍ଚିବା ଅସମ୍ଭବ। ଶିଳ୍ପାୟନ ଓ ନଗରୀକରଣ ଯୋଗୁ ପରିବେଶ ପ୍ରଦୂଷିତ ହେବା ସହ ଅନେକ ଧନଜୀବନ କ୍ଷତି ହେଉଛି। ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ ତଥ୍ୟ ଅନୁଯାୟୀ, ବାୟୁ ପ୍ରଦୂଷଣ ଯୋଗୁ ବିଶ୍ୱରେ ବାର୍ଷିକ ୫ କୋଟି ୪୦ ଲକ୍ଷ ଏବଂ ଭାରତରେ ବର୍ଷକୁ ପ୍ରାୟ ୧୨ ଲକ୍ଷ ଲୋକଙ୍କ ଜୀବନ ଚାଲିଯାଉଛି। ଯାନବାହନ ସଂଖ୍ୟା ବୃଦ୍ଧି, ଦ୍ରୁତ ଶିଳ୍ପାୟନ, ଆଣବିକ ପରୀକ୍ଷଣ, ଖଣିଜ ପରିବହନ ଆଦି ଯୋଗୁ ପରିବେଶ ପ୍ରଦୂଷିତ ହେଉଛି। ଡିଜେଲ, କୋଇଲା ଓ ଅନ୍ୟ ଶିଳ୍ପ ଇନ୍ଧନ ଦହନରୁ ବାହାରୁଥିବା ବିଷାକ୍ତ ନାଇଟ୍ରୋଜେନ୍ ଅକ୍ସାଇଡ, କାର୍ବନ୍ ମନୋକ୍ସାଇଡ ଓ ଡାଇଅକ୍ସାଇଡ, ଓଜୋନ, ଆମୋନିଆ, ସଲ୍‌ଫର ଡାଇଅକ୍ସାଇଡ୍ ପରି ବିଷାକ୍ତ ବାଷ୍ପ ବାୟୁମଣ୍ଡଳକୁ ପ୍ରଦୂଷିତ କରିଥାଏ। ପରିବେଶ ପ୍ରଦୂଷଣ ଆମ ସ୍ୱାସ୍ଥ୍ୟ ଉପରେ ବିଭିନ୍ନ ପ୍ରତିକୂଳ ପ୍ରଭାବ ପକାଇଥାଏ। ଶିଶୁ ମୃତ୍ୟୁ, ଶ୍ୱାସକ୍ରିୟାଜନିତ ସମସ୍ୟା, ଆଲର୍ଜି, ହୃଦ୍‌ରୋଗ, ମାନସିକ ବିକୃତି ଭଳି ରୋଗର ଏହା କାରଣ ହେବା ସହ ଅନ୍ୟାନ୍ୟ କ୍ଷତିକାରକ ପ୍ରଭାବ ରହିଛି। ବାୟୁ ପ୍ରଦୂଷଣର ବ୍ୟାପକ ପ୍ରଭାବ ଶିଶୁମାନଙ୍କ ଉପରେ ରହିଛି।

ଦିଲ୍ଲୀରେ ପ୍ରଦୂଷଣ ଉଦ୍‌ବେଗଜନକ ସ୍ତରରେ ପହଞ୍ଚିଛି। ବର୍ତ୍ତମାନ ଖରାପ ସ୍ଥିତିରେ ଦିଲ୍ଲୀର ବାୟୁ ଗୁଣବତ୍ତା। ଦିଲ୍ଲୀରେ ବାୟୁ ଗୁଣବତ୍ତା ଅଧିକ ଖରାପ ହେଉଥିବା ବେଳେ ଅଣନିଃଶ୍ୱାସୀ ହେଉଛନ୍ତି ସ୍ଥାନୀୟବାସୀ। ଲଗାତର ରାଜଧାନୀ ଦିଲ୍ଲୀର ବାୟୁ ଗୁଣବତ୍ତା ଅତି ଖରାପ ସ୍ଥିତିରେ ରହିଛି, ଯାହାକି ଦିଲ୍ଲୀ ପାଇଁ ଅତ୍ୟନ୍ତ ଜଟିଳ ସ୍ଥିତି ସୃଷ୍ଟି କରିଛି। ପବନର ଗତି, ଚାଷଜମିରେ ଅଗ୍ନିକାଣ୍ଡ ଯୋଗୁ ସ୍ଥିତି ଜଟିଳ ହୋଇଛି। ପଞ୍ଜାବ ଓ ହରିୟାଣାର ଚାଷୀ ନଡ଼ା ଜଳାଇବା ଯୋଗୁ ପ୍ରଦୂଷଣ ବଢୁଛି। ବାୟୁ ପ୍ରଦୂଷଣ ପାଇଁ କେବଳ ଚାଷୀ ନୁହନ୍ତି, ଏଥିପାଇଁ ସରକାର ମଧ୍ୟ ସମାନ ପ୍ରତିଶତ ଦାୟୀ। କ୍ଷେତରେ ଅମଳ ପରବର୍ତ୍ତୀ ସମୟରେ ଚାଷୀ ନଡ଼ା ଜଳାଇବା ଯୋଗୁ ବାୟୁ ପ୍ରଦୂଷଣ ବଢୁଛି। ଏହି ବିଷାକ୍ତ ବାୟୁ କେବଳ ପଞ୍ଜାବ, ହରିୟାଣା ନୁହେଁ ପୂରା ଉତ୍ତର ଭାରତରେ ବ୍ୟାପୁଛି। ଫଳରେ ଲୋକଙ୍କୁ ନିଃଶ୍ୱାସ ନେବାରେ ସମସ୍ୟା ସୃଷ୍ଟି ହେଉଛି। ଚଳିତ ବର୍ଷ ପଞ୍ଜାବରେ ଫସଲ ଅମଳ ବଢ଼ିଥିବାରୁ ନଡ଼ା ଜାଳିବା ମଧ୍ୟ ବଢ଼ିଛି। ଗତବର୍ଷ ଅପେକ୍ଷା ଚାଷୀଙ୍କ ନଡ଼ା ଜାଳିବା ୨୨ ପ୍ରତିଶତ ବଢ଼ିଛି। ଭାରତ ପୃଥିବୀ ବିଜ୍ଞାନ ମନ୍ତ୍ରଣାଳୟ ଏଜେନ୍ସି, 'ସଫର' ଅନୁଯାୟୀ, ଚାଷୀ ନଡ଼ା ଜାଳିବା ଯୋଗୁ ଦିଲ୍ଲୀ ଓ ଏହାର ଆଖପାଖ ଅଞ୍ଚଳରେ ୩୪ ପ୍ରତିଶତ ବାୟୁ ପ୍ରଦୂଷଣ ବଢ଼ିଛି। ଗତବର୍ଷ ଅପେକ୍ଷା ଏହା ୭ ପ୍ରତିଶତ ବୃଦ୍ଧି ପାଇଛି। ଦେଶର ରାଜଧାନୀ ଦିଲ୍ଲୀରେ ଲଗାତର ପ୍ରଦୂଷିତ ବାୟୁ ଜନଜୀବନକୁ ଅସ୍ତବ୍ୟସ୍ତ କରୁଛି।

ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ବାୟୁ ଗୁଣବତ୍ତା ସୂଚକାଙ୍କର ମାନଦଣ୍ଡ ପୂରଣ କରିବାରେ ସବୁ ଦେଶର ସହର ବିଫଳ ହୋଇଛନ୍ତି। ଭାରତର କୌଣସି ସହର ପ୍ରଦୂଷଣ ପ୍ରସଙ୍ଗରେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ମାନଦଣ୍ଡ ପୂରଣ କରୁନାହାନ୍ତି। ପ୍ରଦୂଷଣ ଯୋଗୁ ଭାରତର ବାର୍ଷିକ ୧୫୦ ବିଲିୟନ ଡଲାର ଆର୍ଥିକ କ୍ଷତି ଘଟୁଛି ଓ ସ୍ଥିତି ଏମିତି ହୋଇଛି ଯେ ପ୍ରଦୂଷଣ ପ୍ରତି ମିନିଟ୍‌ରେ ଭାରତରେ ୩ ଜଣଙ୍କର ପ୍ରାଣ ନେଉଛି। ଗତବର୍ଷ ତୁଳନାରେ ଦିଲ୍ଲୀ ସମେତ କୋଲ୍‌କାତା ଓ ମୁମ୍ବାଇ ଭଳି ମହାନଗରୀର ପ୍ରଦୂଷଣ ମାତ୍ରା ବୃଦ୍ଧି ପାଇଛି। ବାୟୁ ପ୍ରଦୂଷଣର ମାତ୍ରା ଏତେ ବଢ଼ିଯାଇଛି ଯେ ତାହା ଶରୀର ପକ୍ଷେ ଅତ୍ୟନ୍ତ ଭୟଙ୍କର। ସେହିଭଳି ଭୁବନେଶ୍ୱରର ଅବସ୍ଥା ମଧ୍ୟ ଶୋଚନୀୟ। ଦୈନିକ ପାଖାପାଖି ୧୦ ଲକ୍ଷରୁ ଅଧିକ ଗାଡ଼ି ଚଳାଚଳ କରୁଛି। ତା'ସହିତ ରାସ୍ତାଘାଟ, କୋଠାବାଡ଼ି ନିର୍ମାଣ ଦ୍ୱାରା ଧୂଳି ଉଡ଼ି ବାୟୁ ପ୍ରଦୂଷଣ କରୁଛି। କେନ୍ଦ୍ରୀୟ ପ୍ରଦୂଷଣ ବୋର୍ଡ ଚିହ୍ନଟ କରିଥିବା ୧୦୨ ସହର ମଧ୍ୟରେ ଭୁବନେଶ୍ୱର, କଟକ, ଅନୁଗୋଳ, ତାଳଚେର, ବାଲେଶ୍ୱର ଓ ରାଉରକେଲା ସ୍ଥାନ ପାଇଛି। ପ୍ରଦୂଷଣର ମାତ୍ରା ଯେଉଁଭଳି ଭାବରେ ବୃଦ୍ଧି ପାଉଛି ଭବିଷ୍ୟତରେ ଦିଲ୍ଲୀ ସହର ଭଳି ପରିସ୍ଥିତି ସୃଷ୍ଟି ହୋଇପାରେ। ତେଣୁ ପୂର୍ବର ସେହି ସୁସ୍ଥ ପରିବେଶକୁ ଫେରାଇ ଆଣିବାକୁ ସମଗ୍ର ମାନବ ଜାତି ଚେଷ୍ଟା କରିବା ଆବଶ୍ୟକ।

**ନିମାପଡ଼ା, ପୁରୀ,**
**ମୋ:୯୭୭୮୧୭୭୫୦୧**

## ଏଇ ଭାରତରେ

ବ୍ୟବହୃତ ରନ୍ଧାତେଲ ସଂଗ୍ରହ କରି ତାହାକୁ ବାୟୋଫୁଏଲ ବା ଜୈବଇନ୍ଧନ କରୁଛନ୍ତି ଦିଲ୍ଲୀର ଏକ ଦମ୍ପତି। ରାଜସ୍ଥାନ ବୁନ୍ଦି ଜିଲାର ମୂଳ ନିବାସୀ କୀର୍ତ୍ତି ଓ ସୁଶୀଲ ବୈଷ୍ଣବ ଛୋଟ ଜଳଖିଆ ଓ ରେସ୍ତୋରାଁଗୁଡ଼ିକରୁ ବ୍ୟବହୃତ ରନ୍ଧାତେଲ ସଂଗ୍ରହ କରି ସେଥିରୁ ପରିବେଶ ସହନୀୟ ଇନ୍ଧନ ପ୍ରସ୍ତୁତ କରୁଛନ୍ତି; ଯାହା ଜୀବାଶ୍ମ ଇନ୍ଧନ ତୁଳନାରେ ୮୦% କମ୍ କାର୍ବନ ନିର୍ଗମନ କରୁଛି। ୨୦୧୯ରେ ଫୁଡ୍ ସେଫ୍ଟି ଆଣ୍ଡ ଷ୍ଟାଣ୍ଡାର୍ଡସ ଅଥରିଟି ଅଫ୍ ଇଣ୍ଡିଆ (ଏଫ୍ଏସ୍ଏସ୍ଏଆଇ) ରେସ୍ତୋରାଁ କିମ୍ବା ଜଳଖିଆ ଦୋକାନଗୁଡ଼ିକ ରନ୍ଧା ତେଲକୁ ତିନି ଥରରୁ ଅଧିକ ବ୍ୟବହାର କରିପାରିବେ ନାହିଁ ବୋଲି ଘୋଷଣା କରିବା ପରେ ଉକ୍ତ ଦମ୍ପତି ତାହାର ପୁନଃ ଉପଯୋଗ କଥା ଚିନ୍ତା କରିଥିଲେ। ପରେ ସେମାନେ କେଏନ୍‌ପି ଆରିଜ୍ ନାମକ ଷ୍ଟାର୍ଟଅପ୍ ଗଠନ କରି ବ୍ୟବହୃତ ତେଲ ସଂଗ୍ରହ କରି ତାହାକୁ ବାୟୋଫୁଏଲ କରୁଛନ୍ତି। ଏବେ ସୁଦ୍ଧା ସେମାନେ ୪୦ରୁ ଅଧିକ ସହରରୁ ୩ ମିଲିୟନ ଲିଟର ବ୍ୟବହୃତ ଖାଇବା ତେଲ ସଂଗ୍ରହ କରିସାରିଛନ୍ତି। ଏହା ସହ ସେମାନେ ବିଭିନ୍ନ ବର୍ଜ୍ୟକୁ ୧୦୦ ପ୍ରତିଶତ ରିସାଇକେଲ କରିବାକୁ ଯୋଜନା କରିଛନ୍ତି। ସୁଶୀଲ ଫୁଡ ଟେକ୍ନୋଲୋଜି ସହ ଏମ୍‌ବିଏ କରିଛନ୍ତି। କୀର୍ତ୍ତି ଇଲେକ୍‌ଟ୍ରୋନିକ୍ସ ଆଣ୍ଡ କମ୍ୟୁନିକେଶନରେ ଡିଗ୍ରୀ ହାସଲ କରିଛନ୍ତି। ସେ ଏବେ ବାୟୋଡିଜେଲ ପ୍ରସ୍ତୁତ କରିବାକୁ ତାଙ୍କର ପ୍ଲାଣ୍ଟ ସ୍ଥାପନ କରିନାହାନ୍ତି। ଏଥିପାଇଁ ସେମାନେ ଅନ୍ୟ କମ୍ପାନୀ ଉପରେ ନିର୍ଭରଶୀଳ। ଏହି ଜୈବଇନ୍ଧନକୁ ପ୍ରମୁଖ ପବ୍ଲିକ ସେକ୍ଟର ଅଏଲ ମାର୍କେଟିଂ କମ୍ପାନୀକୁ ବିକ୍ରି କରୁଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

DHARITRI

**୧୭ ନଭେମ୍ବର ୧୯୯୭**

- ମଧ୍ୟପ୍ରାଚ୍ୟ ଶାନ୍ତି ପ୍ରକ୍ରିୟାରେ ଇସ୍ରାଏଲ ପ୍ରତିବନ୍ଧକ ସୃଷ୍ଟି କରୁଥିବା ପ୍ରତିବାଦରେ ଦୋହା ଅର୍ଥ ସମ୍ମିଳନୀକୁ ୬ ଆରବ ରାଷ୍ଟ୍ର ବର୍ଜନ କରିଛନ୍ତି।
- ଚାଇନାର ବିଶିଷ୍ଟ ଗଣତନ୍ତ୍ର ସପକ୍ଷବାଦୀ ନେତା ରାଜନୈତିକ ବନ୍ଦୀ ୱେଇ କିଙ୍ଗଶେଙ୍ଗ ଜେଲ୍‌ରୁ ମୁକ୍ତ।
- ଟାଟା ଷ୍ଟିଲ୍‌ର ପରିଚାଳନା ନିର୍ଦ୍ଦେଶକ ଜେ.ଜେ. ଇରାନୀଙ୍କୁ ପ୍ରଥମ ଜାତୀୟ ଧାତବବିତ୍ (ମେଟାଲର୍ଜିଷ୍ଟ) ପୁରସ୍କାର ପ୍ରଦାନ।

## su|do|ku — ସୁ–ଡୋ–କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | | 6 | 7 | | | 3 |
| 4 | | | | | | | | |
| 6 | | | | | | 8 | | |
| 5 | | | | | | 1 | 4 | |
| | 6 | 2 | | | | | | |
| | | 4 | 9 | | | 2 | 3 | 7 |
| | | | | | 4 | | 1 | 8 |
| 2 | | | 3 | | | | 9 | |
| | 3 | | 1 | | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 5 | 1 | 9 | 4 | 2 | 7 | 3 | 8 | 6 |
| 7 | 2 | 3 | 8 | 5 | 6 | 9 | 4 | 1 |
| 8 | 6 | 4 | 3 | 9 | 1 | 5 | 2 | 7 |
| 3 | 5 | 7 | 2 | 1 | 4 | 8 | 6 | 9 |
| 6 | 9 | 8 | 7 | 3 | 5 | 4 | 1 | 2 |
| 2 | 4 | 1 | 9 | 6 | 8 | 7 | 5 | 3 |
| 1 | 7 | 2 | 5 | 4 | 3 | 6 | 9 | 8 |
| 9 | 8 | 5 | 6 | 7 | 2 | 1 | 3 | 4 |
| 4 | 3 | 6 | 1 | 8 | 9 | 2 | 7 | 5 |

ଗତକାଲିର ଉତ୍ତର

# ସାଇକେଲ: ଶସ୍ତା ହୋଇ ମୂଲ୍ୟବାନ୍



ଡ.ନିଖିଳାନନ୍ଦ ପାଣିଗ୍ରାହୀ

"ଜୀବନ ଏକ ସାଇକେଲ ଭଳି। ଭାରସାମ୍ୟ ରଖିବାକୁ ହେଲେ ଏହା ଚାଲିବା ଦରକାର।"–ଆଲବର୍ଟ ଆଇନଷ୍ଟାଇନଙ୍କ ଏହି ଉକ୍ତିରେ ଜୀବନ ଓ ସାଇକେଲ ମଧ୍ୟରେ ଥିବା ସମ୍ପର୍କ ଯେମିତି ବର୍ଣ୍ଣିତ, ଏହାର ଅନ୍ୟ ଯାହା କିଛି ମହତ୍ତ୍ୱ ଥାଉ ନା କାହିଁ କି, ଏହାଦ୍ୱାରା ସାଇକେଲ ଅବଶ୍ୟ ମହିମାମଣ୍ଡିତ ହୋଇଛି।

ସାଇକେଲ ନିମ୍ନ ସାମାଜିକ ସ୍ତର ପାଇଁ ଏକ ଶସ୍ତା ଯାନ ବୋଲି ନ୍ୟୂନ ଦୃଷ୍ଟିରେ ଦେଖାଯାଇଥାଏ। କିନ୍ତୁ ସାଇକେଲ ଚାଳନାରୁ ଆମ ସ୍ୱାସ୍ଥ୍ୟ ଉପରେ ଉତ୍ତମ ପ୍ରଭାବ ପଡ଼ିଥାଏ। ଅନ୍ୟ ଯାନ ଅପେକ୍ଷା ଏଥିରେ ଚାଳନା ଦକ୍ଷତା ଓ ଆଘାତ କମ୍। ମାଂସପେଶୀର(ବିଶେଷତଃ ଜଙ୍ଘର ବଡ଼ ମାଂସପେଶୀ) ସକ୍ରିୟତା, ମନରେ ପ୍ରଫୁଲ୍ଲତା, ହୃତ୍‌ପିଣ୍ଡ ଓ ଧମନୀ ସମ୍ବନ୍ଧୀୟ ସୁସ୍ଥତା, ଗଣ୍ଠିଗୁଡ଼ିକର ସଚଳତା, ଅବସାଦ ସ୍ତର ହ୍ରାସ, ଅସ୍ଥିର ଦୃଢ଼ତା, ଚର୍ବିସ୍ତରର ଲାଘବ, ଅଙ୍ଗଭଙ୍ଗୀରେ ସମାନୁପାତିକତା, ମେଦବୃଦ୍ଧି ଓ ଅତ୍ୟଧିକ ଓଜନର ନିୟନ୍ତ୍ରଣ, ଏପରିକି କର୍କଟ, ବହୁମୂତ୍ର, ବାତ ପରି ଗମ୍ଭୀର ରୋଗଗୁଡ଼ିକୁ ରୋକିବାରେ ସହାୟକ ହେବା ପରି ଅନେକ ଉପକାର ଏଥିରୁ ପ୍ରାପ୍ତ ହୁଏ।

ତେଣୁ ପ୍ରସିଦ୍ଧ ଅପରାଧ କାହାଣୀ ସେରଲକ ହୋମ୍‌ସ(୧୮୮୭)ର ଲେଖକ ସାର୍ ଆର୍ଥର କାନନ ଡୟଲ(୧୮୫୯–୧୯୩୦)ମତଦେଇଥିଲେ: "ଯେତେବେଳେ ମନ ଖରାପ ଥାଏ, ଯେତେବେଳେ ଦିନ ଅନ୍ଧକାରମୟ ଦେଖାଯାଏ, ଯେତେବେଳେ କାର୍ଯ୍ୟ ନିରସ ବା ବିରକ୍ତିକର ଲାଗେ, ଯେତେବେଳେ ମଣିଷ ଆଶାଶୂନ୍ୟ ହୋଇଯାଏ, ସେତେବେଳେ ଖଣ୍ଡେ ସାଇକେଲ ଧରି ବାହାରି ପଡ଼। ମନରେ କୌଣସି ପ୍ରକାର ଚିନ୍ତା ନ ରଖି ରାସ୍ତାରେ ସାଇକେଲ ଚଲାଅ। ପ୍ରକାଶ ଥାଉକି, କାନନ ଡୟଲ କେବଳ ଗୋଇନ୍ଦା ଉପନ୍ୟାସ ରଚନାରେ ସିଦ୍ଧହସ୍ତ ନ ଥିଲେ, ସେ ପେସାରେ ଜଣେ ଡାକ୍ତର ଥିଲେ। ତେଣୁ ଶରୀର ଓ ସ୍ୱାସ୍ଥ୍ୟ ସମ୍ପର୍କରେ ତାଙ୍କ ମତ ଅନୁଭୂତି ଦ୍ୱାରା ପରୀକ୍ଷିତ ଅବଶ୍ୟ।

ବାସ୍ତବିକ ସାଇକେଲ–ଆରୋହୀ ଯେଉଁ ସୁଖ ଅନୁଭବ କରେ, ତାହା କୌତୁକାବହ। ଏହା ଚଲାଇବା ବେଳେ ପବନ ତାକୁ ଆଗକୁ ଆଗକୁ ପେଲି ଦେଇପାରେ କିମ୍ବା ପଛକୁ ପଛକୁ ଠେଲି ଦେଇପାରେ। ତେବେ ପବନ ତାକୁ ଶାନ୍ତିରେ ଛାଡ଼ି ଦେବ ନାହିଁ। ପୁଣି ଅନ୍ୟ ଯାନ ଅପେକ୍ଷା ଏଥିରେ ସେ ଅଧିକ ପାରିପାର୍ଶ୍ୱିକ ଦୃଶ୍ୟ ତନ୍ନ ତନ୍ନ କରି ପ୍ରାଞ୍ଜଳଭାବେ ଦେଖିପାରେ, ବହୁ ସଂଖ୍ୟକ ଲୋକ, ବିଶେଷତଃ ପଥଚାରୀଙ୍କୁ ସାକ୍ଷାତ୍ କରିପାରେ। ଏହି ପୃଷ୍ଠଭୂମିରେ ଏହାର ପ୍ରଚଳନ ପ୍ରସାରିତ ହେବା ସ୍ୱାଗତଯୋଗ୍ୟ। ଏହାକୁ ଦୃଷ୍ଟିରେ ରଖି ଓଡ଼ିଶା ସରକାର ୨୬ ନଭେମ୍ବର ୨୦୧୮ରେ ୩ଶହ ସାଇକେଲ ଉତ୍ସାହୀ ବ୍ୟକ୍ତିଙ୍କ ସମାବେଶରେ 'ମୋ ସାଇକେଲ' ଯୋଜନା ଆରମ୍ଭ କଲେ। ସେହି ସାଇକେଲ ଯାତ୍ରା ଥିଲା ଭୁବନେଶ୍ୱର ବିମାନବନ୍ଦର ଛକଠାରୁ କଳିଙ୍ଗ ଷ୍ଟାଡିୟମ ପର୍ଯ୍ୟନ୍ତ। କିନ୍ତୁ ଏହି ଯୋଜନା ସମ୍ପୂର୍ଣ୍ଣ ଭାବେ ଫସର ଫାଟିଗଲା। ଏହି ଯୋଜନା ଅନ୍ତର୍ଗତ ଶହ ଶହ ଦାମିକା ସାଇକେଲ ରାସ୍ତା କଡ଼ରେ ଅବ୍ୟବହୃତ ହୋଇ ଖତ ଖାଇଲା। ପୁଣି ଏହା ରାସ୍ତାକୁ ଅସୁନ୍ଦର କରିବା ସହ ଅବରୋଧ କଲା। ପରିଶେଷରେ ଏଗୁଡ଼ିକ କବାଡ଼ି ଦୋକାନକୁ ଶସ୍ତାରେ ଯିବା ଅଭିଯୋଗ ଶୁଣିବାକୁ ମିଳିଲା। ସେରିଂ ସିଷ୍ଟମ ଭିତ୍ତିରେ ଉପଲବ୍ଧ ସାଇକେଲଗୁଡ଼ିକର ଏହି ଦୁର୍ଦ୍ଦଶା ଦୁଃଖଦାୟକ। ପ୍ରକାଶ ଥାଉକି ରାଜ୍ୟ ସରକାର କିଛି ଅଫିସରଙ୍କୁ ଏହି ସମ୍ପର୍କରେ ଜ୍ଞାନାର୍ଜନ ପାଇଁ ଆମଷ୍ଟରଡାମ୍ ପଠାଇଥିଲେ। ତେବେ ମୁମ୍ବାଇରେ ଏହି ଧରଣର 'ସାଇକେଲ ଚଲାଓ' ପାଇଲଟ୍ ପ୍ରୋଜେକ୍ଟ ୨୦୧୧ରେ ମୁଲୁନ୍ଦ ଇଷ୍ଟ ରେଲ୍‌ୱେ ସିଷ୍ଟମ ଓ ଭାଜ କେଲକାର କଲେଜ ମଧ୍ୟସ୍ଥିତ ଅଢ଼େଇ କିଲୋମିଟର ରାସ୍ତା ପାଇଁ ପ୍ରଚଳିତ ହୋଇଥିଲା। ଯାହା ଯୁବଗୋଷ୍ଠୀଙ୍କ ପାଇଁ ଆକର୍ଷଣର କେନ୍ଦ୍ର ପାଲଟିଥିଲା। ଏହାର ସାଫଲ୍ୟ ବେଶ୍ ଉତ୍ସାହବର୍ଦ୍ଧକ ଓ ନବଯୁଗର ବାର୍ତ୍ତାବହ।



ବର୍ତ୍ତମାନ 'ସାଇକ୍ଲୋଲୋଜି' ନାମକ ଏକ ପାଠ୍ୟକ୍ରମ ଆରମ୍ଭ ହୋଇଛି। ଏହା ଏକ ଅଜବ ନାମ। ଏହାର ଅର୍ଥ ଜଣେ ସହଜେ ବୁଝି ପାରିବନି। ଏପରିକି ସେଥିପ୍ରତି ଅନାସ୍ଥା ଭାବ ପ୍ରକଟ କରିପାରେ। ଏହି ପ୍ରସଙ୍ଗରେ ଉଲ୍ଲେଖନୀୟ ଯେ, ନିକଟରେ ଆଇଆଇଟି ତରଫରୁ 'ଡଗ୍–ହ୍ୟାଣ୍ଡଲର' ନାମକ ଏକ ଚାକିରି ପାଇଁ ଗୋଟିଏ ବିଜ୍ଞାପନ ବାହାରି ଥିଲା, ଯାହା ସକାଶେ ବିଟେକ୍ ଯୋଗ୍ୟତା ଆବଶ୍ୟକ। ଏହି ଚାକିରି ପାଇଁ କାମ ହେଉଛି ସେ କୁକୁରକୁ ବୈଜ୍ଞାନିକ ପଦ୍ଧତିରେ ସାଥିରେ ବୁଲାଇନେବ। ଏମିତି ବିଚିତ୍ର ବିଜ୍ଞାପନର ହେତୁ କେହି ବୁଝି ପାରିଲେ ନାହିଁ, କୁକୁର ସାଥିରେ ଚାଲିବାକୁ ଇଞ୍ଜିନିୟରିଂ ଯୋଗ୍ୟତାର ଯଥାର୍ଥତା କ'ଣ ଥାଇପାରେ? ଏହି ବିଷୟରେ ପ୍ରଶ୍ନ ଉଠିବାରୁ କର୍ତ୍ତୃପକ୍ଷ ସଫେଇ ଦେଲେ ଯେ, ଏହା ଭେଟେରିନାରି ଡାକ୍ତର ଡିଗ୍ରୀ ହେବା କଥା, ଭୁଲ୍‌ରେ ବିଟେକ୍ ହୋଇଯାଇଛି। ତଥାପି ଜଣେ ପ୍ରାଣୀଡାକ୍ତର କ'ଣ କୁକୁରକୁ ବୁଲାଇବ?

ସେ ଯାହା ହେଉ, 'ସାଇକ୍ଲୋଲୋଜି' କୋର୍ସ ପାଇଁ ଯେତେବେଳେ ବିଜ୍ଞାପନ ପ୍ରକାଶ ପାଇଲା, ଏଥିରେ କେହି କୌତୂହଳୀ ହେଲେ ତ, ଅନ୍ୟ କେହି ଧୂଆଁବାଣ ବୋଲି ଭାବିଲେ। କିନ୍ତୁ ବାସ୍ତବରେ ଏହା ଥିଲା ଏକ ଉତ୍ତମ ପଦକ୍ଷେପ। ସ୍କୁଲରେ ପଢ଼ାଯିବାକୁ ଏହି କୋର୍ସ ଅନୁସାରେ ଛାତ୍ରୀଛାତ୍ରଙ୍କୁ ସାଇକେଲ ଚାଳନା ଇ–ଲର୍ନିଂ ମାଧ୍ୟମରେ ଶିଖାଇବା। ନେଦରଲାଣ୍ଡ ରାଜଧାନୀ ଆମଷ୍ଟରଡାମସ୍ଥିତ ବିୱାଇସିଏସ୍ ସଂସ୍ଥା ଦ୍ୱାରା ତିଆରି ସିଲାବସ ଏଥିରେ ଅନୁସୃତ ହେବ। ଗୁଜରାଟର ସୁରଟରେ ଏହା ଆରମ୍ଭ କରାଯିବ ଏବଂ ତୃତୀୟ, ଚତୁର୍ଥ ଶ୍ରେଣୀ ପିଲା ଏହା ଶିଖିବେ। ପଦ୍ମଶ୍ରୀ ପ୍ରାପ୍ତ ପ୍ରସିଦ୍ଧ ସାଇକେଲ ଚଢ଼ାଳି ଯାଜଦି କରଞ୍ଜିଆ, ସାର୍ବଜନୀନ ଏଜୁକେଶନ ସୋସାଇଟି ଓ ସେଠାକାର ନେଚର କ୍ଲବ ଏହାର ପ୍ରଯୋଜକ। ଏଥିରେ ବିଷୟବସ୍ତୁ ରହିବ ସାଇକେଲ–ଚାଳନା, ଟ୍ରାଫିକ୍ ନିୟମ, ପରିବେଶ, ସ୍ୱାସ୍ଥ୍ୟ ତଥା ଏଥିରୁ ସାମାଜିକ ଓ ଆର୍ଥିକ ଲାଭ। ତା'ସହ ରହିଛି କ୍ରୀଡ଼ାରେ ସାଇକେଲ ଚାଳନା ପ୍ରତିଯୋଗିତା। ସମ୍ପ୍ରତି ବିଶ୍ୱସ୍ତରରେ ସାଇକେଲର ଚାହିଦା ବଢ଼ୁଛି। ୧୯୭୦ ଦଶକ ପରେ ୨୦୦୦ରେ ସର୍ବାଧିକ ସାଇକେଲ ବିକ୍ରୟ ହୋଇଥିଲା। ମାନିଲା(ଫିଲିପାଇନ୍‌ସ), ରୋମ(ଇଟାଲୀ)ରେ ସାଇକେଲ ପାଇଁ ସ୍ୱତନ୍ତ୍ର ସମର୍ପିତ ରାସ୍ତା ନିର୍ମାଣ କରାଯାଇଛି। ଇଟାଲୀ ସରକାର ସାଇକେଲ କ୍ରୟ ପାଇଁ ଶତକଡ଼ା ୪୦ ଭାଗ ରିହାତି ଦେଇଛନ୍ତି। ଭାରତର ବେଙ୍ଗାଲୁରୁରେ ସାଇକେଲ ଲେନ୍ ବ୍ୟବସ୍ଥା କରାଗଲାଣି। ତେବେ ଗୃହ ମାଲିକ ଓ ଦୋକାନୀମାନେ ପାର୍କିଂ ସ୍ପେସ୍ ନ ଛାଡ଼ିବା, ଠେଲାଗାଡ଼ି ରାସ୍ତା ମାଡ଼ି ବସିବା ଆମର ପ୍ରଧାନ ଅନ୍ତରାୟ। ମୋଟର ଚାଳିତ ଯାନ ବାହନ ଗମନାଗମନ ଓ ସବୁଜ ଗୃହ ପ୍ରଭାବରୁ ପରିବେଶ ବିପର୍ଯ୍ୟସ୍ତ ହୋଇଛି। ତେଣୁ ମୋଟର ଯାନର ପ୍ରାଦୁର୍ଭାବକୁ ସାଇକେଲ ଯଥା ସମ୍ଭବ ହ୍ରାସ କରିପାରିଲେ ପର୍ଯ୍ୟାବରଣ ପାଇଁ ଏହା ଏକ ଅପୂର୍ବ ବରଦାନ ହେବ।

ନ୍ୟାଶନାଲ ଜିଓଗ୍ରାଫିକ ମାଗାଜିନ ଓ ଗାଲାପ ସଂସ୍ଥା ୨୦୧୭–୧୮ରେ କରିଥିବା ସର୍ଭେରୁ ଜଣାଯାଏ ଯେ, ଯୁକ୍ତରାଷ୍ଟ୍ରର ସର୍ବାଧିକ ପାଞ୍ଚଟି ସୁଖୀ ସହରରେ ଯାନବାହନ ଓ ସୁଖ ମଧ୍ୟରେ ଅନ୍ତରଙ୍ଗ ସମ୍ପର୍କ ଅଛି। ଯେଉଁଠାରେ ପଦଚାରୀ ଓ ସାଇକେଲ ଆରୋହୀମାନେ ନିରାପଦରେ ଯାତାୟାତ କରନ୍ତି, ସେଠାରେ ଟ୍ରାଫିକ ଭିଡ଼ କମ୍ ରୁହେ ଓ ପରସ୍ପର ମଧ୍ୟରେ ସ୍ନେହ ସୌହାର୍ଦ୍ଦ୍ୟ ବୃଦ୍ଧି ପାଏ। ଆମ ସର୍ବାଙ୍ଗୀନ ଉନ୍ନତି ପାଇଁ କମ୍ ଦୂରତା ଲାଗି ମୋଟର ଗାଡ଼ି ବ୍ୟବହାରକାରୀମାନେ ଆଉ "ବାଇସାଇକେଲ! ବାଏ ବାଏ" ବୋଲି ନ କହନ୍ତେ କି?

**ମୋ: ୯୦୭୮୭୪୩୮୪୩**

## ପାଠକ ଶ୍ରେଷ୍ଠ ବିଚାରକ

### ନିଶା କବଳିତ ଗୁଜରାଟ

ମହାଶୟ,

ଚଳିତବର୍ଷ ସେପ୍ଟେମ୍ବର ୧୯ ରେ ଗୁଜରାଟର ମୁନ୍ଦ୍ରା ବଜାରରେ ରାଜସ୍ୱ ଗୋଇନ୍ଦା ବିଭାଗ ୪୮ କୋଟି ଟଙ୍କାର ଇ–ସିଗାରେଟ ଷ୍ଟିକ୍ ଜବତ କଲା। ଏହା ପୂର୍ବରୁ ସେପ୍ଟେମ୍ବର ୫ରେ ସୁରଟ ସହରର ୨୦ କୋଟି ଟଙ୍କାର ଇ– ସିଗାରେଟ୍ ବୋଝେଇ ଟ୍ରକ୍ ଜବତ ହୋଇଥିଲା। ୨୦୧୯ରୁ ସରକାର ଇ–ସିଗାରେଟ୍‌ର ଉତ୍ପାଦନ, ରପ୍ତାନି, ଆମଦାନୀ ଓ ବିଜ୍ଞାପନ ଉପରେ ନିଷେଧାଦେଶ ଜାରି କରିଥିଲେ ମଧ୍ୟ ଏହାର ବହୁଳ ବ୍ୟବହାର ହେଉଛି। କେବଳ ଇ–ସିଗାରେଟ୍ ନୁହେଁ, ଗତବର୍ଷ ସେପ୍ଟେମ୍ବର ୧୯ରେ ମୁନ୍ଦ୍ରା ବନ୍ଦରରୁ ୩୦୦୦ କୋଟି ଟଙ୍କାର ହେରୋଇନ ଜବତ ହୋଇଥିଲା। କହିବା ନିଷ୍ପ୍ରୟୋଜନ, ଗୁଜରାଟ ନିଶା କାରବାରର ହବ୍‌ରେ ପରିଣତ ହୋଇଛି। ନିଶାମୁକ୍ତ ଭାରତ ଗଠନ ସ୍ୱପ୍ନ ଦେଖିଥିବା ଜାତିର ଜନକ ମହାତ୍ମା ଗାନ୍ଧୀଙ୍କ ଜନ୍ମ ଓ କର୍ମପୀଠ ଗୁଜରାଟ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହାଙ୍କ ନିଜ ରାଜ୍ୟ ଗୁଜରାଟ। ଦୀର୍ଘ ୨୨ ବର୍ଷ ଧରି ଭାଜପା ସେଠାରେ ଶାସନରେ ଅଛି। ଏଭଳି ସ୍ଥଳେ ଗୁଜରାଟ ନିଶା କବଳିତ ହେବା ବିଡ଼ମ୍ବନାର ବିଷୟ।

**–ଅକ୍ଷୟ କୁମାର ମହାନ୍ତି, ହାଜିପୁର, ବିରିଡି,ଜଗତ୍‌ସିଂହପୁର**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ଅନ୍ତରେ କେତେ କାରଣ ବିହୀନ ବାସନା
ଦେଲା ଲେଖି
ଅର୍ଥବିହୀନ କେତେ ସୁଖ କେତେ ଯାତନା
ହେଲା ସେ କି।

–(ମନେ ନାହିଁ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ



ଦିଲ୍ଲୀ ଉପମୁଖ୍ୟମନ୍ତ୍ରୀ ମନୀଷ ସିସୋଡିଆ ନୂଆଦିଲ୍ଲୀସ୍ଥିତ ମୁଖ୍ୟ ନିର୍ବାଚନ କମିଶନ କାର୍ଯ୍ୟାଳୟ ଆଗରେ ଆମ୍ ଆଦ୍ମୀ ନେତାଙ୍କ ସହ ଧାରଣାରେ ବସିଛନ୍ତି।

# ନାମାଙ୍କନ ପ୍ରତ୍ୟାହାର କଲେ ଏଏପି ପ୍ରାର୍ଥୀ

**ଗୁଜରାଟ ନିର୍ବାଚନ**

**ଭାଜପା ଗୁଣ୍ଡା ଅପହରଣ କରିଥିବା ସିସୋଡିଆଙ୍କ ଅଭିଯୋଗ**

ନୂଆଦିଲ୍ଲୀ,୧୬।୧୧

ଗୁଜରାଟ ବିଧାନସଭା ନିର୍ବାଚନ ଲାଗି ସୁରଟ ପୂର୍ବ ଆସନରୁ ଆମ୍ ଆଦ୍ମୀ ପାର୍ଟି (ଏଏପି) ପ୍ରାର୍ଥୀ ହୋଇଥିବା କାଞ୍ଚନ ଜରିୱାଲା ବୁଧବାର ତାଙ୍କ ନାମାଙ୍କନପତ୍ର ପ୍ରତ୍ୟାହାର କରିନେଇଛନ୍ତି। ଭାଜପା ତାଙ୍କୁ ଅପହରଣ କରିନେଇ ନାମାଙ୍କନପତ୍ର ପ୍ରତ୍ୟାହାର ଲାଗି ଚାପ ପକାଇଥିବା ଦିଲ୍ଲୀ ଉପମୁଖ୍ୟମନ୍ତ୍ରୀ ମନୀଷ ସିସୋଡିଆ ଅଭିଯୋଗ କରିଛନ୍ତି। ତେବେ ଏଏପିର ଅଭିଯୋଗକୁ ଭାଜପା ଖଣ୍ଡନ କରିଛି। କାଞ୍ଚନ ଓ ତାଙ୍କ ପରିବାର ସଦସ୍ୟ ମଙ୍ଗଳବାରଠାରୁ ନିଖୋଜ ଥିଲେ ବୋଲି ଏକ ଖବରଦାତା ସମ୍ମିଳନୀରେ ସିସୋଡିଆ କହିଛନ୍ତି। ଚଳିତ ନିର୍ବାଚନରେ ଭାଜପା ଶୋଚନୀୟ ଭାବେ ପରାଜିତ ହେବାକୁ ଥିବାରୁ ପ୍ରାର୍ଥୀ ଅପହରଣ ଭଳି ସ୍ତରକୁ ଖସିଯାଇଛି। ପରାଜୟ ଭୟରେ ଭାଜପା ଗୁଣ୍ଡାମାନେ ସୁରଟରୁ ଏଏପି ପ୍ରାର୍ଥୀଙ୍କୁ ଅପହରଣ କରିଥିବା ସିସୋଡିଆ ଅଭିଯୋଗ କରିଛନ୍ତି।



କାଞ୍ଚନ ଜରିୱାଲା

୧୮୨ ଆସନ ବିଶିଷ୍ଟ ଗୁଜରାଟ ବିଧାନସଭା ନିର୍ବାଚନ ଡିସେମ୍ବର ୧ ଓ ୫ ତାରିଖରେ ଅନୁଷ୍ଠିତ ହେବାକୁ ଥିବାବେଳେ ୮ ତାରିଖରେ ଭୋଟ ଗଣତି ହୋଇ ଫଳାଫଳ ପ୍ରକାଶ ପାଇବ। ସୁରଟ ପୂର୍ବ ଆସନରେ ଭାଜପା ବର୍ତ୍ତମାନର ବିଧାୟକ ଅରବିନ୍ଦ ରାଣାଙ୍କୁ ପ୍ରାର୍ଥୀ କରିଛି। ଏଏପି ରାଜ୍ୟ ସଭାପତି ଗୋପାଳ ଇଟାଲିଆଙ୍କ କହିବା ଅନୁଯାୟୀ କାଞ୍ଚନ ବୁଧବାର କଡ଼ା ପୋଲିସ ସୁରକ୍ଷା ମଧ୍ୟରେ ରିଟର୍ନିଂ ଅଫିସରଙ୍କ କାର୍ଯ୍ୟାଳୟରେ ପହଞ୍ଚିଥିଲେ। ଶାସକ ଦଳର ଚାପରେ ତାଙ୍କୁ ନାମାଙ୍କନପତ୍ର ପ୍ରତ୍ୟାହାର ଲାଗି ଭାଜପା ଗୁଣ୍ଡାମାନେ ବାଧ କରିଥିଲେ ବୋଲି ଇଟାଲିଆ ଅଭିଯୋଗ କରିଛନ୍ତି।

ଏଏପି ପ୍ରାର୍ଥୀଙ୍କୁ ଅପହରଣ ଅଭିଯୋଗର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଲାଗି ବୁଧବାର ନିର୍ବାଚନ କମିଶନ ଗୁଜରାଟ ମୁଖ୍ୟ ନିର୍ବାଚନ ଅଧିକାରୀ (ସିଇଓ)ଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସିସୋଡିଆଙ୍କ ନେତୃତ୍ୱରେ ଏଏପିର ୪ ଜଣିଆ ପ୍ରତିନିଧି ଦଳ ବୁଧବାର ସନ୍ଧ୍ୟାରେ ନିର୍ବାଚନ କମିଶନ ଅଧିକାରୀମାନଙ୍କୁ ଭେଟି ଅଭିଯୋଗ ସମ୍ପର୍କରେ ଜଣାଇଥିଲେ। ସେମାନଙ୍କ ଅଭିଯୋଗପତ୍ରକୁ ଗୁଜରାଟ ସିଇଓଙ୍କ ପାଖକୁ ତଦନ୍ତ ନିମନ୍ତେ ପଠାଯାଇଥିବା ଇସି ମୁଖପାତ୍ର କହିଛନ୍ତି।

**ପଦ୍ମପୁର ଉପନିର୍ବାଚନ**

# କଂଗ୍ରେସ ନୀରବ: ଫାଇଦା ଆଶାରେ ବିଜେଡି, ଭାଜପା

ପ୍ରେମାନନ୍ଦ ଖମାରୀ

ବରଗଡ଼ ଅଫିସ୍,୧୬।୧୧

ବରଗଡ଼ ଜିଲା ପଦ୍ମପୁର ନିର୍ବାଚନ ମଣ୍ଡଳୀ ଏକଦା କଂଗ୍ରେସ ଗଡ଼ ଥିଲା। ହେଲେ ବର୍ତ୍ତମାନ ଉକ୍ତ ନିର୍ବାଚନ ମଣ୍ଡଳୀରେ କଂଗ୍ରେସକୁ କ୍ଷତି ସହିବାକୁ ପଡୁଛି। ତେବେ ଚଳିତ ଉପନିର୍ବାଚନରେ ଦଳର ନୀରବତା ଆହୁରି ଚର୍ଚ୍ଚାର ବିଷୟ ହୋଇଛି। ଉପନିର୍ବାଚନକୁ ଗୁରୁତ୍ୱ ଦେଇ ଅନ୍ୟ ଦଳ ନାମାଙ୍କନ ଦାଖଲ ପୂର୍ବରୁ ପ୍ରଚାର ମଇଦାନକୁ ଓହ୍ଲାଇଛନ୍ତି। କିନ୍ତୁ କଂଗ୍ରେସ ଏପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ନୀରବ ରହିଛି। କଂଗ୍ରେସର ଏଭଳି ନୀରବ ରହିଲେ ବିଜେଡି, ଭାଜପା ଏହାର ଫାଇଦା ଉଠାଇବେ ବୋଲି ରାଜନୈତିକ ସମୀକ୍ଷକ ମତ ଦେଇଛନ୍ତି। ମାତ୍ର ନାମାଙ୍କନପତ୍ର ଦାଖଲ ପରେ ଲଢ଼େଇ ହେବ ଏବଂ କଂଗ୍ରେସ ହିଁ ଏଥର ବିଜୟୀ ହେବ ବୋଲି ଦଳୀୟ ନେତୃବୃନ୍ଦ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି।

ପଦ୍ମପୁର ନିର୍ବାଚନ ମଣ୍ଡଳୀର ଡା. କୃପାସିନ୍ଧୁ ଭୋଇ ସମ୍ବଲପୁର ଲୋକସଭା ନିର୍ବାଚନ ମଣ୍ଡଳୀରୁ ୪ଥର ନିର୍ବାଚିତ ହୋଇ କେନ୍ଦ୍ରମନ୍ତ୍ରୀ ଥିଲେ। ୨୦୦୯ ସାଧାରଣ ନିର୍ବାଚନରେ ପୂର୍ବତନ ଏମ୍‌ପି ସ୍ୱର୍ଗତ ଡା. ଭୋଇଙ୍କ ପୁଅ ସଞ୍ଜୟ ବରଗଡ଼ ଲୋକସଭା ଆସନରୁ ନିର୍ବାଚିତ ହୋଇଥିଲେ। ବର୍ତ୍ତମାନ ଉପନିର୍ବାଚନରେ କଂଗ୍ରେସ ପ୍ରାର୍ଥୀ ହୋଇଥିବା ସତ୍ୟଭୂଷଣ ସାହୁ ମଧ୍ୟ ଏକାଧିକ ଥର ଏହି ନିର୍ବାଚନ ମଣ୍ଡଳୀରୁ ନିର୍ବାଚିତ ହୋଇଛନ୍ତି। ୨୦୦୯ ସାଧାରଣ ନିର୍ବାଚନରେ ବିଫଳତା ପରେ ୨୦୧୪ ନିର୍ବାଚନରେ ତାଙ୍କ ବଦଳରେ ପ୍ରକାଶ ନାରାୟଣ ତ୍ରିପାଠୀଙ୍କୁ ଦଳୀୟ ଟିକେଟ୍ ମିଳିଥିଲା। ମାତ୍ର ତାହା ବି ଦଳ ପାଇଁ ବୁମେରାଂ ହୋଇଥିଲା। ୨୦୧୯ ସାଧାରଣ ନିର୍ବାଚନ ସହିତ ଚଳିତ ଉପନିର୍ବାଚନରେ ଦଳ ସତ୍ୟଭୂଷଣଙ୍କୁ ବିଶ୍ୱାସକୁ ନେଇ ନିର୍ବାଚନ ମଇଦାନକୁ ଛାଡ଼ିଛି।

କିନ୍ତୁ ନିର୍ବାଚନୀ ମଇଦାନରେ ଏପର୍ଯ୍ୟନ୍ତ କଂଗ୍ରେସ ଅନ୍ୟ ଦୁଇ ପ୍ରମୁଖ ଦଳ ଭାଜପା, ବିଜେଡି ଭଳି ତତ୍ପର ହୋଇ ନ ଥିବା ପରିଲକ୍ଷିତ ହୋଇଛି। ନାମାଙ୍କନ ଦାଖଲ କରି ନ ଥିଲେ ସୁଦ୍ଧା ଭାଜପା ଏବଂ ବିଜେଡିର ନେତା, ମନ୍ତ୍ରୀ ନିର୍ବାଚନ ମଣ୍ଡଳୀକୁ ଆସି ଡେରା ପକାଇଛନ୍ତି। କିନ୍ତୁ କଂଗ୍ରେସ କ୍ଷେତ୍ରରେ ତାହା ହୋଇ ନ ଥିବା କେତେକ ଦଳୀୟ ନେତୃବୃନ୍ଦ ସ୍ୱୀକାର କରିଛନ୍ତି। ଫସଲବୀମା, ଇନପୁଟ୍ ସବସିଡ଼ି, ଜିଲା ଗଠନ ଦାବି ଏବେ ପଦ୍ମପୁର ଉପନିର୍ବାଚନରେ ଏକ ପ୍ରମୁଖ ପ୍ରସଙ୍ଗ ହୋଇଥିବାବେଳେ ଉଭୟ ବିଜେଡି-ଭାଜପା ପରସ୍ପର ଦୋଷ ଲଦାଲଦି କରି ଫାଇଦା ଉଠାଇବାକୁ ଚେଷ୍ଟା କରୁଛନ୍ତି। କିନ୍ତୁ କଂଗ୍ରେସ ନୀରବ ରହିଛି।

ଏ ସମ୍ପର୍କରେ ଜିଲା କଂଗ୍ରେସ ସଭାପତି ନିହାର ରଞ୍ଜନ ମହାନନ୍ଦ କହିଛନ୍ତି, ଉପନିର୍ବାଚନରେ ଦଳ ନୀରବ ରହିନାହିଁ। ଦଳ ତାର ରଣନୀତି ପ୍ରସ୍ତୁତ କରିସାରିଛି। କଂଗ୍ରେସ ପ୍ରାର୍ଥୀ ସତ୍ୟଭୂଷଣ ସାହୁ କହିଛନ୍ତି, ଅନ୍ୟଦଳ ନାମାଙ୍କନ ଦାଖଲ ପୂର୍ବରୁ ଲୋକଙ୍କୁ ଭୁଆଁ ବୁଲାଉଛନ୍ତି। ମାତ୍ର ଆମ ଦଳର ନୀତି ଆଦର୍ଶରେ ତାହା ନାହିଁ। ଗୁରୁବାର ନାମାଙ୍କନ ଦାଖଲ କରିବି ଏବଂ ଏହାପରେ ଲଢ଼େଇ ଚାଲିବ ବୋଲି ସେ କହିଥିଲେ। ଭାଜପା ଜିଲା ସଭାପତି ଅଶ୍ୱିନୀ ଷଡ଼ଙ୍ଗୀ କହିଛନ୍ତି, ଭାଜପା ପ୍ରତି ଲୋକଙ୍କ ବିଶ୍ୱାସ ରହିଛି। ଲୋକେ ଭାଜପା ପ୍ରାର୍ଥୀଙ୍କୁ ହିଁ ଜିତାଇବେ। ସେହିପରି ବିଜେଡି ରାଜ୍ୟ ଉପସଭାପତି ପ୍ରସନ୍ନ ଆଚାର୍ଯ୍ୟ କହିଛନ୍ତି, ବିଜେଡି ପଦ୍ମପୁର ନିର୍ବାଚନ ମଣ୍ଡଳୀର ସବୁ ଭୋଟ୍ ପାଇବାକୁ ଆଶାବାଦୀ ଅଛି।

# ଆଜି ନାମାଙ୍କନ ଭରିବେ ସବୁ ଦଳର ପ୍ରାର୍ଥୀ

ପଦ୍ମପୁର,୧୬।୧୧(ଡି.ଏନ.ଏ.)

ପଦ୍ମପୁର ଉପନିର୍ବାଚନ ପାଇଁ ନାମାଙ୍କନପତ୍ର ଦାଖଲର ଶେଷ ଦିବସ ଗୁରୁବାର ରହିଛି। ତେବେ ବୁଧବାର ସୁଦ୍ଧା କୌଣସି ପ୍ରାର୍ଥୀ ନାମାଙ୍କନପତ୍ର ଦାଖଲ କରିନାହାନ୍ତି। ଗତ ସୋମବାର ଭାଜପା ପ୍ରାର୍ଥୀ ପ୍ରଦୀପ ପୁରୋହିତ ଶୋଭାଯାତ୍ରା କରି ନାମାଙ୍କନ ଦାଖଲ କରିବାକୁ ଆସିଥିଲେ ମଧ୍ୟ ଫେରିଯାଇଥିଲେ। ବୁଧବାର ବିଜେଡି ପ୍ରାର୍ଥିନୀ ବର୍ଷା ସିଂ ବରିହା ନାମାଙ୍କନପତ୍ର ଦାଖଲ କରିବେ ବୋଲି ଦଳ ପକ୍ଷରୁ ଘୋଷଣା କରାଯାଇଥିଲା। କିନ୍ତୁ ବିଜେଡି ବୁଧବାର ଏଥିରୁ ବିରତ ରହିଥିଲା। ଫଳରେ କୌଣସି ରାଜନୈତିକ ଦଳ ଚାଷୀମାନଙ୍କୁ ଅସନ୍ତୁଷ୍ଟ କରିବାକୁ ଚାହୁଁ ନ ଥିବା ଏଥିରୁ ସ୍ପଷ୍ଟ ହୋଇଛି। ତେବେ ଗୁରୁବାର ନାମାଙ୍କନ ଦାଖଲର ଶେଷ ଦିବସ ଥିବାରୁ ସବୁ ଦଳର ପ୍ରାର୍ଥୀ ଏହି ଦିନ ନାମାଙ୍କନ ଦାଖଲ କରିବେ ବୋଲି ସୂଚନା ମିଳିଛି। ଏ ସମ୍ପର୍କରେ ଭାଜପା ପ୍ରାର୍ଥୀ ପ୍ରଦୀପ ପୁରୋହିତ କହିଛନ୍ତି, ଗୁରୁବାର ଅପରାହ୍ନ ୨ଟା ସୁଦ୍ଧା ସେ ପ୍ରାର୍ଥିପତ୍ର ଦାଖଲ କରିବେ। କଂଗ୍ରେସ ଜିଲା ସଭାପତି ନିହାର ରଞ୍ଜନ ମହାନନ୍ଦ କହିଛନ୍ତି, ଗୁରୁବାର ପୂର୍ବାହ୍ନ ପ୍ରାୟ ୧୧ଟାରେ ସ୍ଥାନୀୟ ଗୋରୁ ମାର୍କେଟ୍‌ରୁ ଏକ ଶୋଭାଯାତ୍ରାରେ ବାହାରି ଦଳୀୟ ପ୍ରାର୍ଥୀ ସତ୍ୟଭୂଷଣ ସାହୁ ନାମାଙ୍କନପତ୍ର ଦାଖଲ କରିବେ। ସେହିପରି ଗୁରୁବାର ବିଜେଡି ପ୍ରାର୍ଥିନୀ ବର୍ଷା ସିଂ ବରିହା ପ୍ରାର୍ଥିପତ୍ର ଦାଖଲ କରିବେ ବୋଲି ବିଜେଡି ରାଜ୍ୟ ଉପସଭାପତି ପ୍ରସନ୍ନ ଆଚାର୍ଯ୍ୟ ସୂଚନା ଦେଇଛନ୍ତି।



ସୂଚନାଯୋଗ୍ୟ, ପଦ୍ମପୁର ଉପନିର୍ବାଚନ ପାଇଁ ଭାଜପାରୁ ପ୍ରଦୀପ ପୁରୋହିତ, ବିଜେଡିରୁ ବର୍ଷା ସିଂ ବରିହା, କଂଗ୍ରେସରୁ ସତ୍ୟଭୂଷଣ ସାହୁ, ଓଜେପିରୁ ମୁକ୍ତେଶ୍ୱର ଦାଶ, ଜୟାନନ ଥାପା, ବେଣୁଧର ବରିହା, କର୍ପୂର ମେହେର, ମନୋରଞ୍ଜନ ସିଂହ ବରିହା, ଶେଷଦେବ ସାହୁ, ବୃନ୍ଦାବନ ପୁରୋହିତ, ପ୍ରଶାନ୍ତ ବିଶ୍ୱାଳ, ଜ୍ୟୋତି ବିକାଶ ପ୍ରଧାନ, ରେବତୀ ଗିରୀ, ଚିତ୍ତରଞ୍ଜନ ମେହେର, ଉଦିତ ବୋଣ୍ଡିଆ ପ୍ରମୁଖ ମୋଟ ୧୫ ଜଣ ପ୍ରାର୍ଥିପତ୍ର କିଣିଛନ୍ତି। ଚାଷୀ ଆନ୍ଦୋଳନକୁ ଦୃଷ୍ଟିରେ ରଖି ବୁଧବାର ସୁଦ୍ଧା କେହି ନାମାଙ୍କନପତ୍ର ଦାଖଲ କରିନାହାନ୍ତି। ଅପରପକ୍ଷେ ସରକାରଙ୍କ ଘୋଷିତ ଇନ୍‌ପୁଟ ସବ୍‌ସିଡିକୁ ଧୁଆଁବାଣ ବୋଲି କହିଛନ୍ତି ଚାଷୀ ନେତା ରମେଶ ମହାପାତ୍ର। ଯେପର୍ଯ୍ୟନ୍ତ ଚାଷୀଙ୍କ ଦାବି ସରକାର ପୂରଣ କରିନାହାନ୍ତି ସେ ପର୍ଯ୍ୟନ୍ତ ଆନ୍ଦୋଳନ ପ୍ରତ୍ୟାହାରର ପ୍ରଶ୍ନ ଉଠୁନାହିଁ ବୋଲି ସେ କହିଛନ୍ତି।

# ପ୍ରଚାରକୁ ଓହ୍ଲାଇଲେ ବର୍ଷା



ସାପଲହରଠାରେ ବିଜେଡି ପ୍ରାର୍ଥିନୀ ବର୍ଷା ସିଂ ବରିହା ପ୍ରଚାର କରୁଛନ୍ତି।

ପାଇକମାଳ,୧୬।୧୧(ଡି.ଏନ.ଏ.)

ପଦ୍ମପୁର ଉପ ନିର୍ବାଚନ ପାଇଁ ନାମାଙ୍କନପତ୍ର ଦାଖଲ ପୂର୍ବରୁ ବୁଧବାର ପ୍ରଥମ କରି ବିଜେଡି ପକ୍ଷରୁ ମାରାଥନ ପ୍ରଚାର କରାଯାଇଛି। ପାଇକମାଳ ଜୋନ-୧ ଅଧୀନ ସାଲେପାଲିଠାରେ ଅନୁଷ୍ଠିତ ସଭାରେ ମନ୍ତ୍ରୀ ନବକିଶୋର ଦାସ, ଅତନୁ ସବ୍ୟସାଚୀ ନାୟକ, ରାଜ୍ୟ ସଭା ସଦସ୍ୟ ନିରଞ୍ଜନ ବିଶି, ବିଧାୟକ ପ୍ରଶାନ୍ତ ମୁଦୁଲି, ସ୍ନେହାଙ୍ଗିନୀ ଛୁରିଆ, ମହୀଧର ରଣା, ପୂର୍ବତନ ବିଧାୟକ ଯୋଗେଶ ସିଂ ପ୍ରମୁଖ ଯୋଗଦେଇ ପଦ୍ମପୁର ଉପନିର୍ବାଚନ ପାଇଁ ବିଜେଡି ପ୍ରାର୍ଥିନୀ ବର୍ଷା ସିଂ ବରିହାଙ୍କୁ ବିଜୟୀ କରିବା ଲାଗି ଜନସାଧାରଣଙ୍କୁ ଅନୁରୋଧ କରିଥିଲେ। ସେହିପରି ବରଡୁଣ୍ଡା ଗ୍ରାମର ସୁରୁଙ୍ଗିଦାଦରଠାରେ ବିଜେଡିର ଏକ ବିଶାଳ ସଭା ଆୟୋଜନ କରାଯାଇଥିଲା। ସଭାରେ ମନ୍ତ୍ରୀ ନବକିଶୋର ଦାସ, ଟୁକୁନି ସାହୁ, ବିଧାୟକ ଅରୁଣ କୁମାର ସାହୁ, ଲତିକା ପ୍ରଧାନ, ବ୍ରଜକିଶୋର ପ୍ରଧାନ, ଉଠା ଜଳସେଚନ ନିଗମ ଅଧ୍ୟକ୍ଷ ଅମରେଶ ପତ୍ରି, ପୂର୍ବତନ ବିଧାୟକ ମାନସ ମାଡକାମୀ ପ୍ରମୁଖ ଯୋଗଦେଇ ଦଳୀୟ ପ୍ରାର୍ଥୀ ବର୍ଷାଙ୍କ ପାଇଁ ଭୋଟ୍ ଭିକ୍ଷା କରିଥିଲେ। ପାଇକମାଳ ଜୋନ-୩ ଅଧୀନ ବାଦିକଟା ସାପଲହରଠାରେ ବିଜେଡିର ଏକ ବିଶାଳ ସମାବେଶରେ ବିଧାୟକ ଦିବ୍ୟଶଙ୍କର ମିଶ୍ର ସଭାପତିତ୍ୱ କରିଥିଲେ। ବିଧାୟକ ରମେଶ ଚନ୍ଦ୍ର ବେହେରା, ଜଗନ୍ନାଥ ନାୟକ, ସୁଶାନ୍ତ ରାଉତ, ମନୋହର ରନ୍ଧାରି, ରଘୁରାମ ପଦାଲ ଏବଂ ବିଜେଡି ପ୍ରାର୍ଥିନୀ ବର୍ଷା ସିଂ ବରିହା ଯୋଗ ଦେଇଥିଲେ। ବର୍ଷା ତାଙ୍କ ଅଭିଭାଷଣରେ ବାପା ବିଜୟ ରଞ୍ଜନ ସିଂ ବରିହାଙ୍କ ଅଧୁରା ସ୍ୱପ୍ନ ପୂରଣ କରିବା ପାଇଁ ଜନସାଧାରଣଙ୍କ ଆଶୀର୍ବାଦ ଭିକ୍ଷା କରିଥିଲେ। ଭଟଲି ବିଧାୟକ ସୁଶାନ୍ତ ସିଂ ଧନ୍ୟବାଦ ଅର୍ପଣ କରିଥିଲେ।

# ଇନ୍‌ପୁଟ୍ ସବ୍‌ସିଡି: ଭାଜପା-ବିଜେଡି ମୁହାଁମୁହିଁ

**■ ପଦ୍ମପୁର ଉପନିର୍ବାଚନ ନ ଥିଲେ ଘୋଷଣା ହୋଇ ନ ଥାଆନ୍ତା: ଭାଜପା**

**■ ଫସଲବୀମା ଭଳି ଇନ୍‌ପୁଟ୍ ସବ୍‌ସିଡ଼ି ରୋକିବାକୁ ଚାହୁଁଛନ୍ତି: ବିଜେଡି**

**ଭୁବନେଶ୍ୱର,୧୬।୧୧(ବ୍ୟୁରୋ):** ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଘୋଷଣା କରିଥିବା ମରୁଡ଼ି ସବ୍‌ସିଡି ଅର୍ଥ ପ୍ରଦାନ କଥାକୁ ନେଇ ବିଜେଡି ଏବଂ ଭାଜପା ମଧ୍ୟରେ କାଦୁଅ ଫିଙ୍ଗା ଆରମ୍ଭ ହୋଇଯାଇଛି। ଭାଜପା ସାଧାରଣ ସମ୍ପାଦକ ପୃଥ୍ୱୀରାଜ ହରିଚନ୍ଦନ ଖବରଦାତା ସମ୍ମିଳନୀ କରି କହିଛନ୍ତି, ବରଗଡ଼ ଜିଲା ପାଇଁ ଇନ୍‌ପୁଟ୍ ସବ୍‌ସିଡି କେତେ ଦିଆଯିବ, ତା'ର ସବିଶେଷ ତଥ୍ୟ ମୁଖ୍ୟମନ୍ତ୍ରୀ ରଖନ୍ତୁ। ୨୦୨୧ ଅକ୍ଟୋବର ୧୧ରେ ଏସ୍‌ଆର୍‌ସି ରାଜ୍ୟର ସବୁ ଜିଲାପାଳଙ୍କୁ ମରୁଡ଼ି ସ୍ଥିତି ନେଇ ଚିଠି ଲେଖିବା ସହ ସବିଶେଷ ରିପୋର୍ଟ ଦେବା ପାଇଁ ଉଲ୍ଲେଖ କରିଥିଲେ। ମାତ୍ର ବରଗଡ଼ ଜିଲାରେ ମରୁଡ଼ି ହୋଇଥିବା ନେଇ ସେ ଚିଠି କୁଆଡ଼େ ଗଲା। ଏହି ଚିଠି ଅଛି ନା ନାହିଁ। ବିଧାନସଭାରେ ମରୁଡ଼ି ପ୍ରସଙ୍ଗ ଉଠିଲା ବେଳକୁ କୌଣସି ଜିଲାରେ ମରୁଡ଼ି ନ ଥିବା କଥା ସରକାରଙ୍କ ପକ୍ଷରୁ କୁହାଗଲା। ସରକାର କେବଳ ମିଛ କହୁଛନ୍ତି। ପଦ୍ମପୁର ଉପନିର୍ବାଚନ ନ ଥିଲେ ସରକାର ଏହି ଘୋଷଣା କରି ନ ଥାନ୍ତେ ବୋଲି ପୃଥ୍ୱୀରାଜ କହିଛନ୍ତି।

ଅପରପକ୍ଷେ ବିଜେଡି ପ୍ରବକ୍ତା ଗୌତମବୁଦ୍ଧ ଦାସ କହିଛନ୍ତି, ଭାଜପାର ଖବରଦାତା ସମ୍ମିଳନୀ ପୁଣି ଥରେ ସେମାନଙ୍କ ଚାଷୀ ବିରୋଧୀ ମନୋଭାବକୁ ପଦାରେ ପକାଇଛି। ଯେପରି ସେମାନେ ଚାଷୀଙ୍କ ଫସଲ ବୀମା ଦେୟକୁ ଅଟକାଇଥିଲେ, ଏବେ ଇନ୍‌ପୁଟ୍ ସବ୍‌ସିଡି ରୋକିବାକୁ ଚେଷ୍ଟା କରୁଛନ୍ତି ବୋଲି ସେ କହିଛନ୍ତି।

# ଫସଲ ବୀମାକୁ ନେଇ ଟଣାଓଟରା

**■ କମ୍ପାନୀଠାରୁ ଚାଷୀଙ୍କୁ ଟଙ୍କା ପ୍ରଦାନ କରନ୍ତୁ ରାଜ୍ୟ ସରକାର: ତୋମାର**

**■ ବୀମା ଅର୍ଥ କେନ୍ଦ୍ରକୁ ପ୍ରଦାନ କରିବାକୁ ପଡ଼ିବ: ବିଜେଡି**

ଭୁବନେଶ୍ୱର, ୧୬।୧୧(ବ୍ୟୁରୋ)

କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ବୁଧବାର କୃଷକ ସଙ୍ଗଠନର ଅନୁରୋଧକ୍ରମେ କେନ୍ଦ୍ର କୃଷିମନ୍ତ୍ରୀ ନରେନ୍ଦ୍ର ସିଂ ତୋମାରଙ୍କୁ ଭେଟି ରାଜ୍ୟର ଚାଷୀଙ୍କ ବୀମାରାଶି ସମେତ ବିଭିନ୍ନ ସମସ୍ୟା ନେଇ ବିସ୍ତୃତ ଆଲୋଚନା କରିବା ସହ ଏ ସଂକ୍ରାନ୍ତୀୟ ଏକ ଚିଠି ପ୍ରଦାନ କରିଛନ୍ତି। ଚାଷୀଙ୍କ ସମସ୍ୟା ବୁଝିବା ସହ ବିଭାଗୀୟ ଅଧିକାରୀଙ୍କୁ ସମସ୍ୟାର ତୁରନ୍ତ ସମାଧାନ ପାଇଁ ତୋମାର ନିର୍ଦ୍ଦେଶ ଦେଇଥିବା ସେ କହିଛନ୍ତି।

ଧର୍ମେନ୍ଦ୍ର ତାଙ୍କ ଚିଠିରେ ଉଲ୍ଲେଖ କରିଛନ୍ତି, ବରଗଡ଼ ଗସ୍ତ ସମୟରେ ସେଠାକାର ଚାଷୀମାନେ ତାଙ୍କୁ ଭେଟିଥିଲେ। ଓଡ଼ିଶା ସରକାରଙ୍କ ଦ୍ୱାରା ଚୟନ କରାଯାଇଥିବା ଏଚ୍‌ଡିଏଫ୍‌ସି ଆଗ୍ରୋ ଜେନେରାଲ ଇନ୍‌ସ୍ୟୁରାନ୍ସ କମ୍ପାନୀ ମାଧ୍ୟମରେ ୨୦୨୧ ଖରିଫ ଋତୁର ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନାର ବୀମାରାଶିକୁ ପୁଣି ଥରେ ସମୀକ୍ଷା କରାଯାଉ। ବୀମା କମ୍ପାନୀ ପାଇକମାଳ, ଝରାବନ୍ଧ, ପଦ୍ମପୁର, ଗାଇସିଲେଟ୍, ସୋହେଲା ଏବଂ ବିଜେପୁର ବ୍ଲକରେ ୨୦୨୧ ଖରିଫ ଋତୁରେ ମରୁଡ଼ି ପରିସ୍ଥିତି ଯୋଗୁ କ୍ଷୟକ୍ଷତି ହୋଇଥିବା ଚାଷର ବୀମା ଅର୍ଥ ବହୁତ କମ୍ ପ୍ରଦାନ କରିବା ନେଇ ଚାଷୀମାନେ ଅଭିଯୋଗ କରିଥିବା ଧର୍ମେନ୍ଦ୍ର ଚିଠିରେ ଉଲ୍ଲେଖ କରିଛନ୍ତି। ତେବେ ଏନେଇ ତୋମାର କହିଛନ୍ତି, ଏହି ଯୋଜନା ଚାଷୀଙ୍କ ସୁରକ୍ଷାକବଚ। ଉକ୍ତ ଯୋଜନା ଅନ୍ତର୍ଗତ ଦେଶବ୍ୟାପୀ ପ୍ରାକୃତିକ ବିପର୍ଯ୍ୟୟ ଦ୍ୱାରା ପ୍ରଭାବିତ ହୋଇଥିବା ଫସଲ ପାଇଁ ଚାଷୀଙ୍କୁ ୧ ଲକ୍ଷ ୨୪ ହଜାର କୋଟିରୁ ଅଧିକ ଟଙ୍କା ବୀମାରାଶି ବ୍ୟାଙ୍କ୍ ଖାତାରେ ଜମା କରାଯାଇଛି। ଉକ୍ତ ଯୋଜନାରେ ବୀମା କମ୍ପାନୀ ଚୟନ ରାଜ୍ୟ ସରକାରମାନେ କରନ୍ତି। ଓଡ଼ିଶାର ଯେବେ ବି ସମସ୍ୟା ଉତ୍ପନ୍ନ ହୋଇଛି କେନ୍ଦ୍ର ସରକାର ହସ୍ତକ୍ଷେପ କରି ତୁରନ୍ତ ସମସ୍ୟାର ସମାଧାନ କରିବା ପାଇଁ ଚେଷ୍ଟା କରିଛନ୍ତି। ରାଜ୍ୟ ସରକାର ବୀମା କମ୍ପାନୀଠାରୁ ହିତାଧିକାରୀଙ୍କ ପଇସା ପ୍ରଦାନ କରନ୍ତୁ ବୋଲି ତୋମାର କହିଛନ୍ତି।

ବିଜେଡି ରାଜ୍ୟ ସଭା ସଦସ୍ୟ ସସ୍ମିତ୍ ପାତ୍ର ଏହି ପ୍ରସଙ୍ଗରେ ପ୍ରତିକ୍ରିୟା ରଖି କହିଛନ୍ତି, ଓଡ଼ିଶାର ଲୋକମାନେ ଭାଜପାର ଚାଷୀ ବିରୋଧୀ ମନୋଭାବ ଦେଖୁଛନ୍ତି। ମୁଖ୍ୟମନ୍ତ୍ରୀ ଏବଂ ସମବାୟ ମନ୍ତ୍ରୀଙ୍କ ନିୟମିତ ଯୋଗାଯୋଗ ସତ୍ତ୍ୱେ ଚାଷୀଙ୍କ ଫସଲ ବୀମା କେନ୍ଦ୍ର ଅଟକାଇଥିଲା। ଧର୍ମେନ୍ଦ୍ରଙ୍କ ଚିଠି ଉପରେ ଜବାବ ରଖି ତୋମାର କହିଛନ୍ତି, ଚାଷୀଙ୍କ ଚାପ ଏବଂ ମୁଖ୍ୟମନ୍ତ୍ରୀଙ୍କ ନିରନ୍ତର ଯୋଗାଯୋଗ ପରେ ଫସଲ ବୀମା ଅର୍ଥ ମଞ୍ଜୁର କରାଯାଇଛି। ଓଡ଼ିଶାର ଫସଲବୀମାକୁ ଅଟକାଇବା ନେଇ ଭାଜପା ପ୍ରତି କୃଷକଙ୍କ କ୍ରୋଧ ଦେଖିବାକୁ ମିଳିଛି। ଚିଠିର କୌଣସି ସତ୍ୟତା ନ ଥିବା ଧର୍ମେନ୍ଦ୍ର ପ୍ରଧାନ ଭଲରେ ଜାଣିଛନ୍ତି ବୋଲି ସସ୍ମିତ୍ କହିଛନ୍ତି।

**ପୂର୍ବ ତଟ ରେଳପଥ**

ଟେଣ୍ଡର ବିଜ୍ଞପ୍ତି ସଂ.38/ET/SBP/ENGG/2022-23, ତା.09.11.2022ରିଖ

(1)ଇ-ଟେଣ୍ଡର ସଂ.37-eT-DENW-SBP-22

କାର୍ଯ୍ୟର ନାମ : ସମ୍ବଲପୁର ମଣ୍ଡଳର ନୂଆପଡ଼ା ରୋଡ଼ (In)-ଟିଟିଲାଗଡ଼ (Ex) ସେକ୍ସନରେ 3.74 କି.ମି. ଲମ୍ବ ନିମନ୍ତେ ବିଭିନ୍ନ ପ୍ୟାଚ୍‌ଗୁଡ଼ିକରେ ସେସ୍ (Cess) ଏବଂ ଟ୍ରାଲି ରିଫ୍ୟୁଜେସ୍‌ର ମରାମତି।

କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ): 85,26,769.04, ବିଡ୍ ସିକ୍ୟୁରିଟି (ଟଙ୍କାରେ): 1,70,600/-।

(2)ଇ-ଟେଣ୍ଡର ସଂ.38-eT-DENW-SBP-22

କାର୍ଯ୍ୟର ନାମ : ସମ୍ବଲପୁର ମଣ୍ଡଳର ଖରିଆର ରୋଡ଼ ଷ୍ଟେସନ ଠାରେ ଫୁଟ୍ ଓଭର ବ୍ରିଜ୍ (FOB)ର ସମ୍ପ୍ରସାରଣ ନିମନ୍ତେ ଅବଶିଷ୍ଟ କାର୍ଯ୍ୟ।

କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ): 93,70,896.36, ବିଡ୍ ସିକ୍ୟୁରିଟି (ଟଙ୍କାରେ): 1,87,500/-।

(3)ଇ-ଟେଣ୍ଡର ସଂ.39-eT-DENW-SBP-22

କାର୍ଯ୍ୟର ନାମ : ସମ୍ବଲପୁର ମଣ୍ଡଳର ଲାଖୋଲି (Ex)-ଟିଟିଲାଗଡ(Ex) ସେକ୍ସନରେ RV-20, RV-33, RV-41, RV-43, RV-48, RV-61, RV-62, RV-85, RV-91, RV-121, RV-127, RV-155 ଏବଂ RV-157 ଠାରେ ସ୍ୱଚ୍ଛ ଉଚ୍ଚତା ବିଶିଷ୍ଟ ଉପମାର୍ଗ (LHS) ନିମନ୍ତେ ଯେକୌଣସି ସ୍ଥାନରୁ ପ୍ରାକୃତିକ ଭାବେ କିମ୍ବା ଜମା ହୋଇଥିବା ଜଳର ନିଷ୍କାସନ।

କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ): 78,43,334.82, ବିଡ୍ ସିକ୍ୟୁରିଟି (ଟଙ୍କାରେ): 1,56,900/-।

କାର୍ଯ୍ୟ ଶେଷ ହେବା ଅବଧି : 06 ମାସ (କ୍ରମ ସଂ.1 ଏବଂ 2 ପାଇଁ) ଏବଂ 12 ମାସ (କ୍ରମ ସଂ.3 ପାଇଁ)।

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ: ତା.05.12.2022 ରିଖ 1500 ଘଟିକାରେ (ସମସ୍ତ ଟେଣ୍ଡରଗୁଡ଼ିକ ନିମନ୍ତେ)।

ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15(ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟ୍‌କୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।

ମଣ୍ଡଳ ରେଳ ପ୍ରବନ୍ଧକ (ଇଂଜିନିୟରିଙ୍ଗ), ସମ୍ବଲପୁର

PR-704/N/22-23

**କେନ୍ଦ୍ରୀୟ ପଣ୍ୟାଗାର ନିଗମ**
(ଭାରତ ସରକାରଙ୍କ ଏକ ଉଦ୍ୟୋଗ)
ଆଞ୍ଚଳିକ କାର୍ଯ୍ୟାଳୟ, ମୌର୍ଯ୍ୟ ଲୋକ କମ୍ପ୍ଲେକ୍ସ, ବ୍ଲକ୍-ଏ, ୨ୟ ମହଲା, ଡାକବଙ୍ଗଳା ରୋଡ୍, ପାଟନା-୮୦୦୦୦୧
ଫୋନ୍ ନଂ.- ୦୬୧୨-୨୨୨୫୯୪୯ ଇ-ମେଲ୍: rmpat@cewacor.nic.in

ନଂ.: ସିଡବ୍ଲ୍ୟୁସି/ଆର୍‌ଓ ପିଏଟି/ଇଏନ୍‌ଜିଜି/ପିଏନ୍/୨୦୨୨-୨୩

**ପ୍ରେସ୍ ବିଜ୍ଞପ୍ତି**
(ଇ ଏନ୍‌ଆଇଟି_ଆର୍‌ଓ-ପିଏଟି/ଇଏନ୍‌ଜିଜି/୨୨-୨୩/୦୯)

ସିଡବ୍ଲ୍ୟୁସି ନିମ୍ନଲିଖିତ କାର୍ଯ୍ୟ ପାଇଁ ଠିକାଦାରମାନଙ୍କଠାରୁ ଅନ୍‌ଲାଇନ୍ ଟେଣ୍ଡର ଆହ୍ୱାନ କରୁଛି:

| କ୍ର. | କାର୍ଯ୍ୟର ନାମ | ଅଟକଳ ମୂଲ୍ୟ (ଟ. ଲକ୍ଷରେ) | ଅନ୍‌ଲାଇନ୍ ଦାଖଲର ଶେଷ ତାରିଖ |
|---|---|---|---|
| ୧ | ସିଡବ୍ଲ୍ୟୁ, ବଲଜିତପଡ଼ା (ଓଡ଼ିଶା)ଠାରେ ଆଭ୍ୟନ୍ତରୀଣ ସଡ଼କରେ ଖାଲଖମାଗୁଡ଼ିକର ମରାମତି ସହିତ ଅଫିସ୍ ବ୍ଲକ୍‌ର ପୁନଃ ନିର୍ମାଣ। | ୩୫.୭୬ | ୩୦।୧୧।୨୦୨୨ |

ସବିଶେଷ ଟେଣ୍ଡର ବିଜ୍ଞପ୍ତି ସମେତ ଠିକାର ସର୍ତ୍ତାବଳୀ ଏବଂ ଇ-ଟେଣ୍ଡର ଆହ୍ୱାନକାରୀ ବିଜ୍ଞପ୍ତି ସିଡବ୍ଲ୍ୟୁସିର ୱେବ୍‌ସାଇଟ୍ www.cewacor.nic.in କିମ୍ବା ଇ-ଟେଣ୍ଡର ୱେବ୍‌ସାଇଟ୍ www.cwceprocure.com କିମ୍ବା ସିପିପି ପୋର୍ଟାଲ http://eprocure.gov.in/epublish/appରେ ଦେଖାଯାଇପାରିବ ଓ ଡାଉନଲୋଡ୍ କରାଯାଇପାରିବ। ଏହି ଟେଣ୍ଡର ବାବଦରେ ପରବର୍ତ୍ତୀ ଶୁଦ୍ଧିପତ୍ର/ଯୋଗପତ୍ର, ଯଦି ଥାଏ, କେବଳ ଉପରଦର୍ଶିତ ୱେବ୍‌ସାଇଟ୍‌ରେ ପ୍ରକାଶିତ କରାଯିବ। ଏଥିପାଇଁ ଖବରକାଗଜରେ ପ୍ରେସ୍ ବିଜ୍ଞପ୍ତି ଜାରି କରାଯିବ ନାହିଁ।

ନିର୍ବାହୀ ଯନ୍ତ୍ରୀ

**OFFICE OF THE DISTRICT MANAGER**
**O.S.C.S.C. LTD., ANGUL**
No.3907/Dt.15.11.22

**TENDER CALL NOTICE**

**No.CAD-2760:**Sealed quotations/tenders are invited from interested reputed Travel Agencies/ Tour operators or private individuals for providing 01 (one) no. of vehicle i.e. "Bolero" for use in Paddy Procurement Operation in the Office of CSO-cum-District Manager, OSCSC Ltd., Angul for the KMS: 2022-23. The details of the tender terms and conditions are available in the District Website www.angul.nic.in. The last date of receipt of tender paper and relevant document fixed on 01.12.2022 by 5.30 P.M.

Sd./-
CSO-cum-District Manager
O.S.C.S.C. Ltd., Angul

OIPR-07064/11/0006/2223

ଅଧୀକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ
ଭୁବନେଶ୍ୱର (ରାସ୍ତା ଓ ଗୃହ) ବିଭାଜନ ନଂ.୪, ଭୁବନେଶ୍ୱର

**Office of the Superintending Engineer**
**Bhubaneswar (R&B) Division No.IV**
**Nirman Soudha, Unit-V, Bhubaneswar**
E-mail ID:eernb4bbsr@gmail.com, Tel- (0674)- 2390245

**INVITATIONS FOR BIDS THROUGH e-Procurement**
No.6805, Date:15.11.2022
No.B-833: Bid Identification No.C.C. (R&B)-04
e-Procurement Notice No.37 of 2022-23

| | | |
|---|---|---|
| 1 | Name of the Work | 1 No. Road Work |
| 2 | Total No. of Works | 1 No. Road Work |
| 3 | Estimated Cost | Rs.39,20,108.00 |
| 4 | Class of Contractor (i) | B Class |
| 5 | Period of Completion | 1 (One) Calendar Month |
| 6 | Type of Tender | Single Cover System |
| 7 | Date & Time of availability of bid document in the Portal | From Dt.21.11.2022 to 17.30 hrs. of Dt.28.11.2022 |
| 8 | Last Date & Time for receipt of bids in the Portal | Dt.28.11.2022 upto 17.30 hrs. |
| 9 | Opening of Bid through online | Dt.29.11.2022 at 11.30 AM onwards |
| 10 | Name & Address of the Officer Inviting Bid | Er. Trinath Behera, Superintending Engineer, Bhubaneswar (R&B) Division No. IV, Bhubaneswar |

Further details can be seen from the e-procurement portal https://tendersorissa.gov.in. The Tender inviting Authority reserves the right to reject/cancel/modify the tender at any time without assigning any reason thereof. **N.B.: Subsequent corrigendum/addendum if required shall be available in the website as indicated above.**

Sd./- Superintending Engineer
BBSR(R&B) Division No.IV, BBSR

OIPR-34135/11/0019/2223

**ODISHA UNIVERSITY OF TECHNOLOGY AND RESEARCH**
(Formerly College of Engineering & Technology, Bhubaneswar)
Techno Campus, Ghatikia, P.O.: Mahalaxmi Vihar, Bhubaneswar - 751029, Odisha, India
Ref. No. 3646/OUTR Date: 15.11.2022

**SPOT ADMISSION OF B.TECH. (LATERAL ENTRY), M.TECH., M. PLAN AND MCA COURSE: 2022-23**

No. CAD-2757: The Spot Admission of B.Tech. (Lateral Entry), M.Tech., M. Plan and MCA Courses for the Academic Session 2022-23 into **Odisha University of Technology and Research** (Formerly College of Engineering & Technology), Bhubaneswar will be conducted from 18.11.2022 onwards. For details regarding Spot Admission process refer to OUTR website **(www.cet.edu.in)**.

**Sd./- OFFICER ON SPECIAL DUTY**

OIPR-16005/11/0047/2223

**SMART ODISHA HACKATHON :- 2022**
**ODISHA UNIVERSITY OF TECHNOLOGY AND RESEARCH (OUTR), BHUBANESWAR**
**(FORMERLY CET, BHUBANESWAR)**

**No. 3649** **Date: 15.11.2022**

No. CAD-2758: The **Make in Odisha Conclave - 2022** is scheduled to be held during **30th November, 2022 to 04th December, 2022** in Bhubaneswar. In this MIO-Conclave-2022 **"ODISHA UNVIERSITY OF TECHNOLOGY AND RESEARCH (Formerly CET)", Bhubaneswar** is authorized to conduct the **"SMART ODISHA HACKATHON - 2022"** during **30th November, 2022 to 01st December, 2022** (36 hours) in OUTR Campus It's a big opportunity to get success for solving some social problems with application of Artificial Intelligence and win attractive prizes. For more details visit the website- **https://www.hackerearth.com/challenges/hackathon/smart-odisha-hackathon-2022/**.

**Sd./- Officer on Special Duty**
**OUTR, Bhubaneswar**

OIPR-16005/11/0046/2223

**MARKFED - ODISHA**
**OLD STATION ROAD, BHUBANESWAR - 751006**
**Ref. No. 4392** **Date: 16.11.2022**
**E&A/1/2020-21 (Part)**

**RETENDER CALL NOTICE**

No. CAD-2762: Sealed tenders (Two Bids) are invited from interested parties for letting out of Godowns of MARKFED-ODISHA. **For details please visit Government of Odisha Tender website (www.odisha.gov.in) or Cooperation Department website (www.coopodisha.in).** Any revision, clarification, addendum, corrigendum, time extension etc. to the above mentioned tender notice will be hoisted on **Cooperation Department** website only. No separate notification shall be issued in press.

**Sd./- Managing Director**

OIPR-39017/11/0002/2223

Your classified advertisement published in Dharitri will be listed free in Dharitri online edition :
**www.dharitri.com**

# କୁକୁର ପାଇଁ ମାଲିକ, ପଶୁପ୍ରେମୀ, କଲୋନିବାସୀ ମୁହାଁମୁହିଁ

## ନାବାଳକଙ୍କୁ ପୋଷା କୁକୁର କାମୁଡ଼ିବା ଘଟଣା

- ବହୁ ବିରୋଧ ପରେ ଡଗ୍ କେୟାର ସେଣ୍ଟର ଗଲା କୁକୁର
- ପାଖରେ ରଖିବାକୁ କୋର୍ଟରେ ମାଲିକଙ୍କ ଆବେଦନ

ଭୁବନେଶ୍ୱର,୧୬।୧୧(ବ୍ୟୁରୋ): ଇନ୍‌ଫୋସିଟି ଥାନା ଅନ୍ତର୍ଗତ ତପସ୍ୱିନୀ କଲୋନୀରେ ଜଣେ ନାବାଳକଙ୍କୁ ଏକ ପୋଷା କୁକୁର କାମୁଡ଼ିବା ଘଟଣାକୁ ନେଇ ଉତ୍ତେଜନା ସୃଷ୍ଟି ହୋଇଛି। କୁକୁରଟିକୁ କଲୋନୀରୁ ବାହାର କରିବା ପାଇଁ ବାସିନ୍ଦା ଅଡି ବସିଥିବାବେଳେ ମାଲିକ କିନ୍ତୁ ଛାଡ଼ିବାକୁ ନାରାଜ। ଫଳରେ ଗୋଟିଏପଟେ କଲୋନୀ ବାସିନ୍ଦାଙ୍କ ସହ ଆହତ ଶିଶୁର ପରିବାର ଅନ୍ୟପଟେ କୁକୁର ମାଲିକ ଓ ପଶୁପ୍ରେମୀ ମୁହାଁମୁହିଁ ହୋଇଥିଲେ। ଦୀର୍ଘସମୟ ଧରି ଯୁକ୍ତିତର୍କ, କଥା କଟାକଟି ଓ ଛକାପଞ୍ଝା ଲାଗି ରହିଥିଲାବେଳେ କଲୋନୀବାସୀଙ୍କ ତୀବ୍ର ବିରୋଧ ଯୋଗୁ ପଶୁପ୍ରେମୀ ପୂରବୀ ପାତ୍ର ହଟହଟା ହୋଇଥିଲେ। ଶେଷରେ ପୋଲିସର ହସ୍ତକ୍ଷେପ ପରେ କୁକୁରଟିକୁ ଡଗ୍ କେୟାର ସେଣ୍ଟରକୁ ପଠାଯାଇଛି। ଅପରପକ୍ଷରେ କୁକୁରକୁ ପାଖରେ ରଖିବା ପାଇଁ ମାଲିକ କୋର୍ଟରେ ଆବେଦନ କରିଛନ୍ତି। କୋର୍ଟଙ୍କ ନିଷ୍ପତ୍ତି ଆସିବା ପର୍ଯ୍ୟନ୍ତ କୁକୁର କଲୋନୀକୁ ନ ଆସି ଉକ୍ତ ସେଣ୍ଟରରେ ରହିବ ବୋଲି ଜଣାପଡ଼ିଛି। ଏହି ଘଟଣାକୁ ନେଇ ରାଜଧାନୀ ସମେତ ସୋସିଆଲ ମିଡିଆରେ ଚର୍ଚ୍ଚା ଲାଗି ରହିଛି। ସୂଚନାନୁସାରେ, ତପସ୍ୱିନୀ କଲୋନୀରେ ରତୁରାଜ ଖଟୋଇ, ସ୍ତ୍ରୀ ଶୁଚିସ୍ମିତା ଓ ପୁଅ ଅର୍ଜୁନ ରୁହନ୍ତି। ଉକ୍ତ କଲୋନୀରେ ରହୁଥିବା ଶ୍ରାବଣୀ ପଟ୍ଟନାୟକ ୪ବର୍ଷ ହେବ ଏକ କୁକୁର ପାଳିଛନ୍ତି। ଉକ୍ତ କୁକୁରଟି ପୂର୍ବରୁ ଅନେକ ଲୋକଙ୍କୁ କାମୁଡ଼ିବା ଅଭିଯୋଗ ହୋଇଥିଲା। କଲୋନୀବାସୀ ଉକ୍ତ କୁକୁରଟି କଲୋନୀରେ ନ ରଖିବାକୁ ଦାବି କରି ଆସୁଥିଲେ ମଧ୍ୟ ମାଲିକ କିଛି ଶୁଣୁ ନ ଥିଲେ। ଫଳରେ ଏହାକୁ ନେଇ କଲୋନୀବାସୀଙ୍କ ସହ ଶ୍ରାବଣୀଙ୍କର ବହୁଥର ପାଟିତୁଣ୍ଡ ହୋଇଥିଲା। ଗତ ୬ତାରିଖରେ ଅର୍ଜୁନ ସାଇକେଲ ଚଲାଉଥିବାବେଳେ ସେହି କୁକୁର ତାଙ୍କୁ କାମୁଡ଼ି ଦେଇଥିଲା। ତାଙ୍କୁ ଗୁରୁତର ଅବସ୍ଥାରେ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ତାଙ୍କ ଗୋଡ଼ରେ ୧୨ଟି ଷ୍ଟିଚ୍ ପଡ଼ିଥିଲା। ଏହି ଘଟଣା ପରେ କଲୋନୀରେ ଭୟର ବାତାବରଣ ଦେଖାଯାଇଥିଲା। ଆହତ ଶିଶୁର ମା ଶୁଚିସ୍ମିତା ଥାନାରେ ଏକ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ମାମଲା ରୁଜୁ କରିବା ସହ ଶ୍ରାବଣୀଙ୍କ ଘରକୁ ଯାଇ କୁକୁରଟି ଅନ୍ୟ କେଉଁଠି ଛାଡ଼ିଦେବାକୁ କହିଥିଲେ ମଧ୍ୟ ସେ ଶୁଣି ନ ଥିଲେ। ଆହତ ଶିଶୁର ପରିବାର ଓ କଲୋନୀବାସୀ ପୁଣି ଥରେ ଥାନାକୁ ଯାଇ କଲୋନୀରୁ କୁକୁର ବାହାର କରିବାକୁ ଦାବି କରିଥିଲେ। ପୋଲିସ ପୁଣି ଶ୍ରାବଣୀଙ୍କ ଘରକୁ ଯାଇ କୁକୁରକୁ ଡଗ୍ କେୟାର ସେଣ୍ଟରରେ ଛାଡ଼ି ଦେବାକୁ କହିଥିଲେ। ହେଲେ ସେ ନିଜ ଜିଦ୍‌ରେ ଅଟଳ ରହିବାରୁ କଲୋନୀବାସୀ ତାତି ଯାଇଥିଲେ। ଦୀର୍ଘ ସମୟ ଧରି ଉତ୍ତେଜନା ଓ ବିରୋଧ ପରେ ଶେଷରେ କୁକୁରକୁ ଡଗ୍ କେୟାର ସେଣ୍ଟରକୁ ପଠାଇ ଦିଆଯାଇଥିବାରୁ କଲୋନୀବାସୀ ଏକ ପ୍ରକାର ଆଶ୍ୱସ୍ତି ଅନୁଭବ କରିଛନ୍ତି। ଆହତ ଶିଶୁର ବାପା ରତୁରାଜ ଖଟୋଇ କହିଛନ୍ତି, କୁକୁର କାମୁଡ଼ିବା ପରଠାରୁ ପ୍ରତିଦିନ ମୋ ଛୁଆ କାନ୍ଦୁଛି, ଡରୁଛି। ମୋ ପିଲାକୁ ଟ୍ରମା କରିଛି, ଅନ୍ୟକେତେଜଣଙ୍କୁ କାମୁଡ଼ିଛି। ସେଇଟା ମାଲିକଙ୍କୁ ଦେଖାଯାଉନି। କୌଣସି ପରିସ୍ଥିତିରେ ବି ଉକ୍ତ କୁକୁରଟିକୁ କଲୋନୀରେ ରଖାଇ ଦିଆଯିବନି ବୋଲି ସେ କହିଛନ୍ତି।



## ସଂକ୍ଷେପରେ

### ସମବାୟ ସମିତିରେ ଆର୍ଥିକ ସାକ୍ଷରତା ଶିବିର

ବାରଙ୍ଗ,୧୬।୧୧(ଡି.ଏନ୍.ଏ.): ମେଣ୍ଢାଶାଳ ସେବା ସମବାୟ ସମିତିରେ ସମବାୟ ସପ୍ତାହ ପାଳନ ଅବସରରେ ନାବାର୍ଡ ସହାୟତାରେ ଆର୍ଥିକ ସାକ୍ଷରତା ଶିବିର ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ସମବାୟ ବ୍ୟାଙ୍କ ଶାଖା ପରିଚାଳିକା ସସ୍ମିତା ନାୟକ, ସୁପରଭାଇଜର ସନ୍ତୋଷ ମଙ୍ଗରାଜ, ସମିତି ସଭାପତି ମହେନ୍ଦ୍ର ପ୍ରଧାନ, ସମ୍ପାଦକ ହିମାଂଶୁ ଶେଖର ସାମନ୍ତରାୟ, ସଭ୍ୟ ମୁରଲୀଧର ମହାନ୍ତି, ରାଜା ଖାନ୍, ନିମାଇଁ ବିଶ୍ୱାଳ, ସରୋଜ ପାତ୍ର, କୁନ୍ତଳା ପଟ୍ଟନାୟକ, ପବିତ୍ର ପଟ୍ଟନାୟକ, ଗୁରୁପ୍ରସାଦ ସାମନ୍ତରାୟ, କାଳୁ ଦାସ, ରତ୍ନାକର ସାହୁ, ପ୍ରଫୁଲ୍ଲ କୁମାର ଶ୍ରୀଚନ୍ଦନ, ଭାସ୍କର ଚନ୍ଦ୍ର ସୁବୁଦ୍ଧି, ବାଙ୍କବିହାରୀ ଦାସ, କାର୍ତ୍ତିକ ଦାସ, ପଠାଣି ମହାରଣା, ବିଧୁରଞ୍ଜନ ସାମନ୍ତରାୟ ପ୍ରମୁଖ ଉପସ୍ଥିତ ଥିଲେ। ସଭାରେ ଚାଷୀଙ୍କୁ ନିଜର ଜମାଖାତା ଖୋଲିବା ଏବଂ ଜମାରାଶି ସଞ୍ଚୟ କରିବା ଏବଂ ସମିତି ସହ ଅଧିକ ସୁସମ୍ପର୍କ ଯଥା ଅର୍ଥ ଦେଣନେଣ କରିବା, ସାର, ବିହନ ଏବଂ ଧାନ ବିକ୍ରୟରେ ଅଧିକ ପ୍ରୋତ୍ସାହନ ଦେବା ପାଇଁ ଅନୁରୋଧ କରାଯାଇଥିଲା।

### 'ଭକ୍ତ ବିଶର ମହାନ୍ତି ଏ ଯୁଗର ଦ୍ୱିତୀୟ ଇନ୍ଦ୍ରଦ୍ୟୁମ୍ନ'

ପୁରୀ ଅଫିସ,୧୬।୧୧: କୁଜଙ୍ଗ ସହ ଶ୍ରୀକ୍ଷେତ୍ରର ୪୫୫ ବର୍ଷର ଐତିହାସିକ ଓ ପୌରାଣିକ ସମ୍ପର୍କ ରହିଛି। ଯଦି ଗଡ଼କୁଜଙ୍ଗର ବିଶର ମହାନ୍ତି କଳାପାହାଡ଼ ଗଙ୍ଗାଘାଟରେ ଦାହ କରୁଥିବା ଚତୁର୍ଦ୍ଧାମୂର୍ତ୍ତିଙ୍କ ବ୍ରହ୍ମକୁ ଉଦ୍ଧାର କରି ମୃଦଙ୍ଗ ଭିତରେ ଗଡ଼କୁଜଙ୍ଗରେ ଗୁପ୍ତରେ ରଖି ନ ଥାନ୍ତେ, ତେବେ ଆଜି ଶ୍ରୀମନ୍ଦିର ନ ଥାନ୍ତା କି ଜଗନ୍ନାଥ ବିଶ୍ୱଦେବତା ହୋଇପାରି ନ ଥାନ୍ତେ। ସେହି ଦୃଷ୍ଟିରୁ ଭକ୍ତ ବିଶର ମହାନ୍ତି ଏ ଯୁଗର ଦ୍ୱିତୀୟ ଇନ୍ଦ୍ରଦ୍ୟୁମ୍ନ ବୋଲି ବିଶର ମହାନ୍ତି ସ୍ମୃତି ମହୋତ୍ସବରେ ଯୋଗଦେଇଥିବା ବକ୍ତାମାନେ ମତବ୍ୟକ୍ତ କରିଛନ୍ତି। ବଡ଼ଦାଣ୍ଡର ସାଲବେଗ ପୀଠ ପରିସରରେ ଶ୍ରୀଜଗନ୍ନାଥ ଧର୍ମ ସଂସ୍କୃତି ସୁରକ୍ଷା ସଙ୍ଗଠନ ଓଡ଼ିଶା, ଜଗନ୍ନାଥ ସେନା, ପୁରୀ ବିକାଶ ପରିଷଦ, ଅଭିନନ୍ଦନିକା, ଶ୍ରୀଜଗନ୍ନାଥ ଚେତନା ସୁରକ୍ଷା ଅଭିଯାନ ଜଗତସିଂହପୁର, ମାଧବାନନ୍ଦ ଜୀଉ ମନ୍ଦିର ଟ୍ରଷ୍ଟ ଏବଂ ଶ୍ରୀମାଧବାନନ୍ଦଜୀ ବିକାଶ ପରିଷଦର ମିଳିତ ସହଯୋଗରେ ବୁଧବାର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଗୀତିକାର ବଦ୍ରି ମିଶ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ସାମାଜିକ କର୍ମୀ ଚକ୍ରଧର ମହାପାତ୍ର, ବରିଷ୍ଠ ଅଧିବକ୍ତା ପ୍ରିୟଦର୍ଶନ ପଟ୍ଟନାୟକ, ଖବରଦାତା ଜଗନ୍ନାଥ ବସ୍ତିଆ, ଶିଶୁ ସାହିତ୍ୟିକ ବୀରେନ୍ଦ୍ର ମହାନ୍ତି, ସରୋଜ କୁମାର ନାୟକ, ଡ. ଧୃତିଧର ଦାସ, ନ୍ୟାୟବ୍ରତ ରାଉତ, ସଂଗ୍ରାମ କେଶରୀ ଷଡ଼ଙ୍ଗୀ, ମନୋଜ କୁମାର ସେଠୀ, ଡ. ଅରୁଣ କୁମାର ପାଣି, ଆଲୋକ ମହାନ୍ତି, ତପନ ସ୍ୱାଇଁ, ଅନୀଲ ନାୟକ, ସୁଶାନ୍ତ ଦାସ, ପ୍ରଦୀପ ସ୍ୱାଇଁ, ଜୟରାମ ବାରିକ୍, ସତ୍ୟରଞ୍ଜନ ମହାପାତ୍ର, ସୁବାସ ପ୍ରଧାନ, ଅରୁଣ ବେହେରା, ବିକ୍ରମ ମହାନ୍ତିଙ୍କ ସମେତ ପୁରୀ, କୁଜଙ୍ଗ, ପାରାଦୀପ, ଗଡ଼କୁଜଙ୍ଗ ଓ ରାହାମାର ବୁଦ୍ଧିଜୀବୀମାନେ ଉପସ୍ଥିତ ଥିଲେ। ଏଥିରେ ଭକ୍ତ ବିଶର ମହାନ୍ତିଙ୍କ ସମାନର୍ଥେ ସ୍ମାରକୀ କମିଟି ତରଫରୁ ଶ୍ରୀମନ୍ଦିରର ମାଜଣା ମଣ୍ଡପକୁ ମୃଦଙ୍ଗ ପ୍ରଦାନ, କୋଲକାତାର ଗଙ୍ଗାଘାଟ, କୁଜଙ୍ଗ ଓ ପୁରୀରେ ସ୍ମୃତି ସ୍ତମ୍ଭ ପ୍ରତିଷ୍ଠା, ରାଜ୍ୟସ୍ତରୀୟ ସେମିନାର ଆୟୋଜନ, ପୁରୀର ଏକ ରାସ୍ତାକୁ ଭକ୍ତ ବିଶର ମହାନ୍ତି ମାର୍ଗ ନାମରେ ନାମିତ କରିବା, ମୃଦଙ୍ଗ ଶୋଭାଯାତ୍ରା ଓ ଆମିଷମୁକ୍ତ ବଡ଼ଦାଣ୍ଡ ପାଇଁ ଓଡ଼ିଶା ସରକାର, ପଶ୍ଚିମବଙ୍ଗ ସରକାର, ଶ୍ରୀମନ୍ଦିର ପ୍ରଶାସନ, ପୁରୀ ପ୍ରଶାସନ ଓ କୁଜଙ୍ଗ ପ୍ରଶାସନ ସହ ଆଲୋଚନା କରାଯିବା ପାଇଁ ବୈଠକ କରିବାକୁ ନିଷ୍ପତ୍ତି ନିଆଯାଇଥିଲା। ଶେଷରେ ଶ୍ୟାମପ୍ରକାଶ ସେନାପତି ଧନ୍ୟବାଦ ଦେଇଥିଲେ।

### ବଡ଼ଗଡ଼ ଇଏ କଲୋନି ଜଳ ସମସ୍ୟା ଦୂର ହେବ

ପୁରୁଣା ଭୁବନେଶ୍ୱର, ୧୬।୧୧ (ଡି.ଏନ୍.ଏ.): ଅସରାଏ ବର୍ଷା ହେଲେ ଭୁବନେଶ୍ୱର ମହାନଗର ନିଗମ(ବିଏମ୍‌ସି)ର ୪୪ ନମ୍ବର ୱାର୍ଡ ତଥା ବଡ଼ଗଡ଼ ଗ୍ରାମ ଇ.ଏ କଲୋନୀ ରାସ୍ତାରେ ପାଣି ଜମିବା ସହ ଘରେ ପଶିଥାଏ। ପ୍ରାୟ ୧୦୧ ପରିବାରଙ୍କ ସମେତ ପଥଚାରୀ ଯାତାୟାତରେ ହଇରାଣ ହୋଇଥାନ୍ତି। ଏନେଇ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶ ପାଇବା ପରେ ରାସ୍ତା ଓ ଗୃହ ନିର୍ମାଣ ବିଭାଗ ଡିଭିଜନ-୧ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ଅଧୀକ୍ଷଣ ଯନ୍ତ୍ରୀ ଇଂ. ତ୍ରିନାଥ ବେହେରା ପ୍ରଥମ ପର୍ଯ୍ୟାୟରେ ରାସ୍ତାର ଉଭୟ ପାର୍ଶ୍ୱରେ ଥିବା ଜବରଦଖଲ ଉଚ୍ଛେଦ ନେଇ ବିଏମ୍‌ସି ସହଯୋଗରେ କାର୍ଯ୍ୟ ତ୍ୱରାନ୍ୱିତ କରିଛନ୍ତି। ୪ କୋଟି ୫୦ ଲକ୍ଷ ଟଙ୍କାର ଟେଣ୍ଡର ସରିଛି। ବଡ଼ଗଡ଼ ହାଇସ୍କୁଲଠାରୁ ଜଗନ୍ନାଥ ଆଶ୍ରମ ପର୍ଯ୍ୟନ୍ତ ଦୁଇଥାକିଆ ରୋଡ୍ ହେବ। ୬୦ ଫୁଟ ଚଉଡ଼ା ରାସ୍ତାର ଉଭୟ ପାର୍ଶ୍ୱରେ ଡ୍ରେନ୍ ରହିବ। ସ୍ଥାନୀୟ ବାସିନ୍ଦା ସଂଗ୍ରାମ ମାର୍ଥାଙ୍କ ସମେତ ଅଞ୍ଚଳବାସୀ ଏହି ପଦକ୍ଷେପକୁ ସ୍ୱାଗତ କରିଛନ୍ତି।



ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ଆୟୋଜିତ ଜାତୀୟ ପ୍ରେସ୍ ଦିବସରେ ଜଣେ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରୁଛନ୍ତି ।

## ଖୁବ୍‌ଶୀଘ୍ର କାର୍ଯ୍ୟକ୍ଷମ ହେବ ସଫା ଆପ୍

ଭୁବନେଶ୍ୱର,୧୬।୧୧(ବ୍ୟୁରୋ) ସ୍ୱଚ୍ଛତା ଅଭିଯାନକୁ ଅଧିକ ବ୍ୟବସ୍ଥିତ ଓ କ୍ରିୟାଶୀଳ କରିବା ପାଇଁ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ପକ୍ଷରୁ ପ୍ରସ୍ତୁତ 'ସଫା ଆପ୍' ଟ୍ରାଏଲ ରନ୍‌ରେ ସଫଳ ହେଉଥିବାରୁ ଖୁବ୍‌ଶୀଘ୍ର ପୂର୍ଣ୍ଣ କାର୍ଯ୍ୟକ୍ଷମ ହେବାକୁ ଯାଉଛି। ଏନେଇ ବିଏମ୍‌ସି ତତ୍ପରତା ପ୍ରକାଶ କରିଛି। ଅଧିକରୁ ଅଧିକ ସହରବାସୀ କିପରି ଏହି ଆପ୍ ଡାଉନଲୋଡ୍ କରିବେ ଓ ଏଥିରୁ ସେବା ପାଇପାରିବେ ସେନେଇ ଲୋକଙ୍କୁ ସଚେତନ କରାଯାଉଛି। ଇତିମଧ୍ୟରେ ଲୋକମାନେ ଏହି ଆପ୍ ମାଧ୍ୟମରେ ନିଜର ସମସ୍ୟା ତଥା ଅଭିଯୋଗ ଜଣାଇ ଉପକୃତ ହୋଇପାରୁଛନ୍ତି। ସେସପୁଲ୍ ଗାଡ଼ି ବୁକିଂ କରିବା, ନିର୍ମାଣଧ୍ୱଂସ ବର୍ଜ୍ୟ ତଥା ସବୁଜ ଆବର୍ଜନା ନିଷ୍କାସନ ପାଇଁ ଏହି ଆପ୍ ମାଧ୍ୟମରେ ଆବେଦନ କରୁଥିବା ବିଏମ୍‌ସିର ଜଣେ ବରିଷ୍ଠ ଅଧିକାରୀ ସୂଚନା ଦେଇଛନ୍ତି। ସେହିପରି ସଫା ଆପ୍ ମାଧ୍ୟମରେ ଅନେକ ଲୋକ ଭଡ଼ା ଓ ଅନ୍ୟାନ୍ୟ ସମସ୍ୟା ସମ୍ପର୍କରେ ଅଭିଯୋଗ କରୁଛନ୍ତି। ତେଣୁ ଆପ୍ ସମ୍ପର୍କରେ ଲୋକଙ୍କୁ ପ୍ରଥମେ ସମ୍ପୂର୍ଣ୍ଣ ସଚେତନ କରାଯିବା ପରେ ଏହି ଆପ୍ ପୂର୍ଣ୍ଣ କାର୍ଯ୍ୟକ୍ଷମ ହେବ ବୋଲି ସେ କହିଛନ୍ତି। 'ସଫା' ଆପ୍‌ରେ 'କ୍ଲିକ ଫର୍ କ୍ଲିନ' ଥିମ୍ ରହିଛି। ଏହି ପରିପ୍ରେକ୍ଷୀରେ ସହରରେ ସବୁ ଘର ଓ ବ୍ୟବସାୟିକ ପ୍ରତିଷ୍ଠାନରେ କ୍ୟୁଆର୍ କୋଡ୍ ଲାଗିବ।। ଅଳିଆ ଗାଡ଼ି ବା ମୁଁ ସଫେଇବାଲା ଗାଡ଼ିକୁ ଟ୍ରାକିଂ କରିବ ଜିପିଏସ୍। ବିଏମ୍‌ସିର ବିଭିନ୍ନ ସେବା ସମ୍ପର୍କିତ ତଥ୍ୟ ସଂଗ୍ରହ କରିବା, ଅଭିଯୋଗ କରିବା ମଧ୍ୟ ଏହି ଆପ୍ ଜରିଆରେ ହୋଇପାରିବ।

### ମା' ହେବ ଏସୀୟ ସିଂହୀ ବିଜଳୀ

ବାରଙ୍ଗ,୧୬।୧୧(ଡି.ଏନ୍.ଏ.): ପ୍ରାଣୀ ଉଦ୍ୟାନ ନନ୍ଦନକାନନରେ ଆରମ୍ଭ ହୋଇଛି ମିଳନ ପର୍ବ। ବଂଶ ବୃଦ୍ଧି ଲକ୍ଷ୍ୟରେ ଆରମ୍ଭ ହୋଇଥିବା ମିଳନ ପର୍ବରେ ଗତ ଅକ୍ଟୋବରରୁ ଧଳା ବାଘୁଣୀ ରୂପା ସହିତ ସାଧାରଣ ବାଘ ରାଜେଶ ଓ ଧଳା ବାଘୁଣୀ ମୌସୁମୀ ସହ ଧଳାବାଘ ସାହିଲର ମିଳନ ହୋଇଛି। ଏସୀୟ ସିଂହୀ ବିଜଳୀ ଏବେ ଗର୍ଭବତୀ। ବିଜଳୀ ତା'ର ତୃତୀୟ ଗର୍ଭସ୍ଥ ସନ୍ତାନକୁ ଜନ୍ମଦେବାକୁ ଯାଉଛି, ଯାହାକୁ ନେଇ କର୍ମଚାରୀ ଉତ୍ସାହିତ ଅଛନ୍ତି। ଆସନ୍ତା ୨୦ରୁ ୨୨ ତାରିଖ ମଧ୍ୟରେ ବିଜଳୀ ଜନ୍ମ କରିବ ବୋଲି ପୂର୍ବାନୁମାନ କରାଯାଇ କର୍ତ୍ତୃପକ୍ଷଙ୍କ ପକ୍ଷରୁ ସ୍ୱତନ୍ତ୍ର ଦୃଷ୍ଟି ଦିଆଯାଇଛି। ବିଜଳୀକୁ ସିଂହ ସଫାରି ଫିଡିଙ୍ଗ୍ ଚାମ୍ବରର ପଛପଟ ଏନ୍‌କ୍ଲୋଜରରେ ରଖାଯିବା ସହ ସିସି କ୍ୟାମେରା ଲଗାଯାଇ ଗତିବିଧିକୁ ଲକ୍ଷ୍ୟ ରଖାଯାଉଛି।

## ରାଷ୍ଟ୍ର ଗଠନରେ ଗଣମାଧ୍ୟମର ଭୂମିକା ଗୁରୁତ୍ୱପୂର୍ଣ୍ଣ

### ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ଜାତୀୟ ପ୍ରେସ୍ ଦିବସ

ଭୁବନେଶ୍ୱର,୧୬।୧୧(ବ୍ୟୁରୋ): ପ୍ରାକ୍ ସ୍ୱାଧୀନତାରୁ ରାଷ୍ଟ୍ର ଗଠନରେ ଗଣମାଧ୍ୟମର ଭୂମିକା ଉଲ୍ଲେଖନୀୟ ରହିଛି। ଗଣମାଧ୍ୟମ ପ୍ରତିନିଧିମାନଙ୍କ ସକ୍ରିୟ ସହଯୋଗ ଓ ସଚେତନତା ସୃଷ୍ଟି ଫଳରେ ଦୁଇ ବର୍ଷ ମଧ୍ୟରେ କୋଭିଡ୍ ସଂକ୍ରମଣକୁ ନିୟନ୍ତ୍ରଣ କରାଯାଇପାରିଛି। ନିର୍ମାଣ କ୍ଷେତ୍ରଠାରୁ ଆରମ୍ଭ କରି ଜନସଚେତନତା, ସୂଚନା ପ୍ରଦାନ ଓ ସମ୍ବାଦ ପରିବେଷଣ ଆଦି ପ୍ରତ୍ୟେକ କ୍ଷେତ୍ରରେ ରାଷ୍ଟ୍ର ଗଠନରେ ଗଣମାଧ୍ୟମର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି ବୁଧବାର ରାଜ୍ୟ ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ବିଭାଗର ସମ୍ମିଳନୀ କକ୍ଷରେ ଆୟୋଜିତ ରାଜ୍ୟସ୍ତରୀୟ ଜାତୀୟ ପ୍ରେସ୍ ଦିବସ ପାଳନ ଅବସରରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ରାଜ୍ୟ ଗ୍ରାମ୍ୟ ଉନ୍ନୟନ, ସୂଚନା ଓ ଲୋକ ସଂପର୍କ ବିଭାଗ ପ୍ରମୁଖ ଶାସନ ସଚିବ ସଞ୍ଜୟ କୁମାର ସିଂ ପ୍ରକାଶ କରିଛନ୍ତି । ଜାତୀୟ ପ୍ରେସ୍ ଦିବସ ପାଳନ ପରିପ୍ରେକ୍ଷୀରେ ପ୍ରେସ୍ କାଉନସିଲ ଅଫ ଇଣ୍ଡିଆର ପ୍ରସଙ୍ଗ 'ରାଷ୍ଟ୍ର ଗଠନରେ ଗଣମାଧ୍ୟମର ଭୂମିକା' ରହିଥିଲା। କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ରାଜ୍ୟ ପର୍ଯ୍ୟଟନ ଉନ୍ନୟନ ନିଗମ ଅଧ୍ୟକ୍ଷ ଡ. ଲେନିନ୍ ମହାନ୍ତି ଯୋଗଦେଇ କହିଲେ ଯେ ରାଜ୍ୟର ମକା, ମାଣ୍ଡିଆ, କୃଷିଜାତ ଦ୍ରବ୍ୟ ଉତ୍ପାଦନରେ ଆମ ଲୋକଙ୍କର ଅର୍ଥନୈତିକ ବିକାଶର ସ୍ୱାର୍ଥ ନିହିତ ରହିଛି, ଯାହାକୁ ବିଶ୍ୱ ଦରବାରରେ ଉପସ୍ଥାପନ କରିବାରେ ଗଣମାଧ୍ୟମ ହିଁ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି। ଆମର ଦକ୍ଷ ମାନବ ସମ୍ବଳକୁ ଉପଯୋଗ ପାଇଁ ଗଣମାଧ୍ୟମ ସୁଯୋଗ ସୃଷ୍ଟିକରୁ ବୋଲି ମହାନ୍ତି ପ୍ରକାଶ କରିଥିଲେ। ସମ୍ମାନିତ ଅତିଥି ଭାବେ 'ଉତ୍କଳ ପ୍ରସଙ୍ଗ' ଏବଂ 'ଓଡ଼ିଶା ରିଭ୍ୟୁ'ର ସମ୍ପାଦିକା କସ୍ତୁରୀ ମହାପାତ୍ର ଯୋଗଦେଇ ସରକାରଙ୍କ ଜନାଭିମୁଖୀ କାର୍ଯ୍ୟକ୍ରମ ଲୋକମାନଙ୍କ ପାଖରେ ପହଁଚାଇବା, ସମାଜସେବା ଆଦି କ୍ଷେତ୍ରର ସାମ୍ବାଦିକମାନଙ୍କର ଯୋଗଦାନ ରାଷ୍ଟ୍ର ନିର୍ମାଣରେ ଅନ୍ୟତମ ଅବଦାନ ବୋଲି କହିଥିଲେ । ସୂଚନା ଓ ଲୋକ ସଂପର୍କ ବିଭାଗର ନିର୍ଦ୍ଦେଶକ ଇନ୍ଦ୍ରମଣି ତ୍ରିପାଠୀ ଅଭିଭାଷଣରେ ସମ୍ବାଦପତ୍ର ହେଉ ବା ବୈଦ୍ୟୁତିକ ଗଣମାଧ୍ୟମ ହେଉ, ଏହାର ପ୍ରଚ୍ଛଦ ପଟ୍ଟରେ ଦିନରାତି କାମ କରୁଥିବା ପ୍ରତିନିଧି ଓ କର୍ମଚାରୀମାନଙ୍କର ଅବଦାନ ସର୍ବଦା ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ। ଏହି ଅବସରରେ ବିଭିନ୍ନ ପ୍ରକାର ସମ୍ବାଦପତ୍ର ସଂଗ୍ରହ କରି ଗିନିସ୍ ୱାର୍ଲଡ୍ ରେକର୍ଡ ଅଧିକାରୀ ଶଶାଙ୍କ ଶେଖର ଦାଶଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଅବସରରେ ଆୟୋଜିତ ଓଡ଼ିଆ ଏବଂ ଇଂରାଜୀ ବକ୍ତୃତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ସୂଚନା ଅଧିକାରୀ ଦିପ୍ତୀମୟୀ ମହାପାତ୍ର ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ବିଭାଗର ନିର୍ଦ୍ଦେଶକ(ବୈଷୟିକ) ସୁରେନ୍ଦ୍ରନାଥ ପରିଡ଼ା ଧନ୍ୟବାଦ ଅର୍ପଣ କରିଥିଲେ। ବିଭାଗର ଯୁଗ୍ମ ଶାସନ ସଚିବ ବିଷ୍ଣୁପ୍ରିୟା ସାହୁ, ଯୁଗ୍ମ ନିର୍ଦ୍ଦେଶକ ଗୁରବୀର୍ ସିଂ, ଯୁଗ୍ମ ନିର୍ଦ୍ଦେଶକ ବିଶ୍ୱଜିତ ଦାଶଙ୍କ ସମେତ ସମସ୍ତ ଅଧିକାରୀ ଏବଂ ଉପବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

### ପୁରାତନ ସମ୍ବାଦପତ୍ର ଡିଜିଟାଇଜେଶନ ହେବ

ରାଜ୍ୟ ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଜାତୀୟ ପ୍ରେସ୍ ଦିବସ ପାଳନ ଅବସରରେ ସୂଚନା ଭବନଠାରେ ଏକ ସମ୍ବାଦପତ୍ର ପ୍ରଦର୍ଶନୀ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ସୂଚନା ଓ ଲୋକ ସମ୍ପର୍କ ବିଭାଗ ପ୍ରମୁଖ ଶାସନ ସଚିବ ସଞ୍ଜୟ କୁମାର ସିଂ ଏହାକୁ ଉଦ୍‌ଘାଟନ କରି କହିଛନ୍ତି, ପ୍ରଦର୍ଶନୀରେ ବହୁ ପୁରାତନ ତଥା ବିରଳ ସମ୍ବାଦପତ୍ରଗୁଡ଼ିକ ସ୍ଥାନ ପାଇଛି। ଭବିଷ୍ୟତରେ ଏହାର ଆବଶ୍ୟକତାକୁ ଦୃଷ୍ଟିରେ ରଖି ସଂରକ୍ଷଣ ରଖିବା ପାଇଁ ଡିଜିଟାଇଜେଶନ ଆବଶ୍ୟକ। ଏଥିସହିତ ପ୍ରଦର୍ଶନୀରେ ସ୍ଥାନିତ ସମ୍ବାଦପତ୍ର ଓ ପତ୍ରପତ୍ରିକା ଅତ୍ୟନ୍ତ ଆକର୍ଷଣୀୟ ଓ ସୂଚନା ଧର୍ମୀ ହୋଇଥିବାରୁ ଏହାକୁ ସବୁଦିନ ଯେପରି ଜନସାଧାରଣ ଦେଖିବାର ସୁଯୋଗ ପାଇପାରିବେ, ସେଥିପାଇଁ ଏକ ସ୍ଥାୟୀ ଗ୍ୟାଲେରୀ ବ୍ୟବସ୍ଥା କରାଯିବ ବାଲି କହିଥିଲେ।

## ଡକାୟତି ଉଦ୍ୟମ ପଣ୍ଡ,୪ ଗିରଫ

### ଖଣ୍ଡା, କଟୁରି, ବାଇକ ଜବତ



ଭୁବନେଶ୍ୱର,୧୬।୧୧(ବ୍ୟୁରୋ): ଖଣ୍ଡଗିରି ଥାନା ପୋଲିସ ବଡ଼ ଧରଣର ଡକାୟତ ଉଦ୍ୟମ ପଣ୍ଡ କରିଛି। ଆଇଗିଣିଆଠାରେ ଡକାୟତି କରିବାକୁ ଯୋଜନା କରୁଥିବା ବେଳେ ପୋଲିସ ଚଢ଼ାଉ କରି ୪ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଡୁମୁଡୁମା ସୁବାସନଗରରେ ରହୁଥିବା ଗଞ୍ଜାମ ଜିଲା ଆମ୍ବପୁଆର ଲିଙ୍ଗରାଜ ଦଳେଇ ଓରଫ ଚିଙ୍ଗୁଡ଼ି, ଖୋର୍ଦ୍ଧା ଜିଲା ବୋଲଗଡ଼ ଥାନା ମିନିକାଗୁଡାର ବିଦେଶୀ ଦଳେଇ, ଖଣ୍ଡଗିରି ଥାନା ଡୁମୁଡୁମା ଫେଜ ୪ରେ ରହୁଥିବା ବିଜ୍ଞାନ ରଞ୍ଜନ ଦାସ ଓ ଇନ୍‌ଫୋଭ୍ୟାଲି ଥାନା ଯାଁଲା ଅଞ୍ଚଳର ଦେବାଶିଷ ପୂଜାପଣ୍ଡା ଓରଫ ସୋନୁ। ସେହିପରି ଅନ୍ୟ ଜଣେ ଅଭିଯୁକ୍ତ ଘଟଣାସ୍ଥଳରୁ ଫେରାର ହୋଇଯାଇଥିବା ଜଣାପଡ଼ିଛି। ସେମାନଙ୍କ ନିକଟରୁ ଖଣ୍ଡା, କଟୁରୀ, ଲଙ୍କାଗୁଣ୍ଡ ଓ ପଲସର ମୋଟର ସାଇକେଲ ଜବତ ହୋଇଛି। ପୋଲିସ ମାମଲା (ନଂ ୫୫୪/୨୨) ରେ ରୁଜୁ କରି ଅଭିଯୁକ୍ତମାନଙ୍କୁ ବୁଧବାର କୋର୍ଟ ଚାଲାଣ କରିଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଅଭିଯୁକ୍ତମାନେ ଚୋରି, ଡକାୟତି, ଲୁଟ୍ ଆଦି ମାମଲାରେ ପୂର୍ବରୁ ବହୁବାର ଜେଲ ଯାଇ ଫେରିଛନ୍ତି। ସୂଚନା ଅନୁସାରେ, ଚିଙ୍ଗୁଡ଼ି, ବିଦେଶୀ, ସୋନୁ, ବିଜ୍ଞାନ ଓ ଫେରାର ଅଭିଯୁକ୍ତ ମଙ୍ଗଳବାର ବିଳମ୍ବିତ ରାତିରେ ଆଇଗିଣିଆ ମଶାଣି ପଡ଼ିଆରେ ବସି ଡକାୟତି କରିବାକୁ ଯୋଜନା କରୁଥିଲେ। ଖଣ୍ଡଗିରି ଥାନା ପୋଲିସ ଖବର ପାଇ ଚଢ଼ାଉ କରିଥିଲା।

## କିଟ୍‌ର ରୌପ୍ୟ ଜୟନ୍ତୀ ସମାରୋହ ଆରମ୍ଭ




କିଟ୍‌ର ରୌପ୍ୟ ଜୟନ୍ତୀ ସମାରୋହରେ ଯୋଗ ଦେଇଥିବା ଅତିଥିମାନେ ।

ଭୁବନେଶ୍ୱର, ୧୬।୧୧(ବ୍ୟୁରୋ) କଳିଙ୍ଗ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଇଣ୍ଡଷ୍ଟ୍ରିଆଲ୍ ଟେକ୍ନୋଲୋଜି (କିଟ୍)ର ୨୫ବର୍ଷ ପୂର୍ତ୍ତି ଅବସରରେ ରୌପ୍ୟ ଜୟନ୍ତୀ ସମାରୋହ 'ସଏଲ୍ ଟୁ ସିଲ୍‌ଭର' ବୁଧବାର ଉଦ୍‌ଘାଟିତ ହୋଇଯାଇଛି। କିଟ୍ କ୍ରିକେଟ ଷ୍ଟାଡିୟମରେ ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବରେ କିଟ୍, କିସ୍, କିମ୍ସର ୭୫ ହଜାରରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର ଓ କର୍ମଚାରୀ ଯୋଗ ଦେଇଥିଲେ। ଏହା ୩ ମାସ ଧରି ଚାଲିବ ଓ ୨୦୨୩ ଫେବୃୟାରୀ ୨୩ କିଟ୍ ପ୍ରତିଷ୍ଠା ଦିବସରେ ଉଦ୍‌ଯାପିତ ହେବ। ଉଦ୍‌ଘାଟନୀ ସମାରୋହରେ ଭାରତୀୟ ରଗ୍‌ବୀ ଫୁଟବେଲ୍ ସଂଘ ସଭାପତି ରାହୁଲ ବୋଷ, ଅଲିମ୍ପିଆନ୍ ଦୂତି ଚାନ୍ଦ, କିଟ୍ ଓ କିସ୍‌ର ସଭାପତି ଶାଶ୍ୱତୀ ବଳ, ଉପସଭାପତି ଉମାପଦ ବୋଷ, ସମ୍ପାଦକ ଆର ଏନ୍ ଦାଶ, କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ, କିଟ୍ ବିଶ୍ୱବିଦ୍ୟାଳୟ କୁଳାଧିପତି ଅଶୋକ କୁମାର ପରିଜା, ଉପକୁଳାଧିପତି ପଦ୍ମଶ୍ରୀ ଡ. ସୁବ୍ରତ ଆଚାର୍ଯ୍ୟ, କୁଳପତି ପ୍ରଫେସର ସସ୍ମିତାରାଣୀ ସାମନ୍ତ, ଉପକୁଳପତି ପ୍ରଫେସର ଶରଣଜିତ ସିଂହ ଓ ଡା. ସିବିକେ ମହାନ୍ତି, କିସ୍ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଦୀପକ କୁମାର ବେହେରା, କୁଳସଚିବ ଡ. ପ୍ରଶାନ୍ତ କୁମାର ରାଉତରାୟ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଅଚ୍ୟୁତ ସାମନ୍ତ କହିଲେ, ୧୯୯୨ରେ କିଟ୍ ଏକ ଅନୁଷ୍ଠାନ ଭାବେ ପଞ୍ଜୀକୃତ ହୋଇ ଆଇଟିଆଇ ଆରମ୍ଭ ହୋଇଥିଲେ ମଧ୍ୟ ୧୯୯୭ରେ କିଟ୍‌ରେ ବିଭିନ୍ନ ସ୍ନାତକ ଓ ଅନ୍ୟାନ୍ୟ (ଗ୍ରାଜୁଏଟ୍ ଓ ଅଣ୍ଡର-ଗ୍ରାଜୁଏଟ୍) ପାଠ୍ୟକ୍ରମ ଆରମ୍ଭ କରାଯାଇଥିବାରୁ ୧୯୯୭କୁ ମୂଳବର୍ଷ ଭାବେ ଗଣନା କରାଯାଇ ଚଳିତବର୍ଷ ରୌପ୍ୟ ଜୟନ୍ତୀ ପାଳନ କରାଯାଉଛି ବୋଲି ସେ କହିଥିଲେ। କିଟ୍ ବିଶ୍ୱବିଦ୍ୟାଳୟର କୁଳସଚିବ ପ୍ରଫେସର ଜ୍ଞାନରଞ୍ଜନ ମହାନ୍ତି ଧନ୍ୟବାଦ ଦେଇଥିଲେ।

## ଡିସେମ୍ବର ଶେଷ ସୁଦ୍ଧା ସରିବ ଖୋର୍ଦ୍ଧା-କଟକ ରାଜପଥ ଉନ୍ନତୀକରଣ

ଭୁବନେଶ୍ୱର,୧୬।୧୧(ବ୍ୟୁରୋ): ଖୋର୍ଦ୍ଧା-କଟକକୁ ସଂଯୋଗ କରୁଥିବା ଜାତୀୟ ରାଜପଥ-୧୬ ମରାମତି ଓ ଉନ୍ନତୀକରଣ କାର୍ଯ୍ୟକୁ ଯୁଦ୍ଧକାଳୀନ ଭିତ୍ତିରେ ଶେଷ କରିବା ପାଇଁ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ(ବିଡିଏ) କାର୍ଯ୍ୟାଳୟର ସମ୍ମିଳନୀ କକ୍ଷରେ ଏକ ଗୁରୁତ୍ୱପୂର୍ଣ୍ଣ ସମୀକ୍ଷା ବୈଠକରେ ନିଷ୍ପତ୍ତି ହୋଇଛି । ବିଡିଏ ଉପାଧ୍ୟକ୍ଷ ବଲୱନ୍ତ ସିଂହଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଜାତୀୟ ରାଜପଥ ପ୍ରାଧିକରଣ (ଏନ୍‌ଏଚଆଇ)ର ବରିଷ୍ଠ ଅଧିକାରୀଙ୍କ ଉପସ୍ଥିତିରେ ପ୍ରାୟୋରିଟି ରୋଡ୍ ନେଟୱର୍କ (ପିଆରଏନ୍) ଅଧିନରେ ରାଜପଥର ଉନ୍ନତିକରଣ ଦିଗରେ ବିସ୍ତୃତ ଆଲୋଚନା କରାଯାଇଥିଲା। ଏନେଇ ଉପସ୍ଥିତ ସମସ୍ତ ଏଜେନ୍ସି ଓ ଲାଇନ୍ ବିଭାଗର ଅଧିକାରୀଙ୍କୁ ନିର୍ଦ୍ଧାରିତ ସମୟରେ କାର୍ଯ୍ୟ ସାରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଡିସେମ୍ବର ୩୧ ସୁଦ୍ଧା ସମସ୍ତ ମରାମତି କାର୍ଯ୍ୟ ସାରିବାକୁ ବୈଠକରେ କୁହାଯାଇଛି। ସେହିପରି ଅତ୍ୟାବଶ୍ୟକ ନଥିଲେ ଡିସେମ୍ବର ୧ ତାରିଖ ପରେ କୌଣସି ଏଜେନ୍ସି ବା ବିଭାଗ ରାଜପଥରେ ଖୋଳାଖୋଳି ନ କରିବା ପାଇଁ କୁହାଯାଇଛି। ଅତ୍ୟାବଶ୍ୟକ ଥିଲେ ଭୁବନେଶ୍ୱର ମହାନଗର ନିଗମ (ବିଏମସି) ପକ୍ଷରୁ ଅନୁମତି ନେବାକୁ ହେବ ବୋଲି ସୂଚାଇ ଦିଆଯାଇଛି। ବିଶେଷ କରି ୱାଟକୋ, ଗେଲ, ଇଣ୍ଟରନେଟ୍ ସେବା ପ୍ରଦାନକାରୀ କମ୍ପାନୀଗୁଡ଼ିକୁ ଅବଗତ କରାଯାଇଛି। ଏନେଇ ଗଠିତ ପରିଚାଳନା କମିଟିର ନିଷ୍ପତ୍ତି କ୍ରମେ ଡିସେମ୍ବର ୧୫ ପରେ ରାଜପଥରେ କୌଣସି ନୂତନ କାର୍ଯ୍ୟ ଆରମ୍ଭ ହେବ ନାହିଁ। ଏହି କ୍ରମରେ ଗୋପାଳପୁରଠାରେ ଜଙ୍କସନର ଉନ୍ନତିକରଣ, ଏମସ୍‌ରୋଡ଼ରେ ଆଲୋକୀକରଣ, ଡୁମୁଡ଼ମା ନିକଟରେ ଭାଙ୍ଗରୁଜି ଯାଇଥିବା ଗ୍ରୀଲ ମରାମତି, ବରମୁଣ୍ଡା ଓଭରବ୍ରିଜ ତଳେ ଫୁଟ୍‌ପାଥ ମରାମତି ଲେନ୍ ମାର୍କିଂ, ସିଆରପି ଛକରେ ଡ୍ରେନ୍ ଓ ବ୍ୟାରିକେଡ୍ ମରାମତି କରାଯିବ। ସେହିପରି ପଳାଶୁଣି ନିକଟରେ ମଧ୍ୟ ବ୍ୟାରିକେଡ କରାଯିବ। ବୈଠକରେ ବିଏମସି କମିଶନର ବିଜୟ ଅମୃତା କୁଲାଙ୍ଗେଙ୍କ ଉପସ୍ଥିତି ଅତିରିକ୍ତ ଡେ଼ପୁଟି କମିଶନରଙ୍କୁ ସହରର ବିଭିନ୍ନ ଜୋନର ରାସ୍ତା ମରାମତି ଓ ଉନ୍ନତିକରଣ ନିମନ୍ତେ ଦାୟିତ୍ୱ ପ୍ରଦାନ କରାଯାଇଥିଲା। ଅତିରିକ୍ତ ଡେପୁଟି କମିଶନର ଲକ୍ଷ୍ମୀକାନ୍ତ ସେଠୀଙ୍କ ତତ୍ତ୍ୱାବଧାନରେ ଉତ୍ତର ଜୋନ ଅତିରିକ୍ତ ଡେପୁଟି କମିଶନର ବିନୟ ଦାସଙ୍କ ତତ୍ତ୍ୱାବଧାନରେ ଦକ୍ଷିଣ-ପଶ୍ଚିମ ଜୋନ୍ ଏବଂ ଅତିରିକ୍ତ ଡେପୁଟି କମିଶନର ମୟୂର ସୂର୍ଯ୍ୟବଂଶୀ ଓ ଦେବେନ୍ଦ୍ର ନନ୍ଦଙ୍କ ତତ୍ତ୍ୱାବଧାନରେ ଦକ୍ଷିଣ-ପୂର୍ବ ଜୋନର ମୁଖ୍ୟ ସଡ଼କଗୁଡ଼ିକର ଉନ୍ନତିକରଣ କରାଯିବ। ଏହି କ୍ରମରେ ଉତ୍ତର ଜୋନର ୧୬.୨୧ କି.ମି ରାସ୍ତା, ଦକ୍ଷିଣ-ପୂର୍ବ ଜୋନର ୨ଟି ଡିଭିଜନରେ ଯଥାକ୍ରମେ ୧୬.୯୪ କି.ମି. ଏବଂ ୨୨.୪୩ କି.ମି. ରାସ୍ତାର ଓ ପାରିପାର୍ଶ୍ୱିକ ଉନ୍ନତିକରଣ କରାଯିବ। ସେହିପରି ଦକ୍ଷିଣ-ପଶ୍ଚିମ ଜୋନର ୨୩.୬୭ କି.ମି ଦୀର୍ଘ ରାସ୍ତାର ମରାମତି ତଥା ଆନୁସଙ୍ଗିକ ସୌନ୍ଦର୍ଯ୍ୟକରଣ କରାଯିବାର ଯୋଜନା ରହିଛି। ତେବେ ଏହି ମରାମତି ତଥା ଉନ୍ନତିକରଣ କାର୍ଯ୍ୟ ମଧ୍ୟରେ ଖୋର୍ଦ୍ଧାରୁ ଭାୟା ଭୁବନେଶ୍ୱର କଟକ ଯାଇଥିବା ରାଜପଥର ମରାମତି କାର୍ଯ୍ୟ ନିର୍ଦ୍ଧାରିତ ସମୟ ମଧ୍ୟରେ ସାରିବାକୁ ଯୋଜନା ହୋଇଛି। ପାଦଚଲା ରାସ୍ତା ପ୍ରସ୍ତୁତି, ସ୍ୱଚ୍ଛତା ରକ୍ଷା, ବ୍ୟାରିକେଡ୍, ରେଲିଂ ମରାମତି, ବିଭିନ୍ନ ସର୍ଭିସ୍ ରୋଡରେ ଲେନ୍ ମାର୍କିଂ, ଭାଙ୍ଗିଯାଇଥିବା ବ୍ରିଜ ଏବଂ କର୍ବ ମରାମତି ଆଦି କାର୍ଯ୍ୟ କରାଯିବ। ସେହିପରି ସୌନ୍ଦର୍ଯ୍ୟକରଣକୁ ଦୃଷ୍ଟିରେ ରଖି ରଙ୍ଗ କାର୍ଯ୍ୟ ମଧ୍ୟ କରାଯିବ। । ଅନ୍ୟପଟେ ଡ୍ରେନ୍ ସଫେଇ, ମୁକୁଳା ଡ୍ରେନ୍ ଉପରେ ସ୍ଲାବ୍ ପକାଇବା ସହ ଆଲୋକୀକରଣ ଉପରେ ମଧ୍ୟ ଗୁରୁତ୍ୱ ଦିଆଯାଇଛି। ତେବେ ରାସ୍ତାରେ ସୃଷ୍ଟି ହୋଇଥିବା ବିଭିନ୍ନ ପାଥ୍‌ହୋଲର ମରାମତି କରାଯିବ। ଅନ୍ୟପଟେ ବିଭିନ୍ନ ଓଭରବ୍ରିଜ କାନ୍ଥରେ ଲାଗିଥିବା ବେଆଇନ୍ ବିଜ୍ଞାପନକୁ ମଧ୍ୟ ହଟାଯିବ। ବୈଠକରେ ଏନ୍‌ଏଚ୍‌ଆଇ (ବ୍ରହ୍ମପୁର, ଢେଙ୍କାନାଳ ଓ ଭୁବେନଶ୍ୱର) ପ୍ରକଳ୍ପ ନିର୍ଦ୍ଦେଶକ, ବିଡିଏ ସଚିବ କବୀନ୍ଦ୍ର କୁମାର, ଟିପକଲ୍ ଓ ଇଞ୍ଜିନିୟରିଂ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ।

## ଆଜି କ'ଣ କେଉଁଠି

**ଭୁବନେଶ୍ୱର**

- ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ସଙ୍ଗୀତଜ୍ଞ ଅକ୍ଷୟ ମହାନ୍ତିଙ୍କ ୨୦ତମ ଶ୍ରାଦ୍ଧୋତ୍ସବ, ଆଇଆର୍‌ସି ଭିଲେଜ ପାର୍କସ୍ଥିତ ପ୍ରତିମୂର୍ତ୍ତିସ୍ଥଳ, ସକାଳ ୮ଟା ୩୦।
- ଜାତୀୟ ପ୍ରେସ୍ ଦିବସ ଅବସରରେ ବୈଠକ, ବ୍ରହ୍ମାକୁମାରୀ, ଅମୃତ ଭବନ, ପଟିଆ, ଅପରାହ୍ନ ୩ଟା।
- ଇଣ୍ଡିଆନ୍ ଡେଣ୍ଟାଲ କଂଗ୍ରେସର ଉଦ୍‌ଘାଟନୀ ଉତ୍ସବ, ମେ ଫେୟାର ଲାଗୁନ୍, ଅପରାହ୍ନ ୫ଟା।
- ହରିଶ୍ଚନ୍ଦ୍ର ବକ୍ସିପାତ୍ରଙ୍କ ୮୯ତମ ଜୟନ୍ତୀ ଉତ୍ସବ, ସୂଚନା ଭବନ, ସନ୍ଧ୍ୟା ୬ଟା।
- ଅନୁଷ୍ଠାନ ସଂସ୍କୃତି ଓ ସଂସ୍କୃତି ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ମିଳିତ ଆନୁକୂଲ୍ୟରେ ଅକ୍ଷୟ ସଙ୍ଗୀତ ଓ ସମ୍ମାନ ଉତ୍ସବ- ୨୦୨୨, ରବୀନ୍ଦ୍ର ମଣ୍ଡପ ପ୍ରେକ୍ଷାଳୟ, ସନ୍ଧ୍ୟା ୬ଟା।
- ସମୃଦ୍ଧ ଓ ପ୍ରଗତିଶୀଳ ବାଲିକୁଦା ପ୍ରୟାସୀ ସାମାଜିକ, ସାଂସ୍କୃତିକ ଓ ଅଣରାଜନୈତିକ ଅନୁଷ୍ଠାନ 'ବାପା' ପକ୍ଷରୁ ପଞ୍ଚଦଶ ସ୍ୱନକ୍ଷତ୍ର ଦିବସ, ସମ୍ବିଧାନ ବିଶାରଦ ଡ. ଶ୍ରୀରାମ ଚନ୍ଦ୍ର ଦାଶଙ୍କ ୧୦୪ତମ ରାଜ୍ୟସ୍ତରୀୟ ଜୟନ୍ତୀ, ଲୋହିଆ ଏକାଡେମୀ ସଭାଗୃହ, ୟୁନିଟ୍-୯, ସନ୍ଧ୍ୟା ୬ଟା।
- ପ୍ରାଚୀନ କଳାକେନ୍ଦ୍ର ଚଣ୍ଡିଗଡ ପକ୍ଷରୁ ସଙ୍ଗୀତ ସନ୍ଧ୍ୟା, ଭଞ୍ଜକଳା ମଣ୍ଡପ, ସନ୍ଧ୍ୟା ୬ଟା।

**କଟକ**

- ବାଲିଯାତ୍ରା କଟକ ଉତ୍ସବ ଉଦ୍‌ଯାପନୀ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ, ଗଣକବି ବୈଷ୍ଣବ ପାଣି ମଞ୍ଚ, ବାଲିଯାତ୍ରା ତଳ ପଡ଼ିଆ, ଅପରାହ୍ନ ୪ଟା ୩୦।

# ମନ୍ତ୍ରୀଙ୍କ ବାସଭବନ ଘେରିଲେ ଶିକ୍ଷକ

- ୨୦୦୪-୧୩ ଠିକା ନିଯୁକ୍ତି ଉଚ୍ଛେଦ ଦାବି
- ମାଟ୍ରିକ୍ ପରୀକ୍ଷା ଖାତା ମୂଲ୍ୟାୟନ ବର୍ଜନ ଚେତାବନୀ

ଭୁବନେଶ୍ୱର, ୧୬।୧୧(ବ୍ୟୁରୋ)

ରାଜ୍ୟ ସରକାର ଚୁକ୍ତିଭିତ୍ତିକ ବା ଠିକା ନିଯୁକ୍ତିକୁ ଉଚ୍ଛେଦ କରିଛନ୍ତି। ହେଲେ ୨୦୦୪ ମସିହାରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗରେ ଯେଉଁ ଠିକା ନିଯୁକ୍ତି ଆରମ୍ଭ ହୋଇଥିଲା, ତାକୁ ଉଚ୍ଛେଦ କରାଗଲା ନାହିଁ। ତେଣୁ ସରକାରଙ୍କ ଏହି ନିଷ୍ପତ୍ତିର ପୁନର୍ବିଚାର ଦାବିରେ ଆନ୍ଦୋଳନକୁ ଓହ୍ଲାଇଛି ନୂତନ ପେନ୍‌ସନ୍ ଯୋଜନାଭୁକ୍ତ (ଏନ୍‌ପିଏସ୍) ମାଧ୍ୟମିକ ଶିକ୍ଷକ ସଂଘ। ରାଜ୍ୟ ସରକାରଙ୍କ ପାତରଅନ୍ତର ନୀତି ବିରୋଧରେ ବୁଧବାର ଶିକ୍ଷକମାନେ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶଙ୍କ ବାସଭବନକୁ ଘେରାଉ କରିଥିଲେ। ତୁରନ୍ତ ଦାବି ଅନୁସାରେ ସମସ୍ୟାର ସମାଧାନ ନ ହେଲେ ବିଧାନସଭା ଆଗରେ ଆନ୍ଦୋଳନ ସହ ଆଗାମୀ ମାଟ୍ରିକ ପରୀକ୍ଷା ଖାତା ମୂଲ୍ୟାୟନ ବର୍ଜନ କରାଯିବ ବୋଲି ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି।



ସଂଘ ସଭାପତି ପ୍ରଦୀପ୍ତ କୁମାର ପ୍ରଧାନ କହିଛନ୍ତି, ଠିକା ପ୍ରଥା ଉଚ୍ଛେଦ ଘୋଷଣା କେବଳ ୨୦୧୩ ମସିହା ପରବର୍ତ୍ତୀ ଠିକା ନିଯୁକ୍ତି ପାଇଥିବା ସରକାରୀ କର୍ମଚାରୀଙ୍କ ପାଇଁ ଲାଗୁ। ୨୦୦୪ରୁ ୨୦୧୩-୧୪ ମସିହା ପର୍ଯ୍ୟନ୍ତ ସ୍ୱଳ୍ପ ଦରମାରେ କାମ କରିଥିବା ଚୁକ୍ତିଭିତ୍ତିକ ସରକାରୀ କର୍ମଚାରୀ ତଥା ଶିକ୍ଷୟିତ୍ରୀଶିକ୍ଷକଙ୍କ ପାଇଁ ଏହା ପ୍ରଯୁଜ୍ୟ ନୁହେଁ। ଫଳରେ ୨୦୧୩ ପୂର୍ବରୁ ନିଯୁକ୍ତି ପାଇଥିବା ଶିକ୍ଷକ ଏବଂ ୨୦୧୩ ପରେ ନିଯୁକ୍ତି ପାଇଥିବା ଶିକ୍ଷକଙ୍କ ମଧ୍ୟରେ ବରିଷ୍ଠତା ଓ ଦରମା ନେଇ ଅସଙ୍ଗତି ଦେଖାଦେବ। ମୁଖ୍ୟମନ୍ତ୍ରୀ ପ୍ରଥମେ ଠିକା ଭିତ୍ତିରେ ୨୦୦୪ରୁ ଯେଉଁ ନିଯୁକ୍ତି ଦେଇଥିଲେ ସେମାନଙ୍କ କଥା ଭୁଲିଯିବା ଗ୍ରହଣୀୟ ନୁହେଁ। ଏ ନେଇ ସଂଘର ଏକ ପ୍ରତିନିଧି ମଣ୍ଡଳୀ ମୁଖ୍ୟ ଶାସନ ସଚିବ ଏବଂ ବିଭାଗୀୟ ଅଧିକାରୀଙ୍କୁ ଭେଟି ଦାବି ଜଣାଇଥିଲେ। ହେଲେ କୌଣସି ଫଳପ୍ରଦ ହେଲା ନାହିଁ। ସେହିପରି ୨୦୧୩ ଚୁକ୍ତିଭିତ୍ତିକ ନିୟମରେ ଯେଉଁମାନେ ଆସୁଛନ୍ତି, ସେମାନଙ୍କ ପାଇଁ ମଧ୍ୟ ସରକାର ବର୍ତ୍ତମାନ ସୁଦ୍ଧା କୌଣସି ପଦକ୍ଷେପ ନେଉନାହାନ୍ତି। ଏହାଦ୍ୱାରା ହଜାର ହଜାର ଶିକ୍ଷୟିତ୍ରୀଶିକ୍ଷକ ନିୟମିତ ହୋଇପାରୁନାହାନ୍ତି। ତେଣୁ ସରକାର ତୁରନ୍ତ ଆମ ଦାବି ସମ୍ପର୍କରେ ପଦକ୍ଷେପ ଗ୍ରହଣ କରନ୍ତୁ ବୋଲି ସଂଘର ସାଧାରଣ ସମ୍ପାଦକ ଅମରେନ୍ଦ୍ର ସ୍ୱାଇଁ, ମହାସଚିବ ବିଶ୍ୱଜିତ ବିଶ୍ୱାଳ, ଆବାହକ ନିରୋଦ ରଥ, ସାଙ୍ଗଠନିକ ସମ୍ପାଦକ ଜିତେନ୍ଦ୍ର ମହାରଣା ଚେତାବନୀ ଦେଇଛନ୍ତି।

# କ୍ୟାପିଟାଲ ହସ୍ପିଟାଲ ପରିଦର୍ଶନ କଲେ ୫-ଟି ସଚିବ

- ବର୍ଷକରେ ହେବ ଟ୍ରମା କେୟାର, ସର୍ଜରି କୋଠା
- ବିକାଶ ପାଇଁ ଖୁବ୍‌ଶୀଘ୍ର ମାଷ୍ଟରପ୍ଲାନ୍

ଭୁବନେଶ୍ୱର, ୧୬।୧୧(ବ୍ୟୁରୋ):

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ୫-ଟି ସଚିବ ଭି.କେ. ପାଣ୍ଡିଆନ ବୁଧବାର ସକାଳୁ କ୍ୟାପିଟାଲ ହସ୍ପିଟାଲ ପରିଦର୍ଶନ କରି ବିକାଶ କାର୍ଯ୍ୟର ସ୍ଥିତି ସମୀକ୍ଷା କରିଛନ୍ତି। ଟ୍ରମା କେୟାର, ସର୍ଜରି କୋଠା ସମେତ ସ୍ନାତକୋତ୍ତର ପ୍ରତିଷ୍ଠାନ (ପିଜିଆଇ) କାମର ଅଗ୍ରଗତି ନେଇ ସେ ସମୀକ୍ଷା କରିଛନ୍ତି। ଭବିଷ୍ୟତରେ ଟ୍ରାଫିକ୍ ସ୍ଥିତିକୁ ଦୃଷ୍ଟିରେ ରଖି ପିଜିଆଇର ଏକାଡେମିକ୍ ବ୍ଲକ୍ ସମ୍ମୁଖ ରାସ୍ତାକୁ ଚଉଡ଼ା ବା ପ୍ରଶସ୍ତ କରିବା ପାଇଁ ନିର୍ବାହୀ ସଂସ୍ଥାକୁ ସେ ପରାମର୍ଶ ଦେଇଛନ୍ତି। ଟ୍ରମା କେୟାର ଏବଂ ସର୍ଜରି କମ୍ପ୍ଲେକ୍ସ କୋଠା କାର୍ଯ୍ୟରେ ଅଗ୍ରଗତି ନେଇ ସେ ସନ୍ତୋଷ ପ୍ରକାଶ କରିବା ସହ ବର୍ଷକ ମଧ୍ୟରେ ଅର୍ଥାତ୍ ଡିସେମ୍ବର ୨୦୨୩ ସୁଦ୍ଧା ଏହାକୁ ସାରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ଅବସରରେ ପାଣ୍ଡିଆନ କ୍ୟାପିଟାଲ ହସ୍ପିଟାଲର ସମ୍ମିଳନୀ କକ୍ଷରେ ବରିଷ୍ଠ ଅଧିକାରୀଙ୍କୁ ଭେଟିଛନ୍ତି। ଏହି ପରିପ୍ରେକ୍ଷୀରେ ସେ କ୍ୟାପିଟାଲ ହସ୍ପିଟାଲର ବିକାଶ ପାଇଁ ମାଷ୍ଟରପ୍ଲାନ୍ ଉପରେ ଆଲୋଚନା କରିଛନ୍ତି। ହସ୍ପିଟାଲର ୨୦୦୦ ଶଯ୍ୟା, ଓଡ଼ିଶା ସ୍ୱାସ୍ଥ୍ୟ ବିଜ୍ଞାନ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ଏବଂ କର୍ମଚାରୀଙ୍କ ପାଇଁ ଆବାସିକ କ୍ୱାର୍ଟର୍ସ ଆଦି ଉପରେ ଆଲୋଚନା ହୋଇଛି। ମାଷ୍ଟରପ୍ଲାନ୍ ପ୍ରସ୍ତୁତିକୁ ତ୍ୱରାନ୍ୱିତ କରିବା ପାଇଁ ସେ ଓଡ଼ିଶା ସେତୁ ଏବଂ ନିର୍ମାଣ ନିଗମ (ଓବିସିସି)କୁ ପରାମର୍ଶ ଦେଇଛନ୍ତି। ଏହି ସମୀକ୍ଷା ଅବସରରେ ପୂର୍ତ୍ତ ବିଭାଗ ପ୍ରମୁଖ ସଚିବ ବୀରବିକ୍ରମ ଯାଦବ, ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ସଚିବ ଶାଳିନୀ ପଣ୍ଡିତ, ଓବିସିସି ଏମ୍‌ଡିଙ୍କ ସମେତ ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।



କ୍ୟାପିଟାଲ ହସ୍ପିଟାଲ ପରିସରରେ ୫-ଟି ସଚିବ ଭି.କେ. ପାଣ୍ଡିଆନ୍ ଏବଂ ଅନ୍ୟମାନେ।

# ଗରମ ଡାଲି ପଡ଼ି ବୋଝିଆ ଗୁରୁତର

ପୁରୀ ଅଫିସ, ୧୬।୧୧:

ଶ୍ରୀମନ୍ଦିର ପରିସରରେ ଗରମ ଡାଲି ପଡି ଜଣେ ବୋଝିଆ ଗୁରୁତର ଆହତ ହୋଇଛନ୍ତି। ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଆହତ ବୋଝିଆ ଜଣଙ୍କ ହେଲେ ପୁରୀ ମାଟିତୋଟା ଅଞ୍ଚଳର ହରିହର ସାହୁ। ସୂଚନାଯୋଗ୍ୟ, ମଙ୍ଗଳବାର ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ଭୋଗମଣ୍ଡପ ସରିବା ପରେ ମହାପ୍ରସାଦ ଆଣିବା ସମୟରେ ସାହୁଙ୍କ ବେତାରେ ଥିବା ଗରମ ଡାଲି କୁଡ଼ିଆ ମିଳାଇ ଯାଇଥିଲା। ସେ କୁଡ଼ିଆକୁ ତଳେ ରଖୁଥିବାବେଳେ ଗରମ ଡାଲି ତାଙ୍କ ଦେହ ଓ ବାମ ଗୋଡ଼ରେ ଢାଳି ହୋଇଯାଇଥିଲା। ତାଙ୍କ ଗୋଡ଼ରେ ଫୋଟକା ହୋଇଯାଇଥିଲା। ଏ ନେଇ ସାହୁ କାହାକୁ କିଛି ନ କହି ନିଜ ଘରକୁ ଚାଲି ଯାଇଥିଲେ। ପରେ ଏ ଖବର ପାଇ ଶ୍ରୀମନ୍ଦିର ବାହାକ ସଂଘ (ବୋଝିଆ) ପକ୍ଷରୁ ତାଙ୍କୁ ଯୋଗାଯୋଗ କରାଯାଇଥିଲା। ବୁଧବାର ତାଙ୍କୁ ସଂଘ ପକ୍ଷରୁ ଚିକିତ୍ସା ପାଇଁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସା ପରେ ସେ ସୁସ୍ଥ ଅନୁଭବ କରୁଥିବା ସୂଚନା ମିଳିଛି।

## ସେଲ୍ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com



@ ଭରତ




@ ପ୍ରଣୟ



@ ଅବନୀ



@ ସୁବେଶ



@ ସାଗର



@ କ୍ଷମାନିଧି

ଆପଣମାନେ ପରିବାର ସଦସ୍ୟ, ସାଙ୍ଗ କିମ୍ବା ସମ୍ପର୍କୀୟଙ୍କ ଗହଣରେ ଉଠାଉଥିବା ସେଲ୍‌ଫିକୁ ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ଓଡ଼ିଶୀରେ ଆଞ୍ଜେଲିନା ଆଭନିଙ୍କୁ ବୃତ୍ତି



ଭୁବନେଶ୍ୱର,୧୬।୧୧(ବ୍ୟୁରୋ): କଳା ଓ ସଂସ୍କୃତି କ୍ଷେତ୍ରରେ ଚମତ୍କାର ପ୍ରଦର୍ଶନ କରିଥିବା ୩୦ଜଣ ଶିଶୁକନ୍ୟାଙ୍କୁ ଜୀ ଏଣ୍ଟରଟେନ୍‌ମେଣ୍ଟ ପକ୍ଷରୁ ମୁମ୍ବାଇଠାରେ 'ବର୍ଣ୍ଣ ଟୁ ସାଇନ୍ ବୃତ୍ତି' ପ୍ରଦାନ କରାଯିବା ସହ ଏକ ସ୍ୱତନ୍ତ୍ର ଉତ୍ସବରେ ସମ୍ବର୍ଦ୍ଧିତ କରାଯାଇଛି। ଏମାନଙ୍କ ମଧ୍ୟରେ ବେଙ୍ଗାଲୁରୁରେ ରହୁଥିବା ଓଡିଆ ଝିଅ ଆଞ୍ଜେଲିନା ଆଭନି ରହିଛନ୍ତି। ୧୧ ବର୍ଷିୟା ଆଞ୍ଜେଲିନାଙ୍କୁ ଓଡିଶୀ ନୃତ୍ୟରେ ନିପୁଣତା ପାଇଁ ଏହି ବୃତ୍ତି ପ୍ରଦାନ କରାଯାଇଛି। ବାପା ମନୋରଞ୍ଜନ ପାଣିଗ୍ରାହୀ ଓ ମା' ବନାନୀଙ୍କ ସହ ସେ ବେଙ୍ଗାଲୁରୁରେ ରହୁଛନ୍ତି। ୮ବର୍ଷରୁ ଗୁରୁ ମଧୁଲିତା ମହାପାତ୍ରଙ୍କଠାରୁ ଓଡିଶୀ ନୃତ୍ୟ ଶିକ୍ଷା ଆରମ୍ଭ କରି ୩ବର୍ଷ ମଧ୍ୟରେ ନିଜର ଦକ୍ଷତା ପ୍ରତିପାଦନ କରିପାରିଛନ୍ତି। ରାଜ୍ୟ ଓ ଦେଶରେ ନୃତ୍ୟ ପ୍ରଦର୍ଶନ କରି ପ୍ରଶଂସିତ ହୋଇଥିବାବେଳେ ଅନ୍ତର୍ଜାତୀୟ ସ୍ତରରେ ମଧ୍ୟ ସେ ନିଜ ପ୍ରତିଭା ଦେଖାଇ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛନ୍ତି।

# ଧବଳେଶ୍ୱରଙ୍କ ସର୍ବସାଧାରଣ ଦର୍ଶନ ପାଇଁ ତତ୍ପରତା

- ଡଙ୍ଗା ଚଳାଚଳ ପାଇଁ ପ୍ରସ୍ତାବ ଦେଲେ ଉପଜିଲାପାଳ
- ସବୁଦିନ ଚଳାଚଳ ଲାଗି ପୂଜକ ସମାଜର ଦାବି

ଖୁଣ୍ଟୁଣୀ,୧୬।୧୧(ଡି.ଏନ୍.ଏ.)

ଗୁଜରାଟ ଝୁଲାପୋଲ ଟ୍ରାଜେଡି ପରେ କଟକ ଜିଲା ଆଠଗଡ଼ ବ୍ଲକ ମଞ୍ଚେଶ୍ୱରଠାରେ ମହାନଦୀ ଉପରେ ନିର୍ମିତ ଧବଳେଶ୍ୱର ଝୁଲାପୋଲକୁ ସର୍ବସାଧାରଣଙ୍କ ଯାତାୟାତ ନିମନ୍ତେ ଜିଲା ପ୍ରଶାସନ ପକ୍ଷରୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ବନ୍ଦ ଘୋଷଣା କରାଯାଇଛି। ଫଳରେ ଦର୍ଶନରୁ ବଞ୍ଚିତ ହେଉଥିବା ଭକ୍ତଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ବୁଧବାର ପ୍ରଥମାଷ୍ଟମୀରେ ପୂଜକ ସମାଜ ଓ ଦେବୋତ୍ତର ବିଭାଗର ମିଳିତ ସହଯୋଗରେ ଧବଳେଶ୍ୱରଙ୍କୁ ପୋରୁହାଁ କରାଯାଇଥିଲା। ଏହି ଅବସରରେ ଆଠଗଡ଼ ଉପଜିଲାପାଳ ହେମନ୍ତ କୁମାର ସ୍ୱାଇଁ ଅପରାହ୍ନ ୩ଟାରେ ଉକ୍ତ ପୀଠରେ ପହଞ୍ଚି ପୂଜକ ସମାଜ କର୍ମକର୍ତ୍ତାଙ୍କ ସହିତ ଆଲୋଚନା କରିଥିଲେ। ଝୁଲାପୋଲର ମରାମତି ଆରମ୍ଭ ହୋଇ ନ ଥିବାବେଳେ ଧବଳେଶ୍ୱରଙ୍କ ଦର୍ଶନ ନିମନ୍ତେ ଭକ୍ତଙ୍କ ପାଇଁ ଡଙ୍ଗା ବ୍ୟବସ୍ଥା କରାଯିବାକୁ ଉପ ଜିଲାପାଳ ପ୍ରସ୍ତାବ ଦେଇଥିଲେ। ସପ୍ତାହରେ ୪ ଦିନ ଡଙ୍ଗା ଚାଲିବା ପାଇଁ ସେ ପ୍ରସ୍ତାବ ଦେଇଥିଲେ। ହେଲେ ପୂଜକ ସମାଜ ଏହାକୁ ନାପସନ୍ଦ କରିଥିଲା। ଡଙ୍ଗା ଚାଲିଲେ ସବୁଦିନ ଚାଲୁ, ନଚେତ୍ ବନ୍ଦ ରହୁ ବୋଲି ପୂଜକ ସମାଜ କର୍ମକର୍ତ୍ତାମାନେ କହିଥିଲେ। ତେବେ ଏହି ପ୍ରସ୍ତାବ ସମ୍ପର୍କରେ ସମସ୍ତ ପୂଜକ ସମାଜ କର୍ମକର୍ତ୍ତା ଏକତ୍ର ବସି ଆଲୋଚନା କରିବା ପରେ ପ୍ରଶାସନକୁ ଜଣାଇବେ ବୋଲି ଦେବୋତ୍ତର ସୁପରଭାଇଜର ଭବାନୀ ଶଙ୍କର ପଣ୍ଡା କହିଛନ୍ତି। ଧବଳେଶ୍ୱରଙ୍କ ଝୁଲାପୋଲ ତଳେ ଏବେ ୧୨୦ ଫୁଟରୁ ଅଧିକ ପାଣି ରହିଛି। ୨୦୦୯ରେ ଏହି ଗଣ୍ଡରେ ଡଙ୍ଗା ବୁଡି ୪ ଜଣଙ୍କର ମୃତ୍ୟୁ ଘଟିଥିଲା। ଏହାପରଠାରୁ ଡଙ୍ଗା ଚଳାଚଳକୁ ନିଷେଧ କରାଯାଇଛି। ଏବେ ଡଙ୍ଗା ଚଳାଇଲେ ଯଦି କିଛି ଅଘଟଣ ଘଟେ, ସେଥିପାଇଁ କିଏ ଦାୟୀ ରହିବ ବୋଲି ବୁଦ୍ଧିଜୀବୀ ମହଲରେ ଆଲୋଚନା ହେଉଛି। ଏ ସମ୍ପର୍କରେ ଉପଜିଲାପାଳ ସ୍ୱାଇଁ କହିଛନ୍ତି, କେବଳ ଆଲୋଚନା କରିଛି। ଭକ୍ତଙ୍କ ସୁବିଧା ପାଇଁ ଏହା କେତେଦୂର ଫଳପ୍ରଦ ହେବ ତାହା ଆଲୋଚନା ପରେ ନିଷ୍ପତ୍ତି ନିଆଯିବ। ଏବେ ଡଙ୍ଗା ଚଳାଚଳ ପାଇଁ ଠିକ୍ ଭାବେ ନିଷ୍ପତ୍ତି ନିଆଯାଇନାହିଁ ବୋଲି ସେ କହିଥିଲେ।

ସୂଚନାଯୋଗ୍ୟ, ଧବଳେଶ୍ୱର ଝୁଲାପୋଲ ବିମ୍‌ରେ କଳଙ୍କି ଲାଗି କଣାହେବା ସହ କିଛି ଅଂଶ ନଷ୍ଟ ହୋଇଯାଇଛି। ଭକ୍ତଙ୍କ ଯାତାୟାତ ଲାଗି ଏହା ଅସୁରକ୍ଷିତ ହୋଇପଡିଛି। ଏ ସମ୍ପର୍କରେ ଜଣାପଡିବା ପରେ କଲିକତାର ଉଚ୍ଚ କ୍ଷମତାସମ୍ପନ୍ନ ବୈଷୟିକ କମିଟି ବାରମ୍ବାର ଝୁଲାପୋଲର ସ୍ଥିତି ଯାଞ୍ଚ କରିଥିଲେ ମଧ୍ୟ ପୂର୍ଣ୍ଣାଙ୍ଗ ରିପୋର୍ଟ ରାଜ୍ୟ ସରକାରଙ୍କୁ ଦେଇ ନ ଥିବା ଜଣାପଡିଛି।



# ପଢୁଆଁ ହେଲେ ଶ୍ରୀଲିଙ୍ଗରାଜ

ପୁରୁଣା ଭୁବନେଶ୍ୱର,୧୬।୧୧(ଡି.ଏନ୍.ଏ.)

ପ୍ରଥମାଷ୍ଟମୀରେ ବୁଧବାର ପ୍ରଭୁ ଶ୍ରୀଲିଙ୍ଗରାଜ ପଢୁଆଁ ହୋଇଛନ୍ତି। ଦୈନିକ ନୀତି ଭୋଗ ମଣ୍ଡପ ସରିବା ପରେ ପୁନଃ ସୂର୍ଯ୍ୟ ପୂଜା, ଦ୍ୱାରପାଳ ପୂଜା, ମହାସ୍ନାନ ପୂଜା କରାଯାଇ ଯାତ୍ରାପୂଜା ବେଶ କରାଯାଇଥିଲା। ଯାତ୍ରାପୂଜା ଦ୍ୱିପ୍ରହର ଧୂପ ସରିବା ପରେ ଶ୍ରୀଜୀଉ (ଶ୍ରୀଲିଙ୍ଗରାଜ, ମା' ପାର୍ବତୀ, ଏବଂ ବାସୁଦେବ)ଙ୍କୁ ପୂଜା ପଣ୍ଡା ଆଜ୍ଞାପ୍ରସାଦ ଦେବା ପରେ ଶ୍ରୀଜୀଉମାନେ ବିମାନ ପାଲିଙ୍କିରେ ବିଜେ କରିଥିଲେ। ଏହା ପରେ ପହଡ଼ ପଡିଥିଲା। ରାତି ୮ଟା ୨୦ରେ ଶ୍ରୀଜୀଉମାନେ ଶୋଭାଯାତ୍ରାରେ ପାପନାସିନୀ କୁଣ୍ଡ ନିକଟ ମାମୁ ଘର ମୈତ୍ରେୟେଶ୍ୱରଙ୍କ ମନ୍ଦିରକୁ ଯାତ୍ରା କରିଥିଲେ। ସେଠାରେ ଥିବା ସିଂହାସନରେ ବିରାଜମାନ କରିବା ପରେ ପୂଜାପଣ୍ଡା ସେବକ ଶ୍ରୀଜୀଉଙ୍କୁ ସ୍ନାନ କରାଇଥିଲେ। ଏହା ପରେ ମାମୁ ଘର ପକ୍ଷରୁ ମିଳିଥିବା ନୂତନ ବସ୍ତ୍ରକୁ ମହାସୁଆର ସେବକମାନେ ଶ୍ରୀଜୀଉଙ୍କୁ ପିନ୍ଧାଇଥିଲେ। ପରେ ଠା' କରାଯାଇ ଶ୍ରୀଜୀଉଙ୍କୁ ପଞ୍ଚ ଉପଚାରରେ ଭୋଗ ନୈବେଦ୍ୟ କରାଯାଇ ଆଳତି କରାଯାଇଥିଲା। ଶ୍ରୀଜୀଉମାନେ ମୈତ୍ରେୟେଶ୍ୱରଙ୍କ ସହ ଭେଟ ଆଳତି ପରେ ସ୍ୱ ମନ୍ଦିର ଯାତ୍ରା କରିଥିଲେ।




ସାମ୍ବାଦିକ ସୁରକ୍ଷା ଆଇନ ପ୍ରଣୟନ, ମୃତ୍ୟୁକାଳୀନ ସହାୟତା ରାଶି ୧୦ଲକ୍ଷ ଟଙ୍କାକୁ ବୃଦ୍ଧି ଆଦି ଦାବି ନେଇ ଓଡ଼ିଶା ଜର୍ନାଲିଷ୍ଟ ୟୁନିୟନ ପକ୍ଷରୁ ବୁଧବାର ଜାତୀୟ ପ୍ରେସ୍ ଦିବସରେ ଭୁବନେଶ୍ୱର ଲୋୟର ପିଏମ୍‌ଜିରେ ଧାରଣା।



ନୂତନ ନିଯୁକ୍ତି ଆଇନ ତଥା ଶିକ୍ଷାନୁଷ୍ଠାନ ସହ ସରକାର କରିଥିବା ଚୁକ୍ତିନାମାକୁ କାର୍ଯ୍ୟକାରୀ ଦାବିରେ ୟୁଥ୍ ଫର୍ ଆକ୍ସନ ପକ୍ଷରୁ ବୁଧବାର ଶିକ୍ଷାମନ୍ତ୍ରୀଙ୍କ ବାସଭବନ ଘେରାଉ ପାଇଁ ଯିବାବେଳେ ପୋଲିସ ଅଟକାଇବାରୁ ଧାରଣା।



ପ୍ରଥମାଷ୍ଟମୀ ଅବସରରେ ବୁଧବାର ପ୍ରଭୁ ଶ୍ରୀଲିଙ୍ଗରାଜ, ମା' ପାର୍ବତୀ, ଏବଂ ବାସୁଦେବ ମାମୁଘର ମୈତ୍ରେୟେଶ୍ୱର ମନ୍ଦିର ପରିସରରେ ନୂତନ ପରିଧାନ ପୂର୍ବକ ପଢୁଆଁ ହେଉଛନ୍ତି।

# ବିପଦର ପଥ



## ସାରଙ୍ଗଧର ସେତୁ



ଢେଙ୍କାନାଳ-କାମାକ୍ଷାନଗର ରାସ୍ତାର ଗେଙ୍ଗୁଟିଆ ଓ କମଗରା ମଧ୍ୟରେ ପ୍ରବାହିତ ବ୍ରାହ୍ମଣୀ ନଦୀ ଉପରେ ପୂର୍ତ୍ତ ବିଭାଗ ପକ୍ଷରୁ ୧୯୯୩ରେ ନିର୍ମାଣ କରାଯାଇଥିଲା ସାରଙ୍ଗଧର ସେତୁ। ରକ୍ଷଣାବେକ୍ଷଣ ଅଭାବରୁ ଏହି ବ୍ରିଜ୍ ଏବେ ବିପଦସଙ୍କୁଳ ହୋଇପଡ଼ିଛି। ବିଭିନ୍ନ ସ୍ଥାନରେ ସୁରକ୍ଷା ବାଡ଼ ଭାଙ୍ଗି ଯାଇଥିବାବେଳେ ବର, ଅଶ୍ୱତ୍ଥ ଗଛ ଉଠି ଫାଟ ହୋଇଛି।

## ରାୟଗଡ଼ା ଫ୍ଲାଏଓଭର



ରାୟଗଡ଼ା ସହରସ୍ଥିତ ଫ୍ଲାଏଓଭର ୧୯୯୫-୯୬ରେ ନିର୍ମାଣ ହୋଇଥିଲା। କନ୍ଧମାଳ, କଳାହାଣ୍ଡି, କୋରାପୁଟ ଏବଂ ଗଞ୍ଜାମ ଜିଲା ସମେତ ପଡ଼ୋଶୀ ରାଜ୍ୟ ଆନ୍ଧ୍ରପ୍ରଦେଶକୁ ସଂଯୋଗ କରୁଥିବା ଏହି ଫ୍ଲାଏଓଭର ଜାତୀୟ ରାଜପଥ ବିଭାଗ ଅଧୀନରେ ରହିଛି। ୨୦୦ ମିଟର ଲମ୍ବ ଏହି ଫ୍ଲାଏଓଭରର ଚାରିପାର୍ଶ୍ୱରେ ଏବେ ଗଛ ଉଠି ଫାଟ ସୃଷ୍ଟି ହେଲାଣି। ସେହିପରି ଏହା ଉପରେ ୧୦୦୦ରୁ ଊର୍ଦ୍ଧ୍ୱ ଗର୍ତ୍ତ ସୃଷ୍ଟି ହୋଇଛି। ଏହାର ସ୍ଥାୟୀ ସମାଧାନ ବଦଳରେ ଏବେ କେବଳ ପ୍ୟାଚ୍ ପକାଇ ମରାମତି ଚାଲିଛି।

ନଦୀ ଉପରେ ତିଆରି ହୋଇଛି ସେତୁ। ହଟିଛି ବିପଦପୂର୍ଣ୍ଣ ନୌଯାତ୍ରାର ଯନ୍ତ୍ରଣା। ସହରରେ ନିର୍ମିତ ଫ୍ଲାଏ ଓଭର ପାଇଁ କମିଛି ଭିଡ଼। ବର୍ଷ ବର୍ଷ ଧରି ବ୍ୟବହୃତ ବ୍ୟସ୍ତବହୁଳ ବ୍ରିଜ୍‌ଗୁଡ଼ିକ କିନ୍ତୁ ଏବେ ଆଉ ସୁରକ୍ଷିତ ହୋଇ ରହିନାହିଁ। ବ୍ରିଟିଶ ଅମଳର ପୋଲଗୁଡ଼ିକ ଜରାଜୀର୍ଣ୍ଣ ଅବସ୍ଥାରେ। ୩୦-୪୦ ବର୍ଷ ପୁରୁଣା ସେତୁର ସୁରକ୍ଷା ବାଡ଼ ଭାଙ୍ଗି ମୁକୁଳା ପଡ଼ିଛି। ଦୁର୍ବଳ ସ୍ପାନ୍ ପାଇଁ ମାଲବାହୀ ଗାଡ଼ି ଯିବା ବେଳେ ଦୋହଲୁଛି। ରକ୍ଷଣାବେକ୍ଷଣ ଅଭାବରୁ ବଡ଼ ବଡ଼ ଗଛରେ ପରିପୂର୍ଣ୍ଣ ହୋଇ ଫ୍ଲାଏ ଓଭର ଫାଟି ଆଁ କଲାଣି। ଆପ୍ରୋଚ୍ ରୋଡ୍‌ରେ ବିରାଟକାୟ ଗର୍ତ୍ତ ପାଇଁ ବଡ଼ ଧରଣର ଦୁର୍ଘଟଣା ଆଶଙ୍କାକୁ ଏଡ଼ାଇ ଦିଆଯାଇପାରୁନାହିଁ। ଓଡ଼ିଶାରେ ଏବେ ଏଭଳି ଦୃଶ୍ୟ ସଡ଼କପଥରେ ସୁରକ୍ଷିତ ଯାତ୍ରା ଓ ପରିବହନ ବ୍ୟବସ୍ଥା ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରୁଛି। ଏଠାରେ ବିପଦସଙ୍କୁଳ ଅବସ୍ଥାରେ ଥିବା କେତେକ ପୋଲ ଓ ଫ୍ଲାଏଓଭରର ଚିତ୍ର ପ୍ରଦର୍ଶନ କରାଗଲା।

## ନୁଣିଆଯୋଡ଼ି ପୋଲ



ବାଲେଶ୍ୱର ପୌରାଞ୍ଚଳର ୩୧ନଂ. ୱାର୍ଡ଼ ସ୍ଥିତ ଅରଡ଼ବଜାର ନିକଟସ୍ଥ ନୁଣିଆଯୋଡ଼ି ପୋଲ ହରିପୁର ଛକଠାରୁ ମୁକ୍ତିଦ୍ୱାର ପର୍ଯ୍ୟନ୍ତ ଲମ୍ବିଛି। ବ୍ରିଟିଶ୍ ଅମଳରୁ ତିଆରି ହୋଇଥିବା ଏହି ପୋଲର ଉଭୟ ପାର୍ଶ୍ୱରେ ଗଛ ଉଠିବା ସହ ଫାଟ ସୃଷ୍ଟି ହୋଇଛି। ବିପଦ ସଙ୍କୁଳ ଅବସ୍ଥାରେ ପ୍ରତିଦିନ ହଜାର ହଜାର ଲୋକ ତଥା ଭାରିଯାନ ଏହି ପୋଲ ଦେଇ ଯା'ଆସ କରୁଛନ୍ତି।

## ବଡ଼ ପୋଲିଆ ପୋଲ



ବଡ଼ ପୋଲିଆ ପୋଲ କେନ୍ଦୁଝର ଜିଲା ପଶ୍ଚିମ ଯୋଡ଼ାରୁ କୁନ୍ଦୁର ନାଳାକୁ ସଂଯୋଗ କରୁଛି। ୧୯୪୮ ପୂର୍ବରୁ ଖଣିଜ ପରିବହନ ନିମନ୍ତେ ଟାଟା କମ୍ପାନୀ ଏହାକୁ ନିର୍ମାଣ କରିଥିଲା। ପରବର୍ତ୍ତୀ ସମୟରେ ଏଥିରେ ଜନସାଧାରଣ ଯାତାୟାତ କରିଆସୁଛନ୍ତି। ଏହା ଇଟାରେ ନିର୍ମିତ ହୋଇଥିଲା। ଯୋଡ଼ା ଅଞ୍ଚଳର ସର୍ବପୁରାତନ ପୋଲ ହୋଇଥିବା ବେଳେ ବର୍ତ୍ତମାନ ଏଥିରେ ଗଛଲତା ଉଠି ଜରାଜୀର୍ଣ୍ଣ ଅବସ୍ଥାରେ ରହିଛି।

## ଶଙ୍ଖନଦୀ ପୋଲ



ରାଉରକେଲା-ରାଞ୍ଚି ୧୪୩ ନଂ. ଜାତୀୟ ରାଜପଥର ସୁନ୍ଦରଗଡ଼ ଜିଲା କୁଆଁରମୁଣ୍ଡା ବ୍ଲକ ଯମୁନାନାକି ନିକଟସ୍ଥ ଶଙ୍ଖନଦୀ ଉପରେ ଥିବା ବ୍ରିଟିଶ ଅମଳର ପୋଲର ଶୋଚନୀୟ ଅବସ୍ଥା।

## କବାଟବନ୍ଧ ବ୍ରାହ୍ମଣୀ ସେତୁ



ଯାଜପୁର ଜିଲା ଧର୍ମଶାଳା ବ୍ଲକ କବାଟବନ୍ଧ ନିକଟ ୫୩ନଂ. ଜାତୀୟ ରାଜପଥରେ ରହିଛି ବ୍ରାହ୍ମଣୀ ସେତୁ। ଏହି ସେତୁ ଉପରେ ୭୦ ଦଶକରେ ଯାତାୟାତ ଆରମ୍ଭ ହୋଇଥିଲା। ଆବଶ୍ୟକ ମରାମତି ଅଭାବରୁ ସେତୁର ଅଧିକାଂଶ ଭାଗ ଭାଙ୍ଗିରୁଜି ଯାଇଛି। ସେତୁରେ ଛୋଟ ବଡ଼ ଖାଲ ସୃଷ୍ଟି ହୋଇଛି। ଏହି ସେତୁ ଉପରେ କେନ୍ଦୁଝର ଜିଲା ଯୋଡ଼ା ଅଞ୍ଚଳରୁ ପାରାଦୀପକୁ ଖଣିଜ ପଦାର୍ଥ ପରିବହନ ହୋଇଥାଏ। ଢେଙ୍କାନାଳ, ଅନୁଗୋଳ, ଯାଜପୁର, କଟକ, କେନ୍ଦ୍ରାପଡ଼ା, ଜଗତ୍‌ସିଂହପୁର ଅଞ୍ଚଳର ଲୋକ ଏହି ସେତୁ ଉପରେ ନିର୍ଭର କରିଥାନ୍ତି।

## ଚାଉଳଧୁଆ ନଦୀ ପୋଲ



କନ୍ଧମାଳ ଜିଲା କୋଟଗଡ ବ୍ଲକ ଜୁଡାବାଲି ପଞ୍ଚାୟତ ରଡିଗୁମା ନିକଟରେ ଗ୍ରାମ୍ୟ ନିର୍ମାଣ ବିଭାଜନ (ଆରଡ଼ି) ପକ୍ଷରୁ ନିର୍ମିତ ଚାଉଳଧୁଆ ନଦୀ ଉପରେ ହୋଇଥିବା ଏହି ପୋଲର ନିର୍ମାଣ ୩/୪ ମାସ ହେବ ସରିଛି। ପ୍ରଧାନମନ୍ତ୍ରୀ ଗ୍ରାମ ସଡକ ଯୋଜନାରେ ନିର୍ମିତ ଏହି ପୋଲର ଗୋଟିଏ ପାର୍ଶ୍ୱ ସଂଯୋଗ ରାସ୍ତା ଧୋଇଯାଇଛି।

## ବନ୍ଧପାଲି ପୋଲ



ସୁନ୍ଦରଗଡ଼-ହେମଗିର ଏମ୍‌ସିଏଲ୍ ବସୁନ୍ଧରା ପୂର୍ତ୍ତ ବିଭାଗ ରାସ୍ତାର ସୁନ୍ଦରଗଡ଼ ନିକଟ ଇବ ନଦୀର ବନ୍ଧପାଲି ପୋଲ ୧୯୫୨ ମସିହାରେ ନିର୍ମିତ ହୋଇଥିବାବେଳେ ବର୍ତ୍ତମାନ ବିପଦସଙ୍କୁଳ ଅବସ୍ଥାରେ ଅଛି।

**ବିନା ମାସ୍କରେ ବିମାନଯାତ୍ରା**
ଏଣିକି ବିମାନଯାତ୍ରାବେଳେ ଯାତ୍ରୀମାନଙ୍କୁ ଆଉ ମାସ୍କ ପିନ୍ଧିବାକୁ ପଡ଼ିବ ନାହିଁ ଏ ନେଇ ବୁଧବାର ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ବିଶ୍ୱରେ କରୋନା ସଂକ୍ରମଣ ମାମଲା କ୍ରମାଗତ କମିବାରେ ଲାଗିଥିବା ଯୋଗୁ ମନ୍ତ୍ରଣାଳୟ ପକ୍ଷରୁ ଏ ପ୍ରକାର ନିଷ୍ପତ୍ତି ନିଆଯାଇଛି। ପୂର୍ବରୁ କୋଭିଡ୍ ସଂକ୍ରମଣକୁ ଦୃଷ୍ଟିରେ ରଖି ବିମାନଯାତ୍ରୀଙ୍କ କ୍ଷେତ୍ରରେ ବହୁ ନିୟମ ଲାଗୁ କରାଯାଇଥିଲା। ବର୍ତ୍ତମାନ ସୁଦ୍ଧା ଦେଶରେ ୪,୪୧,୨୮, ୫୮୦ ଲୋକ କରୋନାରୁ ସୁସ୍ଥ ହୋଇସାରିଥିବାବେଳେ ମୃତ୍ୟୁ ସଂଖ୍ୟା ରହିଛି ୧.୧୯ ପ୍ରତିଶତ।



**ସଂକ୍ଷେପରେ**

## ଆତଙ୍କବାଦୀ ଧମକ ପରେ ୫ ଖବରଦାତାଙ୍କ ଇସ୍ତଫା

**ଶ୍ରୀନଗର,୧୬।୧୧:** ଜମ୍ମୁ-କଶ୍ମୀରରେ ଲଷ୍କର ଇ- ତାଇବା (ଏଲ୍ଇଟି) ଆତଙ୍କବାଦୀଙ୍କ ଧମକ ପରେ ସ୍ଥାନୀୟ ଗଣମାଧମରେ କାର୍ଯ୍ୟରତ ୫ ଖବରଦାତା ଇସ୍ତଫା ଦେଇଛନ୍ତି। ଭାରତୀୟ ଗୋଇନ୍ଦା ଏଜେନ୍ସିକୁ ସହଯୋଗ କରୁଥିବା କହି ଏଲ୍ଇଟି ୧୨ ଜଣ ସ୍ଥାନୀୟ ଖବରଦାତାଙ୍କ ନାମସୂଚୀ ପ୍ରକାଶ କରିଛି। ଏଥିରେ ଦୁଇଟି ଖବରକାଗଜର ସମ୍ପାଦକଙ୍କ ନାମ ମଧ ରହିଛି। ତେବେ ଇସ୍ତଫା ଦେଇଥିବା ୫ ଖବରଦାତାଙ୍କ ମଧରୁ ୩ ଜଣ ସୋସିଆଲ ମିଡିଆରେ ଇସ୍ତଫାପତ୍ର ଅପ୍ଲୋଡ୍ କରିଛନ୍ତି। ଏଲ୍ଇଟି ସହିତ ଆତଙ୍କବାଦୀ ସଂଗଠନ 'ଦ ରେଜିଷ୍ଟାନ୍ସ ଫ୍ରଣ୍ଟ ଗ୍ରୁପ୍' (ଟିଆର୍ଏଫ୍)ର ସମ୍ପୃକ୍ତି ଥିବା ସ୍ଥାନୀୟ ପୋଲିସ କହିଛି। ଆତଙ୍କବାଦୀ ସଂଗଠନ ଜମ୍ମୁ-କଶ୍ମୀରରେ ଖବରଦାତାଙ୍କୁ ନିଜ ଟାର୍ଗେଟ କରିଥିବାବେଳେ ଖବରଦାତା ଭ୍ରଷ୍ଟ ବୋଲି କହି ସେମାନଙ୍କ କାର୍ଯ୍ୟ ପାଇଁ ଧମକାଉଛି। ଏ ନେଇ ଆତଙ୍କବାଦୀ ବିରୋଧୀ ଆଇନ ଅନ୍ତର୍ଗତ ଅଭିଯୋଗ ପରେ ଘଟଣାର ଯାଞ୍ଚ ପୋଲିସ ଚଳାଇଛି।

## ୨୦୨୪ ରାଷ୍ଟ୍ରପତି ରେସ୍‌ରେ ପୁଣି ଟ୍ରମ୍ପ୍



**ୱାଶିଂଟନ୍,୧୬।୧୧:** ଆମେରିକାର ପୂର୍ବତନ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ୨୦୨୪ରେ ହେବାକୁ ଥିବା ରାଷ୍ଟ୍ରପତି ନିର୍ବାଚନ ଲଢ଼ିବା ନେଇ ବୁଧବାର ଘୋଷଣା କରିଛନ୍ତି। ରିପବ୍ଲିକାନ୍ ପାର୍ଟି ତରଫରୁ ନିର୍ବାଚନ ଲଢ଼ିବାକୁ ଯାଉଥିବା ଟ୍ରମ୍ପ ବୁଧବାର ସଂଘୀୟ ନିର୍ବାଚନ ଆୟୋଗଙ୍କ ନିକଟରେ ଆବଶ୍ୟକ ଦସ୍ତାବିଦ୍ ଦାଖଲ କରିଛନ୍ତି। ଆମେରିକା ଭଳି ମହାନ ଦେଶ ବିଷୟରେ ସାରା ବିଶ୍ୱକୁ ଅବଗତ କରାଇବା ଉଦ୍ଦେଶ୍ୟରେ ସେ ପୁଣିଥରେ ପ୍ରେସିଡେଣ୍ଟ ରେସ୍‌ରେ ସାମିଲ ହେବାକୁ ଯାଉଛନ୍ତି। ବର୍ତ୍ତମାନର ରାଷ୍ଟ୍ରପତି ଜୋ ବାଇଡେନ୍‌ଙ୍କ ନେତୃତ୍ୱାଧୀନ ଶାସନରେ ଆମେରିକାବାସୀ ଅତିଷ୍ଠ ହୋଇପଡ଼ିଥିବା ଟ୍ରମ୍ପ କହିଛନ୍ତି। ତେବେ ଏହାକୁ ମିଶାଇ ଟ୍ରମ୍ପ ତିନିଥର ପାଇଁ ରାଷ୍ଟ୍ରପତି ନିର୍ବାଚନରେ ଅଂଶଗ୍ରହଣ କରିବେ।

## ଧର୍ମ ପରିବର୍ତ୍ତନ ନ କରିବାରୁ ହତ୍ୟା

**ଲକ୍ଷ୍ନୌ, ୧୬।୧୧:** ଧର୍ମ ପରିବର୍ତ୍ତନକୁ କେନ୍ଦ୍ରକରି ଉତ୍ତର ପ୍ରଦେଶ ଲକ୍ଷ୍ନୌର ଜଣେ ଯୁବକ ୧୯ ବର୍ଷୀୟା ଯୁବତୀଙ୍କୁ ହତ୍ୟା କରିଛନ୍ତି। ଅଭିଯୁକ୍ତ ଯୁବକ ସୁଫିୟାନ୍ ଯୁବତୀଙ୍କ ଘର ପାଖରେ ରହୁଥିଲେ। ସୁଫିୟାନ୍ ଉକ୍ତ ଯୁବତୀଙ୍କୁ ଏକ ଫୋନ୍ ଦେଇଥିବାବେଳେ ତାଙ୍କ ଘରଲୋକ ଜାଣିଦେଇଥିଲେ। ଯୁବତୀଙ୍କ ପରିବାର ଲୋକେ ଏକଥା ସୁଫିୟାନ୍‌ଙ୍କ ଘରଲୋକଙ୍କୁ ଜଣାଇବାକୁ ଯାଇଥିଲେ। ଦୁଇ ପରିବାର କଥା ହେଉଥିବାବେଳେ ସୁଫିୟାନ୍ ଯୁବତୀଙ୍କୁ ୪ ମହଲା ଉପରକୁ ନେଇଯାଇ ସେଠାରୁ ତଳକୁ ଠେଲି ଦେଇଥିବା ଦୁବାଗା ଥାନା ଅଧିକାରୀ କହିଛନ୍ତି। ଧର୍ମ ପରିବର୍ତ୍ତନକୁ କେନ୍ଦ୍ର କରି ଉଦ୍ଦେଶ୍ୟମୂଳକ ଭାବେ ଯୁବତୀଙ୍କୁ ହତ୍ୟା କରାଯାଇଥିବା ତାଙ୍କ ପରିବାର ଲୋକେ କହିଛନ୍ତି। ଅଭିଯୁକ୍ତ ସୁଫିୟାନ୍ ଫେରାର୍ ଅଛନ୍ତି। ଅଭିଯୋଗ ପରେ ୫ଜଣିଆ ପୋଲିସ ଟିମ୍ ଘଟଣାର ତଦନ୍ତ ଆରମ୍ଭ କରିଛି।

## ୨୭୧ ଯାତ୍ରୀ ଥିବା ଇଣ୍ଡୋନେସିଆ ଜାହାଜରେ ନିଆଁ

**ନୁସା ଡୁଆ,୧୬।୧୧:** ଇଣ୍ଡୋନେସିଆର ରିସର୍ଟ ଦ୍ୱୀପ ବାଲି ନିକଟରେ ବୁଧବାର ଏକ ଯାତ୍ରୀବାହୀ ଜାହାଜରେ ନିଆଁ ଲାଗିଯାଇଛି। ସେଥିରେ ୨୭୧ ଯାତ୍ରୀ ଥିଲେ। ତେବେ ଅଗ୍ନିକାଣ୍ଡଜନିତ ମୃତାହତ ସମ୍ପର୍କରେ ଖବର ମିଳିନାହିଁ। ଉଦ୍ଧାର କାର୍ଯ୍ୟ ଜାରି ରହିଛି। ମୁଟିଆରା ଟିମୁର-୧ ଜାହାଜରେ ୨୩୬ ଜଣ ଯାତ୍ରୀ ଓ ୩୫ କର୍ମଚାରୀ ଥିଲେ। କାରାଙ୍ଗାସେମ୍ ଉପକୂଳଠାରୁ ୧.୫ କିଲୋମିଟର ଦୂରରେ ବାଲି ପ୍ରଣାଳୀରେ ଉକ୍ତ ଜାହାଜରେ ନିଆଁ ଲାଗିଯାଇଥିଲା। ନୌସେନା ନାବିକ ଏବଂ ସ୍ଥାନୀୟ ମତ୍ସ୍ୟଜୀବୀ ଉଦ୍ଧାର କାର୍ଯ୍ୟରେ ନିୟୋଜିତ ହୋଇଥିବା ବାଲି ତଲାସି ଓ ଉଦ୍ଧାର ସଂସ୍ଥା ମୁଖ୍ୟ ଗେଡେ ଡାର୍ମଡା କହିଛନ୍ତି।

# ବାଲି ଘୋଷଣାନାମାରେ ଯୁଦ୍ଧକୁ ନେଇ ମତଭେଦ




**ଜି୨୦ ସମିଟ୍**

**ବାଲି,୧୬।୧୧(ପି.ଟି.)**

ଇଣ୍ଡୋନେସିଆର ବାଲିଠାରେ ଜି୨୦ ବୈଠକ ବୁଧବାର ଶେଷ ହୋଇଛି। ଏହି ଅବସରରେ ଜି୨୦ ବାଲି ଘୋଷଣାନାମାରେ ରୁଷିଆ-ୟୁକ୍ରେନ୍ ଯୁଦ୍ଧକୁ ନେଇ ସଦସ୍ୟ ରାଷ୍ଟ୍ରଗୁଡ଼ିକ ମଧ୍ୟରେ ମତପାର୍ଥକ୍ୟ ଥିବା ସ୍ୱୀକାର କରାଯାଇଛି। ତେବେ ଯୁଦ୍ଧବେଳେ ବନ୍ଦୀ ଥିବା ସାଧାରଣ ନାଗରିକମାନଙ୍କୁ ସୁରକ୍ଷା ସମେତ ଅନ୍ତର୍ଜାତୀୟ ଆଇନକୁ ମାନିବା ଲାଗି ଘୋଷଣାନାମାରେ ଗୁରୁତ୍ୱ ଦିଆଯାଇଛି। ଆଣବିକ ଅସ୍ତ୍ର ବ୍ୟବହାର କିମ୍ବା ଏଭଳି ଧମକକୁ ସମସ୍ତ ସଦସ୍ୟ ବିରୋଧ କରୁଥିବା ସ୍ପଷ୍ଟ କରିଦେଇଛନ୍ତି। ଶାନ୍ତିପୂର୍ଣ୍ଣ ଉପାୟରେ ଯୁଦ୍ଧର ଅବସାନ ଲାଗି ସେମାନେ ଆହ୍ୱାନ ଦେଇଛନ୍ତି। ତେବେ ଜି୨୦ ବାଲି ନେତୃବୃନ୍ଦଙ୍କ ଘୋଷଣାନାମା ଡ୍ରାଫ୍ଟିଂ ବେଳେ ବିବାଦୀୟ ବିତର୍କ ହୋଇଥିଲା ବୋଲି ଇଣ୍ଡୋନେସିଆ ରାଷ୍ଟ୍ରପତି ଖବରଦାତା ସମ୍ମିଳନୀରେ ସ୍ୱୀକାର କରିଛନ୍ତି।

ଆଜିର ଯୁଗ ଆଦୌ ଯୁଦ୍ଧର ଯୁଗ ନୁହେଁ ବୋଲି ଘୋଷଣାନାମାରେ କୁହାଯାଇଛି। ଗତ ସେପ୍ଟେମ୍ବରରେ ସାଂଘାଇ ସହଯୋଗ ସଂଗଠନ (ଏସ୍‌ସିଓ) ବୈଠକ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନଙ୍କୁ ଯାହା କହିଥିଲେ, ତାହା ଜି୨୦ରେ ପ୍ରତିଫଳିତ ହୋଇଛି। ମୋଦିଙ୍କ ନେତୃତ୍ୱରେ ଭାରତୀୟ ପ୍ରତିନିଧି ଦଳ ସହମତି ଆଣିବା ଦିଗରେ ପ୍ରମୁଖ ଭୂମିକା ନିଭାଇଥିଲେ ବୋଲି ବହିର୍ବ୍ୟାପାର ସଚିବ ବିନୟ କ୍ୱାତ୍ରା କହିଛନ୍ତି।

ଜାତିସଂଘ ସୁରକ୍ଷା ପରିଷଦରେ ଜାତୀୟ ସ୍ଥିତି ଉପରେ ସଦସ୍ୟ ରାଷ୍ଟ୍ରଗୁଡ଼ିକ ଯାହା କହିଥିଲେ ଜି୨୦ରେ ତାହା ଦୋହରାଇଥିବା ଘୋଷଣାନାମାରୁ ସ୍ପଷ୍ଟ ହୋଇଛି। ଅଧିକାଂଶ ସଦସ୍ୟ ରାଷ୍ଟ୍ର ୟୁକ୍ରେନ୍ ଯୁଦ୍ଧକୁ ଦୃଢ଼ ନିନ୍ଦା କରିଥିଲେ। ତେବେ କେତେକେ ଏହା ଉପରେ ଭିନ୍ନ ମତ ରଖିଥିଲେ। ଦସ୍ତାବିଜ୍‌ରେ ଯୁଦ୍ଧକୁ ନେଇ ଖୁବ୍ କମ୍ ଲେଖା ହୋଇଥିବାବେଳେ ଏହା ସମିଟ୍‌ର ମୁଖ୍ୟ ବିଷୟବସ୍ତୁ ଥିଲା ବୋଲି ୱିଡୋଡୋ କହିଛନ୍ତି। କୋଭିଡ୍ ମହାମାରୀ ପରେ ଅର୍ଥନୀତି ଉପରେ ଏହା ବିଶ୍ୱର ଯୁଦ୍ଧ ଭଳି ମନେ ହେଉଥିବା ସେ କହିଛନ୍ତି। ଜି୨୦ ସମିଟ୍‌ରେ ରୁଷିଆ ରାଷ୍ଟ୍ରପତି ପୁଟିନ ଯୋଗ ଦେଇ ନ ଥିବାବେଳେ ତାଙ୍କ ତରଫରୁ ଉପସ୍ଥିତ ଥିବା ବହିର୍ବ୍ୟାପାର ମନ୍ତ୍ରୀ ସର୍ଗେଇ ଲାଭରୋଭ୍ ଘୋଷଣାନାମାର ଦିନକ ପୂର୍ବରୁ ସମିଟ୍ ଛାଡ଼ି ଚାଲିଯାଇଥିଲେ। ଗତ ଫେବୃୟାରୀ ୨୪ରୁ ୟୁକ୍ରେନ୍ ଉପରେ ରୁଷିଆ ଚଳାଇଥିବା ସାମରିକ କାର୍ଯ୍ୟାନୁଷ୍ଠାନକୁ ଆମେରିକା ନେତୃତ୍ୱରେ ପାଶ୍ଚାତ୍ୟ ରାଷ୍ଟ୍ରଗୁଡ଼ିକ ନିନ୍ଦା କରିଥିଲେ। ୟୁକ୍ରେନ୍ ରାଷ୍ଟ୍ରପତି ଭୋଲୋଡିମିର ଜେଲେନ୍‌ସ୍କି ଭର୍ଚୁଆଲି ଜି୨୦ ନେତାମାନଙ୍କୁ ଉଦ୍‌ବୋଧନ ଦେଇ ଧ୍ୱଂସାତ୍ମକ ଯୁଦ୍ଧର ଅନ୍ତ ଚାହିଁଥିଲେ।

## ଜି୨୦ ଅଧ୍ୟକ୍ଷତା ଗ୍ରହଣ କଲା ଭାରତ

ଆସନ୍ତା ବର୍ଷ ଲାଗି ଜି୨୦ର ଅଧ୍ୟକ୍ଷତା କରିବ ଭାରତ। ବୁଧବାର ଇଣ୍ଡୋନେସିଆ ଭାରତକୁ ଜି୨୦ ଅଧ୍ୟକ୍ଷତା ହସ୍ତାନ୍ତର କରିଛି। ଏହା ପ୍ରତ୍ୟେକ ଭାରତୀୟଙ୍କ ପାଇଁ ଗର୍ବର ବିଷୟ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି।

ବାଲିରେ ଦୁଇଦିନିଆ ଜି୨୦ ସମିଟ୍ ଶେଷରେ ଏକ ସଂକ୍ଷିପ୍ତ ଉତ୍ସବରେ ଇଣ୍ଡୋନେସିଆ ରାଷ୍ଟ୍ରପତି ଜୋକୋ ୱିଡୋଡୋ ପ୍ରଧାନମନ୍ତ୍ରୀ ମୋଦିଙ୍କୁ ଜି୨୦ ଅଧ୍ୟକ୍ଷତା ପ୍ରଦାନ କରିଛନ୍ତି। ପ୍ରତ୍ୟେକ ଦେଶର ମିଳିତ ଉଦ୍ୟମକ୍ରମେ ଜି୨୦ ସମିଟ୍‌କୁ ବିଶ୍ୱ କଲ୍ୟାଣ ଲାଗି ଏକ ଉତ୍ପ୍ରେରକରେ ପରିଣତ କରିପାରିବା ବୋଲି ମୋଦି ଏହି ଅବସରରେ କହିଛନ୍ତି। ଅଧ୍ୟକ୍ଷତା କାଳରେ ଭାରତ ଦେଶର ବିଭିନ୍ନ ରାଜ୍ୟ ଓ ସହରରେ ବୈଠକ ଆୟୋଜନ କରିବ। ପୂର୍ବରୁ ଭାରତର ବହିର୍ବ୍ୟାପାର ସଚିବ ବିନୟ କ୍ୱାତ୍ରା କହିଥିଲେ, ଜି୨୦ ଫଳାଫଳ ଦସ୍ତାବିଜ୍ ଡ୍ରାଫ୍ଟିଂରେ ଭାରତର ଗଠନମୂଳକ ଅବଦାନ ରହିଛି।

## ମୋଦି-ସୁନକ ଦ୍ୱିପାକ୍ଷିକ ଆଲୋଚନା



ଜି୨୦ ସମିଟ୍ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବୁଧବାର ବ୍ରିଟିଶ ପ୍ରତିପକ୍ଷ ଋଷି ସୁନକଙ୍କୁ ଭେଟି ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଛନ୍ତି। ଭାରତ-ବ୍ରିଟେନ ବିସ୍ତୃତ ରଣନୀତିକ ସହଭାଗିତା ଏବଂ ଭବିଷ୍ୟତ ସମ୍ପର୍କ ଲାଗି ରୋଡ୍‌ମ୍ୟାପ୍ ୨୦୩୦ର ଅଗ୍ରଗତିରେ ଉଭୟ ସନ୍ତୋଷବ୍ୟକ୍ତ କରିଥିଲେ। ଜି୨୦, କମନୱେଲ୍‌ଥ ସମେତ ସମସ୍ତ ଦ୍ୱିପାକ୍ଷିକ ଏବଂ ବହୁପାକ୍ଷିକ ଫୋରମରେ ଏକାଠି କାର୍ଯ୍ୟ କରିବାର ଗୁରୁତ୍ୱକୁ ଉଭୟ ପ୍ରଶଂସା କରିଥିଲେ। ଗତ ମାସରେ ସୁନକ୍ ବ୍ରିଟେନ ପ୍ରଧାନମନ୍ତ୍ରୀ ଦାୟିତ୍ୱ ନେବା ପରେ ମୋଦିଙ୍କ ସହ ଏହା ପ୍ରଥମ ସାକ୍ଷାତ୍। ମୋଦି ସୁନକ୍‌ଙ୍କୁ ଅଭିନନ୍ଦନ ଜଣାଇଥିଲେ। ବାଣିଜ୍ୟ, ଗମନାଗମନ, ପ୍ରତିରକ୍ଷା ଓ ସୁରକ୍ଷା ଆଦି ସେକ୍ଟରରେ ସହଯୋଗ ଲାଗି ସେମାନଙ୍କ ମଧ୍ୟରେ ଆଲୋଚନା ହୋଇଥିଲା।

**ଭାରତୀୟଙ୍କ ପାଇଁ ଭିଜା ଯୋଜନାକୁ ବ୍ରିଟେନର ମଞ୍ଜୁରୀ**

ପ୍ରତିବର୍ଷ ବ୍ରିଟେନରେ କାର୍ଯ୍ୟ କରିବା ଲାଗି ଭାରତୀୟ ଯୁବ ପେସାଦାରମାନଙ୍କ ନିମନ୍ତେ ବ୍ରିଟିଶ ପ୍ରଧାନମନ୍ତ୍ରୀ ଋଷି ସୁନକ୍ ୩,୦୦୦ ଭିଜା ପ୍ରଦାନ ଲାଗି ମଞ୍ଜୁରୀ ଦେଇଛନ୍ତି। ଏହି ଯୋଜନାରୁ ଉପକୃତ ହେବାରେ ଭାରତ ପ୍ରଥମ ଭିଜା-ଜାତୀୟତା ଦେଶ ବୋଲି ବ୍ରିଟିଶ ସରକାର କହିଛନ୍ତି।

# ଆଫ୍‌ତାବଙ୍କ ନାର୍କୋ ପରୀକ୍ଷା ହେବ

**ପାର୍ଟନରଙ୍କୁ ୩୫ ଖଣ୍ଡ କରିବା ମାମଲା**

**ନୂଆଦିଲ୍ଲୀ,୧୬।୧୧**

ଲିଭ୍-ଇନ୍-ପାର୍ଟନର ଶ୍ରଦ୍ଧା ୱାଲକରଙ୍କୁ ହତ୍ୟା କରିବା ପରେ ଶରୀରକୁ ୩୫ ଖଣ୍ଡ କରି ଥିବା ଅଭିଯୁକ୍ତ ଆଫତାବ୍ ପୁନାୱାଲାଙ୍କ ନାର୍କୋ ଆନାଲିସିସ୍ ବା ଲାଇ ଡିଟେକ୍ଟର ପରୀକ୍ଷା ହୋଇପାରେ। ଏଥିପାଇଁ କୋର୍ଟ ଅନୁମତି ଦେଇଛନ୍ତି। ଆଫତାବଙ୍କ ବୟାନରେ ତାଳମେଳ ରହୁ ନ ଥିବାରୁ ତାଙ୍କର ଲାଇ ଡିଟେକ୍ଟର ପରୀକ୍ଷା କରାଇବାକୁ ପୋଲିସ ଅନୁମତି ଲୋଡ଼ିଥିଲା।



ଏଥିପାଇଁ କୋର୍ଟ ନିର୍ଦ୍ଦେଶ ଦେଇଥିବା ଜଣାପଡ଼ିଛି। ଗତ ମେ'ରେ ଶ୍ରଦ୍ଧାଙ୍କୁ ଦିଲ୍ଲୀର ଛତରପୁର ଅଞ୍ଚଳରେ ହତ୍ୟା ପରେ ତାଙ୍କ ମୃତଦେହକୁ ଖଣ୍ଡଖଣ୍ଡ କରି ଅଭିଯୁକ୍ତ ଆଫତାବ ୧୮ ଦିନ ଯାଏ ତାହାକୁ ଦିଲ୍ଲୀର ବିଭିନ୍ନ ସ୍ଥାନରେ ଫିଙ୍ଗିଥିଲେ। ପ୍ରମାଣ ଲୁଚାଇବା ପାଇଁ ସେ ସବୁପ୍ରକାର କୌଶଳ ଆପଣାଇଥିଲେ। ତେବେ ଜେରା ବେଳେ ସେ ଦେଇଥିବା ବୟାନ ପୋଲିସ୍‌ର ସନ୍ଦେହ ବଢ଼ାଇଥିଲା। ମେ' ୧୮ରେ ଶ୍ରଦ୍ଧାଙ୍କୁ ହତ୍ୟା କରାଯାଇଥିବାବେଳେ ଝଗଡ଼ା ପରେ ସେ ମେ' ୨୨ରେ ଘର ଛାଡ଼ିଥିଲେ ବୋଲି ଆଫତାବ କହିଥିଲେ। କଲ୍ ରେକର୍ଡ ଯାଞ୍ଚ ପରେ ସତ ପଦାକୁ ଆସିଥିଲା। ଶ୍ରଦ୍ଧାଙ୍କ ନେଟ୍ ବ୍ୟାଙ୍କିଙ୍ଗ୍ ଆପ୍‌ରୁ ମେ' ୨୬ରେ ଆଫତାବଙ୍କ ଆକାଉଣ୍ଟକୁ ୫୪,୦୦୦ ଟଙ୍କା ଟ୍ରାନ୍ସଫର ହୋଇଥିଲା। ଏଥିରୁ ଆଫତାବ୍‌ଙ୍କ ମିଛ ଧରାପଡ଼ିଯାଇଥିଲା।

## ପୂର୍ବତନ ଜେଡିଏସ୍ ନେତାଙ୍କୁ ହତ୍ୟା

**ବେଙ୍ଗାଲୁରୁ,୧୬।୧୧**

କର୍ନାଟକର କଲାବୁରାଗି ଜିଲା ଅନ୍ତର୍ଗତ ସେଦାମ ସହରରେ ପୂର୍ବତନ ଜେଡିଏସ୍ ନେତା ମଲ୍ଲିକାର୍ଜୁନ ମୁଥ୍ୟାଲଙ୍କୁ ଅତି ବୀଭତ୍ସ ଭାବେ ହତ୍ୟା କରାଯାଇଛି। ଦୁର୍ବୃତ୍ତମାନେ ତାଙ୍କୁ ଗଳା ଚିପି ହତ୍ୟା କରିବା ପରେ ଗୁପ୍ତାଙ୍ଗକୁ ପଥରରେ ଛେଚିଦେଇଛନ୍ତି। ତାଙ୍କ ଇଲେକ୍ଟ୍ରୋନିକ୍ ଦୋକାନ ପଛପଟେ ଏହି ହତ୍ୟାକାଣ୍ଡ ଘଟିଛି। ମଲ୍ଲିକାର୍ଜୁନ ଖୁବ୍‌ଶୀଘ୍ର ଭାଜପାରେ ଯୋଗଦେଇଥାନ୍ତେ। ସେ ଦିନକ ପୂର୍ବରୁ ମୁଖ୍ୟମନ୍ତ୍ରୀ ବାସବରାଜ ବୋମାଇଙ୍କ ଏକ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ।

## ଅରବିନ୍ଦ ବୀର୍‌ମାନି ନୀତି ଆୟୋଗର ପୂର୍ଣ୍ଣକାଳୀନ ସଦସ୍ୟ

**ନୂଆଦିଲ୍ଲୀ,୧୬।୧୧(ପି.ଟି.)**

ପୂର୍ବତନ ମୁଖ୍ୟ ଅର୍ଥନୈତିକ ଉପଦେଷ୍ଟା ଅରବିନ୍ଦ ବୀର୍‌ମାନିଙ୍କୁ ନୀତି ଆୟୋଗର ପୂର୍ଣ୍ଣକାଳୀନ ସଦସ୍ୟ ନିଯୁକ୍ତ କରାଯାଇଛି। ଏନେଇ ବିଜ୍ଞପ୍ତି ପ୍ରକାଶ ପାଇଛି। ବୀର୍‌ମାନି ୨୦୦୭ରୁ ୨୦୦୯ ଅର୍ଥ ମନ୍ତ୍ରଣାଳୟ ଅଧୀନରେ ମୁଖ୍ୟ ଅର୍ଥନୈତିକ ଉପଦେଷ୍ଟା ଭାବେ କାର୍ଯ୍ୟ କରିଥିଲେ। ସେ ୨୦୧୩ ଫେବୃୟାରୀରୁ ୨୦୧୬ ଅଗଷ୍ଟ ପର୍ଯ୍ୟନ୍ତ ଭାରତର ରିଜର୍ଭ ବ୍ୟାଙ୍କ ର ମୁଦ୍ରାନୀତି ଟେକ୍‌ନିକାଲ ଆଡଭାଇଜରି କମିଟି ସଦସ୍ୟ ରହିଥିଲେ। ଏହା ପୂର୍ବରୁ ସେ ଅନ୍ତର୍ଜାତୀୟ ମୁଦ୍ରା ପାଣ୍ଠି (ଆଇଏମ୍ଏଫ୍)ର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଭାବେ ଭାରତ, ବାଂଲାଦେଶ, ଶ୍ରୀଲଙ୍କା ଓ ଭୁଟାନର ପ୍ରତିନିଧିତ୍ୱ କରୁଥିଲେ। ନୀତି ଆୟୋଗର ପୂର୍ଣ୍ଣକାଳୀନ ସଦସ୍ୟ ଭାବେ



ଫାଉଣ୍ଡେଶନ ଫର୍ ଇକୋନୋମିକ୍ ଗ୍ରୋଥ୍ ଆଣ୍ଡ ୱେଲ୍‌ଫେୟାରର ପ୍ରତିଷ୍ଠାତା ତଥା ଅଧ୍ୟକ୍ଷ ବୀର୍‌ମାନିଙ୍କ ନିଯୁକ୍ତିକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଅନୁମୋଦନ କରିଛନ୍ତି। ନୀତି ଆୟୋଗରେ ଭି.କେ. ସାରସ୍ୱତ, ରମେଶ ଚନ୍ଦ୍ର ଏବଂ ଭି.କେ. ପୌଲ ସଦସ୍ୟ ରହିଛନ୍ତି।



ବୁଧବାର ସକାଳେ କେନେଡି ସ୍ପେସ୍ ସେଣ୍ଟରରୁ ନାସାର ନୂଆ ମୁନ୍ ରକେଟ୍ ମହାକାଶକୁ ଛଡ଼ାଯାଉଥିବାବେଳେ ମେରିଲ୍ୟାଣ୍ଡ ହାର୍ବର ଟାଉନରୁ ଏହାର ଦୃଶ୍ୟ।

## ଗ୍ରାମୀ ୨୦୨୩: ବେୟୋନ୍ସ ସର୍ବାଧିକ ମନୋନୀତ

**ନୂଆଦିଲ୍ଲୀ,୧୬।୧୧**

୨୦୨୩ ବର୍ଷ ଲାଗି ଗ୍ରାମୀ ପୁରସ୍କାର ନିମନ୍ତେ ମନୋନୟନ ତାଲିକା ପ୍ରକାଶ ପାଇଛି। ବେୟୋନ୍ସ ସର୍ବାଧିକ ମନୋନୀତ ଗାୟିକା ମାନ୍ୟତା ପାଇଛନ୍ତି। ଏହି ସେଲିବ୍ରିଟ୍ ସିଙ୍ଗରଙ୍କ 'ବ୍ରେକ୍ ମାଇଁ ସୋଲ୍' ସଙ୍ଗ୍ ଅଫ୍ ଦି ଇୟର ଭାବେ ମନୋନୀତ ହୋଇଥିବାବେଳେ 'ରେନାଇସାନ୍ସ' ଆଲବମ୍ ଅଫ୍ ଦି ଇୟର ପାଇଁ ସହମତି ହାସଲ କରିଛି। ତାଙ୍କ ସ୍ୱାମୀ ଜେ-ଜେଡ୍‌ଙ୍କୁ ମଧ ଏହି ବର୍ଷ ଲାଗି ୫ଟି ବିଭାଗରେ ମନୋନୀତ କରାଯାଇଛି। କେଣ୍ଡ୍ରିକ୍ ଲାମରଙ୍କୁ ୮ଟି ସହମତି ସହ ଦ୍ୱିତୀୟ ସର୍ବାଧିକ ମନୋନୀତ ମ୍ୟୁଜିସିଆନ୍ ମାନ୍ୟତା ମିଳିଥିବାବେଳେ ଆଡେଲେ ଏବଂ ବ୍ରାଣ୍ଡି କାର୍ଲିଲ୍‌ଙ୍କୁ ୭ଟି ଲେଖାଏ ବିଭାଗରେ ନୋମିନେଟ୍



କରାଯାଇଛି। ୨୦୨୩ ଫେବୃୟାରୀ ୫ରେ ୬୫ତମ ଗ୍ରାମୀ ପୁରସ୍କାର ପ୍ରଦାନ କରାଯିବ। ହାସ୍ୟାଭିନେତା ଟ୍ରେଭୋର ନୋଆ ଏହି କାର୍ଯ୍ୟକ୍ରମକୁ ଉପସ୍ଥାପନ କରିବେ।

## ପୋଲାଣ୍ଡରେ ମିଶାଇଲ ମାଡ଼: ୨ ମୃତ

**ବ୍ରସେଲ୍ସ,୧୬।୧୧**

ୟୁକ୍ରେନ୍ ଓ ରୁଷିଆ ମଧ୍ୟରେ ଲାଗିଥିବା ଯୁଦ୍ଧର ପ୍ରଭାବ ପଡ଼ୋଶୀ ରାଷ୍ଟ୍ର ପୋଲାଣ୍ଡରେ ଦେଖିବାକୁ ମିଳିଛି। ମିଶାଇଲ ମାଡ଼ରେ ପୋଲାଣ୍ଡର ୨ଜଣ ନାଗରିକଙ୍କ ମୃତ୍ୟୁ ଘଟିଛି। ପୋଲାଣ୍ଡ ରାଷ୍ଟ୍ରପତି ଆଣ୍ଡ୍ରେଜ୍ ଡୁଡା ଏହାକୁ ୟୁକ୍ରେନୀୟ ସୈନ୍ୟଙ୍କ ଦ୍ୱାରା ହୋଇଥିବା ଏକ ଦୁର୍ଭାଗ୍ୟଜନକ ଦୁର୍ଘଟଣା ବୋଲି କହିଛନ୍ତି। କୌଣସି ମାନସିକତା ରଖି ଜାଣିଶୁଣି ଏହା କରାଯାଇ ନାହିଁ। ୟୁକ୍ରେନୀୟ ସୈନ୍ୟ ରୁଷିଆ ପଟୁ ଏହି ମିଶାଇଲ୍ ଲଞ୍ଚ କରିଥିବା ଜଣାପଡ଼ିଛି। ସୋଭିଏତ୍ ସଂଘ ପକ୍ଷରୁ ଏସ୍-୩୦୦ ରକେଟ୍ ତିଆରି କରାଯାଇଥିବାବେଳେ ଏହା ରୁଷିଆ ପଟୁ ପୋଲାଣ୍ଡ ଆଡ଼କୁ ନିକ୍ଷେପ କରାଯିବା ନେଇ ବର୍ତ୍ତମାନ ସୁଦ୍ଧା କୌଣସି ପ୍ରମାଣ ମିଳିନାହିଁ। ପୋଲାଣ୍ଡ



ମିଶାଇଲ ମାଡ଼ ଘଟଣାକୁ ନର୍ଥ ଆଟଲାଣ୍ଟିକ୍ ଟ୍ରିଟି ଅର୍ଗାନାଇଜେଶନ (ନାଟୋ) ନିନ୍ଦା କରିଛି। ଏ ଘଟଣା ପଛରେ ରୁଷିଆର ସମ୍ପୃକ୍ତି ନ ଥିଲେ ମଧ ୯ ମାସରୁ ଦୀର୍ଘଦିନ ଧରି ଲାଗି ରହିଥିବା ଯୁଦ୍ଧ ପାଇଁ ରୁଷିଆ ଦାୟୀ ବୋଲି ନାଟୋ ସାଧାରଣ ସଚିବ ଜେନ୍ସ ଷ୍ଟୋଲଟେନବର୍ଗ କହିଛନ୍ତି। ଏଥିସହ ରୁଷିଆକୁ ଏହାର ପରିଣାମ ମଧ ଭୋଗିବାକୁ ପଡ଼ିବ। ଘଟଣାର ଯାଞ୍ଚ ପାଇଁ ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍ ସହଯୋଗ କରିବା କଥା କହିଛନ୍ତି।

# ଧନୀ ରାଷ୍ଟ୍ରଙ୍କୁ ଦୋମୁହାଁ କହିଲେ ବେସିକ୍ ଗ୍ରୁପ୍

**ନୂଆଦିଲ୍ଲୀ,୧୬।୧୧(ପି.ଟି.)**

ଇଜିପ୍ଟରେ ଚାଲିଥିବା ଜାତିସଂଘ ଜଳବାୟୁ ପରିବର୍ତ୍ତନ ସମିଟ୍ (କୋପ୍୨୭)ରେ ଭାରତ, ଚାଇନା, ବ୍ରାଜିଲ ଏବଂ ଦକ୍ଷିଣ ଆଫ୍ରିକାକୁ ନେଇ ଗଠିତ ସଂଗଠନ (ବେସିକ୍ ଗ୍ରୁପ୍) ଧନୀ ରାଷ୍ଟ୍ରଗୁଡ଼ିକୁ ଦୋମୁହାଁ ବୋଲି ଅଭିହିତ କରିଛନ୍ତି। ଜଳବାୟୁ ପରିବର୍ତ୍ତନର ମୁକାବିଲା ନିମନ୍ତେ ବିକାଶଶୀଳ ରାଷ୍ଟ୍ରଗୁଡ଼ିକୁ ଆର୍ଥିକ ସହାୟତା ଯୋଗାଇଦେବା ଲାଗି ଧନୀ ରାଷ୍ଟ୍ରଗୁଡ଼ିକ ପ୍ରତିଶ୍ରୁତି ଦେଇ ପଛଘୁଞ୍ଚା ଦେଇଛନ୍ତି। ଅନ୍ୟପକ୍ଷରେ ସେମାନେ ଜୀବାଶ୍ମ ଇନ୍ଧନ ଉତ୍ପାଦନ ଓ ବ୍ୟବହାର ବଢ଼ାଇ ଚାଲିଛନ୍ତି। ଏହି ରାଷ୍ଟ୍ରଗୁଡ଼ିକ ନେତୃତ୍ୱ ନେବା ପାଇଁ ଆଗ୍ରହ ଦେଖାଉ ନାହାନ୍ତି କିମ୍ବା

**ଜାତିସଂଘ ଜଳବାୟୁ ସମିଟ୍**

**ଆର୍ଥିକ ସହାୟତା ପ୍ରତିଶ୍ରୁତି ରଖି ନାହାନ୍ତି ବିକଶିତ ରାଷ୍ଟ୍ର**

ଜଳବାୟୁ ପରିବର୍ତ୍ତନ ଦିଗରେ ଉଦ୍ୟମ ମଧ କରୁନାହାନ୍ତି। ଗତ କିଛି ବର୍ଷରେ ବିକଶିତ ରାଷ୍ଟ୍ରଗୁଡ଼ିକର ଜୀବାଶ୍ମ ଇନ୍ଧନ ଉତ୍ପାଦନ ଓ ବ୍ୟବହାର ଯଥେଷ୍ଟ ବୃଦ୍ଧି ପାଇଛି। ତେବେ ସେମାନେ ବିକାଶଶୀଳ ରାଷ୍ଟ୍ରଗୁଡ଼ିକୁ ଏଥିରୁ ଦୂରେଇ ରହିବାକୁ ଚାପ ପକାଉଛନ୍ତି। ଜଳବାୟୁ ପରିବର୍ତ୍ତନରେ ସମସ୍ତେ ସମାନ ଭାଗୀଦାରି ହେବା ଦିଗରେ ଧନୀ ରାଷ୍ଟ୍ରଗୁଡ଼ିକର ଡବଲ୍ ଷ୍ଟାଣ୍ଡାର୍ଡ ଗ୍ରହଣୀୟ ନୁହେଁ ବୋଲି ବେସିକ ରାଷ୍ଟ୍ରଗୋଷ୍ଠୀ କହିଛନ୍ତି।

ଜଳବାୟୀ ପରିବର୍ତ୍ତନ ବିରୋଧୀ ଲଢ଼େଇରେ କୌଣସି ସେକ୍ଟର କିମ୍ବା ଇନ୍ଧନ ଉତ୍ସ ବାଦ୍ ପଡ଼ିବା ଉଚିତ ନୁହେଁ ବୋଲି ଭାରତର ପରିବେଶ ମନ୍ତ୍ରୀ ଭୂପେନ୍ଦ୍ର ଯାଦବ କୋପ୍୨୭ରେ ଉଦ୍‌ବୋଧନ ଦେଇ କହିଛନ୍ତି। ସମସ୍ତ ଜୀବାଶ୍ମ ଇନ୍ଧନକୁ ପର୍ଯ୍ୟାୟକ୍ରମେ ବ୍ୟବହାରରୁ ବାଦ୍ ଦେବା ଲାଗି ଗତ ଶନିବାର ଭାରତ ଦେଇଥିବା ପ୍ରସ୍ତାବକୁ ୟୁରୋପୀୟ ସଂଗଠନ ସମର୍ଥନ କରିଥିଲା। ପୂର୍ଣ୍ଣ କାର୍ବନ ବଜେଟରେ ବିକାଶଶୀଳ ରାଷ୍ଟ୍ରଗୁଡ଼ିକୁ ଉପଯୁକ୍ତ ଭାଗ ଯୋଗାଇଦିଆଯିବା ଆବଶ୍ୟକ। ବିକଶିତ ରାଷ୍ଟ୍ରଗୁଡ଼ିକର କାର୍ବନ ଋଣର ମୁଦ୍ରୀକରଣ ଦ୍ୱାରା ତାହା କରାଯାଇପାରିବ ବୋଲି ଭାରତର ପରିବେଶ ମନ୍ତ୍ରୀ କହିଛନ୍ତି। ବିଶ୍ୱର ପଞ୍ଚମ ସର୍ବାଧିକ ଗ୍ରୀନ୍ ହାଉସ୍ ଗ୍ୟାସ୍ ନିର୍ଗମନକାରୀ ଇଣ୍ଡୋନେସିଆରେ କୋଇଲା ବ୍ୟବହାର ବନ୍ଦ କରି ନବୀକରଣଯୋଗ୍ୟ ଇନ୍ଧନ ସେକ୍ଟର ବଢ଼ାଇବା ଲାଗି ସହାୟତା ନିମନ୍ତେ ଆମେରିକା, ଜାପାନ ଓ ଅନ୍ୟ ଦେଶଗୁଡ଼ିକ ୨୦ ବିଲିୟନ ଡଲାର ପାଣ୍ଠି ସଂଗ୍ରହ କରିବାକୁ ପ୍ରତିଶ୍ରୁତି ଦେଇଥିବାବେଳେ ଭୂପେନ୍ଦ୍ର ଯାଦବ ଉପରୋକ୍ତ ମନ୍ତବ୍ୟ ଦେଇଛନ୍ତି।

## ସଂକ୍ଷେପରେ

### ଚନ୍ଦ୍ରଭାଗା ସମୁଦ୍ରରୁ ଯୁବକ ଉଦ୍ଧାର

କୋଣାର୍କ,୧୬।୧୧(ଡି.ଏନ୍.ଏ.): ଚନ୍ଦ୍ରଭାଗା ସମୁଦ୍ରରୁ ବୁଧବାର ଜଣେ ଯୁବକ ଉଦ୍ଧାର ହୋଇଛନ୍ତି। ସେ ହେଲେ ଖୋର୍ଦ୍ଧା ଅଭୟମୁଖୀ ଅଞ୍ଚଳର ସତ୍ୟ ପ୍ରକାଶ କାଣ୍ଡି। ସାଇକେଲରେ ସତ୍ୟ କୋଣାର୍କ ବନ୍ଧୁଘରକୁ ଆସିଥିଲେ। ଅପରାହ୍ନ ୫ଟାରେ ଚନ୍ଦ୍ରଭାଗା ବେଳାଭୂମିରେ ସାଇକେଲ ରଖି ସମୁଦ୍ରରେ ପଶିଥିଲେ। ଫଳରେ ଲହଡ଼ି ତାଙ୍କୁ ସମୁଦ୍ର ଭିତରକୁ ଟାଣିନେଇଥିଲା। ତୁରନ୍ତ ଲାଇଫ୍‌ଗାର୍ଡ ରାମବାବୁ ଏକ ବୋଟ୍‌ରେ ଯାଇ ସମୁଦ୍ରରୁ ସତ୍ୟଙ୍କୁ ଉଦ୍ଧାର କରି କୂଳକୁ ଆଣିଥିଲେ। କୂଳକୁ ଆସିବା ପରେ ତାଙ୍କୁ ଚନ୍ଦ୍ରଭାଗା ସାମୁଦ୍ରିକ ଥାନାକୁ ହସ୍ତାନ୍ତର କରାଯାଇଥିଲା। ସୁସ୍ଥ ହେବାପରେ ତାଙ୍କୁ ଛାଡ଼ି ଦିଆଯାଇଥିବା ଥାନା ଅଧିକାରୀ ରବୀନ୍ଦ୍ର ନାଥ ସେଠୀ କହିଛନ୍ତି।

### ସମାଜ ପ୍ରତି ପ୍ରାଣନାଥଙ୍କ ଅବଦାନ ଅତୁଳନୀୟ

ଖୋର୍ଦ୍ଧା ଅଫିସ,୧୬।୧୧: ସ୍ୱାଧିନତା ସଂଗ୍ରାମୀ, ସାମ୍ୟବାଦୀ ଓ କୃଷକ ଆନ୍ଦୋଳନ ତଥା ଗଡ଼ଜାତ ପ୍ରଜା ଆନ୍ଦୋଳନର ନେତା, ଶିକ୍ଷାବିତ, ସାହିତ୍ୟିକ ଏବଂ ପ୍ରାଣନାଥ ମହାବିଦ୍ୟାଳୟ ପ୍ରତିଷ୍ଠାତା ପ୍ରାଣନାଥ ପଟ୍ଟନାୟକଙ୍କ ୧୧୭ତମ ଜୟନ୍ତୀ ଉତ୍ସବ ବୁଧବାର ପ୍ରାଣନାଥ ସ୍ମୃତି ସଂସଦ ଆନୁକୂଲ୍ୟରେ ପାଳିତ ହୋଇଯାଇଛି। ଏହି ଅବସରରେ କେନ୍ଦ୍ର ସମବାୟ ବ୍ୟାଙ୍କ ଛକସ୍ଥିତ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ସହ ଶ୍ରଦ୍ଧାସୁମନ ଅର୍ପଣ କରାଯାଇଥିଲା। ସଂସଦ ସମ୍ପାଦକ ମେଜର କ୍ଷୀରୋଦ ପ୍ରସାଦ ମହାନ୍ତିଙ୍କ ସଂଯୋଜନାରେ ଉତ୍ସବ ଆୟୋଜିତ ହୋଇଥିଲା। ଏକ ଗଠନମୂଳକ ସମାଜ ଦିଗରେ ତାଙ୍କ ଅବଦାନ ଅତୁଳନୀୟ ବୋଲି ଉତ୍ସବରେ ମତ ପ୍ରକାଶ ପାଇଥିଲା। ଅତିଥି ଭାବେ ପୌର ଉପାଧକ୍ଷ ସୌର୍ଯ୍ୟ ରଞ୍ଜନ ମହାନ୍ତି, ପ୍ରାଣନାଥ ସ୍ୱୟଂଶାସିତ ମହାବିଦ୍ୟାଳୟ ଅଧକ୍ଷା ଡ. ଅଜନ୍ତା ଶତପଥୀ, ପ୍ରାଧାପକ ଗୋପାଳକୃଷ୍ଣ ଦାସ, ଶିକ୍ଷାବିତ ସତ୍ୟବାଦୀ ବଳିଆରସିଂ, ଭୀମସେନ ପ୍ରଧାନ, ପ୍ରଫୁଲ୍ଲ ସାମନ୍ତରାୟ, ଡ. ପ୍ରମୋଦ ଚନ୍ଦ୍ର ଦାଶ, ଉମାଶଙ୍କର ପ୍ରସାଦ, କୃଷ୍ଣଚନ୍ଦ ହରିଚନ୍ଦନ, ପ୍ରାଣକୃଷ୍ଣ ଦଳବେହେରା, ଦେବପ୍ରସାଦ ମଜୁମଦାର, ଆଇନଜୀବୀ ଶିଶିର ପରିଡା, ବିମଳ ଷଡ଼ଙ୍ଗୀ, ଅଧାପକ ସୁକୁମାର ପଟ୍ଟନାୟକ, ବିଜୟ ସେଠୀ, ମିହିର ନାୟକ, ବିଶ୍ୱଜିତ ମହାନ୍ତି, ଲକ୍ଷ୍ମୀଧର ସାମନ୍ତସିଂହାର, କୁମର ବେହେରା, ଦୁର୍ଯ୍ୟୋଧନ ଜେନା ପ୍ରମୁଖ ଯୋଗଦେଇଥିଲେ। ପ୍ରାଣନାଥ ସ୍ୱୟଂଶାସିତ ମହାବିଦ୍ୟାଳୟର ଛାତ୍ରୀଛାତ୍ର, ରୋଭର ରେଞ୍ଜର, ଅଧାପକ, ବୁଦ୍ଧିଜୀବୀ, ସାମାଜିକ କର୍ମୀ ପ୍ରମୁଖ ଉପସ୍ଥିତ ଥିଲେ।

# ଦ୍ୱୈତନଗରୀ ସ୍କୁଲରେ ଖୋଲିବ ସାଇବର ସିକ୍ୟୁରିଟି କ୍ଲବ୍

### ସାଇବର ଠକଙ୍କ ଜାଲରୁ ଛାତ୍ରୀଛାତ୍ରଙ୍କୁ ରକ୍ଷା କରିବ ହ୍ୱାଟ୍‌ସ ଆପ୍ ଗ୍ରୁପ୍

ଭୁବନେଶ୍ୱର,୧୬।୧୧(ବ୍ୟୁରୋ)



ରାଜ୍ୟରେ ଦିନକୁଦିନ ସାଇବର ଠକେଇ ବଢ଼ି ଚାଲିଛି। ଏଥିରୁ ସ୍କୁଲ ଛାତ୍ରୀଛାତ୍ର କିପରି ରକ୍ଷା ପାଇପାରିବେ ସେନେଇ ଏକ ସଚେତନତା କାର୍ଯ୍ୟକ୍ରମ କମିଶନରେଟ ପୋଲିସ ପକ୍ଷରୁ ଭୁବନେଶ୍ୱରସ୍ଥିତ ମୁଖ୍ୟ କାର୍ଯ୍ୟାଳୟରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। କଟକ ଓ ଭୁବନେଶ୍ୱର ଦ୍ୱୈତନଗରୀର ସମସ୍ତ ସ୍କୁଲରେ ସାଇବର ସିକ୍ୟୁରିଟି କ୍ଲବ୍ ନାମରେ ଏକ ହ୍ୱାଟ୍ସଆପ୍ ଗ୍ରୁପ୍ ଖୋଲିବାକୁ ନିଷ୍ପତ୍ତି ନିଆଯାଇଛି। ଏହି ଗ୍ରୁପରେ ସ୍କୁଲର ଜଣେ ଶିକ୍ଷକଙ୍କ ସହ ମୋଟ ୫ଜଣ ଛାତ୍ରୀଛାତ୍ର ସଦସ୍ୟ ରହିବେ। ଏହି ଗ୍ରୁପ୍ ଓ ସଦସ୍ୟମାନେ ସିଧାସଳଖ କମିଶନରେଟ ପୋଲିସ ଲିଙ୍କ୍‌ରେ ରହିବ। ବର୍ତ୍ତମାନ ସମୟରେ ସ୍କୁଲ ପିଲାଙ୍କ ଅସାବଧାନତା ଓ ସରଳତାର ସୁଯୋଗ ନେଇ ସାଇବର ଠକମାନେ ସେମାନେଙ୍କୁ ଟାର୍ଗେଟ କରୁଛନ୍ତି। ସେମାନଙ୍କୁ ଅଶ୍ଳୀଳ ଫଟୋ ପଠାଇବା ସହ ଅର୍ଥ ଦାବି କରୁଛନ୍ତି। ପିଲାମାନେ ଏଥିରେ ଭୟଭୀତ ହୋଇ ଜୀବନ ହାରିବାର ନଜିର ମଧ ରହିଛି। ତେଣୁ ସାଇବର ସିକ୍ୟୁରିଟି କ୍ଲବ୍ ହ୍ୱାଟ୍‌ସ୍‌ଆପ୍ ଗ୍ରୁପ୍ ଏଭଳି ବିପଦରୁ ପିଲାଙ୍କୁ ସୁରକ୍ଷା ଦେବ ବୋଲି ପୋଲିସ କମିଶନର ସୌମେନ୍ଦ୍ର ପ୍ରିୟଦର୍ଶୀ ସୂଚନା ଦେଇଛନ୍ତି। ଏହାସହ କମିଶନରେଟ ପୋଲିସ ପକ୍ଷରୁ ଏକ ସ୍ପେଶାଲ ଟିମ୍ ଗଠନ କରାଯିବ, ଯାହାକି ପ୍ରତ୍ୟେକ ସ୍କୁଲରେ ସାଇବର ଅପରାଧ, ନିଶା କାରବାର, ଆତ୍ମହତ୍ୟା ପ୍ରବଣତା ଓ ବାଲ୍ୟ ବିବାହ ଉପରେ ସଚେତନତା ସୃଷ୍ଟି କରିବ ବୋଲି ସେ କହିଛନ୍ତି।

ସୂଚନାଯୋଗ୍ୟ, କିଛିଦିନ ତଳେ ସରକାର ସ୍କୁଲ ଓ କଲେଜସ୍ତରରେ ସାଇବର ପାଠ୍ୟକ୍ରମକୁ ପାଠ୍ୟ ଖସଡ଼ାରେ ସାମିଲ କରିଛନ୍ତି। ଏହି ସଚେତନତା କାର୍ଯ୍ୟକ୍ରମରେ ଯୋଗଦେଇଥିବା ଏକ ଘରୋଇ ସ୍କୁଲର ଶିକ୍ଷୟିତ୍ରୀ ଶ୍ରାବଣୀ ମହାନ୍ତି କୁହନ୍ତି, କମିଶନରେଟ ପୋଲିସ ପକ୍ଷରୁ ପିଲାଙ୍କ ଲାଗି ଯେଉଁ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି, ତାହା ସ୍ୱାଗତଯୋଗ୍ୟ। ଏହି କାର୍ଯ୍ୟକ୍ରମ କିପରି ଅଧିକରୁ ଅଧିକ ମାତ୍ରାରେ ସ୍କୁଲଗୁଡ଼ିକରେ ପ୍ରଚାରିତ ହେବ ତାହା ଉପରେ ଗୁରୁତ୍ୱ ଦିଆଯିବା ଉଚିତ। ସେହିଭଳି ସାଇବର ଏକ୍ସପର୍ଟ ଆକାଶ ମିଶ୍ର କହିଛନ୍ତି, ସବୁ ବିଦ୍ୟାଳୟରେ ସାଇବର ସିକ୍ୟୁରିଟି କ୍ଲବ ଗଠନ ହେବା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ। ଏହାକୁ ବିଦ୍ୟାଳୟରେ ସୀମିତ ନ ରଖି ଆଗାମୀ ଦିନରେ ଏହି କ୍ଲବ୍‌କୁ ମହାବିଦ୍ୟାଳୟଗୁଡ଼ିକରେ ସାମିଲ କରିବାକୁ ସେ କହିଛନ୍ତି। କାର୍ଯ୍ୟକ୍ରମରେ ଭୁବନେଶ୍ୱରର ପ୍ରାୟ ୧୦୦ ସ୍କୁଲର ଶିକ୍ଷୟିତ୍ରୀଶିକ୍ଷକଙ୍କ ସହ ଡିସିପି ପ୍ରତୀକ ସିଂ, ଟ୍ରାଫିକ ଡିସିପି ଟି.ପି. ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ଖଣ୍ଡଗିରିବାରିରେ ଭେଣ୍ଡିଂଜୋନ୍ ଭିତ୍ତିପ୍ରସ୍ତର ସ୍ଥାପନ



ଭୁବନେଶ୍ୱର,୧୬।୧୧(ବ୍ୟୁରୋ)

ଭୁବନେଶ୍ୱର ମହାନଗର ନିଗମାଞ୍ଚଳର ୱାର୍ଡ ନଂ.୨୩ ଅନ୍ତର୍ଗତ ଖଣ୍ଡଗିରିବାରି ଅଞ୍ଚଳରେ ଭେଣ୍ଡିଂ ଜୋନ୍ ନିର୍ମାଣ କରାଯିବ। ବୁଧବାର ନିର୍ମାଣ କାର୍ଯ୍ୟର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ବିଜ୍ଞାନ ଓ କାରିଗରୀ କୌଶଳ, ସାମାଜିକ ସୁରକ୍ଷା ଏବଂ ଭିନ୍ନକ୍ଷମ ସଶକ୍ତୀକରଣ ମନ୍ତ୍ରୀ ଅଶୋକ କୁମାର ପଣ୍ଡା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ବିଏମସି ମେୟର ସୁଲୋଚନା ଦାସ, ଡେ଼ପୁଟି ମେୟର ମଞ୍ଜୁଲତା କହଁର, ବିଭିନ୍ନ ଷ୍ଟାଣ୍ଡିଂ କମିଟିର ଅଧ୍ୟକ୍ଷ ୱାର୍ଡ.୨୩ର କର୍ପୋରେଟର କିରଣବାଳା ମାଝୀ ପ୍ରମୁଖ ଯୋଗ ଦେଇଥିଲେ। ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରସ୍ତାବିତ ମୁଖ୍ୟମନ୍ତ୍ରୀ କର୍ମତତ୍ପର ଅଭିଯାନ ଯୋଜନା ଅଧୀନରେ ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପାର୍ଶ୍ୱରେ ଏହି ଭେଣ୍ଡିଂ ଜୋନ୍ ନିର୍ମାଣ କରାଯିବ। ସ୍ଥାନୀୟ ଅଞ୍ଚଳର ସ୍ୱୟଂ ସହାୟକ ଗୋଷ୍ଠୀ(ଏସ୍ଏଚଜି) ମହିଳାଙ୍କ ଦ୍ୱାରା ଏହି କାର୍ଯ୍ୟ କରାଯିବ। ତେବେ ଭେଣ୍ଡିଂ ଜୋନ୍ ହେବା ଦ୍ୱାରା ସଂପୃକ୍ତ ଅଞ୍ଚଳର ବ୍ୟବସାୟୀ ଉପକୃତ ହେବେ ବୋଲି ଆଶା କରାଯାଉଛି।



ଡ୍ରିମର୍ସ ପ୍ଲାନେଟ୍ ଅର୍ଗାନାଇଜେଶନ ପକ୍ଷରୁ ସ୍ଥାନୀୟ ଏକ ହୋଟେଲରେ ବୁଧବାର ଅନୁଷ୍ଠିତ ମିଷ୍ଟର ଆଣ୍ଡ୍ ମିସେସ୍ କସ୍‌ମୋ ନେଶନ –୨୦୨୨ରେ ମୁକୁଟଧାରୀମାନେ।

## ପୋଲିସକୁ ମାଡ଼ମାରି ବ୍ୟାଙ୍କ ମ୍ୟାନେଜର ଗିରଫ

ଭୁବନେଶ୍ୱର,୧୬।୧୧(ବ୍ୟୁରୋ)

ମାଷ୍ଟରକ୍ୟାଣ୍ଟିନ ଅଞ୍ଚଳରେ କୌଣସି ସୁଟିଂ ଚାଲିଥିବାବେଳେ ଜଣେ ବ୍ୟକ୍ତି ପଥଚାରୀ ଯୁବତୀ ଓ ମହିଳାଙ୍କୁ ମୋବାଇଲ ନମ୍ବର ମାଗୁଥିଲେ। ଯିଏ ନମ୍ବର ଦେଉ ନ ଥିଲେ ତାଙ୍କୁ ଗାଳିଗୁଲଜ କରୁଥିଲେ। କିଛି ସମୟ ଧରି ସେ ଏପରି ଉତ୍ପାତ ଚଳାଇଥିଲେ। ଖବର ପାଇ ଖାରବେଳ ନଗର ପୋଲିସ ପହଞ୍ଚି ତାଙ୍କୁ ଥାନାକୁ ନେଇଥିଲା। ସେ ସେଠାରେ ମଧ ଉତ୍ପାତ କରିଥିଲେ। ଥାନାର ମହିଳା ଓ ପୁରୁଷ ପୋଲିସ କର୍ମଚାରୀଙ୍କୁ ଠେଲାପେଲା କରିବା ସହ ଜଣଙ୍କୁ ଜୋରରେ ଚାପୁଡ଼ା ମାରିଥିଲେ। ଶେଷରେ ପୋଲିସ ତାଙ୍କୁ ଗିରଫ କରିଛି। ସେ ହେଲେ ଖଣ୍ଡଗିରି ଥାନା ଅନ୍ତର୍ଗତ ଆଇଗିଣିଆ ଅଞ୍ଚଳରେ ରହୁଥିବା ଅଡପା ପ୍ରସାଦ (୫୩)। ସେ ଜଣେ ବ୍ୟାଙ୍କ୍ ମ୍ୟାନେଜର । ବୁଧବାର ତାଙ୍କୁ କୋର୍ଟ ଚାଲାଣ କରାଯାଇଥିବା ପୋଲିସ କହିଛି।

## ମାଟିରେ ମିଶିଲା ୩୨ ଦୋକାନ



ଭୁବନେଶ୍ୱର,୧୬।୧୧(ବ୍ୟୁରୋ)

ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ (ବିଡିଏ) ପକ୍ଷରୁ ଭିଏସଏସ୍ ନଗର ଅଞ୍ଚଳରୁ ଜବର ଦଖଲ ଉଚ୍ଛେଦ କରାଯାଇଛି। ସ୍ଥାନୀୟ ଶ୍ୟାମ ପ୍ରସାଦ ମୁଖାର୍ଜୀ ପାର୍କ ସଂଲଗ୍ନ ସରକାରୀ ଜମିରେ ଗଢ଼ିଉଠିଥିବା ବେଆଇନ୍ ନିର୍ମାଣକୁ ହଟାଯାଇଛି। ଏହି କ୍ରମରେ ମୋଟ ୩୨ଟି ଦୋକାନକୁ ମାଟିରେ ମିଶାଇଛି ବିଡିଏ । ବାଉଁଶ, ଜରିପାଲ ବ୍ୟବହାର କରି ଏହି ଦୋକାନ ଗୁଡ଼ିକ କରାଯାଇଥିଲା। ଏହା ମଧ୍ୟରେ ଫଳ ଦୋକାନ, ଚା' ଦୋକାନ ଓ କ୍ୟାବିନ୍ ଆଦି ରହିଥିଲା। ବିଡିଏ ଏନଫୋର୍ସମେଣ୍ଟ ଅଫିସର ପ୍ରମୋଦ କୁମାର ପାତ୍ର, ଲିଆସନ ଅଫିସର ଶୁଭ୍ରାଂଶୁ ଶେଖର ମହାନ୍ତିଙ୍କ ଉପସ୍ଥିତିରେ ଏହି ଜବରଦଖଲ ଉଚ୍ଛେଦ କରାଯାଇଥିଲା।

# ରାଷ୍ଟ୍ରବ୍ୟାପୀ ଡିଜିଟାଲ ଜୀବନ ପ୍ରମାଣପତ୍ର ପ୍ରୋତ୍ସାହନ ଅଭିଯାନ

### ୧୯ରେ କଟକ, ଆଜି ବାଲେଶ୍ୱରରେ ଶିବିର

ଭୁବନେଶ୍ୱର,୧୬।୧୧




ଭାରତୀୟ ଷ୍ଟେଟ୍ ବ୍ୟାଙ୍କ (ଏସ୍‌ବିଆଇ)ର ଭୁବନେଶ୍ୱରସ୍ଥିତ ମୁଖ୍ୟ କାର୍ଯ୍ୟାଳୟଠାରେ ଗୁରୁବାର ଏକ ଡିଜିଟାଲ ଜୀବନ ପ୍ରମାଣପତ୍ର ପଞ୍ଜୀକରଣ ଶିବିର ଆୟୋଜିତ ହୋଇଯାଇଛି। ଏପରିକି ପେନ୍‌ସନ ଏବଂ ପେନ୍‌ସନଭୋଗୀ କଲ୍ୟାଣ ବିଭାଗ ଓ ଏସ୍‌ବିଆଇ ସିପିପିସି ଭୁବନେଶ୍ୱର ସହଭାଗିତାରେ ଉକ୍ତ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଏହି ଅବସରରେ ଭାରତ ସରକାରଙ୍କ ଅନୁ ସଚିବ ବିଶାଲ କୁମାର,ୟୁଆଇଡିଏଆଇର ବରିଷ୍ଠ ଅଧିକାରୀ, ଏସ୍‌ବିଆଇର ଡିଜିଟାଲ ଏବଂ ଟ୍ରାଞ୍ଜାକ୍ସନ ବ୍ୟାଙ୍କିଙ୍ଗ୍ ବିଭାଗ ଡିଜିଏମ୍ ଅମରେନ୍ଦ୍ର କୁମାର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ବିଶେଷକରି ଜୀବନ ପ୍ରମାଣ ଆପ୍ ଦ୍ୱାରା ଫେସ୍ ଅଥେଣ୍ଟିକେସନ ଟେକ୍ନୋଲୋଜିର ବ୍ୟବହାର କରାଯାଇ ଜୀବନ ପ୍ରମାଣପତ୍ର ବା ଲାଇଫ୍ ସାର୍ଟିଫିକେଟ ଦାଖଲ କରାଯାଇଥିଲା।

ସେହିଭଳି ପେନ୍‌ସନଭୋଗୀଙ୍କୁ ଜୀବନ ପ୍ରମାଣପତ୍ର ଦାଖଲ ସୁବିଧା ପ୍ରଦାନ କରିବା ଲାଗି ଭାରତ ସରକାରଙ୍କ ପକ୍ଷରୁ ଏଭଳି ଏକ ନୂଆ ପ୍ରୟାସ ଆରମ୍ଭ କରାଯାଇଛି। ପେନ୍‌ସନଭୋଗୀମାନେ ଡିଜିଟାଲ ମାଧ୍ୟମରେ ଜୀବନ ପ୍ରମାଣପତ୍ର ଦାଖଲ କରିପାରିବେ। ଫେସ୍ ଅଥେଣ୍ଟିକେଶନ ପ୍ରଯୁକ୍ତି ବ୍ୟବହାରକରି ମଧ ପେନ୍‌ସନଭୋଗୀମାନେ ଜୀବନ ପ୍ରମାଣପତ୍ର ଦାଖଲ କରିପାରିବେ। ଏହାଛଡ଼ା ଆଣ୍ଡ୍ରଏଡ୍ ଅପରେଟିଂ ସିଷ୍ଟମ ଥିବା ସ୍ମାର୍ଟଫୋନରେ ଜୀବନ ପ୍ରମାଣ ମୋବାଇଲ ଏପ୍ଲିକେଶନ ମାଧ୍ୟମରେ ଡିଜିଟାଲ ଲାଇଫ୍ ସାର୍ଟିଫିକେଟ ଦାଖଲ କରାଯାଇପାରିବ। ଉପରୋକ୍ତ ଯୋଜନା ସମ୍ପର୍କରେ ବ୍ୟାପକ ପ୍ରଚାରପ୍ରସାର କରିବା ଲାଗି ଭାରତ ସରକାରଙ୍କ ପେନ୍‌ସନ ଏବଂ ପେନ୍‌ସନଭୋଗୀ କଲ୍ୟାଣ ବିଭାଗ ପକ୍ଷରୁ କେନ୍ଦ୍ରୀୟ ପେନ୍‌ସନଭୋଗୀଙ୍କ ପାଇଁ ରାଷ୍ଟ୍ରବ୍ୟାପୀ ଡିଜିଟାଲ ଜୀବନ ପ୍ରମାଣପତ୍ର ପ୍ରୋତ୍ସାହନ ଅଭିଯାନ ଆରମ୍ଭ କରାଯାଇଛି।

ସେହିପରି ପେନ୍‌ସନ ଏବଂ ପେନ୍‌ସନଭୋଗୀ କଲ୍ୟାଣ ବିଭାଗ ପକ୍ଷରୁ ଦେଶର ୩୭ଟି ଏବଂ ଓଡ଼ିଶାର ୩ଟି ସହରରେ ଡିଜିଟାଲ ଲାଇଫ୍ ସାର୍ଟିଫିକେଟ ଦାଖଲ ଶିବିରର ଆୟୋଜନ କରାଯାଉଛି। ଭୁବନେଶ୍ୱର, କଟକ ଏବଂ ବାଲେଶ୍ୱରଠାରେ ଏହି ସଚେତନତା ଶିବିର ଆୟୋଜନ ହେଉଛି। ସୂଚନାଯୋଗ୍ୟ, ଆଜି (ନଭେମ୍ବର ୧୭) ବାଲେଶ୍ୱରଠାରେ ଏବଂ ନଭେମ୍ବର ୧୯ରେ ଉକ୍ତ କାର୍ଯ୍ୟକ୍ରମ କଟକଠାରେ ମଧ ଆୟୋଜନ କରାଯାଉଛି। ଉଲ୍ଲେଖଯୋଗ୍ୟ, ବୁଧବାର ଭୁବନେଶ୍ୱରଠାରେ ଆୟୋଜିତ ଡିଜିଟାଲ ଜୀବନ ପ୍ରମାଣପତ୍ର ଦାଖଲ ଶିବିରରେ ଉଭୟ ଏସ୍‌ବିଆଇର ବରିଷ୍ଠ ଅଧିକାରୀ ଓ ପେନ୍‌ସନଭୋଗୀମାନେ ଉପସ୍ଥିତ ଥିଲେ।

# ଗଣମାଧ୍ୟମ ସୁଦୃଢ଼ ହେଲେ ଆଇନକାନୁନର ଆବଶ୍ୟକ ପଡ଼ିବ ନାହିଁ

ଭୁବନେଶ୍ୱର,୧୬।୧୧(ବ୍ୟୁରୋ)



- ବାମାପଦ ତ୍ରିପାଠୀଙ୍କୁ 'ଉତ୍କଳ ସାମ୍ବାଦିକ ରତ୍ନ ସମ୍ମାନ'
- ରାଜ୍ୟର ୩୨ ବରିଷ୍ଠ ସାମ୍ବାଦିକଙ୍କୁ ପେନ୍‌ସନ, ୭ଜଣଙ୍କୁ ସ୍ମାରକୀ ସମ୍ମାନ ପ୍ରଦାନ

ଗଣତନ୍ତ୍ରରେ ୩ଟି ସ୍ତମ୍ଭଠାରୁ ଗଣମାଧ୍ୟମ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ। ସାମ୍ବାଦିକ କଲମ ପୁନ ଏବଂ ବୁମ୍ ସୁଦୃଢ଼ ହେଲେ ଦେଶର ପ୍ରଗତି କ୍ଷେତ୍ରରେ ଆଇନକାନୁନର ଆବଶ୍ୟକ ପଡ଼ିବ ନାହିଁ ବୋଲି ବକ୍ତାମାନେ ମତ ଦେଇଛନ୍ତି। ବୁଧବାର ସ୍ଥାନୀୟ ଜୟଦେବ ଭବନଠାରେ ଜାତୀୟ ସାମ୍ବାଦିକ କଲ୍ୟାଣ ବୋର୍ଡ ଆନୁକୂଲ୍ୟରେ ଦୂରଦର୍ଶନ କେନ୍ଦ୍ର, ଆକାଶବାଣୀ, ପିଆଇବି, ସିବିସି ଏବଂ ଅମିତ୍ର ମିଳିତ ଆନୁକୂଲ୍ୟରେ ଜାତୀୟ ପ୍ରେସ୍ ଦିବସ ପାଳନ କରାଯାଇଥିଲା। ଖଣି ଏବଂ ଇସ୍ପାତ ମନ୍ତ୍ରୀ ପ୍ରଫୁଲ୍ଲ ମଲ୍ଲିକ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଲେ ଯେ, ସାମ୍ବାଦିକମାନଙ୍କ ପାଇଁ ସ୍ୱାସ୍ଥ୍ୟବୀମାର ପରିମାଣ ୨ ଲକ୍ଷରୁ ୫ ଲକ୍ଷକୁ ବୃଦ୍ଧି କରିବା ପ୍ରସ୍ତାବ ରାଜ୍ୟ ସରକାରଙ୍କ ବିଚାରାଧୀନ ରହିଛି। ଏଥିସହ ଖବରଦାତାମାନେ ମଧ ସମାଜର ସେବା କରୁଥିବାରୁ ସେମାନେ ପେନ୍‌ସନ ପାଇବା ଆବଶ୍ୟକ ବୋଲି କହିଛନ୍ତି। ଉଦ୍‌ଘାଟକ ଭାବେ ଯୋଗଦେଇ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର କହିଛନ୍ତି ଯେ, ସୁସ୍ଥ ସମାଜ ଗଠନ ଏବଂ ସୁଦୃଢ଼ ରାଷ୍ଟ୍ର ନିର୍ମାଣ ଦିଗରେ ଗଣମାଧ୍ୟମର ଦାୟିତ୍ୱପୂର୍ଣ୍ଣ ଭୂମିକା ରହିଛି। ରାଜ୍ୟ ସରକାର କୋଭିଡ୍ ସମୟରେ ୪୦ଜଣ କର୍ତ୍ତବ୍ୟରତ ଖବରଦାତାଙ୍କ ମୃତ୍ୟୁ ଘଟଣାରେ ୧୫ ଲକ୍ଷ ଟଙ୍କା ଲେଖାଏ ସେମାନଙ୍କ ପରିବାରକୁ ଆର୍ଥିକ ସହାୟତା ଦେଇଛନ୍ତି। କେନ୍ଦ୍ର ଆଦିବାସୀ ବ୍ୟାପାର ଓ ଜଳସମ୍ପଦ ମନ୍ତ୍ରୀ ବିଶ୍ୱେଶ୍ୱର ଟୁଡୁ, ଭୁବନେଶ୍ୱର (ମଧ୍ୟ) ବିଧାୟକ ଅନନ୍ତ ନାରାୟଣ ଜେନା ଯୋଗଦେଇ ନିଜର ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ମୁଖ୍ୟ ଶାସନ ସଚିବ ମହାପାତ୍ର, ଉନ୍ନୟନ କମିଶନର ପ୍ରଦୀପ ଜେନାଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା।

ଜାତୀୟ ସାମ୍ବାଦିକ କଲ୍ୟାଣ ବୋର୍ଡର ଅଧ୍ୟକ୍ଷ ଦୀପକ ମାଳବ୍ୟ, 'ପିଟିଆଇ'ର ସମ୍ପାଦକ ରାଜେଶ ମହାପାତ୍ର, ସାମ୍ବାଦିକ କଲ୍ୟାଣ ବୋର୍ଡର ପୂର୍ବାଞ୍ଚଳ ଉପାଧ୍ୟକ୍ଷ ଅରୁଣ କୁମାର ପଣ୍ଡା, କଲ୍ୟାଣ ବୋର୍ଡର ସଭାପତି ପ୍ରଦୋଷ ପଟ୍ଟନାୟକ, ଉପସଭାପତି ପ୍ରଦ୍ୟୁମ୍ନ କୁମାର ମହାନ୍ତି, ସାଧାରଣ ସମ୍ପାଦକ ସନତ ମିଶ୍ର ଉପସ୍ଥିତ ଥିଲେ।

ଏହି ଅବସରରେ 'ସମାଜ'ର ପୂର୍ବତନ ସମ୍ପାଦକ ବାମାପଦ ତ୍ରିପାଠୀଙ୍କୁ 'ଉତ୍କଳ ସାମ୍ବାଦିକ ରତ୍ନ ସମ୍ମାନ' ପ୍ରଦାନ କରାଯିବା ସହିତ ଦୁବାଇ, କୋଲକାତା, ମୁମ୍ବାଇ, ଦିଲ୍ଲୀ, ଉତ୍ତରପ୍ରଦେଶ ଓ ଝାଡ଼ଖଣ୍ଡ ପ୍ରଦେଶର ବିଭିନ୍ନ ସମ୍ବାଦପତ୍ରର ସାମ୍ବାଦିକ ପ୍ରୀତମସିଂ ଭାଟିଆ, ଅଚିନ ଚକ୍ରବର୍ତ୍ତୀ, ସାଧନା ତ୍ରିପାଠୀ, ଅଶୋକ ପାଣ୍ଡେ, ତନବୀର ଖାନ, ହିମାଂଶୁ ତ୍ରିପାଠୀ ପ୍ରମୁଖଙ୍କୁ 'ରାଷ୍ଟ୍ରୀୟ ସାମ୍ବାଦିକ ଗୌରବ ସମ୍ମାନ'ରେ ସମ୍ମାନିତ କରାଯାଇଥିଲା। ଏହାଛଡ଼ା ନାଲକୋର ଜେନେରାଲ ମ୍ୟାନେଜର ଆଶୁତୋଷ ରଥ (ଆଡ଼ମିନ୍‌ଷ୍ଟ୍ରେସନ ଆଣ୍ଡ ପବ୍ଲିକରିଲେସନ୍ସ)ଙ୍କୁ କର୍ପୋରେଟ କମ୍ୟୁନିକେଶନ ଆଣ୍ଡ ପବ୍ଲିକ ରିଲେସନ୍ସ ସମ୍ମାନରେ ସମ୍ମାନିତ କରାଯାଇଥିଲା। ରାଜ୍ୟର ୩୨ଜଣ ବରିଷ୍ଠ ସାମ୍ବାଦିକଙ୍କୁ ପେନ୍‌ସନ ପ୍ରଦାନ କରାଯିବା ସହିତ ୭ଜଣ ବରିଷ୍ଠ ସାମ୍ବାଦିକଙ୍କ ସ୍ମୃତି ଉଦ୍ଦେଶ୍ୟରେ ବିଭିନ୍ନ ବିଶ୍ୱବିଦ୍ୟାଳୟ ଓ ସ୍ୱୟଂଶାସିତ ମହାବିଦ୍ୟାଳୟରେ ସାମ୍ବାଦିକତା ଶିକ୍ଷା କ୍ଷେତ୍ରରେ ସର୍ବୋଚ୍ଚ ସ୍ଥାନ ଅଧିକାର କରିଥିବା ଛାତ୍ରୀଛାତ୍ରଙ୍କୁ ସମ୍ମାନିତ କରାଯାଇଥିଲା।

### ମା' ଭଗବତୀଙ୍କ ହୁଣ୍ଡିରୁ ୧.୫୬ ଲକ୍ଷ ଟଙ୍କା ମିଳିଲା

ଗମ୍ଭାରୀମୁଣ୍ଡା,୧୬।୧୧(ଡି.ଏନ୍.ଏ.)

ଖୋର୍ଦ୍ଧା ଜିଲା ବାଣପୁରସ୍ଥିତ ମା' ଭଗବତୀ ମନ୍ଦିରର ଭିତର ହୁଣ୍ଡି ବୁଧବାର ଖୋଲାଯାଇଛି। ଦକ୍ଷେଶ୍ୱର ଭଗବତୀ ଏଣ୍ଡାଓମେଣ୍ଟ ପରିଚାଳନା କମିଟିର ସଭାପତି କୁଞ୍ଜବିହାରୀ ବଡ଼ଜେନାଙ୍କ ଉପସ୍ଥିତିରେ ବାଣପୁର ମେଡିକାଲ ଅଧିକାରୀ ରମାକାନ୍ତ ନାୟକ ହୁଣ୍ଡି ଖୋଲିଥିଲେ। ହୁଣ୍ଡିରୁ ମୋଟ୍ ୧ଲକ୍ଷ ୫୬ ହଜାର ୭୧୫ ଟଙ୍କା ଏବଂ ଗୋଟିଏ ହନୁମାନଙ୍କ ରୁପାର ଲକେଟ ମିଳିଥିବା ତହସିଲଦାର କହିଛନ୍ତି।




ବୌଦ୍ଧ ଜିଲା ହରଭଙ୍ଗା ବ୍ଲକ ଅନ୍ତର୍ଗତ ଖରଭୁଇଁ କ୍ରଶରଜନିତ ପ୍ରଦୂଷଣ ବିରୋଧୀ ଆନ୍ଦୋଳନ ନେତା ଅବକାଶ ସାହୁଙ୍କୁ ଗିରଫର ପ୍ରତିବାଦ ସହ ତୁରନ୍ତ ଖଲାସ ଦାବିରେ ସିପିଆଇ ପକ୍ଷରୁ ବୁଧବାର ଭୁବନେଶ୍ୱର ମାଷ୍ଟରକ୍ୟାଣ୍ଟିନ ଛକରେ ବିକ୍ଷୋଭ କରାଯାଉଛି।




ଏସ୍‌ସିଏସ୍‌ଟି ଶିକ୍ଷକଙ୍କ ଗ୍ରେଡ୍ ପେ' ୪୨୦୦ ଟଙ୍କାକୁ ବୃଦ୍ଧି ଦାବି ନେଇ ଓଡ଼ିଶା ରାଜ୍ୟ ଅନୁସୂଚିତ ଜତି ଓ ଉପଜାତି ଶିକ୍ଷକ କଲ୍ୟାଣ ମହାସଂଘ ପକ୍ଷରୁ ବୁଧବାର ଭୁବନେଶ୍ୱର ଲୋୟର ପିଏମ୍‌ଜିରେ ଧାରଣା।

# ମାଟିତୋଟାରେ ହେବ ଆଦର୍ଶ ଗୁରୁକୁଳ



ବୈଠକରେ ଶ୍ରୀମନ୍ଦିର ପରିଚାଳନା କମିଟି ଅଧ୍ୟକ୍ଷ ଗଜପତି ମହାରାଜା ଦିବ୍ୟସିଂହ ଦେବ ଏବଂ ଅନ୍ୟମାନେ।

## ବିର୍ଲା ଫାଉଣ୍ଡେଶନ ସହ ଏମ୍ଓୟୁ ନିଷ୍ପତ୍ତି

- ୧୯ ଏକର ଜମିରେ ନିର୍ମାଣ କରାଯିବ, ୨୦୨୪ ସୁଦ୍ଧା କାର୍ଯ୍ୟକ୍ଷମ
- ସେବାୟତ ପରିବାର ପିଲାଙ୍କ ପାଇଁ ୫୦% ସ୍ଥାନ ସଂରକ୍ଷଣ ରହିବ
- ଶ୍ରୀଜଗନ୍ନାଥ ସଂସ୍କୃତି ସହ ସିବିଏସ୍ଇ ଢାଞ୍ଚାରେ ପାଠ ପଢ଼ାଯିବ

**ପୁରୀ ଅଫିସ, ୧୬।୧୧**

ଶ୍ରୀମନ୍ଦିର ସେବାୟତ ପରିବାରର ପିଲାଙ୍କ ପାଇଁ ଖୁସି ଖବର। ବହୁ ପ୍ରତୀକ୍ଷିତ ଆଦର୍ଶ ଗୁରୁକୁଳ ନିର୍ମାଣ ଲାଗି ଖୁବଶୀଘ୍ର ଭିତ୍ତିପ୍ରସ୍ତର ସ୍ଥାପନ ହେବାକୁ ଯାଉଛି। ଏନେଇ ବୁଧବାର ନୀଳାଦ୍ରି ଭକ୍ତନିବାସରେ ଶ୍ରୀମନ୍ଦିର ପରିଚାଳନା କମିଟି ଅଧ୍ୟକ୍ଷ ଗଜପତି ମହାରାଜା ଦିବ୍ୟସିଂହ ଦେବଙ୍କ ଅଧ୍ୟକ୍ଷତାରେ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପ୍ରସ୍ତାବିତ ଗୁରୁକୁଳର ଡିଜାଇନ୍, ଶିକ୍ଷାଦାନ ପ୍ରଣାଳୀ ଆଲୋଚନା କରାଯାଇଛି। ମାଟିତୋଟାରେ ୧୯ ଏକର ପରିମିତ ଜମିରେ ଗୁରୁକୁଳ ନିର୍ମାଣ ହେବ। ସେଠାରେ ସେବାୟତ ପରିବାର ପିଲାଙ୍କ ଲାଗି ୫୦ ପ୍ରତିଶତ ଓ ଅନ୍ୟ ବିଦ୍ୟାର୍ଥୀଙ୍କ ପାଇଁ ୫୦ ପ୍ରତିଶତ ସ୍ଥାନ ସଂରକ୍ଷିତ ରହିବ। ଗୁରୁକୁଳ ପାଇଁ ହୋଇଥିବା ଡିଜାଇନରେ ସାମାନ୍ୟ ପରିବର୍ତ୍ତନ କରାଯିବ। ଆସନ୍ତା ଅକ୍ଷୟତୃତୀୟା କିମ୍ବା ଗଣେଶ ଚତୁର୍ଥୀରେ ଭିତ୍ତିପ୍ରସ୍ତର ସ୍ଥାପନ କରାଯିବ। ୨୦୨୪-୨୫ ଶିକ୍ଷାଦାନ ବର୍ଷରେ ଆଦର୍ଶ ଗୁରୁକୁଳ ନିର୍ମାଣ କାମ ସାରି କାର୍ଯ୍ୟକ୍ଷମ କରାଇବାକୁ ନିଷ୍ପତ୍ତି ହୋଇଛି। ଆରମ୍ଭରୁ ୪ଟି ଭାଷାରେ ପାଠ୍ୟକ୍ରମ ଆରମ୍ଭ ହେବ ବୋଲି ସୂଚନା ମିଳିଛି।

ସୂଚନାଯୋଗ୍ୟ, ଶ୍ରୀମନ୍ଦିର ସେବାୟତ ପରିବାରର ପିଲାଙ୍କ ସକାଶେ ସ୍ୱତନ୍ତ୍ର ଭାବେ ଆଦର୍ଶ ଗୁରୁକୁଳ ନିମନ୍ତେ ଦୀର୍ଘବର୍ଷ ତଳେ ଯୋଜନା କରାଯାଇଥିଲା। ଗୁରୁକୁଳ ନିମନ୍ତେ ସୁପ୍ରିମକୋର୍ଟଙ୍କ ପକ୍ଷରୁ ୬କୋଟି ୧୯ ଲକ୍ଷ ୮୯ ହଜାର ଟଙ୍କା ଦିଆଯାଇଛି। ଏଥିସହ ରାଜ୍ୟ ସରକାର ଅବଢ଼ା ଯୋଜନାରେ ୨୦ କୋଟି ଟଙ୍କା ବ୍ୟୟ ବରାଦ କରିଛନ୍ତି। ଆଦର୍ଶ ଗୁରୁକୁଳ ପାଇଁ ପ୍ରଥମେ ସୋସାଇଟି ଗଠନ ପରେ ମାଟିତୋଟାରେ ୧୯ ଏକର ଜମି ଲିଜରେ ଯୋଗାଇ ଦିଆଯାଇଛି। ବୁଧବାର ଅନୁଷ୍ଠିତ ବୈଠକରେ ବିର୍ଲା ଫାଉଣ୍ଡେଶନ କମ୍ପାନୀ ସହ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ବୁଝାମଣାପତ୍ର ବା ଏମ୍ଓୟୁ ସ୍ୱାକ୍ଷର ନେଇ ଆଲୋଚନା କରାଯାଇଛି। ପରବର୍ତ୍ତୀ ବୈଠକରେ ଏହି ବୁଝାମଣାପତ୍ର ସ୍ୱାକ୍ଷରିତ ହେବ। ଓଡ଼ିଶା ବ୍ରିଜ୍ ଆଣ୍ଡ୍ କନ୍ଷ୍ଟ୍ରକ୍ସନ କର୍ପୋରେଶନ ଲିମିଟେଡ୍ (ଓବିସିସି) ଏବଂ ବିର୍ଲା କମ୍ପାନୀର ଅଧିକାରୀମାନେ କ୍ଷେତ୍ର ପରିଦର୍ଶନ କରିବା ପରେ ୨୪ ଏକର ଜମିର ଆବଶ୍ୟକତା ରହିଥିବା କହିଛନ୍ତି। ନର୍ସରିରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ସିବିଏସ୍ଇ ଢାଞ୍ଚାରେ ଶିକ୍ଷାଦାନ ସହ ସେବାୟତ ପରିବାର ବିଦ୍ୟାର୍ଥୀଙ୍କ ପାଇଁ ଅଧିକ ଦୁଇଘଣ୍ଟା ଆଧ୍ୟାତ୍ମିକ, ନୈତିକ, ମୂଲ୍ୟବୋଧଭିତ୍ତିକ ଶିକ୍ଷା ପ୍ରଦାନ କରାଯିବ। ଆଦର୍ଶ ଗୁରୁକୁଳ ନେଇ ଦୀର୍ଘଦିନରୁ ଦାବି ହେବା ସହ ଶ୍ରୀମନ୍ଦିର ପରିଚାଳନା କମିଟି ବୈଠକରେ ବାରମ୍ବାର ଆଲୋଚନା କରାଯାଉଥିଲା। ୧୯ ଏକର ପରିମିତ ଜମିରେ ରହିଥିବା ଜବରଦଖଲକୁ ଉଚ୍ଛେଦ କରିବା ପାଇଁ ଜିଲାପାଳ ଏବଂ ଏସ୍ପି ପ୍ରତିଶ୍ରୁତି ଦେଇଛନ୍ତି। ଆଦର୍ଶ ଗୁରୁକୁଳରେ ସେବାୟତ ପରିବାରର ବିଦ୍ୟାର୍ଥୀମାନେ ଅଧ୍ୟୟନ କରିବା ଦ୍ୱାରା ଉପଯୁକ୍ତ ଶିକ୍ଷା ପାଇବା ସହ ଉଚ୍ଚତର ଶିକ୍ଷା ସକାଶେ ମନୋନିବେଶ କରିପାରିବେ। ୫୦ ପ୍ରତିଶତ ସିଟ୍ ସେବାୟତ ପରିବାର ବିଦ୍ୟାର୍ଥୀଙ୍କ ପାଇଁ ସଂରକ୍ଷିତ ରହିବ। ପ୍ରାଚୀନ, ବୈଦିକ, ଧାର୍ମିକ ଏବଂ ଶ୍ରୀଜଗନ୍ନାଥ ସଂସ୍କୃତି ଉପରେ ସେବାୟତ ପରିବାରର ବିଦ୍ୟାର୍ଥୀଙ୍କୁ ସିବିଏସ୍ଇ ଶିକ୍ଷା ବ୍ୟତୀତ ଅଧିକ ଦୁଇଘଣ୍ଟା ଶିକ୍ଷାଦାନ ଦିଆଯିବ। ଏଥିପାଇଁ ବିର୍ଲା ଏଜୁକେଶନ ସୋସାଇଟି ସହଯୋଗ କରିବ। ଅବଶିଷ୍ଟ ୫୦ ପ୍ରତିଶତ ଅନ୍ୟ ସାଧାରଣ ମେଧାବୀ ବିଦ୍ୟାର୍ଥୀଙ୍କ ପାଇଁ ଉଦ୍ଦିଷ୍ଟ ରହିବ ବୋଲି ବୈଠକରେ ସ୍ଥିର ହୋଇଛି। ବୈଠକରେ ଶ୍ରୀମନ୍ଦିର ପ୍ରଶାସନର ଅଧିକାରୀ ଏବଂ ପରିଚାଳନା କମିଟିର ସଦସ୍ୟମାନେ ଉପସ୍ଥିତ ଥିଲେ।

## ଶ୍ରୀମନ୍ଦିରରେ ପ୍ରଥମାଷ୍ଟମୀ ନୀତି

**ପୁରୀ ଅଫିସ, ୧୬।୧୧:** ପ୍ରଥମାଷ୍ଟମୀ ଅବସରରେ ବୁଧବାର ଶ୍ରୀମନ୍ଦିରରେ ବିଶେଷ ନୀତି ଅନୁଷ୍ଠିତ ହୋଇଛି। ଭୋଗମଣ୍ଡପ ପରେ ତିନିଠାକୁରଙ୍କୁ ବେଶ, ମଇଲମ କରାଯାଇ ପାଣି ପକାଯାଇଥିଲା। ପୂଜାପଣ୍ଡା ସାମନ୍ତ ଯାତ୍ରାଙ୍ଗୀ ମହାସ୍ନାନ ନୀତି ସାରିବା ପରେ ତିନିଠାକୁରଙ୍କୁ ନୂଆଲୁଗା ଲାଗିକରାଯାଇଥିଲା। ମହାପ୍ରଭୁଙ୍କୁ ପୂଜାପଣ୍ଡା, ପତିମହାପାତ୍ର ଏବଂ ମୁଦିରସ୍ତ ଚନ୍ଦନଲାଗି ସର୍ବାଙ୍ଗ ନୀତି କରିଥିଲେ। ଶ୍ରୀବିଗ୍ରହମାନଙ୍କୁ ୬ମୂର୍ତ୍ତି ଅଳଙ୍କାର ଲାଗିକରି ବେଶ କରାଯାଇଥିଲା। ଏହାପରେ ବନ୍ଦାପନା ତଥା ବରୁଣ ପୂଜା ହୋଇଥିଲା। ମଧ୍ୟାହ୍ନ ଧୂପ ଉଠିବା ପରେ ତିନିବାଡ଼ରେ ମଙ୍ଗଳାର୍ପଣ ନୀତି ସରି ଫୁଲପୁରିଆ ଖଦି ଓ ଛେଦାପ୍ରସାଦ ଲାଗିହୋଇଥିଲା। ବନ୍ଦାପନା ନୀତି ପରେ ପଢୁଆଁ ନୀତି ସମ୍ପନ୍ନ କରାଯାଇଥିଲା।

# ୧୫ ଡିଗ୍ରୀ ତଳେ ୧୧ ସହର

**ଭୁବନେଶ୍ୱର,୧୬।୧୧(ବ୍ୟୁରୋ)**

### ପାରଦ ତଳମୁହାଁ

- କୋରାପୁଟ, ଫୁଲବାଣୀ ୧୦ ଡିଗ୍ରୀ
- ୪ ଜିଲାରେ କୁହୁଡ଼ି

ରାଜ୍ୟରେ ଗତ କିଛିଦିନ ହେବ ଶୀତର ପ୍ରକୋପ ବୃଦ୍ଧି ପାଇଛି। ଆଭ୍ୟନ୍ତରୀଣ ଓଡ଼ିଶାରେ ପାରଦ ତଳକୁ ଖସିଛି। ଉପକୂଳ ଓଡ଼ିଶାରେ ସର୍ବନିମ୍ନ ତାପମାତ୍ରା ୧୬ ଡିଗ୍ରୀ ଉପରେ ରହୁଥିବା ବେଳେ ପଶ୍ଚିମ ଏବଂ ଆଭ୍ୟନ୍ତରୀଣ ଓଡ଼ିଶାରେ ସର୍ବନିମ୍ନ ତାପମାତ୍ରା ୧୦ ଡିଗ୍ରୀକୁ ଖସିଛି। କୋରାପୁଟ ଓ ଫୁଲବାଣୀରେ ସର୍ବନିମ୍ନ ତାପମାତ୍ରା ୧୦ ଡିଗ୍ରୀ ସେଲ୍ସିୟସ ଥିବା ବେଳେ ୧୧ ସହରରେ ବୁଧବାର ସର୍ବନିମ୍ନ ତାପମାତ୍ରା ୧୫ ଡିଗ୍ରୀ ସେଲ୍ସିୟସ ତଳେ ରହିଛି।

ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ଦାରିଙ୍ଗବାଡ଼ିରେ ସର୍ବନିମ୍ନ ତାପମାତ୍ରା ୧୦.୫ ଡିଗ୍ରୀ ସେଲ୍ସିୟସ ରେକର୍ଡ କରାଯାଇଥିବା ବେଳେ ଭବାନୀପାଟଣା ୧୨, ବୌଦ୍ଧ ୧୨, ଅନୁଗୋଳ ୧୪, ଝାରସୁଗୁଡ଼ା ୧୩.୨, କେନ୍ଦୁଝର ୧୩.୪, ସୁନ୍ଦରଗଡ଼ ୧୪.୫, ହୀରାକୁଦ ୧୪.୬, ମାଲକାନଗିରି ୧୫, ପାରଳାଖେମୁଣ୍ଡି ୧୪.୫, ବାଲେଶ୍ୱର ୧୫.୬, କଟକ ୧୬.୪ ଏବଂ ଭୁବନେଶ୍ୱରରେ ସର୍ବୋଚ୍ଚ ତାପମାତ୍ରା ୧୬ ଡିଗ୍ରୀ ସେଲ୍ସିୟସ ରେକର୍ଡ କରାଯାଇଛି। ଆସନ୍ତା ୨୪ ଘଣ୍ଟା ମଧ୍ୟରେ ରାଜ୍ୟରେ ପାଗ ଶୁଖିଲା ରହିବା ସହ କଳାହାଣ୍ଡି, ଗଜପତି, ରାୟଗଡ଼ା, କନ୍ଧମାଳ ଆଦି ଜିଲାରେ ହାଲୁକା କୁହୁଡି ହେବାର ସମ୍ଭାବନା ରହିଛି।

# ପୌରାଧ୍ୟକ୍ଷଙ୍କ ଫାଇଲ୍ ଫିଙ୍ଗା ଭିଡିଓ ଭାଇରାଲ



ଭାଇରାଲ ହୋଇଥିବା ଭିଡିଓରେ ବ୍ୟାସନଗର ପୌରାଧ୍ୟକ୍ଷ ନିର୍ବାହୀ ଅଧିକାରୀଙ୍କ ଉପରକୁ ଫାଇଲ୍ ଫୋପାଡୁଥିବାର ଦୃଶ୍ୟ।

### ଚର୍ଚ୍ଚାରେ ବ୍ୟାସନଗର ପୌର ପରିଷଦ

### ପୌରାଧ୍ୟକ୍ଷା ନାମରେ ମାମଲା ରୁଜୁ

**ଯାଜପୁର ରୋଡ୍,୧୬।୧୧(ଡି.ଏନ୍.ଏ.)**

ଯାଜପୁର ଜିଲାର ବ୍ୟାସନଗର ସହରର ପରିମଳ ବିପର୍ଯ୍ୟସ୍ତ ହୋଇପଡ଼ିଛି। ବିଭିନ୍ନ ରାସ୍ତାପାର୍ଶ୍ୱ ଓ ଛକ ସ୍ଥାନରେ କୁଢ କୁଢ ଆବର୍ଜନା ଜମା ରହୁଛି। ଅନ୍ୟପକ୍ଷେ ସହରର ବିଭିନ୍ନ ରାସ୍ତାର ଉନ୍ନୟନ ପାଇଁ ଆବଶ୍ୟକ ଅନୁଦାନରେ କଂକ୍ରିଟ ରାସ୍ତା ନିର୍ମାଣ ହେଉଥିଲେ ହେଁ ୨ ମାସ ମଧ୍ୟରେ ତାହା ଫାଟି ଯାଉଥିବା ଦେଖିବାକୁ ମିଳିଛି। ଏହିସବୁର ପ୍ରମୁଖ କାରଣ ପିସି(ପର୍ସେଣ୍ଟେଜ) ରାଜ୍ ବୋଲି ସହରରେ ଆଲୋଚନା ହେଉଛି। ଏହାକୁ ନେଇ ପୌରାଧ୍ୟକ୍ଷା ସଙ୍ଗିତା ପିଙ୍ଗୁଆ ଏବଂ ନିର୍ବାହୀ ଅଧିକାରୀ ଅଶୋକ କୁମାର ରାଉତଙ୍କ ମଧ୍ୟରେ ବିବାଦ ଲାଗି ରହିଛି। ତେବେ ପୌରାଧ୍ୟକ୍ଷା ପିଙ୍ଗୁଆ ନିର୍ବାହୀ ଅଧିକାରୀ ରାଉତଙ୍କ ଉପରକୁ ଫାଇଲ୍ ଫିଙ୍ଗିବା ଭିଡିଓ ବୁଧବାର ଭାଇରାଲ ହେବାପରେ ବ୍ୟାସନଗର ପୌର ପରିଷଦ ଚର୍ଚ୍ଚାକୁ ଆସିଛି। ନିର୍ବାହୀ ଅଧିକାରୀଙ୍କ ଅଭିଯୋଗ କ୍ରମେ ଯାଜପୁର ରୋଡ୍ ଥାନାରେ ପୌରାଧ୍ୟକ୍ଷା ପିଙ୍ଗୁଆଙ୍କ ନାମରେ ଏକ ମାମଲା ରୁଜୁ ହୋଇଛି।

ସହରର ପରିମଳ ବ୍ୟବସ୍ଥାରେ ନିୟୋଜିତ ହୋଇଛି ଠିକାସଂସ୍ଥା 'ସବ୍ୟସାଚୀ ମହାକୁଡ଼'। ୨୦୨୨ ମାର୍ଚ୍ଚରେ ଠିକାସଂସ୍ଥାର ଅବଧି ସରିଯାଇଛି। ଏହାପରେ କୌଣସି ଟେଣ୍ଡର କରା ନ ଯାଇ ଏହି ଠିକାସଂସ୍ଥାକୁ କାର୍ଯ୍ୟକୁ ୨୦୨୩ ମାର୍ଚ୍ଚ ପର୍ଯ୍ୟନ୍ତ ସଂପ୍ରସାରଣ କରାଯାଇଛି। ଠିକାସଂସ୍ଥା ପୌର ପରିଷଦର ଲୋକ ପ୍ରତିନିଧି, ଅଧିକାରୀ ଏବଂ କର୍ମଚାରୀମାନଙ୍କୁ ଆପ୍ୟାୟିତ କରି ସଫେଇ କାମ କରୁଥିବା ଅଭିଯୋଗ ହେଉଛି। ସହରରେ ୧୬୦ ଜଣ ଶ୍ରମିକଙ୍କୁ ନିୟୋଜନ କରିବାକୁ ଚୁକ୍ତି ହୋଇଥିଲେ ହେଁ ୭୦/୮୦ ଜଣ ଶ୍ରମିକଙ୍କୁ ନିୟୋଜନ କରି କାମ ହେଉଛି। ମାସ ମାସ ଧରି ଡ୍ରେନଗୁଡିକ ସଫା କରାଯାଉ ନାହିଁ। ଫଳରେ ମଶାମାଛିଙ୍କ ପ୍ରାଦୁର୍ଭାବ ବଢ଼ିବାରେ ଲାଗିଛି। ଠିକ୍ ଭାବେ ସଫେଇ କାର୍ଯ୍ୟ ନ ହେଲେ ବିଲ ପାସ୍ ହେବ ନାହିଁ ବୋଲି ନିର୍ବାହୀ ଅଧିକାରୀ କୁଆଡେ କଡାକଡି ନିୟମ ପାଳନ କରୁଥିଲେ। ଫଳରେ କେତେଜଣଙ୍କ ସ୍ୱାର୍ଥରେ ବାଧା ଉପୁଜିବାରୁ ରାଜନୈତିକ ଚାପରେ ନିର୍ବାହୀ ଅଧିକାରୀଙ୍କୁ ମଙ୍ଗଳବାର ବଦଳି ନିର୍ଦ୍ଦେଶ ହୋଇଥିବା କୁହାଯାଉଛି। ଏହାପରେ ନିର୍ବାହୀ ଅଧିକାରୀଙ୍କୁ ପୌରାଧ୍ୟକ୍ଷାଙ୍କ ଦୁର୍ବ୍ୟବହାର ପ୍ରଦର୍ଶନ କରିବା ଭିଡିଓ ଭାଇରାଲ ହେଉଛି। ଏନେଇ ପୌରାଧ୍ୟକ୍ଷା ପିଙ୍ଗୁଆ କୁହନ୍ତି, ସେଭଳି କୌଣସି ଆଭିମୁଖ୍ୟ ନଥିଲା। ନିର୍ବାହୀ ଅଧିକାରୀ ଦୂରରେ ବସିଥିବାରୁ ଫାଇଲଟିକୁ ତାଙ୍କୁ ଦିଆଯାଇଥିଲା।

## ଫୁର୍ସତ



# ଅର୍ବାଜ୍‌ଙ୍କୁ ମଲାଇକାଙ୍କ ଶୁଭେଚ୍ଛା

**ମୁମ୍ବାଇ:** ବଲିଉଡ୍ ଆଇଟମ୍ ଗାର୍ଲ ମଲାଇକା ଅରୋରା ପୂର୍ବତନ ସ୍ୱାମୀ ଅର୍ବାଜ୍ ଖାନ୍‌ଙ୍କୁ ତାଙ୍କ ଅପ୍‌କମିଂ ଫିଲ୍ମ ପାଇଁ ଶୁଭେଚ୍ଛା ଜଣାଇଛନ୍ତି। ଆଗାମୀ ଦିନରେ ତିଆରି ହେବାକୁ ଥିବା ଫିଲ୍ମ 'ପାଟନା ଶୁକ୍ଲା' ସମ୍ପର୍କରେ ଅର୍ବାଜ ଇନ୍‌ଷ୍ଟାଗ୍ରାମରେ ଫଟୋ ଶେୟାର କରିଛନ୍ତି। ନିଜ ପ୍ରଡକ୍ସନ ହାଉସ୍ ବ୍ୟାନରରେ ସେ ଏହି ଫିଲ୍ମ ତିଆରି କରିବାକୁ ଯାଉଥିବା ଜଣାପଡ଼ିଛି। ଖାଲି ମଲାଇକା ନୁହେଁ ଅର୍ବାଜ୍‌ଙ୍କ ବର୍ତ୍ତମାନର ଗାର୍ଲଫ୍ରେଣ୍ଡ ଜିଓରଜିଆ ଆଣ୍ଡ୍ରିଆନି ମଧ୍ୟ ଏହି ସୋସିଆଲ ମିଡିଆ ପୋଷ୍ଟରେ ନିଜ ରିଆକ୍ସନ ଦେଇଛନ୍ତି। ପାଟନା ଶୁକ୍ଲାରେ ରବୀନା ଟଣ୍ଡନ, ସତିଶ କୌଶିକ, ମାନବ ଭିଜ୍ ପ୍ରମୁଖ ଅଭିନୟ କରିବାକୁ ଥିବାବେଳେ ଏହା ୨୦୨୩ରେ ମୁକ୍ତିଲାଭ କରିବ।




# ସିଗାରେଟ୍ ଟାଣି ୪୨ କି.ମି. ମାରାଥନ୍

**ବେଜିଂ:** ମାରାଥନ୍ ଦୌଡ଼ର ମୁଖ୍ୟ ଉଦ୍ଦେଶ୍ୟ ଶରୀରକୁ ଫିଟ୍ ରଖିବା। ଏକାଧିକ କିଲୋମିଟରର ମାରାଥନ୍‌ରେ ସୁସ୍ଥ ଲୋକ ଭାଗ ନେଉଥିବାର ଦେଖାଯାଏ। କିନ୍ତୁ ଚାଇନାର ବେଶ୍ ଜଣାଶୁଣା ୫୦ ବର୍ଷୀୟ ଚେନ୍ ସ୍ମୋକର ସିଗାରେଟ୍ ଟାଣି ୪୨ କି.ମି. ଦୂର ମାରାଥନ ଦୌଡ଼ିଛନ୍ତି। ସ୍ଥାନୀୟ ଅଞ୍ଚଳରେ ସେ ଅଙ୍କଲ ଚେନ୍ ଭାବେ ଜଣାଶୁଣା। ଆଶ୍ଚର୍ଯ୍ୟର କଥା ମାତ୍ର ୩ ଘଣ୍ଟା ୨୮ ମିନିଟ୍‌ରେ ସେ ଏହି ମାରାଥନ୍ ପୂରା କରିଛନ୍ତି। ନଭେମ୍ବର ୬ରେ ଜିଆନ୍ଦେରେ ଶିନ୍ ଆଞ୍ଜିଆଙ୍ଗରେ ଅନୁଷ୍ଠିତ ହୋଇଥିବା ମାରାଥନରେ ପ୍ରାୟ ୧,୫୦୦ ଜଣ ଭାଗ ନେଇଥିବାବେଳେ ସେମାନଙ୍କ ଭିତରୁ ମାତ୍ର ୫୭୪ ଜଣ ଏହାକୁ ପୂରା କରିପାରିଛନ୍ତି। ମାରାଥନ୍‌ରେ ଦୌଡ଼ିବା ସମୟରେ ଅଙ୍କଲ ଚେନ୍ ନୂଆ କରି ସିଗାରେଟ୍ ଟାଣୁନାହାନ୍ତି ବରଂ ୨୦୧୮ ଗୁଆଙ୍ଗଝୋଉ ମାରାଥନ୍ ଏବଂ ୨୦୧୯ରେ ଅନୁଷ୍ଠିତ ଶିଆମେନ୍ ମାରାଥନରେ ମଧ୍ୟ ସମାନ ଦୃଶ୍ୟ ଦେଖିବାକୁ ମିଳିଥିଲା। ବର୍ତ୍ତମାନ ଅଙ୍କଲ ଚେନ୍‌ଙ୍କ ଫଟୋ ଓ ଭିଡିଓ ସୋସିଆଲ ମିଡିଆରେ ଖୁବ୍ ଭାଇରାଲ ହେବାରେ ଲାଗିଛି।

# ସର୍ବକନିଷ୍ଠ ବିମାନଯାତ୍ରୀ

### ବିମାନବନ୍ଦରରେ ମହିଳାଙ୍କ ସନ୍ତାନ ପ୍ରସବ



**ନୂଆଦିଲ୍ଲୀ:** ଦିଲ୍ଲୀ ବିମାନବନ୍ଦରରେ ସର୍ବକନିଷ୍ଠ ଯାତ୍ରୀଙ୍କୁ ସ୍ୱାଗତ କରାଯାଇଛି। କର୍ନାଟକର ହୁବଲି ଯିବା ଲାଗି ମଙ୍ଗଳବାର ସକାଳେ ଦିଲ୍ଲୀ ବିମାନବନ୍ଦରରେ ପହଞ୍ଚିଥିବା ଜଣେ ଗର୍ଭବତୀ ମହିଳା ଏକ ପୁତ୍ର ସନ୍ତାନ ଜନ୍ମ ଦେଇଥିଲେ। ବିମାନବନ୍ଦରର ୩ ନମ୍ବର ଟର୍ମିନାଲରେ ମହିଳା ଜଣଙ୍କ ତାଙ୍କ ସ୍ୱାମୀଙ୍କ ସହ ବିମାନକୁ ଅପେକ୍ଷା କରିଥିବାବେଳେ ତାଙ୍କର ଗର୍ଭବେଦନା ଆରମ୍ଭ ହୋଇଥିଲା। ତାଙ୍କୁ ସଙ୍ଗେ ସଙ୍ଗେ ଟର୍ମିନାଲ ୩ ନିକଟରେ ଥିବା ଚିକିତ୍ସାକେନ୍ଦ୍ରକୁ ନିଆଯାଇଥିଲା ଓ ସେଠାରେ ଜଣେ ଡାକ୍ତର ମହିଳାଙ୍କୁ ପ୍ରସବ କରାଇଥିଲେ। ଦିଲ୍ଲୀ ଅନ୍ତର୍ଜାତୀୟ ବିମାନବନ୍ଦରର ମେଦାନ୍ତା କ୍ଲିନିକ୍‌ରେ ଏହା ପ୍ରଥମ ଶିଶୁ ଜନ୍ମ ବୋଲି ଡାକ୍ତର କହିଛନ୍ତି।

# ବୟସଠୁ ଊର୍ଦ୍ଧ୍ୱରେ ପ୍ରେମ



**ଇସ୍‌ଲାମାବାଦ୍:** ପାକିସ୍ତାନର ୧୯ ବର୍ଷୀୟା ଶୁମାଇଲା ୭୦ ବର୍ଷୀୟ ଲିଆକତ୍ ଅଲ୍ଲିଙ୍କୁ ଜୀବନସାଥୀ ଭାବେ ବାଛିଛନ୍ତି। ଖବରଟି ପଢ଼ିଲାବେଳକୁ ଅଜବ ଲାଗୁଥିଲେ ହେଁ ସତ। ବର୍ତ୍ତମାନ ସମୟରେ ଏଭଳି ଘଟଣା କିଛି ନୂଆ ନୁହେଁ। ଦୁହିଁଙ୍କ ଭେଟ ପ୍ରତିଦିନ ମର୍ଣ୍ଣିଂୱାକ୍‌ରେ ହେଉଥିଲା। ହାଲ୍‌ଚାଲ ପଚାରି ବୁଝୁବୁଝୁ କେତେବେଳେ ସେମାନେ ପ୍ରେମରେ ପଡ଼ିଗଲେ ତାହା ଜଣା ନାହିଁ ବୋଲି ଶୁମାଇଲା କହିଛନ୍ତି। ଶୁମାଇଲାଙ୍କ ପରିବାର ଲୋକେ ପ୍ରଥମେ ଏହି ବାହାଘର ପାଇଁ ଅରାଜି ଥିଲେ, କିନ୍ତୁ ବହୁ ପ୍ରଚେଷ୍ଟା ପରେ ଏହି ପ୍ରେମୀ ଯୁଗଳ ଘରଲୋକଙ୍କୁ ମନେଇବାରେ ସଫଳ ହେଲେ। ପରେ ସେମାନଙ୍କ ସହମତିକ୍ରମେ ଦୁହିଁଙ୍କର ବାହାଘର ହେଲା। ପୂର୍ବରୁ ଲିଆକତ୍ ରେଷ୍ଟୁରାଣ୍ଟରୁ ଖାଉଥିବାବେଳେ ବାହାଘର ପରେ ଏବେ ସେ ବାହାର ଖାଇବା ଛାଡ଼ି ଦେଇଥିବା କହିଛନ୍ତି। ଏବେ ଏହି ଦମ୍ପତି ଖୁସିରେ ଜୀବନ କାଟୁଛନ୍ତି।

# ରାତିର କୃତ୍ରିମ ଆଲୋକ ମଧୁମେହ ରୋଗୀଙ୍କ ପାଇଁ ଘାତକ

**ବେଜିଂ**



ରାତିର କୃତ୍ରିମ ଆଲୋକ ମଧୁମେହ ଆକ୍ରାନ୍ତ ରୋଗୀଙ୍କ ବିପଦକୁ ବଢ଼ାଉଥିବା ଏକ ଅଧ୍ୟୟନ ରିପୋର୍ଟରୁ ପ୍ରକାଶ ପାଇଛି। ୟୁରୋପିଆନ୍ ଆସୋସିଏଶନ୍ ପକ୍ଷରୁ ପ୍ରକାଶିତ ଜର୍ନାଲରେ ଏ ସମ୍ପର୍କିତ ବିସ୍ତୃତ ବିବରଣୀ ଉଲ୍ଲେଖ କରାଯାଇଛି। ରକ୍ତରେ ଥିବା ଗ୍ଲୁକୋଜ୍ ଲେଭଲ୍‌କୁ ପ୍ରଭବିତ କରିଥାଏ (ଲାଇଟ୍ ଆଟ୍ ନାଇଟ୍-ଏଲ୍ଏଏନ୍) ରାତିବେଳାର କୃତ୍ରିମ ଆଲୋକ। ଚାଇନାର ଦୁଇଟି ୟୁନିଭର୍ସିଟି ପକ୍ଷରୁ ଗବେଷଣା କରାଯାଇଥିବା ଡା. ୟୁ ଜୁ କହିଛନ୍ତି। ଅଧ୍ୟୟନରେ ମୋଟ ୧,୦୦,୦୦୦ ମହିଳା ଓ ପୁରୁଷଙ୍କୁ ସାମିଲ କରାଯାଇଥିଲା। କିଛିଦିନ ମଧୁମେହ ରୋଗୀଙ୍କୁ ଏଲ୍ଏଏଲ୍‌ରେ ରଖାଯିବା ପରେ ସେମାନଙ୍କ ଶରୀରରେ ୨୮% ଅଧିକ ମେଟାବୋଲିକ କଣ୍ଡିଶନ୍ (ହାଇବ୍ଲଡ୍ ପ୍ରେସର, ମେହବହୁଳତା ଜରିଆରେ ହୃଦ୍‌ଘାତ ହେବାର ସମସ୍ୟା ଆଶଙ୍କା ରହିଥାଏ) ବୃଦ୍ଧି ପାଇଥିବାର ଦେଖିବାକୁ ମିଳିଥିଲା। ଚାଇନାରେ ୧୮ ବର୍ଷରୁ ଊର୍ଦ୍ଧ୍ୱ ୯ ନିୟୁତ ଲୋକ ଡାଇବେଟିସ୍‌ରେ ଆକ୍ରାନ୍ତ, ଯାହାର କାରଣ ଏଲ୍ଏଏଲ୍ ବୋଲି କୁହାଯାଉଛି।



ବୁଧବାର ସନ୍ଧ୍ୟାରେ କଟକ ବାଲିଯାତ୍ରା ପଡ଼ିଆର ଦୃଶ୍ୟ।

## ପିଲାଙ୍କୁ ଖୋଜିବାରେ ମହିଳା ପୋଲିସର ଭୂମିକା ଗୁରୁତ୍ୱପୂର୍ଣ୍ଣ

ବାଲିଯାତ୍ରାରେ ଗତ ୯ ଦିନ ମଧ୍ୟରେ ୨୦୦ରୁ ଊର୍ଦ୍ଧ୍ୱ ଶିଶୁ ଓ ୫୦୦ ଜଣ ବରିଷ୍ଠ ନାଗରିକ ହଜିଥିଲେ। ପୋଲିସ ଅଧିକାରୀଙ୍କ ସହାୟତାରେ ସେମାନଙ୍କୁ ଖୋଜା ଯାଇ ସେମାନଙ୍କ ପରିବାର ସଦସ୍ୟଙ୍କୁ ହସ୍ତାନ୍ତର କରାଯାଇଛି ବୋଲି କଟକ ଡିସିପି ପିନାକ ମିଶ୍ର ବୁଧବାର ସୂଚନା ଦେଇଛନ୍ତି। ସେ କହିଛନ୍ତି, ଗତ ରବିବାର ବାଲିଯାତ୍ରାରେ ୪୬ ପିଲା ହଜି ଯାଇଥିଲେ। ସେମାନଙ୍କୁ ଖୋଜିବାରେ ପୋଲିସ କଣ୍ଟ୍ରୋଲ ରୁମ୍‌ର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥିଲା। ବାଲିଯାତ୍ରା ସମୟରେ କୌଣସି ବଡ଼ଧରଣର ଅପରାଧ ଘଟି ନାହିଁ। ପିଲାମାନଙ୍କୁ ଖୋଜିବାରେ ମହିଳା ପୋଲିସ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ ବୋଲି ଡିସିପି କହିଛନ୍ତି।

## ଶାମୁକା, ଶଙ୍ଖରେ ୱାଲ୍ ପ୍ଲେଟ୍

ପ୍ରଥମଥର ପାଇଁ ବାଲିଯାତ୍ରାରେ ଦେଖିବାକୁ ମିଳିଛି ନିଆରା କାରିଗରି। ଶାମୁକା, ଶଙ୍ଖ ଆଦିକୁ ନେଇ ତିଆରି ହୋଇଛି ୱାଲ୍ ପ୍ଲେଟ। ପୁରୀର ଏକ ଦମ୍ପତି ଏହାକୁ ବିକ୍ରି କରିବା ପାଇଁ ବାଲିଯାତ୍ରାକୁ ଆସିଛନ୍ତି। ଏହାର ମୂଲ୍ୟ ୧୨୦୦ରୁ ୧୫୦୦ ଟଙ୍କା ପର୍ଯ୍ୟନ୍ତ ରହିଛି।





ବାଲିଯାତ୍ରା ଉପର ପଡ଼ିଆରେ ମହିଳାମାନେ ଶୁଖୁଆ କିଣୁଛନ୍ତି।



ବାଲିଯାତ୍ରା ପଡ଼ିଆରେ ଲୋକମାନେ ଦହିବରା ଆଳୁଦମ୍ ଖାଉଛନ୍ତି।



ମହାନଦୀ ଜଳରାଶିରେ ପର୍ଯ୍ୟଟକମାନେ ବୋଟିଂର ମଜା ନେଉଛନ୍ତି।

# ଲୋକାରଣ୍ୟ ବାଲିଯାତ୍ରା

କଟକ ଅଫିସ, ୧୬।୧୧

କଟକ ବାଲିଯାତ୍ରା ବୁଧବାର ସରିଥାନ୍ତା। ହେଲେ ରାଜ୍ୟ ସରକାର ଗୋଟିଏ ଦିନ ବଢ଼ାଇବାକୁ ଅନୁମତି ଦେବା ପରେ ବ୍ୟବସାୟୀ ଓ କଟକିଆଙ୍କ ମନରେ ଉତ୍ସୁକତା ବଢ଼ିଯାଇଛି। ଯାହାହେଉ ୯ ଦିନ ଧରି କଷ୍ଟ ସହି ଦିନରାତି ବାଲିଯାତ୍ରା ପଡ଼ିଆରେ ପଡ଼ିରହିଥିବା ଛୋଟବଡ଼ ବ୍ୟବସାୟୀ ଅବା କମ୍ପାନୀ ଲାଭ ପାଇବା ପାଇଁ ଆଉ ଗୋଟାଏ ଦିନ ପ୍ରଶାସନକୁ କୌଣସି ଦେୟ ନ ଦେଇ ବ୍ୟବସାୟ କରିବାର ସୁଯୋଗ ପାଇଛନ୍ତି। ବାଲିଯାତ୍ରାର ନବମ ଦିନ ବୁଧବାର ପ୍ରଥମାଷ୍ଟମୀ ଥିବାରୁ ପୋଷାକ ବ୍ୟବସାୟୀମାନେ ଭଲ ବିକ୍ରି କରିଛନ୍ତି। ଲୋକମାନେ ବଜାରର ମଲ୍‌କୁ ନ ଯାଇ ବାଲିଯାତ୍ରାରେ ଷ୍ଟଲରୁ ମୂଲାମୂଲି କରି ପୋଷାକ, ଶାଢ଼ୀ ଆଦି କିଣିବାକୁ ପସନ୍ଦ କରିଛନ୍ତି। କୌଣସି କାରଣରୁ ବାଲିଯାତ୍ରା ବୁଲିପାରି ନ ଥିବା ଲୋକେ ମଧ୍ୟ ଉତ୍ସାହିତ ହୋଇ ସୁଯୋଗକୁ ହାତଛଡ଼ା କରୁନାହାନ୍ତି। ପୂର୍ବ ଦିନଗୁଡ଼ିକ ପରି ଜନଗହଳି ପଡ଼ିଆରେ ଲାଗିରହିଛି। ତଥାପି ପଡ଼ିଆରୁ ଚମକ କମି ନ ଥିବା ଦେଖିବାକୁ ମିଳିଛି। ଷ୍ଟଲରୁ ଷ୍ଟଲକୁ ବୁଲୁ ବୁଲୁ କେତେବେଳେ କ'ଣ ସବୁ ଆଖି ସାମ୍ନାକୁ ଆସିଯାଉଛି। କେଉଁଠି ସୁନେଲି ରଙ୍ଗର ତ କେଉଁଠି ରୂପେଲି ରଙ୍ଗର ବ୍ୟକ୍ତି ଷ୍ଟାଚ୍ୟୁ ପରି ଠିଆ ହୋଇ ଲୋକଙ୍କ ଦୃଷ୍ଟି ଆକର୍ଷଣ କରିବାରେ ସକ୍ଷମ ହେଉଛନ୍ତି। ଯୁବବର୍ଗ ଉତ୍ସାହିତ ହୋଇ ତାଙ୍କ ନିକଟକୁ ଯାଇ ହାତ ମିଳାଇବା ସହ ସେଲ୍ଫି ଉଠାଇ ଆନନ୍ଦିତ ହେଉଛନ୍ତି। ସକାଳେ ପଥୋତ୍ସବରୁ ଆରମ୍ଭ ହୋଇଯାଉଛି ବାଲିଯାତ୍ରାର ମାହୋଲ। ଦିନ ତମାମ ପର୍ଯ୍ୟାୟକ୍ରମେ ଲୋକଙ୍କ ଆଗମନ ହେଉଛି ବାଲିଯାତ୍ରା ପଡ଼ିଆକୁ। ଏମିତି ଯିବାଆସିବା ଭିତରେ କେତେବେଳେ ରାତି ୧୨ଟା ବାଜିଯାଉଛି ଜଣାପଡୁନାହିଁ। ଶୀତୁଆ ସଞ୍ଜକୁ ଲୋକଗହଳିର ଉଷୁମ ମନକୁ ପୁଲକିତ କରୁଛି। କଟକର ପ୍ରସିଦ୍ଧ ଦହିବରା-ଆଳୁଦମ ସହିତ ଟକ୍କର ଦେବା ପାଇଁ ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ଆସିଥିବା ଖାଦ୍ୟପଦାର୍ଥ ଲୋକଙ୍କ ପାଟିକୁ ଚଟାପଟ୍ ଜବରଦସ୍ତ ସ୍ୱାଦିଷ୍ଟତାରେ ଭରି ଦେଉଛି। ଏହି ବାଲିଯାତ୍ରା ଓଡ଼ିଶା କାହିଁକି, ସାରା ଦେଶକୁ ଏକତାର ସୂତ୍ରରେ ବାନ୍ଧି ରଖିବାର ପ୍ରୟାସ କରୁଛି। ଉତ୍କଳୀୟ ସଂସ୍କୃତି, ପରମ୍ପରା ସହ ଭାରତର କୋଣ ଅନୁକୋଣର ସଂସ୍କୃତି, ପରମ୍ପରା ମଧ୍ୟରେ ବିନିମୟ ଧାରାର ସ୍ରୋତ ବହିଚାଲିଛି କହିଲେ ଅତ୍ୟୁକ୍ତି ହେବ ନାହିଁ।

ଆଜି ସରିବ



ବାଲିଯାତ୍ରା ଓରମାସ ଷ୍ଟଲରେ ଲୋକଙ୍କ ଭିଡ଼।

ଫୁଡ୍ ଷ୍ଟଲରେ ଚଢ଼ାଉ

## ୮ କୁଇଣ୍ଟାଲ ଖାଦ୍ୟ ନଷ୍ଟ

ଚଳିତବର୍ଷ ବାଲିଯାତ୍ରାରେ ବାସି ଓ ନିମ୍ନମାନର ଖାଦ୍ୟ ବିକ୍ରି ନ କରିବା ପାଇଁ କଟକ ମହାନଗର ନିଗମ(ସିଏମ୍‌ସି) ପକ୍ଷରୁ ବ୍ୟବସାୟୀମାନଙ୍କୁ ତାଗିଦା କରାଯାଇଥିଲା। ବାଲିଯାତ୍ରାରେ ବହୁସଂଖ୍ୟକ ଲୋକଙ୍କ ସମାଗମ ହେଉଛି। ବିଶେଷକରି ଫୁଡ୍ ଷ୍ଟଲରେ ଅଧିକ ଭିଡ ଦେଖିବାକୁ ମିଳିଛି। ଏହାର ସୁଯୋଗ ନେଇ କେତେଜଣ ବ୍ୟବସାୟୀ ବାସି ଖାଦ୍ୟ ବିକ୍ରି କରୁଥିବା ଅଭିଯୋଗ ହୋଇଛି। ଏହାକୁ ଦୃଷ୍ଟିରେ ରଖି ସିଏମ୍‌ସି ଖାଦ୍ୟ ସୁରକ୍ଷା ବିଭାଗ ପକ୍ଷରୁ ବିଭିନ୍ନ ଖାଦ୍ୟ ଷ୍ଟଲରେ ଯାଞ୍ଚ କରାଯାଇଥିଲା। ଯାଞ୍ଚବେଳେ ବାସି ଖାଦ୍ୟ ବିକ୍ରି ହେଉଥିବା ଜଣାପଡିଥିଲା। ଫଳରେ ୮ କୁଇଣ୍ଟାଲ ଊର୍ଦ୍ଧ୍ୱ ବାସି ଖାଦ୍ୟ ନଷ୍ଟ କରାଯାଇଛି। ବିଶେଷକରି ଆମିଷ ଖାଦ୍ୟ ନଷ୍ଟ କରାଯାଇଥିବା ଜଣାପଡିଛି। ଗୁରୁବାର ବାଲିଯାତ୍ରା ଶେଷ ହେଉଥିବାବେଳେ ବ୍ୟବସାୟୀମାନେ ଯେପରି ଗ୍ରାହକଙ୍କୁ ବାସି ଖାଦ୍ୟ ବିକ୍ରି ନ କରିବେ ସେଥିପାଇଁ ତାଗିଦା କରାଯାଇଛି।

## ମଣ୍ଟୁ ଛୁରିଆଙ୍କ ଗୀତରେ ଝୁମିଲେ ଦର୍ଶକ

ବାଲିଯାତ୍ରା ପଡିଆର ଗଣକବି ବୈଷ୍ଣବ ପାଣି ମଞ୍ଚରେ ବୁଧବାର ପରିବେଷିତ ହୋଇଥିଲା ରଙ୍ଗାରଙ୍ଗ କାର୍ଯ୍ୟକ୍ରମ। ମଞ୍ଚର ମୁଖ୍ୟ ଆକର୍ଷଣ ଥିଲେ କଣ୍ଠଶିଳ୍ପୀ ମଣ୍ଟୁ ଛୁରିଆ। ଆମେ ସମ୍ବଲପୁରିଆ ବାବୁ ଗୀତରୁ ମଣ୍ଟୁ କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ। ପରେ ସେ ଦର୍ଶକଙ୍କୁ ଗୋଟିଏ ପରେ ଗୋଟିଏ ହିଟ୍ ଗୀତ ଭେଟି ଦେଇଥିଲେ। ତାଙ୍କ ଗୀତର ତାଳେ ତାଳେ ଦର୍ଶକ ଝୁମିଥିଲେ। ଶୀତୁଆ ସନ୍ଧ୍ୟାରେ ଦର୍ଶକଙ୍କ ତାଳି ସାଉଣ୍ଟି ମଣ୍ଟୁ ଖୁସି ହୋଇଥିଲେ। ଏଥିସହ ପଶ୍ଚିମବଙ୍ଗର କଳାକାରମାନେ ପୁରୁଲିଆ ଛଉ ନୃତ୍ୟ ପରିବେଷଣ କରିଥିଲେ। ସେହିପରି ଅକ୍ଷୟ ମହାନ୍ତି ମଞ୍ଚରେ କିଶୋର କବି କଳା କଳ୍ପନା ଅନୁଷ୍ଠାନ ପକ୍ଷରୁ ଲୋକନୃତ୍ୟ ପରିବେଷିତ ହୋଇଥିଲା। ଏହି ନୃତ୍ୟ ଦର୍ଶକଙ୍କୁ ମୁଗ୍ଧ କରିଥିଲା। ଭୁବନେଶ୍ୱର ସୃଜନ ଅନୁଷ୍ଠାନ ପକ୍ଷରୁ ଗୁରୁ ରତିକାନ୍ତ ମହାପାତ୍ରଙ୍କ ନେତୃତ୍ୱରେ ଓଡ଼ିଶୀ ନୃତ୍ୟ ପରିବେଷିତ ହୋଇଥିଲା।





ଗଣକବି ବୈଷ୍ଣବ ପାଣି ମଞ୍ଚରେ ପଶ୍ଚିମବଙ୍ଗ କଳାକାରମାନେ ପୁରୁଲିଆ ଛଉ ନୃତ୍ୟ ପରିବେଷଣ କରୁଛନ୍ତି।

## ବାଲିଯାତ୍ରାରେ କାର୍ଯ୍ୟକ୍ରମ କରିବା ଗର୍ବର କଥା

ଦୁଇବର୍ଷ ପରେ ବାଲିଯାତ୍ରା ହେଉଥିବାରୁ ଲୋକଙ୍କ ଗହଳି ଜମୁଛି। ଏହି ଭିଡ ଭିତରେ ସଙ୍ଗୀତ ପରିବେଷଣ କରିବା ନିଆରା। ଦର୍ଶକଙ୍କ ସହଯୋଗ ଓ ପ୍ରଶଂସା ମୋତେ ଅଧିକ ଉତ୍ସାହିତ କରିଛି। ମୁଁ ଆଗରୁ ବାଲିଯାତ୍ରା ବୁଲିଛି। ଏବେ ମଞ୍ଚରେ ସଙ୍ଗୀତ ପରିବେଷଣ କରି ଦର୍ଶକଙ୍କୁ ନଚାଇବା ନିଶ୍ଚିତ ଭାବେ ସ୍ମରଣୀୟ ହୋଇ ରହିବ। କଟକର ଦହିବରା ଆଳୁଦମ ପ୍ରସିଦ୍ଧ। କଟକ ଆସିଲେ ସମସ୍ତେ ଦହିବରା ଖାଇବାକୁ ପସନ୍ଦ କରିଥାନ୍ତି। କଟକ ଦର୍ଶକ ଓ ବାଲିଯାତ୍ରା ମାହୋଲ ନିଆରା। ବିଭିନ୍ନ ସ୍ଥାନରେ ଆମେ କାର୍ଯ୍ୟକ୍ରମ କରୁ, କିନ୍ତୁ ବାଲିଯାତ୍ରାରେ କାର୍ଯ୍ୟକ୍ରମ କରିବା ଗର୍ବର କଥା।



ମଣ୍ଟୁ ଛୁରିଆ



ପ୍ରୋ କବାଡ଼ି ଲିଗ୍‌ରେ ବୁଧବାର ପାଟନା ପାଇରେଟ୍ସ ଓ ତାମିଲ ଥାଲାଇଭାସ ମଧ୍ୟରେ ଅନୁଷ୍ଠିତ ମ୍ୟାଚର ଏକ ସଂଘର୍ଷପୂର୍ଣ୍ଣ ମୁହୂର୍ତ୍ତ।

# ପ୍ରଥମ ଦିନରେ ୩ ଶତକ

## କଳାହାଣ୍ଡି କପ୍ ସୁପର ଲିଗ୍

ଭୁବନେଶ୍ୱର,୧୬।୧୧ (ସ୍ପୋର୍ଟ୍ସ ବ୍ୟୁରୋ)

ଓଡ଼ିଶା କ୍ରିକେଟ ଆସୋସିଏଶନ ପକ୍ଷରୁ ବୁଧବାର ଆନ୍ତଃଜିଲ୍ଲା କଳାହାଣ୍ଡି କପ୍‌ର ସୁପର ଲିଗ୍ ପର୍ଯ୍ୟାୟ ଆରମ୍ଭ ହୋଇଛି। ପ୍ରଥମ ଦିନରେ ୫ ମ୍ୟାଚ୍ ଖେଳାଯାଇଥିବା ବେଳେ ୩ଟି ଶତକ ହାସଲ କରିଛନ୍ତି ବ୍ୟାଟର। ରୋହିତ ସାଗର, ଟୁକୁନା ସାହୁ ଓ ଆକାଶ ମହାପାତ୍ର ଶତକ ହାସଲ କରିଥିବା ବେଳେ ୱାଲଟର ଟପ୍ପୋ ଓ ଉମା ଏସ. ସାହୁ ୪ଟି ଲେଖାଏ ଉଇକେଟ ନେଇଛନ୍ତି।

କଟକ ଏ' ବନାମ ଝାରସୁଗୁଡା: ଡ୍ରିମ୍ସ ଗ୍ରାଉଣ୍ଡରେ ଅନୁଷ୍ଠିତ ଏହି ମ୍ୟାଚରେ ଟସ୍ ଜିତି ଝାରସୁଗୁଡା ଫିଲ୍ଡିଂ ନିଷ୍ପତ୍ତି ନେଇଥିଲା। ପ୍ରଥମ ଦିନର ଖେଳ ଶେଷ ହେବା ସୁଦ୍ଧା କଟକ ୯ ଉଇକେଟ ହରାଇ ୩୭୯ ରନ୍ କରିଛି। ବିକ୍ରମ କିଶୋର ୯୫, ଅବିନାଶ ନାୟକ ୬୯ ଓ ଅନିଲ ପରିଡା ୪୮ ରନ୍ କରିଥିଲେ। ଝାରସୁଗୁଡା ପକ୍ଷରୁ ପ୍ରତୀକ ଯାଦବ ଓ ଧନଞ୍ଜୟ ଯାଦବ ଦୁଇଟି ଲେଖାଏ ଉଇକେଟ ନେଇଥିଲେ।

ବାଲେଶ୍ୱର ବନାମ ଅବଶିଷ୍ଟ ଓଡ଼ିଶା ଏ : ବାଲେଶ୍ୱର ବନାମ ଅବଶିଷ୍ଟ ଓଡ଼ିଶା ଏ' ଦଳର ମ୍ୟାଚ ରେଭେନ୍ସା ଗ୍ରାଉଣ୍ଡରେ ଖେଳା ଯାଇଥିଲା। ଟସ୍ ଜିତି ବ୍ୟାଟିଂ କରିଥିବା ଅବଶିଷ୍ଟ ଓଡ଼ିଶା ଏ' ପକ୍ଷରୁ ରୋହିତ ସାଗର(୧୧୪) ଓ ଟୁକୁନା ସାହୁ (୧୧୨) ଶତକ ହାସଲ କରିଥିଲେ। ଉଭୟଙ୍କ ଶତକ ବଳରେ ଅବଶିଷ୍ଟ ଓଡ଼ିଶା ଏ' ୭୭.୪ ଓଭରରେ ସମସ୍ତ ଉଇକେଟ ହରାଇ ୩୫୬ରନ୍ କରିଥିଲା। ବାଲେଶ୍ୱର ପକ୍ଷରୁ ନୌତମ ଭଞ୍ଜ ଓ ମାନସ ଆର. ପାତ୍ର ୩ଟି ଲେଖାଏ ଉଇକେଟ ନେଇଥିଲେ। ଜବାବରେ ପ୍ରଥମ ଦିନର ଷ୍ଟମ୍ପ ଅପସାରଣ ସୁଦ୍ଧା ବାଲେଶ୍ୱର ୩ ଉଇକେଟ ହରାଇ ୩୪ ରନ୍ କରିଛି। ମାନସ ଆର. ପାତ୍ର ୨୨ ରନ୍ କରିଥିବା ବେଳେ ସୁମିତ ଶର୍ମା ଓ ରମେଶ ବେହେରା ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

ଅବଶିଷ୍ଟ ଓଡ଼ିଶା ଇ' ବନାମ ଅବଶିଷ୍ଟ ଓଡ଼ିଶା ସି: ସନ୍‌ସାଇନ୍ ଗ୍ରାଉଣ୍ଡରେ ଅନୁଷ୍ଠିତ ଅବଶିଷ୍ଟ ଓଡ଼ିଶା ଇ' ବନାମ ଅବଶିଷ୍ଟ ଓଡ଼ିଶା ସି ମ୍ୟାଚରେ ଷ୍ଟମ୍ପ ଅପସାରଣ ବେଳକୁ ଓଡ଼ିଶା ଇ' ୮୩ ରନରେ ପଛୁଆ ରହିଛି। ଟସ୍ ହାରି ପ୍ରଥମେ ବ୍ୟାଟିଂ କରି ଓଡ଼ିଶା ଇ' ଦଳ ୬୦.୩ ଓଭରରେ ୨୬୦ ରନରେ ଅଲଆଉଟ ହୋଇଥିଲା। ରାକେଶ ଗୋଚ୍ଛାୟତ ୬୫ ଓ ରଘୁନାଥ ମଲ୍ଲ ୫୫ ରନର ଇନିଂସ ଖେଳିଥିଲେ। ଓଡ଼ିଶା ସି' ପକ୍ଷରୁ ୱାଲଟର ଟପ୍ପୋ ୪ ଓ ଅଙ୍କିତକାର ଜୟସ୍ୱାଲ ୩ ଉଇକେଟ ନେଇଥିଲେ। ଜବାବରେ ଷ୍ଟମ୍ପ ଅପସାରଣ ବେଳକୁ ଓଡ଼ିଶା ସି' ୩ ଉଇକେଟରେ ୧୬୩ ରନ୍ କରିବା ସହ ୮୩ ରନରେ ପଛୁଆ ରହିଛି। ରୋନାଲ୍ଡୋ ଆର.ବି. ସିଂ ୮୦ ରନରେ ବ୍ୟାଟିଂ କରୁଥିବା ବେଳେ କେ.ଜି. କ୍ରିଷ୍ଣା ୨ ଓ ଦେବେନ୍ଦ୍ର ଏସ୍. କୁଓ୍ୱର ଗୋଟିଏ ଉଇକେଟ ନେଇଛନ୍ତି।

ଭୁବନେଶ୍ୱର ଏ' ବନାମ ଇକୋର୍ସା: ଖୋର୍ଦ୍ଧା ଗ୍ରାଉଣ୍ଡରେ ଖେଳା ଯାଇଥିବା ମ୍ୟାଚରେ ଟସ୍ ଜିତି ଭୁବନେଶ୍ୱର ଏ' ପ୍ରଥମେ ବ୍ୟାଟିଂ ନିଷ୍ପତ୍ତି ନେଇଥିଲା। କେ. ସନ୍ଦୀପଙ୍କ ୮୮ ଓ ଅନୁରାଗ ଷଡଙ୍ଗୀଙ୍କ ୭୭ ରନ ବଳରେ ଭୁବନେଶ୍ୱର ଏ' ଷ୍ଟମ୍ପ ଅପସାରଣ ବେଳକୁ ସମସ୍ତ ଉଇକେଟ ହରାଇ ୩୦୦ ରନ୍ କରିଛି। ଇକୋର୍ସା ପକ୍ଷରୁ ଅଙ୍କିତ ଯାଦବ ୩ ଓ ସମୀର ମହାନ୍ତି ୨ ଉଇକେଟ ନେଇଥିଲେ।

ଭଦ୍ରକ ବନାମ ଅବଶିଷ୍ଟ ଓଡ଼ିଶା ବି: ସିଭି ରମଣ ଗ୍ରାଉଣ୍ଡରେ ଟସ୍ ଜିତି ଫିଲ୍ଡିଂ ନିଷ୍ପତ୍ତି ନେଇଥିଲା ଓଡ଼ିଶା ବି'। ଷ୍ଟମ୍ପ ଅପସାରଣ ବେଳକୁ ଭଦ୍ରକ ୬ ଉଇକେଟରେ ୨୬୦ ରନ୍ କରିଛି। ଆକାଶ ମହାପାତ୍ର ଧୈର୍ଯ୍ୟପୂର୍ଣ୍ଣ ଅପରାଜିତ ୧୦୮ ରନର ଇନିଂସ ଖେଳିଥିଲେ। ନୀହାର ଭୂୟାଁ ଅପରାଜିତ ୬୪ ରନ କରିଥିଲେ। ଓଡ଼ିଶା ବି' ପକ୍ଷରୁ ପ୍ରତୀକ ଦାସ ଓ ଲେନିନ ବଳ ଦୁଇଟି ଲେଖାଏ ଉଇକେଟ ନେଇଥିଲେ।

ଅବଶିଷ୍ଟ ଓଡ଼ିଶା ଡି' ବନାମ ଅବଶିଷ୍ଟ ଓଡ଼ିଶା ଏଫ୍: ସେଞ୍ଚୁରିଆନ୍ ଗ୍ରାଉଣ୍ଡରେ ଓଡ଼ିଶା ଡି' ପ୍ରଥମେ ଫିଲ୍ଡିଂ ନିଷ୍ପତ୍ତି ନେଇଥିଲା। ପ୍ରଥମ ଦିନ ଖେଳ ଶେଷ ସୁଦ୍ଧା ଓଡ଼ିଶା ଡି' ୧୩ ରନରେ ଆଗୁଆ ରହିଛି। ସରୋଜ ପଣ୍ଡାଙ୍କ ୯୭ ରନ ସହାୟତାରେ ଓଡ଼ିଶା ଏଫ୍ ୩୯.୫ ଓଭରରେ ୧୫୮ ରନରେ ଅଲଆଉଟ ହୋଇଥିଲା। ଉମା ଏସ୍ ସାହୁ ୪ ଓ ଅଂଶୁମାନ ମିଶ୍ର ୨ ଉଇକେଟ ନେଇଥିଲେ। ପ୍ରଥମ ଦିନର ଷ୍ଟମ୍ପ ଅପସାରଣ ବେଳକୁ ଓଡ଼ିଶା ଡି' ୩ ଉଇକେଟ ହରାଇ ୧୭୧ ରନ କରିଛି। ଦେବବ୍ରତ ୮୩ ଓ ଲୀଳାଧର ୪୮ ରନ କରି ବ୍ୟାଟିଂ କରୁଛନ୍ତି। ବିକାଶ ରାଉତ ଓ ସୁମିତ ମହାରଣା ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

## ପ୍ରୋ କବାଡ଼ି ଲିଗ୍: ଯୋଦ୍ଧାସ୍‌ର ବୃହତ ବିଜୟ

**ପୁଣେ,୧୬।୧୧:** ବୁଧବାର ପ୍ରୋ କବାଡି ଲିଗ୍‌ର ଦୁଇଟି ମ୍ୟାଚ ଖେଳା ଯାଇଥିବା ବେଳେ ବୃହତ ବିଜୟ ହାସଲ କରିଛି ୟୁପି ଯୋଦ୍ଧାସ୍। ଶିବ ଛତ୍ରପତି ସ୍ପୋର୍ଟ୍ସ କମ୍ପ୍ଲେକ୍ସରେ ପ୍ରଥମ ମ୍ୟାଚରେ ପଏଣ୍ଟ ବାଣ୍ଟିଥିଲେ ପାଟନା ପାଇରେଟ୍ସ ଓ ତାମିଲ ଥାଲାଇଭାସ୍। ଏହି ମ୍ୟାଚଟି ୩୩-୩୩ରେ ଟାଇ ରହିଥିଲା। ଦ୍ୱିତୀୟ ମ୍ୟାଚରେ ୟୁପି ଯୋଦ୍ଧାସ ୫୦-୩୧ ବ୍ୟବଧାନରେ ଦବଙ୍ଗ ଦିଲ୍ଲୀ କେସିକୁ ପରାସ୍ତ କରିଛି। ପ୍ରଥମ ମ୍ୟାଚରେ ପଛୁଆ ରହିଥିଲେ ମଧ୍ୟ ଶେଷ ମିନିଟରେ ମ୍ୟାଚ ଟାଇ କରିବାରେ ସମର୍ଥ ହୋଇଥିଲା ଥାଲାଇଭାସ୍। ୧୬ ପଏଣ୍ଟ ହାସଲ କରିଥିବା ରେଡର ନରେନ୍ଦ୍ର ଅନ୍ତିମ ମିନିଟରେ ଏକ ଚମତ୍କାର ଟ୍ୟାକେଲ କରିବାରୁ ମ୍ୟାଚକୁ ଟାଇ କରିବାରେ ସମର୍ଥ ହୋଇଥିଲା ଥାଲାଇଭାସ୍। ପାଇରେଟ୍ସ ପକ୍ଷରୁ ସଚିନ୍ ୧୪ ପଏଣ୍ଟ ସ୍କୋର କରିଥିଲେ। ପ୍ରଥମ ହାଫ୍‌ରେ ପାଇରେଟ୍ସ ୨୦-୧୪ରେ ଆଗୁଆ ରହିଥିଲା। ମାତ୍ର ଦ୍ୱିତୀୟ ହାଫ୍‌ରେ ଚମତ୍କାର ପ୍ରତ୍ୟାବର୍ତ୍ତନ ସହିତ ୧୯-୧୩ରେ ଆଗୁଆ ରହିବା ସହ ମ୍ୟାଚ ଟାଇ କରିଥିଲା ଥାଲାଇଭାସ୍। ଦ୍ୱିତୀୟ ମ୍ୟାଚରେ ଦବଙ୍ଗ ଦିଲ୍ଲୀ କେସିକୁ ୫୦-୩୧ରେ ହରାଇଛି ୟୁପି ଯୋଦ୍ଧାସ୍। ଯୋଦ୍ଧାସ ପକ୍ଷରୁ ପ୍ରଦୀପ ନରୱାଲ ଏକାକୀ ୨୨ ପଏଣ୍ଟ ହାସଲ ସହ ଯୋଦ୍ଧାସକୁ ବିଜୟୀ କରିଥିଲେ। ଦିଲ୍ଲୀ ପକ୍ଷରୁ ଅଲରାଉଣ୍ଡର ବିଜୟ ମଲିକ ୧୩ ଓ ଅଧିନାୟକ ନବୀନ କୁମାର ୮ ପଏଣ୍ଟ ହାସଲ କରିଥିଲେ।

## '୨୦୨୪ ଟି୨୦ ବିଶ୍ୱକପ୍ ପାଇଁ ଯୋଜନା ପ୍ରସ୍ତୁତ'

ୱେଲିଂଟନ୍,୧୬।୧୧(ପି.ଟି)

୨୦୨୪ ଟି୨୦ ବିଶ୍ୱକପ୍ ପାଇଁ ଭାରତର ରୋଡ୍‌ମ୍ୟାପ ପ୍ରସ୍ତୁତ ବୋଲି କହିଛନ୍ତି ଷ୍ଟାଣ୍ଡ ଇନ୍ କ୍ୟାପଟେନ୍ ହାର୍ଦ୍ଦିକ ପାଣ୍ଡ୍ୟା। ନ୍ୟୁଜିଲାଣ୍ଡ ବିପକ୍ଷ ୩ ମ୍ୟାଚ ବିଶିଷ୍ଟ ସିରିଜ ପାଇଁ ପାଣ୍ଡ୍ୟାଙ୍କୁ ଅଧିନାୟକ ଘୋଷଣା କରାଯାଇଛି। ଶୁକ୍ରବାରଠାରୁ ଟି୨୦ ସିରିଜ ଆରମ୍ଭ ହେବାକୁ ଥିବା ବେଳେ ଭାରତୀୟ ଦଳର ବିଶ୍ୱକପ ରୋଡମ୍ୟାପ ମଧ୍ୟ ପ୍ରସ୍ତୁତ ବୋଲି ପାଣ୍ଡ୍ୟା କହିଛନ୍ତି। ଆଗାମୀ ଦିନରେ ଅନେକ ଖେଳାଳିଙ୍କୁ ଏହି ଦଳରେ ସାମିଲ କରାଯିବ। ୨୦୨୨ ଟି୨୦ ବିଶ୍ୱକପ୍‌ରୁ ଇଂଲଣ୍ଡ ବିପକ୍ଷ ୧୦ ଉଇକେଟ ପରାଜୟ ସହିତ ଭାରତ ସେମିଫାଇନାଲରୁ ବିଦାୟ ନେଇଥିଲା। ଏହି ସିରିଜ ପାଇଁ ଅଧିନାୟକ ଥିବା ପାଣ୍ଡ୍ୟା ବିଶ୍ୱକପ୍ ବିଫଳତାକୁ ନେଇ ମଧ୍ୟ ମୁହଁ ଖୋଲିଛନ୍ତି। ବିଶ୍ୱକପ୍ ବିଫଳତା ଦୁଃଖଦାୟକ, ମାତ୍ର ଆମେ ସମସ୍ତେ ପ୍ରଫେଶନାଲ ଖେଳାଳି। ସଫଳତା ଓ ବିଫଳତାକୁ ଆମେ ସମାନ ଢଙ୍ଗରେ ଗ୍ରହଣ କରିଥାଉ। ଭୁଲକୁ ସଂଶୋଧନ କରି ଆଗକୁ ବଢିବାକୁ ଆମେ ଗୁରୁତ୍ୱ ଦେଉ ବୋଲି ପାଣ୍ଡ୍ୟା କହିଛନ୍ତି। ୨୦୨୪ ଟି୨୦ ବିଶ୍ୱକପ୍ ୱେଷ୍ଟଇଣ୍ଡିଜ ଓ ଯୁକ୍ତରାଷ୍ଟ୍ର ଆମେରିକାରେ ଖେଳାଯିବ। ଏହା ପୂର୍ବରୁ ଭାରତୀୟ ଦଳରେ କିଛି ବଡ ପରିବର୍ତ୍ତନ ଆଶା କରାଯାଉଛି। ରୋହିତ ଶର୍ମା ଏବଂ ବିରାଟ କୋହଲିଙ୍କ ପରି ଖେଳାଳି ମଧ୍ୟ ଦଳରୁ ବାଦ୍ ପଡିବାର ସମ୍ଭାବନା ରହିଛି। ଦୁଇବର୍ଷ ସମୟ ରହିଥିବା ବେଳେ ଅନେକ ନୂତନ ପ୍ରତିଭା ସାମ୍ନାକୁ ଆସିବେ ବୋଲି ପାଣ୍ଡ୍ୟା କହିଛନ୍ତି। ଭବିଷ୍ୟତର ଯୋଜନା ଆରମ୍ଭ ହୋଇ ସାରିଥିଲେ ମଧ୍ୟ ଏହା ଉପରେ ଆଲୋଚନା ହେବା ବାକି ରହିଛି। ବର୍ତ୍ତମାନ କେବଳ ଖେଳକୁ ଉପଭୋଗ କରିବା ଉପରେ ଧ୍ୟାନ ରଖାଯାଇଛି। ଭବିଷ୍ୟତରେ ଏହା ଉପରେ ଆଲୋଚନା ହେବ ବୋଲି ମଧ୍ୟ ସ୍ପଷ୍ଟ କରିଛନ୍ତି ପାଣ୍ଡ୍ୟା।

ନ୍ୟୁଜିଲାଣ୍ଡରେ ଭାରତ ୩ଟି ଲେଖାଏ ଦିନିକିଆ ଓ ଟି୨୦ ମ୍ୟାଚ ଖେଳିବ। ୱାର୍କ ଲୋଡ ମ୍ୟାନେଜମେଣ୍ଟ ଆଧାରରେ ଭାରତ ରୋହିତ ଶର୍ମା, ଲୋକେଶ ରାହୁଲ, ବିରାଟ କୋହଲି, ଦୀନେଶ କାର୍ତ୍ତିକ ଓ ରବିଚନ୍ଦ୍ରନ ଅଶ୍ୱିନଙ୍କୁ ଏହି ଦଳରୁ ବିଶ୍ରାମ ଦେଇଛି। ବରିଷ୍ଠ ଖେଳାଳିଙ୍କ ଅନୁପସ୍ଥିତିରେ ଶୁବମାନ ଗିଲ୍, ଉମ୍ରାନ ମଲିକ, ଇଶାନ କିଶନ୍ ଓ ସଞ୍ଜୁ ସାମସନଙ୍କ ପରି ଖେଳାଳିଙ୍କୁ ସୁଯୋଗ ମିଳିବ। ଟି୨୦ ଓ ଦିନିକିଆ ଭିନ୍ନ ଫର୍ମାଟ ଅଟେ। ଆମେ ଉଭୟ ଫର୍ମାଟକୁ ଗୁରୁତ୍ୱ ଦେଇଥାଉ ବୋଲି କହିଛନ୍ତି ପାଣ୍ଡ୍ୟା। ଏହି ସିରିଜରେ ଭଲ ପ୍ରଦର୍ଶନ କରି ଭାରତୀୟ ଦଳରେ ନିଜ ସ୍ଥାନ ସୁରକ୍ଷିତ କରିବାକୁ ସମସ୍ତ ଖେଳାଳି ପ୍ରୟାସ କରିବେ ବୋଲି ପାଣ୍ଡ୍ୟା କହିଛନ୍ତି। ଏହା ସହିତ ଭାରତୀୟ ଦଳ ପ୍ରତି ମାଇକେଲ୍ ଭନଙ୍କ ମନ୍ତବ୍ୟର ଜବାବ ରଖିଛନ୍ତି ପାଣ୍ଡ୍ୟା। ୨୦୧୧ ପରଠାରୁ ଭାରତୀୟ ଦଳ କିଛି ସଫଳତା ହାସଲ କରି ନାହିଁ ବୋଲି ଭନ୍ ଲେଖିଥିଲେ। ଭାରତ ଦୀର୍ଘଦିନ ଧରି ଅନ୍ତର୍ଜାତୀୟ କ୍ରିକେଟ ଖେଳୁଥିବା ବେଳେ କାହାକୁ କିଛି ପ୍ରମାଣ ଦେବାର ଆବଶ୍ୟକତା ନଥିବା ସେ ପ୍ରକାଶ କରିଥିଲେ। ତେବେ ଏକ ଦଳ ଭାବରେ ଆମେ ନିଜ ତ୍ରୁଟି ସୁଧାରିବାକୁ ପ୍ରୟାସ କରିବୁ ବୋଲି ମତ ଦେଇଛନ୍ତି ପାଣ୍ଡ୍ୟା।



ହାର୍ଦ୍ଦିକ ପାଣ୍ଡ୍ୟା

## ୨୫ ବର୍ଷରୁ କମ୍ ଓଡ଼ିଶା 'ଏ' ଦଳ ଘୋଷିତ

**ଭୁବନେଶ୍ୱର, ୧୬।୧୧ (କ୍ରୀଡ଼ା ପ୍ରତିନିଧି):** ଚଳିତ ମାସ ୨୦ରୁ ଡିସେମ୍ବର ୧ ପର୍ଯ୍ୟନ୍ତ ରାଜକୋଟଠାରେ ବିଭିନ୍ନ ରାଜ୍ୟା 'ଏ' ଦଳ ଗୁଡ଼ିକୁ ନେଇ ଏକ ଟୁର୍ନାମେଣ୍ଟ ଅନୁଷ୍ଠିତ ହେବ। ଏଥିପାଇଁ ବୁଧବାର ଓଡ଼ିଶା କ୍ରିକେଟ ଆସୋସିଏଶନର ସିନିୟର ଚୟନ କମିଟି ୧୫ ଜଣିଆ ଦଳ ମନୋନୟନ କରିଛି। ସ୍ୱସ୍ତିକ ସାମଲଙ୍କୁ ଦଳର ଅଧିନାୟକ କରାଯାଇଛି। ଓଡ଼ିଶା ଦଳ ମୁମ୍ବାଇ, ବିଦର୍ଭ, ମଣିପୁର, ସିକ୍କିମ, ଜମ୍ମୁ-କଶ୍ମୀର, ଛତିଶଗଡ଼ ଓ ରାଜସ୍ଥାନ ବିପକ୍ଷରେ ମୋଟ ୭ଟି ମ୍ୟାଚ ଖେଳିବ। ପ୍ରତିଯୋଗିତାରେ ଅଂଶଗ୍ରହଣ ପାଇଁ ଗୁରୁବାର ରାଜକୋଟ ଯାତ୍ରା କରୁଥିବା ଓଡ଼ିଶା ଦଳକୁ ଓସିଏ ସଭାପତି ପ୍ରଣବ ପ୍ରକାଶ ଦାସ ଓ ସମ୍ପାଦକ ସଞ୍ଜୟ ବେହେରା ଶୁଭେଚ୍ଛା ଜଣାଇଛନ୍ତି। ଓଡ଼ିଶା ଦଳ: ସ୍ୱସ୍ତିକ ସାମଲ (ଅଧିନାୟକ), ହର୍ଷିତ ରାଠୋଡ, ସତ୍ୟକାମ ଭରଦ୍ୱାଜ, ଶୁଭମ୍ ଶତ୍ରୁଜିତ, ସୁଶୀଲ ବାରିକ, ସୁନୀଲ କୁମାର ରାଉଳ, ଓମ୍ ଟି. ମୁଣ୍ଡେ, ନିଶିକାନ୍ତ ରାଉତ, ସାୱନ ପହରିଆ, ଏମ. ପ୍ରଶାନ୍ତ, କୃଷ୍ଣ ବାରିକ, ପ୍ରଶାନ୍ତ ରଣା, ଶୁଭଙ୍କର ବିଶ୍ୱାସ, ଆଶୁତୋଷ ଝୁରିଆ, ସୌଭାଗ୍ୟ ରାଉତ।

## ୨୯ ବର୍ଷରେ ମିଳିଲା ଜାତୀୟ ଦଳରେ ସୁଯୋଗ



ନିକଲାସ ଫୁଲକ୍ରଗ

ବର୍ଲିନ୍,୧୬।୧୧(ପି.ଟି)

ଧୈର୍ଯ୍ୟ ଦ୍ୱାରା ବେଳେବେଳେ ଅସମ୍ଭବ ବି ସମ୍ଭବ ହୋଇଥାଏ। ଏହି ଉକ୍ତିର ସଦ୍ୟତମ ଉଦାହରଣ ହେଉଛନ୍ତି ଜର୍ମାନୀର ନିକଲାସ ଫୁଲକ୍ରଗ। ପ୍ରଥମ ଥର ପାଇଁ ଜର୍ମାନୀ ଜାତୀୟ ଦଳର ଡାକରା ପାଇବା ସହିତ ସିଧାସଳଖ ବିଶ୍ୱକପ୍ ଖେଳିବେ ଏହି ୨୯ ବର୍ଷୀୟ ସେଣ୍ଟର ଫରୱାର୍ଡ। ୨୦୧୪ରେ ଜର୍ମାନୀର ୨୦ ବର୍ଷରୁ କମ୍ ଦଳ ପକ୍ଷରୁ ଖେଳିଥିଲେ ହେଁ ଏହା ପରେ କେବେ ବି ଜାତୀୟ ଦଳ ପାଇଁ ସେ ମନୋନୀତ ହୋଇ ପାରି ନ ଥିଲେ। ସେହିପରି ବୁନ୍ଦେସଲିଗାରେ ଖେଳିବାର ସୁଯୋଗ ନ ପାଇ ଦ୍ୱିତୀୟ ଡିଭିଜନ ଦଳରେ ଖେଳୁଥିବା କାରଣରୁ ତାଙ୍କୁ ଜାତୀୟ ଦଳରେ ସୁଯୋଗ ମିଳୁ ନ ଥିଲା। ମାତ୍ର ଚଳିତ ସିଜନରେ ପ୍ରଥମ ଥର ପାଇଁ ବୁନ୍ଦେସଲିଗା ଖେଳିବାର ସୁଯୋଗ ପାଇବା ସହିତ ଏହାର ସମ୍ପୂର୍ଣ୍ଣ ସଦ୍‌ବ୍ୟବହାର କରିଥିଲେ। ବ୍ରେମେନ୍ ପକ୍ଷରୁ ୧୪ ମ୍ୟାଚ୍ ଖେଳି ସେ ୧୦ ଗୋଲ୍ ସ୍କୋର କରିଥିଲେ। ଜର୍ମାନୀ ଦଳର ଅନ୍ୟ ସମସ୍ତ ଖେଳାଳିଙ୍କ ଅପେକ୍ଷା ଏହା ବେଶ୍ ଭଲ ରେକର୍ଡ ଥିଲା। ଓଲେ ୱେର୍ନର ବ୍ରେମେନର କୋଚ୍ ହେବା ପରେ ଫୁଲକ୍ରଗଙ୍କୁ ବିରୋଧ କରିଛନ୍ତି। ଶେଷରେ ଜର୍ମାନୀ କୋଚ୍ ହାନ୍ସି ଫ୍ଲିକ୍ ତାଙ୍କୁ କଲ୍ କରିବା ସହିତ ଦଳରେ ସାମିଲ କରିଥିଲେ। ଜାତୀୟ ଦଳରେ ସାମିଲ ହେବା ତାଙ୍କ ପାଇଁ ଐତିହାସିକ ମୁହୂର୍ତ୍ତ ବୋଲି ଫୁଲକ୍ରଗ କହିଛନ୍ତି। ଓମାନ ବିପକ୍ଷରେ ଜର୍ମାନୀ ନିଜର ୱାର୍ମଅପ୍ ମ୍ୟାଚ୍ ଖେଳିବାକୁ ଥିବା ବେଳେ ଏହି ମ୍ୟାଚରେ ଫୁଲକ୍ରଗ ପଦାର୍ପଣ କରିପାରନ୍ତି। ୪ ଥର ଚାମ୍ପିୟନ୍ ଜର୍ମାନୀ ଗ୍ରୁପ୍ ଇ'ରେ ଜାପାନ, ସ୍ପେନ୍ ଓ କୋଷ୍ଟାରିକା ସହିତ ସ୍ଥାନ ପାଇଛି। ବର୍ତ୍ତମାନ ସେ ମାସ୍କଟରେ ଜର୍ମାନୀ ଦଳ ସହିତ ଅଭ୍ୟାସ କରୁଛନ୍ତି। ୧୦ଟି ଗୋଲ ସ୍କୋର କରିଥିବା ଫୁଲକ୍ରଗ ୩ ଆସିଷ୍ଟ ମଧ୍ୟ କରିଥିଲେ । ନିୟମିତ ଗୋଲ ସ୍କୋର କରିବା ଜର୍ମାନୀ କୋଚ୍ ହାନ୍ସି ଫ୍ଲିକଙ୍କୁ ପ୍ରଭାବିତ କରିଥିଲା। ଏହା ସହିତ ପେନାଲ୍ଟି ଅଞ୍ଚଳରେ ତାଙ୍କ ଉପସ୍ଥିତି ଅନ୍ୟ ଖେଳାଳିମାନଙ୍କୁ ମଧ୍ୟ ଉତ୍ସାହିତ କରିବା ନେଇ ଫ୍ଲିକ୍ କହିଛନ୍ତି। ୪ ଥର ବିଶ୍ୱକପ୍ ଚାମ୍ପିୟନ ଏହି ଦଳ ୩-୫-୨ ଫର୍ମାଟରେ ପଡିଆକୁ ଓହ୍ଲାଇବ। ଆଟାକିଙ୍ଗ ମିଡ୍ ଫିଲ୍ଡର ତଥା ସେଣ୍ଟର ଫରୱାର୍ଡ ଭାବେ ଏହି ଟୁର୍ନାମେଣ୍ଟରେ ଖେଳାଇବେ ଫ୍ଲିକ୍।

## ଜାହ୍ନବୀ-ପଦ୍ମା ଫାଇନାଲ

**ଭୁବନେଶ୍ୱର, ୧୬।୧୧ (କ୍ରୀଡ଼ା ପ୍ରତିନିଧି):** ଓଡ଼ିଶା ଟେନିସ ଆସୋସିଏଶନ ସହଯୋଗରେ ମିସନ ଅଲିମ୍ପିକ୍ସ ସ୍ପୋର୍ଟ୍ସ ଫାଉଣ୍ଡେଶନ ଆନୁକୂଲ୍ୟରେ କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ଏଆଇଟିଏ-ଓଟିଏ ଚାମ୍ପିୟନଶିପ୍ ସିରିଜ ଟେନିସ ଟୁର୍ନାମେଣ୍ଟର ୧୨ ବର୍ଷରୁ କମ୍ ବାଳିକା ବର୍ଗ ସେମିଫାଇନାଲ ଶେଷ ହୋଇଛି। ପ୍ରଥମ ସେମିଫାଇନାଲରେ ଆଭା ଶର୍ମାଙ୍କୁ ୬-୩, ୬-୧ ସେଟ୍‌ରେ ହରାଇ ଜାହ୍ନବୀ ତାମ୍ମିନେଦି ଓ ଦ୍ୱିତୀୟ ସେମିରେ ଶାଜଫା ୱାନିଆଙ୍କୁ ୬-୧, ୬-୨ ସେଟ୍‌ରେ ପରାସ୍ତ କରି ପଦ୍ମା ପ୍ରିୟା ରାଜେଶ ଫାଇନାଲରେ ପ୍ରବେଶ କରିଛନ୍ତି। ୧୪ ବର୍ଷରୁ କମ୍ ବାଳିକା ସେମିଫାଇନାଲରେ ଟପ୍ ସିଡ୍ ତ୍ରିମି ବିଶ୍ୱାସ-ସୋମାଲି ମଣ୍ଡଳ ଏବଂ ଟି. ଜାହ୍ନବୀ-ଶାଜଫା ୱାନିଆଙ୍କ ମଧ୍ୟରେ ମୁକାବିଲା ହେବ। ସେହିପରି ୧୪ ବର୍ଷରୁ କମ୍ ବାଳକ ବର୍ଗରେ ଅଭିବଦ୍ୟ ମିଶ୍ର, ମୟଙ୍କ ମୋଦି, ଅନିକେତ ସାହୁ, ସାଇ ସ୍ୱସ୍ତିକ ମହାନ୍ତି ସେମିଫାଇନାଲରେ ପ୍ରବେଶ କରିଛନ୍ତି। ଦୁଇ ଓଡ଼ିଆ ଖେଳାଳି ସାଇ ସ୍ୱସ୍ତିକ ଓ ଅନିକେତଙ୍କ ମଧ୍ୟରେ ମୁକାବିଲା ହେବ। ୧୨ ବର୍ଷରୁ କମ୍ ବାଳକରେ ଆହାନ ମିଶ୍ର, ସାଇ ସ୍ୱସ୍ତିକ ମହାନ୍ତି, ସ୍ୱପ୍ନିଲ ଘୋଷ ଓ ରୋନି ବିଜୟ କୁମାର ସେମିଫାଇନାଲ ଖେଳିବାକୁ ଯୋଗ୍ୟତା ପାଇଛନ୍ତି।

## ରାଜ୍ୟ ମହିଳା ଚେସ୍: ସ୍ମାରକୀ ଚାମ୍ପିୟନ

ଭୁବନେଶ୍ୱର, ୧୬।୧୧ (କ୍ରୀଡ଼ା ପ୍ରତିନିଧି)

ପଟିଆସ୍ଥିତ ରାଜା ମଧୁସୂଦନ ଦେବ ଡିଗ୍ରୀ କଲେଜରେ ରାଜ୍ୟ ମହିଳା ଚେସ୍ ଚାମ୍ପିୟନଶିପ୍ ବୁଧବାର ଉଦ୍‌ଯାପିତ ହୋଇଛି। ଏଥିରେ ସ୍ମାରକୀ ମହାନ୍ତି ଚାମ୍ପିୟନ ଏବଂ ଯାସିତା ରାଉତ ରନରଅପ୍ ହୋଇଛନ୍ତି। ଜୟଲକ୍ଷ୍ମୀ ସାହୁ ଓ ଆଦ୍ୟାଶା ପଟ୍ଟନାୟକ ପରବର୍ତ୍ତୀ ୨ ସ୍ଥାନ ଅଧିକାର କରିଛନ୍ତି। ଓଡ଼ିଶାର ଏହି ୪ ପ୍ରତିଯୋଗୀ ଆଗାମୀ ଜାତୀୟ ମହିଳା ଚେସ୍‌ରେ ରାଜ୍ୟ ପକ୍ଷରୁ ପ୍ରତିନିଧିତ୍ୱ କରିବେ। ମହାରାଷ୍ଟ୍ରର କୋହ୍ଲାପୁରରେ ଜାତୀୟ ଚେସ୍ ଡିସେମ୍ବର ୨୬ରୁ ଜାନୁୟାରି ୫ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଅନ୍ୟମାନଙ୍କ ମଧ୍ୟରେ ସୁହାନା ଜେନା, ଅଂଶିକା ପାଣ୍ଡେ, ଦୀପ୍ତିମୟୀ ସାହୁ, ଆରୁଷୀ ଶ୍ରୀଚନ୍ଦନ, ଜ୍ୟୋତିକା ସାହୁ ଓ ନୈନିକା ସାହୁ ଟପ୍-୧୦ ଫିନିଶ୍ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ଓଡ଼ିଶା ବେଟି ବଚାଓ ବେଟି ପଢ଼ାଓର ଆବାହକ ଆଦିଶା ମହାନ୍ତି ମୁଖ୍ୟ ଅତିଥି ଏବଂ ସାମାଜିକ କର୍ମୀ ବାସୁଦେବ ଭଞ୍ଜ, ରାଜା ମଧୁସୂଦନ ଦେବ ଡିଗ୍ରୀ କଲେଜ ପ୍ରିନ୍ସିପାଲ ପ୍ରଶାନ୍ତ ରାଉତ, ଅଲ୍ ଓଡ଼ିଶା ଚେସ୍ ଆସୋସିଏଶନ ସମ୍ପାଦକ ଦେବବ୍ରତ ଭଞ୍ଜ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ଆୟୋଜକ ମାଷ୍ଟର ଚେସ୍ ଫାଉଣ୍ଡେଶନ ପ୍ରତିଷ୍ଠାତା ବିକ୍ରମ କେଶରୀ ବିଶ୍ୱାଳ, ଖୋର୍ଦ୍ଧା ଜିଲା ଚେସ୍ ଆସୋସିଏଶନ ସମ୍ପାଦକ ଶୁଭାଶିଷ ପଟ୍ଟନାୟକ, ଯୁଗ୍ମ ସମ୍ପାଦକ ସରୋଜ ବେହେରା, ଟୁର୍ନାମେଣ୍ଟ ଡାଇରେକ୍ଟର ସୁରେଶ ଚନ୍ଦ୍ର ସାହୁ, ମୁଖ୍ୟ ଆର୍ବିଟର ସନ୍ତୋଷ କୁମାର ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।



ରାଜ୍ୟ ମହିଳା ଚେସ୍‌ର କୃତୀ ପ୍ରତିଯୋଗୀମାନେ ଅତିଥିଙ୍କ ସହ।

## କ୍ୟାମେରା ଟିମ୍‌କୁ କ୍ଷମା ମାଗିଲେ ଆୟୋଜକ

**ଦୋହା,୧୬।୧୧(ପି.ଟି):** କାତାର ବିଶ୍ୱକପ୍ ଆୟୋଜକମାନେ ଡେନ୍‌ମାର୍କର ଏକ ଟିଭି ଚ୍ୟାନେଲ ସଦସ୍ୟଙ୍କୁ କ୍ଷମା ମାଗିଛନ୍ତି। ଦୋହାର ରାସ୍ତାରେ ଟିଭି-୨ ଚ୍ୟାନେଲ ପକ୍ଷରୁ ଶୁଟିଂ ଚାଲିଥିବା ସମୟରେ ଜଣେ ଅଧିକାରୀ ଏହାକୁ ବିରୋଧ କରିଥିଲେ। ଏପରିକି ସାମ୍ବାଦିକଙ୍କ କ୍ୟାମେରା ଭାଙ୍ଗିବା ନେଇ ମଧ୍ୟ ଧମକ ଦେଇଥିଲେ। ମଙ୍ଗଳବାର ସନ୍ଧ୍ୟାରେ ଏହି ଘଟଣା ଘଟିଥିବା ବେଳେ ଏ ସମ୍ପର୍କରେ ଫିଫାର ନ୍ୟାୟିକ ବିଭାଗ ଆଗରେ ଅଭିଯୋଗ କରାଯାଇଥିଲା। ଘଟଣାର ତଦନ୍ତ ପରେ ସାମ୍ବାଦିକଙ୍କ ନିକଟରେ ସ୍ୱୀକୃତିପତ୍ର ସହିତ ଶୁଟିଂ କରିବାର ଅନୁମତି ମଧ୍ୟ ଥିବା ଜଣାପଡିଥିଲା। ଘଟଣାସ୍ଥଳରେ ଥିବା ସୁରକ୍ଷା କର୍ମୀଙ୍କ ପକ୍ଷରୁ କ୍ଷମା ପ୍ରାର୍ଥନା କରାଯିବା ପରେ ପୁନର୍ବାର ଶୁଟିଂ ଆରମ୍ଭ ହୋଇଥିଲା। ସାମ୍ବାଦିକଙ୍କ ପ୍ରତି ଏଭଳି ଆକ୍ରୋଶକୁ ଟିଭି-୨ ପକ୍ଷରୁ ନିନ୍ଦା କରାଯାଇଛି। ସମଗ୍ର ବିଶ୍ୱକୁ ନିମନ୍ତ୍ରଣ କରି ଏଭଳି କାମ କରିବା ଅତ୍ୟନ୍ତ ନିନ୍ଦନୀୟ ବୋଲି ରିପୋର୍ଟର ରାସମସ୍ ଥାଣ୍ଟୋଲ୍ଡ କହିଛନ୍ତି। ଏହା ପୂର୍ବରୁ କାତାରରେ ମାନବାଧିକାର ଉଲ୍ଲଂଘନକୁ ନେଇ ଡେନ୍‌ମାର୍କ ଫୁଟବଲ ଫେଡେରେଶନ ପକ୍ଷରୁ ବିରୋଧ କରାଯାଇଛି। ଶ୍ରମ ଅଧିକାର ଉଲ୍ଲଂଘନ ପ୍ରତିବାଦରେ ଏକ ସ୍ୱତନ୍ତ୍ର ଜର୍ସିର ବ୍ୟବସ୍ଥା କରାଯାଇଥିବା ବେଳେ ମୃତ ଶ୍ରମିକଙ୍କ ପାଇଁ ଏକ କଳା ରଙ୍ଗର ଜର୍ସି ମଧ୍ୟ ରଖାଯାଇଛି।

## 'ହ୍ୟାଣ୍ଡ ଅଫ୍ ଗଡ୍' ବଲ୍ ୧୯ କୋଟିରେ ବିକ୍ରି

**ଲଣ୍ଡନ,୧୬।୧୧(ପି.ଟି):** ୧୯୮୬ ବିଶ୍ୱକପରେ ଡିଏଗୋ ମାରାଡୋନା ଏକ ବିବାଦୀୟ ଗୋଲ ସ୍କୋର କରିଥିଲେ। ହ୍ୟାଣ୍ଡ ଅଫ୍ ଗଡ୍ ନାମରେ ଏହି ଗୋଲଟିକୁ ନାମିତ କରାଯାଇଥିବା ବେଳେ ବୁଧବାର ଏହାକୁ ନିଲାମ କରାଯାଇଛି। ୨.୪ ମିଲିୟନ ଡଲାର ବା ଭାରତୀୟ ମୁଦ୍ରାରେ ୧୯.୫୪କୋଟି ଟଙ୍କାରେ ଏହି ବଲ୍‌ଟି ବିକ୍ରି ହୋଇଛି। ଆର୍ଜେଣ୍ଟିନା ଏବଂ ଇଂଲଣ୍ଡ ମଧ୍ୟରେ ଖେଳା ଯାଇଥିବା ଉକ୍ତ ମ୍ୟାଚରେ ରେଫରୀ ଥିବା ଟ୍ୟୁନିସିଆର ଅଲୀ ବିନ୍ ନାସେର ଏହି ବଲଟି ନିଲାମ କରିଥିଲେ। ଦୀର୍ଘ ୩୬ ବର୍ଷ ଧରି ଆଡିଡାସର ଏହି ବଲ୍‌ଟି ତାଙ୍କ ନିକଟରେ ରହିଥିଲା। ବୁଧବାର ଲଣ୍ଡନର ଗ୍ରାହାମ ବଡ୍ଜରେ ଏହି ନିଲାମୀ ଅନୁଷ୍ଠିତ ହୋଇଥିଲା। ଉଲ୍ଲେଖଯୋଗ୍ୟ ଯେ, ମାରାଡୋନାଙ୍କ ଉକ୍ତ ଗୋଲ ବଳରେ ହିଁ ଇଂଲଣ୍ଡକୁ ୧-୦ରେ ହରାଇଥିଲା ଆର୍ଜେଣ୍ଟିନା। ଫୁଟବଲ ଇତିହାସର ଅନ୍ୟତମ ବିବାଦୀୟ ଘଟଣା ରହିଥିବା ହ୍ୟାଣ୍ଡ ଅଫ୍ ଗଡକୁ ନେଇ ଅନେକ ସମୟରେ ଆଲୋଚନା ହେଉଥିଲେ ମଧ୍ୟ ଏହା ରେଫରୀଙ୍କ ନଜରରୁ ବର୍ତ୍ତି ଯାଇଥିଲା। ମାରାଡୋନା ହେଡର ଶଟ୍ ପାଇଁ ଡେଇଁଥିଲେ। ତେବେ ଅନ୍ତିମ ମୁହୂର୍ତ୍ତରେ ହେଡର ପରିବର୍ତ୍ତେ ନିଜ ହାତରେ ଠେଲି ଦେଇଥିଲେ।

## ଏଲ୍ଆଇସିର ବଜାର ଅଂଶରେ ବୃଦ୍ଧି

ନୂଆଦିଲ୍ଲୀ: ଭାରତୀୟ ଜୀବନବୀମା ନିଗମ (ଏଲ୍ଆଇସି)ର ବଜାର ଅଂଶ ବୃଦ୍ଧି ପାଇଛି। ଏପରିକି ନୂଆ ପ୍ରିମିୟମ ବ୍ୟବସାୟରେ ଏଲ୍ଆଇସିର ବଜାର ଅଂଶ ୨୦୨୨-୨୩ ଆର୍ଥିକ ବର୍ଷର ଅକ୍ଟୋବର ଶେଷ ସୁଦ୍ଧା ପ୍ରାୟ ୬୮% (୬୭.୭୨%)ରେ ପହଞ୍ଚିଛି। ବିଶେଷ କରି ପୂର୍ବ ଆର୍ଥିକ ବର୍ଷ ତୁଳନାରେ ନିଗମର ବଜାର ଅଂଶ ୪% (୪.୪୭%) ରୁ ଅଧିକ ବୃଦ୍ଧି ଘଟିଛି। ମୁଖ୍ୟତଃ ଗ୍ରୁପ୍ ବିଜ୍‌ନେସ୍‌ରେ ବୃଦ୍ଧି ଯାଗୁ ଏହା ସମ୍ଭବ ହୋଇପାରିଛି ବୋଲି ନିଗମ ପକ୍ଷରୁ କୁହାଯାଇଛି।


## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ..............................


ସାଇ ଶୁଭମ୍ ପରିବାରବର୍ଗ


ଅଂଶୁମାନ ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ‘ଶାଢ଼ି ବ୍ୟବସାୟର ବ୍ୟାପକ ସମ୍ଭାବନା ରହିଛି’

**ଭୁବନେଶ୍ୱର,୧୬।୧୧**

ଟାଟା ଗ୍ରୁପ୍‌ର ସହଯୋଗୀ ସଂସ୍ଥା ତଥା ଭାରତର ପ୍ରମୁଖ ଗାର୍ମେଣ୍ଟ (ଶାଢ଼ି) ବ୍ରାଣ୍ଡ୍ ତନେଇରା ଓଡ଼ିଶା ବଜାରରେ ପ୍ରବେଶ କରିବା ସହ ଭୁବନେଶ୍ୱରର ମାଷ୍ଟର କ୍ୟାଣ୍ଟିନଠାରେ ବ୍ରାଣ୍ଡର ପ୍ରଥମ ଏକ୍ସକ୍ଲୁସିଭ ଷ୍ଟୋର ବୁଧବାର ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ ଟାଇଟାନ କମ୍ପାନୀର ଏମ୍‌ଡି ସି.କେ. ଭେଙ୍କଟରମଣ, ତନେରାଇର ସିଇଓ ଅମ୍ବୁଜ ନାରାୟଣ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଟାଇଟାନର ଆଞ୍ଚଳିକ ବାଣିଜ୍ୟିକ ମୁଖ୍ୟ (ଇଷ୍ଟ) ସୋମପ୍ରଭ ସିଂହ, ତାନେଇରାର ନ୍ୟାଶନାଲ ରିଟେଲ ହେଡ୍ ଅନିର୍ବାଣ ବାନାର୍ଜୀଙ୍କ ସମେତ ଭୁବନେଶ୍ୱର ଆଉଟ୍‌ଲେଟ୍‌ର ସ୍ୱତ୍ୱାଧିକାରୀ ଯୋଗେନ୍ଦ୍ର ହଂସ ଓ ଅନ୍ୟମାନେ ଉପସ୍ଥିତ ଥିଲେ। ଉଲ୍ଲେଖଯୋଗ୍ୟ, ୨୮୦୦ ବର୍ଗଫୁଟ ପରିମିତ ଜମିରେ ଗଢ଼ି ଉଠିଥିବା ଏହି ନୂତନ ବ୍ରାଣ୍ଡ୍‌ର ଆଉଟ୍‌ଲେଟ୍‌ରେ ଉଭୟ ଓଡ଼ିଶା ଓ ଜାତୀୟସ୍ତରର ଜଣାଶୁଣା ଶାଢ଼ିସାଙ୍ଗକୁ ହସ୍ତତନ୍ତ ଶାଢ଼ି, ବ୍ଲାଉଜ ଏବଂ ଅନ୍ୟାନ୍ୟ ଚିତ୍ରକଳା ସମ୍ପର୍କିତ କପଡ଼ା ସାମଗ୍ରୀ ମଧ୍ୟ ଉପଲବ୍ଧ। ସେହିଭଳି ଜାତୀୟସ୍ତରର କାଞ୍ଜିଭରମ, ବନାରସୀ, ସାଉଥ ସିଲ୍କ, ପୋଚମପଲ୍ଲୀ ଇକତ, ମଙ୍ଗଲଗିରି, ଚନ୍ଦେରୀ, ମାହେଶ୍ୱରୀ, ଜାମଦାନୀ ଏବଂ ଟସର ଆଦିର ଶାଢ଼ି ଗୁଣାତ୍ମକମାନର ଉତ୍ପାଦ ସାଙ୍ଗକୁ ଆକର୍ଷଣୀୟ ଡିଜାଇନର ଶାଢ଼ି ପାଇପାରିବେ।

ଏ ସମ୍ପର୍କରେ ଟାଇଟାନ କମ୍ପାନୀର ଏମ୍‌ଡି ଭେଙ୍କଟରମଣ କହିଛନ୍ତି, ଓଡ଼ିଶା କଳା, ପରମ୍ପରା, ସାହିତ୍ୟ ଓ ସଂସ୍କୃତିର ରାଜ୍ୟ ହୋଇଥିବାରୁ ଏଠାକାର ମହିଳା ଓ ନାରୀ ଶାଢ଼ିକୁ ବେଶ୍ ଗୁରୁତ୍ୱ ଦେଇଥାନ୍ତି ବା ଶାଢ଼ି ମହିଳାଙ୍କର ପ୍ରମୁଖ ବସ୍ତ୍ର ଭାବେ ପରିଗଣିତ ହୋଇଥାଏ। ଏପରିକି ଓଡ଼ିଶାର ଶାଢ଼ି ସାରା ବିଶ୍ୱରେ ପରିଚିତ ବୋଲି ସେ ମତବ୍ୟକ୍ତ କରିଛନ୍ତି। ସେହିଭଳି ଓଡ଼ିଶା ବଜାରରେ ଶାଢ଼ି ବ୍ୟବସାୟର ବ୍ୟାପକ ସମ୍ଭାବନା ରହିଛି। ଉଭୟ ସ୍ୱଦେଶୀ ଏବଂ ବିଦେଶୀ ମହିଳା ଓଡ଼ିଶା ବଜାରରୁ ଶାଢ଼ି କିଣିବାକୁ ପସନ୍ଦ କରିଥାନ୍ତି। ବିଶେଷକରି ଓଡ଼ିଶା ବଜାରରେ ରହିଥିବା ଆବଶ୍ୟକତା ପୂରଣ କରିବାକୁ ଭୁବନେଶ୍ୱରରେ ଆମେ ଆମର ପ୍ରଥମ ଏକ୍ସକ୍ଲୁସିଭ ଷ୍ଟୋରର ଶୁଭାରମ୍ଭ କରିଛୁ ବୋଲି ସେ ମତପ୍ରକାଶ କରିଛନ୍ତି। ସେହିପରି ତନେଇରାର ସିଇଓ ଅମ୍ବୁଜ ନାରାୟଣ କହିଥିଲେ, ଭୁବନେଶ୍ୱରରେ ଆମର ପ୍ରଥମ ଷ୍ଟୋରକୁ ଉନ୍ମୋଚନ କରି ଆମେ ବହୁତ ଖୁସି। ଏଠାରେ ଉଭୟ ଓଡ଼ିଶା ଓ ଏହାର ନିକଟବର୍ତ୍ତୀ ରାଜ୍ୟର ସୁନାମଧନ୍ୟ ଶାଢ଼ିସାଙ୍ଗକୁ କମ୍ପାନୀ ପ୍ରମୁଖ ବ୍ରାଣ୍ଡର ଶାଢ଼ି ମଧ୍ୟ ଉପଲବ୍ଧ ହେବ। ଅପରପକ୍ଷରେ ଷ୍ଟୋରର ସ୍ୱତ୍ୱାଧିକାରୀ ଯୋଗେନ୍ଦ୍ର ହଂସ ତନେଇରାର ଆଭିମୁଖ୍ୟ ଓ ଆଗାମୀ ଯୋଜନା ଏବଂ ସ୍ଥାନୀୟ ବୁଣାକାରଙ୍କ ଉଦ୍ଦେଶ୍ୟରେ ବିସ୍ତୃତ ମତ ଉପସ୍ଥାପନ କରିଥିଲେ।

ସୂଚନାଯୋଗ୍ୟ, ତନେଇରାର ଉଦ୍‌ଘାଟନୀ ଅବସରରେ ଗ୍ରାହକଙ୍କ ପାଇଁ ଆକର୍ଷଣୀୟ ଅଫର ସମ୍ପର୍କରେ ମଧ୍ୟ ଘୋଷଣା କରାଯାଇଛି। ଏପରିକି ପ୍ରତି ୨୦,୦୦୦ଟଙ୍କାର କିଣାକିଣି ଉପରେ ୦.୨ ଗ୍ରାମର ତନିସ୍କ ସୁନାମୁଦ୍ରା ଉପହାର ସ୍ୱରୂପ ଗ୍ରାହକଙ୍କୁ ଦିଆଯାଉଛି। ଏହି ଅଫର ଚଳିତ ମାସ ୨୧ ତାରିଖ ପର୍ଯ୍ୟନ୍ତ ଉପଲବ୍ଧ ରହିଛି ବୋଲି ଷ୍ଟୋର ପକ୍ଷରୁ କୁହାଯାଇଛି।


ଭୁବନେଶ୍ୱରର ମାଷ୍ଟରକ୍ୟାଣ୍ଟିନଠାରେ ତନେଇରା’ର ଏକ୍ସକ୍ଲୁସିଭ ଆଉଟ୍‌ଲେଟ୍‌କୁ କମ୍ପାନୀର ବରିଷ୍ଠ ଅଧିକାରୀମାନେ ଉଦ୍‌ଘାଟନ କରୁଛନ୍ତି।

# ଭିଡ଼ ବଢ଼ାଉଛି କାରବାର

**କଟକ,୧୬।୧୧**

ଦେଶର ଲୋକପ୍ରିୟ ପପୁଲାର କିଚେନ ଆଣ୍ଡ ହୋମ୍ ପ୍ରଡକ୍ଟସ କମ୍ପାନୀ ଟିଟିକେ ପ୍ରେଷ୍ଟିଜ୍‌ର ସ୍ୱୀକୃତିପ୍ରାପ୍ତ ଡିଲର ବାଲାଜୀ ଡିଷ୍ଟ୍ରିବ୍ୟୁଟର୍ସ ଜରିଆରେ ଚଳିତ ବର୍ଷ କଟକ ବାଲିଯାତ୍ରାରେ ସାମିଲ ହୋଇଛି। ଏପରିକି ଗତ ୨ବର୍ଷ ପରେ ବାଲିଯାତ୍ରା ହେଉଥିବାରୁ ଚଳିତ ବର୍ଷ ବାଲିଯାତ୍ରାରେ ଅସମ୍ଭାଳ ଭିଡ଼ ହେଉଛି। ଫଳରେ ବାଲିଯାତ୍ରା ପଡ଼ିଆରେ ଟିଟିକେ ପ୍ରେଷ୍ଟିଜ୍‌ର ବୃହତ୍ ମଣ୍ଡପରେ ମଧ୍ୟ ଭିଡ଼ ଦେଖିବାକୁ ମିଳୁଛି। ସେହିଭଳି ପାର୍ବଣ ଅବସରରେ କମ୍ପାନୀ ପକ୍ଷରୁ ଆକର୍ଷଣୀୟ ଅଫର ସାଙ୍ଗକୁ ସ୍ୱତନ୍ତ୍ର ବାଲିଯାତ୍ରାର ରିହାତି ଗ୍ରାହକଙ୍କୁ ଆକୃଷ୍ଟ କରୁଛି। ଏ ସମ୍ପର୍କରେ କମ୍ପାନୀର ବରିଷ୍ଠ ଅଧିକାରୀଙ୍କ ସୂଚନା ଅନୁଯାୟୀ ପ୍ରତିଦିନ ଯାତ୍ରା ବୁଲିବାକୁ ଆସୁଥିବା ଶହ ଶହ ସଂଖ୍ୟାର ଲୋକ ପ୍ରେଷ୍ଟିଜ ମଣ୍ଡପରେ ଭିଡ଼ ଜମାଉଥିବା ବେଳେ ସେହି ଅନୁଯାୟୀ ମଧ୍ୟ କାରବାର ହେଉଛି। ବିଶେଷକରି କିଚେନ ସାମଗ୍ରୀ ସାଙ୍ଗକୁ ରୋଷେଇଘରର ଆବଶ୍ୟକତା ଅନୁଯାୟୀ ସାମଗ୍ରୀ ମଧ୍ୟ କ୍ରୟ କରୁଛନ୍ତି। ସେହିପରି କମ୍ପାନୀ ନୂତନ ସାମଗ୍ରୀ ଓ ଆକର୍ଷଣୀୟ ରିହାତି ସୁବିଧା କାରବାରକୁ ଦ୍ୱିଗୁଣିତ କରିପାରିଛି ବୋଲି ସେ ମତ ପ୍ରକାଶ କରିଛନ୍ତି।





ଧରିତ୍ରୀ DHARITRI
Scan & Pay
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।
BHIM UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।


# ‘ଡିଜିଟାଲ କାରବାରରେ ସତର୍କତା ଜରୁରୀ’

**କଟକ,୧୬।୧୧**

ୟୁନିୟନ ବ୍ୟାଙ୍କ ଅଫ୍ ଇଣ୍ଡିଆ (ୟୁବିଓଆଇ)ର କଟକ କ୍ଷେତ୍ର ଆନୁକୂଲ୍ୟରେ ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) ପକ୍ଷରୁ ‘ରିଜର୍ଭ ବ୍ୟାଙ୍କ ଦ୍ୱାରା ନିୟନ୍ତ୍ରିତ ସଂସ୍ଥାର ଅଭିଯୋଗ ନିରାକରଣ ପଦ୍ଧତି ଏବଂ ରିଜର୍ଭ ବ୍ୟାଙ୍କ ସମନ୍ୱିତ ଲୋକପାଳ ଯୋଜନା-୨୦୨୨ ଉପରେ ସଚେତନତା କାର୍ଯ୍ୟକ୍ରମ’ ସ୍ଥାନୀୟ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ବର୍ତ୍ତମାନ ସମୟରେ ସାରା ଦେଶ ଏପରିକି ରାଜ୍ୟରେ ମଧ୍ୟ ଦିନକୁ ଦିନ ଡିଜିଟାଲ ଠକେଇ ବୃଦ୍ଧି ପାଉଛି। ଡିଜିଟାଲ କାରବାର ସମୟରେ ବ୍ୟାପକ ସତର୍କତା ସାଙ୍ଗକୁ ସଜାଗ ରହିବାକୁ ପଡ଼ିବ ବୋଲି କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥି, ବରିଷ୍ଠ ଅଧିକାରୀ ଏବଂ ଅନ୍ୟମାନେ ମତପ୍ରକାଶ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ କଟକ ଉପଜିଲାପାଳ ଶିବ ଟୋପୋ, ୟୁନିୟନ୍ ବ୍ୟାଙ୍କର କଟକ କ୍ଷେତ୍ରୀୟ କାର୍ଯ୍ୟାଳୟର କ୍ଷେତ୍ରୀୟ ମୁଖ୍ୟ ତୁଷାରକାନ୍ତ କର ଏବଂ କଟକ ଏଲ୍‌ଡିଏମ୍ ରାଜେଶ କୁମାର ବେହେରାଙ୍କ ସମେତ ଇଣ୍ଡିଆନ୍ ବ୍ୟାଙ୍କ ଓ ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କର ଅଞ୍ଚଳ ମୁଖ୍ୟ ପ୍ରମୁଖ ଉପସ୍ଥିତ ଥିଲେ। ଏହି ପରିପ୍ରେକ୍ଷୀରେ କଟକର ଡିଷ୍ଟ୍ରିକ୍ଟ କୋ-ଅର୍ଡିନେଟର ଏବଂ ସବୁ ବର୍ଗର ଗ୍ରାହକମାନେ ମଧ୍ୟ ଉପସ୍ଥିତ ଥିଲେ। ସେହିଭଳି ଉକ୍ତ କାର୍ଯ୍ୟକ୍ରମରେ ଡିଜିଟାଲ କାରବାର ସମୟରେ କିପରି ସଜାଗ ରହିବା ଓ ଲୋକପାଳ ଯୋଜନା ମାଧ୍ୟମରେ ଅଭିଯୋଗର ନିରାକରଣ କରିପାରିବା ସେ ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯାଇଥିଲା।

# Classified Everyday 0674-2580101, 2549949




**SALE**

ଭୁବନେଶ୍ୱର ବାଲିଅନ୍ତା Police Station ପାଖରେ ଘରବାରି ପ୍ଲଟ୍ 30’ Road, ଇଲେକ୍ଟ୍ରିସିଟି ଥାଇ ମିଳୁଛି। 9337922588. D-74152

**Gharabari plot sale. Jhintisasan, Balakati, 8700 sqft., road side. 6372755567.** D-1912

ଭୁବନେଶ୍ୱର ନଖରା ଘରବାରି SC plot sqft.-130/, General-350/-. 9439660381. D-74146

**Boundary made gharabari plot available at Padhansahi, Sundarpada, Backside Aryan Engineering College (Bank finance available). 9337958544, 6370834658.** D-74145

Commercial Cum residential gharabari plot for sale in Khurda Puri Road, just 2K.M. from Khurda Collector Office, Plotsize-90’x112’. Contact Owner- 9439101373, 7750068828. D-2013

New Cancer Hospital ନାଇଜର, ଜଟଣୀରେ ବର୍ଗଫୁଟ ୩୦୦-୫୦୦ ଜାଗା ବିକ୍ରି ହେଉଛି। 9556840491. D-73659

CV Raman କଲେଜ ନିକଟରେ 3150sqft. ଘରବାରି ପ୍ଲଟ୍ ବିକ୍ରିହେବ। ଯୋଗାଯୋଗ- 9937910363, 9778928492. D-73661

ଭୁବନେଶ୍ୱର ଗଙ୍ଗପଡ଼ା ପିତାପଲ୍ଲୀ ପାଖରେ ୩୦ ଫୁଟ୍ ରୋଡ୍ ଘରବାଡ଼ି ପ୍ଲଟ୍ sqft.-850/- (20 plot available). 9938016295. D-74149

**ଭୁବନେଶ୍ୱର ପିତାପଲ୍ଲୀ ଛକରୁ 200 mtr. ଦୂରତାରେ BDA yellow zone ପ୍ଲଟ୍ Boundary ସହ ମିଳୁଛି। 7848882166.** D-74142

ସତ୍ୟନଗରରେ 20000 sqft. ଘରବାରି ପ୍ଲଟ୍ ବିକ୍ରିହେବ। ଯୋଗାଯୋଗ- 9937910363, 9778928492. D-73662




**Construct your home @850/-, 1340/- includes architecture structure with 3year FMC, provide BDA plan approval boring/ interiorwork. SNV Construction. 9439295469.** D-74140




A building consists of 6 rooms (3 toilets, 3 kitchens, store rooms) with 24x7 water supply (Motor facility) on prime location of Badadanda Sahi, Old Town (Side of Baiya Kora Khai Shop), Bhubaneswar for rent. Specially for Hostel, Guest House, Coaching Centre, Patholab, Office, Godown etc. Contact: 9090077774, 9777336666. D-73729




Newly open full body massage ladies and gents. 8327740003, 8093860513. D-73999

Newly open health benefits SPA Diwali Offer @ 999/- Jaidevbihar. 9439676695. D-73663

Newly open SPA positively health benefits expert therapist, Jagamara. 7849011931. D-73664

Newly open Asribada Panchakarma herbal SPA Kesarimall, Bhubaneswar. Contact: 8926173473. D-73995

Ayurvedic fullbody massage, refresh your mind with relaxed by expert lady therapist. Contact: 8480939300. D-2025

**AFFIDAVIT**

ଏତଦ୍ୱାରା ଘୋଷଣା କରୁଅଛି, ମୋ ନାମ ସୁରେଶ ଚନ୍ଦ୍ର ରାୟମହାପାତ୍ର ଧୀରେଶ ଚନ୍ଦ୍ର ରାୟମହାପାତ୍ରରୁ ଧୀରେଶ ଚନ୍ଦ୍ର ରାୟମହାପାତ୍ରକୁ ପରିବର୍ତ୍ତନ ହୋଇଛି । ପିତାଙ୍କ ନାମ ସୁରେଶ ଚନ୍ଦ୍ର ରାୟମହାପାତ୍ର। ଉଭୟ ନାମଧାରୀ ବ୍ୟକ୍ତି ସମାନ ଅଟନ୍ତି । ଧ-୨୦୩୧

**ପାଠକଙ୍କ ପାଇଁ ସୂଚନା-** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ଜନ୍ମଦିନ ଶୁଭେଚ୍ଛା



**ସାଇ ଶୁଭମ୍ ସ୍ୱାଇଁ**

**ପ୍ଲଟ୍ ନଂ.୧୫୮୭, ଶାସ୍ତ୍ରୀନଗର, ଭୁବନେଶ୍ୱର M.B.S. Public School (Std-I) ଆଜି ତୁମର ଜନ୍ମବାର୍ଷିକୀରେ ପ୍ରଭୁ ଶ୍ରୀଜଗନ୍ନାଥ ତୁମ ଜୀବନରେ ସର୍ବଦା ସୁଖ, ଶାନ୍ତି ଭରିଦିଅନ୍ତୁ । ଶୁଭେଚ୍ଛା ସହ- ପିତା: ଶିଶିର କୁମାର ସ୍ୱାଇଁ, ମାତା- ରଶ୍ମିତା ସ୍ୱାଇଁ।**

ଧ-୨୦୨୧

**ଓ.ଏସ୍.ଏସ୍. କେସ୍ ନଂ. ୨୧୯୬/୨୦୧୬**
**ଜୟସେନ ପଲାଇ ଓ ଅନ୍ୟ ୩ ଜଣ ... ବାଦୀ**
**ବନାମ**
**ପ୍ରଫୁଲ୍ଲ କୁମାର ଛୋଟରାୟ ଏବଂ ଓଗେର... ପ୍ରତିବାଦୀ**

ପ୍ରାପ୍ତେଷୁ,
ପ୍ରତିବାଦୀ ନଂ. ୨- ନମିତା କୁମାରୀ ମହାପାତ୍ର, ସ୍ୱା.- ଗୋବିନ୍ଦ ଚନ୍ଦ୍ର ମହାପାତ୍ର, (୩) ଅହଲ୍ୟା ରଥ, ସ୍ୱା.- ୰ଦୁର୍ଯ୍ୟୋଧନ ରଥ, (୪) ହେମନ୍ତ ରଥ, (୫) ବାସୁଦେବ ରଥ, (୬) ନିବାସ ରଥ, ପି ୰ଦୁର୍ଯ୍ୟୋଧନ ରଥ, (୭) ନରୋତ୍ତମ ରଥ, ପି ୰ଧୋବେଇ ରଥ ସମସ୍ତଙ୍କ ବାସସ୍ଥାନ ଦାରୁଠେଙ୍ଗ, ଥା: ଚନ୍ଦକା, ଜିଲ୍ଲା- ଖୋର୍ଦ୍ଧା କବଲା ଅନୁସାରେ ପ୍ରତିବାଦୀ ୩ ରୁ ୭ ପର୍ଯ୍ୟନ୍ତଙ୍କ ବାସସ୍ଥାନ- ସା/ପୋ- ଗୟଳବାଙ୍କ, ଥାନା- ବାଙ୍କୀ, ଜିଲ୍ଲା: କଟକ, (୮) ବିକ୍ରମ କୁମାର ଜେନା, ପି- ବରେନ୍ଦ୍ରନାଥ ଜେନା, ସା/ପୋ- ତଭୁଜ, ଥା/ଜି- ବାଲେଶ୍ୱର।

**ନୋଟିସ**

ଏତଦ୍ୱାରା ଉପରୋକ୍ତ ପ୍ରତିବାଦୀ ୨ ଠାରୁ ୮ ପର୍ଯ୍ୟନ୍ତ ବ୍ୟକ୍ତିମାନଙ୍କୁ ସି.ପି.ସି. ଅର୍ଡର - ୫, ରୁଲ୍ ୨୦ ମୁତାବକ ସମ୍ବାଦପତ୍ର ବିଜ୍ଞାପନ ମାଧ୍ୟମ ଦ୍ୱାରା ଜଣାଇ ଦିଆଯାଉଅଛି ଯେ ଉପରୋକ୍ତ କେସ୍‌ର ଶୁଣାଣି ମାନ୍ୟବର ଶ୍ରୀଯୁକ୍ତ ବିଶ୍ୱନାଥ ସାହୁ, ଅତିରିକ୍ତ କମିଶନର, ଆଡିସନାଲ ରିଭିଜନାଲ କୋର୍ଟ ନଂ.୧ଙ୍କ ୟୁନିଟ୍-୫, ୪ର୍ଥ ମହଲା, ମୁଖ୍ୟ ବିଭାଗୀୟ ଅଧିକାରୀଙ୍କ ମହଲାରେ ଆସନ୍ତା ତା୨୧ ଡିସେମ୍ବର ୨୦୨୨ରିଖ ଦିବା ୧୧ ଘଟିକା ୩୦ ମିନିଟ ସମୟରେ ଶୁଣାଣି ନିମନ୍ତେ ଧାର୍ଯ୍ୟ କରାଯାଇଅଛି । ଜମିର ବିବରଣୀ: ମୌଜା- ପଥରଗାଡ଼ିଆ, ଥା- ଚନ୍ଦକା, ସାବକ ଖାତା ନଂ.-୨୬୯, ସାବକ ପ୍ଲଟ୍ ନଂ.-୭୧୬, ହାଲ ଖାତା ନଂ. ୯୪୧, ସାବକ ହାଲ ପ୍ଲଟ୍ ନଂ.୩୬୭୫, ଏରିଆ- ଏ୦.୦୧୦୦ ଡିସିମିଲ ସ୍ଥିତିବାନ। ଉପରୋକ୍ତ ପ୍ରତିବାଦୀ ନିଜେ କିମ୍ବା କ୍ଷମତାପ୍ରାପ୍ତ ପ୍ରତିନିଧି ନିର୍ଦ୍ଧାରିତ ତାରିଖ ଓ ସମୟରେ ଉପରୋକ୍ତ ଇଜିଲାସରେ ଉପସ୍ଥିତ ରହି ମୋକଦ୍ଦମାରେ ନିଜ ପକ୍ଷ ରଖିବେ । ଅନ୍ୟଥା ଆଇନ ଅନୁସାରେ ମୋକଦ୍ଦମା ବିଚାର କରାଯିବ।

**ସହିମୋହର ନକଲ**
**ଅତିରିକ୍ତ କମିଶନର, ଆଡିସନାଲ ରିଭିଜନ**
**କୋର୍ଟ ନଂ.୧, ଭୁବନେଶ୍ୱର**

D-2022

## ନିରୁଦ୍ଦିଷ୍ଟ



**ନାମ- ଗୌରାଙ୍ଗ ବସନ୍ତିଆ**

ବୟସ-୩୩, ପିତା- ପୁରସ୍ତମ ବସନ୍ତିଆ, ଗ୍ରାମ- ଅଭୟପୁର, ଥାନା- ଧର୍ମଶାଳା, ଜିଲ୍ଲା- ଯାଜପୁର ଉପରୋକ୍ତ ନିରୁଦ୍ଦିଷ୍ଟ ବ୍ୟକ୍ତି ଗତ ୨୦୧୪ ମସିହା ଏପ୍ରିଲ ମାସ ୧୫ ତାରିଖରୁ ଯାଜପୁରରୋଡଠାରୁ କେଉଁଆଡେ ନିଖୋଜ ଅଛନ୍ତି । ଯଦି କୌଣସି ସହୃଦୟ ବ୍ୟକ୍ତି ଉକ୍ତ ବ୍ୟକ୍ତିଙ୍କ ସମ୍ପର୍କରେ ଯେକୌଣସି ସନ୍ଧାନ ବା ତଥ୍ୟ ପାଆନ୍ତି ନିମ୍ନଲିଖିତ ଫୋନ୍ ନମ୍ବର ଓ ଠିକଣାରେ ଯୋଗାଯୋଗ କରିବାକୁ ଅନୁରୋଧ କରାଯାଉଛି । ସଠିକ୍ ତଥ୍ୟ ପ୍ରଦାନ କରିବା ବ୍ୟକ୍ତିଙ୍କୁ ଆର୍ଥିକ ରାଶି ଟ୧୦,୦୦୦/-ଙ୍କା ପୁରସ୍କୃତ କରାଯିବ। ଫୋନ ନଂ.-**୯୪୩୭୩୪୨୮୫୫/ ୯୪୩୮୯୧୬୨୪୫/ ୯୪୩୮୯୧୬୪୮୭, ଧର୍ମଶାଳା ଥାନା, ଜି.- ଯାଜପୁର ।**

ଧ-୨୦୨୮

## ଘୋଷଣାନାମା

ଆମ୍ଭେ ଭେଙ୍କଟ ରମଣ ସ୍ୱାଇଁ, ପିତା- ୰ଯୁଧିଷ୍ଠିର ସ୍ୱାଇଁ, ସା- ସନ୍ତରା, ଥାନା- କୁଜଙ୍ଗ, ଜିଲ୍ଲା- ଜଗତ୍‌ସିଂହପୁର। ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଘୋଷଣା କରୁଅଛୁ କି, କୁଜଙ୍ଗ ତହସିଲ, ମୌଜା- ସନ୍ତରାରେ ଥିବା ଖାତା ନଂ.୪୦ମ୍ବର, ପ୍ଲଟ୍ ନଂ.୨୨୮ମ୍ବର, ଏ୦.୦୯ଡି., ପ୍ଲଟ୍ ନଂ.୨୨୯ମ୍ବର ଏ୦.୦୭ଡି., ପ୍ଲଟ୍ ନଂ.୨୩୦ମ୍ବର, ଏ୦.୧୪ଡି., ପ୍ଲଟ୍ ନଂ.-୨୩୧ମ୍ବର, ଏ୦.୦୫ଡି. ମ୍ୟୁଟେସନ୍ ଖାତା ନଂ.୩୫୫/୯୨ମ୍ବର, ପ୍ଲଟ୍ ନଂ. ୨୨୮/୧୦୧୦ମ୍ବର, ଏ୦.୦୮ଡି., ଖାତା ନଂ.୩୫୫/୯୩ମ୍ବର, ପ୍ଲଟ୍ ନଂ.୨୨୮/୧୦୧୧ମ୍ବର, ଏ୦.୦୮ଡି. ସମ୍ପତ୍ତି ଉପରେ କୁଜଙ୍ଗ ସିଭିଲ୍ ଜଜ୍, ସିନିୟର ଡିଭିଜନଙ୍କ ଅଦାଲତ ତରଫରୁ କେସ୍ ନଂ.୨୩୩/୨୨ ଓ ଆଇଏ ନଂ.୧୯୦/୨୦୨୨ରେ ସ୍ଥିତାବସ୍ଥା ବଜାୟ ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି। ଯଦି କୌଣସି ବ୍ୟକ୍ତି ଉପରୋକ୍ତ ସମ୍ପତ୍ତିକୁ କ୍ରୟ ବା ହସ୍ତଗତ କରନ୍ତି ତେବେ ଆମ୍ଭେ ଦାୟୀ ରହିବୁନାହିଁ।

ଧ-୨୦୩୦

## ମନେ ପଡ଼ନ୍ତି

**ଦ୍ୱାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**୰ରାମଚନ୍ଦ୍ର ମିଶ୍ର**

**ଅବସରପ୍ରାପ୍ତ ଶିକ୍ଷକ**
ଖଣ୍ଡିତର ଶାସନ, ରସୁଲପୁର ବ୍ଲକ୍, ଜିଲା- ଯାଜପୁର
ଆବିର୍ଭାବ: ୨୪।୦୬।୧୯୩୨
ତିରୋଧାନ: ୦୬।୧୧।୨୦୨୨
ଆପଣଙ୍କ ଆଦର୍ଶ, ତ୍ୟାଗ, ଅନାବିଳ ସ୍ନେହ, ଶ୍ରଦ୍ଧା, ଦୃଢ଼ ମନୋବଳ ଆମ ଜୀବନର ପଥପ୍ରଦର୍ଶକ ହେଉ। ଆପଣଙ୍କୁ ଆମର ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ।
ଶୋକସନ୍ତପ୍ତ: ପୁତ୍ର- ସତ୍ୟବ୍ରତ, ଦେବବ୍ରତ, ପ୍ରଦୀପ୍ତ, ପ୍ରିୟବ୍ରତ, ପୁତ୍ରବଧୂ: ଅମିତା, ଆଶା, ସୁକାନ୍ତି, ଲିଲୁ, ଭ୍ରାତା- ପଞ୍ଚାନନ, ଭ୍ରାତାବଧୂ- ଶଶୀକଳା, ନାତି, ନାତୁଣୀ, ପରିବାର, ବନ୍ଧୁବାନ୍ଧବ ଓ ଆତ୍ମୀୟସ୍ୱଜନ ।

ଧ-୨୦୨୭

## ଚତୁର୍ଦ୍ଦଶ ଶ୍ରାଦ୍ଧବାର୍ଷିକୀ



**୰ ଡାକ୍ତର ବିଜୟ କୁମାର ପରିଡ଼ା**

ଜନ୍ମ-୨୮.୧୨.୧୯୩୬
ତିରୋଧାନ- ୧୦।୧୦।୨୦୦୯
ମାର୍ଗଶୀର ମାସ କୃଷ୍ଣପକ୍ଷ ନବମୀ ତିଥି
ଆପଣଙ୍କର ସ୍ନେହ, ଶ୍ରଦ୍ଧା, ତ୍ୟାଗ ଓ କର୍ତ୍ତବ୍ୟନିଷ୍ଠା ଆମମାନଙ୍କ ପାଇଁ ପ୍ରେରଣାର ଉତ୍ସ ହୋଇ ରହିବ । ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ପାଇଁ ପରମେଶ୍ୱରଙ୍କଠାରେ ବିନମ୍ର ପ୍ରାର୍ଥନା ।
ପରିବାରବର୍ଗ, ବନ୍ଧୁବାନ୍ଧବ ଓ ଆତ୍ମୀୟସ୍ୱଜନ

ଧ-୨୦୩୨

Your classified advertisement published in Dharitri will be listed free in Dharitri online edition: dharitriepaper.in

# ସେନ୍‌ସେକ୍ସରେ ୧୦୮ ପଏଣ୍ଟ ବୃଦ୍ଧି

**ନୂଆଦିଲ୍ଲୀ,୧୬।୧୧**

କ୍ରମାଗତ ୨ୟ ଦିନ ଲାଗି ଶେୟାର ବଜାର କାରବାରରେ ବୃଦ୍ଧି ଘଟିଛି। ଫଳରେ ଆଶା ଓ ଆଶଙ୍କା ମଧ୍ୟରେ ଥିବା ଦଲାଲ ଷ୍ଟ୍ରିଟ୍‌ର ନିବେଶକମାନେ କିଛି ପରିମାଣରେ ଲାଭବାନ୍ ହୋଇଛନ୍ତି। ଏପରିକି ଚଳିତ ସପ୍ତାହର ୩ୟ କାର୍ଯ୍ୟଦିବସର ଫଳାଫଳ (ଶେୟାର ମାର୍କେଟ) ଅନୁଯାୟୀ ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ)ର ସେନ୍‌ସେକ୍ସ ୧୦୮ (୧୦୭.୭୩) ପଏଣ୍ଟ ବୃଦ୍ଧି ଘଟି ୬୧,୯୮୧ (୬୧,୯୮୦.୭୨) ଅଙ୍କରେ କାରବାର ବନ୍ଦ କରିଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ)ର ନିଫ୍ଟି-୫୦ରେ ମଧ୍ୟ ୬ (୬.୨୫) ପଏଣ୍ଟ ବଢ଼ି ୧୮,୪୧୦ (୧୮,୪୦୯.୬୫) ଅଙ୍କରେ ବଜାର ବନ୍ଦ ହୋଇଥିବା ଜଣାପଡ଼ିଛି। ସେହିଭଳି ବୁଧବାର ଉଭୟ ସେନ୍‌ସେକ୍ସ ଏବଂ ନିଫ୍ଟିରେ ପ୍ରାୟ ୧% ଅଭିବୃଦ୍ଧି ଘଟିଛି। ବିଶେଷକରି କୋଟାକ ମହିନ୍ଦ୍ରା ବ୍ୟାଙ୍କ ସର୍ବାଧିକ ଲାଭବାନ୍ ହୋଇଥିବା ବେଳେ ଏଚ୍‌ୟୁଏଲ୍, ଡକ୍ଟର ରେଡ୍ଡୀ ଲାବ୍, ଟିସିଏସ୍, ଏୟାରଟେଲ, ଏଚ୍‌ଡିଏଫ୍‌ସି (ବ) ଏଚ୍‌ଡିଏଫସି (ଏଚ୍), ପାୱାର ଗ୍ରୀଡ୍ ସମେତ ସନ୍ ଫାର୍ମା ଏବଂ ଇନ୍‌ଫୋସିସ୍ ଓ ଏଲ୍‌ଆଣ୍ଡଟି ଭଳି ନିବେଶକଙ୍କ କ୍ଷେତ୍ରରେ ଉନ୍ନତି ପରିଲକ୍ଷିତ ହୋଇଛି। ଅପରପକ୍ଷରେ ଦଲାଲ ଷ୍ଟ୍ରିଟ୍‌ର ନିବେଶକମାନେ ଆଶା ଓ ଆଶଙ୍କା ମଧ୍ୟରେ ରହୁଛନ୍ତି। କାରଣ ଷ୍ଟକ୍ ବଜାରର କାରବାର ତଳ ଉପର ସାଙ୍ଗକୁ ଫଳାଫଳ ମଧ୍ୟ ଆଶାନୁରୂପ ହେଉ ନ ଥିବା ଜଣାପଡ଼ିଛି।

ଉଲ୍ଲେଖଯୋଗ୍ୟ, ଅନ୍ତଃରାଷ୍ଟ୍ରୀୟ ସମସ୍ୟା ଏବଂ ଭାରତୀୟ ମୁଦ୍ରାର ଅବମୂଲ୍ୟାୟନ ଓ ମାନ୍ଦାବସ୍ଥା ଯୋଗୁ ଦଲାଲ ଷ୍ଟ୍ରିଟ୍‌ର କାରବାର କ୍ରମାଗତ ଭାବେ ହ୍ରାସ ପାଉଛି।

# ଏସ୍‌ବିଆଇର ଋଣ ସୁଧ ହାର ବୃଦ୍ଧି

**ନୂଆଦିଲ୍ଲୀ,୧୬।୧୧**

ଭାରତୀୟ ଷ୍ଟେଟ ବ୍ୟାଙ୍କ (ଏସ୍‌ବିଆଇ) ପକ୍ଷରୁ ଋଣ ସୁଧ ହାର ବୃଦ୍ଧି କରାଯାଇଛି। ଏପରିକି ବ୍ୟାଙ୍କ ୧୦ ରୁ ୧୫ ବେସିସ୍ ପଏଣ୍ଟ ପର୍ଯ୍ୟନ୍ତ ଋଣ ସୁଧ ହାର ବୃଦ୍ଧି କରିଛି। ଫଳରେ ଏସ୍‌ବିଆଇରୁ ଋଣ କରିବାକୁ ହେଲେ ଗ୍ରାହକଙ୍କୁ ଅଧିକ ପରିମାଣରେ ସୁଧ ଗଣିବାକୁ ହେବ। ଏହାଦ୍ୱାରା ଋଣଗ୍ରହୀତାମାନେ ମାସିକ କିସ୍ତି ବାବଦରେ ଅଧିକ ଅର୍ଥ ପଇଠ କରିବାକୁ ହେବ। ଏପରିକି ବର୍ଦ୍ଧିତ ସୁଧ ହାରକୁ ବ୍ୟାଙ୍କ ନିକଟରେ କାର୍ଯ୍ୟକାରୀ କରିଛି। ଉଲେଖଯୋଗ୍ୟ, ପୂର୍ବରୁ ବ୍ୟାଙ୍କ ସେପ୍ଟେମ୍ବର ୧୫ରେ ମଧ୍ୟ ତା’ର ଏମ୍‌ସିଏଲ୍‌ଆର୍‌ରେ ୦.୨୫% ବୃଦ୍ଧି କରିଥିଲା।

# ଚକଡ଼ା ଏକ୍ସପ୍ରେସ୍


ଅନୁଷ୍କା

କ୍ରିକେଟ ଖେଳାଳିଙ୍କ ଜୀବନୀକୁ ନେଇ ହିନ୍ଦୀ ସିନେମା ନିର୍ମିତ ହେବା ନୂଆ କଥା ନୁହେଁ। ପୂର୍ବରୁ କପିଳ ଦେବ, ସଚିନ ତେନ୍ଦୁଲକର, ଏମ.ଏସ. ଧୋନିଙ୍କ ଜୀବନୀକୁ ନେଇ ପ୍ରସ୍ତୁତ ଚଳଚ୍ଚିତ୍ର ମୁକ୍ତିଲାଭ କରିସାରିଛି। ବର୍ତ୍ତମାନ ଅନ୍ୟତମ ଲୋକପ୍ରିୟ ମହିଳା କ୍ରିକେଟ ଖେଳାଳି ଝୁଲଣ ଗୋସ୍ୱାମୀଙ୍କ ଜୀବନୀକୁ ନେଇ ଏକ ହିନ୍ଦୀ ସିନେମା ନିର୍ମିତ ହେଉଛି। ଏହାର ଟାଇଟଲ ରହିଛି 'ଚକଡ଼ା ଏକ୍ସପ୍ରେସ୍', ଯେଉଁଥିରେ ଝୁଲଣ ଭୂମିକାରେ ଅଭିନୟ କରୁଛନ୍ତି ଅନୁଷ୍କା ଶର୍ମା। ନିଜର କ୍ୟାରିୟର ଭିତରେ ସେ ନିଜକୁ ଜଣେ ଦକ୍ଷ ଫାଷ୍ଟ ବୋଲର ଭାବରେ ପରିଚିତ କରାଇପାରିଥିଲେ। ତା'ସହ ଅନ୍ତର୍ଜାତୀୟ କ୍ରିକେଟରେ ଝୁଲଣ ଜଣେ ମହିଳା ପେସ୍ ବୋଲର ଭାବରେ ବିଶ୍ୱରେ ସର୍ବାଧିକ ଉଇକେଟ ନେବାର ଗୌରବ ଅର୍ଜନ କରିଛନ୍ତି। ଏପରି ସୁଯୋଗ ସମ୍ପର୍କରେ ଅନୁଷ୍କା କହନ୍ତି, 'ଏହି ଅଫର ମିଳିବା ପରେ ମୁଁ ଥଣ୍ଡା ମିଜାଜରେ ଚିନ୍ତା କରିଥିଲି। କେବଳ ସେତିକି ନୁହେଁ, ଏ ନେଇ ବିଶଦ ଭାବରେ ବିରାଟଙ୍କ ସହ ଆଲୋଚନା ମଧ୍ୟ କରିଥିଲି। ଶୁଟିଂ ସମୟରେ କ୍ରିକେଟକୁ ନେଇ ଅନେକ ନୂଆ କଥା ଶିଖିଛି। ସତ କଥା କହିବାକୁ ଗଲେ ବାୟୋପିକ୍‌ରେ ଅଭିନୟ କରିବାର ମଜା ନିଆରା।

# କରୀନାଙ୍କ ପ୍ରିୟ ଖାଦ୍ୟ

କରୀନା ନିଜ ଫିଟ୍‌ନେସକୁ ନେଇ ବେଶ୍ ସଚେତନ। ପ୍ରତିଦିନ ଯେତେ ବ୍ୟସ୍ତ ରହିଲେ ମଧ୍ୟ ଏକ୍ସରସାଇଜ ସାଙ୍ଗକୁ ଯୋଗ, ପ୍ରାଣାୟାମ କରିବାକୁ ଆଦୌ ଭୁଲନ୍ତି ନାହିଁ। ହେଲେ ଏକ ପ୍ରକାର ଖାଦ୍ୟ ପ୍ରତି ତାଙ୍କର ଦୁର୍ବଳତା ରହିଛି। ତାହା ହେଲା ଆଳୁ ପରଟା। ଏହି ଖାଦ୍ୟ ଦେଖିବା ମାତ୍ରେ ସେ ନିଜ ଲୋଭ ସମ୍ବରଣ କରିପାରନ୍ତି ନାହିଁ। ଏପରି କି ଶୁଟିଂ ପାଇଁ ଯିବା ସମୟରେ ଘର ପ୍ରସ୍ତୁତ ଖାଦ୍ୟ ସାଙ୍ଗରେ ସେ ଆଳୁ ପରଟା ନେବାକୁ ଭୁଲନ୍ତି ନାହିଁ। ସେ ସବୁବେଳେ ଜିନ୍ସ ଏବଂ ଟି-ଶାର୍ଟ ପିନ୍ଧିବାକୁ ପସନ୍ଦ କରନ୍ତି। ଶପିଂ କରିବାକୁ ଗଲେ ସେ ପ୍ରଥମେ ଏହାକୁ କିଣିବା ପରେ ଆଉ ଯାହା କିଣିଥାଆନ୍ତି। ବଜାରକୁ କୌଣସି ନୂଆ ବ୍ରାଣ୍ଡର ଜିନ୍ସ ଏବଂ ଟି-ଶାର୍ଟ ଆସିବା ମାତ୍ରେ ସେ ବିଳମ୍ବ ନ କରି ତାହାକୁ କଲେକ୍ଶନ କରିଥାଆନ୍ତି। ପିଲାଟି ଦିନରୁ ତାଙ୍କର ଏକ ଅଭ୍ୟାସ ରହିଛି। ଅନେକ ସମୟରେ ସେ ନଖ କାମୁଡି ଥାଆନ୍ତି। ନିଜ ବଲିଉଡ୍ କ୍ୟାରିୟରରେ ସେ ଗୋଟିଏ କଥାକୁ ନେଇ ସବୁବେଳେ ଅବସୋସ କରିଥାଆନ୍ତି। 'କହୋନା ପ୍ୟାର୍ ହୈ', 'କଲ୍ ହୋ ନା ହୋ', ଏବଂ 'କୁଇନ୍' ପରି ହିଟ୍ ସିନେମାରେ ନାୟିକା ସାଜିବାକୁ ତାଙ୍କୁ ଅଫର ଦିଆଯାଇଥିଲା। କିନ୍ତୁ ସେ ଏହି ଅଫରଗୁଡିକୁ ଗ୍ରହଣ କରି ନ ଥିଲେ।


କରୀନା

# କାହାଣୀ ଚିନ୍ତନ


ତାପସୀ

ତାପସୀ ପାନ୍ନୁ ଅଭିନୟରେ କେତେ ଦକ୍ଷ ତାହା କହିବା ଅନାବଶ୍ୟକ। ମାତ୍ର ବର୍ଷ କେଇଟାରେ ସେ ନିଜକୁ ବେଶ୍ ଲୋକପ୍ରିୟ କରାଇପାରିଛନ୍ତି। ହେଲେ ଏବେ ସେ ଏକ ନୂଆ ଦାୟିତ୍ୱ ତୁଲାଉଛନ୍ତି। ତାହା କ'ଣ ଜାଣନ୍ତି ? ଅସଲ କଥା ହେଲା ସେ ଏକ କାହାଣୀ ସନ୍ଧାନରେ ଅଛନ୍ତି। ନିକଟରେ ଜଣେ ନୂଆ ପ୍ରଯୋଜକଙ୍କ ସହ ତାଙ୍କର ଭେଟ ହୋଇଥିଲା। ଏ ନେଇ ତାପସୀ କହନ୍ତି, 'କିଛିଦିନ ପୂର୍ବରୁ ଜଣେ ନୂଆ ପ୍ରଯୋଜକଙ୍କ ସହ ମୋର ଭେଟ ହୋଇଥିଲା। ଆଲୋଚନା ପ୍ରସଙ୍ଗରେ ସେ ମୋତେ ଦର୍ଶକଙ୍କ ମନକୁ ଛୁଇଁଲା ଭଳି କାହାଣୀଟିଏ ଖୋଜିବାକୁ କହିଥିଲେ। ତାଙ୍କ କଥା ରଖିବା ପାଇଁ ମୁଁ ଏବେ କାହାଣୀ ସନ୍ଧାନରେ ରହିଛି। ସମାଜରେ ଘଟୁଥିବା ଘଟଣାକୁ ନେଇ ଏକ କାହାଣୀଟିଏ ପରିକଳ୍ପନା କରିଛି।' ତେବେ କେଉଁଭଳି କାହାଣୀଟିଏ ତାପସୀ ଖୋଜି ପାଉଛନ୍ତି ତାହା ଜାଣିବାକୁ ଆମକୁ ନିଶ୍ଚୟ ଅପେକ୍ଷା କରିବାକୁ ପଡ଼ିବ।

## ଅତୀତରୁ

- ନିତାଇ ପାଲିତଙ୍କ ପ୍ରଯୋଜନାରେ ପ୍ରସ୍ତୁତ ହୋଇଥିଲା ଓଡ଼ିଆ ଚଳଚ୍ଚିତ୍ର 'ଅନୁରାଗ'। ଏହାର ମୁଖ୍ୟ ଭୂମିକାରେ ମାଳବିକା ମହାନ୍ତି, ବୀରେନ୍ ରାଉତରାୟ, ଅରୁଣ ନନ୍ଦ, ବିନି ମିଶ୍ର, ରବି ରଥ, ନରି, ଜୟୀ ପ୍ରମୁଖ କଳାକାର ଅଭିନୟ କରିଥିଲେ।
- ଓଡ଼ିଆ ସିନେମା 'ବାଟ ଅବାଟ'ର ନିର୍ଦ୍ଦେଶନା ଦେଇଥିଲେ ବୃନ୍ଦାବନ ଜେନା। ଅଜିତ ଦାସ, ମହାଶ୍ୱେତା ରାୟ, ଡଲି ଜେନାଙ୍କୁ ଚିତ୍ରର ପ୍ରମୁଖ ଭୂମିକାରେ ଦେଖିବାକୁ ମିଳିଥିଲା।
- ଜୟନ୍ତ କୁମାରଙ୍କ ପ୍ରଯୋଜନାରେ ତଥା ମଳୟ ମିତ୍ରଙ୍କ ନିର୍ଦ୍ଦେଶନରେ ପ୍ରସ୍ତୁତ ହୋଇଥିଲା ଓଡ଼ିଆ ସିନେମା 'ମାନସୀ'। ଏହାର ନାୟକ ଶ୍ରୀରାମ ପଣ୍ଡା ସାଜିଥିଲେ ଏବଂ ତାଙ୍କର ନାୟିକା ଭୂମିକାରେ ଅଭିନୟ କରିଥିଲେ ତ୍ରିପୁରା ମିଶ୍ର।

# ନୀରବତା ଅନ୍ତରାଳେ...


ପରିଣୀତି

ପରିଣୀତି ଚୋପ୍ରାଙ୍କ ନୀରବତାକୁ ନେଇ ଏବେ ବଲିଉଡ୍‌ରେ ଚର୍ଚ୍ଚା। ବର୍ତ୍ତମାନ ଅଧିକାଂଶ ସମୟ ସେ ନୀରବ ରହୁଛନ୍ତି। ଅତି ଆବଶ୍ୟକ ନ ହେଲେ ପ୍ରାୟ ଚୁପ୍ ରହୁଛନ୍ତି। ଏହା ପଛରେ ସେପରି ନିଶ୍ଚୟ କିଛି କାରଣ ଥିବ। ଅସଲ କଥା ହେଲା, ନିଜ କ୍ୟାରିୟରକୁ ନୂଆ ରୂପ ଦେବା ପାଇଁ ପରିଣୀତି ନିକଟରେ ଯୋଜନା ପ୍ରସ୍ତୁତ କରିଛନ୍ତି। ଏଣିକି ସତର୍କତାର ସହ ଆଗକୁ ବଢ଼ିବେ। ଫିଲ୍ମଟିଏ ସାଇନ୍ କରିବା ପୂର୍ବରୁ ତାହାକୁ ଭଲ ଭାବରେ ତର୍ଜମା କରିବା ପରେ ଯାହା ନିଷ୍ପତ୍ତି ନେବେ। ତେବେ ନିଜର ନୀରବତାକୁ ନେଇ ପରିଣୀତି କହନ୍ତି, 'ମୁଁ ଏବେ ଅଧିକାଂଶ ସମୟ ନୀରବ ରହୁଛି। ଏହାପଛରେ ଅବଶ୍ୟ ସେପରି କିଛି କାରଣ ନାହିଁ। ହେଲେ ମୋ ନୀରବତାକୁ ନେଇ ଅନେକ ଆଲୋଚନା ହେଉଛି। ବର୍ତ୍ତମାନ ମୁଁ ଅନାବଶ୍ୟକ କଥାକୁ ନେଇ ଆଦୌ ଆଲୋଚନା କରୁନାହିଁ। ନିଜ କ୍ୟାରିୟରକୁ କିପରି ସୁରୁଖୁରୁରେ ଆଗେଇବି ସେ ନେଇ ଯୋଜନା କରିଛି। ଏଣିକି ଭିନ୍ନ ଭିନ୍ନ ଚରିତ୍ରରେ ଅଭିନୟ କରିବି। ତେଣୁ ଫିଲ୍ମଟିଏ ସାଇନ୍ କରିବା ପୂର୍ବରୁ ମୋତେ ସତର୍କ ହେବାକୁ ପଡ଼ିବ।' ତେବେ ପରିଣୀତିଙ୍କର ଏହି ନୂଆ ଯୋଜନା ତାଙ୍କୁ କେତେ ମାଇଲେଜ ଦେଉଛି ତାହା ଦେଖିବାକୁ ବାକି ରହିଲା।

# ଘାରିଛି ପରିବେଶ ଚିନ୍ତା

ଭିକି କୌଶଳଙ୍କ ମୁଣ୍ଡକୁ ଏକ ନୂଆ ଆଇଡିଆ ଜୁଟିଛି। ତାହା ହେଲା କିପରି ପରିବେଶ ସୁରକ୍ଷା କରାଯାଇପାରିବ। ତାଙ୍କର ଜଣେ ସାଙ୍ଗ ଏ କ୍ଷେତ୍ରରେ କାମ କରୁଛନ୍ତି। ଏକ ଆଲୋଚନା ସମୟରେ ଭିକିଙ୍କ ମନ ପରିବେଶ ସୁରକ୍ଷା ଦିଗକୁ ଢଳିଥିଲା। ଏ ନେଇ ସେ କହନ୍ତି, 'ବର୍ତ୍ତମାନ ସାରା ବିଶ୍ୱରେ ପରିବେଶ ଏକ ପ୍ରମୁଖ ସମସ୍ୟା ହୋଇ ଉଭା ହୋଇଛି। ମୋର ଜଣେ ସାଙ୍ଗ ପରିବେଶ ସୁରକ୍ଷା ପାଇଁ କାମ କରୁଛନ୍ତି। ତାଙ୍କ ସହ ଆଲୋଚନା ସମୟରେ ମୋର ଏଥିପ୍ରତି ଆଗ୍ରହ ପ୍ରକାଶ ପାଇଛି। ମୁଁ ଜାଣିଛି ଏହା ଏକ ସହଜ କାମ ନୁହେଁ। ସେପଟେ ମୋତେ ନିଜ କ୍ୟାରିୟର ପ୍ରତି ମଧ୍ୟ ନଜର ରଖିବାକୁ ପଡ଼ିବ। ତେଣୁ ଦୁଇଟି ଜିନିଷକୁ କିପରି ଠିକ୍ ଭାବରେ ଆଗେଇ ନେଇ ପାରିବି ସେଥିଲାଗି ମୋତେ ପ୍ରଥମେ ମାନସିକ ସ୍ତରରେ ପ୍ରସ୍ତୁତ ହେବାକୁ ପଡ଼ିବ। ତା'ପରେ ଏ କ୍ଷେତ୍ରରେ ଆଗେଇବି। ଏ ନେଇ ମୋ ସାଙ୍ଗ ମଧ୍ୟ ମୋତେ ସହଯୋଗ କରିବାକୁ ଦୃଢ଼ ପ୍ରତିଶ୍ରୁତି ଦେଇଛି।' ଭିକିଙ୍କ ରିଲିଜ ହୋଇଥିବା ଶେଷ ଫିଲ୍ମ ଥିଲା 'ସର୍ଦ୍ଦାର ଉଦ୍ଧାମ'। ଏବେ ତାଙ୍କର ଆଗାମୀ ଫିଲ୍ମଗୁଡିକ ହେଉଛି 'ଗୋବିନ୍ଦା ନାମ୍ ମେରା', 'ଦ ଗ୍ରେଟ୍ ଇଣ୍ଡିଆନ୍ ଫ୍ୟାମିଲି', 'ଦୁନ୍କି', 'ଶ୍ୟାମ ବାହାଦୁର' ଏବଂ ଆଉ ଦୁଇଟି ଟାଇଟଲ ଫାଇନାଲ ହୋଇ ନ ଥିବା ଫିଲ୍ମ।

# ପୃଥ୍ୱୀରାଜ ଯାହା ଚାହୁଁଥିଲେ...



ଅଭିନେତା ପୃଥ୍ୱୀରାଜ ଆଚାର୍ଯ୍ୟଙ୍କ ଖୁସି କହିଲେ ନ ସରେ। କାରଣ ତାଙ୍କୁ ମିଳିଥିବା ମନଲାଖି ଭୂମିକା ଦର୍ଶକଙ୍କୁ ପ୍ରଭାବିତ କରିବାରେ ସକ୍ଷମ ହୋଇଛି। ହଁ, ତାଙ୍କୁ ଏଭଳି ସଫଳତା ମିଳିଛି ଛୋଟ ପରଦାରେ। କଥା କ'ଣ କି ତରଙ୍ଗ ଟିଭି ଏବଂ ତରଙ୍ଗ ପ୍ଲସ୍ ଚାନେଲରେ ପ୍ରସାରିତ ହେଉଛି ମେଗା ଧାରାବାହିକ 'ମାୟାବିନୀ'। ଏଥିରେ ସେ ଭୈରବ ଭୂମିକାରେ ଅଭିନୟ କରୁଛନ୍ତି। ଏ ସମ୍ପର୍କରେ ପୃଥ୍ୱୀରାଜ କହନ୍ତି, 'ଏହି ଭୂମିକାଟି ମୋତେ ବେଶ୍ ମାଇଲେଜ ଦେଇଛି। ଏ ନେଇ ମୁଁ ଏହି ସିରିଏଲ୍‌ର ନିର୍ଦ୍ଦେଶକ ମହେଶ ହାଜରାଙ୍କୁ ଯେତେ ପ୍ରଶଂସା କରିବି ତାହା ସେତେ କମ୍ ହେବ।' ପ୍ରଥମେ ଥିଏଟର ନାଟକ ପରେ ଫିଲ୍ମ ତା' ପରେ ଧାରାବାହିକ ସୁହାଗ ସିନ୍ଦୂର (ଷ୍ଟାର କିରଣ)ରେ ଖଳନାୟକ ଭାବରେ ଅବତୀର୍ଣ୍ଣ ହୋଇସାରିଛନ୍ତି ସେ। 'ମାୟାବିନୀ' ଧାରାବାହିକଟି ନାଗ-ନାଗୁଣୀ କାହାଣୀ ଉପରେ ଆଧାରିତ। ଏହି ଧାରାବାହିକଟି ତରଙ୍ଗ ଟିଭି ଏବଂ ତରଙ୍ଗ ପ୍ଲସ୍ ଆପ୍‌ରେ ସନ୍ଧ୍ୟା ୬.୩୦ ସମୟରେ ପ୍ରସାରିତ ହେଉଛି।

## ଅପେରା ହାଲ୍‌ଚାଲ୍

# ଟ୍ରାଜେଡି କୁଇନ୍

ଇମୋଶନାଲ ଭୂମିକାକୁ କିପରି ତୁଲାଇବାକୁ ହୁଏ ତାହାର କାଇଦା ତାଙ୍କୁ ଭଲ ଭାବରେ ମାଲୁମ୍। ଏଭଳି ରୋଲ୍ ତାଙ୍କୁ ଆଜି ଜଲିଉଡ୍‌ରେ 'ଟ୍ରାଜେଡି କୁଇନ୍' ଭାବରେ ପରିଚିତ କରାଇପାରିଛି। ୧୯ବର୍ଷର ଅପେରା କ୍ୟାରିୟରରେ ସେ ପାଲଟି ଯାଇଛନ୍ତି ଅନ୍ୟତମ ଲୋକପ୍ରିୟ ଅଭିନେତ୍ରୀ। ସେ ହେଲେ କାବେରୀ ପାଢ଼ୀ। ଗଙ୍ଗୋତ୍ରୀ, ତାରିଣୀ, ଗୌରୀ, ଶିବାନୀ ଏବଂ କଳିଙ୍ଗ ଗଣନାଟ୍ୟ ପରେ ବର୍ତ୍ତମାନ ଅପେରା ସ୍ୱର୍ଣ୍ଣମହଲରେ ନିଜ ଅଭିନୟ କ୍ୟାରିୟର ଜାରି ରଖିଛନ୍ତି । କାବେରୀଙ୍କର ଯାତ୍ରା ଜଗତରେ ଏଣ୍ଟ୍ରି ହୁଏ ଗଙ୍ଗୋତ୍ରୀ ଗଣନାଟ୍ୟ (୨୦୦୩)ରୁ। 'ବାହା ହେବିନି ମୁଁ ଆଉ କାହାକୁ' ଥିଲା ତାଙ୍କ ଅଭିନୀତ ପ୍ରଥମ ନାଟକ। ହେଲେ ଶିବାନୀ ଗଣନାଟ୍ୟର ଅନନ୍ତ ଓଝାଙ୍କ ରଚିତ ଏବଂ ବିନୋଦ ରାଉତଙ୍କ ନିର୍ଦ୍ଦେଶିତ ସୁପରହିଟ୍ ନାଟକ 'ସୁନା ଝିଅ ଶିବାନୀ' ତାଙ୍କୁ ରାତାରାତି ନାୟିକା ଦୌଡ଼ରେ ସାମିଲ କରିଦେଇଥିଲା। ଆଉ ତା'ପରେ କାବେରୀ ପଛକୁ ଫେରି ଚାହିଁ ନାହାନ୍ତି। ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ଅନ୍ତର୍ଗତ ବ୍ରାହ୍ମଣ ଗାଁରେ ଜନ୍ମିତା କାବେରୀଙ୍କ ଅଭିନୀତ ପ୍ରମୁଖ ତଥା ଦର୍ଶକାଦୃତ ନାଟକଗୁଡିକ ମଧ୍ୟରେ ରହିଛି ହାଟ ବସେଇଛି ହାଟ ନଗରୀ, ସିନ୍ଦୂର ହାଟରେ ନାହିଁ ସିନ୍ଦୂର, ଆହ୍ଲାର ସେ ଗେହ୍ଲା ପୁଅ, ଅଧା ବାଟରେ ଅନ୍ଧାର ହେଲା, ଅସତୀ ତୁଳସୀ ସତୀ ଚଉରା, ହାଟରୁ କିଣିଛି ବାଟର ସାଥୀ, ରଙ୍ଗବତୀ ରୁଷିଛି, ଥ୍ୟାଙ୍କ ୟୁ ଡାଡି ଏବଂ ଗୀତାକୁ ଛୁଇଁଲେ ପାପ ଆଦି ଅନେକ ନାଟକ। ନିଜର ଏହି ସଫଳତାର ଶ୍ରେୟ ସେ ସ୍ୱାମୀ ତଥା ସ୍ୱର୍ଣ୍ଣମହଲର ମୁଖ୍ୟ ପରିଚାଳକ ସୁଶାନ୍ତ ବାବୁ (ସୁଶାନ୍ତ ସାହୁ)ଙ୍କୁ ଦିଅନ୍ତି।


କାବେରୀ


'ଦିଲ୍ ମୋର ମାନେନା' ଫିଲ୍ମରେ ସ୍ୱରାଜ-ଶିବାନୀ

# ଜୀ ସାର୍ଥକରେ 'ଦିଲ୍ ମୋର ମାନେନା'

ଚଳିତ ବର୍ଷ ମୁକ୍ତିଲାଭ କରି ହିଟ୍ ସାବ୍ୟସ୍ତ ହୋଇଥିବା ଓଡିଆ ଚଳଚ୍ଚିତ୍ର 'ଦିଲ୍ ମୋର ମାନେନା' ଚଳିତ ମାସ ୨୦ ତାରିଖ ଅର୍ଥାତ୍ ରବିବାର ଦିନ ସନ୍ଧ୍ୟା ୬.୩୦ରେ ପ୍ରସାରିତ ହେବାକୁ ଯାଉଛି। ଏହି ଫିଲ୍ମଟିର ନିର୍ଦ୍ଦେଶନା ଦେଇଛନ୍ତି ହିମାଂଶୁ ପରିଜା (ଚଣ୍ଡୀ)। ଏହାର ଲିଡ୍ ରୋଲ୍‌ରେ ଅଭିନୟ କରିଛନ୍ତି ୟଙ୍ଗ ସେନସେସନ ଯୋଡି ସ୍ୱରାଜ-ଶିବାନୀ। ବସନ୍ତରାଜ ସାମଲଙ୍କ ରଚିତ ଗୀତଗୁଡିକୁ ସ୍ୱରରେ ସଜାଇଛନ୍ତି ଓଲିଉଡ୍‌ର ଆଗଧାଡିର ସ୍ୱର ସଂଯୋଜକ ପ୍ରେମାନନ୍ଦ। କୋରିଓଗ୍ରାଫି ଦାୟିତ୍ୱ ତୁଲାଇନ୍ତି ମାଷ୍ଟର ମୁରଲୀ। ଏକ ବଳିଷ୍ଠ ପ୍ରେମ କାହାଣୀ ଉପରେ ଫିଲ୍ମଟି ଆଧାରିତ। ଅନେକ ବାଧା ବିଘ୍ନ ସତ୍ତ୍ୱେ ପ୍ରେମ କିପରି ଭାବରେ ସମସ୍ତଙ୍କର ହୃଦୟ ଜିତିଛି ତାହା ହିଁ ଏହି ଚଳଚ୍ଚିତ୍ରରେ ଦେଖିବାକୁ ମିଳିବ। ଏହି ଫିଲ୍ମରେ ଲଭ୍, ଇମୋଶନ, ଫ୍ୟାମିଲି ଡ୍ରାମା ଭରିରହିଛି ଯାହା ଦର୍ଶକଙ୍କୁ ଶତ ପ୍ରତିଶତ ମନୋରଞ୍ଜନ ଯୋଗାଇବ ବୋଲି କହନ୍ତି ଏହାର ନିର୍ଦ୍ଦେଶକ ହିମାଂଶୁ। 'ଲୋକପ୍ରିୟ ଚ୍ୟାନେଲ ଜୀ ସାର୍ଥକରେ ଏହି ଫିଲ୍ମଟିର ୱାର୍ଲ୍ଡ ଟିଭି ପ୍ରିମିୟର ମଧ୍ୟ ଦର୍ଶକାଦୃତ ହେବ ବୋଲି ଆଶା ରଖିଛନ୍ତି ଉକ୍ତ ଚ୍ୟାନେଲର ବ୍ୟବସାୟିକ ମୁଖ୍ୟ ପ୍ରତୀକ ସିଲ୍ ।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୮ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ଗୁରୁବାର, ନଭେମ୍ବର ୧୭/୨୦୨୨ Bhubaneswar, Thursday, November 17/ 2022

# ‘ପୁଅଙ୍କ ସହ ମ୍ୟାଚ ମୋଡ଼ ବଦଳାଇଥିଲା’

ଭୁବନେଶ୍ୱର, ୧୬।୧୧
(ତପନ ସ୍ୱାଇଁ)

ଭାରତରେ ଏବେ ମହିଳା କ୍ରିକେଟ ଉତ୍ଥାନ ପଥରେ ରହିଛି। ଭାରତୀୟ ଦଳ ବିଶ୍ୱର ଯେ କୌଣସି ଦଳକୁ ଚ୍ୟାଲେଞ୍ଜ ଦେବାକୁ ସକ୍ଷମ। ଘରୋଇ କ୍ରିକେଟରେ ଚାଲେଞ୍ଜର ଟ୍ରଫି ଏବଂ ଫ୍ରାଞ୍ଚାଇଜ୍‌ଭିତ୍ତିକ ମହିଳା ଆଇପିଏଲ୍ ଦେଶର ଖେଳାଳିଙ୍କ ପ୍ରଦର୍ଶନରେ ବିଶେଷ ଉନ୍ନତି ଆଣି ପାରିଛି। ଅଧିକରୁ ଅଧିକ ଖେଳାଳି ଉଚ୍ଚସ୍ତରରେ ଖେଳିବା ସୁଯୋଗ ମଧ୍ୟ ପାଉଛନ୍ତି। ଗତ କିଛି ବର୍ଷ ମଧ୍ୟରେ ଓଡ଼ିଶାରେ ମଧ୍ୟ ମହିଳା କ୍ରିକେଟ ଆଶାନୁରୂପ ଆଗକୁ ବଢ଼ୁଛି। ଓଡ଼ିଶା କ୍ରିକେଟ ଆସୋସିଏଶନ (ଓସିଏ)ର ବିଭିନ୍ନ ପଦକ୍ଷେପ ଏବଂ କେତେକ କୋଚ୍‌ଙ୍କ ବ୍ୟକ୍ତିଗତ ଉଦ୍ୟମରେ ଓଡ଼ିଶା ଖେଳାଳିମାନେ ପ୍ରଭାବୀ ପ୍ରଦର୍ଶନ କରିବାରେ ସକ୍ଷମ ହେଉଛନ୍ତି। ଅଫ୍‌ସ୍ପିନ୍ ଯାଦୁ ମାଧ୍ୟମରେ କ୍ରମାଗତ ସ୍ଥିର ପ୍ରଦର୍ଶନ ଦେଇ ଚାଲିଥିବା ଏପରି ଜଣେ ଖେଳାଳି ହେଲେ ପ୍ରିୟଙ୍କା ପ୍ରିୟଦର୍ଶିନୀ। ସେ ନିକଟରେ ଲକ୍ଷ୍ନୌରେ ଜୋନ୍ ଟୁର୍ନାମେଣ୍ଟରେ ଖେଳିବା ପରେ ଏବେ ଦ୍ୱିତୀୟ ଥର ପାଇଁ ଚ୍ୟାଲେଞ୍ଜର ଟ୍ରଫିରେ ସୁଯୋଗ ପାଇଛନ୍ତି। ରାୟପୁରଠାରେ ଚଳିତ ମାସ ୨୦ରୁ ଆରମ୍ଭ ହେବାକୁ ଥିବା ଚ୍ୟାଲେଞ୍ଜର ଟ୍ରଫିରେ ସେ ସ୍ନେହ ରାଣାଙ୍କ ନେତୃତ୍ୱାଧୀନ ଭାରତ ‘ଡି’ ପକ୍ଷରୁ ଖେଳିବାକୁ ମନୋନୀତ ହୋଇଛନ୍ତି। ନୟାପଲ୍ଲୀ ଇନ୍ଦିରା ମଇଦାନସ୍ଥିତ ଜାଗୃତି କ୍ରିକେଟ ଏକାଡେମୀ (ଏସ୍‌ଜିଓ କ୍ଲବ)ରେ ରାଜ୍ୟର ପ୍ରତିଷ୍ଠିତ କୋଚ୍ କ୍ଷୀରୋଦ ବେହେରାଙ୍କଠାରୁ ପ୍ରଶିକ୍ଷଣ ନେଇ ଆଗକୁ ଯିବାର ସ୍ୱପ୍ନ ଜାରି ରଖିଛନ୍ତି ପ୍ରିୟଙ୍କା। କ୍ରିକେଟ ଜୀବନ ଆରମ୍ଭରେ ପୁଅପିଲାଙ୍କ ସହ ଏକ ମ୍ୟାଚ କିପରି ତାଙ୍କ କ୍ୟାରିୟରର ମୋଡ଼ ପରିବର୍ତ୍ତନ କରିଥିଲା ସେ ସମ୍ପର୍କରେ ପ୍ରକାଶ କରିଛନ୍ତି ଏହି ତାରକା ଖେଳାଳି।



ପ୍ରିୟଙ୍କା ପ୍ରିୟଦର୍ଶିନୀ

**● ପରିବାର ସମ୍ପର୍କରେ କିଛି କୁହନ୍ତୁ ?**

▶▶ ବାପା କିଶୋର ଚନ୍ଦ୍ର ସାହୁ, ମା’ ଗୌରୀ ସାହୁ। ୪ ଭଉଣୀରେ ମୁଁ ସବୁଠୁ ସାନ। ରଶ୍ମିତା ସାହୁ, ଗୀତାଞ୍ଜଳି ସାହୁ ଓ ରୀତାରାଣୀ ସାହୁ ଅନ୍ୟ ୩ ଭଉଣୀ। ଗଞ୍ଜାମ ହିଞ୍ଜିଳିକାଟୁର ରାଜାସାହିରେ ଆମର ପୈତୃକ ଗୃହ ଅଛି। ଏବେ କିନ୍ତୁ ଆମେ ଭୁବନେଶ୍ୱର ନୟାପଲ୍ଲୀରେ ରହୁଛୁ।

**● କ୍ୟାରିୟର ଆରମ୍ଭ କେମିତି ଥିଲା ?**

▶▶ ଛୋଟବେଳରୁ କ୍ରିକେଟ ପ୍ରତି ଦୁର୍ବଳତା ଥିଲା। ପିଲାଦିନରୁ ସାହିରେ ପୁଅପିଲାଙ୍କ ସହ କ୍ରିକେଟ ଖେଳୁଥିଲି। ଝିଅଙ୍କ ପାଇଁ ସ୍ୱତନ୍ତ୍ର କ୍ରିକେଟ ଅଛି ବୋଲି ସେତେବେଳେ ଜ୍ଞାନ ନ ଥିଲା। କଳିଙ୍ଗ ଷ୍ଟାଡିୟମରେ ଝିଅମାନେ ଖେଳୁଛନ୍ତି ଜାଣିବା ପରେ ସେଠାରେ ବିଧିବଦ୍ଧ ଖେଳିବା ଆରମ୍ଭ କରିଥିଲି।

**● ଜାଗୃତି କ୍ରିକେଟ ଏକାଡେମୀକୁ କିପରି ଆସିଲେ ?**

▶▶ ୨୦୦୫-୦୬ରେ ମୁଁ ଏକ ମ୍ୟାଚ ଖେଳୁଥିବାବେଳେ କୋଚ୍ କ୍ଷୀରୋଦ ବେହେରାଙ୍କ ନଜରକୁ ଆସିଥିଲି। ସେ ମୋ ଖେଳରେ ପ୍ରଭାବିତ ହୋଇଥିଲେ। ମୋ ସହ କଥା ହେବା ପରେ କୋଚିଂ ଦେବାକୁ ନିଷ୍ପତ୍ତି ନେଇଥିଲେ। ସେତେବେଳେ ସେ ଓୟୁଏଟିରେ ଖେଳ ଶିଖାଉଥିଲେ। ସେଠାରୁ ମୁଁ ତାଙ୍କ ନିକଟରୁ କୋଚିଂ ନେବା ଆରମ୍ଭ କରିଥିଲି। ତା’ପରେ ଜାଗୃତି କ୍ରିକେଟ ଏକାଡେମୀରେ ପ୍ରଶିକ୍ଷଣ ନେଲି।

**● କ୍ୟାରିୟର ଆରମ୍ଭ ସମୟର କିଛି ସ୍ମରଣୀୟ ସ୍ମୃତି ଅଛି ?**

▶▶ ୨୦୦୭ରେ ଓୟୁଏଟି ଗ୍ରାଉଣ୍ଡରେ ରାଇଜିଂ ଷ୍ଟୁଡେଣ୍ଟ ସହିତ ଜାଗୃତି କ୍ରିକେଟ ଏକାଡେମୀର ଏକ ମ୍ୟାଚ ଥିଲା। ଏହା ପୁଅଙ୍କ ମ୍ୟାଚ ଥିଲେ ହେଁ କ୍ଷୀରୋଦ ସାର୍‌ଙ୍କ ଉଦ୍ୟମରେ ମୁଁ ଜାଗୃତି ପକ୍ଷରୁ ଖେଳିବା ସୁଯୋଗ ପାଇଥିଲି ଏବଂ ୬ ଉଇକେଟ ନେଇଥିଲି। ସେଠାରୁ ହିଁ ମୋର ପ୍ରକୃତ କ୍ରିକେଟ ଯାତ୍ରା ଆରମ୍ଭ ହୋଇଥିଲା। ଖେଳ ଦେଖିବା ପାଇଁ ଆସିଥିବା ଓଡ଼ିଶାର ନାମୀ କ୍ରିକେଟରମାନେ ମଧ୍ୟ ମୋ ଖେଳ ଦେଖି ଖୁସି ହୋଇଥିଲେ ଏବଂ ପ୍ରଶଂସା ମଧ୍ୟ କରିଥିଲେ। ଏହା ହିଁ ମୋ କ୍ୟାରିୟରର ମୋଡ଼ ପରିବର୍ତ୍ତନ କରିଥିଲା। ମୁଁ ୧୯ ବର୍ଷରୁ କମ୍ ଏବଂ ଓଡ଼ିଶା ସିନିୟର ଦଳ ପାଇଁ ମନୋନୀତ ହୋଇଥିଲି।

**● ସିନିୟର ସ୍ତରରେ ଓଡ଼ିଶାରୁ କେବେ ଖେଳିବା ଆରମ୍ଭ ହେଲା ?**

▶▶ ଓଡ଼ିଶା ପକ୍ଷରୁ ମୁଁ ୨୦୦୭ରେ ଖେଳିବା ଆରମ୍ଭ କଲି। ପ୍ରଥମବର୍ଷ ମ୍ୟାଚ ପାଇ ନ ଥିଲି। ୨୦୦୮ରେ କିଛି ମ୍ୟାଚ ଖେଳିଥିଲି। ତେବେ ୨୦୦୯ରେ ହିଁ ମୁଁ ଶ୍ରେଷ୍ଠ ପ୍ରଦର୍ଶନ କରି ସମସ୍ତଙ୍କୁ ପ୍ରଭାବିତ କରିଥିଲି ଏବଂ ରାଜ୍ୟ ପକ୍ଷରୁ ସର୍ବାଧିକ ଉଇକେଟ ହାସଲକାରୀ ହୋଇଥିଲି। ୫୨ଟି ଉଇକେଟ ନେଇଥିବାରୁ ଭାରତୀୟ ୧୯ ବର୍ଷରୁ କମ୍ କ୍ୟାମ୍ପ ପାଇଁ ଡାକରା ଆସିଥିଲା। ୨୦୦୯ରେ ଧର୍ମଶାଳାରେ ମୁଁ ୧୯ ବର୍ଷରୁ କମ୍ ଭାରତୀୟ କ୍ୟାମ୍ପରେ ଯୋଗ ଦେଇଥିଲି। ଇତିମଧ୍ୟରେ ମୁଁ ଓଡ଼ିଶା ପକ୍ଷରୁ ୧୦୦ରୁ ଊର୍ଦ୍ଧ୍ୱ ମ୍ୟାଚ ଖେଳି ସାରିଲିଣି।

**● ସ୍ମରଣୀୟ ମ୍ୟାଚ ?**

▶▶ ମୁଁ ୨୦୧୦ ଓ ୨୦୧୧ରେ ୨ ବର୍ଷ ଓଡ଼ିଶା ଦଳର ଅଧିନାୟିକା ଥିଲି। ମୋ ନେତୃତ୍ୱରେ ଦଳ ଦିନିକିଆ ଓ ଟି୨୦ ଖେଳିଥିଲା। ଇଷ୍ଟଜୋନ୍‌ରେ ଝାଡ଼ଖଣ୍ଡ ଓ ପଶ୍ଚିମବଙ୍ଗ ଶକ୍ତିଶାଳୀ ଦଳ ବୋଲି ସମସ୍ତେ ଜାଣନ୍ତି। ମୋ ନେତୃତ୍ୱରେ ଆମେ ପ୍ରଥମ ଥର ପାଇଁ ଏକ ମ୍ୟାଚରେ ଝାଡ଼ଖଣ୍ଡକୁ ପରାସ୍ତ କରିଥିଲୁ। ଏହା ମୋ ପାଇଁ ସବୁଠାରୁ ସ୍ମରଣୀୟ ମ୍ୟାଚ। ଏକଦା ହାରିବା ସ୍ଥିତିରେ ଥିଲେ ମଧ୍ୟ ଆମେ ସେ ମ୍ୟାଚ ଛଡ଼ାଇ ଆଣିଥିଲୁ।

**● ପୂର୍ବ ଚ୍ୟାଲେଞ୍ଜର ଟ୍ରଫି ଏବଂ ମହିଳା ଆଇପିଏଲ୍‌ର ସ୍ମୃତି କିପରି ରହିଛି ?**

▶▶ ମୁଁ ପୂର୍ବରୁ ୨୦୧୮ ଚ୍ୟାଲେଞ୍ଜର ଟ୍ରଫିରେ ୨ଟି ମ୍ୟାଚ ଖେଳିଥିଲି। ଉଇକେଟ ବିଶେଷ ମିଳି ନ ଥିଲେ ହେଁ ଇକୋନୋମି ଦୃଷ୍ଟିରୁ ବୋଲିଂ ଭଲ ରହିଥିଲା। ୨୦୨୨ ମହିଳା ଆଇପିଏଲ୍‌ରେ ଟ୍ରେଲବ୍ଲେଜର୍ସ ପାଇଁ ମନୋନୀତ ହୋଇଥିଲି। ମ୍ୟାଚ ଖେଳିବା ସୁଯୋଗ ପାଇ ନ ଥିଲେ ମଧ୍ୟ ଅନେକ କିଛି ଶିଖିବାକୁ ମିଳିଥିଲା। ସ୍ମୃତି ମନ୍ଧାନାଙ୍କ ନେତୃତ୍ୱରେ ଆମ ଦଳରେ ବିଦେଶୀ ଖେଳାଳି ଭାବେ ଇଂଲଣ୍ଡର ସେଫିଆ ଡଙ୍କଲେ, ୱେଷ୍ଟଇଣ୍ଡିଜର ହିଲି ମାଥ୍ୟୁସ, ବାଂଲାଦେଶର ସଲ୍‌ମା ଖାତୁନ ଓ ସରମିନ ଅଖତର ସାମିଲ ଥିଲେ। ବିଭିନ୍ନ ପରିସ୍ଥିତିରେ ସେମାନେ କିପରି ଶାରୀରିକ ଓ ମାନସିକ ଭାବେ ନିଜକୁ ପ୍ରସ୍ତୁତ ରଖୁଛନ୍ତି, ଟି୨୦ କ୍ରିକେଟ କେତେ ଫାଷ୍ଟ ହେଲାଣି ଏବଂ ସେଥିପାଇଁ କିପରି ପ୍ରସ୍ତୁତ ରହିବାକୁ ପଡ଼ିବ ସେ ସମ୍ପର୍କରେ ଅନେକ କିଛି ଶିଖିବାକୁ ମିଳିଥିଲା। ଏହା ମୋତେ କ୍ୟାରିୟରରେ ବହୁତ ସାହାଯ୍ୟ କରୁଛି।

**● ଆଗାମୀ ଚ୍ୟାଲେଞ୍ଜର ଟ୍ରଫିକୁ କିପରି ଦେଖୁଛନ୍ତି ?**

▶▶ ଆଗାମୀ ଚ୍ୟାଲେଞ୍ଜର ଟ୍ରଫିରେ ସ୍ନେହ ରାଣା ଭାରତ ‘ଡି’ ଦଳର ଅଧିନାୟିକା ଅଛନ୍ତି। ସେ ମଧ୍ୟ ଜଣେ ଅଫ୍‌ସ୍ପିନର। ମୋତେ ନିଶ୍ଚିତ ମ୍ୟାଚ ମିଳିବ ବୋଲି ମୋର ଆଶା ରହିଛି। ଘରୋଇ କ୍ରିକେଟ ଏବଂ ଜୋନ୍‌ରେ ଭଲ ପ୍ରଦର୍ଶନ କରିଥିବାରୁ ଚ୍ୟାଲେଞ୍ଜରରେ ମଧ୍ୟ ଭଲ ଖେଳିବାନେଇ ଆଶା ରଖିଛି। ମ୍ୟାଚ ମିଳିଲେ ଶ୍ରେଷ୍ଠ ପ୍ରଦର୍ଶନ ଦେବାକୁ ନିଶ୍ଚିତ ଚେଷ୍ଟା କରିବି। କଠିନ ପରିଶ୍ରମ ଜାରି ରଖିଥିବାରୁ କୋଚ୍‌ଙ୍କ ସହ ସମସ୍ତଙ୍କ ବିଶ୍ୱାସ ଓ ଆଶୀର୍ବାଦକୁ ପାଥେୟ କରି ମୁଁ ଭଲ ଖେଳିବା ନେଇ ବେଶ୍ ଆଶାବାଦୀ ଅଛି।

**● ଭବିଷ୍ୟତର ଲକ୍ଷ୍ୟ କ’ଣ ଅଛି ?**

▶▶ ପ୍ରତି ଖେଳାଳି ପ୍ରଥମେ ଅନୁଷ୍ଠାନ, ପରେ ଜିଲା, ରାଜ୍ୟ, ଜୋନ୍ ଏବଂ ଜାତୀୟ ଦଳ ପକ୍ଷରୁ ଖେଳିବା ଇଚ୍ଛା ରଖିଥାଏ। ମୁଁ ଭାରତ ‘ଏ’ ପକ୍ଷରୁ ଖେଳି ସାରିଥିବାରୁ ସ୍ୱାଭାବିକ ଭାବେ ଜାତୀୟ ଦଳରୁ ଖେଳିବା ସ୍ୱପ୍ନ ରହିଛି। ଟ୍ରେନିଂ ସମୟରେ କୋଚ୍‌ଙ୍କ ସମେତ ଜାଗୃତି ଏକାଡେମୀର ଖେଳାଳିମାନେ ବହୁତ ସାହାଯ୍ୟ କରୁଛନ୍ତି। ପରିଶ୍ରମ ଜାରି ରଖିଥିବାରୁ ମୁଁ ଜାତୀୟ ଦଳ ପକ୍ଷରୁ ଦିନେ ଡାକରା ପାଇବି ବୋଲି ଆଶା ରଖିଛି।

**● ଆଦର୍ଶ ଖେଳାଳି କିଏ ?**

▶▶ ଟିମ୍ ଇଣ୍ଡିଆର ପୂର୍ବତନ ଅଧିନାୟକ ରାହୁଲ ଦ୍ରାବିଡଙ୍କ ଖେଳ ମୋତେ ବହୁତ ପସନ୍ଦ। ସେ କଷ୍ଟସାଧ୍ୟ ପରିସ୍ଥିତିରେ ମଧ୍ୟ ଶାନ୍ତ ସ୍ୱଭାବରେ ଥାଆନ୍ତି। ଏହା ବ୍ୟତୀତ ମହେନ୍ଦ୍ର ସିଂ ଧୋନୀଙ୍କ ଖେଳ ଏବଂ ତାଙ୍କ ଅଧିନାୟକ ଦକ୍ଷତାରୁ ମୁଁ ବହୁତ ପ୍ରେରଣା ପାଇଛି। ଗେମ୍‌କୁ ସେ ଯେପରି ଚଳାନ୍ତି ଓ ଫିନିଶ୍ କରନ୍ତି ସେଥିରେ ମୁଁ ବିଶେଷ ପ୍ରଭାବିତ। ଅଫ୍‌ସ୍ପିନର ଭାବେ ମୁଁ ହରଭଜନ ସିଂ ଏବଂ ରବିଚନ୍ଦ୍ରନ ଅଶ୍ୱିନଙ୍କୁ ଅନୁସରଣ କରିଥାଏ।

**● ସଫଳତାର ଶ୍ରେୟ କାହାକୁ ଦେବାକୁ ଚାହିଁବେ ?**

▶▶ ମା’ ବାପାଙ୍କ ଆଶୀର୍ବାଦ ଯୋଗୁ ମୁଁ ଆଜି ଏତେବାଟ ଆସିଛି। ତାଙ୍କ ସହ କୋଚ୍ କ୍ଷୀରୋଦ ସାର୍‌ଙ୍କୁ ମୁଁ ନିଶ୍ଚିତ ଶ୍ରେୟ ଦେବାକୁ ଚାହିଁବି। ତୃଣମୂଳ ସ୍ତରରୁ ପିଲାଙ୍କୁ ବାହାର କରିବା ସହଜ କଥା ନୁହେଁ। ଏଥିପାଇଁ ତାଙ୍କର ଉଦ୍ୟମକୁ ଯେତେ ପ୍ରଶଂସା କଲେ କମ୍ ହେବ। ପଡ଼ିଆରେ ପିଲାମାନେ କେବେ କେବେ ଅନୁପସ୍ଥିତ ରହିଥାନ୍ତି, ମାତ୍ର ସେ ବର୍ଷକ ୧୨ ମାସ କେବେହେଲେ ଗ୍ରାଉଣ୍ଡରେ ଅନୁପସ୍ଥିତ ନ ଥାନ୍ତି। ଏଥିରୁ ଅନେକ କିଛି ଶିଖିବାକୁ ମଧ୍ୟ ମିଳିଥାଏ।

**● ଓଡ଼ିଶାରେ ମହିଳା କ୍ରିକେଟର ସ୍ଥିତି କିପରି ଅଛି ?**

▶▶ ଗତ ୪-୫ ବର୍ଷ ଧରି ଓଡ଼ିଶା ମହିଳା ଦଳର ପ୍ରଦର୍ଶନ ବହୁତ ଭଲ ରହୁଛି। ଅନେକ ସମୟରେ ଆମେ ନକ୍‌ଆଉଟକୁ ଯାଉଛୁ। କେତେବେଳେ ରେଲୱେ ପରି ଶକ୍ତିଶାଳୀ ଦଳ ବିପକ୍ଷରେ ଆମେ ପଛରେ ପଡ଼ିଯାଉଛୁ, ନ ହେଲେ ପ୍ରାୟ ଅନ୍ୟ ସମସ୍ତ ଦଳକୁ ହରାଇ ସାରିଛୁ। ଓଡ଼ିଶା ମହିଳା କ୍ରିକେଟରେ ବ୍ୟାପକ ପରିବର୍ତ୍ତନ ହୋଇଛି। କ୍ରମାଗତ କୌଣସି ଦଳ ନକ୍‌ଆଉଟକୁ ଯିବା ସହଜ ନୁହେଁ। ଓଡ଼ିଶା କ୍ରିକେଟ ଆସୋସିଏଶନ କ୍ରିକେଟର ଉନ୍ନତି ପାଇଁ ଅନେକ ପଦକ୍ଷେପ ନେଉଛି। ଟି୨୦ ଲିଗ୍ ଆରମ୍ଭ ହୋଇଛି। ତା’ଦ୍ୱାରା ବହୁତ ନୂଆପିଲା ସୁଯୋଗ ପାଉଛନ୍ତି। ଏଥିପାଇଁ ଓସିଏକୁ ନିଶ୍ଚିତ ଧନ୍ୟବାଦ ଦେବାକୁ ହେବ।

# ଜଗା ୟୁନାଇଟେଡ୍ କ୍ଲବ ସେମିରେ



କ୍ରୀଡ଼ାମନ୍ତ୍ରୀ ତୁଷାରକାନ୍ତି ବେହେରା ଶ୍ରେଷ୍ଠ ଖେଳାଳିଙ୍କୁ ପୁରସ୍କୃତ କରୁଛନ୍ତି।

## ସର୍ବଭାରତୀୟ ଆମନ୍ତ୍ରଣ ଫୁଟ୍‌ବଲ ଉଦ୍‌ଘାଟିତ

**ଢେଙ୍କାନାଳ ଅଫିସ,୧୬।୧୧:** ଢେଙ୍କାନାଳ କ୍ରୀଡ଼ା ସଂଘ ଆନୁକୂଲ୍ୟରେ ତଥା ରାଜ୍ୟ ସରକାରଙ୍କ କ୍ରୀଡ଼ା ଓ ଯୁବ ସେବା ବିଭାଗ ଏବଂ ସ୍ୱର୍ଗତ ଅଧିକାରୀ ସାମଲ ମେମୋରିଆଲ ଟ୍ରଷ୍ଟର ମିଳିତ ସହଯୋଗରେ ୪ର୍ଥ ସର୍ବଭାରତୀୟ ଆମନ୍ତ୍ରଣ ଫୁଟ୍‌ବଲ ପ୍ରତିଯୋଗିତା ବୁଧବାର ଢେଙ୍କାନାଳରେ ଆରମ୍ଭ ହୋଇଛି। ରାଜ୍ୟ କ୍ରୀଡ଼ା ମନ୍ତ୍ରୀ ତୁଷାରକାନ୍ତି ବେହେରା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହି ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଜିଲା କ୍ରୀଡ଼ା ସଂଘ ସଭାପତି ତଥା ଜିଲାପାଳ ସରୋଜ କୁମାର ସେଠୀ ଓ ଅତିରିକ୍ତ ଜିଲାପାଳ ରମେଶ ଚନ୍ଦ୍ର ସେଠୀ ଯୋଗ ଦେଇଥିଲେ। ଅପରାହ୍ନ ୩ଟାରେ ଉଦ୍‌ଘାଟନୀ କ୍ୱାର୍ଟର ଫାଇନାଲ ମ୍ୟାଚ ଖେଳାଯାଇଥିଲା। ଏଥିରେ ମା’ ମଙ୍ଗଳା କ୍ଲବ ଢେଙ୍କାନାଳକୁ ୪-୦ ଗୋଲରେ ପରାସ୍ତ କରି ଜଗା ୟୁନାଇଟେଡ୍ ଭୁବନେଶ୍ୱର ସେମି ଫାଇନାଲରେ ପ୍ରବେଶ କରିଥିଲା। ପ୍ରଥମାର୍ଦ୍ଧରେ ମ୍ୟାଚ ଗୋଲଶୂନ୍ୟ ରହିଥିଲା। ହେଲେ ଦ୍ୱିତୀୟାର୍ଦ୍ଧର ଅନ୍ତିମ ୫ ମିନିଟରେ ୪ଟି ଗୋଲ ଦେଇ ଜଗା ୟୁନାଇଟେଡ୍ କ୍ଲବ ଭୁବନେଶ୍ୱର ବିଜୟୀ ହୋଇଥିଲା। ଦଳ ପକ୍ଷରୁ ୨ନଂ ଖେଳାଳି ଗୁମନ ସିଂହ ପ୍ରଥମ ଗୋଲ୍, ୯ନଂ ଖେଳାଳି ବୋରିସ ଦ୍ୱିତୀୟ, ୧୧ନଂ ଖେଳାଳି ପିଟାରୀ ତୃତୀୟ ଓ ୪ର୍ଥ ଗୋଲ ସ୍କୋର କରିଥିଲେ। ବିଜୟୀ ଦଳର ଖେଳାଳି ପିଟାରୀ ମ୍ୟାଚର ଶ୍ରେଷ୍ଠ ଖେଳାଳି ଭାବେ ପୁରସ୍କୃତ ହୋଇଥିଲେ। ରେଫରି ଅରୁଣ ନାୟକ ଏବଂ ସହଯୋଗୀ ଜ୍ୟୋତି ରଞ୍ଜନ ପରିଡା, ଶଶିକାନ୍ତ ଦାସିଆ, ଅନିଲ ପ୍ରସାଦ ନନ୍ଦ ଖେଳ ପରିଚାଳନା କରିଥିବା ବେଳେ ମାୟାଧର ସାହୁ ମ୍ୟାଚ କମିଶନର ରହିଥିଲେ।




# ଫିଫା ବିଶ୍ୱକପ୍


ଇଟାଲୀର ଟୁରିନଠାରେ ସାଥୀ ଖେଳାଳିଙ୍କ ସହ ବ୍ରାଜିଲର ନେମାରଙ୍କ ଅଭ୍ୟାସ।

## ବ୍ରାଜିଲ ଦଳରେ ଯୋଗଦେଲେ ନେମାର

କାତାର ଫିଫା ବିଶ୍ୱକପ ଆରମ୍ଭ ହେବାକୁ ଆଉ ମାତ୍ର ହାତଗଣତି କେତୋଟି ଦିନ ବାକିଥିବାବେଳେ ବ୍ରାଜିଲ ଏହାର ପ୍ରସ୍ତୁତି ଇଟାଲୀର ଟୁରିନରେ ଆରମ୍ଭ କରିଛି। ମଙ୍ଗଳବାର ଜାତୀୟ ଦଳ ସହ ଯୋଗ ଦେଇଛନ୍ତି ତାରକା ଖେଳାଳି ନେମାର। ଫ୍ରାନ୍ସରୁ ବିମାନରେ ଆସିବାରେ କିଛି ସମସ୍ୟା ରହିଥିବାରୁ ସେ ବିଳମ୍ବରେ ବ୍ରାଜିଲ ଟ୍ରେନିଂ ସେସନରେ ଯୋଗ ଦେଇଛନ୍ତି। ଫ୍ରାନ୍ସରେ ସେ ପ୍ୟାରିସ ସେଣ୍ଟ-ଜର୍ମନ (ପିଏସ୍‌ଜି) ଦଳ ପକ୍ଷରୁ ସିଜନର ପ୍ରଥମଭାଗ ଖେଳ ଶେଷ କରି ଏଠାକୁ ଆସିଛନ୍ତି। ଟୁରିନରେ ପହଞ୍ଚିବା ପରେ ସେ ଦଳୀୟ ସାଥି ଖେଳାଳିଙ୍କ ସହ ପାଖାପାଖି ୩୦ ମିନିଟ ଅଭ୍ୟାସ କରିଥିଲେ। ନେମାରଙ୍କ ପିଏସ୍‌ଜି ଟିମ୍‌ମେଟ୍ ମର୍କ୍ୱିନୋ ମଧ୍ୟ ବିଳମ୍ବରେ ଆସି ବ୍ରାଜିଲ ଦଳ ସହ ହାଲୁକା ଅଭ୍ୟାସ କରିଥିଲେ। ବ୍ରାଜିଲ ଦଳ ଟ୍ରେନିଂ ସେସନ ଶେଷ କରିବା ପରେ ଟୁରିନରୁ ସିଧା କାତାର ଯିବ। ୫ ଥର ବିଶ୍ୱକପ ଚାମ୍ପିୟନ ଏହି ଦଳ ୨ ଦଶନ୍ଧି ବ୍ୟବଧାନରେ ଟାଇଟଲ ଜିତିବା ଲକ୍ଷ୍ୟରେ ଅଛି। ଆସନ୍ତା ୨୪ ତାରିଖରେ ସର୍ବିଆ ବିପକ୍ଷରେ ମ୍ୟାଚ ଖେଳି ବ୍ରାଜିଲ ଅଭିଯାନ ଆରମ୍ଭ କରିବ। ଏହାପରେ ଗ୍ରୁପ୍ ‘ଜି’ରେ ସୁଇଜରଲାଣ୍ଡ ଓ କାମେରୁନ ବିପକ୍ଷରେ ମ୍ୟାଚ ଖେଳିବ।

## କ୍ରାଉନ୍ କମ୍‌ବ୍ୟାକ୍ ଲକ୍ଷ୍ୟରେ ବେଞ୍ଜେମା

ଫ୍ରାନ୍ସ ଦଳର ତାରକା ଷ୍ଟ୍ରାଇକର ତଥା ଚଳିତ ବର୍ଷର ବାଲନ୍ ଡି ଓର୍ ପୁରସ୍କାରପ୍ରାପ୍ତ କରିମ ବେଞ୍ଜେମା ଟ୍ରଫି ସହିତ ଅନ୍ତର୍ଜାତୀୟ ପ୍ରତ୍ୟାବର୍ତ୍ତନର ଲକ୍ଷ୍ୟ ରଖିଛନ୍ତି। ସେକ୍ସ ଟେପ୍ ସ୍କାଣ୍ଡାଲ ମାମଲାରେ ସେ ଦୀର୍ଘ ଦିନ ଧରି ଜାତୀୟ ଦଳରୁ ବାଦ୍ ପଡିଥିଲେ। ତେବେ ୟୁରୋପର ଶ୍ରେଷ୍ଠ ଖେଳାଳି ଭାବରେ ବାଲନ୍ ଡି ଓର୍ ହାସଲ କରିବା ପରେ ବେଞ୍ଜେମା ବର୍ତ୍ତମାନ ଟ୍ରଫି ସହିତ ପ୍ରତ୍ୟାବର୍ତ୍ତନ(କ୍ରାଉନ୍ କମ୍‌ବ୍ୟାକ୍) ଲକ୍ଷ୍ୟରେ ରହିଛନ୍ତି। ଚତୁର୍ଥ ଫ୍ରାନ୍ସ ଖେଳାଳି ଭାବେ ବେଞ୍ଜେମା ବାଲନ୍ ଡି ଓର୍ ପୁରସ୍କାର ହାସଲ କରିଛନ୍ତି। ଶେଷ ଥର ପାଇଁ ଜିନେଡାଇନ୍ ଜିଡାନ୍ ୧୯୯୮ରେ ଏହି ମାଇଲଖୁଣ୍ଟ ହାସଲ କରିଥିଲେ। ନିଜର ଅନ୍ତିମ ୧୬ ଅନ୍ତର୍ଜାତୀୟ ମ୍ୟାଚରୁ ସେ ୧୦ ଗୋଲ ସ୍କୋର କରିଥିବା ବେଳେ ୟୁରୋ କପ୍‌ରେ ୪ ଗୋଲ ସ୍କୋର କରିଥିଲେ। ମେସି ଓ ରୋନାଲ୍ଡୋଙ୍କ ପରି ବିଶ୍ୱର ଅନ୍ୟତମ ଶ୍ରେଷ୍ଠ ଫରୱାର୍ଡ ଅଟନ୍ତି ବେଞ୍ଜେମା। ରିୟଲ ମାଡ୍ରିଡରେ ବେଞ୍ଜେମାଙ୍କ କୋଚ ଥିବା ଜୋସ ମୋରିନୋ ମଧ୍ୟ ତାଙ୍କୁ ବେଶ୍ ପ୍ରଶଂସା କରିଛନ୍ତି। ନିଜ ଅପେକ୍ଷା ସେ ଟିମ୍‌କୁ ସର୍ବଦା ପ୍ରାଥମିକତା ଦେଇଥାନ୍ତି ବୋଲି ମୋରିନୋ କହିଛନ୍ତି।



ଆଉ ୩ ଦିନ


କରିମ୍ ବେଞ୍ଜେମା




1-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ

## ସଂକ୍ଷେପରେ

### ସମବାୟ ସମିତିରେ ଆର୍ଥିକ ସାକ୍ଷରତା ଶିବିର

ବାରଙ୍ଗ,୧୬।୧୧(ଡି.ଏନ୍.ଏ.): ମେଣ୍ଢାଶାଳ ସେବା ସମବାୟ ସମିତିରେ ସମବାୟ ସପ୍ତାହ ପାଳନ ଅବସରରେ ନାବାର୍ଡ ସହାୟତାରେ ଆର୍ଥିକ ସାକ୍ଷରତା ଶିବିର ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ସମବାୟ ବ୍ୟାଙ୍କର ଶାଖା ପରିଚାଳିକା ସସ୍ମିତା ନାୟକ, ସୁପରଭାଇଜର ସନ୍ତୋଷ ମଙ୍ଗରାଜ. ସମିତି ସଭାପତି ମହେନ୍ଦ୍ର ପ୍ରଧାନ, ସମ୍ପାଦକ ହିମାଂଶୁ ଶେଖର ସାମନ୍ତରାୟ, ସଭ୍ୟ ମୁରଲୀଧର ମହାନ୍ତି, ରାଜା ଖାନ, ନିମାଇଁ ବିଶ୍ୱାଳ, ସରୋଜ ପାତ୍ର, କୁନ୍ତଳା ପଟ୍ଟନାୟକ, ପବିତ୍ର ପଟ୍ଟନାୟକ, ଗୁରୁପ୍ରସାଦ ସାମନ୍ତରାୟ, କାଳୁ ଦାସ, ରତ୍ନାକର ସାହୁ, ପ୍ରଫୁଲ୍ଲ କୁମାର ଶ୍ରୀଚନ୍ଦନ, ଭାସ୍କର ଚନ୍ଦ୍ର ସୁବୁଦ୍ଧି, ବାଙ୍କ ବିହାରୀ ଦାସ, କାର୍ତ୍ତିକ ଦାସ, ପଠାଣି ମହାରଣା, ବିଧୁରଞ୍ଜନ ସାମନ୍ତରାୟ ପ୍ରମୁଖ ଉପସ୍ଥିତ ଥିଲେ। ସଭାରେ ଚାଷୀଙ୍କୁ ନିଜର ଜମାଖାତା ଖୋଲିବା ଏବଂ ଜମାରାଶି ସଞ୍ଚୟ କରିବା ଏବଂ ସମିତି ସହ ଅଧିକ ସୁସମ୍ପର୍କ ଯଥା ଅର୍ଥଦେଣ ନେଣ କରିବା, ସାର, ବିହନ ଏବଂ ଧାନ ବିକ୍ରୟରେ ଅଧିକ ପ୍ରୋତ୍ସାହନ ଦେବା ପାଇଁ ଅନୁରୋଧ କରାଯାଇଥିଲା।

### ପ୍ରାଣନାଥ ପଟ୍ଟନାୟକଙ୍କ ଜୟନ୍ତୀ

ଜଟଣୀ,୧୬।୧୧(ଡି.ଏନ୍.ଏ.): ଜଟଣୀ ପ୍ରାଣନାଥ ଫାଉଣ୍ଡେଶନ ପକ୍ଷରୁ ପ୍ରାଣନାଥ ପଟ୍ଟନାୟକଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଫାଉଣ୍ଡେଶନ ସଭାପତି ଅବନୀ କୁମାର ରାଉତରାୟଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିଥିଭାବେ ଖବରଦାତା ରବି ସ୍ୱାଇଁ, ପୂର୍ବତନ ଜିଲା ପରିଷଦ ସଭ୍ୟ ବିଜୟ କୁମାର ଛୋଟରାୟ, ଶିକ୍ଷକ ନେତା ତ୍ରିନାଥ ସାମନ୍ତରାୟ, ଜବାହାରଲାଲ ସୁବୁଦ୍ଧି, ପୂର୍ବତନ ସରପଞ୍ଚ ଦିବାକର ମଙ୍ଗରାଜ, ବିଦ୍ୟାଳୟ ଶିକ୍ଷୟିତ୍ରୀ ସ୍ନେହଲତା ଲେଙ୍କା ପ୍ରମୁଖ ଯୋଗ ଦେଇ ସ୍ୱର୍ଗତ ପଟ୍ଟନାୟକଙ୍କ ସ୍ମୃତିଚାରଣ କରିଥିଲେ। ସାମାଜିକକର୍ମୀ ଶିବ ରଥ, ବସୁଦେବ ସେଠୀ, ଗୌତମ ମହାରଣାଙ୍କ ସମେତ ବହୁ ବ୍ୟକ୍ତି ଯୋଗ ଦେଇଥିଲେ। ଫାଉଣ୍ଡେଶନର ଯୁଗ୍ମ ସମ୍ପାଦକ ସୁଶାନ୍ତ ରାଉତ ଧନ୍ୟବାଦ ଦେଇଥିଲେ।

### ମା'ହେବ ଏସୀୟ ସିଂହୀ ବିଜଳୀ

ବାରଙ୍ଗ,୧୬।୧୧(ଡି.ଏନ୍.ଏ.): ପ୍ରାଣୀଉଦ୍ୟାନ ନନ୍ଦନକାନନରେ ଆରମ୍ଭ ହୋଇଛି ମିଳନ ପର୍ବ। ବଂଶ ବୃଦ୍ଧି ଲକ୍ଷ୍ୟରେ ଆରମ୍ଭ ହୋଇଥିବା ମିଳନ ପର୍ବରେ ଗତ ଅକ୍ଟୋବରରୁ ଧଳା ବାଘୁଣୀ ରୁପା ସହିତ ସାଧାରଣ ବାଘ ରାଜେଶ ଓ ଧଳାବାଘୁଣୀ ମୌସୁମୀ ସହ ଧଳାବାଘ ସାହିଲର ମିଳନ ହୋଇଛି। ସେହିପରି ସିଂହୀ ରେବାର ମଧ ମିଳନ ସରିଛି। ଏସୀୟ ସିଂହୀ ବିଜଳୀ ଏବେ ଗର୍ଭବତୀ। ବିଜଳୀ ତାର ତୃତୀୟଗର୍ଭସ୍ଥ ସନ୍ତାନକୁ ଜନ୍ମ ଦେବାକୁ ଯାଉଛି। ଯାହାକୁ ନେଇ କର୍ମଚାରୀ ଉତ୍ସାହିତ ଅଛନ୍ତି । ଆସନ୍ତା ୨୦ରୁ୨୨ତାରିଖ ମଧରେ ବିଜଳୀ ଜନ୍ମ କରିବ ବୋଲି ପୂର୍ବାନୁମାନ କରାଯାଇ କର୍ତ୍ତୃପକ୍ଷଙ୍କ ପକ୍ଷରୁ ସ୍ୱତନ୍ତ୍ର ଦୃଷ୍ଟି ଦିଆଯାଇଛି। ବିଜଳୀକୁ ସିଂହ ସଫାରୀ ଫିଡିଙ୍ଗଚାମ୍ବରର ପଛପଟ ଏନକ୍ଲୋଜରରେ ରଖାଯିବା ସହ ସିସି କ୍ୟାମେରା ଲଗାଯାଇ ଗତିବିଧିକୁ ଲକ୍ଷ୍ୟ କରାଯାଉଛି। ଗତ ଅଗଷ୍ଟ ୪ ଓ ୭ତାରିଖରେ ଏସୀୟ ସିଂହ ସମ୍ରାଟ ଓ ସିଂହୀ ବିଜଳୀର ମିଳନ ହୋଇଥିଲା।

### ଖୁବ୍‌ଶୀଘ୍ର କାର୍ଯ୍ୟକ୍ଷମ ହେବ ସଫା ଆପ୍

ଭୁବନେଶ୍ୱର,୧୬।୧୧(ବ୍ୟୁରୋ): ସ୍ୱଚ୍ଛତା ଅଭିଯାନକୁ ଅଧିକ ବ୍ୟବସ୍ଥିତ ଓ କ୍ରିୟାଶୀଳ କରିବା ପାଇଁ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ପକ୍ଷରୁ ପ୍ରସ୍ତୁତ 'ସଫା ଆପ୍' ଟ୍ରାଏଲ ରନ୍‌ରେ ସଫଳ ହେଉଥିବାରୁ ଖୁବ୍‌ଶୀଘ୍ର ପୂର୍ଣ୍ଣ କାର୍ଯ୍ୟକ୍ଷମ ହେବାକୁ ଯାଉଛି। ଏନେଇ ବିଏମ୍‌ସି ତତ୍ପରତା ପ୍ରକାଶ କରିଛି। ଅଧିକରୁ ଅଧିକ ସହରବାସୀ କିପରି ଏହି ଆପ୍ ଡାଉନଲୋଡ୍ କରିବେ ଓ ଏଥିରୁ ସେବା ପାଇପାରିବେ ସେନେଇ ଲୋକଙ୍କୁ ସଚେତନ କରାଯାଉଛି। ଲୋକମାନେ ଏହି ଆପ୍ ମାଧ୍ୟମରେ ନିଜର ସମସ୍ୟା ତଥା ଅଭିଯୋଗ ଜଣାଇ ଉପକୃତ ହୋଇପାରୁଛନ୍ତି। ସେସପୁଲ୍ ଗାଡ଼ି ବୁକିଂ କରିବା, ନିର୍ମାଣାଧୀନ ବର୍ଜ୍ୟ ତଥା ସବୁଜ ଆବର୍ଜନା ନିଷ୍କାସନ ପାଇଁ ଏହି ଆପ୍ ମାଧ୍ୟମରେ ଆବେଦନ କରୁଥିବା ବିଏମ୍‌ସିର ଜଣେ ବରିଷ୍ଠ ଅଧିକାରୀ ସୂଚନା ଦେଇଛନ୍ତି। ସଫା ଆପ୍ ମାଧ୍ୟମରେ ଅନେକ ଲୋକ ଭତ୍ତା ଓ ଅନ୍ୟାନ୍ୟ ସମସ୍ୟା ସମ୍ପର୍କରେ ଅଭିଯୋଗ କରୁଛନ୍ତି। ଆପ୍ ସମ୍ପର୍କରେ ଲୋକଙ୍କୁ ପ୍ରଥମେ ସମ୍ପୂର୍ଣ୍ଣ ସଚେତନ କରାଯିବା ପରେ ଏହି ଆପ୍ ପୂର୍ଣ୍ଣ କାର୍ଯ୍ୟକ୍ଷମ ହେବ ବୋଲି ସେ କହିଛନ୍ତି। 'ସଫା' ଆପ୍‌ରେ 'କ୍ଲିକ ଫର୍ କ୍ଲିନ' ଥିମ୍ ରହିଛି। ସହରରେ ସବୁ ଘର ଓ ବ୍ୟବସାୟିକ ପ୍ରତିଷ୍ଠାନରେ କ୍ୟୁଆର୍ କୋଡ୍ ଲାଗିବ। ଅଳିଆ ଗାଡ଼ିକୁ ଟ୍ରାକିଂ କରିବ ଜିପିଏସ୍। ବିଏମ୍‌ସିର ବିଭିନ୍ନ ସେବା ସମ୍ପର୍କିତ ତଥ୍ୟ ସଂଗ୍ରହ କରିବା, ଅଭିଯୋଗ କରିବା ମଧ ଏହି ଆପ୍ ଜରିଆରେ ହୋଇପାରିବ।

# ଉନ୍ନତ ରାଷ୍ଟ୍ର ଗଠନରେ ଗଣମାଧ୍ୟମର ଭୂମିକା ଗୁରୁତ୍ୱପୂର୍ଣ୍ଣ

ଖୋର୍ଦ୍ଧା ଅଫିସ,୧୬।୧୧


ଆଲୋଚନାଚକ୍ରରେ ଜିଲାପାଳ କେ.ସୁଦର୍ଶନ ଚକ୍ରବର୍ତ୍ତୀ ଏବଂ ଅନ୍ୟମାନେ।

ଏକ ବିକଶିତ, ସମୃଦ୍ଧ, ସୁଦୃଢ଼ ରାଷ୍ଟ୍ର ଗଠନରେ ଗଣମାଧ୍ୟମର ପ୍ରମୁଖ ଭୂମିକା ରହିଛି। ଗଣତନ୍ତ୍ରର ଜାଗ୍ରତ ପ୍ରହରୀ ହେଉଛି ଗଣମାଧ୍ୟମ। ସମାଜ ପ୍ରତି ଦାୟିତ୍ୱବୋଧ, ନିଷ୍ଠା, ନିର୍ଭୀକତା କ୍ଷେତ୍ରରେ ସାମ୍ବାଦିକମାନଙ୍କ କାର୍ଯ୍ୟ ପ୍ରଶଂସନୀୟ। ସରଳ ଭାଷାରେ କମ୍ ଶବ୍ଦ ପ୍ରୟୋଗ କରି ବ୍ୟବସ୍ଥିତ ଢଙ୍ଗରେ ଖବର ପରିବେଷଣ କରିବା ସାମ୍ବାଦିକମାନଙ୍କ ଦକ୍ଷତାକୁ ପରିପ୍ରକାଶ କରେ। ୧୮୬୬ ନଅଙ୍କ ଦୁର୍ଭିକ୍ଷ ସମୟର ବିଭୀଷିକା ପ୍ରଚାର ପ୍ରସାରରୁ ଓଡ଼ିଆ ସାମ୍ବାଦିକତାର ଯୁଗ ଆରମ୍ଭ ହୁଏ। ଉତ୍କଳ ଦୀପିକା, ଦୈନିକ ଆଶା ପ୍ରଭୃତି ବିଭିନ୍ନ ପତ୍ରପତ୍ରିକା ପ୍ରକାଶନ ଦ୍ୱାରା ଓଡ଼ିଆ ସାମ୍ବାଦିକତା ଆଗେଇଛି। ସ୍ୱାଧୀନୋତ୍ତର ଭାରତରେ ସମ୍ବିଧାନର କାର୍ଯ୍ୟକାରିତା ଓ ଶୃଙ୍ଖଳିତ ଗଣତନ୍ତ୍ର ରାଷ୍ଟ୍ର ଗଠନରେ ଗଣମାଧ୍ୟମର ଭୂମିକା ରହିଛି। ବିଭିନ୍ନ ସରକାରୀ ଯୋଜନାର ପ୍ରଚାର ପ୍ରସାର ସହ ଲୋକଙ୍କ ସମସ୍ୟାକୁ ସରକାରଙ୍କ ନିକଟରେ ଉପସ୍ଥାପନ କରିବାରେ ସାମ୍ବାଦିକମାନେ ସେତୁବନ୍ଧ ଭଳି କାର୍ଯ୍ୟ କରିଥାନ୍ତି ବୋଲି ଖୋର୍ଦ୍ଧା ଜିଲା ପ୍ରଶାସନ ଏବଂ ଜିଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ ମିଳିତ ଆନୁକୂଲ୍ୟରେ ବୁଧବାର ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଜାତୀୟ ପ୍ରେସ ଦିବସରେ 'ରାଷ୍ଟ୍ର ଗଠନରେ ଗଣମାଧ୍ୟମର ଭୂମିକା' ଶୀର୍ଷକ ଆଲୋଚନାଚକ୍ରରେ ଐତିହାସିକ ପ୍ରଫେସର ନାରାୟଣ ରାଓ ମୁଖ୍ୟବକ୍ତା ଭାବେ ଯୋଗଦେଇ ମତବ୍ୟକ୍ତ କରିଛନ୍ତି।

ଏଥିରେ ମୁଖ୍ୟ ଅତିଥି ଭାବେ ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ ଯୋଗ ଦେଇ କହିଥିଲେ, ଜିଲା ପ୍ରଶାସନ ଏବଂ ଗଣମାଧ୍ୟମ ପ୍ରତିନିଧିମାନଙ୍କ ମଧ୍ୟରେ ଉପଯୁକ୍ତ ସମନ୍ୱୟ ରହିଲେ, ଲୋକଙ୍କ ସମସ୍ୟାର ସମାଧାନ ହୋଇପାରିବ। ଉନ୍ନତ ରାଷ୍ଟ୍ର ଗଠନରେ ଗଣମାଧ୍ୟମର ଭୂମିକା ଅପରିହାର୍ଯ୍ୟ। ଜନକଲ୍ୟାଣ ଉଦ୍ଦେଶ୍ୟରେ ଖବର ପରିବେଷଣ ହେଲେ ଏହା ଜନାଦୃତ ହେବ। ଖବର ସର୍ବଦା ତଥ୍ୟ, ସତ୍ୟ ଆଧାରିତ ତଥା ଅନୁସନ୍ଧାନମୂଳକ ହେଲେ ସମାଜରେ ପ୍ରଭାବ ପଡ଼ିବ। ଗଠନମୂଳକ ଖବର ସମାଜ ପାଇଁ ଉପାଦେୟ ହୋଇଥାଏ ବୋଲି ସେ କହିଥିଲେ। ଅତିରିକ୍ତ ଜିଲାପାଳ ମନୋଜ ପାଢୀ କହିଥିଲେ ଯେ, ସମସ୍ୟା, ପ୍ରଶାସନ, ରାଜନୀତି, ସରକାର ପ୍ରଭୃତି ସମାଜର ଗୋଟିଏ ଅଂଶ ହେଲେ ଗଣମାଧ୍ୟମ ହେଉଛି ପ୍ରମୁଖ କେନ୍ଦ୍ର ବିନ୍ଦୁ। ପ୍ରତିକୂଳ ପରିସ୍ଥିତିରେ ଖବର ପରିବେଷଣ ଦ୍ୱାରା ସମାଜ ପ୍ରତି ଥିବା ଦାୟିତ୍ୱବୋଧତାକୁ ଗଣମାଧ୍ୟମ ପ୍ରକାଶ କରେ। ମୂଲ୍ୟବୋଧଭିତ୍ତିକ ଓ ଗୁଣାବତ୍ତାଯୁକ୍ତ ଖବର ସମାଜରେ ପ୍ରଭାବ ପକାଇଥାଏ ବୋଲି ସେ କହିଥିଲେ। ଏହି ଅବସରରେ ବୁଦ୍ଧିଜୀବୀ, ବିଭିନ୍ନ ଛାପା ଓ ବୈଦ୍ୟୁତିକ ଗଣମାଧ୍ୟମର ପ୍ରତିନିଧି ନିଜ ମତ ଉପସ୍ଥାପନ କରିଥିଲେ। କାର୍ଯ୍ୟକ୍ରମକୁ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଜିତେନ୍ଦ୍ରୀୟ ଜେନା ସଂଯୋଜନା କରିଥିଲେ।

### ଡକାୟତି ଯୋଜନା: ୪ ଗିରଫ

ଭୁବନେଶ୍ୱର,୧୬।୧୧(ବ୍ୟୁରୋ)

ଖଣ୍ଡଗିରି ଥାନା ପୋଲିସ ବଡ଼ ଧରଣର ଡକାୟତ ଉଦ୍ୟମ ପଣ୍ଡ କରିଛି। ଆଇଗିଣିଆଠାରେ ଡକାୟତି କରିବାକୁ ଯୋଜନା କରୁଥିବା ବେଳେ ପୋଲିସ ଚଢାଉ କରି ୪ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଢୁମୁଢୁମା ସୁବାସନଗରରେ ରହୁଥିବା ଗଞ୍ଜାମ ଜିଲା ଆମ୍ବପୁଆର ଲିଙ୍ଗରାଜ ଦଳେଇ ଓରଫ ଚିଙ୍ଗୁଡ଼ି, ଖୋର୍ଦ୍ଧା ଜିଲା ବୋଲଗଡ଼ ଥାନା ମିନିକାଗୁଡାର ବିଦେଶୀ ଦଳେଇ, ଖଣ୍ଡଗିରି ଥାନା ଢୁମୁଢୁମା ଫେଜ ୪ର ରହୁଥିବା ବିଜ୍ଞାନ ରଞ୍ଜନ ଦାସ ଓ ଇଣ୍ଫୋସିଟି ଥାନା ଯାଁଳା ଅଞ୍ଚଳର ଦେବାଶିଷ ପୂଜାପଣ୍ଡା ଓରଫ ସୋନୁ।ଏମାନଙ୍କ ନିକଟରୁ ଖଣ୍ଡା, କଟୁରୀ, ଲଙ୍କାଗୁଣ୍ଡ ଓ ପଲସର ମୋଟର ସାଇକେଲ ଜବତ ହୋଇଛି। ପୋଲିସ ମାମଲା (ନଂ ୫୫୪/୨୨) ରେ ରୁଜୁ କରି ଅଭିଯୁକ୍ତମାନଙ୍କୁ ବୁଧବାର କୋର୍ଟ ଚାଲାଣ କରିଥିଲା। ଜାମିନ ନାମଞ୍ଜୁର ପରେ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଅଭିଯୁକ୍ତମାନେ ବିଭିନ୍ନ ମାମଲାରେ ପୂର୍ବରୁ ଜେଲ ଯାଇ ଫେରିଛନ୍ତି। ଚିଙ୍ଗୁଡ଼ି, ବିଦେଶୀ, ସୋନୁ, ବିଜ୍ଞାନ ଓ ଫେରାର ଅଭିଯୁକ୍ତ ମଙ୍ଗଳବାର ରାତିରେ ଲୁଟ୍ ପାଇଁ ଯୋଜନା କରୁଥିଲେ।


ଖୋର୍ଦ୍ଧା: କେନ୍ଦ୍ର ସମବାୟ ବ୍ୟାଙ୍କ ଛକସ୍ଥିତ ପ୍ରାଣନାଥ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ଅବସରରେ ଅତିଥି ଏବଂ ଅନ୍ୟମାନେ।

## ସମାଜ ପ୍ରତି ପ୍ରାଣନାଥଙ୍କ ଅବଦାନ ଅତୁଳନୀୟ

ଖୋର୍ଦ୍ଧା ଅଫିସ,୧୬।୧୧

ସ୍ୱାଧିନତା ସଂଗ୍ରାମୀ, ସାମ୍ୟବାଦୀ ଓ କୃଷକ ଆନ୍ଦୋଳନ ତଥା ଗଡ଼ଜାତ ପ୍ରଜା ଆନ୍ଦୋଳନର ନେତା, ଶିକ୍ଷାବିତ, ସାହିତ୍ୟିକ ଏବଂ ପ୍ରାଣନାଥ ମହାବିଦ୍ୟାଳୟ ପ୍ରତିଷ୍ଠାତା ପ୍ରାଣନାଥ ପଟ୍ଟନାୟକଙ୍କ ଜୟନ୍ତୀ ଉତ୍ସବ ବୁଧବାର ପ୍ରାଣନାଥ ସ୍ମୃତି ସଂସଦ ଆନୁକୂଲ୍ୟରେ ପାଳିତ ହୋଇଯାଇଛି। ଏହି ଅବସରରେ କେନ୍ଦ୍ର ସମବାୟ ବ୍ୟାଙ୍କ ଛକସ୍ଥିତ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ସହ ଶ୍ରଦ୍ଧାସୁମନ ଅର୍ପଣ କରାଯାଇଥିଲା। ସଂସଦ ସମ୍ପାଦକ ମେଜର କ୍ଷୀରୋଦ ପ୍ରସାଦ ମହାନ୍ତିଙ୍କ ସଂଯୋଜନାରେ ଉତ୍ସବ ଆୟୋଜିତ ହୋଇଥିଲା। ଏକ ଗଠନମୂଳକ ସମାଜ ଦିଗରେ ତାଙ୍କ ଅବଦାନ ଅତୁଳନୀୟ ବୋଲି ଉତ୍ସବରେ ମତ ପ୍ରକାଶ ପାଇଥିଲା। ସମାଜ ପ୍ରତି ତାଙ୍କ ତ୍ୟାଗ, ଦେଶ ସ୍ୱାଧିନତା ପାଇଁ ଉତ୍ସର୍ଗୀକୃତ ଜୀବନ ସମ୍ପର୍କରେ ଅତିଥିମାନେ ମତବ୍ୟକ୍ତ କରିଥିଲେ। ଯୁବସମାଜ ତାଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ଅତିଥିମାନେ ପରାମର୍ଶ ଦେଇଥିଲେ। ଅତିଥି ଭାବେ ପୌର ଉପାଧ୍ୟକ୍ଷ ସୌର୍ଯ୍ୟ ରଞ୍ଜନ ମହାନ୍ତି, ପ୍ରାଣନାଥ ସ୍ୱୟଂଶାସିତ ମହାବିଦ୍ୟାଳୟ ଅଧ୍ୟକ୍ଷା ଡ. ଅଜନ୍ତା ଶତପଥୀ, ପ୍ରାଧ୍ୟାପକ ଗୋପାଳକୃଷ୍ଣ ଦାସ, ଶିକ୍ଷାବିତ ସତ୍ୟବାଦୀ ବଳିଆରସିଂ, ଭୀମସେନ ପ୍ରଧାନ, ପ୍ରଫୁଲ୍ଲ ସାମନ୍ତରାୟ, ଡ. ପ୍ରମୋଦ ଚନ୍ଦ୍ର ଦାଶ, ଉମାଶଙ୍କର ପ୍ରସାଦ, କୃଷ୍ଣଚନ୍ଦ ହରିଚନ୍ଦନ, ପ୍ରାଣକୃଷ୍ଣ ଦଳବେହେରା, ଦେବପ୍ରସାଦ ମଜୁମଦାର, ଆଇନଜୀବୀ ଶିଶିର ପରିଡା, ବିମଳ ଷଡ଼ଙ୍ଗୀ, ଅଧ୍ୟାପକ ସୁକୁମାର ପଟ୍ଟନାୟକ, ବିଜୟ ସେଠୀ, ମିହିର ନାୟକ, ବିଶ୍ୱଜିତ ମହାନ୍ତି, ଲକ୍ଷ୍ମୀଧର ସାମନ୍ତସିଂହାର, କୁମର ବେହେରା, ଦୁର୍ଯ୍ୟୋଧନ ଜେନା ପ୍ରମୁଖ ଯୋଗଦେଇଥିଲେ। ପ୍ରାଣନାଥ ସ୍ୱୟଂଶାସିତ ମହାବିଦ୍ୟାଳୟର ଛାତ୍ରୀଛାତ୍ର, ରୋଭର ରେଞ୍ଜର, ଅଧ୍ୟାପକ, ବୁଦ୍ଧିଜୀବୀ, ସାମାଜିକ କର୍ମୀ ପ୍ରମୁଖ ଉପସ୍ଥିତ ଥିଲେ।

### ସଞ୍ଜୁକ୍ତା ସମବାୟ ସମିତି ସଭାପତି ନିର୍ବାଚିତ

ବାଲୁଗାଁ,୧୬।୧୧(ଡି.ଏନ୍.ଏ.): ବାଲୁଗାଁ ଆଞ୍ଚଳିକ ବାଣିଜ୍ୟ ସମବାୟ ସମିତିର ସଭାପତି ନିର୍ବାଚନ ବୁଧବାର ଶେଷ ହୋଇଛି। ପୂର୍ବରୁ ସଦସ୍ୟଙ୍କ ନିର୍ବାଚନ ସରିଥିବା ବେଳେ ବୁଧବାର ସଭାପତି ପଦ ନିମନ୍ତେ ଆଞ୍ଚଳିକ ବାଣିଜ୍ୟ ସମବାୟ କାର୍ଯ୍ୟାଳୟ ପରିସରରେ ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ସଞ୍ଜୁକ୍ତା ସ୍ୱାଇଁ ସଂଖ୍ୟା ଗରିଷ୍ଠତା ହାସଲ କରି ସଭାପତି ଭାବେ ନିର୍ବାଚିତ ହୋଇଛନ୍ତି। ନିକଟତମ ପ୍ରତିଦ୍ୱନ୍ଦ୍ୱୀ ପ୍ରାର୍ଥୀ ସୌମ୍ୟରଞ୍ଜନ ସାମନ୍ତରାୟ ୫ଖଣ୍ଡ ଭୋଟ ପାଇଥିବା ବେଳେ ସଞ୍ଜୁକ୍ତା ୧୦ଖଣ୍ଡ ଭୋଟ ପାଇ ସଭାପତି ପଦ ହାସଲ କରିଛନ୍ତି। ବାଲୁଗାଁ ଏନ୍ଏସି ୧ନଂ. ୱାର୍ଡ କାଉନସିଲର ତଥା ଚିଲିକା ନିର୍ବାଚନ ମଣ୍ଡଳୀ ବିଜେଡି ମୁଖପାତ୍ର ଅଭିମନ୍ୟୁ ସ୍ୱାଇଁଙ୍କ ସହଧର୍ମିଣୀ ସଞ୍ଜୁକ୍ତା ଜଣେ ନାରୀ ନେତ୍ରୀ ତଥା ପୂର୍ବରୁ ମଧ କାଉନସିଲର ଭାବେ ଅଞ୍ଚଳରେ ପରିଚିତ। ଏହି ଅବସରରେ ଚିଲିକା ନିର୍ବାଚନ ମଣ୍ଡଳୀର ବିଜେଡିର ବହୁ ନେତୃବୃନ୍ଦ ନବ ନିର୍ବାଚିତ ସଞ୍ଜୁକ୍ତାଙ୍କୁ ପୁଷ୍ପଗୁଚ୍ଛ ଦେଇ ଶୁଭେଚ୍ଛା ଜଣାଇଥିଲେ।

### ଜୟଦୁର୍ଗା ଫୁଟ୍‌ବଲ ଟୁର୍ନାମେଣ୍ଟ: ସେମିରେ ଜୟଦୁର୍ଗା କ୍ଲବ

ବେଗୁନିଆ,୧୬।୧୧(ଡି.ଏନ୍.ଏ.)

ବେଗୁନିଆ ବ୍ଲକ ଅନ୍ତର୍ଗତ କଣ୍ଟାମଲିମ ଗ୍ରାମସ୍ଥିତ ଖେଳପଡ଼ିଆରେ ଚାଲିଥିବା ଜୟଦୁର୍ଗା ଫୁଟ୍‌ବଲ ଟୁର୍ନାମେଣ୍ଟର ବୁଧବାର ୪ର୍ଥ ଦିବସ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ଏଥିରେ ଖୋର୍ଦ୍ଧାର ଜୟଦୁର୍ଗା ଫୁଟ୍‌ବଲ କ୍ଲବ ଟାଇ ବ୍ରେକରରେ ୫-୪ ଗୋଲରେ ଟାଙ୍ଗୀର ଶିବା ୟୁଥ କ୍ଲବକୁ ପରାଜିତ କରି ସେମିଫାଇନାଲରେ ପ୍ରବେଶ କରିଛି। ମ୍ୟାଚ ଆରମ୍ଭରୁ ଉଭୟ ଦଳ ମଧ୍ୟରେ ଖେଳ ସଂଘର୍ଷ ହୋଇଥିଲା। ତେବେ ନିର୍ଦ୍ଧାରିତ ସମୟ ପୂର୍ବରୁ କେହି କାହାରିକୁ ଗୋଲ ଦେଇ ପାରି ନ ଥିଲେ। ଫଳରେ ନିୟମ ଅନୁଯାୟୀ ଟାଇ ବ୍ରେକରର ସହାୟତା ନିଆଯାଇଥିଲା। ବିଦେଶୀ ନାୟକ ମ୍ୟାଚ୍ ପରିଚାଳନା କରିଥିଲେ। ଗିରିଶ ଚନ୍ଦ୍ର ଜାନି, ମନୋରଞ୍ଜନ ଖୁଣ୍ଟିଆ ଲାଇନରେ ସହାୟତା କରିଥିବା ବେଳେ ପ୍ରଫୁଲ ବେହେରା ସହଯୋଗୀ ରେଫରି ଭାବେ ଦାୟିତ୍ୱ ନିର୍ବାହ କରିଥିଲେ। ଗୁରୁବାର ପ୍ରଥମ ସେମିଫାଇନାଲ ମ୍ୟାଚ୍ ଘାଟିକିଆର ବଜରଙ୍ଗବାଲୀ ଫୁଟବଲ କ୍ଲବ ଓ ତଳଖେତାର ଶବରପଲ୍ଲୀ ସ୍ପୋର୍ଟିଂ କ୍ଲବ ମଧ୍ୟରେ ଅନୁଷ୍ଠିତ ହେବ।

## ରାସ୍ତା ଉପରେ ଜଳିଗଲା ଭ୍ୟାନ୍



ବେଗୁନିଆ,୧୬।୧୧(ଡି.ଏନ୍.ଏ.)

**ବର୍ତ୍ତିଲେ ୭ ଜଣିଆ ପାଲା ଦଳ**

ରାସ୍ତା ଉପରେ ଜଳିଗଲା ମାରୁତି ଭ୍ୟାନ୍। ଖୋର୍ଦ୍ଧା-ବଲାଙ୍ଗୀର ୫୭ନଂ. ଜାତୀୟ ରାଜପଥର ବାଘମାରୀ ବଜାରରେ ଘଟିଛି ଏଭଳି ଘଟଣା। ଗାଡ଼ି ଷ୍ଟାର୍ଟ କରିବା ବେଳେ ହଠାତ୍ ନିଆଁ ଲାଗିଯାଇଥିଲା। ଦେଖୁ ଦେଖୁ ଭ୍ୟାନଟି ସମ୍ପୂର୍ଣ୍ଣ ଜଳିଗଲା। ତେବେ ଭ୍ୟାନରେ ବସିଥିବା ୭ଜଣିଆ ପାଲା ଦଳ ଏକ ବଡ଼ ବିପଦରୁ ବର୍ତ୍ତିଯାଇଛନ୍ତି। ଅଗ୍ନିକାଣ୍ଡର କାରଣ ଅସ୍ପଷ୍ଟ ରହିଥିବା ବେଳେ ବାଘମାରୀ ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

ସୂଚନା ମୁତାବକ, ପାଲା ଗାୟିକା ବିନୋଦିନୀ ମହାରଣା ତାଙ୍କ ୭ଜଣିଆ ଦଳଙ୍କୁ ନେଇ ବୋଲଗଡ଼ ଅଞ୍ଚଳରୁ ଏକ ଭ୍ୟାନରେ କଟକ ଜିଲା ଜଗତପୁର ଅଞ୍ଚଳକୁ ପାଲା ପରିବେଷଣ ପାଇଁ ଯାଉଥିଲେ। ଅପରାହ୍ନ ପ୍ରାୟ ୩ଟାରେ ବାଘମାରୀ ବଜାର କଡରେ ଗାଡ଼ିକୁ ରଖି ସମସ୍ତେ କୌଣସି କାମରେ ବାହାରକୁ ଆସିଥିଲେ। କାର୍ଯ୍ୟ ଶେଷ ପରେ ପୁଣି ଗାଡ଼ିରେ ବସି ନିଜ ଗନ୍ତବ୍ୟ ସ୍ଥଳକୁ ବାହାରିଥିଲେ। ତେବେ ଚାଳକ ଷ୍ଟାର୍ଟ କରିବା ବେଳେ ହଠାତ୍ ଗାଡ଼ିରେ ନିଆଁ ଲାଗିଯାଇଥିଲା। ଏହା ପରେ ଚାଳକଙ୍କ ସମେତ ପାଲା ଦଳ ସୁରକ୍ଷିତ ଭାବେ ଗାଡ଼ିରୁ ବାହାରି ଆସିଥିଲେ। ଖବରପାଇ ବେଗୁନିଆ ଅଗ୍ନିଶମ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ।

## ମା'ଭଗବତୀଙ୍କ ହୁଣ୍ଡିରୁ ୧.୫୬ଲକ୍ଷ ଟଙ୍କା ମିଳିଲା

ଗମ୍ଭାରୀମୁଣ୍ଡା,୧୬।୧୧(ଡି.ଏନ୍.ଏ.)



ଖୋର୍ଦ୍ଧା ଜିଲା ବାଣପୁର ସ୍ଥିତ ମା'ଭଗବତୀ ମନ୍ଦିରର ଭିତର ହୁଣ୍ଡି ବୁଧବାର ଖୋଲାଯାଇଛି। ବାଣପୁର ତହସିଲଦାର ତଥା ଦକ୍ଷେଶ୍ୱର ଭଗବତୀ ଏଣ୍ଡାଓମେଣ୍ଟ ପରିଚାଳନା କମିଟିର ସଭାପତି କୁଞ୍ଜବିହାରୀ ବଡ଼ଜେନାଙ୍କ ଉପସ୍ଥିତିରେ ବାଣପୁର ମେଡିକାଲ ଅଧିକାରୀ ରମାକାନ୍ତ ନାୟକ ହୁଣ୍ଡି ଖୋଲିଥିଲେ। ହୁଣ୍ଡିରୁ ମୋଟ୍ ୧ଲକ୍ଷ ୫୬ହଜାର ୭୧୫ଟଙ୍କା ଏବଂ ଗୋଟିଏ ହନୁମାନଙ୍କ ରୁପାର ଲକେଟ ମିଳିଥିବା ତହସିଲଦାର କହିଛନ୍ତି। ଗଣତି ବେଳେ ଏଣ୍ଡାଓମେଣ୍ଟ କାର୍ଯ୍ୟନିର୍ବାହୀ ଅଧିକାରୀ ବାଳ ମୁକୁନ୍ଦ ଦାସ, ସେବାୟତ ଏବଂ ଏଣ୍ଡାଓମେଣ୍ଟ କର୍ମଚାରୀ ଉପସ୍ଥିତ ଥିଲେ। ତେବେ ହୁଣ୍ଡିରୁ ଆଦାୟ ହୋଇଥିବା ଟଙ୍କା ମା'ଙ୍କ ନୀତିକାନ୍ତିରେ ଖର୍ଚ୍ଚ କରାଯିବ ବୋଲି ଏଣ୍ଡାଓମେଣ୍ଟ କାର୍ଯ୍ୟନିର୍ବାହୀ ଅଧିକାରୀ ଦାସ କହିଛନ୍ତି।

## ପୃଥକ୍ ଦୁର୍ଘଟଣା: ୨ ମୃତ

ବାଣପୁର/ଗମ୍ଭାରୀମୁଣ୍ଡା,୧୬।୧୧(ଡି.ଏନ୍.ଏ.)

ପିକ୍‌ଅପ୍ ଭ୍ୟାନ ଧକ୍କାରେ ବୁଧବାର ଜଣେ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଥିବା ବେଳେ ଜଣେ ଗୁରୁତର ଆହତ ହୋଇଛନ୍ତି। ମୃତକ ହେଲେ ଖୋର୍ଦ୍ଧା ଜିଲା ବାଣପୁର ଥାନା ଅଧୀନ ହନ୍ତୁଆଡ଼ ଗ୍ରାମର ହେମନ୍ତ ସ୍ୱାଇଁ(୨୮)। ଗୁରୁତର ଗଣେଶ ପାଇକରାୟଙ୍କୁ ଚିକିତ୍ସା ପାଇଁ ଭୁବନେଶ୍ୱରର ଏକ ମେଡିକାଲରେ ଭର୍ତ୍ତି କରାଯାଇଛି। ସୂଚନା ମୁତାବକ, ହେମନ୍ତ ଓଡ଼ଗାଁରୁ କାମ ସାରି ବାଇକ୍‌ରେ ଗଣେଶଙ୍କ ସହ ଗ୍ରାମକୁ ଫେରୁଥିଲେ। ଓଡ଼ଗାଁ-କୋଳଥଡିହ ରାସ୍ତାରେ ଏକ ପିକ୍‌ଅପ ଭ୍ୟାନ ପଛପଟୁ ଆସି ସେମାନଙ୍କ ବାଇକ୍‌କୁ ଧକ୍କା ଦେଇଥିଲା। ଫଳରେ ଉଭୟ ବାଇକରୁ ଛିଟିକି ତଳେ ପଡିଯାଇଥିବା ବେଳେ ହେମନ୍ତଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା। ଆହତ ଗଣେଶଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି ବାଣପୁର ମେଡିକାଲ ପଠାଇଥିଲେ। ସ୍ୱାସ୍ଥ୍ୟାବସ୍ଥା ଗୁରୁତର ଥିବାରୁ ତାଙ୍କୁ ଭୁବନେଶ୍ୱରର ଏକ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ଅନ୍ୟପଟେ ଦୁର୍ଘଟଣାକୁ ନେଇ ଘଟଣାସ୍ଥଳରେ କିଛି ସମୟ ଉତ୍ତେଜନା ପ୍ରକାଶ ପାଇଥିଲା। ଖବରପାଇ ପୋଲିସ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିବା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା। ପରେ ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଦୁର୍ଘଟଣାଗ୍ରସ୍ତ ଦୁଇ ଗାଡ଼ିକୁ ଜବତ କରିଥିଲା। ମୃତକଙ୍କ ବାପା ରବୀନ୍ଦ୍ର ସ୍ୱାଇଁଙ୍କ ଅଭିଯୋଗକ୍ରମେ ଥାନାରେ ଏକ ମାମଲା (ନଂ.୪୯୦/୨୨) ରୁଜୁ ହୋଇଛି। ପିକ୍‌ଅପ୍ ଭ୍ୟାନ ଚାଳକ ଫେରାର ହୋଇଯାଇଛନ୍ତି।

ସେହିପରି ବାଲୁଗାଁ ଥାନା ଅନ୍ତର୍ଗତ ନାଭାଲ ଫାଣ୍ଡି ନିକଟରେ ବୁଧବାର ଗ୍ୟାସ ବୋଝେଇ ଟ୍ରକ୍ ଧକ୍କାରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ସେ ହେଲେ ବାଣପୁର ଚିଆଙ୍କ ସାହି ଅଞ୍ଚଳର ରମାକାନ୍ତ ଦାସ(୪୫)। ସୂଚନା ମୁତାବକ, ସନ୍ଧ୍ୟାରେ ଖଲ୍ଲିକୋଟରୁ ରମାକାନ୍ତ କାମ ସାରି ବାଇକରେ ଘରକୁ ଫେରୁଥିବା ବେଳେ ନାଭାଲ ଫାଣ୍ଡି ନିକଟରେ ଏକ ଗ୍ୟାସ ବୋଝେଇ ଟ୍ରକ ତାଙ୍କୁ ଧକ୍କା ଦେଇଥିଲା। ଫଳରେ ସେ ଟ୍ରକ ଚକା ତଳେ ପଡିଯାଇଥିଲେ। ଗୁରୁତର ଅବସ୍ଥାରେ ସ୍ଥାନୀୟଲୋକେ ଉଦ୍ଧାର କରି ଆମ୍ବୁଲାନ୍ସରେ ବାଲୁଗାଁ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ଦୁଇ ଗାଡ଼ିକୁ ଜବତ ଜବତ କରିଥିଲା।

## ଇପିଏଫ୍ ପେନ୍‌ସନଭୋଗୀ ଅବହେଳିତ

ଖୋର୍ଦ୍ଧା ଅଫିସ,୧୬।୧୧


ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

ନିଖିଳ ଓଡ଼ିଶା ଇପିଏଫ୍ ପେନସନର୍ସ ଆସୋସିଏଶନ ଆହ୍ୱାନକ୍ରମେ ଖୋର୍ଦ୍ଧା ଜିଲା କମିଟି ପକ୍ଷରୁ ଶତାଧିକ ପେନ୍‌ସନଭୋଗୀ ବୁଧବାର ସ୍ଥାନୀୟ ବାଟମଙ୍ଗଳା ଛକଠାରୁ ଶୋଭାଯାତ୍ରାରେ ବାହାରି ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ଏଥିସହ ପ୍ରଧାନମନ୍ତ୍ରୀ ଏବଂ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ଦାବିପତ୍ର ଦେଇଛନ୍ତି। ୧୯୯୫ ନଭେମ୍ବର ମାସର ଆଜିର ଦିନରେ କେନ୍ଦ୍ର ସରକାର ବିଭିନ୍ନ ସରକାରୀ ଉଦ୍ୟୋଗ, ବେସରକାରୀ ସଂସ୍ଥା ଓ କଳକାରଖାନାରେ କାର୍ଯ୍ୟରତ ଶ୍ରମିକ, କର୍ମଚାରୀଙ୍କ ପାଇଁ ପେନସନ ବ୍ୟବସ୍ଥା ଲାଗୁ କରିଥିଲେ। ମାତ୍ର ଏହା ଠିକ୍ ଭାବେ କାର୍ଯ୍ୟକାରୀ ହେଉନାହିଁ। ଇପିଏଫ ପେନସନଭୋଗୀଙ୍କୁ ଅବହେଳା କରାଯାଉଛି। ସର୍ବନିମ୍ନ ପେନସନ ୯ ହଜାର ଟଙ୍କାକୁ ବୃଦ୍ଧି ସହ ମହଙ୍ଗା ଭତ୍ତା, ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ମୁତାବକ ବର୍ଦ୍ଧିତ ପେନସନ ଲାଗୁ ପାଇଁ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରଦତ୍ତ ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ସେହିପରି ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ଇପିଏଫ ପେନସନ ଭୋଗୀ ବରିଷ୍ଠ ନାଗରିକଙ୍କୁ ଅନ୍ତର୍ଭୁକ୍ତ, ନିଃଶୁଳ୍କ ଚିକିତ୍ସା ସୁବିଧା ଯୋଗାଇ ଦେବା ଲାଗି ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଦାବି କରାଯାଇଛି। ଏହି ଶୋଭାଯାତ୍ରାରେ ଆସୋସିଏଶନର ରାଜ୍ୟ ସଭାପତି ଇଂ. ବିଜୟ କୁମାର ଜେନା, ଜିଲା

**ପ୍ରଧାନମନ୍ତ୍ରୀ, ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର**

ସଭାପତି ପ୍ରଫୁଲ୍ଲ କୁମାର ଦାସ, ଓଡ଼ିଶା ରାଜ୍ୟ ନିଗମ କର୍ମଚାରୀ ମହାସଂଘ ମହାସଚିବ ସରୋଜକାନ୍ତି ମଲିକ, ଉପସଭାପତି ସଚ୍ଚିଦାନନ୍ଦ ସାମନ୍ତରାୟ, ହରେକୃଷ୍ଣ ବେହେରା, ଗୀତାଞ୍ଜଳି ପାତ୍ର, ହରେନ୍ଦ୍ରନାଥ ପାଲ, ମିହିର କୁମାର ରାୟ, ବିଜୟ ପଟ୍ଟନାୟକ, ପ୍ରକାଶ ପଟ୍ଟନାୟକ, ମନମୋହନ ରାୟ, ବିନାୟକ ପଟ୍ଟନାୟକ, ପ୍ରତିମା ମିତ୍ର, ଲକ୍ଷ୍ମଣ ନନ୍ଦ, ସତ୍ୟବାନ ଜେନା ପ୍ରମୁଖ ସାମିଲ ଥିଲେ। ଦାବିପତ୍ର ଉପରେ କେନ୍ଦ୍ର ଓ ରାଜ୍ୟ ସରକାର ଗୁରୁତ୍ୱ ନ ଦେଲେ ଆଗାମୀ ଦିନରେ ସଂଘ ପକ୍ଷରୁ ଆନ୍ଦୋଳନକୁ ଜୋରଦାର କରାଯିବ ବୋଲି ଚେତାବନୀ ଦିଆଯାଇଛି।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୧୬।୧୧।୨୦୨୨

| ୪,୦୦,୫୫୪ ଟଙ୍କା | |
|---|---|
| ସୁନା | ୩.୬୦୦ ଗ୍ରାମ |
| ରୁପା | ୭୪.୪୦୦ ଗ୍ରାମ |

## ସଂକ୍ଷେପରେ

### ଭୋଟର ସଚେତନତା ରଥ ଉଦ୍‌ଘାଟିତ

**ପୁରୀ ଅଫିସ, ୧୬।୧୧:** ପୁରୀ ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ବୁଧବାର ଭୋଟର ସଚେତନତା ରଥକୁ ଅତିରିକ୍ତ ଜିଲାପାଳ (ପ୍ରଶାସନ) ପ୍ରଦୀପ କୁମାର ସାହୁ ସବୁଜ ପତାକା ଦେଖାଇ ଉଦ୍‌ଘାଟନ କରିଛନ୍ତି। ଏହି ରଥ ଜିଲାର ବିଭିନ୍ନ ଅଞ୍ଚଳ ବୁଲି ଲୋକଙ୍କୁ ସଚେତନ କରାଇବ। ଭୋଟର ତାଲିକାରେ ନାମ ଅନ୍ତର୍ଭୁକ୍ତ, ତଥ୍ୟ ସଂଶୋଧନ ଇତ୍ୟାଦି ପାଇଁ ସଚେତନ କରାଯିବ। କାର୍ଯ୍ୟକ୍ରମରେ ଉପଜିଲାପାଳ ଭବତାରଣ ସାହୁ, ଡେପୁଟି କଲେକ୍ଟର ଜିତେନ୍ଦ୍ର କୁମାର ପାତ୍ର, ରଞ୍ଜନ ବେହେରା, ରାମଚନ୍ଦ୍ର ପଟ୍ଟନାୟକ, ସହକାରୀ ଜିଲାପାଳ ରାଜବଲ୍ଲଭ ନାୟକ ଏବଂ ଶିକ୍ଷାବିତ ପ୍ରଫେସର ମାନସ ରଞ୍ଜନ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

### ଅଷ୍ଟପ୍ରହର ଉଦ୍‌ଯାପିତ

**କାକଟପୁର, ୧୬।୧୧(ଡି.ଏନ୍.ଏ.):** ପ୍ରତିବର୍ଷ ପରି ଚଳିତବର୍ଷ ଦୁଇଦିନ ଧରି ମଙ୍ଗଳା ମନ୍ଦିରର ପୂର୍ବ ଦ୍ୱାରରେ ଚାଲିଥିବା ଅଷ୍ଟପ୍ରହରି ନାମଯଜ୍ଞ ବୁଧବାର ଦଧିହାଣ୍ଡି ଭଙ୍ଗା ଯାଇ ଉଦ୍‌ଯାପିତ ହୋଇଯାଇଛି। ନଳିନୀକାନ୍ତ ଦୀକ୍ଷିତ ଠାକୁରଙ୍କ ଚଳନ୍ତି ପ୍ରତିମାଙ୍କୁ ଅଷ୍ଟଧାତୁ ନିର୍ମିତ ଥାଳିରେ ଧରି ରାଧାକୃଷ୍ଣଙ୍କ ଚାରିପଟେ ବୁଲିବା ସହିତ ସଂକୀର୍ତ୍ତନ ଦଳଙ୍କ ସହାୟତାରେ ପ୍ରତ୍ୟେକ ସେବାୟତଙ୍କ ଘର ବୁଲି ହରିନାମ କୀର୍ତ୍ତନ କରି ମାଗୁଣି କରିଥିଲେ। ମନ୍ଦିରରେ କୁନି କୁନି ପିଲାମାନେ ପ୍ରସାଦ ସେବନ କରିଥିଲେ। ମନ୍ଦିର ଟ୍ରଷ୍ଟ ବୋର୍ଡ ପକ୍ଷରୁ ଆବଶ୍ୟକ ସୁବିଧା ସୁଯୋଗ ଯୋଗାଇ ଦିଆଯାଇଥିଲା।

### ମା' ହେବ ଏସୀୟ ସିଂହୀ ବିଜଳୀ

**ବାରଙ୍ଗ, ୧୬।୧୧(ଡି.ଏନ୍.ଏ.):** ପ୍ରାଣୀ ଉଦ୍ୟାନ ନନ୍ଦନକାନନରେ ଆରମ୍ଭ ହୋଇଛି ମିଳନ ପର୍ବ। ବଂଶ ବୃଦ୍ଧି ଲକ୍ଷ୍ୟରେ ଆରମ୍ଭ ହୋଇଥିବା ମିଳନ ପର୍ବରେ ଅକ୍ଟୋବରରୁ ଧଳା ବାଘୁଣୀ ରୂପା ସହିତ ସାଧାରଣ ବାଘ ରାଜେଶ ଓ ଧଳା ବାଘୁଣୀ ମୌସୁମୀ ସହ ଧଳାବାଘ ସାହିଲର ମିଳନ ହୋଇଛି। ଏସୀୟ ସିଂହୀ ବିଜଳୀ ଏବେ ଗର୍ଭବତୀ। ବିଜଳୀ ତା'ର ତୃତୀୟ ଗର୍ଭସ୍ଥ ସନ୍ତାନକୁ ଜନ୍ମଦେବାକୁ ଯାଉଛି, ଯାହାକୁ ନେଇ କର୍ମଚାରୀ ଉତ୍ସାହିତ ଅଛନ୍ତି। ଆସନ୍ତା ୨୦ରୁ ୨୨ ତାରିଖ ମଧ୍ୟରେ ବିଜଳୀ ଜନ୍ମ କରିବ ବୋଲି ପୂର୍ବାନୁମାନ କରାଯାଇ କର୍ତ୍ତୃପକ୍ଷଙ୍କ ପକ୍ଷରୁ ସ୍ୱତନ୍ତ୍ର ଦୃଷ୍ଟି ଦିଆଯାଇଛି।

# ଯାତ୍ରୀଙ୍କ ମୌଳିକ ସୁବିଧା ଉପରେ ଗୁରୁତ୍ୱ

- ପୂର୍ବତଟ ରେଳପଥ ମହାପ୍ରବନ୍ଧକଙ୍କ ରେଳଷ୍ଟେଶନ ପରିଦର୍ଶନ
- ପୁନର୍ବିକାଶ କାର୍ଯ୍ୟର ସମୀକ୍ଷା

**ପୁରୀ ଅଫିସ, ୧୬।୧୧**

ପୂର୍ବତଟ ରେଳପଥର ମହାପ୍ରବନ୍ଧକ ରୂପ ନାରାୟଣ ସୁନକର ବୁଧବାର ପୁରୀ ଗସ୍ତରେ ଆସି ପୁରୀ ରେଳଷ୍ଟେଶନକୁ ପରିଦର୍ଶନ କରିବା ସହିତ ପୁନର୍ବିକାଶ କାର୍ଯ୍ୟର ସମୀକ୍ଷା କରିଛନ୍ତି। ଏହି ଅବସରରେ ଏକ ସମୀକ୍ଷା ବୈଠକ ଆୟୋଜିତ ହୋଇଥିଲା। ପୁରୀ ରେଳଷ୍ଟେସନରେ ଯାତ୍ରୀଙ୍କ ମୌଳିକ ସୁବିଧା ତଥା ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି ସୁବିଧା ଗୁଡିକ ଯେପରି ସମସ୍ତ ବର୍ଗର ଯାତ୍ରୀଙ୍କୁ ସହାୟକ ହୋଇପାରିବ, ସେଥିପ୍ରତି ଧ୍ୟାନ ଦିଆଯିବ। ଯାତ୍ରୀଙ୍କ ଆରାମଦାୟକ ଯାତ୍ରା, ଷ୍ଟେସନ ପୁନର୍ବିକାଶ, ଗରିବ ଓ ସ୍ୱଳ୍ପ ଆୟ ବର୍ଗର ଯାତ୍ରୀଙ୍କୁ ସୁହାଇଲା ଭଳି ଯାତ୍ରୀ ସେବା ଉପଲବ୍ଧ କରାଇବାକୁ ସେ କହିଥିଲେ। ଏଥିସହ ଯାତ୍ରୀଙ୍କ ସୁବିଧା ପାଇଁ ଆବଶ୍ୟକ ବିସ୍ତୃତ ଚଳପ୍ରଚଳ ସ୍ଥାନ, କନ୍‌କୋର୍ସ, ପ୍ଲାଟଫର୍ମ, ଆଲୋକୀକରଣ, ଯାତ୍ରୀ ପ୍ରତୀକ୍ଷା କକ୍ଷ, ଶୌଚାଳୟ, ଏସ୍କାଲେଟର, ଲିଫ୍ଟ ଇତ୍ୟାଦିର ଉପଲବ୍ଧି ଉପରେ ପ୍ରାଥମିକତା ଦେବାକୁ ସେ ଅଧିକାରୀଙ୍କୁ କହିଥିଲେ। ଉନ୍ନତ ପ୍ରକଳ୍ପ କାର୍ଯ୍ୟକାରୀ ପ୍ରଣାଳୀ ପାଇଁ ରେଳପଥ ଅଧିକାରୀଙ୍କୁ ସୁନକର ପ୍ରଶଂସା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତଟ ରେଳପଥ ମୁଖ୍ୟ ପ୍ରକଳ୍ପ ଅଧିକାରୀ (ନିର୍ମାଣ) ଅମର ପ୍ରକାଶ ଦ୍ୱିବେଦୀ, ଇ. ଆର୍. ରାଜ ଗୋପାଳ ଏବଂ ଖୋର୍ଦ୍ଧା ରୋଡ ରେଳମଣ୍ଡଳର ମଣ୍ଡଳ ରେଳବାଇ ପ୍ରବନ୍ଧକ ରିଙ୍କେଶ ରାୟଙ୍କ ସମେତ ମୁଖ୍ୟାଳୟ ଓ ରେଳମଣ୍ଡଳର ବରିଷ୍ଠ ଅଧିକାରୀ ଏହି ସମୀକ୍ଷା ବୈଠକରେ ଅଂଶଗ୍ରହଣ କରିଥିଲେ।



ଅଧିକାରୀମାନଙ୍କ ସହ ପୂର୍ବତଟ ରେଳପଥର ମହାପ୍ରବନ୍ଧକ ରୂପ ନାରାୟଣ ସୁନକର ପୁରୀ ରେଳଷ୍ଟେଶନ ପରିଦର୍ଶନ କରୁଛନ୍ତି।

# ପୁଣି ମାତିଲେ ମୂର୍ତ୍ତିଚୋର

- ନାରାୟଣ ଦେବଙ୍କ ମନ୍ଦିରରୁ ୪ ମୂର୍ତ୍ତି ଚୋରି
- ମାମଲା ରୁଜୁ କରି ପୋଲିସର ତଦନ୍ତ ଆରମ୍ଭ

**ପୁରୀ ଅଫିସ, ୧୬।୧୧**



କିଛି ମାସର ବ୍ୟବଧାନ ପରେ ପୁରୀ ଜିଲାରେ ପୁଣି ମୂର୍ତ୍ତି ଚୋର ସକ୍ରିୟ ହୋଇଛନ୍ତି। ପୂର୍ବରୁ କଣାସ, ଚନ୍ଦନପୁର, ସତ୍ୟବାଦୀ ଥାନା ଅଞ୍ଚଳରେ ଥିବା ବିଭିନ୍ନ ମନ୍ଦିରରେ ଦୁର୍ବୃତ୍ତମାନେ ପଶି ମନ୍ଦିର ତାଲାଭାଙ୍ଗି ମୂର୍ତ୍ତି ଚୋରି କରି ଫେରାର ହୋଇଯାଉଥିବା ଘଟଣା ହଇଚଇ ସୃଷ୍ଟି କରିଥିଲା। ଏବେ ପୁଣି ମୂର୍ତ୍ତିଚୋର ମାତିଲେଣି। ମଙ୍ଗଳବାର ରାତିରେ ପୁରୀ ସଦର ବ୍ଲକ ତଥା ଚନ୍ଦନପୁର ଥାନା ଅଧୀନସ୍ଥ ଗଡ଼ମୃଗଶିରା ପଞ୍ଚାୟତ ଅଲୁର ଗ୍ରାମର ଆରାଧ୍ୟ ଠାକୁର ନାରାୟଣ ଦେବଙ୍କ ମନ୍ଦିରରୁ ଅନେକ ପୁରାତନ ତଥା ମୂଲ୍ୟବାନ ମୂର୍ତ୍ତି ଚୋରି ହୋଇଛି। ଦୁର୍ବୃତ୍ତମାନେ ମନ୍ଦିରରୁ ୪ଟି ପୁରାତନ ଅଷ୍ଟଧାତୁ ମୂର୍ତ୍ତି ଚୋରି କରିଥିବା ସୂଚନା ମିଳିଛି। ସେଗୁଡ଼ିକ ମଧ୍ୟରେ ଦୁର୍ଗା ମୂର୍ତ୍ତି, ନାରାୟଣ ମୂର୍ତ୍ତି, ଚନ୍ଦ୍ରଶେଖର ମୂର୍ତ୍ତି ଏବଂ ନୃସିଂହ ଦେବଙ୍କ ମୂର୍ତ୍ତି ରହିଛି। ସୂଚନା ଅନୁଯାୟୀ, ବୁଧବାର ସକାଳେ ସ୍ଥାନୀୟ ଲୋକେ ନାରାୟଣ ଦେବ ମନ୍ଦିରର ତାଲା ଭଙ୍ଗାଯାଇଛି ଓ ମନ୍ଦିର ପରିସରରୁ ଅନେକ ମୂର୍ତ୍ତି ସମେତ ଅଳଙ୍କାର ଚୋରି ହୋଇଥିବା ଦେଖିବାକୁ ପାଇଥିଲେ। ସେମାନେ ଏ ନେଇ ଚନ୍ଦନପୁର ଥାନାକୁ ଖବର ଦେଇଥିଲେ। ପରେ ମନ୍ଦିର କମିଟି ପକ୍ଷରୁ ବିଷ୍ଣୁ ପ୍ରସାଦ ମିଶ୍ରଙ୍କ ଲିଖିତ ଅଭିଯୋଗ କ୍ରମେ ଥାନାରେ ଏକ କେସ୍ (ନଂ ୨୭୫/୨୨) ରୁଜୁ କରାଯାଇଛି। ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଏହି ମୂର୍ତ୍ତି ଚୋରୀ ଘଟଣାରେ ଆନ୍ତଃରାଜ୍ୟ ମୂର୍ତ୍ତି ଚୋର ର୍‍ୟାକେଟର ହାତ ଥାଇପାରେ ବୋଲି ଅନୁମାନ କରାଯାଉଛି।

# 'ଭକ୍ତ ବିଶର ମହାନ୍ତି ଏ ଯୁଗର ଦ୍ୱିତୀୟ ଇନ୍ଦ୍ରଦ୍ୟୁମ୍ନ'



ବଡ଼ଦାଣ୍ଡର ସାଲବେଗ ପୀଠ ପରିସରରେ ଆୟୋଜିତ ବିଶର ମହାନ୍ତି ସ୍ମୃତି ମହୋତ୍ସବରେ ଯୋଗ ଦେଇଥିବା ବ୍ୟକ୍ତିବିଶେଷ।

**ପୁରୀ ଅଫିସ, ୧୬।୧୧**

**ସ୍ମୃତି ସ୍ତମ୍ଭ ପ୍ରତିଷ୍ଠା, ପୁରୀର ଏକ ରାସ୍ତାକୁ ବିଶରଙ୍କ ନାମରେ ନାମିତ କରାଯିବାକୁ ଦାବି**

କୁଜଙ୍ଗ ସହ ଶ୍ରୀକ୍ଷେତ୍ରର ୪୫୫ ବର୍ଷର ଐତିହାସିକ ଓ ପୌରାଣିକ ସମ୍ପର୍କ ରହିଛି। ଯଦି ଗଡ଼କୁଜଙ୍ଗର ବିଶର ମହାନ୍ତି କଳାପାହାଡ଼ ଗଙ୍ଗାଘାଟରେ ଦାହ କରୁଥିବା ଚତୁର୍ଦ୍ଧାମୂର୍ତ୍ତିଙ୍କ ବ୍ରହ୍ମକୁ ଉଦ୍ଧାର କରି ମୃଦଙ୍ଗ ଭିତରେ ଗଡ଼କୁଜଙ୍ଗରେ ଗୁପ୍ତରେ ରଖି ନ ଥାନ୍ତେ, ତେବେ ଆଜି ଶ୍ରୀମନ୍ଦିର ନ ଥାନ୍ତା କି ଜଗନ୍ନାଥ ବିଶ୍ୱଦେବତା ହୋଇପାରି ନ ଥାନ୍ତେ। ସେହି ଦୃଷ୍ଟିରୁ ଭକ୍ତ ବିଶର ମହାନ୍ତି ଏ ଯୁଗର ଦ୍ୱିତୀୟ ଇନ୍ଦ୍ରଦ୍ୟୁମ୍ନ ବୋଲି ବିଶର ମହାନ୍ତି ସ୍ମୃତି ମହୋତ୍ସବରେ ଯୋଗଦେଇଥିବା ବକ୍ତାମାନେ ମତବ୍ୟକ୍ତ କରିଛନ୍ତି। ବଡ଼ଦାଣ୍ଡର ସାଲବେଗ ପୀଠ ପରିସରରେ ଶ୍ରୀଜଗନ୍ନାଥ ଧର୍ମ ସଂସ୍କୃତି ସୁରକ୍ଷା ସଙ୍ଗଠନ ଓଡ଼ିଶା, ଜଗନ୍ନାଥ ସେନା, ପୁରୀ ବିକାଶ ପରିଷଦ, ଅଭିନନ୍ଦନିକା, ଶ୍ରୀଜଗନ୍ନାଥ ଚେତନା ସୁରକ୍ଷା ଅଭିଯାନ ଜଗତସିଂହପୁର, ମାଧବାନନ୍ଦ ଜୀଉ ମନ୍ଦିର ଟ୍ରଷ୍ଟ ଏବଂ ଶ୍ରୀମାଧବାନନ୍ଦଜୀ ବିକାଶ ପରିଷଦର ମିଳିତ ସହଯୋଗରେ ବୁଧବାର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଗୀତିକାର ବଦ୍ରି ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ସାମାଜିକ କର୍ମୀ ଚକ୍ରଧର ମହାପାତ୍ର, ବରିଷ୍ଠ ଅଧିବକ୍ତା ପ୍ରିୟଦର୍ଶନ ପଟ୍ଟନାୟକ, ଖବରଦାତା ଜଗନ୍ନାଥ ବସ୍ତିଆ, ଶିଶୁ ସାହିତ୍ୟିକ ବୀରେନ୍ଦ୍ର ମହାନ୍ତି, ସରୋଜ କୁମାର ନାୟକ, ଡ. ଧୃତିଧର ଦାସ, ନ୍ୟାୟବ୍ରତ ରାଉତ, ସଂଗ୍ରାମ କେଶରୀ ଷଡ଼ଙ୍ଗୀ, ମନୋଜ କୁମାର ସେଠୀ, ଡ. ଅରୁଣ କୁମାର ପାଣି, ଆଲୋକ ମହାନ୍ତି, ତପନ ସ୍ୱାଇଁ, ଅନୀଲ ନାୟକ, ସୁଶାନ୍ତ ଦାସ, ପ୍ରଦୀପ ସ୍ୱାଇଁ, ଜୟରାମ ବାରିକ୍, ସତ୍ୟରଞ୍ଜନ ମହାପାତ୍ର, ସୁବାସ ପ୍ରଧାନ, ଅରୁଣ ବେହେରା, ବିକ୍ରମ ମହାନ୍ତିଙ୍କ ସମେତ ପୁରୀ, କୁଜଙ୍ଗ, ପାରାଦୀପ, ଗଡ଼କୁଜଙ୍ଗ ଓ ରାହାମାର ବୁଦ୍ଧିଜୀବୀମାନେ ଉପସ୍ଥିତ ଥିଲେ। ଏଥିରେ ଭକ୍ତ ବିଶର ମହାନ୍ତିଙ୍କ ସମାନର୍ଥେ ସ୍ମାରକୀ କମିଟି ତରଫରୁ ଶ୍ରୀମନ୍ଦିରର ମାଜଣା ମଣ୍ଡପକୁ ମୃଦଙ୍ଗ ପ୍ରଦାନ, କୋଲକାତାର ଗଙ୍ଗାଘାଟ, କୁଜଙ୍ଗ ଓ ପୁରୀରେ ସ୍ମୃତି ସ୍ତମ୍ଭ ପ୍ରତିଷ୍ଠା, ରାଜ୍ୟସ୍ତରୀୟ ସେମିନାର ଆୟୋଜନ, ପୁରୀର ଏକ ରାସ୍ତାକୁ ଭକ୍ତ ବିଶର ମହାନ୍ତି ମାର୍ଗ ନାମରେ ନାମିତ କରିବା, ମୃଦଙ୍ଗ ଶୋଭାଯାତ୍ରା ଓ ଆମିଷମୁକ୍ତ ବଡ଼ଦାଣ୍ଡ ପାଇଁ ଓଡ଼ିଶା ସରକାର, ପଶ୍ଚିମବଙ୍ଗ ସରକାର, ଶ୍ରୀମନ୍ଦିର ପ୍ରଶାସନ, ପୁରୀ ପ୍ରଶାସନ ଓ କୁଜଙ୍ଗ ପ୍ରଶାସନ ସହ ଆଲୋଚନା କରାଯିବା ପାଇଁ ବୈଠକ କରିବାକୁ ନିଷ୍ପତ୍ତି ନିଆଯାଇଥିଲା। ଶେଷରେ ଶ୍ୟାମପ୍ରକାଶ ସେନାପତି ଧନ୍ୟବାଦ ଦେଇଥିଲେ।

# ସାମ୍ୟବାଦୀ ପ୍ରାଣନାଥଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ଆହ୍ୱାନ

**କଣାସ, ୧୬।୧୧(ସ୍ୱ.ପ୍ର.)**

ଜକିନ ଗ୍ରାମ ଡିମିରି ପ୍ରାଥମିକ ବିଦ୍ୟାଳୟଠାରେ ଓଡ଼ିଶାର ସାମ୍ୟବାଦୀ ଆନ୍ଦୋଳନର ପ୍ରମୁଖ କର୍ଣ୍ଣଧାର ସଂଗ୍ରାମୀ ପ୍ରାଣନାଥ ପଟ୍ଟନାୟକଙ୍କ ୧୧୮ତମ ଜୟନ୍ତୀ ବୁଧବାର ପାଳିତ ହୋଇଯାଇଛି। କଣାସ ସଂଯୁକ୍ତ ପ୍ରଗତିଶୀଳ ମଞ୍ଚ ପକ୍ଷରୁ ଆୟୋଜିତ ଏହି ସଭାରେ ଶିକ୍ଷାବିତ୍ ପ୍ରଶାନ୍ତ ମିଶ୍ର ସଭାପତିତ୍ୱ କରିଥିଲେ। ମଞ୍ଚର ଆବାହକ ପୂର୍ବତନ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ସର୍ବେଶ୍ୱର ଜେନା କହିଛନ୍ତି, ପ୍ରାଣନାଥ ଥିଲେ ସ୍ୱାଧୀନତା ସଂଗ୍ରାମୀ, ସାମାଜିକ କର୍ମୀ, ସଂସ୍କାରକ, ଶିକ୍ଷାବିତ୍ ତଥା ସାହିତ୍ୟିକ। କଣାସ ଅଞ୍ଚଳ ଛାତ୍ରୀଛାତ୍ର ଏବଂ ଯୁବକଙ୍କୁ ପ୍ରାଣନାଥଙ୍କ ଆଦର୍ଶରେ ଅନୁପ୍ରାଣିତ ହେବା ପାଇଁ ଆହ୍ୱାନ ଦେଇଥିଲେ। ସଭାରେ ପୂର୍ବତନ ଉପଶିକ୍ଷାଧିକାରୀ ପ୍ରଭାକର ମଙ୍ଗରାଜ, ସାପ୍ତାହିକ ଜନବାଦୀର ସମ୍ପାଦକ ଚକ୍ରଧର ପ୍ରଧାନ, ଓଲଷ୍ଟା ଜିଲା ସଭାପତି ଅକ୍ଷୟ ରାୟସିଂ, କଣାସ ବ୍ଲକ ଶିକ୍ଷକ ସଂଘ ସମ୍ପାଦକ ପ୍ରଶାନ୍ତ ସୁନ୍ଦରାୟ, ସାମାଜିକ କର୍ମୀ ନିମାଇଁ ଚରଣ ସାହୁ, ଓଷ୍ଟାର ପୂର୍ବତନ ସମ୍ପାଦକ ମୃତ୍ୟୁଞ୍ଜୟ ବଡଜେନା, କଣାସ ଉଚ୍ଚ ବିଦ୍ୟାଳୟ ପୂର୍ବତନ ପ୍ରଧାନ ଶିକ୍ଷକ କସ୍ତୁରୀ ଚରଣ ଚମ୍ପତି, କୃଷକ ନେତା ଧନେଶ୍ୱର ସ୍ୱାଇଁ, ଡିମିରି ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରକାଶଚନ୍ଦ୍ର ସାହୁ ପ୍ରମୁଖ ଯୋଗଦାନ କରି ପ୍ରାଣନାଥଙ୍କ ସ୍ମୃତିଚାରଣ କରିଥିଲେ।

# ଗଣମାଧ୍ୟମ ହେଉଛି ଗଣତନ୍ତ୍ରର ସୁରକ୍ଷାକବଚ

**ଡେଲାଙ୍ଗ, ୧୬।୧୧(ଡି.ଏନ୍.ଏ.)**

**ଜାତୀୟ ପ୍ରେସ ଦିବସ**

ଡେଲାଙ୍ଗ ପ୍ରେସ୍ କ୍ଲବ ପକ୍ଷରୁ ଜାତୀୟ ପ୍ରେସ୍ ଦିବସ ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷରେ ବୁଧବାର ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଡେଲାଙ୍ଗ ଥାନା ଆଇଆଇସି ଅନିଲ ମହାନ୍ତି ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ପ୍ରେସ୍ କ୍ଲବ ସଭାପତି ତଥା ବରିଷ୍ଠ ଖବରଦାତା ପ୍ରସନ୍ନ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ଅଧ୍ୟାପକ ତ୍ରିନାଥ ପରିଡା, ଜିପିଓ ରତିକାନ୍ତ ସାହୁ, ବୈଷୟିକ ପରିଚାଳକ ସତ୍ୟପ୍ରିୟ ବେହେରା, କଣାସ ବ୍ଲକ ଖବରଦାତା ବିମ୍ବାଧର ବଡଜେନା, ସାମାଜିକ କର୍ମୀ ପ୍ରତାପ କିଶୋର ସାମନ୍ତସିଂହାର ପ୍ରମୁଖ ଉପସ୍ଥିତ ଥିଲେ। ମୂଲ୍ୟବୋଧ ଭିତ୍ତିକ ସାମ୍ବାଦିକତା ଦିଗରେ ବକ୍ତାମାନେ ବକ୍ତବ୍ୟ ପ୍ରଦାନ କରିଥିଲେ। ଗଣମାଧ୍ୟମ ହେଉଛି ଗଣତନ୍ତ୍ରର ସୁରକ୍ଷା କବଚ। ଘରଟିଏ ତିଆରି କରିବାକୁ ହେଲେ ୪ଟି ସ୍ତମ୍ଭର ଆବଶ୍ୟକ ପଡିଥାଏ। ସେହିପରି ଗଣତନ୍ତ୍ର ରାଷ୍ଟ୍ରରେ ଗଣମାଧ୍ୟମ ହେଉଛି ୪ର୍ଥ ସ୍ତମ୍ଭ। ରାଷ୍ଟ୍ରର ସୁରକ୍ଷା ଦିଗରେ ଗଣମାଧ୍ୟମର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ସମାଜର ମଙ୍ଗଳ ପାଇଁ ନିଜ ଜୀବନକୁ ବାଜି ଲଗାଇ ଅନେକ ସମୟରେ ଖବରଦାତାମାନେ ପ୍ରାଣ ହରାଇଥିବା ନଜିର ରହିଛି। ହେଲେ ସରକାରଙ୍କ ପକ୍ଷରୁ ଖବରଦାତାଙ୍କ ନିମନ୍ତେ ସେଭଳି କିଛି କରାଯାଇ ନ ଥିବା ଅଧ୍ୟାପକ ପରିଡା ମତବ୍ୟକ୍ତ କରିଥିଲେ। ଡେଲାଙ୍ଗ ପ୍ରେସ୍ କ୍ଲବ ସଦସ୍ୟ ଖବରଦାତା ସନ୍ତୋଷ ପଟ୍ଟନାୟକ, ଚିତ୍ତରଞ୍ଜନ ଜେନା, ପ୍ରଦୀପ ବିଶ୍ୱାଳ, ପ୍ରଦୀପ ନାୟକ, ସିଦ୍ଧାର୍ଥ ବଳବନ୍ତରାୟ, ଚନ୍ଦ୍ରଶେଖର ବିଶ୍ୱାଳ, ବିଶ୍ୱଜିତ୍ ପାଢୀ, ସଞ୍ଜୟ ବିଶ୍ୱାଳ, ହିମାଂଶୁ ମହାପାତ୍ର, ଶୁଭଲକ୍ଷ୍ମୀ ସେନାପତି, ପ୍ରିୟବ୍ରତ ପ୍ରଧାନ, ଗଗନ ଖଟୋଇ ପ୍ରମୁଖ ଅଂଶଗ୍ରହଣ କରିଥିଲେ। ଦିଲୀପ ଧାଉଡିଆ ମଞ୍ଚ ପରିଚାଳନା କରିଥିବାବେଳେ ରଶ୍ମିରଞ୍ଜନ ପ୍ରଧାନ ଧନ୍ୟବାଦ ଦେଇଥିଲେ।




କାର୍ଯ୍ୟକ୍ରମରେ ଥାନା ଆଇଆଇସି ଅନିଲ ମହାନ୍ତି ଏବଂ ଅନ୍ୟ ଅତିଥିଙ୍କ ସହ ଖବରଦାତାମାନେ।

# 'ଗଣମାଧ୍ୟମ ହେଉଛି ସମାଜର ଜାଗ୍ରତ ପ୍ରହରୀ'




ଜିଲାସ୍ତରୀୟ ଜାତୀୟ ପ୍ରେସ୍ ଦିବସ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ (ପ୍ରଶାସନ) ପ୍ରଦୀପ କୁମାର ସାହୁ ଏବଂ ଅନ୍ୟ ଅତିଥି ବୃନ୍ଦ।

**ପୁରୀ ଅଫିସ, ୧୬।୧୧**

ଗଣମାଧ୍ୟମ ହେଉଛି ସମାଜର ଜାଗ୍ରତ ପ୍ରହରୀ। ଗଣତନ୍ତ୍ରର ସୁରକ୍ଷା ଓ ସମୃଦ୍ଧି କ୍ଷେତ୍ରରେ ଗଣମାଧ୍ୟମ ପ୍ରତିନିଧିମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି ଅତିରିକ୍ତ ଜିଲାପାଳ (ପ୍ରଶାସନ) ପ୍ରଦୀପ କୁମାର ସାହୁ କହିଛନ୍ତି। ଜାତୀୟ ପ୍ରେସ୍ ଦିବସ ଅବସରରେ ବୁଧବାର ସ୍ଥାନୀୟ ସଦ୍‌ଭାବନା ସଭାଗୃହରେ ପୁରୀ ଜିଲାସ୍ତରୀୟ ଜାତୀୟ ପ୍ରେସ୍ ଦିବସ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲାପାଳ ସାହୁ ଯୋଗଦେଇ ଲୋକଙ୍କ ସମସ୍ୟା ଓ ଆବଶ୍ୟକତାକୁ ସରକାର ଏବଂ ପ୍ରଶାସନ ନିକଟରେ ପହଞ୍ଚାଇବା, ସରକାରଙ୍କ ବିଭିନ୍ନ ଯୋଜନା ଓ ପ୍ରକଳ୍ପ ସମ୍ପର୍କରେ ଲୋକଙ୍କୁ ଜଣାଇବା ଓ ବିଭିନ୍ନ କ୍ଷେତ୍ରରେ ସଚେତନ କରାଇବାରେ ଗଣମାଧ୍ୟମର ଅବଦାନ ଅତୁଳନୀୟ ବୋଲି କହିଥିଲେ। ପ୍ରେସ୍ କାଉନସିଲ ଅଫ୍ ଇଣ୍ଡିଆ ଗଠିତ ହୋଇ ଗଣତନ୍ତ୍ରର ସମୃଦ୍ଧି ପାଇଁ କାର୍ଯ୍ୟ କରିବା ସହ ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ସୁରକ୍ଷା ପ୍ରଦାନରେ ସହାୟକ ହେଉଛି। ବିଭିନ୍ନ ବିପର୍ଯ୍ୟୟ, କରୋନା ଭଳି କଷ୍ଟକର ସମୟରେ ମଧ୍ୟ ଗଣମାଧ୍ୟମ ଯେପରି କାର୍ଯ୍ୟ କରିଛି ତାହା ପ୍ରଶଂସନୀୟ। କାର୍ଯ୍ୟକ୍ରମରେ ଉପଜିଲାପାଳ ଭବତାରଣ ସାହୁ ଯୋଗଦେଇ କହିଥିଲେ, ସତ୍ୟ ଓ ନିରପେକ୍ଷ ଖବର ପରିବେଷଣ ଗଣତନ୍ତ୍ରକୁ ମଜବୁତ କରିଥାଏ। ଅନୁସନ୍ଧାନଧର୍ମୀ ଓ ବାସ୍ତବ ଖବର ପରିବେଷଣ ଉପରେ ସେ ଗୁରୁତ୍ୱ ଦେଇଥିଲେ। ମୁଖ୍ୟ ବକ୍ତା ଭାବେ ପ୍ରଫେସର ମାନସ ରଞ୍ଜନ ମହାପାତ୍ର ଯୋଗଦେଇ ଗଣମାଧ୍ୟମର ସୃଷ୍ଟି, ପ୍ରେସ କ୍ଲବ ଅଫ ଇଣ୍ଡିଆର ଜନ୍ମ ସମ୍ପର୍କରେ ଆଲୋଚନା କରିବା ସହ ଗୁଣାତ୍ମକ ସାମ୍ବାଦିକତା ଗଣତନ୍ତ୍ର ପାଇଁ ଶୁଭଙ୍କର ବୋଲି କହିଥିଲେ। ସରକାର ଓ ପ୍ରଶାସନ ନିକଟରେ ସାଧାରଣ ଲୋକଙ୍କ ସମସ୍ୟା ପହଞ୍ଚାଇ ସମାଧାନ କରିବାକୁ ଗଣମାଧ୍ୟମ ପ୍ରତିନିଧିମାନେ ବ୍ରତୀ ହେବାକୁ ସେ ଅନୁରୋଧ କରିଥିଲେ। ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବରିଷ୍ଠ ଖବରଦାତା ବିଶ୍ୱଜିତ ପଟ୍ଟନାୟକ ଓ ମଧୁସୂଦନ ମିଶ୍ର ଯୋଗଦେଇ ଗଣମାଧ୍ୟମର ଭୂମିକା ସମ୍ପର୍କରେ ଆଲୋକପାତ କରିବା ସହ ପୁରୀରେ ଗଣମାଧ୍ୟମ ଭବନ ନିର୍ମାଣ ଲାଗି ପଦକ୍ଷେପ ନେବାକୁ ପ୍ରଶାସନକୁ ଅନୁରୋଧ କରିଥିଲେ। ଜିଲା ଶିଶୁ ସୁରକ୍ଷା ଅଧିକାରୀ ମନୋଜ କୁମାର ତ୍ରିପାଠୀ ଧନ୍ୟବାଦ ଦେଇଥିଲେ।

# କୋରାପୁଟକୁ ହରାଇଲା ଭଦ୍ରକ

**ନିମାପଡ଼ା, ୧୬।୧୧(ଡି.ଏନ୍.ଏ.)**

**ରାଜ୍ୟସ୍ତରୀୟ ୮ମ ପଦ୍ମଚରଣ ସାମନ୍ତସିଂହାର ସ୍ମାରକୀ ଫୁଟବଲ୍**

ନିମାପଡ଼ା ଆଥଲେଟିକ୍ ଆସୋସିଏଶନ (ଏନ୍ଏଏ) ପକ୍ଷରୁ ସ୍ଥାନୀୟ ବାରବାଟୀ ଗ୍ରାଉଣ୍ଡରେ ଆୟୋଜିତ ରାଜ୍ୟସ୍ତରୀୟ ୮ମ ପଦ୍ମଚରଣ ସାମନ୍ତସିଂହାର ସ୍ମାରକୀ ଫୁଟବଲ୍ ପ୍ରତିଯୋଗିତା ବୁଧବାର ୪ର୍ଥ ଦିନରେ ପହଞ୍ଚିଛି। ଏହି ଦିବସରେ ୪ର୍ଥ କ୍ୱାର୍ଟର ଫାଇନାଲ ମ୍ୟାଚ୍ ଅମୀମାଂସିତ ଭାବେ ଶେଷ ହୋଇଥିବାରୁ ଟାଏବ୍ରେକର ପଦ୍ଧତିର ସହାୟତା ନିଆଯାଇଥିଲା। ଟାଏବ୍ରେକର ପଦ୍ଧତି ଓ ପେନାଲଟିକ୍ ସୁଟ୍ ଆଉଟ୍ ଜରିଆରେ ଜିଲା ଫୁଟବଲ୍ ଆସୋସିଏଶନ (ଡିଏଫ୍ଏ) କୋରାପୁଟକୁ ୫-୩ ଗୋଲରେ ପରାସ୍ତ କରି ୟୁନାଇଟେଡ୍ ଫୁଟବଲ୍ କ୍ଲବ (ୟୁଏଫ୍‌ସି) ଭଦ୍ରକ ବିଜୟ ହାସଲ କରିଛି। ମ୍ୟାଚ୍‌ର ପ୍ରଥମାର୍ଦ୍ଧରେ ଭଦ୍ରକ ଦଳର ଖେଳାଳି ବାଦଲ ଭୋଇ ୨ଟି ଗୋଲ ସ୍କୋର କରିଥିବାବେଳେ ପ୍ରତିପକ୍ଷ କୋରାପୁଟର ଖେଳାଳି ଆଲେକ୍ସ ଗୋଟିଏ ଓ ବିକ୍ରମ ଗୋଟିଏ ଗୋଲ ସ୍କୋର କରିଥିଲେ। ରେଫରି ଭାବେ ବିଜୟ ମଙ୍ଗରାଜ, ସୁଦୀପ୍ତ ଦାସ, ପ୍ରିୟବ୍ରତ ବାହିନୀପତି, ସୁଶାନ୍ତ ରାଉତରାୟ, ପଦ୍ମଚରଣ ପାଣିଗ୍ରାହୀ ପ୍ରମୁଖ ମ୍ୟାଚ ପରିଚାଳନା କରିଥିଲେ। ଆୟୋଜିତ ଏହି ମ୍ୟାଚରେ ୟୁଏଫ୍‌ସି ଭଦ୍ରକ ଦଳର ଖେଳାଳି ବାଦଲ ଭୋଇ ମ୍ୟାନ ଅଫ୍ ଦି ମ୍ୟାଚ ଭାବେ ପୁରସ୍କୃତ ହୋଇଥିଲେ। ଅତିଥି ଭାବେ ନିମାପଡ଼ା ପଞ୍ଚାୟତ ସମିତି ଅଧ୍ୟକ୍ଷ ଶଙ୍କର ଭୋଇ, ସ୍ଥାନୀୟ ଜଳ ସମ୍ପଦ ବିଭାଗର ସୁପରିଣ୍ଟେଣ୍ଡେଣ୍ଟ ଇଞ୍ଜିନିୟର(ଏସ୍ଇ) ଶଶିଭୂଷଣ ମିଶ୍ର, ସହକାରୀ ନିର୍ବାହୀ ଯନ୍ତ୍ରୀ ପ୍ରଭାତ ଦାଶ, ଗ୍ରାମ୍ୟ ଉନ୍ନୟନ ବିଭାଗ (ଏସ୍ଇ) ସୁପରିଣ୍ଟେଣ୍ଡେଣ୍ଟ ସତ୍ୟଜିତ୍ ଦଳେଇ, ଶିକ୍ଷାବିତ୍ ଅମରେଶ ନନ୍ଦନ ସାହୁ, କ୍ରୀଡାବିତ୍ ଶେଖ୍ ଏନାତୁଲା ପ୍ରମୁଖ ଉପସ୍ଥିତ ଥିଲେ। ଟୁର୍ଣ୍ଣାମେଣ୍ଟକୁ ବିନୋଦ ବିହାରୀ ସ୍ୱାଇଁ, ରଶ୍ମିରଞ୍ଜନ ପଣ୍ଡା, ଅଜୟ ପାଣି, ସୂର୍ଯ୍ୟ ନାରାୟଣ ସେନାପତି ପ୍ରମୁଖ ସଂଯୋଜନା ଓ ସହାୟତା କରିଥିଲେ। ଗୁରୁବାର ପ୍ରଥମ ସେମିଫାଇନାଲରେ ଏନ୍ଏଏ ଏବଂ ଜଗା ୟୁନାଇଟେଡ୍ (ଏଫ୍‌ସି) ଭୁବନେଶ୍ୱର ମଧ୍ୟରେ ମୁକାବିଲା ହେବ।



ରାଜ୍ୟସ୍ତରୀୟ ୮ମ ପଦ୍ମଚରଣ ସାମନ୍ତସିଂହାର ସ୍ମାରକୀ ଫୁଟବଲ୍ ଟୁର୍ଣ୍ଣାମେଣ୍ଟର ୪ର୍ଥ ଦିବସ ମ୍ୟାଚ୍ ଅବସରରେ ଉଭୟ ଦଳର ଖେଳାଳିଙ୍କ ସହ ଅତିଥି।

**୬ ଦୋକାନରୁ ଚୋରି ଘଟଣା: ଅଭିଯୁକ୍ତ ଥାନାରେ ଅଟକ**

ସାଲେପୁର,(ଡି.ଏନ୍.ଏ.): ସାଲେପୁର ଥାନା ଅନ୍ତର୍ଗତ ବୋଦାମୁଣ୍ଡାଇ ବଜାରସ୍ଥିତ ୬ଟି ଦୋକାନରୁ କିଛି ଦିନ ତଳେ ଚୋରି ହୋଇଥିଲା। ଅଭିଯୁକ୍ତମାନେ ଦୋକାନଗୃହ କବାଟ ଭାଙ୍ଗି ବିଭିନ୍ନ ସାମଗ୍ରୀ ଚୋରି କରି ନେଇଥିଲେ। ଏହି ଘଟଣାରେ ପୋଲିସ କେତେଜଣ ଯୁବକଙ୍କୁ ଥାନାକୁ ଆଣି ପଚରାଉଚୁରା କରୁଛି। ତଦନ୍ତ ଦୃଷ୍ଟିରୁ ସେମାନଙ୍କ ନାମ ପ୍ରକାଶ କରିବାକୁ ଆଇଆଇସି ମନା କରିଛନ୍ତି।

## ସଂକ୍ଷେପରେ

### ଅଜଣା ଗାଡ଼ି ଧକ୍କାରେ ଯୁବକ ମୃତ

**ମଙ୍ଗୁଳି/ଜଗତପୁର,୧୬।୧୧(ଡ଼ି.ଏନ.ଏ):** ଟାଙ୍ଗୀ ଥାନା ଅଧୀନ ୧୬ନମ୍ବର ଜାତୀୟ ରାଜପଥରେ ଏକ ଅଜଣା ଗାଡ଼ି ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି । ସେ ହେଲେ ଚୌଦ୍ୱାର ପୌର ଅଧୀନ ୮ନଂ ୱାର୍ଡ ଜୟନ୍ତୀନଗରର ଜଗନ ଡୋରା (୨୨)। ଏକ ଢ଼ାବାରେ ଜଗନ ରାତିରେ ସେଲ୍ସମ୍ୟାନ ଭାବେ କାର୍ଯ୍ୟ କରନ୍ତି। ମଙ୍ଗଳବାର ଭୋର ସମୟରେ କ୍ଷୀର ଆଣିବାକୁ ପାଖ ଦୋକାନକୁ ଚାଲି ଚାଲି ଯାଉଥିବା ସମୟରେ ଚଣ୍ଡିଖୋଲ ପଟୁ କଟକ ଅଭିମୁଖେ ଯାଉଥିବା ଏକ ଟ୍ରକ ତାଙ୍କୁ ଧକ୍କା ଦେଇଥିଲା। ଜଗନ ଛିଟିକି ରାସ୍ତା ପାର୍ଶ୍ୱରେ ପଡ଼ିଥିଲେ। ଘଟଣା ସ୍ଥଳରେ ହିଁ ତାଙ୍କର ମୃତ୍ୟୁ ହୋଇଥିଲା। ଟାଙ୍ଗୀ ପୋଲିସ ପହଞ୍ଚି ମୃତଦେହ ବ୍ୟବଚ୍ଛେଦ ପାଇଁ କଟକ ବଡ଼ ମେଡିକାଲ ପଠାଇବା ସହ ତଦନ୍ତ ଜାରି ରଖିଛି ।

### ଲୁହା ଗ୍ରୀଲ୍ ଚୋରି, ୩ ଗିରଫ

**ମାହାଙ୍ଗା,୧୬।୧୧(ସ୍ୱ.ପ୍ର):** ମାହାଙ୍ଗାର ଐତିହ୍ୟ ଲଳିତଗିରି ବୌଦ୍ଧବିହାର ପରିସରରେ ଥିବା ଲୁହା ବାଡ଼ ଗତ କିଛି ଦିନ ପୂର୍ବେ ଚୋରି ହୋଇଥିବା ନେଇ ମାହାଙ୍ଗା ଥାନାରେ ଅଭିଯୋଗ ହୋଇଥିଲା । ପୋଲିସ ମାମଲା ରୁଜୁ କରି ତଦନ୍ତ ଜାରୀ ରଖିଥିଲା । ଏହି ଚୋରିରେ ସମ୍ପୃକ୍ତ ଲଳିତଗିରି ଗ୍ରାମର ଉମାକାନ୍ତ ସିଂହ, ନୃସିଂହ ସିଂହ, ସୁରେଶ ମହାରଣାଙ୍କୁ ପୋଲିସ ବୁଧବାର ଗିରଫ କରିବା ସହ ୨ଟି ଚୋରି ଲୁହାବାଡ଼ ଜବତ କରିଛି । ଅଭିଯୁକ୍ତଙ୍କୁ ସାଲେପୁର ବିଚାର ବିଭାଗୀୟ ହାଜତକୁ ପଠା ଯାଇଥିବା ବେଳେ ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ଶିଶୁଆ କାରାଗାରକୁ ଯିବାକୁ ପଡ଼ିଛି।

### ସାପ କାମୁଡ଼ାରେ ବୃଦ୍ଧ ମୃତ

**ସାଲେପୁର,୧୬।୧୧(ଡି.ଏନ୍.ଏ.):** ବିଲରେ କାମ କରୁଥିବାବେଳେ ଏକ ବିଷାକ୍ତ ସାପ କାମୁଡ଼ି ଦେବାରୁ ବୁଧବାର ଜଣେ ବୃଦ୍ଧଙ୍କ ମୃତ୍ୟୁଘଟିଛି। ସେ ହେଲେ ସାଲେପୁର ବ୍ଲକ୍ ରାମେଶ୍ୱର ପଞ୍ଚାୟତ ଅନ୍ତର୍ଗତ ଦୁର୍ଗାପୁର ଗ୍ରାମର ଗନ୍ଧର୍ବ ସାମଲ (୬୦)। ସେ ମଧ୍ୟାହ୍ନ ସମୟରେ ଘର ନିକଟରେ ଥିବା ବିଲରେ କାମ କରୁଥିବା ବେଳେ ଏକ ବିଷାକ୍ତ ସାପ କାମୁଡ଼ି ଦେଇଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ କଟକ ବଡ ଡାକ୍ତରଖାନା ନିଆଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି।

### ନିଆଁ ଲାଗି ୩ ବଖରା ଜଳିଗଲା

**ଟାଙ୍ଗୀ(କଟକ)୧୬।୧୧(ଡି.ଏନ୍.ଏ):** ଟାଙ୍ଗୀ-ଚୌଦ୍ୱାର ବ୍ଲକ ଅନ୍ତର୍ଗତ କହ୍ନେଇପୁର ପଞ୍ଚାୟତ ଭଗତପୁର ଶବରସାହିରେ ଅଗ୍ନିକାଣ୍ଡ ଘଟିଛି। ମଙ୍ଗଳବାର ବିଳମ୍ବିତ ରାତିରେ ଗଙ୍ଗା ଦେହୁରୀଙ୍କ ଚାଳଘରେ କୌଣସି କାରଣରୁ ନିଆଁ ଲାଗିଯାଇଥିଲା। ୩ ବଖରା ଘର ସମେତ ଲୁଗାପଟା, ରୋଷେଇ ସାମଗ୍ରୀ, ଧାନ ଚାଉଳ ସମ୍ପୂର୍ଣ୍ଣ ଜଳିଯାଇଛି। ଚୌଦ୍ୱାରରୁ ଦମକଳ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ।

# କଂଗ୍ରେସ ପକ୍ଷରୁ ଥାନା ସମ୍ମୁଖରେ ଧାରଣା

**ଡମପଡ଼ା ବ୍ଲକ ଅଧ୍ୟକ୍ଷଙ୍କ ଗିରଫ ଦାବି**

**ବାଙ୍କୀ,୧୬।୧୧(ସ୍ୱ.ପ୍ର.)**



ବାଙ୍କୀ ଥାନା ସମ୍ମୁଖରେ କଂଗ୍ରେସ କର୍ମୀମାନେ ଧାରଣା ଦେଇଛନ୍ତି।

ଡମପଡ଼ା ବ୍ଲକ ଅଧ୍ୟକ୍ଷ ପ୍ରଣବ କିଶୋର ପଟେଲଙ୍କ ଗିରଫ ଦାବି କରି ବାଙ୍କୀ ଥାନା ସମ୍ମୁଖରେ କଂଗ୍ରେସ ପକ୍ଷରୁ ବୁଧବାର ଧାରଣା ଦିଆଯିବା ସହ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଅକ୍ଟୋବର ୨୩ରେ ବାଙ୍କୀ କେନ୍ଦ୍ର ସମବାୟ ବ୍ୟାଙ୍କ ନିର୍ବାଚନରେ ଡମପଡ଼ା ବ୍ଲକ ଅଧ୍ୟକ୍ଷ ପଟେଲ ବୁଥ୍ ଭିତରେ ପ୍ରବେଶ କରି ନିର୍ବାଚନ ଅଧିକାରୀଙ୍କ ଉପସ୍ଥିତିରେ ଜୋର୍ ଜବରଦସ୍ତ ମତଦାନ କରିଥିଲେ ବୋଲି କଂଗ୍ରେସ କର୍ମୀମାନେ ଅଭିଯୋଗ କରିଥିଲେ। ଏନେଇ ପଟେଲଙ୍କ ଗିରଫ ଦାବି କରି ନଭେମ୍ବର ୧ରେ ଯୁବଛାତ୍ର କଂଗ୍ରେସ ପକ୍ଷରୁ ବାଙ୍କୀ ଥାନାରେ ଲିଖିତ ଏତଲା ଦିଆଯାଇଥିଲା। ଇତିମଧ୍ୟରେ ୧୭ଦିନ ବିତି ଯାଇଥିଲେ ମଧ୍ୟ ପୋଲିସ କୌଣସି କାର୍ଯ୍ୟାନୁଷ୍ଠାନ ନେଉନାହିଁ ବୋଲି କଂଗ୍ରେସ ପକ୍ଷରୁ ଅଭିଯୋଗ କରାଯାଇଛି। ଏନେଇ ଯୁବ କଂଗ୍ରେସ ଅଧ୍ୟକ୍ଷ ରମାକାନ୍ତ ସେଠୀ, ସାଧାରଣ ସମ୍ପାଦକ ଦେବେନ୍ଦ୍ର ପ୍ରଧାନ ଓ ବରିଷ୍ଠ କଂଗ୍ରେସ ନେତା ତଥା ଆଇନଜୀବୀ ବିଶ୍ୱରଞ୍ଜନ ପଣ୍ଡାଙ୍କ ନେତୃତ୍ୱରେ ଯୁବଛାତ୍ର କଂଗ୍ରେସ କର୍ମୀମାନେ ଥାନା ସମ୍ମୁଖରେ ଧାରଣା ଦେଇଥିଲେ। ଉପଖଣ୍ଡ ପୋଲିସ ଅଧିକାରୀ ଜ୍ଞାନ ମିଶ୍ର ଧାରଣାସ୍ଥଳରେ ପହଞ୍ଚି ତଦନ୍ତ କରାଯାଇ ଏ ପ୍ରସଙ୍ଗରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା ବୋଲି ଯୁବକଂଗ୍ରେସ ସଭାପତି ରମାକାନ୍ତ ସେଠୀ ପ୍ରକାଶ କରିଛନ୍ତି।

# ସ୍ଥିତି ଅନୁଧ୍ୟାନ କଲେ ଏନ୍ଏଚ୍ଏଆଇ ପଦାଧିକାରୀ

**ଜାତୀୟ ରାଜପଥ ମରଣଯନ୍ତା**

**ଚୌଦ୍ୱାର,୧୬।୧୧(ଡି.ଏନ୍.ଏ.)**

ମଙ୍ଗୁଳି ଛକରୁ ବାହାରି ଚୌଦ୍ୱାର ସହର ମଧ୍ୟଦେଇ ସମ୍ବଲପୁର ଅଭିମୁଖେ ଯାଇଥିବା ୫୫ ନମ୍ବର ଜାତୀୟ ରାଜପଥ ମରଣଯନ୍ତା ପାଲଟିଛି। ଫଳରେ ଯାତାୟାତରେ ସମସ୍ୟା ହେଉଛି। ଏହାକୁ ନେଇ ତୀବ୍ର ଅସନ୍ତୋଷ ପ୍ରକାଶ ପାଇବାରୁ ଜାତୀୟ ରାଜପଥ ପ୍ରାଧିକରଣ କର୍ତ୍ତୃପକ୍ଷ(ଏନ୍ଏଚ୍ଏଆଇ) ପଦାଧିକାରୀ ବୁଧବାର ଚୌଦ୍ୱାରରେ ପହଞ୍ଚି ରାସ୍ତାର ସ୍ଥିତି ଅନୁଧ୍ୟାନ କରିଥିଲେ। ରାସ୍ତା ସମ୍ପ୍ରସାରଣ କାର୍ଯ୍ୟରେ ଅହେତୁକ ବିଳମ୍ବ ହେଉଥିବାରୁ ବିଭିନ୍ନ ସ୍ଥାନରେ ଖାଲଖମା ସୃଷ୍ଟି ହୋଇଛି। ଫଳରେ ଲୋକମାନେ ଖାଲରେ ପଡି ଆହତ ହେଉଛନ୍ତି। ରାସ୍ତା କାମ ତ୍ୱରାନ୍ୱିତ ପାଇଁ ସ୍ଥାନୀୟ ଅଞ୍ଚବାସୀଙ୍କ ପକ୍ଷରୁ ବାରମ୍ବାର ଆନ୍ଦୋଳନ, ରାସ୍ତାରୋକୋ, ଧର୍ମଘଟ କରାଯାଇଥିଲେ ସୁଦ୍ଧା ଏ ଦିଗରେ ଏନ୍ଏଚ୍ଏଆଇ କର୍ତ୍ତୃପକ୍ଷ ପଦକ୍ଷେପ ନେଇ ନ ଥିଲେ। ପରିସ୍ଥିତି ଅସମ୍ଭାଳ ହେବାରୁ ପୂର୍ବତନ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳଙ୍କ ନେତୃତ୍ୱରେ ଚୌଦ୍ୱାର କଟକ ଉନ୍ନୟନ ପରିଷଦ ସଭାପତି ବାଳକୃଷ୍ଣ ମହାନ୍ତି, ସମ୍ପାଦକ ଇଂ. ସୁବ୍ରତ ଘଡ଼େଇଙ୍କ ସମେତ ଏକ ପ୍ରତିନିଧି ମଣ୍ଡଳୀ ଭୁବନେଶ୍ୱରସ୍ଥିତ ଏନ୍ଏଚ୍ଏଆଇ ଅଧିକାରୀଙ୍କୁ ଭେଟି ତୁରନ୍ତ ରାଜପଥ ସ୍ଥିତି ଅନୁଧ୍ୟାନ କରି ପଦକ୍ଷେପ ନେବା ପାଇଁ ଦାବି କରିଥିଲେ। ଫଳସ୍ୱରୂପ ଢେଙ୍କାନାଳ ଏନ୍ଏଚ୍ଏଆଇ ପ୍ରକଳ୍ପ ନିର୍ଦ୍ଦେଶକ ଓ ଭୁବନେଶ୍ୱର ଅଫିସ ପ୍ରତିନିଧି ବୁଧବାର ଚୌଦ୍ୱାରରେ ପହଞ୍ଚି ରାଜପଥର ସ୍ଥିତି ଅନୁଧ୍ୟାନ କରିଥିଲେ। ପୂର୍ବତନ ବିଧାୟକ ବିଶ୍ୱାଳ, ଉପ ନଗରପାଳ ଶୁଭେନ୍ଦୁ ସାମଲ, ପୂର୍ବତନ ନଗରପାଳ ପ୍ରେମଚାନ୍ଦ ନାୟକ, କାଉନସିଲର ଆଶୁତୋଷ ଦାସ, ସୁବ୍ରତ ସାମଲ ପ୍ରମୁଖ ଏନ୍ଏଚ୍ଏଆଇ ପ୍ରତିନିଧିମାନଙ୍କୁ ରାସ୍ତା ଅବସ୍ଥା ଦେଖାଇ ତୁରନ୍ତ କାର୍ଯ୍ୟ ସମ୍ପୂର୍ଣ୍ଣ କରିବାକୁ ଅନୁରୋଧ କରିଥିଲେ। ମୁଖ୍ୟ ରାସ୍ତାର ଦୁଇ ପାର୍ଶ୍ୱରେ ସର୍ଭିସ୍ ରୋଡ କାର୍ଯ୍ୟ ଆଗାମୀ ୨ମାସ ମଧ୍ୟରେ ସମ୍ପୂର୍ଣ୍ଣ କରିବା ସହିତ ଓଟିଏମ୍ ବଜାର ଓ ଧୂମାବତୀ ଛକରେ ଦୁଇଟି ଅଣ୍ଡର ପାସ୍ କାର୍ଯ୍ୟ ତୁରନ୍ତ ଆରମ୍ଭ କରାଯିବ ବୋଲି ପ୍ରତିନିଧିମାନେ ପ୍ରତିଶ୍ରୁତି ଦେଇଥିଲେ।



ରେଭେନ୍ସା ବିଶ୍ୱବିଦ୍ୟାଳୟର ସେଭେନ୍ ପିଲର ଅଫ୍ ୱିଶ୍‌ଡମ୍ ଅଡିଟୋରିୟମରେ ବୁଧବାର ଅନୁଷ୍ଠିତ ଓଡ଼ିଶା ରିସର୍ଚ୍ଚ କନକ୍ଲେଭର ଉଦ୍‌ଯାପନୀ ସମାରୋହରେ ଅତିଥିମାନଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

### ଟ୍ରକ୍ ଧକ୍କାରେ ଭଉଣୀ ମୃତ, ଭାଇ ଗୁରୁତର

**ଚୌଦ୍ୱାର,୧୬।୧୧(ଡି.ଏନ୍.ଏ.)**

୫୫ନଂ. ଜାତୀୟ ରାଜପଥର ଚୌଦ୍ୱାର ନିକଟରେ ବୁଧବାର ଟ୍ରକ୍ ଧକ୍କାରେ ଭଉଣୀଙ୍କ ମୃତ୍ୟୁ ଘଟିଥିବାବେଳେ ଭାଇ ଗୁରୁତର ହୋଇଛନ୍ତି। ମୃତା ମହିଳା ହେଲେ ଟିପିଏମ୍ ଫାଣ୍ଡି ଅଧୀନ ଗୌସନଗର ଗ୍ରାମରେ ରହୁଥିବା ପ୍ରିୟଙ୍କା ସ୍ୱାଇଁ(୪୫)। ପ୍ରଥମାଷ୍ଟମୀ ଉପଲକ୍ଷେ ଚଣ୍ଡିଖୋଲ ଅଞ୍ଚଳର ନାରଣ ମାଝି ଭଉଣୀ ଘରକୁ ଆସିଥିଲେ। ଅପରାହ୍ନ ପ୍ରାୟ ୫ଟାରେ ନାରଣ ଓ ପ୍ରିୟଙ୍କା ଏକ ବାଇକ୍(ନଂ.ଓଆର୦୪କେ-୧୩୨୧)ରେ ଘରକୁ ଫେରୁଥିବାବେଳେ ଧୂମାବତୀ ଠାକୁରାଣୀ ନିକଟରେ ପଛରୁ ଏକ ଟ୍ରକ୍ ସେମାନଙ୍କୁ ଧକ୍କା ଦେଇଥିଲା। ଫଳରେ ଉଭୟ ବାଇକରୁ ଖସି ପଡିଥିଲେ। ଏହି ସମୟରେ ଟ୍ରକ୍‌ର ପଛ ଚକ ପ୍ରିୟଙ୍କା ଉପରେ ଚଢି ଯିବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ଏଥିରେ ନାରଣ ଗୁରୁତର ହୋଇଥିଲେ। ଚୌଦ୍ୱାର ପୋଲିସ ଘଟଣାସ୍ଥଳରେ ପହଞ୍ଚି ନାରଣଙ୍କୁ ଚିକିତ୍ସା ପାଇଁ କଟକ ବଡ ଡାକ୍ତରଖାନା ପଠାଇଥିଲା। ଏଥିସହ ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇ ତଦନ୍ତ ଜାରି ରଖିଛି। ତେବେ ଏହି ଦୁର୍ଘଟଣାକୁ ନେଇ ସେଠାରେ ଉତ୍ତେଜନା ଦେଖାଦେଇଥିଲା। ଜାତୀୟ ରାଜପଥ ସମ୍ପ୍ରସାରଣ କାର୍ଯ୍ୟ ଚାଲିଥିଲେ ମଧ୍ୟ ସ୍ଥାନୀୟ ପୋଲିସ ଭାରିଯାନ ଚଳାଚଳ ଉପରେ ଅଙ୍କୁଶ ଲଗାଉନାହିଁ। ଫଳରେ ଧୂମାବତୀ ଛକରେ ବାରମ୍ବାର ଦୁର୍ଘଟଣା ଘଟୁଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ତୁରନ୍ତ ପ୍ରଶାସନ ଚୌଦ୍ୱାର ସହରର ବିଭିନ୍ନ ଛକରେ ଭାରିଯାନ ଚଳାଚଳ ଉପରେ ରୋକ୍ ଲଗାଇବାକୁ ସେମାନେ ଦାବି କରିଛନ୍ତି।

# ମିଳିତ ପ୍ରାଥମିକ ଶିକ୍ଷକ ସଂଘର ଆନ୍ଦୋଳନ ଡାକରା



ମିଳିତ ପ୍ରାଥମିକ ଶିକ୍ଷକ ସଂଘର ସଦସ୍ୟମାନେ।

**ବଡ଼ମ୍ବା,୧୬।୧୧(ଡି.ଏନ.ଏ.)**

ବଡ଼ମ୍ବା ବ୍ଲକ ମିଳିତ ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ ୩ ଦଫା ଦାବି ନେଇ ଆନ୍ଦୋଳନ ଡାକରା ଦିଆଯାଇଛି। ଏନେଇ ବଡମ୍ବା ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ଘେରାଉ କରିବାକୁ ନିଷ୍ପତ୍ତି ହୋଇଛି। ସେମାନଙ୍କ ଦାବିଗୁଡ଼ିକ ମଧ୍ୟରେ ଚାକିରି ଆରମ୍ଭରେ ୬ବର୍ଷ ଚୁକ୍ତି ଥିବା ସମୟ ଅବଧି ଅବିଳମ୍ବେ ଚାକିରି କାଳ ସହିତ ମିଶାଯାଉ, କେନ୍ଦ୍ରୀୟ ହାରରେ ଅବିକଳ ଦରମା ପ୍ରଦାନ ଓ ପ୍ରାଥମିକ ଶିକ୍ଷକଙ୍କ ପାଇଁ ପୁରୁଣା ପେନସନ ଲାଗୁ କରିବା ଆଦି ଅନ୍ତର୍ଭୁକ୍ତ। ଏନେଇ ବଡମ୍ବା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପ୍ରାଙ୍ଗଣରେ ସଂଘ ତରଫରୁ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବରିଷ୍ଠ ଶିକ୍ଷକ ଅଯୋଧ୍ୟାନାଥ ଦଳେଇ ସଭାପତିତ୍ୱ କରିଥିଲେ। ଏଥିରେ କଟକ ଜିଲା ପ୍ରାଥମିକ ଶିକ୍ଷକ ସଂଘ ଉପସଭାପତି ରମେଶ ଚନ୍ଦ୍ର ବେହେରା ଯୋଗଦେଇ ୧୯ ତାରିଖରେ ବ୍ଲକସ୍ତରୀୟ ରାଲି ବିଷୟରେ ସୂଚନା ଦେଇଥିଲେ। ଏହି ଅବସରରେ ରାଲି ପାଇଁ ଏକ ୧୭ ଜଣିଆ କମିଟି ଗଠନ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷକ ସୁରସୁନ୍ଦର ଶତପଥୀ, ଉଲ୍ଲାସ କୁମାର ପଟ୍ଟନାୟକ, ଶ୍ୟାମସୁନ୍ଦର ଶତପଥୀ, ସରୋଜ କୁମାର ରଣା, ବିଚିତ୍ରନନ୍ଦ ବେହେରା, ଅଶୋକ କୁମାର ମାଝୀ, ରାଜେଶ ମହାପାତ୍ର, ସମୀର କୁମାର ରାଉତ, ସରୋଜ କୁମାର ପଣ୍ଡା, ଶ୍ରୀନିବାସ ଦାସ, ନବକିଶୋର ବେହେରା,ଦୁର୍ଗା ଚରଣ ମଲ୍ଲ ପ୍ରମୁଖ ଯୋଗଦେଇଥିଲେ। ଶେଷରେ ବରିଷ୍ଠ ଶିକ୍ଷକ ବସନ୍ତ କୁମାର ପାଣି ଧନ୍ୟବାଦ ଅର୍ପଣ କରିଥିଲେ।

# ଡ୍ର ରହିଲା ପ୍ରଦର୍ଶନୀ ଫୁଟ୍‌ବଲ ମ୍ୟାଚ

**ଡିଗିରିଆ,୧୬।୧୧(ଡି.ଏନ.ଏ.)**



ଉଭୟ ଦଳର ଖେଳାଳି ଓ ଅନ୍ୟମାନେ।

ଡିଗିରିଆ ବ୍ଲକ ଅନ୍ତର୍ଗତ ପଙ୍କାଳସ୍ଥିତ ଇନ୍ଦିରା ଗାନ୍ଧୀ ମିନି ଷ୍ଟାଡିୟମରେ ଯୁବ ଜ୍ୟୋତି କ୍ଲବ ପକ୍ଷରୁ ଆୟୋଜିତ ପ୍ରଦର୍ଶନୀ ଫୁଟବଲ ମ୍ୟାଚ ୧-୧ ଗୋଲରେ ଡ୍ର ରହିଛି। ଯୁବ ଜ୍ୟୋତି କ୍ଲବ ପଙ୍କାଳ ଓ ପାଞ୍ଚଗାଁ ଆଞ୍ଚଳିକ ଆଥଲେଟିକ ଆସୋସିଏଶନ ମଧ୍ୟରେ ଏହି ମ୍ୟାଚ ହୋଇଥିଲା। ମ୍ୟାଚର ପ୍ରଥମାର୍ଦ୍ଧରେ ଯୁବଜ୍ୟୋତି କ୍ଲବର ୧୧ ନଂ.ଖେଳାଳି ମହମ୍ମଦ ସୁଲତାନ ଅହମ୍ମଦ ଏକ ସୁନ୍ଦର ଗୋଲ ସ୍କୋର କରି ଦଳକୁ ଅଗ୍ରଣୀ କରିଥିଲେ। ଦ୍ୱିତୀୟାର୍ଦ୍ଧରେ ପାଞ୍ଚଗାଁର ୭ ନଂ.ଖେଳାଳି ରିକି ବିଜୟ ଗୋଟିଏ ଗୋଲ ସ୍କୋର କରି ଖେଳକୁ ସମାନ ସ୍ଥିତିକୁ ଆଣିଥିଲେ। ଏହାପରେ ଖେଳ ଶେଷ ପର୍ଯ୍ୟନ୍ତ କୌଣସି ଦଳ ଗୋଲ ସ୍କୋର କରିବାକୁ ସକ୍ଷମ ହୋଇ ନ ଥିଲେ। ଫଳରେ ମ୍ୟାଚ ଡ୍ର ରହିଥିଲା। ଖେଳରେ ମୁଖ୍ୟ ଅତିଥିଭାବେ ଅଫଜଲ୍ ଖାଁ, ସମସୁର ଖାଁ ଓ ସେ. କେ. ହସିନୁର ଜମାଲ ଯୋଗ ଦେଇ ଉଭୟ ଦଳର ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ରେଫରୀଭାବେ ମହମ୍ମଦ ନସିରୁଲ୍ଲା ମ୍ୟାଚ ପରିଚାଳନା କରିଥିଲେ। ତାଙ୍କୁ ଲାଇନରେ ଲୋକମାନ ଖାଁ ଓ ସଲାବତ ଖାଁ ସହଯୋଗ କରିଥିଲେ।

# ଡ୍ରିମ୍‌ସରେ ଅଭିମୁଖୀକରଣ କାର୍ଯ୍ୟକ୍ରମ

**କଟକ ଅଫିସ, ୧୬।୧୧**

ଡ୍ରିମ୍‌ସ ଏମ୍‌ବିଏ ଉଇଙ୍ଗର ନବାଗତ ବିଦ୍ୟାର୍ଥୀଙ୍କ ଅଭିମୁଖୀକରଣ କାର୍ଯ୍ୟକ୍ରମ 'ରୂପାନ୍ତରଣ-୨୦୨୨' ପଦ୍ମିନୀ ଅଡିଟୋରିୟମରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଡ୍ରିମ୍‌ସ ଶିକ୍ଷାନୁଷ୍ଠାନ ସମୂହର ଅଧ୍ୟକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ ଶୁଭେଚ୍ଛା ବାର୍ତ୍ତାରେ ଛାତ୍ରୀଛାତ୍ରଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ଏଥିରେ ମୁଖ୍ୟ ଅତିଥି ଭାବେ ଆକ୍ସିସ୍ ବ୍ୟାଙ୍କର ଉପାଧ୍ୟକ୍ଷ ଉପେନ୍ଦ୍ର କୁମାର ସ୍ୱାଇଁ ଯୋଗଦେଇ ଲକ୍ଷ୍ୟ ସ୍ଥଳରେ ପହଞ୍ଚିବା ଲାଗି କଠିନ ପରିଶ୍ରମ ଓ ଯୋଗାଯୋଗ ସମ୍ବନ୍ଧୀୟ ଦକ୍ଷତା ବୃଦ୍ଧି ଅତ୍ୟନ୍ତ ଜରୁରୀ ବୋଲି କହିଥିଲେ। ସମ୍ମାନିତ ବକ୍ତା 'ଆଲୁମ୍‌ନେଟ୍ ୱାର୍କି'ର ସିଇଓ ଚନ୍ଦ୍ରଶେଖର ଚିତ୍ରାଲା, ଶିକ୍ଷାନୁଷ୍ଠାନର ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର, ରେଜିଷ୍ଟ୍ରାର ଡ. କଲ୍ୟାଣ କୁମାର ସାହୁ ଯୋଗଦେଇ ମ୍ୟାନେଜମେଣ୍ଟ ଶିକ୍ଷାର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ଡିନ୍ ଡ. ଦୀପକ ଭଟ୍ଟାଚାର୍ଯ୍ୟ ସ୍ୱାଗତ ଭାଷଣ, ଛାତ୍ରୀ ଅନନ୍ୟା ରାଉତ କାର୍ଯ୍ୟକ୍ରମ ସଂଯୋଜନା ଓ ପ୍ରାଧ୍ୟାପିକା ବିକଶିତା ମହାନ୍ତି ଧନ୍ୟବାଦ ଦେଇଥିଲେ।

# ଦାବି ପୂରଣ ନ ହେଲେ ଆନ୍ଦୋଳନ ଚେତାବନୀ

**କଟକ ଅଫିସ, ୧୬।୧୧**

ସର୍ବନିମ୍ନ ପେନ୍‌ସନ୍ ୯ହଜାର ଟଙ୍କା, ମହଙ୍ଗା ଭତ୍ତା ପ୍ରଦାନ ସହ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ଅନ୍ତର୍ଭୁକ୍ତ କରିବାକୁ ଅଲ୍ ଓଡ଼ିଶା ଇପିଏଫ୍ ପେନ୍‌ସନର୍ସ ଆସୋସିଏଶନ୍ କଟକ ଜିଲା ଶାଖା ପକ୍ଷରୁ ଦାବି କରାଯାଇଛି। ଏ ନେଇ ଆସୋସିଏଶନ ପକ୍ଷରୁ ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କ ମାଧ୍ୟମରେ ଏକ ଦାବିପତ୍ର ବୁଧବାର ଦିଆଯାଇଛି। ଆସୋସିଏଶନ କଟକ ଜିଲା ଶାଖା ପକ୍ଷରୁ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଦାବି ଦିବସ ପାଳନ କରାଯାଇଥିଲା। ଏଥିରେ ରାଜ୍ୟ ସାଧାରଣ ସମ୍ପାଦକ ତଥା ସର୍ବଭାରତୀୟ ଉପସଭାପତି ଭାଗ୍ୟଧର ବ୍ରହ୍ମା ଯୋଗଦେଇ କହିଥିଲେ, ପେନ୍‌ସନ୍‌ଭୋଗୀଙ୍କ ନ୍ୟାଯ୍ୟ ଦାବି ପୂରଣ କରିବାରେ ଉଭୟ ସରକାର ଅବହେଳା କରୁଛନ୍ତି। ଦାବି ପୂରଣ ନ କଲେ ଆଗାମୀ ଦିନରେ ଆନ୍ଦୋଳନ ଜୋରଦାର୍ କରାଯିବ ବୋଲି ସେ ଚେତାବନୀ ଦେଇଥିଲେ। କଟକ ଜିଲା ସଭାପତି ରାଜକିଶୋର ସ୍ୱାଇଁ, ଉପସଭାପତି ସୁକାନ୍ତ ସ୍ୱାଇଁ, ସମ୍ପାଦକ ବିନୋଦ କୁମାର ବେହେରା, ସିଆଇଟିୟୁ ଜିଲା ସଭାପତି ରବି ନାରାୟଣ ମଲ୍ଲିକ, ଏଆଇଟିୟୁସି ଜିଲା ଉପସଭାପତି ଅମରେନ୍ଦ୍ର ମହାନ୍ତି ଓ ଟ୍ରେଡ୍ ୟୁନିୟନ ନେତା କିଶୋର ଜେନା ପ୍ରମୁଖ ଯୋଗଦେଇ ପେନ୍‌ସନ୍‌ଭୋଗୀଙ୍କ ଦାବିକୁ ଦୃଢ଼ ସମର୍ଥନ ଜଣାଇଥିଲେ।

# ସମାଜ ପରିବର୍ତ୍ତନରେ ଗଣମାଧ୍ୟମର ଭୂମିକା ଗୁରୁତ୍ୱପୂର୍ଣ୍ଣ

**କଟକ ଅଫିସ/ ମାହାଙ୍ଗା/ ନିଶ୍ଚିନ୍ତକୋଇଲି/ ଚୌଦ୍ୱାର/ସାଲେପୁର ୧୬।୧୧(ସ୍ୱ.ପ୍ର/ଡି.ଏନ୍.ଏ.)**



ଜିଲାସ୍ତରୀୟ ଜାତୀୟ ପ୍ରେସ୍ ଦିବସ ସମାରୋହରେ ଉପସ୍ଥିତ ଅତିଥିବୃନ୍ଦ।

**ଜାତୀୟ ପ୍ରେସ୍ ଦିବସ ସମାରୋହ**

ରାଷ୍ଟ୍ର ନିର୍ମାଣରେ ଗଣମାଧ୍ୟମର ପ୍ରମୁଖ ଭୂମିକା ରହିଛି। ଗଠନମୂଳକ ଖବର ସଂସ୍କାରଜନିତ ପରିବର୍ତ୍ତନକୁ ଗ୍ରହଣୀୟ କରାଇଥାଏ। ଏଣୁ ଖବର ପରିବେଷଣର ଗୁରୁତ୍ୱକୁ ଉପଲବ୍ଧି କରି ଆନୁଷଙ୍ଗିକ ଦିଗପ୍ରତି ଧ୍ୟାନଦେଇ ସୂଚନାର ଆଧାରକୁ ପରଖିବା ଆବଶ୍ୟକ। ଫଳରେ ଗଣତନ୍ତ୍ର ସୁଦୃଢ଼ ହେବା ସହ ଏକ ବିକାଶମୁଖୀ ରାଷ୍ଟ୍ର ଗଠନ ଦିଗରେ ସହାୟକ ହୋଇପାରିବ। ଅନ୍ୟପକ୍ଷରେ ନିରପେକ୍ଷ, ନିର୍ବିବାଦୀୟ ଖବର ପରିବେଷଣ କରୁଥିବା ଗଣମାଧ୍ୟମ ସଂସ୍ଥା ଜନସାଧାରଣଙ୍କ ଆସ୍ଥାଭାଜନ ହୋଇଥାଏ ବୋଲି କଟକ ମହାନଗର ନିଗମ(ସିଏମ୍‌ସି) ମେୟର ସୁବାସ ସିଂ କହିଛନ୍ତି। କଟକ ଜିଲା ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟ ଆନୁକୂଲ୍ୟରେ ଜିଲାସ୍ତରୀୟ ଜାତୀୟ ପ୍ରେସ୍ ଦିବସ ସମାରୋହରେ 'ରାଷ୍ଟ୍ର ନିର୍ମାଣରେ ଗଣମାଧ୍ୟମର ଭୂମିକା' ଶୀର୍ଷକ ଆଲୋଚନାଚକ୍ର ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମେୟର ସିଂ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉପରୋକ୍ତ ବିଷୟରେ କହିଥିଲେ। ସେହିପରି ଜିଲାପାଳ ଭବାନୀ ଶଙ୍କର ଚୟନୀ ଯୋଗଦେଇ କହିଥିଲେ, ସକାରାତ୍ମକ ଖବର ପରିବେଷଣ କଲେ ଗଣତାନ୍ତ୍ରିକ ମୂଲ୍ୟବୋଧ ପ୍ରତିଷ୍ଠା ହେବା ସହ ପ୍ରଗତିମୂଳକ ଯୋଜନା ତ୍ୱରାନ୍ୱିତ ହୋଇପାରିବ। ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଲଲାଟେନ୍ଦୁ ମହାପାତ୍ର ସ୍ୱାଗତ ଭାଷଣ ଏବଂ ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଲକ୍ଷ୍ମଣ କୁମାର ବେହେରା ଧନ୍ୟବାଦ ଦେଇଥିଲେ। ଏଥିରେ ଜିଲାର ସମସ୍ତ ଛାପା, ବୈଦ୍ୟୁତିକ ଓ ବେତାର ଖବରଦାତାମାନେ ଉପସ୍ଥିତ ଥିଲେ।

ସେହିପରି ମାହାଙ୍ଗା ପ୍ରେସ କ୍ଲବ ପକ୍ଷରୁ ଜାତୀୟ ପ୍ରେସ ଦିବସ ପାଳିତ ହୋଇଯାଇଛି। କ୍ଲବର ସଭାପତି ଦୀପକ ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ସାମାଜିକ କର୍ମୀ ତଥା କ୍ଲବର ଉପଦେଷ୍ଟା ଶିବଚରଣ ଜେନା ଯୋଗଦେଇଥିଲେ। ମୁଖ୍ୟବକ୍ତା ଭାବେ କ୍ଲବର କାର୍ଯ୍ୟକାରୀ ସଭାପତି ଲକ୍ଷ୍ମୀଧର ଖୁଣ୍ଟିଆ ଯୋଗଦେଇ ଖବରଦାତାଙ୍କୁ ସ୍ୱତନ୍ତ୍ର ଭତ୍ତା ପ୍ରଦାନ କରିବା ପାଇଁ ଦାବି କରିଥିଲେ। ସମ୍ମାନିତ ଅତିଥି ଭାବେ ଉପସଭାପତି ଅଶୋକ ଦାଶ, କୋଷାଧ୍ୟକ୍ଷ ରମେଶ ଚନ୍ଦ୍ର ସାହୁ, ଉପଦେଷ୍ଟା ଶୈଳେନ୍ଦ୍ର ସାହୁ, ପିକେ ବାରିକ, ଚିତ୍ତରଞ୍ଜନ ନାୟକ, ଉପସଭାପତି ଅମୀୟ ନାୟକ, ପ୍ରକାଶ ନାୟକ, ଅରବିନ୍ଦ ମହାନ୍ତି, ପ୍ରମୁଖ ଯୋଗଦେଇଥିଲେ। କଟକ ଜିଲା ନିଶ୍ଚିନ୍ତକୋଇଲି ସଦର ମହକୁମା ବିଜୁ ମାର୍କେଟ କମ୍ପ୍ଲେକ୍ସ ପରିସରରେ ମିଡିଆ ବ୍ରଦର୍ସ ପକ୍ଷରୁ ଜାତୀୟ ପ୍ରେସ ଦିବସ ପାଳିତ ହୋଇଯାଇଛି। ବୈଠକରେ ଅନୁଷ୍ଠାନର ସଭାପତି ସୁରେନ୍ଦ୍ରନାଥ ରାଉତ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ କୃଷକ ସମ୍ବାଦର ସମ୍ପାଦକ ଭାସ୍କର ଚନ୍ଦ୍ର ବେହେରା, ମୁଖ୍ୟବକ୍ତା ଭାବେ 'ଖୋଲାମତ'ର ସମ୍ପାଦକ ପ୍ରମୋଦ କୁମାର ସାହୁ, ସମ୍ମାନିତ ଅତିଥି ଭାବେ ଭାବଗ୍ରାହୀ ରାଉତ ଯୋଗଦେଇ ଖବରଦାତାମାନଙ୍କର ବିଭିନ୍ନ ସମସ୍ୟା ଉପରେ ଆଲୋକପାତ କରିଥିଲେ। ଚୌଦ୍ୱାରସ୍ଥିତ କପାଳେଶ୍ୱର ମନ୍ଦିର ପରିସରରେ ଆଞ୍ଚଳିକ ସାମ୍ବାଦିକ ସଂଘ ସଭାପତି ସତ୍ୟବ୍ରତ ଦାସଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପୂର୍ବତନ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳ, ସ୍ୱାମୀ ସତ୍ୟାନନ୍ଦ ଦାସ, ପୌର ଉପାଧ୍ୟକ୍ଷ ଶୁଭେନ୍ଦୁ ସାମଲ, ନଗର ସଭାପତି ବିଷ୍ଣୁ ଚରଣ ପରିଡା, ସାମାଜିକ କର୍ମୀ ଦିଲ୍ଲୀପ ଛତାର, ପ୍ରଦୀପ ବେହେରା, ଖବରଦାତା ମୁରଲୀଧର ସାମଲ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଆଜାଦୀକା ଅମୃତ ମହୋତ୍ସବ ଓ ସାମ୍ବାଦିକତାର ସ୍ଥିତି ବିଷୟ ଉପରେ ଆଲୋଚନା କରିଥିଲେ। ଏହି ଅବସରରେଉତ୍କଳ ସାମ୍ବାଦିକ ସଂଘ ଓ ଆଞ୍ଚଳିକ ସାମ୍ବାଦିକ ସଂଘର ମିଳିତ ଆନୁକୂଲ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ଅଞ୍ଚଳର ଖବରଦାତା, ସାମାଜିକ କର୍ମୀ ଓ ସ୍ୱେଚ୍ଛାସେବୀ ସଙ୍ଗଠନ ସଦସ୍ୟାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ସାଲେପୁର ଆଞ୍ଚଳିକ ଖବରଦାତା ସଂଘ ପକ୍ଷରୁ ସଭାପତି ଖବରଦାତା ଅକ୍ଷୟ କୁମାର ଦାଶଙ୍କ ସଭାପତିତ୍ୱରେ ପ୍ରେସ ଦିବସ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅତିଥିଭାବେ ବରିଷ୍ଠ ଶିକ୍ଷକ ରାମଚନ୍ଦ୍ର ସାହୁ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସଂଘ ସମ୍ପାଦକ ହୃଷିକେଶ ମଲ୍ଲିକ, କୋଷାଧ୍ୟକ୍ଷ ସୁଧୀର କୁମାର ଶତପଥୀ, ଅରବିନ୍ଦ ଭୂୟାଁ, ହେମନ୍ତ କୁମାର ଭୂୟାଁ, ଚିରଞ୍ଜନ ମୁଦୁଲି, ଅନନ୍ତ ଚରଣ ଦାଶ, ସୁଜିତ୍ କୁମାର ଭୂୟାଁ, ନାରାୟଣ ଭୂୟାଁ ପ୍ରମୁଖ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ଚନ୍ଦ୍ରଭାଗା ସମୁଦ୍ରରୁ ଯୁବକ ଉଦ୍ଧାର

**କୋଣାର୍କ,୧୬।୧୧(ଡି.ଏନ୍.ଏ.):** ଚନ୍ଦ୍ରଭାଗା ସମୁଦ୍ରରୁ ବୁଧବାର ଜଣେ ଯୁବକ ଉଦ୍ଧାର ହୋଇଛନ୍ତି । ସେ ହେଲେ ଖୋର୍ଦ୍ଧା ଅଭୟମୁଖୀ ଅଞ୍ଚଳର ସତ୍ୟ ପ୍ରକାଶ କାଣ୍ଡି। ସାଇକେଲରେ ସତ୍ୟ କୋଣାର୍କ ବନ୍ଧୁଘରକୁ ଆସିଥିଲେ । ଅପରାହ୍ନ ୫ଟାରେ ଚନ୍ଦ୍ରଭାଗା ବେଳାଭୂମିରେ ସାଇକେଲ ରଖି ସମୁଦ୍ରରେ ପଶିଥିଲେ। ଫଳରେ ଲହଡ଼ି ତାଙ୍କୁ ସମୁଦ୍ର ଭିତରକୁ ଟାଣିନେଇଥିଲା । ତୁରନ୍ତ ଲାଇଫ୍‌ଗାର୍ଡ ରାମବାବୁ ଏକ ବୋଟ୍‌ରେ ଯାଇ ସମୁଦ୍ରରୁ ସତ୍ୟଙ୍କୁ ଉଦ୍ଧାର କରି କୂଳକୁ ଆଣିଥିଲେ। କୂଳକୁ ଆସିବା ପରେ ତାଙ୍କୁ ଚନ୍ଦ୍ରଭାଗା ସାମୁଦ୍ରିକ ଥାନାକୁ ହସ୍ତାନ୍ତର କରାଯାଇଛି। ସେ ସମ୍ପୂର୍ଣ୍ଣ ସୁସ୍ଥ ହେବାପରେ ତାଙ୍କୁ ଛାଡ଼ି ଦିଆଯାଇଥିବା ସାମୁଦ୍ରିକ ଥାନା ଅଧିକାରୀ ରବୀନ୍ଦ୍ର ନାଥ ସେଠୀ କହିଛନ୍ତି।

### ରାସ୍ତା ଉପରେ ଜଳିଗଲା ଭ୍ୟାନ୍ ବର୍ତ୍ତିଲେ ୭ ଜଣିଆ ପାଲା ଦଳ

**ବେଗୁନିଆ,୧୬।୧୧(ଡି.ଏନ୍.ଏ.):** ରାସ୍ତା ଉପରେ ଜଳିଗଲା ମାରୁତି ଭ୍ୟାନ୍। ଖୋର୍ଦ୍ଧା-ବଲାଙ୍ଗୀର ୫୭ ନଂ. ଜାତୀୟ ରାଜପଥର ବାଘମାରୀ ବଜାରରେ ଘଟିଛି ଏଭଳି ଘଟଣା। ଗାଡ଼ି ଷ୍ଟାର୍ଟ କରିବା ବେଳେ ହଠାତ୍ ନିଆଁ ଲାଗିଯାଇଥିଲା। ଦେଖୁ ଦେଖୁ ଭ୍ୟାନ୍‌ଟି ସମ୍ପୂର୍ଣ୍ଣ ଜଳିଗଲା। ତେବେ ଭ୍ୟାନ୍‌ରେ ବସିଥିବା ୭ଜଣିଆ ପାଲା ଦଳ ଏକ ବଡ଼ ବିପଦରୁ ବର୍ତ୍ତିଯାଇଛନ୍ତି। ଅଗ୍ନିକାଣ୍ଡର କାରଣ ଅସ୍ପଷ୍ଟ ରହିଥିବା ବେଳେ ବାଘମାରୀ ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ସୂଚନା ମୁତାବକ, ପାଲା ଗାୟିକା ବିନୋଦିନୀ ମହାରଣା ତାଙ୍କ ୭ଜଣିଆ ଦଳକୁ ନେଇ ବୋଲଗଡ଼ ଅଞ୍ଚଳରୁ ଏକ ଭ୍ୟାନ୍‌ରେ କଟକ ଜିଲା ଜଗତ୍‌ପୁର ଅଞ୍ଚଳକୁ ପାଲା ପରିବେଷଣ ପାଇଁ ଯାଉଥିଲେ। ଅପରାହ୍ନ ପ୍ରାୟ ୩ଟାରେ ବାଘମାରୀ ବଜାର କଡରେ ଗାଡ଼ିକୁ ରଖି ସମସ୍ତେ କୌଣସି କାମରେ ବାହାରକୁ ଆସିଥିଲେ। କାର୍ଯ୍ୟ ଶେଷ ପରେ ପୁଣି ଗାଡ଼ିରେ ବସି ନିଜ ଗନ୍ତବ୍ୟସ୍ଥଳକୁ ବାହାରିଥିଲେ। ଚାଳକ ଷ୍ଟାର୍ଟ କରିବା ବେଳେ ହଠାତ୍ ଗାଡ଼ିରେ ନିଆଁ ଲାଗିଯାଇଥିଲା। ଏହାପରେ ଚାଳକଙ୍କ ସମେତ ପାଲା ଦଳ ସୁରକ୍ଷିତ ଭାବେ ଗାଡ଼ିରୁ ବାହାରି ଆସିଥିଲେ। ଖବରପାଇ ବେଗୁନିଆ ଅଗ୍ନିଶମ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ।

### ମା' ଭଗବତୀଙ୍କ ହୁଣ୍ଡିରୁ ୧.୫୬ ଲକ୍ଷ ଟଙ୍କା ମିଳିଲା

**ଗମ୍ଭାରୀମୁଣ୍ଡା,୧୬।୧୧(ଡି.ଏନ୍.ଏ.):** ଖୋର୍ଦ୍ଧା ଜିଲା ବାଣପୁରସ୍ଥିତ ମା' ଭଗବତୀ ମନ୍ଦିରର ଭିତର ହୁଣ୍ଡି ବୁଧବାର ଖୋଲାଯାଇଛି। ବାଣପୁର ତହସିଲଦାର ତଥା ଦକ୍ଷେଶ୍ୱର ଭଗବତୀ ଏଣ୍ଡାଓମେଣ୍ଟ ପରିଚାଳନା କମିଟିର ସଭାପତି କୁଞ୍ଜବିହାରୀ ବଡ଼ଜେନାଙ୍କ ଉପସ୍ଥିତିରେ ବାଣପୁର ମେଡିକାଲ ଅଧିକାରୀ ରମାକାନ୍ତ ନାୟକ ହୁଣ୍ଡି ଖୋଲିଥିଲେ। ହୁଣ୍ଡିରୁ ମୋଟ୍ ୧ଲକ୍ଷ ୫୬ ହଜାର ୭୧୫ ଟଙ୍କା ଏବଂ ଗୋଟିଏ ହନୁମାନଙ୍କ ରୁପାର ଲକେଟ ମିଳିଥିବା ତହସିଲଦାର କହିଛନ୍ତି। ଗଣତି ବେଳେ ଏଣ୍ଡାଓମେଣ୍ଟ କାର୍ଯ୍ୟନିର୍ବାହୀ ଅଧିକାରୀ ବାଲମୁକୁନ୍ଦ ଦାସ, ସେବାୟତ ଏବଂ ଏଣ୍ଡାଓମେଣ୍ଟ କର୍ମଚାରୀ ଉପସ୍ଥିତ ଥିଲେ। ତେବେ ହୁଣ୍ଡିରୁ ଆଦାୟ ହୋଇଥିବା ଟଙ୍କା ମା'ଙ୍କ ନୀତିକାନ୍ତିରେ ଖର୍ଚ୍ଚ କରାଯିବ ବୋଲି ଏଣ୍ଡାଓମେଣ୍ଟ କାର୍ଯ୍ୟନିର୍ବାହୀ ଅଧିକାରୀ ଦାସ କହିଛନ୍ତି।

# 'ସତ୍ୟ ଖବରର ମାନ ହ୍ରାସ ପାଉଛି'

**ପୁରୀ ଅଫିସ, ୧୬।୧୧**



ଆଲୋଚନାଚକ୍ରରେ ଯୋଗଦେଇଥିବା ଅତିଥିମାନେ।

ଦି ମିଡିଆ କର୍ତ୍ତବ୍ୟରତ ସାମ୍ବାଦିକ ଓ ଲେଖକ ଫୋରମ ଏବଂ ଓୟୁଜେ ପୁରୀ ଶାଖାର ମିଳିତ ଆନୁକୂଲ୍ୟରେ ବୁଧବାର ଜାତୀୟ ସାମ୍ବାଦିକ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ପୁରୀ ଗାନ୍ଧୀ ସ୍ମୃତିପୀଠ ପରିସରରେ ଉତ୍କଳମଣି ଗୋପବନ୍ଧୁ ଓ ସାମ୍ବାଦିକତା ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଫୋରମର ରାଜ୍ୟ ସଭାପତି ସାମ୍ବାଦିକ ଲକ୍ଷ୍ମୀନାରାୟଣ ପଟ୍ଟନାୟକ ଆଲୋଚନା ଚକ୍ରରେ ଅଧ୍ୟକ୍ଷତା କରିଥିଲେ। ଫୋରମ ଅଧ୍ୟକ୍ଷ ସରୋଜ କୁମାର ମିଶ୍ର ସ୍ୱାଗତ ଅଭିଭାଷଣ ଦେଇଥିଲେ। ଉତ୍କଳମଣି ପଣ୍ଡିତ ଗୋପବନ୍ଧୁଙ୍କ ସାମ୍ବାଦିକତା ଅତ୍ୟନ୍ତ ଉତ୍କୃଷ୍ଟ ଓ ଭାରତବର୍ଷରେ ସେ ସମୟରେ ସମାଜରେ ଥିବା ଦୁଃଖୀ ଦରିଦ୍ରମାନଙ୍କର ଦୁର୍ଦ୍ଦଶାକୁ ସେ ଖବରକାଗଜ ମାଧ୍ୟମରେ ଉପସ୍ଥାପନ କରୁଥିଲେ। ଇଂରେଜ ସରକାରଙ୍କ ଅକଥନୀୟ ଅତ୍ୟାଚାରକୁ ପ୍ରତିବାଦ କରିବା ଓ ଜନସାଧାରଣଙ୍କୁ ଏହା ବିରୋଧରେ ସ୍ୱର ଉତ୍ତୋଳନ କରିବା ପାଇଁ ସେ ପ୍ରବର୍ତ୍ତାଉଥିଲେ। ଏହାଥିଲା ସେତେବେଳର ସାମ୍ବାଦିକତା ଯାହା ଅତ୍ୟନ୍ତ ନିରପେକ୍ଷ ଓ ନିର୍ଭିକ ଥିଲା । ବର୍ତ୍ତମାନ ସମୟ ବଦଳି ଯାଇଛି। ସମ୍ବାଦପତ୍ରର ସଂଖ୍ୟା ବୃଦ୍ଧି ପାଇଛି ସତ, କିନ୍ତୁ ସତ୍ୟ ଖବରର ମାନ ହ୍ରାସ ପାଉଛି ଯାହା ଅତ୍ୟନ୍ତ ବିଡ଼ମ୍ବନା। ସାମାଜିକ ଗଣମାଧ୍ୟମ ଓ ବୈଦ୍ୟୁତିକ ଗଣମାଧ୍ୟମ ଦ୍ୱାରା କିଛି ସାମାଜିକ ସମସ୍ୟା ଓ ଜନସଚେତନତା ସୃଷ୍ଟି ହେଉଛି, କିନ୍ତୁ ସାମାଜିକ ଗଣମାଧ୍ୟମରେ ଶୃଙ୍ଖଳାର ଘୋର ଅଭାବ ଦେଖାଯାଉଛି ବୋଲି ଆଲୋଚନା ଚକ୍ରରେ ମତ ପ୍ରକାଶ ପାଇଥିଲା। କାର୍ଯ୍ୟକ୍ରମରେ ଅତିଥି ଭାବେ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ, ପ୍ରଫେସର କାର୍ତ୍ତିକ

## ଆଲୋଚନାଚକ୍ରରେ ମତ ପ୍ରକାଶ

କୁମାର ଦାସ, ଆଇନଜୀବୀ ଶିବ ପ୍ରସାଦ ମିଶ୍ର, ଶିକ୍ଷାବିତ୍ ଶିବସୁନ୍ଦର ମିଶ୍ର, ଲେଖିକା ପ୍ରତିଭା ତ୍ରିପାଠୀ, ଖବରଦାତା ମଧୁସୂଦନ ମିଶ୍ର ପ୍ରମୁଖ ଅତିଥି ଭାବେ ଯୋଗଦେଇ ଉତ୍କଳମଣି ଗୋପବନ୍ଧୁଙ୍କ ଆଦର୍ଶ ଓ ନିର୍ଭିକ ସାମ୍ବାଦିକତା ଉପରେ ଆଲୋକପାତ କରିଥିଲେ। ଆଲୋଚନାଚକ୍ରରେ ଖବରଦାତା ବିକ୍ରମ ଆଚାର୍ଯ୍ୟ, ଜଗନ୍ନାଥ ବସ୍ତିଆ, ଶ୍ୟାମସୁନ୍ଦର ମହାପାତ୍ର, ଯଜ୍ଞେଶ୍ୱର ମହାନ୍ତି, ବରିଷ୍ଠ ନାଗରିକ ମଞ୍ଚ ସମ୍ପାଦକ ଦେବେନ କୁମାର ଦାସ, ଇଂ. ଗିରିଜାଶଙ୍କର ପାଢ଼ୀ, ପ୍ରମୋଦା ଦେବୀ, ମଞ୍ଜୁରୀ ମିଶ୍ର, ପୀତାମ୍ବର ଆଚାର୍ଯ୍ୟ, ସଦାଶିବ ମିଶ୍ର, ଅମୃତା ଦାସ, ଭାରତୀଭୂଷଣ ଦାସ, ଭବାନୀ ପ୍ରସାଦ ବଳିଆରସିଂହ ପ୍ରମୁଖ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ଏକ କବିତା ଆସର ଅନୁଷ୍ଠିତ ହୋଇଥିଲା। ଲେଖକ ଫୋରମ ସଂଯୋଜିକା କ୍ରିଷ୍ଣା ମହାପାତ୍ର ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ତପନ କୁମାର ସେଠୀ, ସୌମ୍ୟ ରଞ୍ଜନ ବିଶୋଇ ପ୍ରମୁଖ ସହଯୋଗ କରିଥିଲେ।

# ପୁରୀରେ ସାମ୍ବାଦିକ ଭବନ ନିର୍ମାଣ କରାଯାଉ

**ପୁରୀ ଅଫିସ,୧୬।୧୧**

ଜାତୀୟ ପ୍ରେସ୍ ଦିବସ ଅବସରରେ ପୁରୀର ଖବରଦାତାଙ୍କ ପକ୍ଷରୁ ପୁରୀରେ ଏକ ସାମ୍ବାଦିକ ଭବନ ପାଇଁ ଦାବି କରାଯାଇ ବୁଧବାର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯାଇଥିଲା। ଏଥିସହ ଖବରଦାତାମାନେ ଜିଲାପାଳଙ୍କୁ ଭେଟି ଏ ନେଇ ଆଲୋଚନା କରିଥିଲେ। ସୂଚନା ମୁତାବକ, ୨୫ବର୍ଷ ଧରି ପୁରୀରେ ସାମ୍ବାଦିକ ଭବନ ପାଇଁ ଦାବି ହୋଇ ଆସୁଥିଲେ ମଧ୍ୟ ଏପର୍ଯ୍ୟନ୍ତ ଜାଗା ଯୋଗାଇ ଦିଆଯାଇନାହିଁ। ବୁଧବାର ସଦ୍‌ଭାବନା ସଭାଗୃହରେ ଜିଲାସ୍ତରୀୟ ପ୍ରେସ ଦିବସ ପାଳନ ଅବସରରେ ଖବରଦାତାମାନେ ଏହି ଦାବି ଉଠାଇଥିଲେ। ପରେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ସେମାନେ ଧାରଣା ଦେଇଥିଲେ। ଅତିରିକ୍ତ ଜିଲାପାଳ (ପ୍ରଶାସନ) ପ୍ରଦୀପ ସାହୁ ଓ

## ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଖବରଦାତାଙ୍କ ଧାରଣା

ଉପଜିଲାପାଳ ଭବତାରଣ ସାହୁ ପହଞ୍ଚି ଖବରଦାତାଙ୍କୁ ବୁଝାଶୁଝା କରିଥିଲେ। ପରେ ଅପରାହ୍ନ ୪ଟାରେ ଜିଲାପାଳ ସମର୍ଥ ବର୍ମା ଖବରଦାତାଙ୍କ ସହ ଆଲୋଚନା କରିଥିଲେ। ଆଗାମୀ ୭ ଦିନ ମଧ୍ୟରେ ଏକ କମିଟି ଗଠନ ହେବ ବୋଲି ଜିଲାପାଳ ପ୍ରତିଶ୍ରୁତି ଦେଇଥିଲେ। ଆଲୋଚନାରେ ଖବରଦାତା ଜଗନ୍ନାଥ ବସ୍ତିଆ, ମଧୁସୂଦନ ମିଶ୍ର, ଶଙ୍କର ବେହେରା, ଶ୍ୟାମା କାହ୍ନା ପଟ୍ଟନାୟକ, ଲକ୍ଷ୍ମୀଧର ପଟ୍ଟନାୟକ, ବିଶ୍ୱଜିତ୍ ପଟ୍ଟନାୟକ, ଶ୍ୟାମସୁନ୍ଦର ମହାପାତ୍ର, ବିଶାଳ ମହାନ୍ତି, ଦୀପକ କୁମାର ମହାରଣା, ସାରଦା ପ୍ରସାଦ ମହାନ୍ତି, ରାଜଶ୍ରୀ ସାହୁ, ଆଲୋକ ବାରିକ, ଅଜିତ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

# ଦାବି ପୂରଣ ନ ହେଲେ ବିଧାନସଭା ଘେରାଉ

**ପୁରୀ ଅଫିସ, ୧୬।୧୧**

ଓଡ଼ିଶା ସରକାରୀ ହାଇସ୍କୁଲ ଶିକ୍ଷକ ସଂଘ ପୁରୀ ଜିଲା ପକ୍ଷରୁ ଏକ ବୈଠକ ବୁଧବାର ବିଶ୍ୱମ୍ଭର ବିଦ୍ୟାପୀଠ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଂଘର ସଭାପତି ସନ୍ତୋଷ କୁମାର ଚୌଧୁରୀ ଅଧ୍ୟକ୍ଷତା କରିଥିବାବେଳେ ସମ୍ପାଦକ ଦେବେନ୍ଦ୍ର କୁମାର ସ୍ୱାଇଁ ବୈଠକର ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ଅଧିକାର ହାସଲ ଲାଗି ଉପଦେଷ୍ଟା ତୁଷାରକାନ୍ତ ନାୟକ ଆହ୍ୱାନ ଦେଇଥିଲେ। ଗତ ମାସ ୩୧ ତାରିଖରେ ଗଣଶିକ୍ଷା ମନ୍ତ୍ରୀ, ସଚିବ, ମୁଖ୍ୟ ଶାସନ ସଚିବ, ଅର୍ଥ ସଚିବ, ସାଧାରଣ ପ୍ରଶାସନ ବିଭାଗ ସଚିବ, ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ସଚିବ ଏବଂ ମୁଖ୍ୟ ଉପଦେଷ୍ଟାଙ୍କୁ ଦାବିପତ୍ର ଦିଆଯାଇଥିଲା। ମାତ୍ର କୌଣସି ପଦକ୍ଷେପ ନିଆଯାଇନାହିଁ। ତେଣୁ ଆଗାମୀ ଦିନରେ ବିଧାନସଭା ଘେରାଉ, ସମସ୍ତ ବିଧାୟକଙ୍କ ସରକାରୀ ବାସଭବନ ଘେରାଉ ଏବଂ ଦଶମଶ୍ରେଣୀ ଆସେସମେଣ୍ଟ ପରୀକ୍ଷା ବର୍ଜନ କରିବା ନେଇ ସଭାରେ ପ୍ରସ୍ତାବ

## ଓଡ଼ିଶା ସରକାରୀ ହାଇସ୍କୁଲ ଶିକ୍ଷକ ସଂଘର ଚେତାବନୀ

ରଖାଯାଇଛି। ପରେ ଜିଲାପାଳ ସମର୍ଥ ବର୍ମାଙ୍କୁ ସଂଘ ପକ୍ଷରୁ ସରକାରଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ଦିଆଯାଇଥିଲା।

ଏହି ଅବସରରେ ସଭାପତି ଭାବେ ସନ୍ତୋଷ କୁମାର ଚୌଧୁରୀ, ଉପସଭାପତି ଅଳକାନନ୍ଦା, ଶ୍ରୀକାନ୍ତ କୁମାର ଦାଶ, ସାଧାରଣ ସମ୍ପାଦକ ଦେବେନ୍ଦ୍ର କୁମାର ସ୍ୱାଇଁ, ଯୁଗ୍ମ ସମ୍ପାଦକ ଦୀପକ କୁମାର ନାୟକ, ସନ୍ତୋଷ କୁମାର କୁଣ୍ଡୁ, କୋଷାଧ୍ୟକ୍ଷ ବୈଶାଳିନୀ ମହାପାତ୍ର, ଆକାଉଣ୍ଟାଣ୍ଟ ପ୍ରତାପ କୁମାର ସାହୁ, ଗଣମାଧ୍ୟମ ସଂଯୋଜକ ସନ୍ତୋଷ କୁମାର ବେହେରା, ପ୍ରଦୀପ କୁମାର ବେହେରା, ଉପଦେଷ୍ଟା ତୁଷାରକାନ୍ତ ନାୟକ ଏବଂ ଆବାହକ ଭାବେ ନିରୋଦ କୁମାର ରଥଙ୍କୁ ଚୟନ କରାଯାଇଛି। ଉପସଭାପତି ଧନ୍ୟବାଦ ଦେଇଥିଲେ। ସମସ୍ତ ବ୍ଲକରୁ ୨୫୦ରୁ ଅଧିକ ଶିକ୍ଷୟିତ୍ରୀ ଶିକ୍ଷକ ଉପସ୍ଥିତ ଥିଲେ।

# ପୁରୀ-ନିମାପଡ଼ା କେନ୍ଦ୍ର ସମବାୟ ବ୍ୟାଙ୍କ ସଭାପତି କିଶୋର


ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଓ ସମର୍ଥକଙ୍କ ଗହଣରେ ନବନିର୍ବାଚିତ ପୁରୀ-ନିମାପଡ଼ା କେନ୍ଦ୍ର ସମବାୟ ବ୍ୟାଙ୍କର ସଭାପତି କିଶୋର ଛୋଟରାୟ।

**ପୁରୀ ଅଫିସ, ୧୬।୧୧**

ପୁରୀ-ନିମାପଡ଼ା କେନ୍ଦ୍ର ସମବାୟ ବ୍ୟାଙ୍କର ସଭାପତି ପଦ ପାଇଁ ବୁଧବାର ବ୍ୟାଙ୍କ ପରିସରରେ ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଜେଡି ସମର୍ଥିତ ପ୍ରାର୍ଥୀ କିଶୋର କୁମାର ଛୋଟରାୟ ସଭାପତି ଭାବେ ନିର୍ବାଚିତ ହୋଇଛନ୍ତି। ବ୍ୟାଙ୍କର ୧୫ଟି ନିର୍ଦ୍ଦେଶକ ପଦ ନିମନ୍ତେ ପୂର୍ବରୁ ଭୋଟ ହୋଇଥିଲା। ଏଥିରେ ୧୫ଟି ଜୋନରୁ ୧୨ଟିରେ ବିଜେଡି ସମର୍ଥିତ ପ୍ରାର୍ଥୀ ବିଜୟୀ ହୋଇଥିବାବେଳେ ଦୁଇଟି ଜୋନରେ ଭାଜପା ସମର୍ଥିତ ଓ ଗୋଟିଏ ଜୋନରେ ମିଳିତ ମେଣ୍ଟ ପ୍ରାର୍ଥୀ ବିଜୟୀ ହୋଇଥିଲେ। ତେଣୁ ବ୍ୟାଙ୍କ ସଭାପତି ପଦ ବିଜେଡି ଅକ୍ତିଆର କରିବା ଏକ ପ୍ରକାର ନିଶ୍ଚିତ ଥିଲା। ବୁଧବାର ଅନୁଷ୍ଠିତ ସଭାପତି ନିର୍ବାଚନରେ ବିଜେଡି ସମର୍ଥିତ ପ୍ରାର୍ଥୀ ଛୋଟରାୟଙ୍କୁ ୧୨ଟି ଭୋଟ ମିଳିଥିବାବେଳେ ତାଙ୍କ ବିପକ୍ଷରେ ୩ ଭୋଟ ପଡ଼ିଥିଲା। ଫଳରେ ଛୋଟରାୟ ୯ ଭୋଟ ବ୍ୟବଧାନରେ ବିଜୟୀ ହୋଇଛନ୍ତି। ଏହି ବିଜୟ ପାଇଁ ଛୋଟରାୟ ପିପିଲି ବିଧାୟକ ରୁଦ୍ର ପ୍ରତାପ ମହାରଥୀଙ୍କ ସମେତ ଜିଲାର ସମସ୍ତ ବିଜେଡି ବିଧାୟକ, ଏମ୍‌ପି, ନେତା ଓ କର୍ମୀଙ୍କୁ ଶ୍ରେୟ ଦେବା ସହ କୃତଜ୍ଞତା ଜଣାଇଛନ୍ତି। ବିଜୟ ପରେ ବ୍ୟାଙ୍କର ଉନ୍ନତି ଦିଗରେ କାର୍ଯ୍ୟ କରିବା ନେଇ କାମ କରିବେ ବୋଲି ଛୋଟରାୟ କହିଛନ୍ତି। ନିର୍ବାଚନ ସମୟରେ ପୁରୀ ଜିଲା ପର୍ଯ୍ୟବେକ୍ଷକ ଭାବେ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ମନ୍ତ୍ରୀ ତୁଷାରକାନ୍ତି ବେହେରା ଏବଂ ବିଜେଡି ଜିଲା ସଭାପତି ମହେଶ୍ୱର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

# ଟ୍ରକ୍ ଧକ୍କାରେ ଜଣେ ମୃତ

**ବାଣପୁର/ଗମ୍ଭାରୀମୁଣ୍ଡା,୧୬।୧୧(ଡି.ଏନ୍.ଏ.)**

ଖୋର୍ଦ୍ଧା ଜିଲା ବାଲୁଗାଁ ଥାନା ଅନ୍ତର୍ଗତ ନାଭାଲ ଫାଣ୍ଡି ନିକଟରେ ବୁଧବାର ଗ୍ୟାସ ବୋଝେଇ ଟ୍ରକ୍ ଧକ୍କାରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ସେ ହେଲେ ବାଣପୁର ଟିଆଙ୍କ ସାହି ଅଞ୍ଚଳର ରମାକାନ୍ତ ଦାସ(୪୫)। ସୂଚନା ମୁତାବକ, ସନ୍ଧ୍ୟାରେ ଖଲ୍ଲିକୋଟରୁ ରମାକାନ୍ତ କାମ ସାରି ବାଇକରେ ଘରକୁ ଫେରୁଥିବା ବେଳେ ନାଭାଲ ଫାଣ୍ଡି ନିକଟରେ ଏକ ଗ୍ୟାସ ବୋଝେଇ ଟ୍ରକ ତାଙ୍କୁ ଧକ୍କା ଦେଇଥିଲା। ଫଳରେ ସେ ଟ୍ରକ ଚକା ତଳେ ପଡିଯାଇଥିଲେ। ଗୁରୁତର ଅବସ୍ଥାରେ ସ୍ଥାନୀୟଲୋକେ ତାଙ୍କୁ ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସରେ ବାଲୁଗାଁ ଗୋଷ୍ଠୀସ୍ୱାସ୍ଥ୍ୟ କେନ୍ଦ୍ରକୁ ପଠାଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ନାଭାଲ ଫାଣ୍ଡି ଅଧିକାରୀ ଦିଲ୍ଲୀପ କୁମାର ସାହୁ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ବାଇକ୍ ଏବଂ ଟ୍ରକକୁ ଜବତ କରି ତଦନ୍ତ ଜାରି ରଖିଛନ୍ତି ।

# ଡକାୟତି ଯୋଜନା: ୪ ଗିରଫ

**ଭୁବନେଶ୍ୱର,୧୬।୧୧(ବ୍ୟୁରୋ)**

ଖଣ୍ଡଗିରି ଥାନା ପୋଲିସ ବଡ଼ ଧରଣର ଡକାୟତ ଉଦ୍ୟମ ପଣ୍ଡ କରିଛି। ଆଇଗିଣିଆଠାରେ ଡକାୟତି କରିବାକୁ ଯୋଜନା କରୁଥିବା ବେଳେ ପୋଲିସ ଚଢାଉ କରି ୪ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଡୁମୁଡୁମା ସୁବାସନଗରରେ ରହୁଥିବା ଗଞ୍ଜାମ ଜିଲା ଆମ୍ବପୁଆର ଲିଙ୍ଗରାଜ ଦଳେଇ ଓରଫ ଚିଙ୍ଗୁଡ଼ି, ଖୋର୍ଦ୍ଧା ଜିଲା ବୋଲଗଡ଼ ଥାନା ମିନିକାଗୁଡାର ବିଦେଶୀ ଦଳେଇ, ଖଣ୍ଡଗିରି ଥାନା ଡୁମୁଡୁମା ଫେଜ ୪ର ରହୁଥିବା ବିଜ୍ଞାନ ରଞ୍ଜନ ଦାସ ଓ ଇନ୍ଫୋସିଟି ଥାନା ଯାଁଳା ଅଞ୍ଚଳର ଦେବାଶିଷ ପୂଜାପଣ୍ଡା ଓରଫ ସୋନୁ।ଏମାନଙ୍କ ନିକଟରୁ ଖଣ୍ଡା, କଟୁରୀ, ଲଙ୍କାଗୁଣ୍ଡ ଓ ପଲସର ମୋଟର ସାଇକେଲ ଜବତ ହୋଇଛି। ପୋଲିସ ମାମଲା (ନଂ ୫୫୪/୨୨) ରେ ରୁଜୁ କରି ଅଭିଯୁକ୍ତମାନଙ୍କୁ ବୁଧବାର କୋର୍ଟ ଚାଲାଣ କରିଥିଲା। ଜାମିନ ନାମଞ୍ଜୁର ପରେ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଅଭିଯୁକ୍ତମାନେ ବିଭିନ୍ନ ମାମଲାରେ ପୂର୍ବରୁ ଜେଲ ଯାଇଥିଲେ।

# ମିଡିଆ ହାଉସ୍ କାର୍ଯ୍ୟାଳୟ ଉଦ୍‌ଘାଟିତ



ମିଡିଆ ହାଉସ କାର୍ଯ୍ୟାଳୟକୁ ସାମାଜିକ କର୍ମୀ ଜାଗୃତି ପଣ୍ଡା ଉଦ୍‌ଘାଟନ କରୁଛନ୍ତି।

**ପିପିଲି,୧୬।୧୧(ଡି.ଏନ୍.ଏ.)**

ଜାତୀୟ ପ୍ରେସ୍ ଦିବସ ଅବସରରେ ପିପିଲିରେ ମିଡିଆ ହାଉସ କାର୍ଯ୍ୟାଳୟ ବୁଧବାର ଉଦ୍‌ଘାଟିତ ହୋଇଯାଇଛି।ଏହାକୁ ପିପିଲି ବିଧାୟକ ରୁଦ୍ର ପ୍ରତାପ ମହାରଥୀଙ୍କ ସ୍ତ୍ରୀ ତଥା ସାମାଜିକ କର୍ମୀ ଜାଗୃତି ପଣ୍ଡା ଉଦ୍‌ଘାଟନ କରିଥିଲେ। ନିଷ୍ପାପର ଖବର ପରିବେଷଣ କରିବା ପାଇଁ ସେ ଉପସ୍ଥିତ ଖବରଦାତାଙ୍କୁ ପରାମର୍ଶ ଦେଇଥିବାବେଳେ ସରକାରଙ୍କ ଲୋକାଭିମୁଖୀ କାର୍ଯ୍ୟକ୍ରମକୁ ଜନସାଧାରଣଙ୍କ ପାଖରେ ପହଞ୍ଚାଇବାରେ ଖବରଦାତାମାନେ ମୁଖ୍ୟ ମାଧ୍ୟମ ବୋଲି କହିଥିଲେ। ଉପସ୍ଥିତ ସମସ୍ତ ଖବରଦାତାଙ୍କୁ ତାଙ୍କର ନିଷ୍ପାପର ସେବା ପାଇଁ ସାଧୁବାଦ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପିପିଲି ବ୍ଲକ ଅଧ୍ୟକ୍ଷା ଦେବଶ୍ମିନୀ ନନ୍ଦ, ଏନ୍‌ଏଏସି ଅଧ୍ୟକ୍ଷ ସେକ୍ ବାବୁ, ବିଜେଡି ରାଜ୍ୟ ସମ୍ପାଦକ ପ୍ରିୟବ୍ରତ ସାମନ୍ତରାୟ, ଏନ୍‌ଏସି ଉପାଧ୍ୟକ୍ଷ ଭାଗ୍ୟବତୀ ମହାରଣା, ବିଜେଡି ନେତା ଯୁଧିଷ୍ଠିର ସ୍ୱାଇଁ, ପିପିଲି ବ୍ଲକ ଆମ୍ବା ଅଧ୍ୟକ୍ଷ ପ୍ରକାଶ ଧଳ, ବିଧାୟକଙ୍କ ପ୍ରତିନିଧି ଗନ୍ଧର୍ବ ପରିଡା, କାଉନସିଲର ଡ. ବିଭୂତି ଭୂଷଣ ଜେନା, ସାମାଜିକ କର୍ମୀ ମନୋରଞ୍ଜନ ପରିଡା, ପୂର୍ବତନ ସରପଞ୍ଚ ଅଜୟ ଲେଙ୍କାଙ୍କ ସମେତ ବୈଦ୍ୟୁତିକ ଓ ଛାପା ଗଣମାଧ୍ୟମ ପ୍ରତିନିଧିମାନେ ଯୋଗଦେଇଥିଲେ।

# ବାଇକ୍ ଚୋରି ଅଭିଯୋଗରେ ଯୁବକଙ୍କୁ ନିସ୍ତୁକ ମାଡ଼

**ଗୋପ,୧୬।୧୧(ଡି.ଏନ୍.ଏ.)**

କିଛି ଦିନ ଧରି ଗୋପ ଥାନା ଅଞ୍ଚଳର ବିଭିନ୍ନ ସ୍ଥାନରୁ ବାଇକ୍ ଚୋରି ହେଉଥିବା ଅଭିଯୋଗ ଥିବାବେଳେ ସପ୍ତାହକ ମଧ୍ୟରେ ୪ ବାଇକ୍ ଚୋରି ହୋଇଥିବା ଜଣାପଡ଼ିଛି। ବୁଧବାର ସନ୍ଧ୍ୟାରେ ପୁରୀ ଅଞ୍ଚଳର ଛବି ଭୋଇ (୨୨) ନାମକ ଯୁବକଙ୍କୁ କିଛି ଲୋକ ଚୋରି ବାଇକ୍ ସହିତ ଧରି ନର୍ଦ୍ଧମ୍ ଛେଚିବା ପରେ ଗୋପ ପୋଲିସ ଜିମା ଦେଇଛନ୍ତି। ପୋଲିସ ଛବିଙ୍କୁ ପଚରାଉଚରା କରିବା ସହ ବାଇକ୍ ଚୋରି ର୍ୟାକେଟ୍‌କୁ ଧରିବା ପାଇଁ ବିଭିନ୍ନ ସ୍ଥାନରେ ଚଢାଉ କରୁଛି। ଏନେଇ ଏକ ମାମଲା (ନଂ. ୪୪୮/୨୨) ରୁଜୁ କରାଯାଇଥିବା ଥାନା ଅଧିକାରୀ ସୁନିଲ୍ ପ୍ରଧାନ କହିଛନ୍ତି। ପ୍ରକାଶ ଯେ, ମଙ୍ଗଳବାର ରାତିରେ ଗୋପ ଥାନା ଅନ୍ତର୍ଗତ ସାପୁଆ ସାହି ଗ୍ରାମର ବାଦଲ ପଲାଇଙ୍କ ବାଇକ୍ ଚୋରି ହୋଇଯାଇଥିଲା। ବାଇକ୍ ମାଲିକ ବିଭିନ୍ନ ସ୍ଥାନର ସିସିଟିଭି ଫୁଟେଜ ଯାଞ୍ଚ କରିବାରୁ ତାଙ୍କ ବାଇକ୍‌କୁ ୨ଜଣ ଯୁବକ ନେଇ ଯାଉଥିବା ଦେଖିବାକୁ ପାଇଥିଲେ। ବାଇକ୍ ଚୋରକୁ ଧରିବା ପାଇଁ ବାଦଲ ତାଙ୍କ ବନ୍ଧୁ ବାନ୍ଧବଙ୍କୁ ଜଣାଇବା ସହ ନିଜେ ବିଭିନ୍ନ ସ୍ଥାନ ବୁଲି ଥିଲେ। ବୁଧବାର ଅପରାହ୍ନରେ ରାମଚଣ୍ଡୀ ଥାନା ଅଞ୍ଚଳ ବାଲି କପିଳେଶ୍ୱର ନିକଟରେ ଜଣେ ଯୁବକ ତାଙ୍କ ଚୋରି ବାଇକ୍ ଧରି ବୁଲୁଥିବା ଖବର ପାଇଥିଲେ। ସେ

## ସପ୍ତାହକ ମଧ୍ୟରେ ୪ ବାଇକ୍ ଚୋରି

ତେଣେଜଣ ଲୋକଙ୍କୁ ଧରି ବାଲିକପିଳେଶ୍ୱର ନିକଟରେ ପହଞ୍ଚିଥିଲେ। ଏହା ଜାଣିପାରି ଛବି ସେଠାରୁ ଚୋରି ବାଇକ୍ ସହ ଖସି ଯିବାକୁ ଉଦ୍ୟମ କରୁଥିବାବେଳେ ଲୋକେ ତାଙ୍କୁ ଧରି ନିସ୍ତୁକ ମାଡ଼ ମାରିଥିଲେ। ପରେ ଛବିଙ୍କୁ ପୋଲିସ ଜିମା ଦେଇଥିଲେ। ବାଇକ୍ ମାଲିକ ପଲାଇଙ୍କ ଅଭିଯୋଗକ୍ରମେ ପୋଲିସ ମାମଲା ରୁଜୁ କରିଥିଲା। ବାଇକ୍ ଚୋରି ର୍ୟାକେଟ୍‌କୁ ଠାବ କରିବା ପାଇଁ ଗୋପ ପୋଲିସ ବିଭିନ୍ନ ସ୍ଥାନରେ ଚଢାଉ ଜାରି ରଖିଥିବା ଜଣାପଡ଼ିଛି। ଏହି ଅଭିଯୋଗ ସମ୍ପର୍କରେ ଗୋପ ଥାନା ଅଧିକାରୀ ପ୍ରଧାନଙ୍କୁ ପଚାରିବାରେ, ଖୁବ୍‌ଶୀଘ୍ର ଏହି ବାଇକ୍ ଚୋରି ର ୟାକେଟ୍‌କୁ ଠାବ କରାଯିବ ବୋଲି କହିଛନ୍ତି।

# ସାମ୍ବାଦିକଙ୍କ ସୁରକ୍ଷା ଉପରେ ଗୁରୁତ୍ୱ

**କାକଟପୁର/ଅସ୍ତରଙ୍ଗ,୧୬।୧୧(ଡି.ଏନ୍.ଏ.)**

ସାମ୍ବାଦିକ ସୁରକ୍ଷା ସମିତି କାକଟପୁର, ଅସ୍ତରଙ୍ଗ ପକ୍ଷରୁ ମୋତି କଲ୍ୟାଣମଣ୍ଡପ ସଭାଗୃହରେ ସଭାପତି ଅକ୍ଷୟ ରାଉତଙ୍କ ସଭାପତିତ୍ୱରେ ଜାତୀୟ ପ୍ରେସ ଦିବସ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ଜିଲା ଉପନିବନ୍ଧକ ପ୍ରଭାତ କୁମାର ତରାଇ, ମୁଖ୍ୟ ବକ୍ତା ପ୍ରାଧ୍ୟାପିକା ଅମିୟବାଳା ପରିଡା, ଅତିଥିଭାବେ କଣ୍ଟାପଡ଼ା ସରପଞ୍ଚ ରୀନା ନାୟକ ପ୍ରମୁଖ ଯୋଗଦେଇ ବର୍ତ୍ତମାନ ସମାଜରେ ଗଣତନ୍ତ୍ରର ସୁରକ୍ଷା ଓ ସାମାଜିକ ସୌହାର୍ଦ୍ଦ୍ୟ ପାଇଁ ଗଣମାଧ୍ୟମର ଭୂମିକା ଉପରେ ଆଲୋକପାତ କରିବା ସହ ସାମ୍ବାଦିକଙ୍କ ସୁରକ୍ଷା ଓ ସାମାଜିକ ସମ୍ମାନ ଉପରେ ସରକାର ଦୃଷ୍ଟିଦେବାକୁ ଗୁରୁତ୍ୱ ଦେଇଥିଲେ। ସଭାରେ ଶଙ୍କର ପ୍ରସାଦ ଦାସ, ବରିଷ୍ଠ ସାମ୍ବାଦିକ କ୍ଷେତ୍ରମୋହନ ଦାଶ, କାକଟପୁର ମିଡିଆ ଫୋରମ୍ ସଭାପତି ମାନସ ସାମଲ, ହିମାଂଶୁ ଭୂଷଣ ଓଝା, ସତ୍ୟଜିତ ଦାଶ, ଆର୍ଯ୍ୟ କୁମାର ବିଶ୍ୱାଳ, ପ୍ରକାଶ ବେହେରା, ଆର୍ତ୍ତତ୍ରାଣ ମହାନ୍ତି, ବିପିନ ଦାସ, ତ୍ରିଲୋଚନ ବେହେରା, ବସନ୍ତ ମଲ୍ଲ, ମାନସ ରଞ୍ଜନ ସେଠୀ, ପୂର୍ଣ୍ଣଚନ୍ଦ୍ର ପଣ୍ଡା, ଉପଦେଷ୍ଟା ରାଜକିଶୋର ଲେଙ୍କାଙ୍କ ସମେତ ବହୁ ଖବରଦାତା ଉପସ୍ଥିତ ଥିଲେ।



ଜାତୀୟ ପ୍ରେସ୍ ଦିବସ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

# ରକ୍ଷଣାବେକ୍ଷଣ ଅଭାବରୁ ମରିଗଲାଣି ନଡ଼ିଆ ଚାରା

**କୋଣାର୍କ,୧୬।୧୧(ଡି.ଏନ୍.ଏ.)**

ମହାତ୍ମାଗାନ୍ଧୀ ଜାତୀୟ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାରେ ପୁରୀ ଜିଲା ମୃତ୍ତିକା ସଂରକ୍ଷଣ ବିଭାଗ ପକ୍ଷରୁ ୨ ବର୍ଷ ପୂର୍ବରୁ ରାସ୍ତାକଡରେ ନଡିଆ ଚାରା ଲଗାଯାଇଥିଲା। ରକ୍ଷଣାବେକ୍ଷଣ ଅଭାବରୁ ଏବେ ଚାରା ସବୁ ମରିବାକୁ ବସିଲାଣି। ଏପରି ଘଟଣା କୋଣାର୍କ ନିକଟସ୍ଥ ସୋରଭା ପଞ୍ଚାୟତରେ ଦେଖିବାକୁ ମିଳିଛି।

ସୂଚନା ମୁତାବକ, ଗ୍ରାମ ପଞ୍ଚାୟତର ଆର୍ଥିକ ମାନଦଣ୍ଡ ବୃଦ୍ଧି ଓ ସବୁଜ ବଳୟ ସୃଷ୍ଟି କରିବା ଲକ୍ଷ୍ୟରେ ରାସ୍ତା ପାର୍ଶ୍ୱରେ ଯୋଜନାରେ ଚାରାରୋପଣ ହୋଇଥିଲା। ବିଭାଗର ଆନ୍ତରିକତା ଅଭାବ ଓ ଦାୟିତ୍ୱରେ ଅଣଦେଖା ନୀତି ଫଳରେ ଚାରା ସବୁ ମରିଗଲାଣି। ଏହି ଚାରାରୋପଣ ନାମରେ ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରାଯାଉଛି।

## ବିଭାଗର କାର୍ଯ୍ୟଦକ୍ଷତା ପ୍ରତି ପ୍ରଶ୍ନବାଚୀ



ହେଲେ ଦାୟିତ୍ୱରେ ଥିବା ମୃତ୍ତିକା ସଂରକ୍ଷଣ କର୍ମଚାରୀ ଓ ପଞ୍ଚାୟତର କିଛି ମୁଷ୍ଟିମେୟ ବ୍ୟକ୍ତିଙ୍କ ମଧୁଚନ୍ଦ୍ରିକା ନୀତି ଫଳରେ ଯୋଜନାର ମୂଳ ଲକ୍ଷ୍ୟଠାରୁ ଦୂରେଇ ଯାଉଥିବା ପରିବେଶବିତଙ୍କ ମହଲରେ ଚର୍ଚ୍ଚାର ବିଷୟ ପାଲଟିଛି। ମୃତ୍ତିକା ସଂରକ୍ଷଣ ବିଭାଗ ପକ୍ଷରୁ ସୋରଭା ଗ୍ରାମ ପଞ୍ଚାୟତର ଓଟାଙ୍ଗ, ମହାନ୍ତି ସାହି, ସୋରଭା, ଦୁର୍ଗାପୁର ଓ ତରୁଣା ଆଦି ଗ୍ରାମର ରାସ୍ତା କଡରେ ଲଗାଯାଇଥିବା ନଡିଆ ଗଛ ପାଣି ନ ପାଇ ଅଧିକାଂଶ ଗଛ ମରିଯାଇଥିବା ଦେଖିବାକୁ ମିଳିଛି। ବିଭାଗର ଆନ୍ତରିକତାର ଅଭାବ ଯୋଗୁଁ ଏଭଳି ଅଭାବନୀୟ ପରିସ୍ଥିତି ସୃଷ୍ଟି ହୋଇଛି ବୋଲି ସାଧାରଣରେ ମତ ପ୍ରକାଶ ପାଇଛି। ସୋରଭା ପଞ୍ଚାୟତ ବ୍ୟତୀତ ଗୋପ ବ୍ଲକର ଅଧିକାଂଶ ପଞ୍ଚାୟତରେ ମୃତ୍ତିକା ସଂରକ୍ଷଣ ବିଭାଗ ପ୍ରକଳ୍ପ କାର୍ଯ୍ୟ କାଗଜ କଲମରେ ସୀମିତ ଥିବାବେଳେ କେତେକ ପଞ୍ଚାୟତରେ କରାଯାଇଥିବା ପ୍ରକଳ୍ପ କାର୍ଯ୍ୟ ରକ୍ଷଣାବେକ୍ଷଣ ଅଭାବରୁ ଜରାଜୀର୍ଣ୍ଣ ଅବସ୍ଥାରେ ପଡି ରହିଛି। ଏହି ସମ୍ବେଦନଶୀଳ ଘଟଣା ଉପରେ ମୃତ୍ତିକା ସଂରକ୍ଷଣ ବିଭାଗର ଉଚ୍ଚ କର୍ତ୍ତୃପକ୍ଷ ଓ ପୁରୀ ଜିଲାପାଳ ଦୃଷ୍ଟି ଦେଇ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବା ପାଇଁ ସୋରଭା ପଞ୍ଚାୟତ ସମେତ ଅଧିକାଂଶ ପଞ୍ଚାୟତର ବୁଦ୍ଧିଜୀବୀ, ସଚେତନ ନାଗରିକ, ସାମାଜିକ କର୍ମୀ ଓ ପରିବେଶବିତ୍ ମହଲରେ ଦାବି ହୋଇଛି।

## ସଂକ୍ଷେପରେ

### ପୁଣି ମାତିଲେ ମୂର୍ତ୍ତିଚୋର



ପୁରୀ ଅଫିସ, ୧୬।୧୧: କିଛି ମାସର ବ୍ୟବଧାନ ପରେ ପୁରୀ ଜିଲାରେ ପୁଣି ମୂର୍ତ୍ତି ଚୋର ସକ୍ରିୟ ହୋଇଛନ୍ତି। ପୂର୍ବରୁ କଣାସ, ଚନ୍ଦନପୁର, ସତ୍ୟବାଦୀ ଥାନା ଅଞ୍ଚଳରେ ଥିବା ବିଭିନ୍ନ ମନ୍ଦିରରେ ଦୁର୍ବୃତ୍ତମାନେ ପଶି ମନ୍ଦିର ତାଲାଭାଙ୍ଗି ମୂର୍ତ୍ତି ଚୋରି କରି ଫେରାର ହୋଇଯାଉଥିବା ଘଟଣା ହଇଚଇ ସୃଷ୍ଟି କରିଥିଲା। ଏବେ ପୁଣି ମୂର୍ତ୍ତିଚୋର ମାତିଲେଣି। ମଙ୍ଗଳବାର ରାତିରେ ପୁରୀ ସଦର ବ୍ଲକ ତଥା ଚନ୍ଦନପୁର ଥାନା ଅଧୀନସ୍ଥ ଗଡ଼ମୃଗଶିରା ପଞ୍ଚାୟତ ଅଲୁର ଗ୍ରାମର ଆରାଧ ଠାକୁର ନାରାୟଣ ଦେବଙ୍କ ମନ୍ଦିରରୁ ଅନେକ ପୁରାତନ ତଥା ମୂଲ୍ୟବାନ ମୂର୍ତ୍ତି ଚୋରି ହୋଇଛି। ଦୁର୍ବୃତ୍ତମାନେ ମନ୍ଦିରରୁ ୪ଟି ପୁରାତନ ଅଷ୍ଟଧାତୁ ମୂର୍ତ୍ତି ଚୋରି କରିଥିବା ସୂଚନା ମିଳିଛି। ସେଗୁଡ଼ିକ ମଧ୍ୟରେ ଦୁର୍ଗା ମୂର୍ତ୍ତି, ନାରାୟଣ ମୂର୍ତ୍ତି, ଚନ୍ଦ୍ରଶେଖର ମୂର୍ତ୍ତି ଏବଂ ନୃସିଂହ ଦେବଙ୍କ ମୂର୍ତ୍ତି ରହିଛି। ସୂଚନା ଅନୁଯାୟୀ, ବୁଧବାର ସକାଳେ ସ୍ଥାନୀୟ ଲୋକେ ନାରାୟଣ ଦେବ ମନ୍ଦିରର ତାଲା ଭଙ୍ଗାଯାଇଛି ଓ ମନ୍ଦିର ପରିସରରୁ ଅନେକ ମୂର୍ତ୍ତି ସମେତ ଅଳଙ୍କାର ଚୋରି ହୋଇଥିବା ଦେଖିବାକୁ ପାଇଥିଲେ। ସେମାନେ ଏ ନେଇ ଚନ୍ଦନପୁର ଥାନାକୁ ଖବର ଦେଇଥିଲେ। ପରେ ମନ୍ଦିର କମିଟି ପକ୍ଷରୁ ବିଷ୍ଣୁ ପ୍ରସାଦ ମିଶ୍ରଙ୍କ ଲିଖିତ ଅଭିଯୋଗ କ୍ରମେ ଥାନାରେ ଏକ କେସ୍ (ନଂ ୨୭୫/୨୨) ରୁଜୁ କରାଯାଇଛି। ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଏହି ମୂର୍ତ୍ତି ଚୋରୀ ଘଟଣାରେ ଆନ୍ତଃରାଜ୍ୟ ମୂର୍ତ୍ତି ଚୋର ର୍ୟାକେଟର ହାତ ଥାଇପାରେ ବୋଲି ଅନୁମାନ କରାଯାଉଛି।

### କୋରାପୁଟକୁ ହରାଇଲା ଭଦ୍ରକ

**ନିମାପଡ଼ା,୧୬।୧୧(ଡି.ଏନ୍.ଏ.):** ନିମାପଡ଼ା ଆଥଲେଟିକ୍ ଆସୋସିଏଶନ (ଏନ୍ଏଏ) ପକ୍ଷରୁ ସ୍ଥାନୀୟ ବାରବାଟୀ ଗ୍ରାଉଣ୍ଡରେ ଆୟୋଜିତ ରାଜ୍ୟସ୍ତରୀୟ ୮ମ ପଦ୍ମଚରଣ ସାମନ୍ତସିଂହାର ସ୍ମାରକୀ ଫୁଟବଲ୍ ପ୍ରତିଯୋଗିତା ବୁଧବାର ୪ର୍ଥ ଦିନରେ ପହଞ୍ଚିଛି। ଏହି ଦିବସରେ ୪ର୍ଥ କ୍ୱାର୍ଟର ଫାଇନାଲ ମ୍ୟାଚ୍ ଅମୀମାଂସିତ ଭାବେ ଶେଷ ହୋଇଥିବାରୁ ଟାଏବ୍ରେକର ପଦ୍ଧତିର ସହାୟତା ନିଆଯାଇଥିଲା। ଟାଏବ୍ରେକର ପଦ୍ଧତି ଓ ପେନାଲଟିକ୍ ସୁଟ୍ ଆଉଟ୍ ଜରିଆରେ ଜିଲା ଫୁଟବଲ୍ ଆସୋସିଏଶନ (ଡିଏଫ୍ଏ) କୋରାପୁଟକୁ ୫-୩ ଗୋଲରେ ପରାସ୍ତ କରି ୟୁନାଇଟେଡ୍ ଫୁଟବଲ୍ କ୍ଲବ (ୟୁଏଫ୍ସି) ଭଦ୍ରକ ବିଜୟ ହାସଲ କରିଛି। ମ୍ୟାଚ୍ର ପ୍ରଥମାର୍ଦ୍ଧରେ ଭଦ୍ରକ ଦଳର ଖେଳାଳି ବାଦଲ ଭୋଇ ୨ଟି ଗୋଲ ସ୍କୋର କରିଥିବାବେଳେ ପ୍ରତିପକ୍ଷ କୋରାପୁଟର ଖେଳାଳି ଆଲେକ୍ସ ଗୋଟିଏ ଓ ବିକ୍ରମ ଗୋଟିଏ ଗୋଲ ସ୍କୋର କରିଥିଲେ। ରେଫରି ଭାବେ ବିୟଜ ମଙ୍ଗରାଜ, ସୁଦୀପ୍ତ ଦାସ, ପ୍ରିୟବ୍ରତ ବାହିନୀପତି, ସୁଶାନ୍ତ ରାଉତରାୟ, ପଦ୍ମଚରଣ ପାଣିଗ୍ରାହୀ ପ୍ରମୁଖ ମ୍ୟାଚ ପରିଚାଳନା କରିଥିଲେ। ଆୟୋଜିତ ଏହି ମ୍ୟାଚରେ ୟୁଏଫ୍ସି ଭଦ୍ରକ ଦଳର ଖେଳାଳି ବାଦଲ ଭୋଇ ମ୍ୟାନ ଅଫ୍ ଦି ମ୍ୟାଚ ଭାବେ ପୁରସ୍କୃତ ହୋଇଥିଲେ। ଅତିଥି ଭାବେ ନିମାପଡ଼ା ପଞ୍ଚାୟତ ସମିତି ଅଧକ୍ଷ ଶଙ୍କର ଭୋଇ, ଶଶିଭୂଷଣ ମିଶ୍ର, ସହକାରୀ ନିର୍ବାହୀ ଯନ୍ତ୍ରୀ ପ୍ରଭାତ ଦାଶ, ଉପସ୍ଥିତ ଥିଲେ।

# କୁକୁର ପାଇଁ ମାଲିକ, ପଶୁପ୍ରେମୀ, କଲୋନିବାସୀ ମୁହାଁମୁହିଁ

ଭୁବନେଶ୍ୱର,୧୬।୧୧(ବ୍ୟୁରୋ)

**ନାବାଳକଙ୍କୁ ପୋଷା କୁକୁର କାମୁଡ଼ିବା ଘଟଣା**

- ବହୁ ବିରୋଧ ପରେ ଡଗ୍ କେୟାର ସେଣ୍ଟର ଗଲା କୁକୁର
- ପାଖରେ ରଖିବାକୁ କୋର୍ଟରେ ମାଲିକଙ୍କ ଆବେଦନ



ଇନ୍ଫୋସିଟି ଥାନା ଅନ୍ତର୍ଗତ ତପସ୍ୱିନୀ କଲୋନୀରେ ଜଣେ ନାବାଳକଙ୍କୁ ଏକ ପୋଷା କୁକୁର କାମୁଡିବା ଘଟଣାକୁ ନେଇ ଉତ୍ତେଜନା ସୃଷ୍ଟି ହୋଇଛି। କୁକୁରଟିକୁ କଲୋନୀରୁ ବାହାର କରିବା ପାଇଁ ବାସିନ୍ଦା ଅଡି ବସିଥିବାବେଳେ ମାଲିକ କିନ୍ତୁ ଛାଡିବାକୁ ନାରାଜ। ଫଳରେ ଗୋଟିଏପଟେ କଲୋନୀ ବାସିନ୍ଦାଙ୍କ ସହ ଆହତ ଶିଶୁର ପରିବାର ଅନ୍ୟପଟେ କୁକୁର ମାଲିକ ଓ ପଶୁପ୍ରେମୀ ମୁହାଁମୁହିଁ ହୋଇଥିଲେ। ଦୀର୍ଘସମୟ ଧରି ଯୁକ୍ତିତର୍କ, କଥା କଟାକଟି ଓ ଛକାପଞ୍ଝା ଲାଗି ରହିଥିଲାବେଳେ କଲୋନୀବାସୀଙ୍କ ତୀବ୍ର ବିରୋଧ ଯୋଗୁ ପଶୁପ୍ରେମୀ ପୂରବୀ ପାତ୍ର ହଟହଟା ହୋଇଥିଲେ। ଶେଷରେ ପୋଲିସର ହସ୍ତକ୍ଷେପ ପରେ କୁକୁରଟିକୁ ଡଗ୍ କେୟାର ସେଣ୍ଟରକୁ ପଠାଯାଇଛି। ଅପରପକ୍ଷରେ କୁକୁରକୁ ପାଖରେ ରଖିବା ପାଇଁ ମାଲିକ କୋର୍ଟରେ ଆବେଦନ କରିଛନ୍ତି। କୋର୍ଟଙ୍କ ନିଷ୍ପତ୍ତି ଆସିବା ପର୍ଯ୍ୟନ୍ତ କୁକୁର କଲୋନୀଙ୍କୁ ନ ଆସି ଉକ୍ତ ସେଣ୍ଟରରେ ରହିବ ବୋଲି ଜଣାପଡିଛି। ଏହି ଘଟଣାକୁ ନେଇ ରାଜଧାନୀ ସମେତ ସୋସିଆଲ ମିଡିଆରେ ଚର୍ଚ୍ଚା ଲାଗି ରହିଛି। ସୂଚନାନୁସାରେ, ତପସ୍ୱିନୀ କଲୋନୀରେ ଋତୁରାଜ ଖଟୋଇ, ସ୍ତ୍ରୀ ଶୁଚିସ୍ମିତା ଓ ପୁଅ ଅର୍ଜୁନ ରୁହନ୍ତି। ଉକ୍ତ କଲୋନୀରେ ରହୁଥିବା ଶ୍ରାବଣୀ ପଟ୍ଟନାୟକ ୪ବର୍ଷ ହେବ ଏକ କୁକୁର ପାଳିଛନ୍ତି। ଉକ୍ତ କୁକୁରଟି ପୂର୍ବରୁ ଅନେକ ଲୋକଙ୍କୁ କାମୁଡିବା ଅଭିଯୋଗ ହୋଇଥିଲା। କଲୋନୀବାସୀ ଉକ୍ତ କୁକୁରଟି କଲୋନୀରେ ନ ରଖିବାକୁ ଦାବି କରି ଆସୁଥିଲେ ମଧ୍ୟ ମାଲିକ କିଛି ଶୁଣୁ ନ ଥିଲେ। ଫଳରେ ଏହାକୁ ନେଇ କଲୋନୀବାସୀଙ୍କ ସହ ଶ୍ରାବଣୀଙ୍କର ବହୁଥର ପାଟିତୁଣ୍ଡ ହୋଇଥିଲା। ଗତ ୬ତାରିଖରେ ଅର୍ଜୁନ ସାଇକେଲ ଚଲାଉଥିବାବେଳେ ସେହି କୁକୁର ତାଙ୍କୁ କାମୁଡି ଦେଇଥିଲା। ତାଙ୍କୁ ଗୁରୁତର ଅବସ୍ଥାରେ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ତାଙ୍କ ଗୋଡ଼ରେ ୧୨ଟି ଷ୍ଟିଚ୍ ପଡିଥିଲା। ଏହି ଘଟଣା ପରେ କଲୋନୀରେ ଭୟର ବାତାବରଣ ଦେଖାଯାଇଥିଲା। ଆହତ ଶିଶୁର ମା ଶୁଚିସ୍ମିତା ଥାନାରେ ଏକ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ମାମଲା ରୁଜୁ କରିବା ସହ ଶ୍ରାବଣୀଙ୍କ ଘରକୁ ଯାଇ କୁକୁରଟି ଅନ୍ୟ କେଉଁଠି ଛାଡିଦେବାକୁ କହିଥିଲେ ମଧ୍ୟ ସେ ଶୁଣି ନ ଥିଲେ। ଆହତ ଶିଶୁର ପରିବାର ଓ କଲୋନୀବାସୀ ପୁଣି ଥରେ ଥାନାକୁ ଯାଇ କଲୋନୀରୁ କୁକୁର ବାହାର କରିବାକୁ ଦାବି କରିଥିଲେ। ପୋଲିସ ପୁଣି ଶ୍ରାବଣୀଙ୍କ ଘରକୁ ଯାଇ କୁକୁରକୁ ଡଗ୍ କେୟାର ସେଣ୍ଟରରେ ଛାଡ଼ି ଦେବାକୁ କହିଥିଲେ। ହେଲେ ସେ ନିଜ ଜିଦ୍‌ରେ ଅଟଳ ରହିବାରୁ କଲୋନୀବାସୀ ତାତି ଯାଇଥିଲେ। ଦୀର୍ଘ ସମୟ ଧରି ଉତ୍ତେଜନା ଓ ବିରୋଧ ପରେ ଶେଷରେ କୁକୁରକୁ ଡଗ୍ କେୟାର ସେଣ୍ଟରକୁ ପଠାଇ ଦିଆଯାଇଥିବାରୁ କଲୋନୀବାସୀ ଏକ ପ୍ରକାର ଆଶ୍ୱସ୍ତି ଅନୁଭବ କରିଛନ୍ତି। ଆହତ ଶିଶୁର ବାପା ଋତୁରାଜ ଖଟୋଇ କହିଛନ୍ତି, କୁକୁର କାମୁଡ଼ିବା ପରଠାରୁ ପ୍ରତିଦିନ ମୋ ଛୁଆ କାନ୍ଦୁଛି, ଡରୁଛି। ମୋ ପିଲାକୁ ଟ୍ରମା କରିଛି, ଅନ୍ୟକେତେଜଣଙ୍କୁ କାମୁଡିଛି। ସେଇଟା ମାଲିକଙ୍କୁ ଦେଖାଯାଉନି। କୌଣସି ପରିସ୍ଥିତିରେ ବି ଉକ୍ତ କୁକୁରଟିକୁ କଲୋନୀରେ ରଖାଇ ଦିଆଯିବନି ବୋଲି ସେ କହିଛନ୍ତି।

## ଭୋଟର ସଚେତନତା ରଥ ଉଦ୍‌ଘାଟିତ

ପୁରୀ ଅଫିସ, ୧୬।୧୧

ପୁରୀ ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ବୁଧବାର ଭୋଟର ସଚେତନତା ରଥକୁ ଅତିରିକ୍ତ ଜିଲାପାଳ (ପ୍ରଶାସନ) ପ୍ରଦୀପ କୁମାର ସାହୁ ସବୁଜ ପତାକା ଦେଖାଇ ଉଦ୍‌ଘାଟନ କରିଛନ୍ତି। ଏହି ରଥ ଜିଲାର ବିଭିନ୍ନ ଅଞ୍ଚଳ ବୁଲି ଲୋକଙ୍କୁ ସଚେତନ କରାଇବ। ଭୋଟର ତାଲିକାରେ ନାମ ଅନ୍ତର୍ଭୁକ୍ତ, ତଥ୍ୟ ସଂଶୋଧନ ଇତ୍ୟାଦି ପାଇଁ ସଚେତନ କରାଯିବ। କାର୍ଯ୍ୟକ୍ରମରେ ଉପଜିଲାପାଳ ଭବତାରଣ ସାହୁ, ଡେପୁଟି କଲେକ୍ଟର ଜିତେନ୍ଦ୍ର କୁମାର ପାତ୍ର, ରଞ୍ଜନ ବେହେରା, ରାମଚନ୍ଦ୍ର ପଟ୍ଟନାୟକ, ସହକାରୀ ଜିଲାପାଳ ରାଜବଲ୍ଲଭ ନାୟକ ଏବଂ ଶିକ୍ଷାବିତ ପ୍ରଫେସର ମାନସ ରଞ୍ଜନ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ପ୍ରତିଭା ଦେଖାଇଲେ ଛାତ୍ରୀଛାତ୍ର



ଅତିଥିଙ୍କ ଗହଣରେ କୃତୀ ପ୍ରତିଯୋଗୀଙ୍କ ସହ ଅନ୍ୟମାନେ।

ଖୋର୍ଦ୍ଧା ଅଫିସ,୧୬।୧୧

ପ୍ରାଣନାଥ ସ୍ୱୟଂଶାସିତ ମହାବିଦ୍ୟାଳୟ ପରିସରରେ ଆନ୍ତଃ ମହାବିଦ୍ୟାଳୟ ସ୍ତରୀୟ ସଙ୍ଗୀତ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଶାସ୍ତ୍ରୀୟ ସଙ୍ଗୀତରେ ନେତାଜୀ ସୁଭାଷ ବୋଷ ମେମୋରିଆଲ ସିଟି କଲେଜ କଟକର ମୋନାଲିସା ମହାନ୍ତି ପ୍ରଥମ, ପ୍ରାଣନାଥ କଲେଜର ଶ୍ୱେତା ଶାଶ୍ୱତୀ ରଥ ଦ୍ୱିତୀୟ ସ୍ଥାନ ହାସଲ କରିଛନ୍ତି। ଲଘୁ କଣ୍ଠସଙ୍ଗୀତରେ କମଳା ନେହେରୁ ମହିଳା କଲେଜ ଭୁବନେଶ୍ୱରର ସୁଭଦ୍ରା ସାହୁ ପ୍ରଥମ, ଜୟଦେବ କଲେଜ ନହରକଣ୍ଟାର ସୌମ୍ୟରଞ୍ଜନ ମହାପାତ୍ର ୨ୟ ଏବଂ ନେତାଜୀ ସୁଭାଷ ବୋଷ ମୋମୋରିଆଲର ପ୍ରୟାସ କାନୁନଗୋ ୩ୟ ସ୍ଥାନରେ ରହିଛନ୍ତି। ଭକ୍ତି ସଙ୍ଗୀତ (ଜଣାଣ ଓ ଭଜନ)ରେ ପରମାନନ୍ଦ କଲେଜ ବୋଲଗଡ଼ର ପ୍ରଜ୍ଞା ପାରମିତା ପ୍ରିୟଦର୍ଶିନୀ ପ୍ରଥମ, ଖୋର୍ଦ୍ଧା ପି.ଏନ୍. କଲେଜର ଛାତ୍ରୀ ପ୍ରଜ୍ଞା ପାରମିତା ଲେଙ୍କା ୨ୟ, ନେତାଜୀ ମୋମୋରିଆଲ କଲେଜର ଅଙ୍କିତା ମିଶ୍ର ୩ୟ ହୋଇଛନ୍ତି। ଓଡ଼ିଶୀ ନୃତ୍ୟ ପ୍ରତିଯୋଗିତାରେ ଇନ୍ଦିରା ଗାନ୍ଧୀ କଲେଜ କଟକର ଲିପ୍‌ସା ମହାପାତ୍ର, କମଳା ନେହେରୁ କଲେଜ ଭୁବନେଶ୍ୱରର ଐଶର୍ଯ୍ୟା ମହାନ୍ତି ଓ ଶହୀଦ ରଘୁ ଦିବାକର କଲେଜର ସୋମନାଥ ରଥ ଯଥାକ୍ରମେ ୧ମ,୨ୟ ଓ ୩ୟ ସ୍ଥାନ ହାସଲ କରିଛନ୍ତି। କୃତୀ ପ୍ରତିଯୋଗୀଙ୍କୁ କଲେଜ ଅଧ୍ୟକ୍ଷା ଡ. ଅଜନ୍ତା ଶତପଥୀ ପୁରସ୍କୃତ କରିଥିଲେ। ପ୍ରାଧ୍ୟାପକ ଶୁଭେନ୍ଦୁ ମହାନ୍ତି କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ଅଧ୍ୟାପିକା, ଅଧ୍ୟାପକ ଓ ଛାତ୍ରୀଛାତ୍ରମାନେ ସହଯୋଗ କରିଥିଲେ।

## ବିଭିନ୍ନ ସ୍ଥାନରେ ଜାତୀୟ ପ୍ରେସ୍ ଦିବସ

**ଟାଙ୍ଗୀ(ଖୋର୍ଦ୍ଧା),୧୬।୧୧(ଡି.ଏନ୍.ଏ.):** ଟାଙ୍ଗୀ ମିଡିଆ ସେବା ସଂଘ ପକ୍ଷରୁ ବଳରାମ ଦେବ ମନ୍ଦିର ପରିସରରେ ଜାତୀୟ ପ୍ରେସ ଦିବସ ପାଳିତ ହୋଇଯାଇଛି। ଖବରଦାତା ରଘୁନାଥ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ସଂଘ ସଭାପତି ରବୀନ୍ଦ୍ର ରଣା, ସମ୍ପାଦକ ସନ୍ତୋଷ ଚୌଧୁରୀ, ସହସମ୍ପାଦକ କାହ୍ନୁଚରଣ ବେହେରା, ଉପସଭାପତି ସଂଗ୍ରାମ କେଶରୀ ପଟ୍ଟନାୟକ, ମାନସ ଚନ୍ଦ୍ର ପଟ୍ଟନାୟକ, ଉପଦେଷ୍ଟା ଭାଗୀରଥି ଛୋଟରାୟ ପ୍ରମୁଖ ଯୋଗଦେଇ ଜାତୀୟ ପ୍ରେସ ଦିବସର ତାତ୍ପର୍ଯ୍ୟ ଓ କାର୍ଯ୍ୟରତ ଗଣମାଧ୍ୟମ ପ୍ରତିନିଧିଙ୍କ ସୁରକ୍ଷା ପାଇଁ ସରକାର ଆଇନ ପ୍ରଣୟନ କରିବାକୁ ଦାବିକରିଥିଲେ। ଏହି କାର୍ଯ୍ୟକ୍ରମରେ ଉମେଶ ଚନ୍ଦ୍ର ପଟ୍ଟନାୟକ, କାର୍ତ୍ତିକ ସାମନ୍ତସିଂହାର, ବୈକୁଣ୍ଠ ପ୍ରଧାନ, ଅଶୋକ କୁମାର ନାୟକ, ରମେଶ ଚନ୍ଦ୍ର ସେଠୀ, ପ୍ରତାପରୁଦ୍ର ମହାରଣା, ସୁରଜିତ ପଟ୍ଟନାୟକ, ଆଲୋକ ମହାରଣା, ସତ୍ୟନାରାୟଣ ବଳିୟାରସିଂହ, ଯୋଗେନ୍ଦ୍ର ରାମ, ଅଶ୍ୱିନୀ ପରିଡ଼ା, ରମେଶ ଚନ୍ଦ୍ର ବେହେରା ପ୍ରମୁଖ ଯୋଗଦେଇଥିଲେ।

**ଟାଙ୍ଗୀ(ଖୋର୍ଦ୍ଧା),(ଡି.ଏନ୍.ଏ.):** ଟାଙ୍ଗୀ ବ୍ଲକ ସାମ୍ବାଦିକ ସଂଘ ପକ୍ଷରୁ ମା'ରତ୍ନମାଳୀ କଲ୍ୟାଣ ମଣ୍ଡପ ଠାରେ ସଂଘ ସଭାପତି ପଦ୍ମନାଭ ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ଜାତୀୟ ପ୍ରେସ ଦିବସ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ଖୋର୍ଦ୍ଧା ଜିଲା ପରିଷଦ ପୂର୍ବତନ ସଭାପତି ରାମଚନ୍ଦ୍ର ମହାପାତ୍ର, ଅତିଥିଭାବେ ବିଡିଓ ଐଶ୍ୱର୍ଯ୍ୟା ସାମନ୍ତରାୟ, ଥାନା ଆଇଆଇସି ଦିଗ୍‌ବିଜୟ ବିଶ୍ୱାଳ, ଆମ୍ବାର ସଭାପତି ସୁକାନ୍ତ ରାଉତ, ସଂଘ ସମ୍ପାଦକ ମନୋଜ ପଟ୍ଟନାୟକ ପ୍ରମୁଖ ଯୋଗଦେଇ କାର୍ଯ୍ୟରତ ଗଣମାଧ୍ୟମ ପ୍ରତିନିଧିଙ୍କ ବିଭିନ୍ନ ସମସ୍ୟା, ନିରପେକ୍ଷ ଓ ଗଠନମୂଳକ ଲେଖା ସମ୍ପର୍କରେ ଆଲୋକପାତ କରିଥିଲେ। ସଂଘର ପ୍ରବକ୍ତା ସରୋଜ ପାଇକରାୟ ଅତିଥିଙ୍କପରିଚୟ ପ୍ରଦାନ କରିବା ସହ ସ୍ୱାଗତ ଭାଷଣ ଦେଇଥିଲେ। ଉପଦେଷ୍ଟା ପ୍ରଦୋଷ ଦାଶ ପ୍ରେସ ଦିବସର ଆଭିମୁଖ୍ୟ ସମ୍ପର୍କରେ ମନ୍ତବ୍ୟ ରଖିଥିଲେ। ଉପସଭାପତି ମନୋଜ ନାଇଡୁ ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମରେ ବିଭିନ୍ନ ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟାସଭ୍ୟ, ଶିକ୍ଷାବିତ୍, ବରିଷ୍ଠ ନାଗରିକ, ବୁଦ୍ଧିଜୀବୀ ଉପସ୍ଥିତ ଥିଲେ।

**ଜଟଣୀ,(ଡି.ଏନ୍.ଏ.):** ଜଟଣୀ ପ୍ରେସ କ୍ଲବ ପକ୍ଷରୁ ଜାତୀୟ ପ୍ରେସ ଦିବସ



ପାଳିତ ହୋଇଯାଇଛି। ପ୍ରେସ କ୍ଲବ ସଭାପତି ଏମ୍. ଡି. ଇସମାଇଲ ଅଲିଙ୍କ ପୌରୋହିତ୍ୟରେ ଆୟୋଜିତ ଦିବସରେ ସମ୍ପାଦକ ହୃଦାନନ୍ଦ କୋଦମାସିଂହ ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ। ବିଧାୟକ ସୁରେଶ କୁମାର ରାଉତରାୟ ଏବଂ ଅବସରପ୍ରାପ୍ତ ରେଳଯନ୍ତ୍ରୀ ସତ୍ୟନାରାୟଣ ବର୍ମା ଅତିଥିଭାବେ ଯୋଗଦେଇ ଏକ୍‌ଜୁଟ ହୋଇ ସମାଜର ସାମଗ୍ରୀକ ବିକାଶରେ କାର୍ଯ୍ୟ କଲେ ଦେଶର ବିକାଶ ହେବା ସହିତ ସମସ୍ତଙ୍କ ମଙ୍ଗଳ ହେବ ବୋଲି କହିଥିଲେ। ସାମ୍ବାଦିକ ସୁରକ୍ଷା ଆଇନ ଶୀଘ୍ର ରାଜ୍ୟ ସରକାର ଆଣିବା ପାଇଁ ଦାବି ହୋଇଛି। ଅନ୍ୟମାନଙ୍କ ମଧ୍ୟରେ ଓୟୁଜେ ରାଜ୍ୟ ସାଧାରଣ ସମ୍ପାଦକ ପ୍ରସନ୍ନ ପାଇକରାୟ, ପ୍ରେସ କ୍ଲବ ଉପଦେଷ୍ଟା ହେମନ୍ତ ସୁନ୍ଦରାୟ, ଅମରେଶ ରାଉତରାୟ, ସଞ୍ଜୀବ କୁମାର ସେଠୀ, ମାମାଲି ସେଠୀ, ମଧୁସ୍ମିତା ନାୟକ, ଆଶୁତୋଷ ରାଏ, ସୁଭେନ୍ଦ୍ର ଶତପଥୀ, ରବୀନ୍ଦ୍ରନାଥ ମହାକୁଡ଼ ପ୍ରମୁଖ ଯୋଗଦେଇ ଅଞ୍ଚଳର ବିକାଶ ପାଇଁ ଶପଥ ନେଇଥିଲେ।

**ନିରାକାରପୁର,(ଡି.ଏନ୍.ଏ.):** ଖୋର୍ଦ୍ଧା ଜିଲା ନିରାକାରପୁର ଖବରଦାତା ସଂଘ ପକ୍ଷରୁ ଡିଆ ପଞ୍ଚାୟତସ୍ଥିତ କପିଳେଶ୍ୱର ଦେବଙ୍କ ପୀଠରେ ସଂଘ ସଭାପତି ମାନସ ଚନ୍ଦ୍ର ପଟ୍ଟନାୟକଙ୍କ ପୌରୋହିତ୍ୟରେ ଜାତୀୟ ପ୍ରେସ୍ ଦିବସ ପାଳିତ ହୋଇଯାଇଛି। ଏଥିରେ ଅଞ୍ଚଳର ଖବରଦାତାମାନେ ଯୋଗଦେଇ ଖବରଦାତାଙ୍କ ବିଭିନ୍ନ ସମସ୍ୟା ଉପରେ ଆଲୋକପାତ କରିଥିଲେ। ଖବରଦାତା ସୁରକ୍ଷା ଆଇନ ପ୍ରଚଳନ ପାଇଁ ଦାବି ହୋଇଥିଲା। କାର୍ଯ୍ୟକ୍ରମରେ ଉମେଶ ପଟ୍ଟନାୟକ, ରଞ୍ଜନ କୁମାର ସାହୁ, ସୁକାନ୍ତ ଜିତ୍ ପଟ୍ଟନାୟକ, ଅଶୋକ ମହାପାତ୍ରଙ୍କ ସମେତ ବହୁ ଖବରଦାତା ଉପସ୍ଥିତ ଥିଲେ। ସଂଘ ସମ୍ପାଦକ ସଂଗ୍ରାମ କେଶରୀ ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ।

## 'ସଂଗ୍ରାମୀଙ୍କ ଜୀବନୀ କାହାଣୀ ପଢ଼'

ଖୋର୍ଦ୍ଧା ଅଫିସ,୧୬।୧୧



ଅତିଥିଙ୍କ ଗହଣରେ ପିଲାମାନେ।

ନିଜିଗଡ଼ ତାପଙ୍ଗସ୍ଥିତ ବିନାୟକ ପବ୍ଲିକ ସ୍କୁଲର ପ୍ରତିଷ୍ଠା ଦିବସ ଓ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ଏଥିରେ ସମ୍ବଲପୁର ବିଶ୍ୱବିଦ୍ୟାଳୟର ପୂର୍ବତନ ରେଜିଷ୍ଟ୍ରାର ଡ. ପ୍ରସନ୍ନ କୁମାର ଜେନା ମୁଖ୍ୟଅତିଥି ଏବଂ ଶିକ୍ଷାବିତ ଡ. ପ୍ରମୋଦ ଚନ୍ଦ୍ର ଦାଶ ମୁଖ୍ୟବକ୍ତା ଭାବେ ମଞ୍ଚାସୀନ ଥିଲେ। ସମ୍ମାନିତ ଅତିଥି ଭାବେ ସରପଞ୍ଚ ଶତ୍ରୁଘ୍ନ ବେହେରା, ରଶ୍ମିତା ବ୍ରହ୍ମା, ପୂର୍ବତନ ସରପଞ୍ଚ କାଳୁ ବଳିଆରସିଂ, ଭୁବନାନନ୍ଦ ସାମନ୍ତରାୟ, କୈଳାସ ବଳିଆରସିଂ, ଶରତ ପାହାଡ଼ସିଂ, ଶେଖାବତ୍ ଅଲ୍ଲୀ ଖାନ, କବିର ଖାନ୍ ଏବଂ ଝିଲ୍ଲିରାଣୀ ସାମନ୍ତରାୟ ଯୋଗଦେଇଥିଲେ। ଅତିଥିମାନେ ସ୍ୱାଧୀନତା ସଂଗ୍ରାମରେ ତାପଙ୍ଗ ଦଳବେହେରା ଓ ପାଇକ ବୀରଙ୍କ ବୀରତ୍ୱ ଗାଥା ସମ୍ପର୍କରେ କହିଥିଲେ। ସ୍କୁଲ ପରିଚାଳନା କମିଟି ସଭାପତି ଜବାହରଲାଲ ସୁବୁଦ୍ଧି ସ୍ୱାଧୀନତା ସଂଗ୍ରାମୀଙ୍କ ଆଦର୍ଶ ଜୀବନୀ ପଠନ ପାଇଁ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। ପ୍ରଧାନଶିକ୍ଷକ ବିଜୟ ଚନ୍ଦ୍ର ମହାପାତ୍ର ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ଅବସରରେ ସୁଚିତ୍ରା ନାୟକ, ସଂଘମିତ୍ରା ବରାଳ, ମହିରୁମ ବେଗମ୍, ଲୋପାମୁଦ୍ରା ରଣଜିତ୍ ଓ ରୋଜାଲିନ ରାଉତରାୟଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ଦିଆଯାଇଥିଲା। ଛାତ୍ରୀଛାତ୍ରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ସମ୍ପାଦକ ଚିନ୍ମୟ କୁମାର ମହାନ୍ତି ଓ ଶିକ୍ଷୟିତ୍ରୀ ସୁଜାତା ନାୟକଙ୍କ ସହ ଅନ୍ୟ ଶିକ୍ଷକମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଜାତୀୟ ପ୍ରେସ୍ ଦିବସରେ ରୋଗୀ, ଅସହାୟଙ୍କୁ ଫଳ ବଣ୍ଟନ

ବାଲୁଗାଁ,୧୬।୧୧(ଡି.ଏନ୍.ଏ.)

ଖୋର୍ଦ୍ଧା ଜିଲା ଅଧୀନ ବାଲୁଗାଁ, ବାଣପୁର, ନାଚୁଣୀ ଓ ଟାଙ୍ଗୀ ଅଞ୍ଚଳର ଗଣମାଧ୍ୟମ ପ୍ରତିନିଧିଙ୍କୁ ନେଇ ଗଠିତ ଚିଲିକା ପ୍ରେସ୍ କ୍ଲବ ପକ୍ଷରୁ ବୁଧବାର ଜାତୀୟ ପ୍ରେସ୍ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ବାଲୁଗାଁ ବଜାର ସ୍ଥିତ ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ପରେ ବାଲୁଗାଁ ଏବଂ ବାଣପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ରୋଗୀମାନଙ୍କୁ ଫଳ ଓ ଅନ୍ୟାନ୍ୟ ଖାଦ୍ୟ ସାମଗ୍ରୀ ବଣ୍ଟନ କରାଯାଇଥିଲା। ଏଥିସହ ଅଞ୍ଚଳର ବିଭିନ୍ନ ଜରାଶ୍ରମ ଅନ୍ତେବାସୀ ଏବଂ ରାସ୍ତାରେ ବୁଲୁଥିବା ଅସହାୟଙ୍କୁ ଭେଟି ସେମାନଙ୍କର ସମସ୍ୟା ସମ୍ପର୍କରେ ପଚାରି ବୁଝିବା ସହ ଖାଦ୍ୟ ସାମଗ୍ରୀ ପ୍ରଦାନ କରାଯାଇଥିଲା। ଉପସ୍ଥିତ ସମସ୍ତ ସଦସ୍ୟ ଅଞ୍ଚଳର ଉନ୍ନତି, ଜନସାଧାରଣଙ୍କ ସମସ୍ୟାକୁ ନିରପେକ୍ଷ ଭାବେ ପରିବେଷଣ କରି ସରକାରଙ୍କ ଦୃଷ୍ଟି ଆକର୍ଷଣ ସହ ଦୁର୍ନୀତି ବିରୋଧରେ ଲଢ଼ିବା ପାଇଁ ସଙ୍କଳ୍ପ ନେଇଥିଲେ।

## ଗଣମାଧ୍ୟମ ଗଣତନ୍ତ୍ରର ଜାଗ୍ରତ ପ୍ରହରୀ

ଖୋର୍ଦ୍ଧା ଅଫିସ,୧୬।୧୧

ବିଭିନ୍ନ ଗଣମାଧ୍ୟମ ଓ ସାମାଜିକ ଅନୁଷ୍ଠାନ ପକ୍ଷରୁ ଜାତୀୟ ପ୍ରେସ୍ ଦିବସ ପାଳିତ ହୋଇଯାଇଛି। ଉତ୍କଳ ସାମ୍ବାଦିକ ସଂଘ ଖୋର୍ଦ୍ଧା ଜିଲା ଆନୁକୂଲ୍ୟରେ ସ୍ଥାନୀୟ ସଂସ୍କୃତି ଭବନ ପରିସରରେ ଦୁର୍ନୀତି ମୁକ୍ତ ସମାଜ ଗଠନରେ ଗଣମାଧ୍ୟମ ଭୂମିକା ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ସଂଘ ଜିଲା ସଭାପତି ପ୍ରଭାତ ମିଶ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ଆଲୋଚନାଚକ୍ରରେ ଅତିରିକ୍ତ ଜିଲାପାଳ ମନୋଜ ପାଢୀ ମୁଖ୍ୟ ଅତିଥି, ପୂର୍ବତନ ଜିଲାପାଳ ଦେବରାଜ ସେନାପତି, ସାମାଜିକ କର୍ମୀ ଯୋଗେଶ ନାୟକ, ଅତିରିକ୍ତ ଆଞ୍ଚଳିକ ପରିବହନ ଅଧିକାରୀ ଅରବିନ୍ଦ ନାୟକ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇଥିବା ବେଳେ ଉପଦେଷ୍ଟା ତଥା ସ୍ତମ୍ଭକାର ଉମାଶଙ୍କର ପ୍ରସାଦ ମୁଖ୍ୟବକ୍ତା ଭାବେ ଯୋଗଦେଇ ସୁଦୃଢ଼ ରାଷ୍ଟ୍ର ଗଠନରେ ଗଣମାଧ୍ୟମର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି କହିଥିଲେ। ଏହି ଅବସରରେ ବହୁ ବୁଦ୍ଧିଜୀବୀ, ଶିକ୍ଷାବିତ, ସାମାଜିକ କର୍ମୀ ଏବଂ ଛାପା ଓ ବୈଦ୍ୟୁତିକ ଗଣମାଧ୍ୟମ ପ୍ରତିନିଧି ଯୋଗଦେଇ ମତ ରଖିଥିଲେ। କାର୍ଯ୍ୟକାରୀ ସଭାପତି ଅଜିତ କୁମାର ସାହୁ ସ୍ୱାଗତ ଭାଷଣ ଓ ଦେବପ୍ରସାଦ ଦାସ ଧନ୍ୟବାଦ ଦେଇଥିଲେ। ସେହିପରି ଓଡ଼ିଶା ୟୁନିୟନ ଅଫ ଜର୍ଣ୍ଣାଲିଷ୍ଟର ଜିଲା କାର୍ଯ୍ୟକାରୀ ସଭାପତି ଲୋହିତ ନାରାୟଣ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ସ୍ଥାନୀୟ ପର୍ତ୍ତ ବଙ୍ଗଳା ଠାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲା ସଭାପତି ସନତ୍ ପଟ୍ଟନାୟକ, ରାଜ୍ୟ ସମ୍ପାଦକ ପ୍ରସନ୍ନ ପାଇକରାୟ, ସଦସ୍ୟ ରବି ମିଶ୍ର, ସୟଦ ଅନସର ଅଲ୍ଲୀ, ଶୁଭଲକ୍ଷ୍ମୀ ସାମନ୍ତରାୟ, ନାରାୟଣ ମହାନ୍ତି ଓ ଅନ୍ୟ ମାନେ ଉପସ୍ଥିତ ରହି ପ୍ରେସ ଦିବସର ତାତ୍ପର୍ଯ୍ୟ ଓ ଉପଦେୟତା ଉପରେ ଆଲୋକପାତ କରିଥିଲେ।

# ଡିସେମ୍ବର ସୁଦ୍ଧା ସରିବ ଖୋର୍ଦ୍ଧା-କଟକ ରାଜପଥ ଉନ୍ନତୀକରଣ

ଭୁବନେଶ୍ୱର,୧୬।୧୧(ବ୍ୟୁରୋ)

ଖୋର୍ଦ୍ଧା-କଟକକୁ ସଂଯୋଗ କରୁଥିବା ଜାତୀୟ ରାଜପଥ-୧୬ ମରାମତି ଓ ଉନ୍ନତିକରଣ କାର୍ଯ୍ୟକୁ ଯୁଦ୍ଧକାଳୀନ ଭିତ୍ତିରେ ଶେଷ କରିବା ପାଇଁ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ(ବିଡିଏ) କାର୍ଯ୍ୟାଳୟର ସମ୍ମିଳନୀ କକ୍ଷରେ ଏକ ଗୁରୁତ୍ୱପୂର୍ଣ୍ଣ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ବିଡିଏ ଉପାଧ୍ୟକ୍ଷ ବଲୱନ୍ତ ସିଂହଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଜାତୀୟ ରାଜପଥ ପ୍ରାଧିକରଣ (ଏନ୍ଏଚଆଇ)ର ବରିଷ୍ଠ ଅଧିକାରୀଙ୍କ ଉପସ୍ଥିତିରେ ପ୍ରାୟୋରିଟି ରୋଡ୍ ନେଟୱର୍କ (ପିଆରଏନ୍) ଅଧୀନରେ ରାଜପଥର ଉନ୍ନତିକରଣ ଦିଗରେ ବିସ୍ତୃତ ଆଲୋଚନା କରାଯାଇଥିଲା। ଏନେଇ ଉପସ୍ଥିତ ସମସ୍ତ ଏଜେନ୍ସି ଓ ଲାଇନ୍ ବିଭାଗର ଅଧିକାରୀଙ୍କୁ ନିର୍ଦ୍ଧାରିତ ସମୟରେ କାର୍ଯ୍ୟ ସାରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଡିସେମ୍ବର ୩୧ ସୁଦ୍ଧା ସମସ୍ତ ମରାମତି କାର୍ଯ୍ୟ ସାରିବାକୁ ବୈଠକରେ କୁହାଯାଇଛି। ସେହିପରି ଅତ୍ୟାବଶ୍ୟକ ନଥିଲେ ଡିସେମ୍ବର ୧ ତାରିଖ ପରେ କୌଣସି ଏଜେନ୍ସି ବା ବିଭାଗ ରାଜପଥରେ ଖୋଳାଖୋଳି ନ କରିବା ପାଇଁ କୁହାଯାଇଛି। ଅତ୍ୟାବଶ୍ୟକ ଥିଲେ ଭୁବନେଶ୍ୱର ମହାନଗର ନିଗମ (ବିଏମସି) ପକ୍ଷରୁ ଅନୁମତି ନେବାକୁ ହେବ ବୋଲି ସୂଚାଇ ଦିଆଯାଇଛି। ବିଶେଷ କରି ୱାଟକୋ, ଗେଲ, ଇଣ୍ଟରନେଟ୍ ସେବା ପ୍ରଦାନକାରୀ କମ୍ପାନୀଗୁଡ଼ିକୁ ଅବଗତ କରାଯାଇଛି। ଏନେଇ ଗଠିତ ପରିଚାଳନା କମିଟିର ନିଷ୍ପତ୍ତି କ୍ରମେ ଡିସେମ୍ବର ୧୫ ପରେ ରାଜପଥରେ କୌଣସି ନୂତନ କାର୍ଯ୍ୟ ଆରମ୍ଭ ହେବ ନାହିଁ।

ଏହି କ୍ରମରେ ଗୋପାଳପୁରଠାରେ ଜଙ୍କସନର ଉନ୍ନତିକରଣ, ଏମସ୍‌ରୋଡ଼ରେ ଆଲୋକୀକରଣ, ଡୁମୁଡ଼ମା ନିକଟରେ ଭାଙ୍ଗରୁଜି ଯାଇଥିବା ଗ୍ରୀଲ ମରାମତି, ବରମୁଣ୍ଡା ଓଭରବ୍ରିଜ ତଳେ ଫୁଟ୍‌ପାଥ ମରାମତି ଲେନ୍ ମାର୍କିଂ, ସିଆରପି ଛକରେ ଡ୍ରେନ୍ ଓ ବ୍ୟାରିକେଡ୍ ମରାମତି କରାଯିବ। ସେହିପରି ପଳାଶୁଣି ନିକଟରେ ମଧ୍ୟ ବ୍ୟାରିକେଡ କରାଯିବ। ବୈଠକରେ ବିଏମସି କମିଶନର ବିଜୟ ଅମୃତା କୁଲାଙ୍ଗେଙ୍କ ଉପସ୍ଥିତି ଅତିରିକ୍ତ ଡେ଼ପୁଟି କମିଶନରଙ୍କୁ ସହରର ବିଭିନ୍ନ ଜୋନର ରାସ୍ତା ମରାମତି ଓ ଉନ୍ନତିକରଣ ନିମନ୍ତେ ଦାୟିତ୍ୱ ପ୍ରଦାନ କରାଯାଇଥିଲା। ଅତିରିକ୍ତ ଡେପୁଟି କମିଶନର ଲକ୍ଷ୍ମୀକାନ୍ତ ସେଠୀଙ୍କ ତତ୍ତ୍ୱାବଧାନରେ ଉତ୍ତର ଜୋନ ଅତିରିକ୍ତ ଡେପୁଟି କମିଶନର ବିନୟ ଦାସଙ୍କ ତତ୍ତ୍ୱାବଧାନରେ ଦକ୍ଷିଣ-ପଶ୍ଚିମ ଜୋନ୍ ଏବଂ ଅତିରିକ୍ତ ଡେପୁଟି କମିଶନର ମୟୂର ସୂର୍ଯ୍ୟବଂଶୀ ଓ ଦେବେନ୍ଦ୍ର ନନ୍ଦଙ୍କ ତତ୍ତ୍ୱାବଧାନରେ ଦକ୍ଷିଣ-ପୂର୍ବଜୋନର ମୁଖ୍ୟ ସଡ଼କଗୁଡ଼ିକର ଉନ୍ନତିକରଣ କରାଯିବ।

ଏହି କ୍ରମରେ ଉତ୍ତର ଜୋନର ୧୬.୨୧ କି.ମି ରାସ୍ତା, ଦକ୍ଷିଣ-ପୂର୍ବ ଜୋନର ୨ଟି ଡିଭିଜନରେ ଯଥାକ୍ରମେ ୧୬.୯୪ କି.ମି. ଏବଂ ୨୨.୪୩ କି.ମି. ରାସ୍ତାର ଓ ପାରିପାର୍ଶ୍ୱିକ ଉନ୍ନତିକରଣ କରାଯିବ। ସେହିପରି ଦକ୍ଷିଣ-ପଶ୍ଚିମ ଜୋନର ୨୩.୬୭ କି.ମି ଦୀର୍ଘ ରାସ୍ତାର ମରାମତି ତଥା ଆନୁସଙ୍ଗିକ ସୌନ୍ଦର୍ଯ୍ୟକରଣ କରାଯିବାର ଯୋଜନା ରହିଛି।

ତେବେ ଏହି ମରାମତି ତଥା ଉନ୍ନତିକରଣ କାର୍ଯ୍ୟ ମଧ୍ୟରେ ଖୋର୍ଦ୍ଧାରୁ ଭାୟା ଭୁବନେଶ୍ୱର କଟକ ଯାଇଥିବା ରାଜପଥର ମରାମତି କାର୍ଯ୍ୟ ନିର୍ଦ୍ଧାରିତ ସମୟ ମଧ୍ୟରେ ସାରିବାକୁ ଯୋଜନା ହୋଇଛି। ପାଦଚଲା ରାସ୍ତା ପ୍ରସ୍ତୁତି, ସ୍ୱଚ୍ଛତା ରକ୍ଷା, ବ୍ୟାରିକେଡ୍, ରେଲିଂ ମରାମତି, ବିଭିନ୍ନ ସର୍ଭିସ୍ ରୋଡରେ ଲେନ୍ ମାର୍କିଂ, ଭାଙ୍ଗିଯାଇଥିବା ବ୍ରିଜ ଏବଂ କର୍ବ ମରାମତି ଆଦି କାର୍ଯ୍ୟ କରାଯିବ। ସେହିପରି ସୌନ୍ଦର୍ଯ୍ୟକରଣକୁ ଦୃଷ୍ଟିରେ ରଖି ରଙ୍ଗ କାର୍ଯ୍ୟ ମଧ୍ୟ କରାଯିବ। । ଅନ୍ୟପଟେ ଡ୍ରେନ୍ ସଫେଇ, ମୁକୁଳା ଡ୍ରେନ୍ ଉପରେ ସ୍ଲାବ୍ ପକାଇବା ସହ ଆଲୋକୀକରଣ ଉପରେ ମଧ୍ୟ ଗୁରୁତ୍ୱ ଦିଆଯାଇଛି। ତେବେ ରାସ୍ତାରେ ସୃଷ୍ଟି ହୋଇଥିବା ବିଭିନ୍ନ ପାଥ୍‌ହୋଲର ମରାମତି କରାଯିବ। ଅନ୍ୟପଟେ ବିଭିନ୍ନ ଓଭରବ୍ରିଜ କାନ୍ଥରେ ଲାଗିଥିବା ବେଆଇନ୍ ବିଜ୍ଞାପନକୁ ମଧ୍ୟ ହଟାଯିବ। ସୂଚନାଥାଉ କି, ବୈଠକରେ ଏନ୍ଏଚ୍ଆଇ (ବ୍ରହ୍ମପୁର, ଢେ଼ଙ୍କାନାଳ ଓ ଭୁବନେଶ୍ୱର) ପ୍ରକଳ୍ପ ନିର୍ଦ୍ଦେଶକ, ବିଡିଏ ସଚିବ କବୀନ୍ଦ୍ର କୁମାର, ଟିପକଲ୍ ଓ ଇଞ୍ଜିନିୟରିଂ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ସମବାୟ ସମିତିରେ ଆର୍ଥିକ ସାକ୍ଷରତା ଶିବିର

**ବାରଙ୍ଗ,୧୬।୧୧(ଡି.ଏନ୍.ଏ.):** ମେଣ୍ଢାଶାଳ ସେବା ସମବାୟ ସମିତିରେ ସମବାୟ ସପ୍ତାହ ପାଳନ ଅବସରରେ ନାବାର୍ଡ ସହାୟତାରେ ଆର୍ଥିକ ସାକ୍ଷରତା ଶିବିର ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ସମବାୟ ବ୍ୟାଙ୍କ ଶାଖା ପରିଚାଳିକା ସସ୍ମିତା ନାୟକ, ସୁପରଭାଇଜର ସନ୍ତୋଷ ମଙ୍ଗରାଜ, ସମିତି ସଭାପତି ମହେନ୍ଦ୍ର ପ୍ରଧାନ, ସମ୍ପାଦକ ହିମାଂଶୁ ଶେଖର ସାମନ୍ତରାୟ, ସଭ୍ୟ ମୁରଲୀଧର ମହାନ୍ତି, ରାଜା ଖାନ୍, ନିମାଇଁ ବିଶ୍ୱାଳ, ସରୋଜ ପାତ୍ର, କୁନ୍ତଳା ପଟ୍ଟନାୟକ, ପବିତ୍ର ପଟ୍ଟନାୟକ, ଗୁରୁପ୍ରସାଦ ସାମନ୍ତରାୟ, କାଳୁ ଦାସ, ରତ୍ନାକର ସାହୁ, ପ୍ରଫୁଲ୍ଲ କୁମାର ଶ୍ରୀଚନ୍ଦନ, ଭାସ୍କର ଚନ୍ଦ୍ର ସୁବୁଦ୍ଧି, ବାଙ୍କବିହାରୀ ଦାସ, କାର୍ତ୍ତିକ ଦାସ, ପଠାଣି ମହାରଣା, ବିଧୁରଞ୍ଜନ ସାମନ୍ତରାୟ ପ୍ରମୁଖ ଉପସ୍ଥିତ ଥିଲେ। ସଭାରେ ଚାଷୀଙ୍କୁ ନିଜର ଜମାଖାତା ଖୋଲିବା ଏବଂ ଜମାରାଶି ସଞ୍ଚୟ କରିବା ଏବଂ ସମିତି ସହ ଅଧିକ ସୁସମ୍ପର୍କ ଯଥା ଅର୍ଥ ଦେଣନେଣ କରିବା, ସାର, ବିହନ ଏବଂ ଧାନ ବିକ୍ରୟରେ ଅଧିକ ପ୍ରୋତ୍ସାହନ ଦେବା ପାଇଁ ଅନୁରୋଧ କରାଯାଇଥିଲା।

### 'ଭକ୍ତ ବିଶର ମହାନ୍ତି ଏ ଯୁଗର ଦ୍ୱିତୀୟ ଇନ୍ଦ୍ରଦ୍ୟୁମ୍ନ'

**ପୁରୀ ଅଫିସ,୧୬।୧୧:** କୁଜଙ୍ଗ ସହ ଶ୍ରୀକ୍ଷେତ୍ରର ୪୫୫ ବର୍ଷର ଐତିହାସିକ ଓ ପୌରାଣିକ ସମ୍ପର୍କ ରହିଛି। ଯଦି ଗଡ଼କୁଜଙ୍ଗର ବିଶର ମହାନ୍ତି କଳାପାହାଡ଼ ଗଙ୍ଗାଘାଟରେ ଦାହ କରୁଥିବା ଚତୁର୍ଦ୍ଧାମୂର୍ତ୍ତିଙ୍କ ବ୍ରହ୍ମକୁ ଉଦ୍ଧାର କରି ମୃଦଙ୍ଗ ଭିତରେ ଗଡ଼କୁଜଙ୍ଗରେ ଗୁପ୍ତରେ ରଖି ନ ଥାନ୍ତେ, ତେବେ ଆଜି ଶ୍ରୀମନ୍ଦିର ନ ଥାନ୍ତା କି ଜଗନ୍ନାଥ ବିଶ୍ୱଦେବତା ହୋଇପାରି ନ ଥାନ୍ତେ। ସେହି ଦୃଷ୍ଟିରୁ ଭକ୍ତ ବିଶର ମହାନ୍ତି ଏ ଯୁଗର ଦ୍ୱିତୀୟ ଇନ୍ଦ୍ରଦ୍ୟୁମ୍ନ ବୋଲି ବିଶର ମହାନ୍ତି ସ୍ମୃତି ମହୋତ୍ସବରେ ଯୋଗଦେଇଥିବା ବକ୍ତାମାନେ ମତବ୍ୟକ୍ତ କରିଛନ୍ତି। ବଡ଼ଦାଣ୍ଡର ସାଲବେଗ ପୀଠ ପରିସରରେ ଶ୍ରୀଜଗନ୍ନାଥ ଧର୍ମ ସଂସ୍କୃତି ସୁରକ୍ଷା ସଙ୍ଗଠନ ଓଡ଼ିଶା, ଜଗନ୍ନାଥ ସେନା, ପୁରୀ ବିକାଶ ପରିଷଦ, ଅଭିନନ୍ଦନିକା, ଶ୍ରୀଜଗନ୍ନାଥ ଚେତନା ସୁରକ୍ଷା ଅଭିଯାନ ଜଗତସିଂହପୁର, ମାଧବାନନ୍ଦ ଜୀଉ ମନ୍ଦିର ଟ୍ରଷ୍ଟ ଏବଂ ଶ୍ରୀମାଧବାନନ୍ଦଜୀ ବିକାଶ ପରିଷଦର ମିଳିତ ସହଯୋଗରେ ବୁଧବାର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଗୀତିକାର ବଦ୍ରି ମିଶ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ସାମାଜିକ କର୍ମୀ ଚକ୍ରଧର ମହାପାତ୍ର, ବରିଷ୍ଠ ଅଧିବକ୍ତା ପ୍ରିୟଦର୍ଶନ ପଟ୍ଟନାୟକ, ଖବରଦାତା ଜଗନ୍ନାଥ ବସ୍ତିଆ, ଶିଶୁ ସାହିତ୍ୟିକ ବୀରେନ୍ଦ୍ର ମହାନ୍ତି, ସରୋଜ କୁମାର ନାୟକ, ଡ. ଧୃତିଧର ଦାସ, ନ୍ୟାୟବ୍ରତ ରାଉତ, ସଂଗ୍ରାମ କେଶରୀ ଷଡ଼ଙ୍ଗୀ, ମନୋଜ କୁମାର ସେଠୀ, ଡ. ଅରୁଣ କୁମାର ପାଣି, ଆଲୋକ ମହାନ୍ତି, ତପନ ସ୍ୱାଇଁ, ଅନୀଲ ନାୟକ, ସୁଶାନ୍ତ ଦାସ, ପ୍ରଦୀପ ସ୍ୱାଇଁ, ଜୟରାମ ବାରିକ୍, ସତ୍ୟରଞ୍ଜନ ମହାପାତ୍ର, ସୁବାସ ପ୍ରଧାନ, ଅରୁଣ ବେହେରା, ବିକ୍ରମ ମହାନ୍ତିଙ୍କ ସମେତ ପୁରୀ, କୁଜଙ୍ଗ, ପାରାଦୀପ, ଗଡ଼କୁଜଙ୍ଗ ଓ ରାହାମାର ବୁଦ୍ଧିଜୀବୀମାନେ ଉପସ୍ଥିତ ଥିଲେ। ଏଥିରେ ଭକ୍ତ ବିଶର ମହାନ୍ତିଙ୍କ ସମାନର୍ଥେ ସ୍ମାରକୀ କମିଟି ତରଫରୁ ଶ୍ରୀମନ୍ଦିରର ମାଜଣା ମଣ୍ଡପକୁ ମୃଦଙ୍ଗ ପ୍ରଦାନ, କୋଲକାତାର ଗଙ୍ଗାଘାଟ, କୁଜଙ୍ଗ ଓ ପୁରୀରେ ସ୍ମୃତି ସ୍ତମ୍ଭ ପ୍ରତିଷ୍ଠା, ରାଜ୍ୟସ୍ତରୀୟ ସେମିନାର ଆୟୋଜନ, ପୁରୀର ଏକ ରାସ୍ତାକୁ ଭକ୍ତ ବିଶର ମହାନ୍ତି ମାର୍ଗ ନାମରେ ନାମିତ କରିବା, ମୃଦଙ୍ଗ ଶୋଭାଯାତ୍ରା ଓ ଆମିଷମୁକ୍ତ ବଡ଼ଦାଣ୍ଡ ପାଇଁ ଓଡ଼ିଶା ସରକାର, ପଶ୍ଚିମବଙ୍ଗ ସରକାର, ଶ୍ରୀମନ୍ଦିର ପ୍ରଶାସନ, ପୁରୀ ପ୍ରଶାସନ ଓ କୁଜଙ୍ଗ ପ୍ରଶାସନ ସହ ଆଲୋଚନା କରାଯିବା ପାଇଁ ବୈଠକ କରିବାକୁ ନିଷ୍ପତ୍ତି ନିଆଯାଇଥିଲା।

# କୁକୁର ପାଇଁ ମାଲିକ, ପଶୁପ୍ରେମୀ, କଲୋନିବାସୀ ମୁହାଁମୁହିଁ

## ନାବାଳକଙ୍କୁ ପୋଷା କୁକୁର କାମୁଡ଼ିବା ଘଟଣା

- ବହୁ ବିରୋଧ ପରେ ଡଗ୍ କେୟାର ସେଣ୍ଟର ଗଲା କୁକୁର
- ପାଖରେ ରଖିବାକୁ କୋର୍ଟରେ ମାଲିକଙ୍କ ଆବେଦନ

ଭୁବନେଶ୍ୱର,୧୬।୧୧(ବ୍ୟୁରୋ): ଇନ୍‌ଫୋସିଟି ଥାନା ଅନ୍ତର୍ଗତ ତପସ୍ୱିନୀ କଲୋନୀରେ ଜଣେ ନାବାଳକଙ୍କୁ ଏକ ପୋଷା କୁକୁର କାମୁଡ଼ିବା ଘଟଣାକୁ ନେଇ ଉତ୍ତେଜନା ସୃଷ୍ଟି ହୋଇଛି। କୁକୁରଟିକୁ କଲୋନୀରୁ ବାହାର କରିବା ପାଇଁ ବାସିନ୍ଦା ଅଡି ବସିଥିବାବେଳେ ମାଲିକ କିନ୍ତୁ ଛାଡିବାକୁ ନାରାଜ। ଫଳରେ ଗୋଟିଏପଟେ କଲୋନୀ ବାସିନ୍ଦାଙ୍କ ସହ ଆହତ ଶିଶୁର ପରିବାର ଅନ୍ୟପଟେ କୁକୁର ମାଲିକ ଓ ପଶୁପ୍ରେମୀ ମୁହାଁମୁହିଁ ହୋଇଥିଲେ। ଦୀର୍ଘସମୟ ଧରି ଯୁକ୍ତିତର୍କ, କଥା କଟାକଟି ଓ ଛକାପଞ୍ଝା ଲାଗି ରହିଥିଲାବେଳେ କଲୋନୀବାସୀଙ୍କ ତୀବ୍ର ବିରୋଧ ଯୋଗୁ ପଶୁପ୍ରେମୀ ପୂରବୀ ପାତ୍ର ହଟହଟା ହୋଇଥିଲେ। ଶେଷରେ ପୋଲିସର ହସ୍ତକ୍ଷେପ ପରେ କୁକୁରଟିକୁ ଡଗ୍ କେୟାର ସେଣ୍ଟରକୁ ପଠାଯାଇଛି। ଅପରପକ୍ଷରେ କୁକୁରକୁ ପାଖରେ ରଖିବା ପାଇଁ ମାଲିକ କୋର୍ଟରେ ଆବେଦନ କରିଛନ୍ତି। କୋର୍ଟଙ୍କ ନିଷ୍ପତ୍ତି ଆସିବା ପର୍ଯ୍ୟନ୍ତ କୁକୁର କଲୋନୀଙ୍କୁ ନ ଆସି ଉକ୍ତ ସେଣ୍ଟରରେ ରହିବ ବୋଲି ଜଣାପଡିଛି। ଏହି ଘଟଣାକୁ ନେଇ ରାଜଧାନୀ ସମେତ ସୋସିଆଲ ମିଡିଆରେ ଚର୍ଚ୍ଚା ଲାଗି ରହିଛି। ସୂଚନାନୁସାରେ, ତପସ୍ୱିନୀ କଲୋନୀରେ ରତ୍ନୁରାଜ ଖଟୋଇ, ସ୍ତ୍ରୀ ଶୁଚିସ୍ମିତା ଓ ପୁଅ ଅର୍ଜୁନ ରୁହନ୍ତି। ଉକ୍ତ କଲୋନୀରେ ରହୁଥିବା ଶ୍ରାବଣୀ ପଟ୍ଟନାୟକ ୪ବର୍ଷ ହେବ ଏକ କୁକୁର ପାଳିଛନ୍ତି। ଉକ୍ତ କୁକୁରଟି ପୂର୍ବରୁ ଅନେକ ଲୋକଙ୍କୁ କାମୁଡ଼ିବା ଅଭିଯୋଗ ହୋଇଥିଲା। କଲୋନୀବାସୀ ଉକ୍ତ କୁକୁରଟି କଲୋନୀରେ ନ ରଖିବାକୁ ଦାବି କରି ଆସୁଥିଲେ ମଧ୍ୟ ମାଲିକ କିଛି ଶୁଣୁ ନ ଥିଲେ। ଫଳରେ ଏହାକୁ ନେଇ କଲୋନୀବାସୀଙ୍କ ସହ ଶ୍ରାବଣୀଙ୍କର ବହୁଥର ପାଟିତୁଣ୍ଡ ହୋଇଥିଲା। ଗତ ୬ତାରିଖରେ ଅର୍ଜୁନ ସାଇକେଲ ଚଳାଉଥିବାବେଳେ ସେହି କୁକୁର ତାଙ୍କୁ କାମୁଡି ଦେଇଥିଲା। ତାଙ୍କୁ ଗୁରୁତର ଅବସ୍ଥାରେ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ତାଙ୍କ ଗୋଡ଼ରେ ୧୨ଟି ଷ୍ଟିଚ୍ ପଡିଥିଲା। ଏହି ଘଟଣା ପରେ କଲୋନୀରେ ଭୟର ବାତାବରଣ ଦେଖାଯାଇଥିଲା। ଆହତ



ଶିଶୁର ମା ଶୁଚିସ୍ମିତା ଥାନାରେ ଏକ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ମାମଲା ରୁଜୁ କରିବା ସହ ଶ୍ରାବଣୀଙ୍କ ଘରକୁ ଯାଇ କୁକୁରଟି ଅନ୍ୟ କେଉଁଠି ଛାଡିଦେବାକୁ କହିଥିଲେ ମଧ୍ୟ ସେ ଶୁଣି ନ ଥିଲେ। ଆହତ ଶିଶୁର ପରିବାର ଓ କଲୋନୀବାସୀ ପୁଣି ଥରେ ଥାନାକୁ ଯାଇ କଲୋନୀରୁ କୁକୁର ବାହାର କରିବାକୁ ଦାବି କରିଥିଲେ। ପୋଲିସ ପୁଣି ଶ୍ରାବଣୀଙ୍କ ଘରକୁ ଯାଇ କୁକୁରକୁ ଡଗ୍ କେୟାର ସେଣ୍ଟରରେ ଛାଡ଼ି ଦେବାକୁ କହିଥିଲେ। ହେଲେ ସେ ନିଜ ଜିଦ୍‌ରେ ଅଟଳ ରହିବାରୁ କଲୋନୀବାସୀ ତାତି ଯାଇଥିଲେ। ଦୀର୍ଘ ସମୟ ଧରି ଉତ୍ତେଜନା ଓ ବିରୋଧ ପରେ ଶେଷରେ କୁକୁରକୁ ଡଗ୍ କେୟାର ସେଣ୍ଟରକୁ ପଠାଇ ଦିଆଯାଇଥିବାରୁ କଲୋନୀବାସୀ ଏକ ପ୍ରକାର ଆଶ୍ୱସ୍ତି ଅନୁଭବ କରିଛନ୍ତି। ଆହତ ଶିଶୁର ବାପା ରତ୍ନୁରାଜ ଖଟୋଇ କହିଛନ୍ତି, କୁକୁର କାମୁଡ଼ିବା ପରଠାରୁ ପ୍ରତିଦିନ ମୋ ଛୁଆ କାନ୍ଦୁଛି, ଡରୁଛି। ମୋ ପିଲାକୁ ଟ୍ରମା କରିଛି, ଅନ୍ୟକେତେଜଣଙ୍କୁ କାମୁଡିଛି। ସେଇଟା ମାଲିକଙ୍କୁ ଦେଖାଯାଉନି। କୌଣସି ପରିସ୍ଥିତିରେ ବି ଉକ୍ତ କୁକୁରଟିକୁ କଲୋନୀରେ ରଖାଇ ଦିଆଯିବନି ବୋଲି ସେ କହିଛନ୍ତି।

### ବଡ଼ଗଡ଼ ଇଏ କଲୋନି ଜଳ ସମସ୍ୟା ଦୂର ହେବ

ପୁରୁଣା ଭୁବନେଶ୍ୱର, ୧୬।୧୧ (ଡି.ଏନ୍.ଏ.): ଅସରାଏ ବର୍ଷା ହେଲେ ଭୁବନେଶ୍ୱର ମହାନଗର ନିଗମ(ବିଏମ୍‌ସି)ର ୪୪ ନମ୍ବର ୱାର୍ଡ ତଥା ବଡ଼ଗଡ଼ ଗ୍ରାମ ଇ.ଏ କଲୋନୀ ରାସ୍ତାରେ ପାଣି ଜମିବା ସହ ଘରେ ପଶିଥାଏ। ପ୍ରାୟ ୧୦୧ ପରିବାରଙ୍କ ସମେତ ପଥଚାରୀ ଯାତାୟାତରେ ହଇରାଣ ହୋଇଥାନ୍ତି। ଏନେଇ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶ ପାଇବା ପରେ ରାସ୍ତା ଓ ଗୃହ ନିର୍ମାଣ ବିଭାଗ ଡିଭିଜନ-୧ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ଅଧୀକ୍ଷଣ ଯନ୍ତ୍ରୀ ଇଂ. ତ୍ରିନାଥ ବେହେରା ପ୍ରଥମ ପର୍ଯ୍ୟାୟରେ ରାସ୍ତାର ଉଭୟ ପାର୍ଶ୍ୱରେ ଥିବା ଜବରଦଖଲ ଉଚ୍ଛେଦ ନେଇ ବିଏମ୍‌ସି ସହଯୋଗରେ କାର୍ଯ୍ୟ ତ୍ୱରାନ୍ୱିତ କରିଛନ୍ତି। ୪ କୋଟି ୫୦ ଲକ୍ଷ ଟଙ୍କାର ଟେଣ୍ଡର ସରିଛି। ବଡ଼ଗଡ଼ ହାଇସ୍କୁଲଠାରୁ ଜଗନ୍ନାଥ ଆଶ୍ରମ ପର୍ଯ୍ୟନ୍ତ ଦୁଇଥାକିଆ ରୋଡ୍ ହେବ। ୬୦ ଫୁଟ ଚଉଡ଼ା ରାସ୍ତାର ଉଭୟ ପାର୍ଶ୍ୱରେ ଡ୍ରେନ୍ ରହିବ। ସ୍ଥାନୀୟ ବାସିନ୍ଦା ସଂଗ୍ରାମ ମାର୍ଥାଙ୍କ ସମେତ ଅଞ୍ଚଳବାସୀ ଏହି ପଦକ୍ଷେପକୁ ସ୍ୱାଗତ କରିଛନ୍ତି।

# ରାଷ୍ଟ୍ରବ୍ୟାପୀ ଡିଜିଟାଲ ଜୀବନ ପ୍ରମାଣପତ୍ର ପ୍ରୋତ୍ସାହନ ଅଭିଯାନ




## ୧୯ରେ କଟକ, ଆଜି ବାଲେଶ୍ୱରରେ ଶିବିର

ଭୁବନେଶ୍ୱର,୧୬।୧୧

ଭାରତୀୟ ଷ୍ଟେଟ୍ ବ୍ୟାଙ୍କ (ଏସ୍‌ବିଆଇ)ର ଭୁବନେଶ୍ୱରସ୍ଥିତ ମୁଖ୍ୟ କାର୍ଯ୍ୟାଳୟଠାରେ ଗୁରୁବାର ଏକ ଡିଜିଟାଲ ଜୀବନ ପ୍ରମାଣପତ୍ର ପଞ୍ଜୀକରଣ ଶିବିର ଆୟୋଜିତ ହୋଇଯାଇଛି। ଏପରିକି ପେନ୍‌ସନ ଏବଂ ପେନ୍‌ସନଭୋଗୀ କଲ୍ୟାଣ ବିଭାଗ ଓ ଏସ୍‌ବିଆଇ ସିପିପିସି ଭୁବନେଶ୍ୱର ସହଭାଗିତାରେ ଉକ୍ତ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଏହି ଅବସରରେ ଭାରତ ସରକାରଙ୍କ ଅନୁ ସଚିବ ବିଶାଲ କୁମାର,ୟୁଆଇଡିଏଆଇର ବରିଷ୍ଠ ଅଧିକାରୀ, ଏସ୍‌ବିଆଇର ଡିଜିଟାଲ ଏବଂ ଟ୍ରାଞ୍ଜାକ୍ସନ ବ୍ୟାଙ୍କିଙ୍ଗ୍ ବିଭାଗ ଡିଜିଏମ୍ ଅମରେନ୍ଦ୍ର କୁମାର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ବିଶେଷକରି ଜୀବନ ପ୍ରମାଣ ଆପ୍ ଦ୍ୱାରା ଫେସ୍ ଅଥେଣ୍ଟିକେସନ ଟେକ୍ନୋଲୋଜିର ବ୍ୟବହାର କରାଯାଇ ଜୀବନ ପ୍ରମାଣପତ୍ର ବା ଲାଇଫ୍ ସାର୍ଟିଫିକେଟ ଦାଖଲ କରାଯାଇଥିଲା। ସେହିଭଳି ପେନ୍‌ସନଭୋଗୀଙ୍କୁ ଜୀବନ ପ୍ରମାଣପତ୍ର ଦାଖଲ ସୁବିଧା ପ୍ରଦାନ କରିବା ଲାଗି ଭାରତ ସରକାରଙ୍କ ପକ୍ଷରୁ ଏଭଳି ଏକ ନୂଆ ପ୍ରୟାସ ଆରମ୍ଭ କରାଯାଇଛି। ପେନ୍‌ସନଭୋଗୀମାନେ ଡିଜିଟାଲ ମାଧ୍ୟମରେ ଜୀବନ ପ୍ରମାଣପତ୍ର ଦାଖଲ କରିପାରିବେ। ଫେସ୍ ଅଥେଣ୍ଟିକେଶନ ପ୍ରଯୁକ୍ତି ବ୍ୟବହାରକରି ମଧ୍ୟ ପେନ୍‌ସନଭୋଗୀମାନେ ଜୀବନ ପ୍ରମାଣପତ୍ର ଦାଖଲ କରିପାରିବେ। ଏହାଛଡ଼ା ଆଣ୍ଡ୍ରଏଡ୍ ଅପରେଟିଂ ସିଷ୍ଟମ ଥିବା ସ୍ମାର୍ଟଫୋନରେ ଜୀବନ ପ୍ରମାଣ ମୋବାଇଲ ଏପ୍ଲିକେଶନ ମାଧ୍ୟମରେ ଡିଜିଟାଲ ଲାଇଫ୍ ସାର୍ଟିଫିକେଟ ଦାଖଲ କରାଯାଇପାରିବ। ଉପରୋକ୍ତ ଯୋଜନା ସମ୍ପର୍କରେ ବ୍ୟାପକ ପ୍ରଚାରପ୍ରସାର କରିବା ଲାଗି ଭାରତ ସରକାରଙ୍କ ପେନ୍‌ସନ ଏବଂ ପେନ୍‌ସନଭୋଗୀ କଲ୍ୟାଣ ବିଭାଗ ପକ୍ଷରୁ କେନ୍ଦ୍ରୀୟ ପେନ୍‌ସନଭୋଗୀଙ୍କ ପାଇଁ ରାଷ୍ଟ୍ରବ୍ୟାପୀ ଡିଜିଟାଲ ଜୀବନ ପ୍ରମାଣପତ୍ର ପ୍ରୋତ୍ସାହନ ଅଭିଯାନ ଆରମ୍ଭ କରାଯାଇଛି। ସେହିପରି ପେନ୍‌ସନ ଏବଂ ପେନ୍‌ସନଭୋଗୀ କଲ୍ୟାଣ ବିଭାଗ ପକ୍ଷରୁ ଦେଶର ୩୭ଟି ଏବଂ ଓଡ଼ିଶାର ୩ଟି ସହରରେ ଡିଜିଟାଲ ଲାଇଫ୍ ସାର୍ଟିଫିକେଟ ଦାଖଲ ଶିବିରର ଆୟୋଜନ କରାଯାଉଛି। ଭୁବନେଶ୍ୱର, କଟକ ଏବଂ ବାଲେଶ୍ୱରଠାରେ ଏହି ସଚେତନତା ଶିବିର ଆୟୋଜନ ହେଉଛି। ସୂଚନାଯୋଗ୍ୟ, ଆଜି (ନଭେମ୍ବର ୧୭) ବାଲେଶ୍ୱରଠାରେ ଏବଂ ନଭେମ୍ବର ୧୯ରେ ଉକ୍ତ କାର୍ଯ୍ୟକ୍ରମ କଟକଠାରେ ମଧ୍ୟ ଆୟୋଜନ କରାଯାଉଛି।

# ଖୁବ୍‌ଶୀଘ୍ର କାର୍ଯ୍ୟକ୍ଷମ ହେବ ସଫା ଆପ୍

ଭୁବନେଶ୍ୱର,୧୬।୧୧(ବ୍ୟୁରୋ)

ସ୍ୱଚ୍ଛତା ଅଭିଯାନକୁ ଅଧିକ ବ୍ୟବସ୍ଥିତ ଓ କ୍ରିୟାଶୀଳ କରିବା ପାଇଁ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ପକ୍ଷରୁ ପ୍ରସ୍ତୁତ 'ସଫା ଆପ୍' ଟ୍ରାଏଲ ରନ୍‌ରେ ସଫଳ ହେଉଥିବାରୁ ଖୁବ୍‌ଶୀଘ୍ର ପୂର୍ଣ୍ଣ କାର୍ଯ୍ୟକ୍ଷମ ହେବାକୁ ଯାଉଛି। ଏନେଇ ବିଏମ୍‌ସି ତତ୍ପରତା ପ୍ରକାଶ କରିଛି। ଅଧିକରୁ ଅଧିକ ସହରବାସୀ କିପରି ଏହି ଆପ୍ ଡାଉନଲୋଡ୍ କରିବେ ଓ ଏଥିରୁ ସେବା ପାଇପାରିବେ ସେନେଇ ଲୋକଙ୍କୁ ସଚେତନ କରାଯାଉଛି। ଇତିମଧ୍ୟରେ ଲୋକମାନେ ଏହି ଆପ୍ ମାଧ୍ୟମରେ ନିଜର ସମସ୍ୟା ତଥା ଅଭିଯୋଗ ଜଣାଇ ଉପକୃତ ହୋଇପାରୁଛନ୍ତି। ସେସପୁଲ୍ ଗାଡ଼ି ବୁକିଂ କରିବା, ନିର୍ମାଣଧିନ ବର୍ଜ୍ୟ ତଥା ସବୁଜ ଆବର୍ଜନା ନିଷ୍କାସନ ପାଇଁ ଏହି ଆପ୍ ମାଧ୍ୟମରେ ଆବେଦନ କରୁଥିବା ବିଏମ୍‌ସିର ଜଣେ ବରିଷ୍ଠ ଅଧିକାରୀ ସୂଚନା ଦେଇଛନ୍ତି। ସେହିପରି ସଫା ଆପ୍ ମାଧ୍ୟମରେ ଅନେକ ଲୋକ ଭଡ଼ା ଓ ଅନ୍ୟାନ୍ୟ ସମସ୍ୟା ସମ୍ପର୍କରେ ଅଭିଯୋଗ କରୁଛନ୍ତି। ତେଣୁ ଆପ୍ ସମ୍ପର୍କରେ ଲୋକଙ୍କୁ ପ୍ରଥମେ ସମ୍ପୂର୍ଣ୍ଣ ସଚେତନ କରାଯିବା ପରେ ଏହି ଆପ୍ ପୂର୍ଣ୍ଣ କାର୍ଯ୍ୟକ୍ଷମ ହେବ ବୋଲି ସେ କହିଛନ୍ତି। 'ସଫା' ଆପ୍‌ରେ 'କ୍ଲିକ ଫର୍ କ୍ଲିନ' ଥିମ୍ ରହିଛି। ଏହି ପରିପ୍ରେକ୍ଷୀରେ ସହରରେ ସବୁ ଘର ଓ ବ୍ୟବସାୟିକ ପ୍ରତିଷ୍ଠାନରେ କ୍ୟୁଆର୍ କୋଡ୍ ଲାଗିବ।। ଅଳିଆ ଗାଡି ବା ମୁଁ ସଫେଇବାଲା ଗାଡିକୁ ଟ୍ରାକିଂ କରିବ ଜିପିଏସ୍। ବିଏମ୍‌ସିର ବିଭିନ୍ନ ସେବା ସମ୍ପର୍କିତ ତଥ୍ୟ ସଂଗ୍ରହ କରିବା, ଅଭିଯୋଗ କରିବା ମଧ୍ୟ ଏହି ଆପ୍ ଜରିଆରେ ହୋଇପାରିବ।

### ମା' ହେବ ଏସୀୟ ସିଂହୀ ବିଜଳୀ

ବାରଙ୍ଗ,୧୬।୧୧(ଡି.ଏନ୍.ଏ.):

ପ୍ରାଣୀ ଉଦ୍ୟାନ ନନ୍ଦନକାନନରେ ଆରମ୍ଭ ହୋଇଛି ମିଳନ ପର୍ବ। ବଂଶ ବୃଦ୍ଧି ଲକ୍ଷ୍ୟରେ ଆରମ୍ଭ ହୋଇଥିବା ମିଳନ ପର୍ବରେ ଗତ ଅକ୍ଟୋବରରୁ ଧଳା ବାଘୁଣୀ ରୂପା ସହିତ ସାଧାରଣ ବାଘ ରାଜେଶ ଓ ଧଳା ବାଘୁଣୀ ମୌସୁମୀ ସହ ଧଳାବାଘ ସାହିଲର ମିଳନ ହୋଇଛି। ଏସୀୟ ସିଂହୀ ବିଜଳୀ ଏବେ ଗର୍ଭବତୀ। ବିଜଳୀ ତା'ର ତୃତୀୟ ଗର୍ଭସ୍ଥ ସନ୍ତାନକୁ ଜନ୍ମଦେବାକୁ ଯାଉଛି, ଯାହାକୁ ନେଇ କର୍ମଚାରୀ ଉତ୍ସାହିତ ଅଛନ୍ତି। ଆସନ୍ତା ୨୦ରୁ ୨୨ ତାରିଖ ମଧ୍ୟରେ ବିଜଳୀ ଜନ୍ମ କରିବ ବୋଲି ପୂର୍ବାନୁମାନ କରାଯାଇ କର୍ତ୍ତୃପକ୍ଷଙ୍କ ପକ୍ଷରୁ ସ୍ୱତନ୍ତ୍ର ଦୃଷ୍ଟି ଦିଆଯାଇଛି। ବିଜଳୀକୁ ସିଂହ ସଫାରି ଫିଡିଙ୍ଗ୍ ଚାମ୍ବରର ପଛପଟ ଏନ୍‌କ୍ଲୋଜରରେ ରଖାଯିବା ସହ ସିସି କ୍ୟାମେରା ଲଗାଯାଇ ଗତିବିଧିକୁ ଲକ୍ଷ୍ୟ ରଖାଯାଉଛି।

### ଓସିଏମ୍‌କୁ ପୁନଃ ଚାଲୁକରିବା ଦାବି

ଟାଙ୍ଗୀ(କଟକ)୧୬।୧୧(ଡି.ଏନ୍.ଏ)

ଓଡ଼ିଶା କଟନ୍ ମିଲ୍ (ଓସିଏମ୍) ପେନ୍‌ସନର ସଂଘ ଶାଖାର ପକ୍ଷରୁ ଭଗତପୁରଠାରେ ବୁଧବାର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଡ.କେଶବ ଚନ୍ଦ୍ର ଷଡ଼ଙ୍ଗୀ ସଭାପତିତ୍ୱ କରିଥିଲେ। ବନ୍ଦ ପଡ଼ିଥିବା ଓସିଏମକୁ ପୁନରୁଦ୍ଧାର କରି ୨୫ହଜାର ତାକୁଡ଼ିଗୁଡିକୁ ପୁଣି ଚାଲୁ କରିବାକୁ ଦାବି କରିଥିଲେ। ଏ ସଂକ୍ରାନ୍ତରେ କେନ୍ଦ୍ର ସରକାର ଓ ରାଜ୍ୟ ସରକାରଙ୍କୁ ପତ୍ର ମାଧ୍ୟମରେ ଅବଗତ କରାଯାଇଛି। ଅନ୍ୟ ଦାବିଗୁଡିକ ମଧ୍ୟରେ ଶ୍ରମିକମାନଙ୍କ ସର୍ବନିମ୍ନ ପେନସନ ୯ହଜାର ଟଙ୍କା କରି ସେଥିରେ ଡିଏ ଯୋଗକରିବା, ଅବସର ନେଇଥିବା ଶ୍ରମିକମାନଙ୍କୁ ଇଏସ୍‌ଆଇ ଦ୍ୱାରା ଚିକିତ୍ସା ହେବାର ସୁବିଧା ଯୋଗାଇଦେବା ଏବଂ କାରଖାନାର କେହି ସକ୍ଷମ ଅଧିକାରୀ କାରଖାନା ପରିସରରେ ନଥିବାରୁ କିଛି ଅତ୍ୟାବଶ୍ୟକ କାଗଜପତ୍ର କାମ ହୋଇପାରୁନଥିବାରୁ ଏନସିସି ପକ୍ଷରୁ ଜଣେ ଅଧିକାରୀ ମାସକୁ ଚାରି ପାଞ୍ଚ ଦିନ କାରଖାନାକୁ ଗସ୍ତ କଲେ ଶ୍ରମିକମାନେ ଉପକୃତ ହେବେ ବୋଲି ପତ୍ରରେ ଦର୍ଶାଯାଇଛି। ବୈଠକରେ ଶରତ ଚନ୍ଦ୍ର ସାହୁ, ମାଗୁଣି ମଲିକ, ରଘୁନାଥ ପଣ୍ଡା, ଶରତପଦ ଲେଙ୍କା ପ୍ରମୁଖ ଯୋଗଦେଇଥିଲେ।

# ଡକାୟତି ଉଦ୍ୟମ ପଣ୍ଡ,୪ ଗିରଫ

## ଖଣ୍ଡା, କଟୁରି, ବାଇକ ଜବତ



ଭୁବନେଶ୍ୱର,୧୬।୧୧(ବ୍ୟୁରୋ)

ଖଣ୍ଡଗିରି ଥାନା ପୋଲିସ ବଡ଼ ଧରଣର ଡକାୟତ ଉଦ୍ୟମ ପଣ୍ଡ କରିଛି। ଆଇଗିଣିଆଠାରେ ଡକାୟତି କରିବାକୁ ଯୋଜନା କରୁଥିବା ବେଳେ ପୋଲିସ ଚଢ଼ାଉ କରି ୪ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଢୁମୁଢୁମା ସୁବାସନଗରରେ ରହୁଥିବା ଗଞ୍ଜାମ ଜିଲା ଆମ୍ବପୁଆର ଲିଙ୍ଗରାଜ ଦଳେଇ ଓରଫ ଟିଙ୍ଗୁଡ଼ି, ଖୋର୍ଦ୍ଧା ଜିଲା ବୋଲଗଡ଼ ଥାନା ମିନିକାଗୁଡାର ବିଦେଶୀ ଦଳେଇ, ଖଣ୍ଡଗିରି ଥାନା ଢୁମୁଢୁମା ଫେଜ ୪ର ରହୁଥିବା ବିଜ୍ଞାନ ରଞ୍ଜନ ଦାସ ଓ ଇଣ୍ଡୋଭ୍ୟାଲି ଥାନା ଯାଁଳା ଅଞ୍ଚଳର ଦେବାଶିଷ ପୂଜାପଣ୍ଡା ଓରଫ ସୋନୁ। ସେହିପରି ଅନ୍ୟ ଜଣେ ଅଭିଯୁକ୍ତ ଘଟଣାସ୍ଥଳରୁ ଫେରାର ହୋଇଯାଇଥିବା ଜଣାପଡିଛି। ସେମାନଙ୍କ ନିକଟରୁ ଖଣ୍ଡା, କଟୁରୀ, ଲଙ୍କାଗୁଣ୍ଡ ଓ ପଲସର ମୋଟର ସାଇକେଲ ଜବତ ହୋଇଛି। ପୋଲିସ ମାମଲା (ନଂ ୫୫୪/୨୨) ରେ ରୁଜୁ କରି ଅଭିଯୁକ୍ତମାନଙ୍କୁ ବୁଧବାର କୋର୍ଟ ଚାଲାଣ କରିଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଅଭିଯୁକ୍ତମାନେ ଚୋରି, ଡକାୟତି, ଲୁଟ୍ ଆଦି ମାମଲାରେ ପୂର୍ବରୁ ବହୁବାର ଜେଲ ଯାଇ ଫେରିଛନ୍ତି। ସୂଚନା ଅନୁସାରେ, ଟିଙ୍ଗୁଡ଼ି, ବିଦେଶୀ, ସୋନୁ, ବିଜ୍ଞାନ ଓ ଫେରାର ଅଭିଯୁକ୍ତ ମଙ୍ଗଳବାର ବିଳମ୍ବିତ ରାତିରେ ଆଇଗିଣିଆ ମଶାଣି ପଡ଼ିଆରେ ବସି ଡକାୟତି କରିବାକୁ ଯୋଜନା କରୁଥିଲେ। ଖଣ୍ଡଗିରି ଥାନା ପୋଲିସ ଖବର ପାଇ ଚଢ଼ାଉ କରିଥିଲା।

# କିଟ୍‌ର ରୌପ୍ୟ ଜୟନ୍ତୀ ସମାରୋହ ଆରମ୍ଭ

ଭୁବନେଶ୍ୱର, ୧୬।୧୧(ବ୍ୟୁରୋ)

କଳିଙ୍ଗ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଇଣ୍ଡଷ୍ଟ୍ରିଆଲ୍ ଟେକ୍ନୋଲୋଜି (କିଟ୍)ର ୨୫ବର୍ଷ ପୂର୍ତ୍ତି ଅବସରରେ ରୌପ୍ୟ ଜୟନ୍ତୀ ସମାରୋହ 'ସଏଲ୍ ଟୁ ସିଲ୍‌ଭର' ବୁଧବାର ଉଦ୍‌ଘାଟିତ ହୋଇଯାଇଛି। କିଟ୍ କ୍ରିକେଟ ଷ୍ଟାଡିୟମରେ ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବରେ କିଟ୍, କିସ୍, କିମ୍ସର ୭୫ ହଜାରରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଓ କର୍ମଚାରୀ ଯୋଗ ଦେଇଥିଲେ। ଏହା ୩ ମାସ ଧରି ଚାଲିବ ଓ ୨୦୨୩ ଫେବୃୟାରୀ ୨୩ କିଟ୍ ପ୍ରତିଷ୍ଠା ଦିବସରେ ଉଦ୍‌ଯାପିତ ହେବ। ଉଦ୍‌ଘାଟନୀ ସମାରୋହରେ ଭାରତୀୟ ରଗ୍‌ବୀ ଫୁଟବଲ୍ ସଂଘ ସଭାପତି ରାହୁଲ ବୋଷ, ଅଲିମ୍ପିଆନ୍ ଦୂତି ଚାନ୍ଦ, କିଟ୍ ଓ କିସ୍‌ର ସଭାପତି ଶାଶ୍ୱତୀ ବଳ, ଉପସଭାପତି ଉମାପଦ ବୋଷ, ସମ୍ପାଦକ ଆର ଏନ୍ ଦାଶ, କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ, କିଟ୍ ବିଶ୍ୱବିଦ୍ୟାଳୟ କୁଳାଧିପତି ଅଶୋକ କୁମାର ପରିଜା, ଉପକୁଳାଧିପତି ପଦ୍ମଶ୍ରୀ ଡ. ସୁବ୍ରତ ଆଚାର୍ଯ୍ୟ, କୁଳପତି ପ୍ରଫେସର ସସ୍ମିତାରାଣୀ ସାମନ୍ତ, ଉପକୁଳପତି ପ୍ରଫେସର ଶରଣଜିତ ସିଂହ ଓ ଡା. ସିବିକେ ମହାନ୍ତି, କିସ୍ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଦୀପକ କୁମାର ବେହେରା, କୁଳସଚିବ ଡ. ପ୍ରଶାନ୍ତ କୁମାର ରାଉତରାୟ ପ୍ରମୁଖ ଉପସ୍ଥିତ ଥିଲେ।

# ନୂତନ ଶିକ୍ଷା ଆୟୋଗର ପ୍ରୟୋଗାତ୍ମକ ଦିଗ ଉପରେ ଆଲୋଚନା




## ଜାତୀୟ ଶିକ୍ଷା ଦିବସ ପାଳିତ

ସାଲେପୁର,୧୬।୧୧(ଡି.ଏନ୍.ଏ.)

ସାଲେପୁର ସ୍ୱୟଂଶାସିତ ମହାବିଦ୍ୟାଳୟର ଶିକ୍ଷା ବିଭାଗ ପକ୍ଷରୁ ଜାତୀୟ ଶିକ୍ଷା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ସ୍ୱାଧୀନ ଭାରତର ପ୍ରଥମ ଶିକ୍ଷାମନ୍ତ୍ରୀ ମୌଲାନା ଅବ୍‌ଦୁଲ କଲାମ ଆଜାଦ୍‌ଙ୍କ ଜନ୍ମ ଦିନର ସ୍ମୃତି ଉଦ୍ଦେଶ୍ୟରେ ଏକ ଆଲୋଚନାଚକ୍ର ମହାବିଦ୍ୟାଳୟର ମଧୁସୂଦନ ପ୍ରେକ୍ଷାଳୟରେ ଅନୁଷ୍ଠିତ ହୋଇଯାଇଛି। ଅଧକ୍ଷା ଡ. ସଂଗୀତା ମିଶ୍ର ଏଥିରେ ଅଧକ୍ଷତା କରିଥିଲେ। ଏଥିରେ ନେତାଜୀ ସୁଭାଷ ବିଶ୍ୱବିଦ୍ୟାଳୟ, ଜାମସେଦପୁର ଝାଡ଼ଖଣ୍ଡର କୁଳପତି ଡ.ଗୌରାଙ୍ଗ ଚରଣ ନନ୍ଦ ମୁଖ୍ୟ ଅତିଥି ଭାବେ ଯୋଗଦେଇ ନୂତନ ଶିକ୍ଷା ଆୟୋଗ ର ପ୍ରୟୋଗାତ୍ମକ ଦିଗ ଉପରେ ଆଲୋଚନା କରି ଛାତ୍ରୀଛାତ୍ର, ଅଧ୍ୟାପିକା ଓ ଅଧ୍ୟାପିକାଙ୍କ ବିଭିନ୍ନ ପ୍ରଶ୍ନର ଉତ୍ତର ଦେଇଥିଲେ। କାର୍ଯ୍ୟକ୍ରମକୁ ଶିକ୍ଷାବିଭାଗର ମୁଖ୍ୟ ଅଧ୍ୟାପକ ତଥା ମହାବିଦ୍ୟାଳୟର ପ୍ରଶାସନିକ ଅଧିକାରୀ ଡ. ପ୍ରସନ୍ନ କୁମାର ମହାପାତ୍ର ପରିଚାଳନା କରିଥିଲେ। ପଦାର୍ଥ ବିଜ୍ଞାନର ମୁଖ୍ୟ ଓ ପି.ଜି. ସଂଯୋଜକ ଡା. ବିଚିତ୍ରାନନ୍ଦ ଦାଶ ନୂତନ ଶିକ୍ଷାନୀତି ୨୦୨୦ ଉପରେ ଆଲୋକପାତ କରିଥିଲେ। ରସାୟନ ବିଭାଗର ପ୍ରାଧ୍ୟାପକ ଡ. ଅସିତ୍ ପରିଜା ଅତିଥିମ ପରିଚୟ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ଶିକ୍ଷାବିଭାଗ ଅଧ୍ୟାପିକା ଅଙ୍କିତା ରାୟ ସଂଯୋଜନା କରିବା ସହ ଅଧ୍ୟାପିକା ସିପର୍ଣ୍ଣା ଘୋଷ, ପ୍ରୀତିମଞ୍ଜରୀ ଛାଟୋଇ, ଶାଶ୍ୱତୀ ଲେଙ୍କା, ଜଗନ୍ନାଥ ସାହୁ ପ୍ରମୁଖ ପରିଚାଳନା କରିଥିଲେ। ଏହି ଆଲୋଚନାରେ ଅଧ୍ୟାପକ ପ୍ରଫୁଲ୍ଲ କୁମାର ସାହୁ, ସରୋଜ କୁମାର ବେହେରା, ଅଧ୍ୟାପିକା ସ୍ୱାତିମୁକ୍ତା ଷଡ଼ଙ୍ଗୀ, ଲକ୍ଷ୍ମୀପ୍ରିୟା ଦାଶ, ନିର୍ମଳ ମିଶ୍ର, ଡ. ସୁଷମାରାଣୀ କର ପ୍ରମୁଖ ଯୋଗଦେଇଥିଲେ। ପରେ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ଉପଢ଼ୌକନ ଦିଆଯାଇ ପୁରସ୍କୃତ କରାଯାଇଥିଲା।

# ଡିସେମ୍ବର ଶେଷ ସୁଦ୍ଧା ସରିବ ଖୋର୍ଦ୍ଧା-କଟକ ରାଜପଥ ଉନ୍ନତୀକରଣ

ଭୁବନେଶ୍ୱର,୧୬।୧୧(ବ୍ୟୁରୋ):

ଖୋର୍ଦ୍ଧା-କଟକକୁ ସଂଯୋଗ କରୁଥିବା ଜାତୀୟ ରାଜପଥ-୧୬ ମରାମତି ଓ ଉନ୍ନତୀକରଣ କାର୍ଯ୍ୟକୁ ଯୁଦ୍ଧକାଳୀନ ଭିତ୍ତିରେ ଶେଷ କରିବା ପାଇଁ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ(ବିଡିଏ) କାର୍ଯ୍ୟାଳୟର ସମ୍ମିଳନୀ କକ୍ଷରେ ଏକ ଗୁରୁତ୍ୱପୂର୍ଣ୍ଣ ସମୀକ୍ଷା ବୈଠକରେ ନିଷ୍ପତ୍ତି ହୋଇଛି । ବିଡିଏ ଉପାଧ୍ୟକ୍ଷ ବଲ୍‌ୱନ୍ତ ସିଂହଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଜାତୀୟ ରାଜପଥ ପ୍ରାଧିକରଣ (ଏନ୍‌ଏଚଆଇ)ର ବରିଷ୍ଠ ଅଧିକାରୀଙ୍କ ଉପସ୍ଥିତିରେ ପ୍ରାୟୋରିଟି ରୋଡ୍ ନେଟୱର୍କ (ପିଆରଏନ୍) ଅଧିନରେ ରାଜପଥର ଉନ୍ନତିକରଣ ଦିଗରେ ବିସ୍ତୃତ ଆଲୋଚନା କରାଯାଇଥିଲା। ଏନେଇ ଉପସ୍ଥିତ ସମସ୍ତ ଏଜେନ୍ସି ଓ ଲାଇନ୍ ବିଭାଗର ଅଧିକାରୀଙ୍କୁ ନିର୍ଦ୍ଧାରିତ ସମୟରେ କାର୍ଯ୍ୟ ସାରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଡିସେମ୍ବର ୩୧ ସୁଦ୍ଧା ସମସ୍ତ ମରାମତି କାର୍ଯ୍ୟ ସାରିବାକୁ ବୈଠକରେ କୁହାଯାଇଛି। ସେହିପରି ଅତ୍ୟାବଶ୍ୟକ ନଥିଲେ ଡିସେମ୍ବର ୧ ତାରିଖ ପରେ କୌଣସି ଏଜେନ୍ସି ବା ବିଭାଗ ରାଜପଥରେ ଖୋଳାଖୋଳି ନ କରିବା ପାଇଁ କୁହାଯାଇଛି। ଅତ୍ୟାବଶ୍ୟକ ଥିଲେ ଭୁବନେଶ୍ୱର ମହାନଗର ନିଗମ (ବିଏମସି) ପକ୍ଷରୁ ଅନୁମତି ନେବାକୁ ହେବ ବୋଲି ସୂଚାଇ ଦିଆଯାଇଛି। ବିଶେଷ କରି ୱାଟକୋ, ଗେଲ, ଇଣ୍ଟରନେଟ୍ ସେବା ପ୍ରଦାନକାରୀ କମ୍ପାନୀଗୁଡ଼ିକୁ ଅବଗତ କରାଯାଇଛି। ଏନେଇ ଗଠିତ ପରିଚାଳନା କମିଟିର ନିଷ୍ପତ୍ତି କ୍ରମେ ଡିସେମ୍ବର ୧୫ ପରେ ରାଜପଥରେ କୌଣସି ନୂତନ କାର୍ଯ୍ୟ ଆରମ୍ଭ ହେବ ନାହିଁ। ଏହି କ୍ରମରେ ଗୋପାଳପୁରଠାରେ ଜଙ୍କସନର ଉନ୍ନତିକରଣ, ଏମସ୍‌ରୋଡ଼ରେ ଆଲୋକୀକରଣ, ଢୁମୁଢ଼ମା ନିକଟରେ ଭାଙ୍ଗରୁଜି ଯାଇଥିବା ଗ୍ରୀଲ ମରାମତି, ବରମୁଣ୍ଡା ଓଭରବ୍ରିଜ ତଳେ ଫୁଟ୍‌ପାଥ ମରାମତି ଲେନ୍ ମାର୍କିଂ, ସିଆରପି ଛକରେ ଡ୍ରେନ୍ ଓ ବ୍ୟାରିକେଡ୍ ମରାମତି କରାଯିବ। ସେହିପରି ପଳାଶୁଣି ନିକଟରେ ମଧ୍ୟ ବ୍ୟାରିକେଡ କରାଯିବ। ବୈଠକରେ ବିଏମସି କମିଶନର ବିଜୟ ଅମୃତା କୁଲାଙ୍ଗେଙ୍କ ଉପସ୍ଥିତି ଅତିରିକ୍ତ ଡେ଼ପୁଟି କମିଶନରଙ୍କୁ ସହରର ବିଭିନ୍ନ ଜୋନର ରାସ୍ତା ମରାମତି ଓ ଉନ୍ନତିକରଣ ନିମନ୍ତେ ଦାୟିତ୍ୱ ପ୍ରଦାନ କରାଯାଇଥିଲା। ଅତିରିକ୍ତ ଡେପୁଟି କମିଶନର ଲକ୍ଷ୍ମୀକାନ୍ତ ସେଠୀଙ୍କ ତତ୍ତ୍ୱାବଧାନରେ ଉତ୍ତର ଜୋନ ଅତିରିକ୍ତ ଡେପୁଟି କମିଶନର ବିନୟ ଦାସଙ୍କ ତତ୍ତ୍ୱାବଧାନରେ ଦକ୍ଷିଣ-ପଶ୍ଚିମ ଜୋନ୍ ଏବଂ ଅତିରିକ୍ତ ଡେପୁଟି କମିଶନର ମୟୂର ସୂର୍ଯ୍ୟବଂଶୀ ଓ ଦେବେନ୍ଦ୍ର ନନ୍ଦଙ୍କ ତତ୍ତ୍ୱାବଧାନରେ ଦକ୍ଷିଣ-ପୂର୍ବ ଜୋନର ମୁଖ୍ୟ ସଡ଼କଗୁଡ଼ିକର ଉନ୍ନତିକରଣ କରାଯିବ। ଏହି କ୍ରମରେ ଉତ୍ତର ଜୋନର ୧୬.୨୧ କି.ମି ରାସ୍ତା, ଦକ୍ଷିଣ-ପୂର୍ବ ଜୋନର ୨ଟି ଡିଭିଜନରେ ଯଥାକ୍ରମେ ୧୬.୯୪ କି.ମି. ଏବଂ ୨୨.୪୩ କି.ମି. ରାସ୍ତାର ଓ ପାରିପାର୍ଶ୍ୱିକ ଉନ୍ନତିକରଣ କରାଯିବ। ସେହିପରି ଦକ୍ଷିଣ-ପଶ୍ଚିମ ଜୋନର ୨୩.୬୭ କି.ମି ଦୀର୍ଘ ରାସ୍ତାର ମରାମତି ତଥା ଆନୁସଙ୍ଗିକ ସୌନ୍ଦର୍ଯ୍ୟକରଣ କରାଯିବାର ଯୋଜନା ରହିଛି। ତେବେ ଏହି ମରାମତି ତଥା ଉନ୍ନତିକରଣ କାର୍ଯ୍ୟ ମଧ୍ୟରେ ଖୋର୍ଦ୍ଧାରୁ ଭାୟା ଭୁବନେଶ୍ୱର କଟକ ଯାଇଥିବା ରାଜପଥର ମରାମତି କାର୍ଯ୍ୟ ନିର୍ଦ୍ଧାରିତ ସମୟ ମଧ୍ୟରେ ସାରିବାକୁ ଯୋଜନା ହୋଇଛି। ପାଦଚଲା ରାସ୍ତା ପ୍ରସ୍ତୁତି, ସ୍ୱଚ୍ଛତା ରକ୍ଷା, ବ୍ୟାରିକେଡ୍, ରେଲିଂ ମରାମତି, ବିଭିନ୍ନ ସର୍ଭିସ୍ ରୋଡରେ ଲେନ୍ ମାର୍କିଂ, ଭାଙ୍ଗିଯାଇଥିବା ବ୍ରିଜ ଏବଂ କର୍ବ ମରାମତି ଆଦି କାର୍ଯ୍ୟ କରାଯିବ। ସେହିପରି ସୌନ୍ଦର୍ଯ୍ୟକରଣକୁ ଦୃଷ୍ଟିରେ ରଖି ରଙ୍ଗ କାର୍ଯ୍ୟ ମଧ୍ୟ କରାଯିବ। । ଅନ୍ୟପଟେ ଡ୍ରେନ୍ ସଫେଇ, ମୁକୁଳା ଡ୍ରେନ୍ ଉପରେ ସ୍ଲାବ୍ ପକାଇବା ସହ ଆଲୋକୀକରଣ ଉପରେ ମଧ୍ୟ ଗୁରୁତ୍ୱ ଦିଆଯାଇଛି। ତେବେ ରାସ୍ତାରେ ସୃଷ୍ଟି ହୋଇଥିବା ବିଭିନ୍ନ ପାଥ୍‌ହୋଲର ମରାମତି କରାଯିବ। ଅନ୍ୟପଟେ ବିଭିନ୍ନ ଓଭରବ୍ରିଜ କାନ୍ଥରେ ଲାଗିଥିବା ବେଆଇନ୍ ବିଜ୍ଞାପନକୁ ମଧ୍ୟ ହଟାଯିବ। ବୈଠକରେ ଏନ୍‌ଏଚ୍‌ଆଇ (ବ୍ରହ୍ମପୁର, ଢେ଼ଙ୍କାନାଳ ଓ ଭୁବେନଶ୍ୱର) ପ୍ରକଳ୍ପ ନିର୍ଦ୍ଦେଶକ, ବିଡିଏ ସଚିବ କବୀନ୍ଦ୍ର କୁମାର, ଟିପକଲ୍ ଓ ଇଞ୍ଜିନିୟରିଂ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ।